ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆହ୍ୱାନ

ଅପ୍ରେଲ ୨୦୧୮ ସଂସ୍କରଣ



କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମଲପୁରୀ ଲେଖା
ଗଳପସ୍ପର୍ଧା ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା-ସଂପାଦକ, ଆହ୍ୱାନ ଇ-ପତ୍ରିକା

Download Magazine from www.aahwaan.com

ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Download Magazine from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।



ଦଣ୍ଡ ନାଚରେ ଢୋଲ ବାଦ୍ୟର ଅନନ୍ୟ ମହତ୍ୱ ରହିଥାଏ । ଦଣ୍ଡ ନାଚ ହେଉଥିବା ସମୟରେ ଢୋଲ୍ ବାଦ୍ୟ ପ୍ରମୁଖ ଭାବରେ ସମସ୍ତ କାର୍ଯ୍ୟରେ ବ୍ୟବହୃତ ହୁଏ । ଚଳିତ ସଂସ୍କରଣର ପ୍ରଚ୍ଛଦରେ ଢୋଲିଆଙ୍କୁ ଢୋଲ ଧରି ଚାଲୁଥିବାର ଛବି ଦିଆଯାଇଛି ।

Download Magazine from www.aahwaan.com

ସୂଚୀପତ୍ର

ସମ୍ପାଦକୀୟ	ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ	୧୨

ଗଳ୍ପ ବିଭାଗ

ନିରୁଦ୍ଦିଷ୍ଟ	ପ୍ରମୋଦ କୁମାର ପଣ୍ଡା	୨୩
ହୃଦୟର ଭାଷା	ବିଜୟ କୁମାର ପଣ୍ଡା	୪୪
ଗୁଜବ	ଗାଳ୍ପିକା ରଞ୍ଜିତା ପାତ୍ର	୫୦
ନିଜତ୍ୱ	ଅନୁସୂୟା ମିଶ୍ର	୫୨
ନୂତନ ଅଭିଯାନ	ସସ୍ମିତା ମହାନ୍ତି	୫୪
ଦଙ୍ଗା	ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ	୫୯
ଦଳିତ	ଏ ପି ଶୁଭକାନ୍ତ	୬୫
କୋବି ପକୁଡ଼ି	ଅନୁସୂୟା ଜେନା	୬୮
ଏତିକି ମାଗୁଣି ମୋର	ନିଳାଦ୍ରୀ ବିହାରୀ ନାୟକ	୭୩
ବରବାଦି	ଡା ସୁବାସ ଚନ୍ଦ୍ର ରାଉତ	୮୩
ଟ୍ୟୁସନ ଯାତ୍ରା	ସୁଦାମ ଦାସ	୮୭
ଆକାଶର ନୀଳିମା	ସତ୍ୟବ୍ରତ ମହାପାତ୍ର	୯୦
ଦେବୀ ଉଗ୍ରଚଣ୍ଡୀ ଉବାଚ	ଗୁପ୍ତେଶ୍ୱର ମହାପାତ୍ର	୯୨
ନାଁ	ଅମ୍ବରୀଷପୁଣ୍ଡରୀକ	୯୫
ପେଟୁ	ଅକାଳକୁଷ୍ମାଣ୍ଡ	୧୦୨

Download Magazine from www.aahwaan.com

ନିଃସଙ୍ଗ ପୃଥିବୀ	କୁନା ସୁନା	୧୦୬
ପୁତୁଲ	ସମ୍ମିତ ସତ୍ୟପ୍ରକାଶ ମିଶ୍ର	୧୧୧
ଧୈର୍ଯ୍ୟ	ଆଶୁତୋଷ ବରାଳ	୧୧୮
ଦୋଛକି	ଆଶୁତୋଷ ବରାଳ	୧୨୦
ଚାମଚ	ଜ୍ୟୋତିରଞ୍ଜନ ସାହୁ	୧୨୨
ସୁନେଲୀ ସିଂହ	ଅଶୋକ ବିଶ୍ୱାଳ	୧୨୬
ଷ୍ଟୁଲ୍	ଲିପ୍ସାମୟୀ ପଣ୍ଡା	୧୩୧
ଅସରନ୍ତି କାହାଣୀ ପେଢ଼ି	ଅରବିନ୍ଦ ଆଚାର୍ଯ୍ୟ	୧୩୩
ଭାଷାରେ ରାଜନୀତି ପଶିଗଲା	ଡା ସୌମ୍ୟରଞ୍ଜନ ମିଶ୍ର	୧୩୬
କିଛି ପୁରୁଣା ଅନୁଭୂତି:ଭାଲୁକୁଣୀ ଓଷା	ଲଲାଟେନ୍ଦୁ ସାମଲ	୧୩୮
ଅନ୍ତର୍ଦାହ	ଶୁଭକାନ୍ତ ସାହୁ	୧୪୦
ଜ୍ୱାଟର ରାଇସ୍ ବନାମ ପଖାଳ ଥାଳି	ସୁବଳ ମହାପାତ୍ର	୧୪୫
ସ୍ମାର୍ଟ୍ ଫୁନ୍ - ୧	ଶୁଭମ୍ ନାଏକ	୧୪୮
ଅନାବନା ଭାବନା	ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ	୧୪୯

ଅନୁବାଦ ସାହିତ୍ୟ

ଏକ ସୁନ୍ଦର ମୋଡ଼	ମଧୁସ୍ମିତା ପଟ୍ଟନାୟକ	୧୫୧
ହିଟିଂ ମି	ସୁଧାଂଶୁ ଦ୍ୱିବେଦୀ	୧୬୧

କବିତା ବିଭାଗ

ଉତ୍କଳ ଦିବସର ଆହ୍ୱାନ	ଲୋକେଶ୍ ପ୍ରଧାନ	୧୬୬
ଆମ ଉତ୍କଳ ପ୍ରଦେଶ	ଦୀପକ ଷଡ଼ଙ୍ଗୀ	୧୬୮

Download Magazine from www.aahwaan.com

ଓଡ଼ିଆ ଆମେ, ଓଡ଼ିଆ ଆମ ଭାଷା	ସନ୍ତୋଷ ପଟ୍ଟନାୟକ	୧୭୦
ଓଡ଼ିଶା ଓ ଓଡ଼ିଆ	ସାଗର ପ୍ରଧାନ	୧୭୨
ଅଭିନନ୍ଦନ ବିଷୁବ ମିଳନ	ଶ୍ରୀ ରମାକାନ୍ତ ମିଶ୍ର	୧୭୫
ପଥ ନରକ ଗମନ	ଦୁର୍ଗାଚରଣ ପ୍ରଧାନ	୧୭୮
ଏଇ ଜୀବନ	ରଶ୍ମିତା ମହାନ୍ତ	୧୭୯
ବୋଉ	କମଳା ଶତପଥୀ	୧୮୧
କୁଞ୍ଜି ମନ୍ଦାର	ସୁଦାମ ଲେଙ୍କା	୧୮୩
ଇତିହାସ	ଫିରୋଜ କୁମାର ପଟେଲ	୧୮୫
ନଗ୍ନ ଚାହାଣୀ	ପ୍ରଜ୍ଞା ପାରମିତା	୧୮୭
ସିଦ୍ଧାର୍ଥ	ବିନୟ ମହାପାତ୍ର	୧୮୯
ଯନ୍ତ୍ରଣା	କାର୍ତ୍ତିକେଶ୍ୱର ସାହୁ	୧୯୩
ଅଭୁଲା ପ୍ରେମ	ସୁଦର୍ଶନ ସାହୁ	୧୯୫
ମୁର୍ଦ୍ଦାର	ଏମ୍. ବିଜୟ କୁମାର	୧୯୭
ନାରୀ	ହିମାଂଶୁ ଭୂଷଣ ଜେନା	୨୦୦
ଆହେ ନୀଳମଣି	ତୁଷାରକାନ୍ତ ପ୍ରସାଦ	୨୦୨
ଜୀବନ	ବୈଚନ୍ଦ୍ର ମଲ୍ଲିକ	୨୦୪
ପ୍ରତାରଣା	ଶ୍ରୀ ଲକ୍ଷ୍ମଣ କୁମାର ବେହେରା(ଯତି)	୨୦୫
ମାଆ	ତିଳ ରାଉତ	୨୦୭
ଭୂଷଣ	କବିତା ମହାନ୍ତି	୨୦୮
ଆମ୍ଭେ ଚାଲିଛୁ ନୂତନ ଆଶାରେ	ସ୍ୱାତୀ ସୁଚରିତା ନାୟକ	୨୧୦

Download Magazine from www.aahwaan.com

ହାଏରେ ପାଠ	ସୂର୍ଯ୍ୟପ୍ରକାଶ ନାୟକ	୨୧୨
ଅନୁରାଗରୁ ଦିରୁକ୍ତି	ଉଦୟନାଥ ଗୌଡ଼	୨୧୪
ଭୋକ	ସଂଘମିତ୍ରା କାନୁନଗୋ	୨୧୭
ପାହାଡ଼ି କନ୍ୟା	ଗୌରାଙ୍ଗ ଚରଣ ବେହେରା	୨୧୯
ମାଆ	ପ୍ରଣତୀ ମହାପାତ୍ର	୨୨୧
ତୁମେ	ପଲ୍ଲବୀ ଦାସ	୨୨୩
ବାପା	କନିଷ୍ଠଯନ୍ତ୍ରୀ, ବାଲିପଡ଼ା	୨୨୪
ଆତ୍ମାହୁତି	ରୋଜା ପଣ୍ଡା	୨୨୬
ସାରୀଆ ଅପା	ମନୋରଞ୍ଜନ ମୁଦୁଲି	୨୨୭
ସମୟ ପ୍ରହେଳିକା	ମୃତ୍ୟୁଞ୍ଜୟ ହୋତା (ଆଲୋକ)	୨୨୯
ପାହାଡ଼ ବି ବୁଝିପାରେ	ଦିଲ୍ଲିପ କୁମାର ତ୍ରିପାଠୀ	୨୩୧
ତଟିନୀର ଦୁଇତଟ	ଚିତ୍ତରଞ୍ଜନ ସାହୁ	୨୩୩
ସମ୍ପର୍କ	ଡା ନୀଳମାଧବ କର	୨୩୫
ପ୍ରତୀକ୍ଷା	ମାମାଜିନି ପ୍ରଧାନ	୨୩୭
ଅପମିଶ୍ରିତ	ସୌମ୍ୟରଞ୍ଜନ ପାଳ	୨୩୮
ଜହ୍ନରାତିର ପ୍ରେମ	ଉମେଶ କୁମାର ବେହେରା	୨୩୯
ପଇତା	ମିନତୀ ପ୍ରଧାନ	୨୪୧
ସବୁ ଚିଠି ଫେରିଆସେ	ସତ୍ୟବ୍ରତ ସାହୁ	୨୪୩
ଚକାନୟନ	ଶ୍ରୀରାଜଶେଖର 'ଚିମା'	୨୪୪
ପ୍ରେମ ପାଠ	ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁଣ୍ଟିଆ	୨୪୬

Download Magazine from www.aahwaan.com

ଜୀବନର ଅନ୍ୟନାମ	ଭାଗିରଥୀ ଯାନୀ	୨୪୮
କାଳ	ଶ୍ରୀ ରମାକାନ୍ତ ମିଶ୍ର	୨୫୦
ମାଆ ପରି କେହିନାହିଁ	ଶ୍ରୀଧର ସାହୁ	୨୫୨
ମଶାଣୀ ଜଗିଛି ତୁମରି ପାଇଁ	କୁମାର ଲୋକେଶ୍	୨୫୩
କବି ମାନସରେ ନାରୀ	ଅରୁଣ କୁମାର ପାତ୍ର	୨୫୪
ମନେପଡ଼େ ପ୍ରିୟା କଥା	ରଶ୍ମୀରଞ୍ଜନ ସାହୁ	୨୫୭
ଆସ ଫଗୁଣ	ପ୍ରିୟଙ୍କା ସାହୁ	୨୫୯
ଜୀବନ	ଜଗଦୀଶ ମିଶ୍ର	୨୬୦
ସୁଦର୍ଶନ	ପ୍ରଶାନ୍ତ କୁମାର ନାଥ	୨୬୧
ସମୟ ବଡ଼ ବଳବାନ	ଲୋକେଶ୍ ପ୍ରଧାନ	୨୬୩
ଅଲୋଡ଼ା କବିଙ୍କ ଅଜ୍ଞାନ ବାର୍ତ୍ତା	ପଙ୍କଜ	୨୬୫
ବିଘ୍ନ	ଅବିନାଶ ମାଟିଆ	୨୬୭
ଫେରନ୍ତା କି	ଅଶୋକ ଦିଗାଳ	୨୬୯
ନୀଳକଣ୍ଠ	ଶେଷଦେବ ଯଜ୍ଞକାମ ଦେଓ	୨୭୦
ଦଣ୍ଡନାଟ	ସନ୍ତୋଷ ପଟ୍ଟନାୟକ	୨୭୨
ଲେଖିବାର ମାନେ	ଡ: ଅସିତ କୁମାର ସ୍ୱାଇଁ	୨୭୪
ଅଫେରା ପଥିକ	ସସ୍ମିତା ସାହୁ	୨୭୬
ଓଡ଼ିଆ ପୁଅ	ଡ: ସତ୍ୟନାରାୟଣ ମିଶ୍ର	୨୭୮
ଘର	ସୁବ୍ରତ କୁମାର ସେନାପତି	୨୮୦
କେବେ କେବେ ତୁମେ	ଅଶୋକ କୁମାର ସେଠୀ	୨୮୧

Download Magazine from www.aahwaan.com

କହିବାକୁ କିଛି ବି ନାହିଁ	କାର୍ତ୍ତିକ ପାଣିଗ୍ରାହୀ	୨୮୩
ପ୍ରେମର ଅବିର	କାହ୍ନୁଚରଣ ସାହୁ	୨୮୬
ପୂଜିବି ତବ ପୟର	ସୁଶ୍ରୀ ମିନତିରାଣୀ ମେଣ୍ଡିଲି	୨୮୭
ପ୍ରେମଋତୁରେ	ସତ୍ୟବ୍ରତ ବାରିକ	୨୮୯
ମାଆର ପଣତ ତଳେ	ଶୈବାଳିନୀ ସାହୁ	୨୯୦
ତଟିନୀ ବେଳାରେ	ପବିତ୍ର ଦାସ	୨୯୩
ବୀରତ୍ୱ	ଡ: ସଂଘମିତ୍ରା ମହାପାତ୍ର	୨୯୬
ସାବିତ୍ରୀ	ପ୍ରତିଭା ପରିଡ଼ା	୨୯୮
ସେ ମୁଁ ଓ ଶୂନ୍ୟତା	ସମ୍ମିତ ପ୍ରସାଦ କର	୩୦୦
ଖୁବ୍ ଫେରିଯାଏ ମନଟା	ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ	୩୦୨
ସ୍ମୃତିର ସ୍ପର୍ଶ	ଜିତେନ୍ଦ୍ର କୁମାର କହଁର	୩୦୭
ହୋଲି	କଳ୍ପତରୁ ମିଶ୍ର	୩୧୦
ନୁଁଗୁରାଙ୍କ ରାତିଅଧିଆ ପ୍ରେମ	ରାଜେନ୍ଦ୍ରନାରାୟଣ ସେନାପତି	୩୧୩
ବୈଶାଖ	ବରୁଣକୁମାର ଦାସ	୩୧୫
ଆମେ କଣ୍ଟ୍ରାକ୍ଟ କର୍ମଚାରୀ	ଶୁଭକାନ୍ତ ସାହୁ	୩୧୬
ଟ୍ରେନରେ ମୂଷା	ଡ: କୁଳାଙ୍ଗାର	୩୧୯

ସମ୍ବଲପୁରୀ କବିତା

ଜୀବନ୍ ପାଏନ୍ ଫୁଟକା	ଆଶୁତୋଷ ମେହେର	୩୨୩
ହର୍ସରି ପୁରାନ	ଏମ୍ ବିଜୟ କୁମାର	୩୨୪
କୁଇଲି	ଶଙ୍ଖସିନ୍ଧୁ ପୁରୋହିତ	୩୨୬

Download Magazine from www.aahwaan.com

ଅଫିସର ଯଦି ହେତି	ବଲବନ୍ତ ସାହୁ	୩୨୮

ପ୍ରବନ୍ଧ ବିଭାଗ

ଆହୁତିକୁଣ୍ଡର ଇତିହାସ	ଶ୍ରୀ ରବୀନ୍ଦ୍ରନାଥ ସାମଲ୍	୩୩୨
ପ୍ରାଚ୍ୟର ରାଫେଲ୍ ହରିଶ	ମୀନକେତନ ପଟ୍ଟନାୟକ	୩୩୯
ସାହିତ୍ୟ ସମୃଦ୍ଧି	ମମତା ଦାଶ	୩୪୪
ମୂଲ୍ୟ ଓ ଆଧ୍ୟାତ୍ମିକତାର ବିକାଶ	ଡ: ସୁଧାଂଶୁ ଶେଖର ମିଶ୍ର	୩୪୮
ଉତ୍କଳ ଦିବସ	ନୃସିଂହ ଚରଣ ବେହେରା	୩୫୪
ପଣା କେତେ ଆପଣା !	ଡ: ସୁଲଗ୍ନା ମହାନ୍ତି	୩୬୦
ଦଣ୍ଡନାଚ : ଅନନ୍ୟ ଲୋକ ପରମ୍ପରା	ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ	୩୬୫
ଦଣ୍ଡଯାତ୍ରା	ସନ୍ତୋଷ ପଟ୍ଟନାୟକ	୩୭୫
ଘଣ୍ଟପାଟୁଆ: ଏକ ନିଆରା ପରମ୍ପରା	ପ୍ରତିଭା ପ୍ରିୟଦର୍ଶିନୀ	୩୭୮
ସାମାଜିକ ସମାନତାର ପର୍ବ:ଦଣ୍ଡ ନାଟ	ସନତ ପଣ୍ଡା	୩୮୩
ଏକବିଂଶ ଶତାବ୍ଦୀରେ ଜଗନ୍ନାଥ ସଂସ୍କୃତି	ଗୁପ୍ତେଶ୍ୱର ମହାପାତ୍ର	୩୮୮
ହେମନ୍ତ ରାଉତଙ୍କ ଗୀତିକବିତା	ରଞ୍ଜିତା ପାତ୍ର	୩୯୧
ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ନୈତିକ ଶିକ୍ଷା	ପ୍ରବୀଣ କୁମାର କବି	୩୯୭
ନାରୀ ଓ ଲଜ୍ଜା	ଦମୟନ୍ତୀ ଜେନା	୪୦୦
ଟାଇପ୍ ରାଇଟରର ଜନ୍ମକଥା	ଶ୍ରୀବୈକୁଣ୍ଠନାଥ ଖଟୁଆ	୪୦୨
ବନ୍ଦେ ଉତ୍କଳ ଜନନୀ	ସିପ୍ରା ନାମତା(ନମ୍ରତା)	୪୦୯
ଜାତୀୟ ଅଗ୍ନିଶମ ଦିବସ	ଶ୍ରୀ ରମାକାନ୍ତ ମିଶ୍ର	୪୧୩
ହିନ୍ଦୁ ଶବ୍ଦର ଐତିହାସିକ ତଥ୍ୟ	ବାଲ୍ମିକୀ ନାୟକ	୪୨୦

Download Magazine from www.aahwaan.com

ଗଳ୍ପସ୍ପର୍ଦ୍ଧା ବିଭାଗ

ପ୍ରତିଶୋଧ	ଅରୁଣ କୁମାର ପାତ୍ର	୪୨୬
ଶେଷ ପରୀକ୍ଷା	ବଳବନ୍ତ ସାହୁ	୪୩୯
ନୂଆ ଏକ ବସନ୍ତ	ବୈଚନ୍ଦ୍ର ମଲ୍ଲିକ	୪୪୫
ପାଗଳ	ଜିତେନ୍ଦ୍ର କୁମାର କହଁର	୪୫୨
ଅଭିଶପ୍ତ ଅପରାହ୍ନ	ଅଶୋକ କୁମାର ସେଠୀ	୪୬୨
ପିଲାଦିନ : କିଛି ସ୍ମୃତି କିଛି ଅନୁଭୂତି	ପ୍ରଶାନ୍ତ କୁମାର ନାଥ	୪୭୬
ସ୍ମୃତିର କଳାବାଦଲ	ବିସ୍ମିତାରାଣୀ ସାହୁ	୪୮୧
ଖେଳସାଙ୍ଗ ଦରକାର	ଅରବିନ୍ଦ ଆଚାର୍ଯ୍ୟ	୪୮୮
ଧାରେ ହସରେ ଜୀବନ	ସୁବଳ ମହାପାତ୍ର	୪୯୫
ସେଦିନ ଆଉ ଆଜି	ଚମ୍ପେଶ୍ୱର ସନବର୍ଷିଆ	୫୦୧
ଗତସଂଖ୍ୟାର ପୁରସ୍କୃତ ପ୍ରତିଯୋଗୀ		୫୦୮
ମଇ ମାସ ପାଇଁ ଗଳ୍ପସ୍ପର୍ଦ୍ଧା		୫୦୯

ଆଗାମୀ ସଂସ୍କରଣ ମଇ ମାସରେ ପ୍ରକାଶିତ ହେବ । ନିଜସ୍ୱ ଲେଖା ଆମ ନିକଟକୁ ମଇ ମାସ ତିନି ତାରିଖ ପୂର୍ବରୁ ପଠାନ୍ତୁ ।

aahwaan@gmail.com

Download Magazine from www.aahwaan.com

ସମ୍ପାଦକଙ୍କ କଲମରୁ...

ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପବିତ୍ର ଉତ୍କଳୀୟ ନବବର୍ଷ ଉପଲକ୍ଷେ ଆମର ଅଗଣିତ ପାଠକ, ପାଠିକା, ଲେଖକ, ଲେଖିକା, ଉପଦେଷ୍ଟା, ଶୁଭଚିନ୍ତକ ଏବଂ ସର୍ବୋପରି ସମସ୍ତ ଓଡ଼ିଆ ଭାଇଭଉଣୀକୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ ।

ବର୍ଷର ବିଶେଷ ସମୟ, ବିଷୁବ ସଂକ୍ରାନ୍ତି, ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ବାବା ସାହେବ ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ଆମେ ପ୍ରସ୍ତୁତ କରିଛୁ ଆହ୍ୱାନ ଇ-ପତ୍ରିକାର ଏହି ବିଶାଳ ସ୍ୱତନ୍ତ୍ର ସଂକଳନ । ଆଶା କରୁଛି ଆପଣମାନେ ଏହାକୁ ପାଇବା ପରେ ନିଜେ ପଢ଼ିବା ସହିତ ଅନ୍ୟମାନଙ୍କୁ ପଢ଼ାଇବା ପାଇଁ ପ୍ରଚେଷ୍ଟା କରିବେ ଏବଂ ଆମର ସହାୟତା କରିବେ ।

ଆମେ ଦୃଢ଼ଭାବରେ କହିବାକୁ ଚାହୁଁ ଯେ ଆମେ ଯେମିତି ଓଡ଼ିଆ ଭାଷାର ଉନ୍ନତି ପାଇଁ ପ୍ରଚେଷ୍ଟା କରୁଛୁ ଆପଣ ମଧ୍ୟ କରିପାରିବେ । ଆମ ସହ ସଂଶ୍ଳିଷ୍ଟ ହୋଇ ଆପଣ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଅନେକ ଅତୁଳନୀୟ କାର୍ଯ୍ୟ କରି ପାରିବେ । ଆସନ୍ତୁ ଆମେ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା । ପ୍ରତ୍ୟେକେ ଯଦି ଆଉ ଜଣଙ୍କୁ ଓଡ଼ିଆରେ ଲେଖିବା ଓ ପଢ଼ିବା ପାଇଁ ପ୍ରୋତ୍ସାହିତ କରିବା ତା ହେଲେ ନିଶ୍ଚୟ ଭାବରେ ଆମର ଏଇ ପ୍ରଚେଷ୍ଟା ବହୁଜନବ୍ୟାପୀ ହୋଇ ପାରିବ ।

ଆହ୍ୱାନ ଇ-ପତ୍ରିକାର ପ୍ରକାଶନରେ ସହାୟତା ହେତୁ ଆପଣଙ୍କ ସହଯୋଗ ଆମକୁ ଆଗକୁ ବଢ଼ିବାରେ ଯେତିକି ସାହାଯ୍ୟ କରିବ, ତା'ଠାରୁ ଢେର୍ ଅଧିକ ସାହାଯ୍ୟ କରିବ ଆମ ଭାଷା ଓ ସାହିତ୍ୟରେ ହେଉଥିବା ଅପୂରଣୀୟ କ୍ଷତିକୁ ଭରଣା କରିବାରେ । ଆପଣମାନଙ୍କ

Download Magazine from www.aahwaan.com

ଭିତରେ ଆଗାମୀ କାଲିର ବିଶିଷ୍ଟ ସାହିତ୍ୟିକ ସବୁ ରହିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଆପଣମାନଙ୍କ ଅବଦାନ ହିଁ ଆମଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବ ଏବଂ ଆଗାମୀ ପୀଢ଼ି ପାଇଁ ଏକ ବିଶାଳ ଗନ୍ଥାଘର ଛାଡ଼ିଦେଇ ଯିବ ଯାହା ଯୁଗଯୁଗକୁ ଆମର ଆଗାମୀ ପୀଢ଼ିକୁ ଏହି ଭାଷାପ୍ରତି ଆସକ୍ତ ହୋଇ ରହିବାରେ ସାହାଯ୍ୟ କରିବ ।

ବିଗତ ଏକ ମାସରେ ଦେଶ ଦୁନିଆରେ ହୋଇଥିବା ଅନେକ ଘଟଣାବଳୀର ସମ୍ୟକ ସୂଚନା ଏଠାରେ ଦେଇ ଦେବାକୁ ଉଚିତ ମନେ କରୁଛି । ଆଶା କରୁଛି ଆପଣଙ୍କୁ ଆହ୍ୱାନର ଚଳିତ ସଂସ୍କରଣ ଭଲ ଲାଗିବ ।

ଆମେରିକା ଓ ଚୀନ ମଧ୍ୟରେ ବାଣିଜ୍ୟିକ ଶୀତଳ ଯୁଦ୍ଧ

ବିଗତ ମାସରେ ଆମେରିକାର ଟ୍ରମ୍ପ ପ୍ରଶାସନ ଚୀନରୁ ଆମଦାନୀ ହେଉଥିବା ଅନେକ ଦ୍ରବ୍ୟ ଉପରେ ଅତିରିକ୍ତ କର ପାଇଁ ନିୟାମକ ଆଣିଥିବା ହେତୁ ଏହା ଚୀନର ବାର୍ଷିକ ରପ୍ତାନୀ ଦରକୁ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଥିଲେ । ହେଲେ ଏହାର ଉତ୍ତରରେ ଚୀନ ସରକାର ଅନେକ ଇଲେକ୍ଟ୍ରୋନିକ୍ ଏବଂ ଆନୁସଙ୍ଗିକ ଉପକରଣ ଉପରେ ଉତ୍ପାଦନ କର ବସାଇ ସେହି ସବୁ ଦ୍ରବ୍ୟର ଦର ବୃଦ୍ଧି କରିଛନ୍ତି । ଏହାଦ୍ୱାରା ସର୍ବସାଧାରଣ ଖାଉଟିମାନେ ହିଁ ଅସୁବିଧା ଭୋଗ କରିବେ ବୋଲି ମତ ପ୍ରକାଶ ପାଇଥିବା ବେଳେ ଚୀନ ଓ ଆମେରିକା ପରସ୍ପରକୁ ବାଣିଜ୍ୟିକ କଟକଣାମାନ ଲଗାଇ ଭବିଷ୍ୟତ ପାଇଁ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି କରିଛନ୍ତି ବୋଲି ମତ ସୃଷ୍ଟି ହୋଇଛି ।

ଆମେରିକା, ଫ୍ରାନ୍ସ ଏବଂ ବ୍ରିଟେନ୍ ସିରିଆରେ ଆକ୍ରମଣ କରିଲେ

ଅପ୍ରେଲ ୭ ତାରିଖରେ ସିରିଆରେ ବର୍ତ୍ତମାନ ସରକାର ନିଜ ନାଗରିକଙ୍କ ଉପରେ ରସାୟନିକ ଅସ୍ତ୍ରଶସ୍ତ୍ର ଦ୍ୱାରା ଆକ୍ରମଣ କରାଯାଉଥିବା ଅଭିଯୋଗ କରି ଆକାଶମାର୍ଗରୁ ସିରିଆ ଉପରେ ଯୁଗ୍ମ ଭାବରେ ଆମେରିକା, ଫ୍ରାନ୍ସ ଏବଂ ବ୍ରିଟେନ୍ ଘନଘନ ବୋମାବର୍ଷଣ

Download Magazine from www.aahwaan.com

କରୁଥିବା ଜଣାଯାଇଛି । ଏହାପରେ ସଂଯୁକ୍ତରାଷ୍ଟ୍ରରେ ରୁଷିଆର ଅଧିକାରୀ ଆନାତୋଲି ଆଣ୍ଟୋନୋଭ୍ ଏହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ଏହାର ଫଳ ଭୟଙ୍କର ହୋଇପାରେ ବୋଲି ଜଣାଇଛନ୍ତି ।

କାଠୁଆ ଗଣଧର୍ଷଣ ଓ ହତ୍ୟା ମାମଲାର ରାଜନୀତିକରଣ

ଜାନୁଆରୀ ମାସରେ ଜାମ୍ମୁକାଶ୍ମୀରରେ ସଂଘଟିତ ଏକ ଅମାନବୀୟ ଘଟଣାରେ ଗୋଟିଏ ଆଠ ବର୍ଷର ବାଳିକାକୁ ଅପହରଣ କରିବାପରେ ଅନେକଦିନ ଧରି ତା ସହ ଧର୍ଷଣ କରାଯାଇ ହତ୍ୟା କରାଯାଇଥିବା ଘଟଣା ଏବେ ସମୁଦାୟ ଜମ୍ମୁ ଅଞ୍ଚଳକୁ ଅଶାନ୍ତ କରିଦେଇଛି । ସୂଚନା ଦିଆଯାଇ ପାରେ ଯେ ବାକରୱାଲ୍ ଗୋଷ୍ଠୀର ଏହି କନ୍ୟାଟିକୁ ଡୋଗ୍ରା ସମ୍ପ୍ରଦାୟର କିଛି ଯୁବକ ଅପହରଣ କରି ଏକ ମନ୍ଦିରରେ ଅଟକ ରଖି ଅନେକଦିନ ଧରି ଗଣଧର୍ଷଣ କରିଥିଲେ ଏବଂ ହତ୍ୟା କରିଥିଲେ ବୋଲି କୁହାଯାଉଛି । ଏଥିରେ ସଂପୃକ୍ତ ଅପରାଧୀଙ୍କୁ ଧରିବା ପାଇଁ ପୋଲିସର କାର୍ଯ୍ୟରେ ଅନେକ ସାଧାରଣ ନାଗରିକ ସମେତ ଜମ୍ମୁ ଓକିଲ ମହାସଂଘ, ଶାସକ ବିଜେପିର ଦୁଇଜଣ ନେତା ସମେତ ଅନେକ ନାମୀ ନାମୀ ବ୍ୟକ୍ତି ଆନ୍ଦୋଳନାତ୍ମକ ପଦକ୍ଷେପ ନେଇ ଅପେକ୍ଷାକୃତ ଶାନ୍ତ ଜମ୍ମୁ ଅଞ୍ଚଳରେ ଅଶାନ୍ତିର ବାତାବରଣ ସୃଷ୍ଟି କରିଛନ୍ତି ।

ସୂଚନା ମିଳିଛି ଯେ ଏହି ଗଣଧର୍ଷଣ ଏବଂ ହତ୍ୟା ପ୍ରତିବାଦରେ ଓକିଲ ସଂଘ ଜମ୍ମୁ ବନ୍ଦର ଆହ୍ୱାନ ଦେଇ ସଂପୂର୍ଣ୍ଣ ମାମଲାକୁ ସିବିଆଇ ଦ୍ୱାରା ତଦନ୍ତ କରାଯିବା ଦାବୀ କରିଛନ୍ତି । ସେମାନଙ୍କ ମତରେ ଏହା ଏକ ଷଡ଼ଯନ୍ତ୍ର ଏବଂ ଏହାଦ୍ୱାରା ଜମ୍ମୁରେ ଥିବା ଶାନ୍ତ ବାତାବରଣରେ ଭୟ ଓ ଅଶାନ୍ତିର ବାତାବରଣ ସୃଷ୍ଟି କରାଯାଉଛି । ମୃତ କନ୍ୟାଟି ମୁସଲମାନ ସଂପ୍ରଦାୟର ହୋଇଥିବା ବେଳେ ଏଥିରେ ସଂପୃକ୍ତ ଅପରାଧୀମାନେ ହିନ୍ଦୁ ବୋଲି ଦର୍ଶାଇ ଏହି ମାମଲାକୁ ଧାର୍ମିକ ମତଭେଦ ଏବଂ ହିଂସାତ୍ମକ କରିବାର ପ୍ରଚେଷ୍ଟା ଚାଲିଛି

ବୋଲି ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି ।

ପ୍ରାୟତଃ ଜମ୍ମୁକାଶ୍ମୀର ଅଞ୍ଚଳରେ ଛୋଟବଡ଼ ବନ୍ଦର ଆହ୍ୱାନ ଅନେକ ରାଜନୈତିକ ଦଳ ସମେତ ବିଚ୍ଛିନ୍ନତାବାଦୀ ନେତା ମାନେ ଦେଇ ଆସୁଛନ୍ତି । ଏବଂ ଏହି ସବୁ ସମୟରେ ପାକିସ୍ତାନର ପତାକା ଏବଂ ଆଇଏସ୍ ପତାକାର ଖୋଲାଖୋଲି ପ୍ରଦର୍ଶନ ହେବା ସହିତ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ୍ ବି ଦିଆଯାଇଛି । ଚଳିତ ବନ୍ଦ ସମୟରେ ଅସଂଖ୍ୟ ଜନସାଧାରଣ ଭାରତ ପତାକା ଧରି ଭାରତ ମାତାକୀ ଜୟ ସ୍ଲୋଗାନ୍ ଦେଇ ବୁଲୁଥିବାର ଦେଖାଯାଇଛି । ସବୁବେଳେ ବିବାଦୀୟ ଖବରର ସନ୍ଧାନରେ ରହୁଥିବା ଟିଆର୍‌ପି ଲୋଭି ଗଣମାଧ୍ୟମ ଏଥିରେ ମଧ୍ୟ ଖବରର ସୁରାକ୍ ପାଇଛନ୍ତି । ବିଗତ ଦିନରେ ଅନେକ ଟିଭି ଚ୍ୟାନେଲରେ ସଂବାଦ ପଢୁଥିବା ବ୍ୟକ୍ତିମାନେ କାହିଁକି ବନ୍ଦ ସମୟରେ ଭାରତମାତାକୀ ଜୟ କୁହାଯାଉଥିଲା ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

ଅନେକ ଦାବୀ କରୁଛନ୍ତି ଯେ ଏହି ବନ୍ଦ ଦ୍ୱାରା ଅସଲି ଅପରାଧିଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି, ଯେତେବେଳେ କି ଏହି ବନ୍ଦ ମାମଲାର ସିବିଆଇ ଦ୍ୱାରା ତଦନ୍ତର ଦାବୀ କରୁଛି । ଶୁଣାଯାଉଛି, ଏହି ମାମଲାର ତଦନ୍ତ କରୁଥିବା ପୋଲିସ୍ ଅଧିକାରୀଙ୍କୁ କଶ୍ମୀରରୁ ବିଶେଷାଧିକାର ଦେଇ ଅଣାଯାଇଛି । ସ୍ଥାନୀୟ ଓକିଲ ସଂଘ ଏହାର ବିରୋଧ କରିଛନ୍ତି । ସେମାନେ ମତ ଦେଇଛନ୍ତି ଯେ ଜମ୍ମୁ ପରି ଶାନ୍ତ ଅଞ୍ଚଳ, ଯେଉଁଠି ବିଭିନ୍ନ ଧର୍ମର ଲୋକମାନେ ଏକତ୍ର ଶାନ୍ତିରେ ରହୁଛନ୍ତି ସେମାନଙ୍କ ମଧ୍ୟରେ ମନାନ୍ତର ଓ ହିଂସା ସୃଷ୍ଟି କରିବା ଲକ୍ଷ୍ୟରେ ଅସଲ ମାମଲାକୁ ଲୁଚାଇ ଦେଇ ଏହାକୁ ହିନ୍ଦୁ ମୁସଲମାନ ମାମଲା ବୋଲି ଉପସ୍ଥାପିତ କରାଯାଉଛି ।

ଉନ୍ନାଓ ଧର୍ଷଣ ଓ ହତ୍ୟା ମାମଲାରେ ନରମିଲା ଯୋଗୀ ସରକାର

ଉତ୍ତରପ୍ରଦେଶର ଉନ୍ନାଓ ବିଧାନସଭା କ୍ଷେତ୍ରରେ ଏକ ପରିବାରର ଜନୈକ ବ୍ୟକ୍ତିଙ୍କ

Download Magazine from www.aahwaan.com

ହତ୍ୟା ପୋଲିସ ଦ୍ୱାରା ହୋଇଥିବା ଜଣାପଡ଼ିଛି । ସେହି ପରିବାରର କନ୍ୟାଜଣେ ଅଭିଯୋଗ କରିଛନ୍ତି ଯେ ସଂପୃକ୍ତ ଅଞ୍ଚଳର ବିଧାୟକ (ବିଜେପି) ତାଙ୍କ ସହ ଧର୍ଷଣ କରିଛନ୍ତି । ଏବଂ ସେମାନେ ନ୍ୟାୟମାଗିବା ପାଇଁ ପୋଲିସ ପାଖକୁ ଯିବାପରେ ପୋଲିସ ବିଧାୟକଙ୍କ ନିର୍ଦ୍ଦେଶରେ ପ୍ରତିହିଂସାପରାୟଣ ହୋଇ କନ୍ୟାର ପିତାଙ୍କୁ ଅତ୍ୟାଚାର କରିବାପରେ ସେ ମୃତ୍ୟୁବରଣ କରିଛନ୍ତି ।

ଏହି ମାମଲା ପରେ ଗଣମାଧ୍ୟମ ଶାସକ ଯୋଗୀ ସରକାରଙ୍କୁ ନିଶାଣରେ ନେଇଥିଲେ । ତଥାପି ବିଧାୟକଙ୍କ ବିରୋଧରେ କୌଣସି ପ୍ରମାଣ ନାହିଁ ବୋଲି ଦର୍ଶାଇ ତାଙ୍କର ଗିରଫଦାରୀକୁ ଅଟକାଇ ଦିଆଯାଇଥିଲା । ଯେତେବେଳେ ଏହି ମାମଲା ଅତ୍ୟଧିକ ଦୃଷ୍ଟି ଆକର୍ଷଣ କରିଲା ସେତେବେଳେ ହାଇକୋର୍ଟର ନିର୍ଦ୍ଦେଶରେ ଯୋଗୀ ସରକାର ବିଧାୟକଙ୍କୁ ଗିରଫ କରିବାକୁ ବାଧ୍ୟ ହୋଇଥିଲେ । ଗତକାଲି ଦିନବେଳେ ଅନ୍ୟୁନ ସତର ଘଣ୍ଟା ଧରି ବାହୁବଳି ବିଧାୟକଙ୍କୁ ଜେରା କରିବାପରେ ଗିରଫ୍ କରାଯାଇଥିଲା ।

କମନୱେଲ୍‌ଥ କ୍ରୀଡ଼ାରେ ଭାରତର ଉନ୍ନତ ପ୍ରଦର୍ଶନ

ଅଷ୍ଟ୍ରେଲିଆର ଗୋଲ୍‌ଡ଼ କୋଷ୍ଟଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ପର୍ଦ୍ଧା ୨୦୧୮ରେ ଭାରତୀୟ ପ୍ରତିଯୋଗୀମାନେ ଅତି ବିଶେଷ ପ୍ରଦର୍ଶନ କରିଛନ୍ତି । ସମୁଦାୟ ୫୫ଟି ପଦକ ସହ ଭାରତ ବର୍ତ୍ତମାନ ପଦକତାଲିକାରେ ତୃତୀୟ ସ୍ଥାନରେ ରହିଛି । ଏଥିରେ ୨୪ଟି ସ୍ୱର୍ଣ୍ଣ ପଦକ, ୧୪ ଟି ରୌପ୍ୟ ପଦକ ଏବଂ ୧୭ଟି ବ୍ରୋଞ୍ଜ୍ ପଦକ ଅନ୍ତର୍ଭୂକ୍ତ ।

ଏସ୍‌ସିଏସ୍‌ଟି କାନୁନରେ ପରିବର୍ତ୍ତନ ବିରୋଧରେ ଭାରତ ବନ୍ଦ

ଚଳିତ ମାସ ଦୁଇ ତାରିଖ ଦିନ ଅପ୍ରତ୍ୟାଶିତ ଭାବରେ ଭାରତ ବନ୍ଦର ଆହ୍ୱାନ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ ଭାରତରେ ଦଳିତ ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟର ସୁରକ୍ଷାପାଇଁ ଏକ ନିୟମ ଥିଲା, ଯଦି କୌଣସି ସଂରକ୍ଷିତ ସଂପ୍ରଦାୟର ବ୍ୟକ୍ତି

Download Magazine from www.aahwaan.com

କାହା ବିରୋଧରେ ମାମଲା ରୁଜୁ କରୁଥିଲେ ତା ହେଲେ ସଂପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଉଥିଲା । କିନ୍ତୁ ମାନ୍ୟବର ସୁପ୍ରିମ କୋର୍ଟ୍ ଏହାର ଅପବ୍ୟବହାର ହେଉଥିବା ଦେଖି ଏହି ନିୟମରେ କିଛି ପରିବର୍ତ୍ତନ କରିଥିଲେ । ବିଗତ ବର୍ଷମାନଙ୍କରେ ଦେଖାଯାଇଥିଲା ଯେ ଏହି ନିୟମ ଅନ୍ତର୍ଭୂକ୍ତ ୯୦ ପ୍ରତିଶତରୁ ଅଧିକ ମାମଲା ମିଥ୍ୟା ଥିଲା ଏବଂ ଏଥିରେ ସାଧାରଣ ବ୍ୟକ୍ତିଙ୍କୁ ଅନେକ ଅସୁବିଧା ହେଉଥିଲା, ତେଣୁ ସୁପ୍ରିମ କୋର୍ଟ୍ ନିର୍ଦ୍ଦେଶ ଦେଲେ ଯେ ଏହିପରି ମାମଲା ଆସିଲେ ପ୍ରଥମେ ଏହାର ତଦନ୍ତ ଜଣେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ଦ୍ୱାରା କରାଯିବ ଏବଂ ଦରକାର ହେଲେ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯିବ ।

ଏହି ନିୟମରେ ପରିବର୍ତ୍ତନ ପରେ ରାଜନୈତିକ ଗୋଷ୍ଠୀ ଏହାକୁ ନେଇ ନୂତନ ସନ୍ଦର୍ଭମାନ ଲୋକଙ୍କ ମନରେ ଭର୍ତ୍ତି କରିବାକୁ ଲାଗିଲେ । ଦଳିତ ସଂପ୍ରଦାୟକୁ ଜଣାଇଦେଲେ ଯେ ଏହିପରି କରି ସରକାର ଧିରେ ଧିରେ ସେମାନଙ୍କର ସମସ୍ତ ବିଶେଷାଧିକାର ଛିନ୍ନ କରିବାକୁ ଚାହୁଁଛନ୍ତି ତେଣୁ ଏହା ବିରୋଧରେ ସେମାନେ ଭାରତ ବନ୍ଦ କରିବାର ଦାବୀ କରିଥିଲେ । ଏବଂ ଆମ ଦେଶରେ ସମସ୍ତେ ଜାଣନ୍ତି, ଗୋଠମାତିଲେ ଖଣ୍ଡିଆ ମାତେ ନ୍ୟାୟରେ ଏହି ନିୟମ ବିଷୟରେ ଅନଭିଜ୍ଞ ଲୋକଙ୍କୁ ଉସୁକାଇ ବନ୍ଦ କରାଯିବା ସହିତ ଦେଶରେ ହିଂସା କାଣ୍ଡ ଭିଆଇଥିଲେ । ଏଥିରେ ଦଶରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

ଏହି ବନ୍ଦର ପ୍ରଭାବ ଓଡ଼ିଶା ଭଳି ରାଜ୍ୟରେ ଦେଖାଯାଇନଥିଲେ ସୁଦ୍ଧା ବିଜେପି ଶାସିତ ସମସ୍ତ ରାଜ୍ୟରେ ଏହା ଦେଖା ଯାଇଥିଲା । ବିରୋଧୀ ଦଳଙ୍କ ଷଡ଼ଯନ୍ତ୍ର ଦ୍ୱାରା ଏହା ସମ୍ଭବ ହୋଇଥିଲା ବୋଲି ବୁଦ୍ଧିଜୀବିମାନେ ମତ ଦେଇଥିଲେ ।

ବନ୍ଦର ବିରୋଧରେ ପୁଣି ଭାରତ ବନ୍ଦ

ଅନୁସୂଚିତ ଜାତି ଓ ଜନଜାତିଙ୍କ ଦ୍ୱାରା ଭାରତ ବନ୍ଦ ଡକରାର ପ୍ରତିବାଦରେ

Download Magazine from www.aahwaan.com

ସଂରକ୍ଷଣ ବିରୋଧୀମଞ୍ଚ ଦ୍ୱାରା ପୁଣି ଥରେ ଦଶ ତାରିଖରେ ଭାରତ ବନ୍ଦ ହୋଇଥିଲା । ଯଦିଓ ଏହାର ପ୍ରଭାବ ପୂର୍ବପରି ଅଧିକ ନଥିଲା ତଥାପି ଏହାର ସମର୍ଥନରେ ଅନେକ ସଂଗଠନ ଆଗକୁ ଆସିଥିଲେ । ଭାରତରେ ଜାତିଗତ ଆରକ୍ଷଣ ବିରୋଧରେ ଏହି ବନ୍ଦ ଦିଆଯାଇଥିଲା ।

ଦଳିତଙ୍କ ହିତୈଷୀ ରାହୁଲ ଗାନ୍ଧୀ

ଦଳିତଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ଭାରତ ବନ୍ଦ ବେଳେ ଦଳୀତଙ୍କୁ ପ୍ରୋତ୍ସାହିତ କରିବା ଭଳି ଟ୍ୱିଟ୍ କରି ଗଣମାଧ୍ୟମରେ ଆଲୋଚିତ ହୋଇଥିବା ରାହୁଲ ଗାନ୍ଧୀ ପୁଣିଥରେ ଦଳିତଙ୍କ ପ୍ରତି ଅନ୍ୟାୟ ହେଉଛି କହି ଦୃଷ୍ଟାନ୍ତମୂଳକ ଧାରଣା ଓ ଉପବାସ କରିବା କଥା ଘୋଷଣା କରିଥିଲେ । ଏଥିପାଇଁ ଦିଲ୍ଲୀରେ ଏକ ବିଶାଳ ଆୟୋଜନ ମଧ୍ୟ ହୋଇଥିଲା । ଏଥିରେ କଂଗ୍ରେସ ଦଳରେ ଅନେକ ନେତା ଓ କର୍ମୀ ଭାଗ ନେଇଥିଲେ ।

୧୯୮୪ ମସିହାର ଶିଖ ଦଙ୍ଗା ସମୟର ମୁଖ୍ୟ ଅଭିଯୁକ୍ତ ଜଗଦିଶ୍ ଟାଇଟଲ୍‌ର ଏଠାରେ ଉପସ୍ଥିତ ଥିଲେ କିନ୍ତୁ ଗଣମାଧ୍ୟମ ଏହାକୁ ନେଇ ବାରମ୍ବାର ପ୍ରଶ୍ନ କରିବାପରେ ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶରେ ତାଙ୍କୁ ସଭାସ୍ଥଳ ତ୍ୟାଗକରି ଯିବାକୁ ପଡିଥିଲା ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯାହା ଏହି କାର୍ଯ୍ୟକ୍ରମରେ ହୋଇଥିଲା ତାହା ଥିଲା ଏଥିରେ ଅଂଶଗ୍ରହଣ କରିବାକୁ ଆସୁଥିବା ନେତାମାନେ ଅନଶନ କରିବା ପୂର୍ବରୁ ଦିଲ୍ଲୀର ଏକ ବିଖ୍ୟାତ ହୋଟେଲରେ ବସି ଛୋଲେ ଭତୁରେ ଖାଉଥିବାର ଦୃଶ୍ୟ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ଏହାପରେ ଗଣମାଧ୍ୟମ ସମେତ ପ୍ରାୟ ଅଧିକାଂଶ ବୁଦ୍ଧିଜୀବି ଏବଂ ବିଜେପି ତରଫରୁ ଏହାକୁ ଉପବାସ ନୁହେଁ ଉପହାସ ବୋଲି ଆଖ୍ୟା ଦିଆଯାଇଥିଲା । କଂଗ୍ରେସ ଦଳ ତରଫରୁ ଅନେକ ବକ୍ତବ୍ୟ ଦିଆଯାଇଥିଲେ ସୁଦ୍ଧା ରାହୁଲ ଗାନ୍ଧୀଙ୍କ ଏହି କାର୍ଯ୍ୟକ୍ରମ ଯେ ଅସଫଳ ହୋଇଥିଲା ତାହା ସମସ୍ତେ ମାନିଥିଲେ । ଦଳିତଙ୍କ ସମବେଦନା ଜଣାଉଥିବା

Download Magazine from www.aahwaan.com

ରାହୁଲ ଗାନ୍ଧୀ ସେଦିନ ଉପବାସରେ ଅଂଶ ଗ୍ରହଣ କରିବା ପାଇଁ ଦିନ ସାଢେ ଗୋଟାଏ ବେଳେ ସଭାରେ ପହଞ୍ଚିଥିଲେ ।

ଏହାପରେ ସେ କର୍ଣ୍ଣାଟକ ଯାଇଥିବା ବେଳେ ଦଳିତଙ୍କ ଘରେ ଖାଦ୍ୟ ଗ୍ରହଣ କରିବା ଏବଂ ଖାଦ୍ୟ ସୁସ୍ୱାଦୁ ହୋଇଛି କହି ପୁଣିଥରେ ଅଧିକ ଖାଇବାକୁ ମାଗିବା ଆଦି ତାଙ୍କର ରାଜନୀତିର ଅଂଶ ବୋଲି ବୁଦ୍ଧିଜୀବିମାନେ ମତ ଦେଇଛନ୍ତି ।

ମୋଦୀ ଦେଲେ ପ୍ରତିଶୃତି, ବେଟି ବଚାଓ ଜାରୀ ରହିବ

ବିଗତ ଦିନରେ ଉତ୍ତରପ୍ରଦେଶର ଉନ୍ନାଓ ଓ ଜମ୍ମୁକଶ୍ମୀରର କାଠୁଆରେ ସଂଘଟିତ ଘୃଣିତ ଧର୍ଷଣ ଓ ହତ୍ୟା ମାମଲା ଉପରେ ନିଜ ବକ୍ତବ୍ୟ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ମାମଲାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଅଦାଲତ ଦ୍ୱାରା ଦଣ୍ଡ ବିଧାନ କରାଯିବ । ଦୋଷୀମାନେ କଦାପି ତ୍ରାହି ପାଇବେ ନାହିଁ ।

ମୋଦୀଙ୍କ ଘୋଷଣା ପରେ ଉତ୍ତରପ୍ରଦେଶରେ ଅଭିଯୁକ୍ତ ବିଧାୟକ ଗିରଫ ହୋଇଥିବା ବେଳେ ଜମ୍ମୁକଶ୍ମୀରର ବିଜେପି ନେତା ଯେଉଁମାନେ ବନ୍ଦକୁ ସମର୍ଥନ କରିଥିଲେ ସେମାନେ ନିଜ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି ।

କିନ୍ତୁ ଏହାପରେ ପୁଣିଥରେ ରାଜନୀତି ଗରମ ହୋଇଛି । ଜମ୍ମୁ ବନ୍ଦରେ କେବଳ ବିଜେପି ନୁହଁ ବରଂ କଂଗ୍ରେସର ଅନେକ ନେତା ମଧ୍ୟ ସାମିଲ ଥିଲେ ବୋଲି ଜଣାପଡ଼ିଛି । ଦିଲ୍ଲୀରେ ରାହୁଲ ଗାନ୍ଧୀ ସରକାରଙ୍କୁ ଏହି ମାମଲାରେ ଘେରାଉ କରିବା ଯୋଜନା କରୁଥିବା ସମୟରେ ତାଙ୍କରି ଦଳର ସଦସ୍ୟ ଜମ୍ମୁରେ ବନ୍ଦ ଆୟୋଜନ କରୁଛନ୍ତି କିପରି ।

ସଲମାନ ଖାନଙ୍କୁ ପାଞ୍ଚବର୍ଷ ଦଣ୍ଡ

୧୯୯୮ ମସିହାରେ ରାଜସ୍ଥାନରେ ନିଜ ଚଳଚ୍ଚିତ୍ର 'ହମ୍ ସାଥ ସାଥ ହେ'ର ସୁଟିଂ ସମୟରେ ବିରଳ କୃଷ୍ଣସାରମୃଗ ଶୀକାର ମାମଲାରେ ନିଜର ନ୍ୟାୟ ଶୁଣାଇ ଯୋଧପୁର

Download Magazine from www.aahwaan.com

ଅଦାଲତ ସୁପରଷ୍ଟାର ସଲମାନ ଖାନଙ୍କୁ ଦୋଷୀ ସାବ୍ୟସ୍ତ କରି ପାଞ୍ଚବର୍ଷର ଦଣ୍ଡାଦେଶ ଦେଇଥିଲେ । ଏହାପରେ ସଲମାନ ଖାନଙ୍କୁ ଯୋଧପୁର ସ୍ଥିତ ଜେଲକୁ ପଠାଇ ଦିଆଯାଇଥିଲା । ତାଙ୍କର ଜାମିନ ଆବେଦନ ଅଗ୍ରାହ୍ୟ ହେବାପରେ ତାଙ୍କୁ ଦୁଇଦିନ ପାଇଁ କାରାଗାରରେ ରହିବାକୁ ପଡ଼ିଥିଲା । ପରେ ଅବଶ୍ୟ ସେ ଜାମିନ ପାଇଥିଲେ କିନ୍ତୁ ତାଙ୍କୁ ଜାମିନ ଦେବାପାଇଁ ଜଣେ ବିଚାରପତି ଅନିଚ୍ଛୁକ ଥିଲେ ବୋଲି ଶୁଣାଯାଉଥିଲା ଏବଂ ସେଇଥିପାଇଁ ରାତାରାତି ତାଙ୍କୁ ବଦଳି କରାଯାଇ ନୂତନ ବିଚାରପତିଙ୍କ ଦ୍ୱାରା ଏହି ମାମଲାର ବିଚାରଣା କରାଯାଇଥିଲା ।

ବର୍ତ୍ତମାନ ସଲମାନ ଖାନ୍ ଜାମିନରେ ଆସିଛନ୍ତି । ତାଙ୍କ ଉପରେ ବଲିଉଡ଼ ଶିଳ୍ପର ଅନ୍ୟୁନ ଛଅ ଶହ କୋଟି ଟଙ୍କା ଲାଗିଛି ବୋଲି ଶୁଣା ଯାଉଛି । ଆଗରୁ ମଧ୍ୟ ସଲମାନ ଖାନ ଏକ ହିଟ୍ ଏଣ୍ଡ୍ ରନ୍ ମାମଲାରେ ବିଚାରାଳୟରୁ ନିସ୍ତାର ପାଇଥିଲେ କିନ୍ତୁ ଏହି ମାମଲାରେ ସେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇପାରିଲେ ନାହିଁ ।

କଂଗ୍ରେସର ବରିଷ୍ଠ ନେତା ଏବେ ବିଜେଡ଼ିରେ

ଗଞ୍ଜାମ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ଚନ୍ଦ୍ରଶେଖର ସାହୁ, ଯୁବନେତା ବିକ୍ରମ କେଶରୀ ପଣ୍ଡା ଓ ଶିକ୍ଷାବିତ ଭଗବାନ ଗନ୍ତାୟତ ପ୍ରମୁଖ ନିଜ କର୍ମୀଙ୍କ ଗହଣରେ ମତ ଗ୍ରହଣ କରିବାପରେ ଚଳିତ ମାସର ଚାରି ତାରିଖରେ ଆନୁଷ୍ଠାନିକ ଭାବରେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ଏହା ଫଳରେ ଜିଲ୍ଲାରେ କଂଗ୍ରେସ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିହ୍ନ ହୋଇଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ସୂଚନାଯୋଗ୍ୟ ଯେ ଶ୍ରୀ ଚନ୍ଦ୍ରଶେଖର ସାହୁ କଂଗ୍ରେସ ଶାସନ ସମୟରେ କେନ୍ଦ୍ରମନ୍ତ୍ରୀ ଥିଲେ ଏବଂ ଜିଲ୍ଲା ତଥା ରାଜ୍ୟପାଇଁ ତାଙ୍କର ଅବଦାନ ଅନେକ ରହିଛି । ଏବଂ ଗଞ୍ଜାମ ଜିଲ୍ଲାରେ କର୍ମୀମାନଙ୍କୁ ସଂଗଠିତ କରିବାରେ ତାଙ୍କ ଭୂମିକା ଅନେକ । ସେ ବିଜେଡ଼ିରେ

Download Magazine from www.aahwaan.com

ସାମିଲ ହେବାପରେ ବିଜେଡ଼ିର ସଂଗଠନ ଆହୁରି ସୁଦୃଢ଼ ହେବା ସହ ୨୦୧୯ ନିର୍ବାଚନରେ ଏହାର ବିଶେଷ ପ୍ରଭାବ ଦେଖିବାକୁ ମିଳିବ ବୋଲି ବୁଦ୍ଧିଜୀବି ମତ ଦେଇଛନ୍ତି ।

ଦେଶ ଦୁନିଆର କୋଣେ ଅନୁକୋଣେ ଅନେକ ଘଟଣା ଦୁର୍ଘଟଣା ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଘଟିଛି, ସେହି ସବୁ ଘଟଣା ମାନଙ୍କ ମଧ୍ୟରୁ କିଛି ନିର୍ବାଚିତ ଘଟଣାର ବିବରଣୀ ଉପରେ ଦେଇଛି । ଏହା କୌଣସି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କିମ୍ବା ରାଜନୈତିକ ନୀତିକୁ ଅନୁସରଣ କରି ଲେଖାଯାଇନାହିଁ ।

ଆହ୍ୱାନର ଚଳିତ ମାସର ବିଶେଷ ସଂସ୍କରଣ ପାଞ୍ଚଶହରୁ ଅଧିକ ପୃଷ୍ଠାର ହୋଇଛି ଏବଂ ଏହା କେବଳ ଆପଣମାନଙ୍କ ଯୋଗୁଁ ହିଁ ସମ୍ଭବ ହୋଇପାରିଛି । ପ୍ରତିଦିନ ଆହ୍ୱାନର ଲେଖକ ଲେଖିକା ସଂଖ୍ୟାରେ ଅଭିବୃଦ୍ଧି ଘଟୁଛି । ଏହା ସହ ଏହା ପାଠକୀୟ ଆଦୃତି ଲାଭ କରୁଛି । ତେଣୁ ଆଶା କରୁଛି ଆଗାମୀ ଦିନରେ ଏହାର କଳେବର ଆହୁରି ଅଧିକ ବୃଦ୍ଧି ହେବ ଏବଂ ଏହା ଦ୍ୱାରା ଆମ ଭାଷା ସାହିତ୍ୟ ପାଇଁ ଆମର କିଞ୍ଚିତ ଅବଦାନ ସଫଳ ହେବ ।

ବିଷୁବ ସଂକ୍ରାନ୍ତି, ପଣା ସଂକ୍ରାନ୍ତି ତଥା ଉତ୍କଳୀୟ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆଗାମୀ ସଂସ୍କରଣ ନିମନ୍ତେ ଲେଖା ପଠାଇବାର ଶେଷ ତାରିଖ

ମଇ ୩ ତାରିଖ (ଗୁରୁବାର)

Download Magazine from www.aahwaan.com

ଗଳ୍ପ ବିଭାଗ

Download Magazine from www.aahwaan.com

ନିରୁଦ୍ଦିଷ୍ଟ

ପ୍ରମୋଦ କୁମାର ପଣ୍ଡା

ଏକ

ସଂଧ୍ୟା ଗଡି ଯାଇଥିଲା । ମେଘ ମେଦୁର ରାତି ସମୟରେ ରାସ୍ତାର ଗୋଟିଏ ପାଖେ ଠିଆ ହୋଇଥିବା ବିଜୁଳି ଖୁଣ୍ଟରେ ଝୁଲୁଥିବା ଆଲୁଅ ପର୍ଯ୍ୟାପ୍ତ ନ ହେଲେ ବି ଛାତ୍ରାବାସ ଭିତରକୁ ଯିବା ରାସ୍ତା ପରିଷ୍କାର ରୂପେ ଦେଖା ଯାଉଥିଲା । ଅଟକି ଅଟକି ଶୁଭୁଥିବା ଝିଙ୍କ ସ୍ୱନ, ବେଙ୍ଗ ରଡି ଓ ମୋରମ-ମାଟି ଉପରେ ପଡି ଶୁଣା ଯାଉଥିବା ବର୍ଷା ପାଣିର ବିରତି ଶୂନ୍ୟ ଝିପି ଝିପି ସ୍ୱର ମୋ ମନ ଭିତରେ ଅଦେଖା ଭୟର ଆକାର ତାର କାୟା ବିସ୍ତାର କରିବାକୁ ଚେଷ୍ଟା କରୁଥିଲା । ତଥାପି ମନରେ ଦମ୍ଭ ଧରିବାର ଅସଫଳ ପ୍ରୟାସ ମୁଁ କରୁଥିଲି ।

ଏଇଠିକୁ ଆସିବା ପୂର୍ବରୁ ପ୍ରଫେସର ମୋତେ ଫୋନ୍‌କରି ଡାକିଛନ୍ତି ଶୁଣିବା ମାତ୍ରେ ଅଞ୍ଜଳି କହିଥିଲେ, “ମନୋଜକୁ ଫୋନ୍‌କରୁନ । ତିନି ଦିନ ହେଲା ସେ ଫୋନ୍‌ବି କରିନି ।”

ମନୋଜର ଫୋନ୍‌ନ କରିବା ନେଇ ଆମେ କେବେ ବିଶେଷ ଗମ୍ଭୀର ନ ଥିଲୁ । ତାର ଫୋନ୍‌ରେ କିଛି କଥା ହେବା ପାଇଁ ଇଚ୍ଛା ଥିଲେ ହିଁ ସେ କରୁଥିଲା । ନଚେତ୍ ଆମେ ଫୋନ୍ କଲେ ସେ ବିରକ୍ତ ହେଉଥିଲା । ସେଥି ନିମନ୍ତେ ତାର ତିନି ଦିନ ଧରି ଫୋନ୍ ନ କରିବା ଆମ ପକ୍ଷେ ଏକ ସାଧାରଣ କଥା ଥିଲା ।

ମନୋଜର ପଢାପଢି, ବ୍ୟବହାର ସମ୍ପର୍କରେ କିଛି ପ୍ରତିକୂଳ ଆକ୍ଷେପ ଶୁଣିବା ଆଶା, ଆଶଙ୍କାରେ ମୁଁ ଥିଲି । ମନା କରିଥିଲି, “ଯେତେବେଳେ ପ୍ରଫେସର ନିଜେ ଡାକିଛନ୍ତି, ତାଙ୍କ ସହ କଥା ହେଲା ପରେ ହିଁ ମନୋଜ ସହ ମୁଁ କଥା ହେବି । ସେ ଫୋନ୍‌କଲେ ମଧ୍ୟ ଏ

Download Magazine from www.aahwaan.com

ବିଷୟ ତା ସହ କଥା ହେବନି, କିମ୍ବା ମୁଁ ଯିବା ବିଷୟ ମଧ୍ୟ କହିବନି ।”

ସଙ୍ଗେ ସଙ୍ଗେ ମୁଁ ପରବର୍ତ୍ତୀ ଟ୍ରେନରେ ବାହାରି ପଡିଥିଲି ।

ବାହାରେ ଝିପ୍‌ଝିପ୍ ବର୍ଷୁଥିବା ମେଘର କୁହୁଡି ଭରା ପରିବେଶକୁ ଭେଦି ମୋ ଟାକ୍‌ସି କଲେଜ ଛାତ୍ରାବାସ ସମ୍ମୁଖରେ ଅଟକିଲା । ଛତା ଧରି ଓହ୍ଲାଉ ଓହ୍ଲାଉ ଡ୍ରାଇଭରକୁ କହିଲି, “ମୋତେ ଏଇଠି ଅପେକ୍ଷା କର । ପୁଣି ମୋତେ ମୋ ହୋଟେଲରେ ଛାଡିଦେବ ।” ଉତ୍ତରକୁ ଅପେକ୍ଷା ନ କରି ମୁଣ୍ଡରେ ଛତା ଧରି ନିଃଶବ୍ଦରେ ଛାତ୍ରାବାସ ବାରଣ୍ଡା ସାମନାରେ ଜମି ଯାଇଥିବା ସୂତାଏ ସୂତାଏ ପାଣିରେ ଧୀର ପଦକ୍ଷେପରେ ପାହାଚ ଉପରକୁ ଉଠିଲି । ବାରଣ୍ଡା ପରେ ପରେ ଦୁଇ ପାଖ ଯାକ ଲମ୍ବା ଗଳି । ଗଳି ଦୁଇ ପାଖେ ଛାତ୍ରମାନଙ୍କ କୋଠରୀ ରହିଛି । ଆଗରେ ସିଢି ଉପରକୁ ଯାଇଛି । ମନୋଜର କୋଠରୀ ଉପରେ ଅଛି ।

ସିଢି ପାଖରେ ସୁଉଚ୍ଚ, ଓସାରିଆ ଦ୍ୱାର । ପ୍ରବେଶ ଦ୍ୱାର ଉପରେ ଲେଖା ଯାଇଛି- କେଣ୍ଟିନ । କେଣ୍ଟିନକୁ ଯିବା ରାସ୍ତାର ବାମ ପାଖେ ଉପରକୁ ଉଠିଥିବା ଓସାରିଆ ସିଡି, ଡାହାଣ ପାଖେ ତାକୁ ଲାଗି ଯେଉଁ କୋଠରୀଟି ଦେଖା ଯାଉଥିଲା ଏବଂ ଯାହାର ଦ୍ୱାରରେ ପରଦା ଝୁଲୁଥିଲା ।

ଆଗନ୍ତୁକ ଦେଖିଲା ଭଳି ଦ୍ୱାର ଉପରେ ଫଳକ ଟଙ୍ଗା ଯାଇଥିଲା - ହଷ୍ଟେଲ ସୁପରିଟେଣ୍ଡେଣ୍ଟ ।

ସେହି କୋଠରୀ ଦିଗକୁ ମୁଁ ମୁହାଁଇଲି । ବାରଣ୍ଡା ଓ ସିଢି ପାଖରେ ଅପେକ୍ଷାକୃତ ଭଲ ଆଲୁଅର ବ୍ୟବସ୍ଥା ଥିଲା ।

“ଆଙ୍କା !” ଜଣେ କେହି ମୋତେ ଡାକୁଥିଲେ । ମୋ ପାଦ ଅଟକି ଗଲା । ପଛକୁ ବୁଲି ଚାହିଁଲି ।

Download Magazine from www.aahwaan.com

ଜଣେ ଭଦ୍ରବ୍ୟକ୍ତି ମୋ ଆଡକୁ ଆସୁଥିଲେ, "କାହାକୁ ଖୋଜୁଛନ୍ତି ?"

'ମୁଁ ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କୁ ମିଶିବାକୁ ଆସିଛି । ମୋ ପୁଅ ଏଇଠି ରହି ପଢୁଛି ।'

"କିଏ କହିଲେ ?"

"ମନୋଜ, ଶେଷ ବର୍ଷ ତାର ।"

"ଓହୋ । ତା ହେଲେ ଆସନ୍ତୁ, ସାରଙ୍କ ଘରକୁ ଯିବା । ସେ ଏଇଠି କ୍ୱାର୍ଟରରେ ରହୁଛନ୍ତି ।"

"ଠିକ ଅଛି । ପ୍ରଥମେ ମୁଁ ମନୋଜ ସହ ମିଶି ସାରେ ।"

"ଆସନ୍ତୁ, ପ୍ରଥମେ ସାରଙ୍କ ଘରକୁ ଯିବା ।" ସେ ମୋତେ ଡାକି ନେଲେ ।

ମୁଁ ଆଉ କିଛି ପ୍ରତିବାଦ ନ କରି ଅପେକ୍ଷାକୃତ ଅନ୍ଧାର ରାସ୍ତା ଧରି ତାଙ୍କ ସହ କ୍ୱାର୍ଟର ଆଡେ ଆଗେଇଲି । ତାଙ୍କର ଚପଲ ବର୍ଷା ପାଣିରେ ଚପର ଚପର ଶବ୍ଦ ସୃଷ୍ଟି କରୁ ଥିଲା ବେଳେ ମୁଁ ନିଃଶବ୍ଦରେ ଚାଲିଥିଲି । ମୋ ମନ ଭିତରେ ଅନବରତ ସୃଷ୍ଟି ହେଉଥିବା ଅହେତୁକ ଆଶଙ୍କାର ଜଳ ଭଉଁରୀରେ ମୁଁ ସ୍ଥିର ହେବାକୁ ଚେଷ୍ଟା କରୁଥିଲି ।

ଅନତି ଦୂରରେ ଦେଖା ଯାଉଥିବା ଘର ଗୁଡିକ ଭିତରୁ କାଚ ଝରକା ଦେଇ ଆଲୁଅ ସ୍ପଷ୍ଟ ରୂପେ ଦେଖା ଯାଉଥିଲା । ଗୋଟିଏ ଘର ସମ୍ମୁଖରେ ଆମେ ଅଟକିଲୁ । ବାରଣ୍ଡାର କ୍ଷୀଣ ଆଲୁଅରେ ସେଠାରେ ଠିଆ କରାଯାଇଥିବା ମୋଟର ସାଇକେଲ ସ୍ପଷ୍ଟ ରୂପେ ବାରି ହେଉଥିଲା । ଘର ଭିତରୁ ଟିଭିର ଶବ୍ଦ ଶୁଣାଯାଉଥିଲା ।

"ଏଇଟା ସାରଙ୍କ ଘର । ମୁଁ ଆସୁଛି ।" ସେହି ଘର ଦିଗରେ ଆଙ୍ଗୁଠି ଦେଖାଇ ଭଦ୍ରବ୍ୟକ୍ତି ଜଣକ ଫେରିଗଲେ ।

ତାରଜାଲିର କବାଟରେ ଲଗା ଯାଇଥିବା ଶିକୁଳୀ ଦ୍ୱାରା ଶବ୍ଦ କରି ଡାକିଲି, "ଆଙ୍କା ।"

ଭିତରୁ ସଙ୍ଗେ ସଙ୍ଗେ ଜଣେ ପ୍ରତ୍ୟୁତ୍ତର ଦେଲେ, "କିଏ ?"

"ମୁଁ, ମନୋଜର ବାପା ।"

ଭିତର କବାଟ ସଙ୍ଗେ ସଙ୍ଗେ ଖୋଲିଗଲା । ଜଣେ ପୃଥୁଳକାୟ ପ୍ରୌଢ଼ବ୍ୟକ୍ତି ଭିତରୁ ବାହାରି ଆସି ଜାଲି କବାଟ ସେ ପାଖେ ଠିଆ ହୋଇ ମୋତେ ଚାହିଁ ପୁଣି ପ୍ରଶ୍ନ କଲେ, "କିଏ କହିଲେ ।"

"ଆପଣଙ୍କ ଛାତ୍ର ମନୋଜ, ମୁଁ ତାର ବାପା ।"

ତର ତର ହୋଇ ସେ କବାଟ ଖୋଲିଲେ, "ଓହୋ, ଆସନ୍ତୁ, ଆସନ୍ତୁ ।"

ବାହାରର ଅନ୍ଧାରରୁ ମୁଁ ବାରଣ୍ଡାର କ୍ଷୀଣ ଆଲୁଅ ଭିତରକୁ ପ୍ରବେଶ କଲି । ହାତରେ ଧରିଥିବା ଗାମୁଛାଟିକୁ ମୋ ଦିଗକୁ ବଢେଇଦେଲେ ସେ, "ଟିକେ ପୋଛି ଦିଅନ୍ତୁ ।"

ଭଦ୍ର ବ୍ୟକ୍ତି ଭିତରକୁ ଆଗେଇଲେ । ମୋତେ ପଛରେ ଆସିବାକୁ ନିମନ୍ତ୍ରଣ ଦେଲେ, "ଆସନ୍ତୁ" । ମୁହଁ, ହାତ ପୋଛି ପୋଛି ମୁଁ ତାଙ୍କ ପଛରେ ଭିତରକୁ ପଶୁ ପଶୁ ଭିତରର ଭବ୍ୟତା ପ୍ରଥମେ ମୋର ଦୃଷ୍ଟିଗୋଚର ହେଲା । ସୁସଜ୍ଜିତ ବୈଠକଖାନା, ରୁଚିପୂର୍ଣ୍ଣ ସାଜସଜ୍ଜା । ବୈଠକଖାନାରେ କୋଉଠି ହେଲେ ଟିଭି ନଥିଲା, ତଥାପି ଟିଭିର ଶବ୍ଦ ଶୁଣା ଯାଉଥିଲା । ଅବଶ୍ୟ ଶବ୍ଦର ପରିମାଣ କମି ଯାଇଥିଲା ।

ମୋତେ ଗୋଟିଏ ଚେୟାରରେ ବସିବାକୁ ହାତ ଦେଖାଇ ସେ ଗୋଟିଏ ଚେୟାରରେ ବସିଲେ,

"ଆପଣଙ୍କର ରାସ୍ତାରେ କିଛି ଅସୁବିଧା ହେଇନି ତ ?"

"ନା, ଏଇଠି ପହଞ୍ଚି ମୁଁ ପ୍ରଥମେ ଆପଣଙ୍କ ସହ ମିଶିବା ପାଇଁ ଆସିଲି । ତାପରେ ଯାଇ ମନୋଜ ସହ ମିଶିବି । କଣ କିଛି ଅସୁବିଧା ହୋଇଛି ପ୍ରଫେସର ?"

କିଛି କ୍ଷଣ ସେ ତଳକୁ ମୁହଁ ପୋତି ବସିଲେ । ପରେ ମୁଣ୍ଡ ଉଠେଇ କହିଲେ, "ମନୋଜ

Download Magazine from www.aahwaan.com

ଦେଖା ଯାଉନି, ତିନି ଦିନ ହେବ ।”

ହଠାତ୍ ମୋ କାନରେ ଆସି ପଡୁଥିବା ଚାରିଆଡ଼ର ଶବ୍ଦ ଯେମିତି ବନ୍ଦ ହୋଇଗଲା । ସହସ୍ର ସୂର୍ଯ୍ୟର ତୀବ୍ର ରଶ୍ମିଯୁକ୍ତ ସ୍ୱର ମୋ କାନ ମୁଣ୍ଡା ପାଖରେ ଝଙ୍କୃତ ହେବା ଅନୁଭୂତ ହେଲା । ମୁଁ ଚିହିଁକି ପଡିଲି, “ମାନେ !”

ବାସ୍ତବରେ ପ୍ରଫେସରଙ୍କ ଠୁଁ ମୁଁ ଏହା ଆଶା କରୁ ନଥିଲି ।

ଚେୟାରରୁ ଉଠି ପ୍ରଫେସର ଝରକା ପାଖରେ ଯାଇ ଠିଆହେଲେ । ନୀରବରେ ଅନ୍ଧାରର ବର୍ଷାକୁ ନିରେଖି ଦେଖିବାର ବୃଥା ଚେଷ୍ଟା କରୁଥିଲେ । ମୋ ପାଇଁ ଉତ୍ତର ବୋଧହୁଏ ସେ ଖୋଜୁଥିଲେ । ମୁଁ ମଧ୍ୟ ଚେୟାରରେ ବସି ପାରିଲିନି । ତାଙ୍କ ପାଖରେ ଯାଇ ଛିଡା ହେଲି । ଅଶୁଭ ସୂଚନାଟିକୁ ଯଦିଓ ମୁଁ ଶୁଣି ପାରିଥିଲି, ତଥାପି ତାକୁ ଗ୍ରହଣ କରିବା ଅବସ୍ଥାରେ ମୁଁ ନଥିଲି ।

କୋଡିଏ ବର୍ଷ ବୟସର ପୁଅ ମୋର । ମା-ବାପାଙ୍କ ଅତି ଆଶା, ଉଦ୍ଦୀପନାରେ ଝଙ୍କୃତ ମାନସିକ ଉଦବେଳନର ପ୍ରତୀକ । ଭଉଣୀ ମାନଙ୍କର ଗର୍ବ ! ଅଞ୍ଜଳି ତା’ର ଫୋନ୍‌ପାଇଁ ଅପେକ୍ଷାରତ । ସେ ପୁଣି ନିଖୋଜ ! ଦିନେ ନୁହେଁ, ପୁଣି ତିନି ଦିନ ହେବ !

ବାହାର ଅନ୍ଧକାର ଦିଗରୁ ଦୃଷ୍ଟି ଫେରାଇ ମୋତେ ଚାହିଁଲେ ପ୍ରଫେସର, “ଗୁରୁବାର ସନ୍ଧ୍ୟା ଜଳଖିଆ ଖାଇନି ସେ । ଏକୁଟିଆ ବାହାରକୁ ଯାଇଥିଲା । ରାତିରେ ବି ଫେରି ନଥିଲା । ସକାଳୁ ତା ହଷ୍ଟେଲମେଟ ମାନେ ତା ମୋବାଇଲକୁ ଫୋନ୍ କରିଥିଲେ । ମୋବାଇଲ ସୁଇଚ-ଅଫ୍‌ଥିଲା । କାଲି ଦିନଟା ଅପେକ୍ଷା କଲୁ । ଆଜି ସକାଳୁ ଡାଇରେକ୍ଟରଙ୍କୁ ଜଣେଇଲି, ତା’ପରେ ଆପଣଙ୍କୁ ଫୋନ୍‌କଲି । ଆପଣଙ୍କ ସହ କଥା ହେଲାପରେ ଯେତେବେଳେ ଜାଣି ପାରିଲି, ସେ ଘରକୁ ମଧ୍ୟ ଯାଇନି, ପୋଲିସ୍ କୁ ଖବର ଦେଲି ।”

Download Magazine from www.aahwaan.com

ପୋଲିସ ଜାଣିସାରିଲାଣି, ଅଥଚ ମୁଁ ଜାଣିନି, ଶିହିରି ଉଠିଲି । କଣ ହେଲା ମୋ ପୁଅର ?

ପଚାରିଲି, "ପୋଲିସ୍ କଣ କହିଲା ?"

"ସନ୍ଧାନ କରୁଛି । ମୋବାଇଲ ଟ୍ରାକ୍ କରୁଛି । କିନ୍ତୁ ଯଦି ଆପଣ ଜାଣିନାହାନ୍ତି, ତା ହେଲେ ଗଲା କୁଆଡେ ? ଆପଣ ଆଉ କିଛି ରେନସମ୍ ନୋଟପାଇ ନାହାନ୍ତି ତ ?"

ମୁଣ୍ଡରେ ମୋର ଅସହ୍ୟ ଜ୍ୱାଳା ଆରମ୍ଭ ହୋଇ ଯାଇଥିଲା । ବିଚାର ସବୁ ଏ ପାଖ ସେ ପାଖକୁ ଅତି ତୀବ୍ରତର ଗତିରେ ଘୁରୁଥିଲେ । ତାଙ୍କ ପ୍ରଶ୍ନ ମୁଁ ଶୁଣି ପାରୁନଥିଲି । ଠିଆ ହେବା ଜାଗାରୁ ବୁଲି ପଛକୁ ଫେରିଲି । ପ୍ରଫେସରଙ୍କ ଅନୁମତିକୁ ଅପେକ୍ଷା ନ କରି ଦ୍ରୁତ ଗତିରେ ବାରଣ୍ଡାକୁ ଆସିଗଲି ।

ମୋ ପଛେ ପଛେ ପ୍ରଫେସର ବି ବାରଣ୍ଡାକୁ ଆସିଲେ, "ଆପଣ ମୋ ପ୍ରଶ୍ନର ଉତ୍ତର ଦେଲେନି ।"

"ସାର୍, ମନୋଜ ମୋ ପୁଅ । ଯଦି ଲୁଚେଇବାର ଥାଆନ୍ତା, ମୁଁ ଆପଣଙ୍କ ପାଖକୁ ଦୌଡି ଆସି ନ ଥାନ୍ତି ।"

ପ୍ରକୃତରେ ମୁଁ ଅସହ୍ୟ ଗରମ ଅନୁଭବ କରୁଥିଲି । ପ୍ରଫେସରଙ୍କୁ ମୁଁ ଭଲ ଭାବେ ଚାହିଁ ମଧ୍ୟ ପାରୁ ନଥିଲି । ଆସିଲା ବେଳର ମୋର ନିଃଶବ୍ଦ ପାଦରେ କିଏ ଚକ ଲଗେଇ ଦେଇଥିଲା । ଲମ୍ବା ଲମ୍ବା ପାଦରେ ଦ୍ରୁତ ଗତିରେ ମୁଁ ଟ୍ୟାକସି ଆଡକୁ ଆଗେଇଲି । ଏମିତି ପରିସ୍ଥିତିରେ କଣ କରାଯିବା ଉଚିତ, ମୁଁ ଦୋଳାୟମାନ ଅବସ୍ଥାରେ ଥିଲି । ମୋତେ ମୋର ନିଜର ସଠିକ୍ ପଦକ୍ଷେପ ନେବାକୁ ହେବ ।

ଟ୍ୟାକସିରେ ବସିବା ଆଗରୁ ଥରେ ମନୋଜର ଛାତ୍ରାବାସ ଦିଗେ ଦେଖିଲି । ସିଢିର

Download Magazine from www.aahwaan.com

ମଝିରୁ ଜଣେ କିଏ ଉଙ୍କି ମାରି ଟ୍ୟାକସି ଦିଗେ ଦେଖୁଥିବାର ମୋର ବୋଧ ହେଲା । ଟିକିଏ ଠିଆ ହୋଇ ସେ ଦିଗେ ଭଲ ଭାବେ ଦେଖିଲି । ମୋର ଦେଖିବା ଦେଖି ଉଙ୍କି ମାରୁଥିବା ଚେହେରାଟି ହଠାତ୍ ଅଦୃଶ୍ୟ ହୋଇଗଲା । ଚିନ୍ତା କଲି, ଯାଇ ଦେଖିବି କିଏ ସେ ପିଲା । ନା, ମନକୁ ବୁଝାଇଲି । ମନୋଜ ନ ଥିଲେ ଏମାନଙ୍କ ସହ ମୋର କି କଥା ? ଛତା ବନ୍ଦ କରି ଟ୍ୟାକସିରେ ବସିଲି । ଘୁମାଉଥିବା ଡ୍ରାଇଭରକୁ କହିଲି, "ଏଇଠିର ପୋଲିସ୍ ଷ୍ଟେସନ ଜାଣିଛ ? ମୋତେ ସେଇଠିକୁ ନେଇ ପାରିବ ?"

ପୋଲିସ୍ ନାଁ ଶୁଣୁ ଶୁଣୁ ତାଙ୍କ ତନ୍ଦ୍ରା ଭାଙ୍ଗିଗଲା, "ହଁ, ଦେଖିଛି । ଯିବା ?"

ମୁଁ ମୁଣ୍ଡ ଟୁଙ୍ଗାରି ହଁ କଲି । ବର୍ଷଣୋନ୍ମୁଖ ଅନ୍ଧକାର ସନ୍ଧ୍ୟାରେ କଲେଜ ପରିସରରୁ ବାହାର ରାସ୍ତାକୁ ଆସିଲା ବେଳେ ଟ୍ୟାକସି ଆଲୁଅରେ ଧୂଆଁଳିଆ ବାତାବରଣ ମଧ୍ୟରେ କଳା ପିଚୁରାସ୍ତା ଉପରେ ପଡୁଥିବା ବର୍ଷା ପାଣିର ଅବିରତ ଧାରା ମୋର ଦୃଷ୍ଟିଗୋଚର ହେଉଥିଲା ।

ଅଞ୍ଜଳିଙ୍କୁ ମୁଁ ଏହି ଖବର ଦେଇ ପାରିବି ତ ? ମୋର ଅନୁପସ୍ଥିତିରେ ସେ ଏହି ଖବରକୁ ସମ୍ଭାଳି ପାରିବେ ତ ? ମୁଁ ନିଜକୁ ନିଜେ ପଚାରୁଥିଲି ।

ଦୁଇ

କାନ ପାଖରେ କିଛି ଶବ୍ଦ ଶୁଣି ମୋ ନିଦ ଆପଣା ଛାଏଁ ଭାଙ୍ଗିଗଲା । ହୋଟେଲରେ ମୋତେ ଦିଆ ଯାଇଥିବା କୋଠରୀର ପଲଙ୍କ ଉପରେ ମୁଁ ଶୋଇଥିଲି । ଭିତରେ ଦିନର ଆଲୁଅ ବିଛେଇ ହୋଇ ପଡିଥିଲା । ବାହାର ପାଖେ ଥିବା କାଚ ଝରକାରେ ଝୁଲିଥିବା ପରଦା ଫାଙ୍କ ଦେଇ ଶରତର ଅଦିନିଆଁ ମେଘ ଭିତରୁ ଅବସାଦଗ୍ରସ୍ତ ସୂର୍ଯ୍ୟ ରଶ୍ମି କୋଠରୀ ଭିତରକୁ

Download Magazine from www.aahwaan.com

ପଶି ଆସୁଥିଲା । କାଲିର ଅନବରତ ଝଡି ବର୍ଷା ପରେ ଆଜି ପାଗ ଅପେକ୍ଷାକୃତ ଶୁଖିଲା ଥିବା ବୋଧ ହେଉଥିଲା ।

ମୁଣ୍ଡ ପାଖରେ ହୋଟେଲର ଫୋନ୍ ବାଜୁଥିଲା । ଆଖିରେ ଜଡିତ ତନ୍ଦ୍ରାକୁ ବଳପୂର୍ବକ ବାହାର କରି ଅଳସ ପାଟିରେ ଫୋନ୍‌ର ଉତ୍ତର ଦେଲି, "ହାଲୋ !"

"ସାର୍, ମୁଁ ରିସେପସନରୁ କହୁଛି । ଆପଣଙ୍କ ପାଇଁ ଫୋନ୍‌ଅଛି । ରିସିଭ୍ କରନ୍ତୁ ।"

ଜଣେ ଅପରିଚିତର କଣ୍ଠ ଥିଲା, "ହାଲୋ !"

"କିଏ, କାହାକୁ ଦରକାର ?"

ମୋତେ ଏଇଠି କିଏ ଚିହ୍ନି ଥାଇପାରେ ? ପୋଲିସ ଅଫିସର କି ?

"ଆପଣଙ୍କ ସହ ହିଁ ମୋର କଥା ଥିଲା । ଆପଣଙ୍କ ପୁଅ ମନୋଜ ଜଣେ ନିହାତି ଅଭଦ୍ର ଶ୍ରେଣୀର ଲୋକ । ତା ପାଇଁ କଲେଜ ଭିତରେ ମିଛରେ ଏକ ଭଦ୍ରତାର ଭାବ ଚାଲିଛି । କିନ୍ତୁ ସେ ସେଥି ପାଇଁ ଯୋଗ୍ୟ ନୁହେଁ । ସେ ଜଣେ ବ୍ଲାକ ମେଲର । ବୁଝିଲେ, ବ୍ଲାକ ମେଲର ।"

ଶେଷ ପଦଟିକୁ ସେ ଟିକେ ବଡ ପାଟିରେ କହିଥିଲେ । ମୁଁ ସେ କଥାର ବିନ୍ଦୁ-ବିସର୍ଗ କିଛି ବୁଝିବା ଆଗରୁ ଫୋନ୍ କଟି ଯାଇଥିଲା । କାଳେ ଲାଇନରେ କିଛି ଅସୁବିଧା ହେଉଛି ଭାବି, ମୁଁ ତିନି ଚାରି ଥର 'ହାଲୋ' 'ହାଲୋ' କରିଥିଲି । କିଛି ଫଳ ମିଳି ନ ଥିଲା ।

ଫୋନଟି ରଖି ଦେଇ ଅପେକ୍ଷା କଲି କାଳେ ପୁଣି ଥରେ ଫୋନ୍‌ଆସିବ । ରିସେପସନକୁ ଫୋନ୍‌କରି କହିଥିଲି, "ମୋ ପାଖକୁ ଆସିଥିବା ଫୋନର ନମ୍ବର ମିଳି ପାରିବ ? ସେ ନମ୍ବରଟି ମୋତେ ଦରକାର ।"

"ଠିକ୍ ଅଛି ସାର, ମୁଁ ବାହାର କରି ଦେଇଥିବି ।"

ଗତକାଲି ରାତିରେ ପୋଲିସ ଷ୍ଟେସନରେ ବିଶେଷ କିଛି ସମ୍ବାଦ ମିଳି ନଥିଲା ।

Download Magazine from www.aahwaan.com

ଦାୟିତ୍ୱରେ ଥିବା ଅଫିସର ନଥିଲେ । ସେଠାରୁ ଫେରିଲା ପରେ ହୋଟେଲର ମୋ କୋଠରୀରେ ଅନେକ ରାତି ଯାଏଁ ମୁଁ ଶୋଇ ପାରି ନଥିଲି ।

ଅଞ୍ଜଳିଙ୍କୁ ଫୋନ୍‌କରି ଏହି ଖବର ଦେବାର ସାହାସ ମୋ ପାଖରେ ନଥିଲା । ସେ ହିଁ ହୋଟେଲରେ ପହଞ୍ଚିଲା ପରେ ଫୋନ୍ କରିଥିଲେ, "କଣ ହେଲା, କିଛି ଖବର ଦେଲନି । ତାର ଫୋନ୍ ବି ସୁଇଚ-ଅଫ୍ ଅଛି ।"

ମୋ ଥଙ୍ଗିଲା ଥଙ୍ଗିଲା କଣ୍ଠର କଥାବାର୍ତ୍ତା ଶୁଣି ସେ କିଛି ଠଉରେଇ ନେଇଥିଲେ । କହିଲେ, "ବ୍ୟସ୍ତ ହୁଅନା । ନ କହି କୁଆଡେ ପଳେଇ ଯାଇଥିବ । ଆଉ ଦିନେ ଦି ଦିନ ଭିତରେ ତାର ନିଶ୍ଚୟ ଖବର ମିଳିଯିବ । ତମେ ସେଇଠି ଏକୁଟିଆ ରହନି । ଏଇଠିକୁ ଚାଲିଆସ, ନ ହେଲେ ମୁଁ ତମ ପାଖକୁ ଆସୁଛି ।"

ତତ୍‌କ୍ଷଣାତ୍ ମୁଁ ମନା କରି ଦେଇଥିଲି, 'ମୁଁ କାଲିକି ପଳେଇଯିବି । ତମକୁ ଆଉ ଏଇଠିକୁ ଆସିବା ଦରକାର ନାହିଁ ।'

ଘରୁ ଯିଏ ଦିନେ ହେଲେ ବାବା, ମାମାଙ୍କୁ ନ ଜଣେଇ କୁଆଡେ ହେଲେ ଯାଇ ନଥିଲା, ଆଜି ଆମ ଅଜାଣତରେ, ସୁପରିଟେଣ୍ଡେଣ୍ଟଙ୍କ ବିନା ଅନୁମତିରେ ଚାରି ଦିନ ହେଲା ଫେରାର ଅଛି, ଏହା ମୋ ପକ୍ଷେ ବିଶ୍ୱାସ ଯୋଗ୍ୟ ନଥିଲା । ଅଞ୍ଜଳି ବି ଏ କଥା ନିଶ୍ଚୟ ହୃଦୟଙ୍ଗମ କରିପାରୁଥିବେ । ତଥାପି, ପ୍ରକୃତରେ ପୁଅର ନିଖୋଜ ଖବରକୁ ସେ ମଧ୍ୟ ବୋଧହୁଏ ଭଲ ଭାବେ ଗ୍ରହଣ କରି ପାରି ନ ଥିଲେ । ଏକ ଅଜଣା ଭୟର ଶିହରଣରେ ମୁଁ ଭୟଭୀତ ହୋଇ ଉଠୁଥିଲି ।

ରାତିରେ ଶୋଇଲା ବେଳେ ତାର ଏଆଇଟ୍ରିପଲ୍‌ଇର ଫଳାଫଳ ବାହାରିବା ଦିନର କଥା ମୋର ମନେ ପଡିଥିଲା ।

Download Magazine from www.aahwaan.com

ରଜ-ସଙ୍କ୍ରାନ୍ତି ପରେ ପରେ ଦିନେ ୟୁନିଭରସିଟିରେ ଅଛି, ମୋ ମୋବାଇଲରେ ଅଞ୍ଜଳିଙ୍କ ଫୋନ୍ ଆସିଥିଲା, "ଶୁଣ, ଗୋଟେ ଭଲ ଖବର । ମନୋଜ ଏଆଇଟ୍ରିପଲ୍ଇରେ ପାଇ ଯାଇଛି ।"

ମୁଁ ମୋ ପ୍ରକୋଷ୍ଠରେ ବସିଥିଲି । ଖବରଟା ଶୁଣୁ ଶୁଣୁ ମନରେ ଅଫୁରନ୍ତ ଆନନ୍ଦ ଖେଳିଗଲା, "କାହିଁ, ସେ କୁଆଡେ ଗଲା ? ସେ କାହିଁକି ମୋତେ ଫୋନ୍କଲାନି ?"

ଅଞ୍ଜଳି ଫୋନ୍ ତାକୁ ଦେଇଥିଲେ । ମନୋଜ କହିଥିଲା, "ବାବା, ଆଇଆଇଟିରେ ମିଳିବନି ।"

"ହଉ, କିଛି ନ ହେଲେ ଭଲ କଲେଜରେ ମିଳିଯିବ । ଯାହା ହେଲା ଠିକ ହେଲା, ବ୍ୟସ୍ତ ହେ'ନା । କଂଗ୍ରାଚୁଲେସନ ।"

କହିବାକୁ ସିନା ମୁଁ କହିଦେଲି, କିନ୍ତୁ ମୁଁ ମନୋଜର ଉଚ୍ଚ ଅଭିଳାଷକୁ ଜାଣିଥିଲି । ସହଜରେ ସନ୍ତୁଷ୍ଟ ହେବା ପିଲା ନୁହେଁ ସେ । ସାଙ୍ଗେ ସାଙ୍ଗେ ଯାଇ ଘରେ ପହଞ୍ଚିଥିଲି । ତାର ଉଦାସ ମନକୁ ମାରିବା ପାଇଁ ଆମେ ସମସ୍ତେ କାରରେ ଗୋଟିଏ ଯାତ୍ରା ନିମନ୍ତେ ସ୍ଥିର କରିଥିଲୁ ।

ସେଦିନ ଏମିତି ହିଁ ବର୍ଷା ପାଗ ଥିଲା । ଓଡିଶା ମାଟିରେ ମୌସୁମୀର ପ୍ରଥମ ସ୍ପର୍ଶର ଝିପିରି ଝିପିରି ବର୍ଷାରେ ଆମେ ବାହାରିଥିଲୁ । ବ୍ରହ୍ମପୁରରୁ ଭୁବନେଶ୍ୱର, ଭୁବନେଶ୍ୱରରୁ କୋଣାର୍କ ଦେଇ ପୁରୀ । ମୋଟରେ ଦୁଇ ଦିନିଆ ପ୍ରୋଗ୍ରାମ୍ ଥିଲା । କାର ମୁଁ ନିଜ ଚଲଉଥିଲି । ଆଗରେ ଅଞ୍ଜଳି । ପଛରେ ମୀନୁ ଓ ସେ, ଭାଇ ଭଉଣୀ ଦୁହେଁ, ବସିଥିଲେ ।

ମନୋଜର ଉଦାସୀ ମନରେ କିଛି ଅନ୍ତର ଆସିଥିଲା । ତାହା ପୁଣି, ତା'ର ବଡ ଭଉଣୀ ସରୋଜର ଫୋନ୍ ପରେ । ସରୋଜ କହିଥିଲା, "ବୁଝିଲୁ ବାପା, ତୋ ଭିଣୋଇ ଏ ଖବର

Download Magazine from www.aahwaan.com

ଶୁଣି ବେଶି ଖୁସୀ । ଦୁଇ ଥର ଚେଷ୍ଟାରେ ତାଙ୍କୁ ବୁର୍ଲାରେ ସିଟ୍ ମିଳିଥିଲା । ତୋର ତ ପ୍ରଥମ ଥରରେ ନିଟ୍‌ରେ ମିଳିଗଲା । ଖୁସି ହେଇଯା ।"

ଜାତୀୟ ରାଜପଥର କଳା ମଚମଚିଆ ଦୁଇ ଥାକିଆ ରାସ୍ତା ଉପରେ ମୋ କାର ତା ସାମନାରେ ଆସୁଥିବା ବଡ ବଡ ଗାଡି ଗୁଡିକୁ କାଟି କାଟି ଆଗକୁ ବଢୁଥିଲା । ପଛରେ ବସିଥିବା ମନୋଜ ପୁଲକିତ ହୋଇ ଉଠୁଥିଲା, "ମୋ ଶେଷବର୍ଷରେ ବାବା, ମୁଁ ଗାଡି ଶିଖିବି । ତମେ କାର ଚଲେଇବା ଦେଖିଲେ ମୋତେ ବହୁତ ଖୁସୀ ଲାଗୁଛି । ଚଲେଇବା ପାଇଁ ଇଚ୍ଛା ବି ହେଉଛି ।"

ମୀନୁ କହିଥିଲା, "ପାଠ ସରୁ ସରୁ ଭାଇ ଗାଡି ଶିଖିବ, ଗାଡି କିଣିବ, ମୋଟା ଅଙ୍କର ଦରମା ପାଇବ ନା, ସେଥିପାଇଁ ।"

ତା କଥାକୁ ମନୋଜ କାଟିଥିଲା, "ଆରେ ନାଇଁ, ମୋ ଟାର୍ଗେଟରେ ଆଇଆଇଏମ୍‌ର ଏମ୍ ବିଏ ଅଛି । ତା ପରେ ଗାଡି କିଣିବି । ଦେଖିବୁ, ବାବାଙ୍କଠୁଁ ଗୋଟେ ବଡ ଗାଡି କିଣିବି ।"

ସ୍ୱାଭାବିକ ଢଙ୍ଗରେ ମୀନୁ ମୁହଁ ଫୁଲେଇଥିଲା, "ହଁ, କିଣି ତ ନିଶ୍ଚୟ ପାରିବ, ଏଥିରେ ଦେଖିବାର କଣ ଅଛି ?"

ସାନ ଭଉଣୀର ମୁହଁ ଫୁଲା ଦେଖି ମନୋଜ କହିଥିଲା, "ଆଉ ସେଥିରେ ପ୍ରଥମେ ମୋ ମୀନୁ ବସିବ, ଠିକ ଅଛି ?"

କାରର ଦର୍ପଣରେ ମୁଁ ମୀନୁର ଓଠରେ ଚେନାଏ ହସକୁ ଦେଖି ପାରିଥିଲି । ସେମାନଙ୍କ କଥାରେ ପୂର୍ଣ୍ଣଚ୍ଛେଦ ପକେଇବା ପାଇଁ ଅଞ୍ଜଳି ପାଟି କରି ଉଠିଥିଲେ, "ମୂଳରୁ ବା' ହେଇନି, ପୁଅର ନାଁ ରଖା ହେଇ ଗଲାଣି । ଆଉ କିଛି ନାହିଁ କି'ରେ ତମ ଦି ଜଣଙ୍କର କଥା ହେବା ପାଇଁ ।"

Download Magazine from www.aahwaan.com

ବର୍ଷାଜଳ ପ୍ଲାବିତ ରାସ୍ତା ଉପରେ ଦୃଷ୍ଟି ନିବଦ୍ଧ ରଖି କାରର ଗତି ପାଇଁ ଧ୍ୟାନ ଦେଲାବେଳେ ମନୋଜର ଦୃଢ ନିଶ୍ଚୟ ନିମନ୍ତେ, ତାର ଦୃଢ ସଂକଳ୍ପ ନିମନ୍ତେ ମୁଁ ନିଶ୍ଚିନ୍ତ ଥିଲି !

ଆଉ ଆଜି ? ସେ ନିଶ୍ଚୟ, ସଂକଳ୍ପ ସବୁ ଏକ ସ୍ୱପ୍ନ, ପ୍ରହେଳିକା ପାଲଟି ଯାଇଛି ।

ଅଜଣା ବ୍ୟକ୍ତିଙ୍କର ଫୋନ୍‌ଆସିଲା ପରଠୁଁ ମୋର ନିତ୍ୟକର୍ମ ସ୍ୱୟଂମେବ ହୋଇ ଚାଲିଥିଲା । କେତେବେଳେ କଣ କରିଥିଲି, ମୋର ସଠିକ କିଛି ମନେ ନାହିଁ । ମନୋଜ ସମ୍ବନ୍ଧରେ ଗୋଟିଏ ପରେ ଗୋଟିଏ ଭୁଲରେ ବି ଭାବି ନ ଥିବା ଦୁଃସମ୍ବାଦ ଶୁଣିଲା ପରେ ଶରୀର ସାରା ତରଙ୍ଗାକୃତିରେ ଖେଳି ଯାଇଥିବା ଦଗ୍ଧୀଭୂତ ମନ ଗତ ରାତି ଅପେକ୍ଷା ଅଧିକ ଅସ୍ଥିର ହୋଇ ଉଠିଥିଲା ।

ରିସେପସନରେ ଚାବି ଦେଲାବେଳେ ପଚାରିଲି, “ମୁଁ କହିଥିବା ଫୋନ୍ ନମ୍ବର ରଖିଛ ?”

ମୋତେ ସଙ୍ଗେ ସଙ୍ଗେ ମୋ ରୁମ୍‌ର କଲ୍ ବିବରଣୀ ଥାଇ କମ୍ପ୍ୟୁଟର ଛାପାଟି ମିଳିଗଲା । ହୋଟେଲର ଏ ପ୍ରକାର ଯୋଗାଡ ଫଳରେ ମୁଁ ଆଶ୍ୱସ୍ତି ଅନୁଭବ କଲି । ଏହି ପ୍ରାମାଣିକ ତଥ୍ୟଟି ପୋଲିସର ବହୁତ ଦରକାରରେ ଆସିବ ।

ହୋଟେଲ ବାହାରେ ଗତକାଲିର ସେହି ଟ୍ୟାକସି ଡ୍ରାଇଭର ମୋତେ ଅପେକ୍ଷା କରିଥିଲେ । ଯଦିଓ, ମେଘ ଆକାଶ ବକ୍ଷ ଛାଡି ନ ଥିଲେ, ତଥାପି ପାଗ ଶୁଖିଲା ଥିଲା । ଟ୍ୟାକସିରେ ବସିଲି, “ଇଞ୍ଜିନିୟରିଂ କ୍ୟାମ୍ପସକୁ ଯିବା, ଚାଲ ।”

ହୋଟେଲରୁ କଲେଜ ଖୁଆଡ ପାଞ୍ଚ କିଲୋମିଟରରୁ ଅଧିକ ହେବ । ସହରର ପିଚୁ ରାସ୍ତା ଉପରେ ଆମ ଗାଡି ଦୌଡୁ ଦୌଡୁ ମୋ ମନରେ ଅନବରତ ଖରାପ ଭାବନା ଗୁଡିକ

Download Magazine from www.aahwaan.com

ଏଣେତେଣେ ପଇଁତରା ମାରୁଥିଲେ । ତାକୁ ଭାଙ୍ଗି ଡ୍ରାଇଭରଙ୍କ ପ୍ରଶ୍ନ ମୋ କାନରେ ଆସି ପଡିଲା, "ସାର୍, କିଛି ଅସୁବିଧା ହେଲା କି ?"

କାଲି ଠୁଁ ମୋର କଲେଜ ଛାତ୍ରାବାସ, ପୋଲିସ୍ ଷ୍ଟେସନ ଆଦି ଧାଁ-ଦୌଡ ଦେଖି ତାଙ୍କର ବି କୌତୁହଳ ଜାତ ହେଉଥିଲା । ତାହା ତ ସ୍ୱାଭାବିକ ଥିଲା । ବାଧ୍ୟ ହୋଇ ମୁଁ କହିଲି, "ମୋ ପୁଅ ଏଇଠି ପଢୁଥିଲା । ଚାରି ଦିନ ହେଲା ଦେଖା ଯାଉନି ।"

"ମୁଁ କିଛି କହିବି, ଖରାପ ଭାବିବେନି ସାର ।"

"କୁହ ।" ମୁଁ ସମର୍ପିତ କଣ୍ଠରେ କହିଲି ।

ମୁଁ ଜାଣି ପାରୁ ନ ଥିଲି ସେ କଣ କହିବେ । ବୈଷୟିକ ଶିକ୍ଷା ନିମନ୍ତେ ଓଡିଶାରେ ଥିବା ହାତ ଗଣତି ଉଚ୍ଚମାନର ଶିକ୍ଷାନୁଷ୍ଠାନ ମାନଙ୍କ ଭିତରୁ ଇଏ ଅନ୍ୟତମ ଥିଲା । ଏଇଠି ପଢୁଥିବା ଶିକ୍ଷାର୍ଥୀମାନେ ବଜାର-ବାଟରେ ବାରି ହୋଇ ପଡନ୍ତି । ହାତରେ ଉତ୍କୃଷ୍ଟମାନର ମୋବାଇଲ, ପିଠିରେ ଲେପ୍‌ଟପ ବ୍ୟାଗ, ଟୁପ୍‌ଟାପ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥାବାର୍ତ୍ତା ଏମାନଙ୍କୁ ଅନ୍ୟମାନଙ୍କ ଭିତରେ ଅଲଗା କରି ଚିହ୍ନେଇ ଦେଇଥାଏ । ହୁଏତ ସେ ମନୋଜକୁ କେଉଁଠି ଦେଖିଥାଇ ପାରନ୍ତି । ପକେଟରୁ ମୋ ପର୍ସ ବାହାର କରି ସେଥିରେ ଥିବା ଗୋଟିଏ ଗ୍ରୁପ୍‌ଫୋଟ ଆଗକୁ ଝୁଙ୍କିପଡି ତାଙ୍କୁ ଦେଖେଇଲି ।

ମନୋଜର ଫୋଟ ଉପରେ ଆଙ୍ଗୁଠି ରଖି କହିଲି, "ଇଏ ମୋ ପୁଅ । କେବେ ଦେଖିଛ ? ଟିକିଏ ମନେ ପକାଅ ତ ।"

ଗାଡି ଚଳାଉ ଚଳାଉ ସେ ଫୋଟ ଉପରେ ନଜର ଦେଲେ, "ମୋତେ ଏମାନେ ସମସ୍ତେ ଏକା ଦେଖା ଯାଆନ୍ତି, ସାର । ତେବେ, ମୋତେ ଫୋଟ ଦେଇଥିବେ, ମୁଁ ଟ୍ୟାକସି ଷ୍ଟାଣ୍ଡରେ ଯାକୁ ଦେଖେଇବି ।"

Download Magazine from www.aahwaan.com

ମୋ ମୋବାଇଲରେ ମନୋଜର ଫୋଟ ଥିଲା । ତତ୍‌କ୍ଷଣାତ୍ ପର୍ସରୁ ଫୋଟ ବାହାର କରି ମୁଁ ତାଙ୍କ ହାତକୁ ବଢେଇଦେଲି । ତାକୁ ସେ ପକେଟରେ ରଖି ଆଗକୁ ଦେଖି ଗାଡି ଚଳାଉ ଚଳାଉ କହିଲେ, "ମୁଁ କିଛି ଅଲଗା କଥା କହୁଥିଲି ସାର୍ । ଏଇଠି ବହୁତ ଜଣଙ୍କୁ ମୁଁ ନିଶା କରିବାର ଦେଖିଛି । ମାଲ ନୁହେଁ ସାର, ସେଇଟା ତ ସମସ୍ତଙ୍କର ଆଜିକାଲି କମନ୍ ହେଲାଣି । ମୁଁ ଡ୍ରଗ କଥା କହୁଛି ସାର । ସେମିତି କିଛି ଅଭ୍ୟାସ ତାଙ୍କର ଥିଲା କି ?"

ମନେ ମନେ ମୁଁ ତାଙ୍କ କଥାରେ ଭୟ ପାଇଗଲି । କିଛି କହି ପାରିଲିନି । ପାଟି ମୋର ଜାଡ଼ ବାନ୍ଧି ଦେଲା । ଅନ୍ଧାର ଗର୍ତ୍ତ ଭିତରର ଅଦୃଶ୍ୟ ବିଷଧର ଠୁଁ ବି ଅଧିକ ଭୟଙ୍କର ଥିଲା ସେହି ଆଶଙ୍କା ।

କଲେଜ ଖୁଆଡ ଯାଏଁ ମୁଁ ଚୁପଚାପ ବସି ରହିଥିଲି । ଯଦିଓ ମୋ ହୋଟେଲ ପାଖରେ ପାଗ ଶୁଖିଲା ଥିଲା, ତଥାପି କଲେଜ ପାଖରେ ଅସରାଏ ବର୍ଷା ହୋଇ ଛାଡି ଯାଇଥିଲା । ଗତକାଲି ରାତିର ହଷ୍ଟେଲ ଯିବାବେଳେ ଉଠିଥିବା ମୋର ଅତ୍ୟାଗ୍ରହ, ଆଜି କଲେଜ କୋଠାରେ ପ୍ରବେଶ କଲାବେଳେ ନ ଥିଲା ।

ମୋର ବୋଧ ହେଉଥିଲା, ମୋ ଉପରେ ନିବଦ୍ଧ ଶହଶହ ଦୃଷ୍ଟି ଯେମିତି କହି ଉଠୁଛନ୍ତି - ଦେଖ ଦେଖ ! ଇଏ ସେହି ମନୋଜର ବାପା, ଯିଏ ଚାରି ଦିନ ହେଲା ନିରୁଦ୍ଦିଷ୍ଟ ଅଛି ।

ତଥାକଥିତ ଅହେତୁକ ଅପଦସ୍ତ ଗ୍ରସ୍ତ ଭାବ ଯୋଗୁଁ ଟ୍ୟାକସିରୁ ଓହ୍ଲାଇ ବହୁ କଷ୍ଟରେ ମୁଁ ପ୍ରଫେସରଙ୍କ ରୁମ୍ ଭିତରକୁ ଯାଇ ପାରିଥିଲି । ପରେ ସେଠାରୁ ତାଙ୍କୁ ଧରି ଡାଇରେକ୍ଟରଙ୍କ ପାଖକୁ ।

ତିନି

Download Magazine from www.aahwaan.com

ସେହି ବିଲ୍ଡିଂ ଛାଡି ଆଗରେ ଥିବା ଅନ୍ୟ ଏକ ବିଲ୍ଡିଂ ଭିତରେ ଡାଇରେକ୍ଟରଙ୍କ କୋଠରୀ । ତଳ ତାଲାର ଲମ୍ବା କରିଡର ଅତିକ୍ରମ କରି ଶେଷମୁହଁରେ ଥିବା ଅପେକ୍ଷାକୃତ ଓସାରିଆ ହଲ୍‌ଭିତର କାନ୍ଥ ମୋଟା କାଚର । ଲମ୍ବା ଲମ୍ବା ପରଦାମାନ ଓହଳା ଯାଇଛି । ଲମ୍ବା-ଓସାରିଆ ଭବ୍ୟ ସୋଫା, ବେଲଜିଅମ କାଚର ଗ୍ଲାସ, ଟିକ୍-କାଠର ଚା ପିଆ ମେଜ, ସୁଗନ୍ଧିତ ପରିବେଶ । ମୋଟ ଉପରେ ଓଡିଶାର ଏକ ନମ୍ବର ମାନ୍ୟତା ପ୍ରାପ୍ତ ଇଂଜିନିୟରିଂ କଲେଜ ଭାବେ ଆଗନ୍ତୁକଙ୍କ ପାଇଁ ଅତୀବ ଆକର୍ଷଣୀୟ ସ୍ୱାଗତ କକ୍ଷ ଥିଲା । ପରଦା ଆଡେଇ ଆମେ ଭିତରେ ପଶିଲୁ ।

ଭିତରେ ପଶୁ ପଶୁ ଦ୍ୱାର ପାର୍ଶ୍ୱରେ ଟଙ୍ଗା ଯାଇଥିବା କାଚ ଆବରଣରେ ଆବଦ୍ଧ ଗୋଟିଏ ଫୋଟଚିତ୍ର ଉପରେ ମୋ ଧ୍ୟାନ ଯାଇଥିଲା । କ୍ଷଣକ ପାଇଁ ମୁଁ ସେଇଠି ଅଟକି ଯାଇ ତାକୁ ଦେଖିବାରେ ଲାଗିଥିଲି । ଫୋଟ ଚିତ୍ର ମନୋଜର ଥିଲା । ତା ଉପରେ ଶୀର୍ଷକ ଥିଲା – ଏ ବର୍ଷର ଶ୍ରେଷ୍ଠ ଛାତ୍ର ।

ଏହି ବର୍ଷ କଲେଜ ଖୋଲିଲା ପରେ ଏଠାକୁ ଆସୁ ଆସୁ ମନୋଜର ଫୋନ୍ ଯାଇଥିଲା, 'ବାବା, ଗୁଡ୍‌ନିଉଜ୍ । ମୁଁ ଏ ବର୍ଷର ଶ୍ରେଷ୍ଠ ଛାତ୍ର ବଛା ହେଇଛି । ପ୍ରାଇଜ୍ ମିଳିନି । କଲେଜ ଆନୁଏଲ୍‌ଡେ ରେ ଦିଆଯିବ ।'

ପୁଣି ଆଉଥରେ ଘରେ ହର୍ଷର ପରିବେଶ ଥିଲା । ସରୋଜ ଫୋନ୍‌କରିଥିଲା, 'ବାବା, ଶୁଣିଲଣି ? ମନୋଜ ଶ୍ରେଷ୍ଠ ଛାତ୍ର ।'

ଇଲିଆନସ୍‌ରୁ ତା ମାମୁଁ ଫୋନ କରିଥିଲେ, 'ଭାଇନା ଶୁଣିଲଣି, ମନୋଜ ଏ ବର୍ଷର ଶ୍ରେଷ୍ଠ ଛାତ୍ର ।'

କଣ ହେଲା ମନୋଜର ? କୁଆଡେ ଗଲା ସେ ? କୁଆଡେ ଗଲା ତାର ଶ୍ରେଷ୍ଠତାର

Download Magazine from www.aahwaan.com

ପ୍ରଦର୍ଶନ ?

ମୋତେ ଦ୍ୱାର ମୁହଁରେ ଅଟକି ଯାଇଥିବାର ଦେଖି ପ୍ରଫେସର ପଛକୁ ଫେରିଲେ । ମୋ କାନ୍ଧରେ ହାତ ରଖିଲେ । ସହାନୁଭୁତିର ସ୍ୱରରେ କହିଲେ, "ଆସନ୍ତୁ, ଭିତରକୁ ଯିବା ।"

ଡାଇରେକ୍ଟର ଅପେକ୍ଷାକୃତ ଜଣେ ଶାନ୍ତ, ଭଦ୍ର ଆଚରଣର ପୌଢ ବ୍ୟକ୍ତି ଥିଲେ । ମୋ ପରିଚୟ ପାଇ କହିଲେ, "ପୋଲିସ୍ ଇନ୍‌ସପେକ୍ଟର ଆସୁଛନ୍ତି । କାଲି ଆମ ଉପସ୍ଥିତିରେ ତା କୋଠରୀର ତାଲା ଭଙ୍ଗାଯାଇ ଯାହା ବାହାରିଛି, ତାକୁ ସିଜ୍‌କରି ନେଇଛନ୍ତି । ସେ ଆସି ଆପଣଙ୍କୁ କହିବେ ।"

କିଛି ସମୟ ପରେ ଇନ୍‌ସପେକ୍ଟର ଆସିଲେ । ଆମକୁ ଦେଖୁ ଦେଖୁ କହିଲେ, "ଆମ ମୋବାଇଲ ଟ୍ରାକିଂରେ କିଛି ସଫଳତା ମିଳୁନି । ବାରମ୍ବାର ସୁଇଚ୍ ଅଫ୍ ଦେଖଉଛି ।"

ମୋତେ ଚାହିଁ କହିଲେ, "ଖଟ, ଶେଯ, ଚେୟାର, ଟେବୁଲ ବ୍ୟତୀତ ଟେବୁଲ ଉପରେ ଲାପ୍‌ଟପ୍ ଓ ତଳେ ଜୋତା ଥିଲା । ଖଟ ଉପରେ ସାର୍ଟ-ପେଣ୍ଟ ପଡିଥିଲା । ଆଉ ସବୁ କିଛି ଗତାନୁଗତିକ ଭାବରେ ରହିଥିଲା । ଯାହା ସବୁଠୁ ଖରାପ, ତାହା ଥିଲା ତା ସୁଟକେଶ୍ ଭିତରୁ ବାହାରିଥିବା କିଛି ନାଲି, ନେଳି ରଙ୍ଗର ଔଷଧ କେପସୁଲ୍ । ଗୋଟିଏ ବ୍ୟାଙ୍କ ଲକର୍‌ଚାବି ଓ ଜଣେ ସୁନ୍ଦରୀ ତରୁଣୀର ଫୋଟ, ଏଠାକାର ଏକ ନାଇଟ କ୍ଲବରେ ନାଚ କରେ ।"

ଶୁଣୁ ଶୁଣୁ ମୋ ମୁଣ୍ଡରେ ଟ୍ୟାକସି ଡ୍ରାଇଭର କହିଥିବା କଥା ମନେ ପଡିଗଲା । ଶିହିରି ଉଠିଲି ମୁଁ । ମନୋଜ ଡ୍ରଗ୍‌ବ୍ୟବହାର କରୁଥିଲା ? କାହିଁ, କେବେ ତ ତା କଥାବାର୍ତ୍ତାରେ ଜଣା ପଡୁ ନଥିଲା ।

ସେଥିରେ ପୁଣି ଲକର୍, ଜଣେ ନାଚବାଲୀର ଫଟୋ ?

ଫଟୋକୁ ଦେଖେଇ ଇନ୍‌ସପେକ୍ଟର କହିଲେ, "ଇଏ ସେଇ ଫଟୋ । ତା ସହ ଆପଣଙ୍କ

Download Magazine from www.aahwaan.com

ପୁଅର ବନ୍ଧୁତା ଥିବା କଥା ଆପଣଙ୍କୁ କିଛି କହିଛି କି ?”

ଉତ୍ତର ପ୍ରଫେସର ଦେଇଥିଲେ, “ଗଲା ବର୍ଷ ଆମ କଲେଜ ଡ୍ରାମାରେ ଯାକୁ ଡକା ଯାଇଥିଲା । ଲିଡିଙ୍ଗ ରୋଲରେ କିଏ ନ ମିଳିବାରୁ ।”

ଗଲା ବର୍ଷର ଡ୍ରାମା ବିଷୟରେ ସେ ଘରେ କଥା ହୋଇଥିଲା । କିନ୍ତୁ, ତାର ନାୟିକା ସହ ଯେ ସେ ସମ୍ପର୍କ ରଖିଛି ସେ ବିଷୟ ମୁଁ ଜାଣି ନଥିଲି । ମୁଁ ଇନ୍‌ସପେକ୍ଟରଙ୍କ ଅନ୍ୟ ତଥ୍ୟ ଉପରେ ପ୍ରଶ୍ନ ଗୁଡିକର ଉତ୍ତର ମଧ୍ୟ ଦେଇ ପାରି ନଥିଲି । ତାଙ୍କ ଓ ପ୍ରଫେସରଙ୍କ ପ୍ରଶ୍ନବାଚୀ ନୟନର ସାମ୍ନା କରିବାକୁ ସୁଦ୍ଧା ମୋ ମନରେ ସାହାସ ନଥିଲା ।

ହୋଟେଲରୁ ଆଣିଥିବା ଫୋନ ନମ୍ବରକୁ ମୁଁ ତାଙ୍କୁ ଦେଖେଇଥିଲି । ମୋତେ ଫୋନ କରି ଯାହା କୁହା ଯାଇଥିଲା, ତାକୁ ବି କହିଲି । ମୋ ହାତରୁ କାଗଜକୁ ନେଇ ସେ କିଛି ସମୟ ଦେଖିଲେ । ପରେ କିଛି ମନେ ପଡିଲା ଭଳି ଡାଇରେକ୍ଟରଙ୍କୁ ଚାହିଁ କହିଲେ, “ଇଏ ଆପଣଙ୍କ ଅଫିସ ନମ୍ବର ।”

ଡାଇରେକ୍ଟର ସେ କାଗଜକୁ ନେଇ ଦେଖିଲେ ଓ ଆଶ୍ଚର୍ଯ୍ୟ ହୋଇ ସ୍ୱଗତୋକ୍ତି କଲେ, “ମୋ ଅଫିସ ନମ୍ବରରୁ ଫୋନ ?”

ଇନ୍‌ସପେକ୍ଟର ତାଙ୍କୁ କହିଲେ, “ଏବେ ଆପଣଙ୍କ ଅଫିସ ମଧ୍ୟ ମୋ ତଦନ୍ତ ପରିସରକୁ ଆସିଗଲା ।”

ପୁଣି ମୋତେ ଚାହିଁ କହିଲେ, “ଆପଣ ହଠାତ ଯିବେନି । ଡ୍ରଗ୍‌ସ ବାହାରିଛି, ଅର୍ଥ କିଛି ଗୁରୁତ୍ୱର । ଲକର ଖୋଲିଲା ବେଳେ ଆପଣଙ୍କ ଉପସ୍ଥିତି ଦରକାର ପଡ଼ିପାରେ । ଆମେ ମାଜିଷ୍ଟ୍ରେଟଙ୍କ ଅନୁମତି ଆଣି ଲକର ଖୋଲିବୁ ।”

ମୋ ଅବସ୍ଥା ଜଣେ ଘଟଣାସ୍ଥଳରେ ଧରା ପଡିଯାଇଥିବା ଚୋର ଭଳି ଥିଲା ।

ପ୍ରଫେସରଙ୍କ, ଡାଇରେକ୍ଟରଙ୍କ ମୁହଁର ରଙ୍ଗ ବି ବଦଳି ଯାଇଥିଲା । ଧକ୍କା ଉପରେ ଧକ୍କା ଆମମାନଙ୍କ ବିଶ୍ୱାସରେ ଆସି ବାଜୁଥିଲା । ଆମ ପାଟିରେ ଭାଷା ନଥିଲା । କେମିତି ଥାଆନ୍ତା ? ତୃତୀୟ ବର୍ଷର ଶ୍ରେଷ୍ଠ ଛାତ୍ର ଚତୁର୍ଥ ବର୍ଷରେ ଯେ ନକାରାତ୍ମକ ସ୍ଥିତିକୁ ଆସିଯିବ, କିଏ ଅବା ବିଶ୍ୱାସ କରି ପାରିବ ?

ଡାଇରେକ୍ଟର ତାଙ୍କୁ ଅନୁରୋଧ କରୁଥିଲେ, "ଦୟାକରି ଏ ବିଷୟରେ କାହାକୁ କିଛି କହିବେନି । କଲେଜର ପ୍ରତିଷ୍ଠାର ପ୍ରଶ୍ନ ।"

ଇନ୍‌ସପେକ୍ଟର ତାଙ୍କ କଥାର କିଛି ଉତ୍ତର ନ ଦେଇ ଉଠି ଠିଆ ହେଲେ ।

ତାଙ୍କ ଯିବା ପରେ ସେମାନଙ୍କ ଠାରୁ ବିଦା ନେଇ ମୁଁ ହଷ୍ଟେଲ ମୁହାଁ ହେଲି । ଟ୍ୟାକସିରୁ ଓହ୍ଲାଉଛି, ସିଡିର ଉପର ମୋଡରେ ପୁଣି ସେହି ଚେହେରା ମୋତେ ଦେଖାଗଲା । କିଏ ଜଣେ ଉଙ୍କି ମାରି ମୋତେ ଦେଖୁଥିଲା । ଆଜି ଆଉ ମୁଁ ତାକୁ ଉପେକ୍ଷା କରି ପାରିଲିନି । ହଷ୍ଟେଲ ଭିତରକୁ ଗଲି । ସିଡି ଚଢି ମନୋଜର କୋଠରୀ ଆଡେ ପୁଣି ଅଗ୍ରସର ହେଲି । ସିଡି ଶେଷରେ ଜଣେ ଠିଆ ହୋଇଥିଲେ । ପତଳା ଚେହେରା, ଗୋଜିଆ ନାକ, କୁଞ୍ଚି କୁଞ୍ଚି ବାଳ । ବଡ ବଡ ଆଖି । ମୋତେ ହଠାତ୍ ପାଖରେ ପାଇ ହତଭମ୍ବ ହେଇଗଲା ଭଳି ଅନୁଭବ ହେଲା ।

କହିଲି, "ମୁଁ ମନୋଜର ବାପା । କିଛି କହିବ କି ତମେ ତା ବିଷୟରେ ?"

ମୁଣ୍ଡ ହଲେଇ ମନା କରି ଦେଇ ସେ ତା କୋଠରୀ ଭିତରେ ପଶିଗଲା । କବାଟ ବନ୍ଦ କରିବାକୁ ସେ ସୁଯୋଗ ପାଇଲାନି । ପଛେ ପଛେ ମୁଁ ପଶିଲି । ସେହି ଜଣକିଆ କୋଠରୀ । ଇତସ୍ତତଃ ବିଚ୍ଛାଡି ହୋଇ ପଡିଥିବା ଆସବାବ ପତ୍ର । କିଛି ଉପାୟ ନ ଦେଖି ପିଲାଟି ମୋତେ ଚୌକି ଦେଲା ବସିବା ପାଇଁ । ନିଜେ ଖଟରେ ବସିଲା । କିଛି ନ କହି ମୁଣ୍ଡ ତଳକୁ କରି

Download Magazine from www.aahwaan.com

ରହିଲା ।

ମୁଁ ହିଁ ଆରମ୍ଭ କଲି, "ତମେ ଯଦି କିଛି ଜାଣିଛ, ମୋ ସହ ସେୟାର କର । ତମ କଥା ଆମକୁ ତାକୁ ଖୋଜିବା ପାଇଁ ସାହାଯ୍ୟ କରିବ ।"

ସେ ରହି ରହି କହିଲା, "ପୋଲିସ୍ ମୋତେ ଧରିବ ।"

"ମୁଁ ତମ ନାଁ କହିବିନି । ତମେ ମୋତେ କୁହ ।"

"ମନୋଜ ଡ୍ରଗ୍ସ ବିକୁଥିଲା ।"

କିଛି କ୍ଷଣ ପାଇଁ ଭୁଲି ଯାଇଥିବା କଥା ମୋ ମାନସ ପଟଳରେ ସେ ଆଉଥରେ ସେ ବିଷୟରେ ମନେ ପକେଇ ଦେଇଥିଲା । ହଠାତ ମୁଁ କିଛି କହି ପାରିଲିନି ।

ମୋତେ ଚୁପ୍ ରହିଯାଇ ଥିବାର ଦେଖି ସେ ପୁଣି କହିଲା, "ଇଏ ମୋପାଇଁ ଅତି ଆଶ୍ଚର୍ଯ୍ୟ ଥିଲା । ମୁଁ ଦିନେ ଦେଖିଥିଲି । ସେ ଜଣେ ଲୋକାଲ୍ ଟୋକା ସହ କିଛି ଦିଆନିଆ କରୁଥିଲା । ମୋତେ ଦେଖି ଦୁହେଁ ଚୁପ୍ହେଇ ଯାଇଥିଲେ । ତା ପରେ ଦିନେ ମୁଁ ସ୍ପଷ୍ଟ ଦେଖିଥିଲି, ତାକୁ ସେହି ଡ୍ରଗ୍ସ ଯୋଗାଏ ଏଇ କଲେଜର ଜଣେ ଜୁନିୟରକୁ । ଆପଣ କିନ୍ତୁ ପୋଲିସ୍କୁ ମୋ କଥା କହିବେନି । ମୋ କ୍ୟାରିୟର ନଷ୍ଟ ହୋଇଯିବ ।"

ଏହି କଲେଜରେ ଡ୍ରଗ୍ସ କାରବାର ଚାଲିଛି ? ସବୁ ନୂଆ ନୂଆ ତଥ୍ୟ ମୋ ମୁଣ୍ଡ ଭିତରେ ଆସି ପଶୁଥିଲା । ମୋତେ ତା ନାଁ ବି ପଚାରିବାକୁ ଇଚ୍ଛା ହେଲାନି । ଛି, ନିହାତି ଭୟାଳୁ ପିଲାଟା । ମୋ ହୃଦୟ ମାନୁ ନଥିଲା । ମିଳୁଥିବା ତଥ୍ୟ ଶୁଣି ମୋ ମୁଣ୍ଡ ଭିତରଟା ଗୋଳେଇ ଘାଣ୍ଟି ହେଉଥିଲା । ମୋ ଦେହରେ ଅଦେଖା କମ୍ପନର ଅନୁଭବ ଅନୁଭୂତ ହେବାକୁ ଲାଗିଲା । ଅଞ୍ଜଳି ଠିକ କହୁଥିଲେ । ସେ ଏ ସମୟରେ ମୋ ପାଖରେ ଥିଲେ ଭଲ ହୋଇଥାନ୍ତା । ଟ୍ୟାକ୍ସି ଭିତରେ ମୁଁ ଅସହାୟ ଅବସ୍ଥାରେ ବସୁଥିଲି । ମୋ ଆଖି ବୁଜି ହୋଇ

Download Magazine from www.aahwaan.com

ଯାଉଥିଲା ।

ଆରମ୍ଭ

ଧୀରେ ଧୀରେ ନକାରାତ୍ମକ ଅନ୍ଧାରର ଆଗମନ ମୋ ଚୈତନ୍ୟର ଆଲୁଅକୁ ଅପସରି ନେଇ ଯାଉଥିଲା । ମୁଣ୍ଡ ଘୁରିବାକୁ ଆରମ୍ଭ ହେଲା । ଏକ ଗମ୍ଭୀର ଅନ୍ଧକାର ଗର୍ତ୍ତ ଭିତରକୁ ଚକ୍ରାକାରରେ ମୁଁ ଠେଲି ହୋଇ ତଳକୁ ତଳକୁ ବିସ୍ତାରି ଯାଉଥିବା ଅନୁଭବ କରୁଥିଲି । ତଳୁ ହଠାତ୍ ଏକ ଦ୍ରୁତ ଚାପର ପ୍ରୟୋଗ ମୋତେ ପୁଣି ଥରେ ଉପର ଦିଗକୁ ଉଠେଇ ଆଣୁଥିଲା । ସ୍ତର ପରେ ସ୍ତର । ପୃଥିବୀ ପୃଷ୍ଠର ସବୁଜ ଗାଲିଚାର କୋମଳତା ଉପରେ ମୁଁ ଭାସି ବୁଲୁଥିଲି । ମୋ ଚେତନା ବିସ୍ତାରିତ ଅବସ୍ଥାରୁ ସଙ୍କୁଚିତ ଅବସ୍ଥା ଭିତରକୁ ପ୍ରବେଶ କରୁଥିଲା । ଭାସମାନ ଶରୀର ସନ୍ତୁଳିତ ହେବାରେ ଲାଗିଥିଲା ।

ଚେତନା ଫେରିଲା ବେଳେ ଅର୍ଦ୍ଧ-ଅନ୍ଧକାର ଆବୃତ କୋଠରୀରେ ମୁଁ ନିଜକୁ ପାଇଥିଲି । ଗୋଟିଏ ଶେଯରେ ମୁଁ ଶୋଇଥିଲି । କିନ୍ତୁ ମୋର ସ୍ପର୍ଶ, ଗନ୍ଧ ଶବ୍ଦର ଅନୁଭୂତ ହୋଇ ପାରୁ ନ ଥିଲା । ତଥାପି ମୁଁ ଦେଖି ପାରୁଥିଲି ।

ଶେଯ ଉପରେ ଉଠି ବସିଲି । ଦ୍ୱାରର କାଚ କବାଟରୁ ବାହାରର ତୋଫା ଆଲୁଅକୁ ମୁଁ ସ୍ପଷ୍ଟ ଦେଖିପାରୁଥିଲି । କବାଟ ଖୋଲି ବାହାରକୁ ଜଣେ ନର୍ସଙ୍କୁ ଯାଉଥିବାର ମୁଁ ଦେଖୁଥିଲି । ଉଠି ଠିଆ ହେଲି । ସାମର୍ଥ୍ୟବାନଙ୍କ ଭଳି ବାହାରକୁ ଆସିଲି । ବାହାରେ ଗୁଡାଏ ଲୋକ ଜମା ହୋଇ କଥାବାର୍ତ୍ତା ହେଉଥିଲେ । ଦି ଜଣ ଡାକ୍ତର ବି ତାଙ୍କ ସହ ଠିଆ ହୋଇଥିଲେ । ନର୍ସ ଜଣଙ୍କ ତାଙ୍କ ପାଖକୁ ଯାଇ ଡାକ୍ତରଙ୍କ କାନରେ କଣ କହୁଥିଲେ । ଡାକ୍ତର ତର ତର ହୋଇ ପଛକୁ ବୁଲିଲେ । ମୋ କୋଠରୀ ଆଡକୁ ଦୌଡିଲା ପ୍ରାୟେ ଆସୁଥିଲେ । ମୁଁ ବାହାରକୁ ବାହାରି ସାରିଥିଲି । କିନ୍ତୁ ସେମାନେ ମୋ ଆଡେ ଚାହୁଁ ନଥିଲେ । ଜଣକ ପରେ

Download Magazine from www.aahwaan.com

ଜଣେ ଦୌଡିବାରେ ଲାଗିଥିଲେ ।

ସେମାନଙ୍କ ପଛରେ ଅଞ୍ଜଳି ଥିଲେ, ମୀନୁ ଥିଲା, ସରୋଜ ଥିଲା । ଆରେ, ମନୋଜ ବି ସେମାନଙ୍କ ସହ ଥିଲା । ମୁଁ ଚିତ୍କାର କରି ମନୋଜକୁ ଡାକିବାକୁ ଚେଷ୍ଟା କରୁଥିଲି । ମୋ ପାଟିର କଥା ମୋତେ ଶୁଣା ଯାଉ ନ ଥିଲା । ମୋ ଆଡକୁ ଦୌଡି ଆସୁଥିବା ମନୋଜକୁ ମୁଁ ଜାବୁଡି ଧରିବାକୁ ଚେଷ୍ଟା କରୁଥିଲି । ମୁଁ ତାକୁ ଧରି ପାରୁ ନଥିଲି, ସେ ମୋତେ ଡେଇଁ ଆଗକୁ ପଳେଇଗଲା । ସମସ୍ତେ ମୋତେ ବାହାରେ ଛାଡି କୋଠରୀ ଭିତରକୁ ପଶିଗଲେ । ସମସ୍ତଙ୍କ ପଛେ ପଛେ ମୁଁ ବି ଗଲି । ଡାକ୍ତର ମୋ ଖଟ ପାଖରେ ଠିଆ ହୋଇଥିଲେ । ଅଞ୍ଜଳି, ମୀନୁ, ସରୋଜ, ମନୋଜ ଜୋର ଜୋରରେ କାନ୍ଦୁଥିଲେ ।

ଖଟର ଶେଯରେ ମୁଁ ଶୋଇଥିଲି, ପ୍ରଶାନ୍ତମୟ ମୁଖା କୃତିରେ, ଚିରନିଦ୍ରାରେ ।

ସମାପ୍ତ

ପ୍ଲଟ ନଂ ୧୦୦୧, ୨ୟ ତୋଟା ସାହି, ବିଜିପୁର,
ବ୍ରହ୍ମପୁର-୭୬୦୦୦୫ ।

Download Magazine from www.aahwaan.com

ହୃଦୟର ଭାଷା

ବିଜୟ କୁମାର ପଣ୍ଡା

ଦକ୍ଷିଣ ପୂର୍ବତଟ ରେଳବାଇ ଅନ୍ତର୍ଗତ ଛୋଟିଆ ଷ୍ଟେସନଟିଏ ରାଣିତାଲ । ଷ୍ଟେସନ ପାଖାପାଖି ତହସିଲ ଅଫିସ, ପୋଲିସ ଥାନା, ଡାକ୍ତରଖାନା ଆଦି ସରକାରୀ କାର୍ଯ୍ୟାଳୟ ଅବସ୍ଥିତ । ଷ୍ଟେସନପାଖ ବଜାରରେ ନିତ୍ୟଦିନ ଜୀବନଯାପନ ପାଇଁ ପ୍ରାୟ ସବୁ ପ୍ରକାରର ଦ୍ରବ୍ୟ ଉପଲବ୍ଧ । ଷ୍ଟେସନରୁ ଦଶ କିଲୋମିଟର ଦୂରରେ ମଫସଲି ଗାଁ ପାଟୁଳିରେ ପ୍ରଶାନ୍ତର ଜନ୍ମ । ଅଙ୍କାବଙ୍କା ମାଟି ସଡକଟିଏ ଲମ୍ବିଯାଇଥାଏ ଷ୍ଟେସନରୁ ଗାଁକୁ । ନଦୀ ନାଳ, କ୍ଷେତ ବାଡି ଆଉ ସବୁଜିମାରେ ଭରା ଚତୁର୍ପାର୍ଶ୍ୱ ଭାରି ମନଲୋଭା । ବଜାରକୁ ଯାତାୟାତ ପାଇଁ ମୁଖ୍ୟତଃ ସାଇକେଲର ବହୁଳ ବ୍ୟବହାର କରନ୍ତି ଗାଁ ଲୋକମାନେ । ମାଟି ରାସ୍ତାର ଅବସ୍ଥା ଯାହା, ପାଗ ଶୁଖିଲା ଥିଲେ ଲୋକମାନେ ସାଇକେଲ ଉପରେ ଆଉ ପାଗ ଟିକେ ବିଗିଡି ଗଲେ .. ସାଇକେଲ ଲୋକଙ୍କ କାନ୍ଧରେ ବୁହାହୁଏ । ବଜାରରୁ ଗାଁ ଯିବା ରାସ୍ତାରେ ଦୁଇଟି କେନାଲ ପାର ହୋଇ ଯିବାକୁ ପଡେ, ବର୍ଷାଦିନେ ବାଉଁଶର ପୋଲଟିଏ ବନ୍ଧା ହୁଏ କେନାଲ ପାରି ହେବାପାଇଁ । ଗାଁରେ ଚାରିଚକିଆ ଯାନର ସୁବିଧା ନଥିବାରୁ ଆପାତକାଳୀନ ପରିସ୍ଥିତିରେ ଡାକ୍ତରଖାନାକୁ ଲୋକମାନେ ଖଟିଆରେ ବୁହା ହୋଇଯାନ୍ତି । ଗାଁରେ ବିଜୁଳି ଆଲୋକର ସୁବିଧା ନଥିବାରୁ ଲୋକମାନେ ଲଣ୍ଠନ, କିରୋସିନ ବତୀ ଆଦି ଜାଳି ରାତ୍ରିର ଅନ୍ଧକାର ଦୂର କରନ୍ତି । କଣ୍ଟ୍ରୋଲ ଦୋକାନରୁ ରାସନ କାର୍ଡ ଯୋଗେ କିରୋସିନ କିଣାଯାଇ ଘରେ ମହଜୁତ ରଖାଯାଏ ଆପାତକାଳୀନ ପରିସ୍ଥିତି ପାଇଁ ।

ପ୍ରଶାନ୍ତର ପରିବାର କହିଲେ ଦୁଇ ଭଉଣୀ, ବଡ ଭାଇ ପ୍ରବୀଣ ଆଉ ବିଧବା ମା ।

Download Magazine from www.aahwaan.com

ପ୍ରଶାନ୍ତ ବାପଛେଉଣ୍ଡ ପିଲାଟି ଦିନରୁ, ସେ ମା' ପେଟରେ ଥିଲା ବେଳେ ହିଁ ତାର ବାପା ଟି . ବି ରୋଗରେ ଆକ୍ରାନ୍ତ ଥିଲେ । ପ୍ରଶାନ୍ତ ଜନ୍ମ ହେବାର କେଇ ମାସ ଭିତରେ ତାର ବାପା ପ୍ରାଣ ହରାଇଲେ । ବାପଙ୍କ ସ୍ନେହରୁ ସେ ବଞ୍ଚିତ । ବଡ ଭାଇ ପ୍ରବୀଣ, ମାଟ୍ରିକ ପାସପରେ ଚାଷକାମରେ ଲାଗିଯାଏ । ଚାଷ ଜମି ବୋଲି ମାତ୍ର ଛ ଗୁଣ୍ଠ, କେତେ ବା ସେଥିରେ ଧାନ ଅମଳ ହେବ ! କିଛି ମାସ ପାଇଁ ଚାଉଳ ଆଉ ଘର ଛାଉଣି ପାଇଁ ଛଣ ମିଳିଯାଏ । ପ୍ରଶାନ୍ତର ମା ବହୁତ ଭଲ ମୁଢି ଭାଜନ୍ତି, ସେ ଅଞ୍ଚଳରେ ପ୍ରାୟ ସମସ୍ତଙ୍କ ଘରେ ସକାଳେ ସଞ୍ଜେ ଜଳଖିଆ କହିଲେ ମୁଢି ହିଁ ପ୍ରଥମ ପସନ୍ଦ । ମୁଢିକୁ ନେଇ କେତେ ପ୍ରକାର ଯେ ଖାଦ୍ୟ ତିଆରି ନହୁଏ । ପିଲାରୁ ବୁଢା ଯାଏଁ , ଆମିଷ ଭୋଜନକାରୀ ଠୁଁ ନିରାମିଷାଶୀ ସମସ୍ତଙ୍କର ମୁଢି ହିଁ ଦରକାର ହୁଏ । ଏମିତିକି ମାଂସ ଝୋଳରେ ମୁଢି ପକେଇ ଅତି ଆନନ୍ଦରେ ଖାଇ ନିଅନ୍ତି ଲୋକମାନେ । ଆଉ ପ୍ରଶାନ୍ତର ମା ସେହି ମୁଢିକୁ ବ୍ୟବସାୟ ଭାବରେ ଧରିନିଅନ୍ତି ଜୀବନ ନିର୍ବାହ କରିବାର ଏକ ପନ୍ଥା ଭାବି । ଘରେ ଦୁଇଟି ବାଢୁଅ ଝିଅ ସାଙ୍ଗକୁ ଦୁଇଟି ପୁଅ, ସମସ୍ତଙ୍କର ଦାୟିତ୍ୱ ତାଙ୍କ ଉପରେ । ଉଷା ,ପର୍ବ, ଯାନୀ, ଯାତରା ସବୁ କିଛିର ଖର୍ଚ୍ଚ ସେଇଥିରୁ ହିଁ ଉଠାନ୍ତି । ଗାଁରେ ତ ସମସ୍ତେ ନିଜ ଘରେ ନିଜେ ମୁଢି ତିଆରି କରନ୍ତି ତେଣୁ ଗାଁରେ ସେମିତି କିଛି ବ୍ୟବସାୟ ହୁଏନି । ମୁଢି ବସ୍ତାକୁ ମୁଣ୍ଡରେ ବୋହି ଷ୍ଟେସନ ପାଖବଜାରକୁ ପ୍ରତିଦିନ ଚାଲିଚାଲି ଯାଆନ୍ତି ମୁଢି ବିକ୍ରି କରିବାକୁ । ଖରା,ବର୍ଷା, ଶୀତ ପବନକୁ ଖାତିର ନଥାଏ ତାଙ୍କର, ଆଖିରେ ଆଖିଏ ସପନ ଯେ ଦୁଇ ଝିଅଙ୍କର ବାହାଘର କରେଇବେ ଆଉ ପ୍ରଶାନ୍ତକୁ ପାଠ ପଢେଇ ବଡ ମଣିଷ କରିବେ । ବଜାରରେ କିଛି ଚାକିରିଆ ଲୋକଙ୍କ ଘରେ ମୁଢି ଯୋଗେଇ ଦିଅନ୍ତି, ବଜାର ଯିବା ଆସିବା ରାସ୍ତାରେ କିଛି ବିକ୍ରି ବି ହେଇଯାଏ । ଏମିତି ମୁଢି ବିକ୍ରିକରି ଯାହା କିଛି ଟଙ୍କା ଅର୍ଜନ କରନ୍ତି, ସେଥିରେ କଷ୍ଟେ ମଷ୍ଟେ ଘର ଚଳିଯାଏ ।

Download Magazine from www.aahwaan.com

ଗାଁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ,ଟଙ୍କା ଅଭାବରୁ ପ୍ରଶାନ୍ତ କେବେ ବି ଟ୍ୟୁସନ ଯାଏନି ହେଲେ ବି ପ୍ରଥମରୁ ସପ୍ତମ ଶ୍ରେଣୀଯାଏଁ ସବୁ ପରୀକ୍ଷାରେ ତା'ର ସ୍ଥାନ ପ୍ରଥମ । ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଅଶି ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହେଲାପରେ,ଗାଁ ପାଖ ଉଚ୍ଚ ବିଦ୍ୟାଳର ପ୍ରଧାନ ଶିକ୍ଷକଙ୍କୁ ଭେଟି ଅଷ୍ଟମ ଶ୍ରେଣୀରେ ପ୍ରଶାନ୍ତର ନାମ ଲେଖାଇ ଦେଲେ ତାର ବଡ ଭାଇ । ପ୍ରଶାନ୍ତ ବିଷୟରେ ସବୁ ଜାଣି ବହୁତ ଖୁସି ହେଲେ ପ୍ରଧାନ ଶିକ୍ଷକ, ବାକି ଶିକ୍ଷକଙ୍କୁ ଡାକି ପ୍ରଶାନ୍ତ ଭଳି ଜଣେ ମେଧାବୀ ଛାତ୍ର ଆମ ସ୍କୁଲରେ ନାମ ଲେଖାଇଛି ବୋଲି ନିଜର ଖୁସି ପ୍ରକାଶ କଲେ । ଦଶମ ଶ୍ରେଣୀରେ ବହୁତ ଭଲ ନମ୍ବର ରଖି ପାସ କଲେ ଇଂଜିନିୟରିଂ ପଢିବ ବୋଲି ପ୍ରଶାନ୍ତ ମାର ବହୁତ ବଡ ଆଶା ଥାଏ । ପ୍ରତି ସୋମବାର ସକାଳୁ ଗାଁ ପାଖ ମହାଦେବ ମନ୍ଦିରରେ ପ୍ରଶାନ୍ତର ମା ମହାଦେବଙ୍କ ଉପରେ ପାଣି ଚଢାନ୍ତି ପରିବାର ସୁଖଶାନ୍ତି ପାଇଁ ଆଉ ଖାସ କରି ପ୍ରଶାନ୍ତ ବେଶୀ ପାଠ ପଢି ବଡ ଚାକିରିଟେ ପାଉ ଆଉ ଭଲ ମଣିଷଟେ ହେଉ ସେଥିପାଇଁ ପ୍ରଭୁଙ୍କୁ ଗୁହାରି କରନ୍ତି । ପ୍ରଶାନ୍ତ ଜଣେ ମେଧାବୀ ଛାତ୍ର ବୋଲି ସେ ଗାଁ ଲୋକଙ୍କର ପ୍ରଶଂସାର ପାତ୍ର । ମୁଢିବାଲିର ପୁଅ କି ସୁନ୍ଦର ପାଠ ପଢୁଛି ! ବଡ ଚାକିରିଟେ ନିଶ୍ଚୟ କରିବ ଆଉ ତ ମା'ର ସବୁ ଦୁଃଖ ଦୂର କରିବ ଏକଥା ସମସ୍ତଙ୍କ ତୁଣ୍ଡରେ ଥାଏ । ଗାଁକୁ ବିଜୁଳି ଆସିନଥିବାରୁ ଟେଲିଭିଜନରେ ଖବର ଦେଖିବା ଆଉ କ୍ରିକେଟ ଖେଳ ଦେଖିବାର ଇଚ୍ଛା କେବେ ପୂରଣ ହୁଏନି । ରେଡିଓରୁ ଖବର ପ୍ରସାରଣରୁ ଦେଶ ଦୁନିଆର ଖବର ଆଉ କ୍ରିକେଟ ମ୍ୟାଚ ଦିନ ଆକାଶବାଣୀରୁ ସିଧା ପ୍ରସାରଣ ଶୁଣି କ୍ରିକେଟର ସବୁ ଖବର ସେ ଜାଣିନିଏ । ସାଧାରଣ ଜ୍ଞାନ ବହି ସବୁ ପଢିବାରେ ବହୁତ ପସନ୍ଦ ତା'ର, ସେଥିପାଇଁ ବିଦ୍ୟାଳୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ତାର ସ୍ଥାନ ପ୍ରଥମ ଥାଏ, ବ୍ଲକ ସ୍ତରୀୟ ଶିଶୁ ମେଳାରେ ବି ପୁରସ୍କାର ପାଇଛି । ପାଠ ପଢା ସାଙ୍ଗେ ଗାଁ ପିଲାମାନଙ୍କ ସହ ମିଶି ଖେଳକୁଦରେ ବି ପ୍ରଶାନ୍ତ ଭାଗ ନିଏ । ଟିକେ ଟିକେ ଦୃଷ୍ଟାମି କାମ

Download Magazine from www.aahwaan.com

ଯେମିତି ସାଙ୍ଗ ମାନଙ୍କ ସହ ମିଶି ଲୁଚିଲୁଚି କାହା ବାଡିରୁ ପିଜୁଳି ଚୋରୀ କରି ଖାଇବା, ଆମ୍ବ ତୋଟାରୁ ଆମ୍ବ ଚୋରୀ ଏସବୁର ମଜା ନିଏ ପ୍ରଶାନ୍ତ । ଏମିତି ଛୋଟ ଛୋଟ କଥାକୁ ଗାଁ ଲୋକମାନେ ଅଣଦେଖା କରିଦିଅନ୍ତି ।

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପଞ୍ଚାଅଶି ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା ପ୍ରଶାନ୍ତ । ବିଦ୍ୟାଳୟ ଆରମ୍ଭଠାରୁ କେହି ବି ଜଣେ ଛାତ୍ର ଏତେ ଅଧିକ ନମ୍ବର ରଖିନଥାନ୍ତି ଆଉ ସେଥିପାଇଁ ଶିକ୍ଷକ ମାନେ ପ୍ରଶାନ୍ତ ପାଇଁ ବହୁତ ଗର୍ବ ଅନୁଭବ କରନ୍ତି । ଇଂରାଜୀ ବିଭାଗର ଶିକ୍ଷକ ତାକୁ ବହୁତ ଅଧିକ ଭଲପାନ୍ତି ସେଥିପାଇଁ ପ୍ରଶାନ୍ତ କେମିତି ଭଲ କଲେଜରେ ନାମ ଲେଖେଇ ପାରିବ ସେସବୁରେ ସାହାଯ୍ୟ କରନ୍ତି ଆଉ ବହୁତ ଭଲ ମାର୍କ ରଖିଥିବାରୁ ପ୍ରଶାନ୍ତକୁ ଫକୀରମୋହନ ସରକାରୀ କଲେଜରେ ଯୁକ୍ତ ଦୁଇ ବିଜ୍ଞାନରେ ଆଡ଼ମିସନ ମିଳିଯାଏ । ଛାତ୍ରାବାସରେ ରହିବା ପାଇଁ ବି ଯାହା ଖର୍ଚ୍ଚ ଦରକାର ପଡୁଥିଲା ତାହା ଯୋଗେଇଦେବା ପାଇଁ କଷ୍ଟ ହୋଇ ପଡୁଥିଲା ପ୍ରଶାନ୍ତର ମା ପାଇଁ । ଗରିବ ମେଧାବୀ ଛାତ୍ରମାନଙ୍କ ପାଇଁ ସରକାରଙ୍କ ତରଫରୁ କିଛି ରିହାତି ମିଳିପାରିବ ବୋଲି ପ୍ରଶାନ୍ତ ବୁଝାବୁଝି କରି ୩୦୦ ଟଙ୍କା ଯାଏଁ ମାସିକ ରିହାତିର ସୁବିଧା ପାଇଲା । ଏମିତି ଦୁଇବର୍ଷ ସଂଘର୍ଷ ପରେ ପ୍ରଶାନ୍ତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା । ପ୍ରଶାନ୍ତର ମା'ର ମନରେ ଅସରନ୍ତି ସ୍ୱପ୍ନ ଆଉ ଅସୁମାରି ଆଶା । ପୁଅ ଏଥର ଇଂଜିନିୟରିଂ ପଢିବ, ବଡ ଚାକିରୀ କରିବ ଆଉ ତାର ନାଁ ରଖିବ । ବଡ ଘର,ଗାଡି ଏସବୁରେ ଲୋଭ ନଥାଏ, ପୁଅକୁ ସଫଳ ମଣିଷଟେ ହେବାର ଦେଖିଲେ ତା ସ୍ୱପ୍ନ ସାକାର ହେବ, ଏତିକି କାମନା ଥାଏ ତାଙ୍କର ।

ଇଂଜିନିୟରିଂ ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି ପାଇଁ ଯେତେ ଟଙ୍କା ଦରକାର ସବୁ ସେ କେମିତି ବି ଯୋଗାଡ କରିଦେବେ, ଖାଲି ମନଦେଇ ପଢାପଢି କର ବୋଲି ପ୍ରଶାନ୍ତକୁ

Download Magazine from www.aahwaan.com

ବୁଝାଉଥିଲେ ତା'ର ମା , କିନ୍ତୁ ମା'ର ଏ ଅବସ୍ଥାକୁ ଦେଖି ବହୁତ କଷ୍ଟ ଲାଗୁଥାଏ ପ୍ରଶାନ୍ତର । ନିଜ ମା'କୁ ଏତେ କଷ୍ଟ ଦେଇ ପାଠପଢି ବା କି ସୁଖପାଇବ ବୋଲି ମନରେ ମନରେ ନିଜକୁ ଅସହାୟ ମନେକରେ । ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି ବେଳେ ପ୍ରଶାନ୍ତର ଘରର ପରିସ୍ଥିତି ଶୁଣି, ଶିକ୍ଷକ ତାଠାରୁ କେବଳ ୫୦ ପ୍ରତିଶତ ହିଁ ପାଉଣା ନିଅନ୍ତି ଆଉ ତା'ର ପଢାପଢିରେ ଭଲ ଧ୍ୟାନ ଦିଅନ୍ତି ।

ଦେବୀ ସରସ୍ୱତୀ ଯାହାକୁ ଆଶୀର୍ବାଦ କରିଛନ୍ତି ଆଉ ପରୀକ୍ଷାରେ ଅସଫଳ ହେବାର ସମ୍ଭାବନା କେମିତି ବା ଆସିବ ! ଆର. ଇ. ସି ବୁର୍ଲା ମହାବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ଚୟନ ହୁଏ ପ୍ରଶାନ୍ତର । ନାମଲେଖା ବାବଦକୁ ୨୦ ହଜାର ଟଙ୍କା ଦରକାର ବର୍ଷକୁ, ତା ସହିତ ବହିକିଣା, ଛାତ୍ରାବାସରେ ରହିବା ଖର୍ଚ୍ଚ । ଏତେ ସବୁ ପଇସା କେଉଁଠୁ ଆସିବା ବୋଲି ଭାଳେଣି ପଡେ ପ୍ରଶାନ୍ତର ମା'କୁ । ବ୍ୟାଙ୍କରୁ ଋଣ ନେଇ ପାଠ ପଢିହେବ ବୋଲି ଜାଣିବାକୁ ପାଏ ପ୍ରଶାନ୍ତ କିନ୍ତୁ ସେଥିପାଇଁ ବାଙ୍କରେ ଜମି ପଟା କାଗଜ ଦେବାକୁ ପଡିବ । ଯେତିକି ଜମି ଅଛି ତାର ବାବଦରେ ଋଣ ଦେବାକୁ ବ୍ୟାଙ୍କ ରାଜି ହୁଏନି । ଏମିତି ସାହାଯ୍ୟ ପାଇଁ ଘୁରି ବୁଲୁଥିଲାବେଳେ, ବଜାର ପାଖ ଗୋଟିଏ ସ୍ଥାନୀୟ ସ୍କୁଲରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ ସାର ସାହାଯ୍ୟର ହାତ ବଢାନ୍ତି । ବ୍ରଜ ସାର ଗରିବ ମେଧାବୀ ଛାତ୍ରଙ୍କୁ ସାହାଯ୍ୟ କରିବା ପାଇଁ ଏକ ସଂଗଠନ ଆରମ୍ଭ କରିଥିଲେ, ସେ ଅଞ୍ଚଳରେ ଜଣାଶୁଣା ବ୍ୟକ୍ତି ତଥା ତାଙ୍କର ପୁରୁଣା ଛାତ୍ରମାନଙ୍କ ଠାରୁ କିଛି କିଛି ଅର୍ଥ ସଂଗ୍ରହ କରି ଜମାକରି ସେ ଅର୍ଥକୁ ଗରିବ ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷାରେ ସାହାଯ୍ୟ କରନ୍ତି ଆଉ ପ୍ରଶାନ୍ତ ବିଷୟରେ ସବୁ ଜାଣିବାପରେ ଖୁସି ଖୁସିରେ ତାର ଗ୍ୟାରେଣ୍ଟର ହୁଅନ୍ତି ବ୍ୟାଙ୍କ ଋଣ ପାଇଁ । ସ୍ଥାନୀୟ ବିଧାୟକ ବି ବ୍ୟାଙ୍କ ମାନେଜରକୁ ଅନୁରୋଧ କରନ୍ତି ଆଉ ଶେଷରେ ବ୍ୟାଙ୍କ ଋଣ ପାଇ ଆର. ଇ. ସି. ବୁର୍ଲା ମହାବିଦ୍ୟାଳୟରେ ଇଂଜିନିୟରିଂ ପଢା ଆରମ୍ଭ ହୁଏ ପ୍ରଶାନ୍ତର ।

Download Magazine from www.aahwaan.com

ସାଥି ଅଶୋକ ସହିତ ଭଲ ବନ୍ଧୁତା ହୁଏ ପ୍ରଶାନ୍ତର, ଏମିତି ଥରେ କି ଦୁଇଥର ଯିବା ଆସିବା ହେଇଛି ଅଶୋକର ଘରକୁ ।

ଚାରି ବର୍ଷର କଠିନ ପରିଶ୍ରମ ପରେ ସ୍ୱପ୍ନ ସତ ହେଲା ପ୍ରଶାନ୍ତର । ଶେଷବର୍ଷର କ୍ୟାମ୍ପସକୁ ଡି.ଆର.ଡି.ଓର ବୈଜ୍ଞାନିକ ଭାବରେ ଚାକିରି ମିଳିଲା ପ୍ରଶାନ୍ତକୁ । ପ୍ରଶାନ୍ତର ମା'ର ଖୁସି କହିଲେ ନସରେ । ଯେମିତି ଗୋଟେ ଯୁଗର ତପସ୍ୟା ଫଳ ଆଜି ମିଳିଲା । ଦୀର୍ଘ ୨୦ ବର୍ଷ ହେଲା, ଆଖ ପାଖ ସବୁ ମନ୍ଦିରରେ କେତେ ପୂଜା ପାଠ ନକରିଛନ୍ତି ପ୍ରଶାନ୍ତର ମା । ପ୍ରଶାନ୍ତ ବହୁତ ପାଠ ପଢି ଭଲ ଚାକିରିଟେ କରୁ ଆଉ ଭଲ ମଣିଷଟେ ହେଉ, ଏତିକି ଗୁହାରି କରୁଥିଲେ ପ୍ରଭୁଙ୍କ ଚରଣରେ ଆଉ ଏବେ ସେ ଗୁହାରି ଶୁଣିଛନ୍ତି ଠାକୁରେ । ଦରମା ଯଦିଓ ବହୁତ ବେଶୀ ନଥିଲା କିନ୍ତୁ ଭବିଷ୍ୟତ ଉଜ୍ଜ୍ୱଳ ଥିଲା ।

ଚାକିରି କରିବାର ଗୋଟିଏ ବର୍ଷ ଭିତରେ ବଡ ଭଉଣୀର ବାହାଘର ,ବଡ ଭାଇର ବାହାଘର ସବୁ ଦାୟିତ୍ୱ ତୁଲେଇ ସାରିଥାଏ । ଭାଇ ଭଉଣୀ ମାନଙ୍କ ମଧ୍ୟରେ ସବା ସାନ ହେଲେ ବି ଘରର ମୁରବି ଭଳି ସବୁ ଦାୟିତ୍ୱ ସମ୍ଭାଳି ମା'ର ଦୁଃଖ ଲାଘବ କରେ ।

ଏବେ ପ୍ରଶାନ୍ତ ପକ୍କା ଘରଟିଏ ବି କରି ସାରିଲାଣି ଆଉ ତାର ମା'ର ଖୁସି କହିଲେ ନସରେ । ମା'କୁ ଖୁସି ଦେଖି ତାକୁ ସ୍ୱର୍ଗ ପ୍ରାପ୍ତି ହେଲା ଭଳି ଲାଗେ । ପ୍ରଶାନ୍ତର ମା ଏବେ ସୁନ୍ଦର କନ୍ୟାଟିଏ ଖୋଜିବାରେ ବ୍ୟସ୍ତ, ପ୍ରଶାନ୍ତର ବାହାଘର କରିଦେଇ ସେ ଶାନ୍ତିରେ ନିଶ୍ୱାସ ମାରିପାରିବେ ।

ବିନାୟକ ନଗର, ଏ ବ୍ଲକ, ଏଚ. ଏ. ଏଲ ପୋଷ୍ଟ,

ବାଙ୍ଗାଲୋର -୫୬୦୦୧୭

ଭ୍ରାମ୍ୟଭାଷ -୯୭୩୯୫୯୧୮୧୬

Download Magazine from www.aahwaan.com

ଗୁଜବ

ଗାଳ୍ପିକା ରଞ୍ଜିତା ପାତ୍ର

ଦିନ ଦ୍ୱିପହର, ଲୋକଙ୍କ ଚଳପ୍ରଚଳ ନାହିଁ । ସେଦିନ ରାଧାର ମା' ବସିଥାଏ ରାସ୍ତାକଡ଼ରେ । ଶରୀର ଅର୍ଦ୍ଧ ଅନାବୃତ । ମୁଣ୍ଡରେ ତେଲନାହିଁ କି କୁଣ୍ଡା ମଧ୍ୟ ହୋଇନାହିଁ । କିପରି ବଡ଼ ନିରାଶ ଭାବନା ଭିତରେ ସେ ଝୁଲୁଥାଏ । ଏହିପରି ସେ ସ୍ଥାନେ ସ୍ଥାନେ ବସେ ନିରସରେ । ବସି ଭାବୁଥାଏ, ପେଟ ଚାଖଣ୍ଡକ ପୁରିବ କିପରି ? କିପରି ଭୋକର ଜ୍ୱାଳାରୁ ରକ୍ଷା କରିବା ତାର ଛୋଟିଆ ପରିବାରକୁ ।

କିଛି ଖାଦ୍ୟପଦାର୍ଥ ଓ ପନିପରିବା ଚୋରି କରି ପେଟ ଚାଖଣ୍ଡକୁ ପୁରାଇବି ବୋଲି ବ୍ୟବସ୍ଥା କରିଥାଏ । ଦିନପରେ ଦିନ ଏହିପରି ଚୋରି କରି ଗଡ଼ିଚାଲେ । ସବୁ ସମୟରେ ଚୋରି କରି ପେଟ ଚାଖଣ୍ଡକୁ ପୁରେଇବା ସମ୍ଭବ ହୁଏନାହିଁ । ଅନେକ ଦିନ ଭୋକ ଉପାସରେ ଗଡ଼ିଚାଲେ । କାରଣ ବଣ ପାହାଡ଼ରେ ଆଉ କିଛି ଖାଦ୍ୟପଦାର୍ଥ ମିଳୁନାହିଁ କି ଚାଷ ଜମି ମଧ୍ୟ ନାହିଁ । କାମ ମଧ୍ୟ କେହି ଦେଉନାହାନ୍ତି ।

ସବୁଦିନ ସମାନ ଯାଏନାହିଁ ନ୍ୟାୟରେ ଦିନେ ଗ୍ରାମରେ ଗୁଜବ ସୃଷ୍ଟି ହୁଏ । ରାଧାର ମା' ଛୁଆ ଚୋରୀ କରି ନେଇଛି । ଗୁଜବ ଭୟଙ୍କର ରୂପ ଧାରଣ କରେ । ଜଣେ ଲୋକ ପ୍ରତିଶୋଧ ପରାୟଣ ହୋଇ ବାଡ଼ିରେ ପିଟିବାରେ ଲାଗିଥାଏ । ଏହା ଦେଖି ଆଖପାଖ ଟୋକା, ବୁଢ଼ା, ଛୁଆ ସବୁ ତାକୁ ଟେକା ପଥର ଓ ଛାଟରେ ମାରିବାକୁ ଲାଗିଲେ । ସତେ ଯେପରି କାହାର ଛୁଆକୁ ରାଧାର ମା ମାରିଦେଇଛି । କିଛିକ୍ଷଣପରେ ସଂକଟାପନ୍ନ ଅବସ୍ଥାରେ ସମସ୍ତେ ଛାଡ଼ିଦେଇ ଚାଲିଗଲେ ।

Download Magazine from www.aahwaan.com

ପରେ ପରେ ହଜିଥିବା ଛୁଆଟି ମିଳିଗଲା । ଏକ ବାଳିକାର କାଖରେ ବୁଲୁଥିଲା ଦୀର୍ଘସମୟ ହେଲା । ବାଳିକାଟି ସେଠାରେ ଆସି ଛୁଆଟିକୁ ଧରି ପହଞ୍ଚିଲା ବେଳକୁ ସବୁ ସର୍ବନାଶ ହୋଇ ଯାଇଥିଲା । ସେତେବେଳକୁ ରାଧାର ମା' ଉପରେ ମାଡ଼ ବର୍ଷଣ କମି ଯାଇଥିଲା ମାତ୍ର ଦରମଲା କରି ସାରିଥିଲା ।

ତା'ପରଦିନ ରାଧାର ମା' ଏ ଦୁନିଆ ଛାଡ଼ି ଚାଲିଗଲା ଆରପାରିକୁ । ଅନାଥ ହୋଇଗଲା ରାଧା । ରାଧାର ବୟସ ସାତ କି ଆଠ ବର୍ଷ ହେବ । 'ଗୁଜବ' ଶବ୍ଦଟିକୁ ରାଧା ବୁଝି ପାରୁନଥାଏ । ବାରମ୍ବାର ପଚାରୁଥିଲା ମା କି କାହାର ବାଡ଼ିରୁ ଗୁଜବ ଚୋରି କରିଛନ୍ତି ! ମା'କୁ ଲୋକମାନେ କାହିଁକି ମାରିଦେଲେ ।

ରାଧା ବାରମ୍ବାର ଭାବୁଥାଏ ଏହି 'ଗୁଜବ' ତ ମୁଁ ଖାଇନାହିଁ । ମା କି ଏକା ନିଜେ ଖାଇଦେଲେ ? ରାଧା କାନ୍ଦୁଥାଏ... କାନ୍ଦୁଥାଏ...

ହାଏ ଗୁଜବ

ଗୁଜବ !

ଗୁଜବ !

ଶାନ୍ତିନୀଡ଼, ଛାତ୍ରୀ ନିବାସ ପରିସର

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା

ମୟୁରଭଞ୍ଜ, ଓଡ଼ିଶା

ଭ୍ରାମ୍ୟଭାଷ : ୮୨୪୯୭୮୧୨୪୫

Download Magazine from www.aahwaan.com

ନିଜତ୍ୱ

ଅନୁସୂୟା ମିଶ୍ର

ଦୁଇତିନି ଦିନର ଲଗାତାର ଝଡ଼ବର୍ଷା ପରେ ଚାରିଆଡ଼ କିଛିଟା ଶାନ୍ତ ଲାଗୁଥିଲା ସେଦିନ । କିଏ ଜାଣେ ଆକାଶଟା ହାଲିଆ ହୋଇ ଯାଇଥିଲା କି ବିଦ୍ରୋହ କରି ଉଠିଥିଲା ମାଟି ! ହୁଏତ ଏମିତି ବି ହୋଇପାରେ, ଆକାଶ ଦେଖି ପାରିଥିଲା ଯେ ମାଟି ଆଉ ଟାଣି ନେଇପାରୁନି ତା ନିଜ ଭିତରକୁ ଏଇ ଅଶାନ୍ତ ପରିବେଶର ପ୍ରକୋପକୁ । ଆଉ ରହି ରହି ଆକାଶର ବୁକୁଫଟା ଗର୍ଜନରୁ ମାଟି ବି କଳି ପାରିଥିଲା ତା ଅନ୍ତରର ଆଘାତକୁ ।

କେମିତି ଗୋଟେ ଅଦ୍ଭୁତ ନିସ୍ତରଙ୍ଗତାର ଭାବ ଛାଇ ଯାଇଥିଲା ମନରେ । ପୁରା ଚୁପ ହୋଇ ଯାଇଥିଲି ମୁଁ । ଲାଗୁଥିଲା ଭିତରଟା ଯେମିତି ଏକଦମ ଫମ୍ପା ହୋଇ ଯାଇଛି । ପାଦଟିଏ ବି ଆଗକୁ ବଢ଼ିବାର ଆଗ୍ରହ ନଥିଲା । ଆଉ ପଛକୁ ଫେରିବାର ବାଟ ତ ମୁଁ ସେଇଦିନ ହିଁ ବନ୍ଦ କରିଦେଇଥିଲି ଯେଉଁଦିନ ତୁମ ପାଦରେ ପାଦ ମିଳାଇ ଆଗେଇ ଆସିଥିଲି ।

ତଥାପି ଆଗକୁ ତ ବଢ଼ିବାକୁ ହେବ । କେତେଦିନ ବା ବଞ୍ଚିପାରିବ ମଣିଷ ଏମିତି ଶ୍ୱାସରୁଦ୍ଧତା ଭିତରେ ! କେତେ ଆଉ ଏକା ଏକା ଆଙ୍କୁଥିବ ବସି ଭବିଷ୍ୟତର ଅନିଶ୍ଚିତତାକୁ ଗୁମସୁମ ଏଇ ଆକାଶଟା ତଳେ ! ବହୁତ ହେଲା ! ଏଣିକି ଆଉ ନୁହେଁ । କାଲି ହିଁ କଥାବାର୍ତ୍ତା ହେବାକୁ ପଡ଼ିବ ସବୁକିଛି ଖୋଲାଖୋଲି ଭାବରେ । ଏକ ଅବାଂଛିତ ଆସନ୍ତାକାଲି ପାଇଁ ମନେ ମନେ ନିଜକୁ ପ୍ରସ୍ତୁତ କରି ନେଇଥିଲି ମୁଁ ।

କିନ୍ତୁ, କେଜାଣି କାହିଁକି, ଯେତେ ଯେତେ ରାତି ହେଉଥାଏ ଆଖି ଆଗରେ ନାଚି

Download Magazine from www.aahwaan.com

ଉଠୁଥାଏ ଅଭିମାନରେ ଥମଥମ ଗୋଟିଏ ମୁହଁ । ଆଉ ଦୁର୍ବଳତାର ଦୁର୍ଭେଦ୍ୟ ପାଚେରୀ ଭିତରୁ ଆସକ୍ତ ମନଟିକୁ ମୁକୁଳାଇବାର ଚେଷ୍ଟାସବୁ ବିଫଳ ହୋଇଯାଉଥିବା ବେଳେ ନିଜତ୍ୱର କେଉଁ ଏକ ସମ୍ବେଦନଶୀଳ ସ୍ଥାନରେ କ୍ଷତଟିଏ ବି ବାରମ୍ବାର ଜାହିର କରୁଥାଏ ତାର ଆହତ ଅସ୍ତିତ୍ୱ । ମନର ସମସ୍ତ ଅଲୋଡ଼ାପଣକୁ ଚାପିରଖି ତୁମକୁ ମେସେଜଟିଏ କଲି, “କାଲି ଯଦି ମୋ ପାଇଁ ଦଶମିନିଟ ସମୟ ଦିଅନ୍ତୁ ମୁଁ ଖୁସି ହୁଅନ୍ତି " । ସକାଳୁ ଫୋନର ନୋଟିଫିକେସନ ଶବ୍ଦରେ ହିଁ ମୋ ନିଦ ଭାଙ୍ଗିଲା । ତମର reply ଥିଲା “your happiness makes me happy"

ବାସ୍..... । ଯେମିତି, ସେଇ ପାଞ୍ଚଟି ଶବ୍ଦରେ ଭରି ରହିଥିଲା ଶତ ଚନ୍ଦ୍ରମାର ଶୀତଳତା । ଭୁଲିଗଲି, ଆଜିର ଦିନଟିକୁ ମୁଁ ଧାର୍ଯ୍ୟ କରିଥିଲି ତୁମ ଜୀବନରେ ମୋ ନିଜତ୍ୱର ମୂଲ୍ୟ ନିରୂପଣ କରିବା ପାଇଁ... ସବୁଦିନ ପାଇଁ ତୁମ ହୃଦୟହୀନତାର ଏକ ସୀମା ନିର୍ଦ୍ଧାରଣ କରିବା ପାଇଁ... ଆଉ, ଏଇ ଅଭିଜ୍ଞତାର ଆସ୍ତରଣଟି ତଳେ ନିଜର ସମସ୍ତ ଆଶା ଆକାଂକ୍ଷାକୁ ସୁରକ୍ଷିତ କରି ରଖିଦେବା ପାଇଁ । ମନ ଭିତରେ କେହି ଜଣେ ଖୁବ ତାଚ୍ଛଲ୍ୟ କରି କହୁଥିଲା, “ବୋକିଟା ।” ଆଉ ଜଣେ ତା ମୁହଁକୁ ଚାପିଧରି କହୁଥିଲା, “ଥରେ ହାରିକି ତ ଦେଖ୍, ବେଳେ ବେଳେ ନିଜ ମଧ୍ୟରେ ନିଜତ୍ୱକୁ ନିଶ୍ଚିହ୍ନ କରିଦେବାରେ ହିଁ ଛପିଥାଏ ଜୀଇଁବାର ନିଆରା ଏକ ପରିତୃପ୍ତି ।”

Download Magazine from www.aahwaan.com

ନୂତନ ଅଭିଯାନ

ସସ୍ମିତା ମହାନ୍ତି

ହିମାଂଶୁ ଆଉ ନାହିଁ, ଏ କଥା ବିଶ୍ୱାସ ନହେଲେ ବି ସତ । ଆଜିକୁ ଆଠଦିନ ହୋଇଗଲା ସେ ଆମ ସମସ୍ତଙ୍କୁ ଛାଡ଼ି ତା'ର ପ୍ରିୟ ସମୁଦ୍ର ବକ୍ଷରେ ଲୀନ ହୋଇଗଲା ସବୁଦିନ ପାଇଁ ।

ମୁଁ ଓ ହିମାଂଶୁ ଉଭୟେ ମ୍ୟାନେଜମେଣ୍ଟର ଛାତ୍ର ଥିଲୁ । ଦୁଇଟି ଭିନ୍ନ ପ୍ରାନ୍ତରୁ ଆସିଥିଲେ ମଧ୍ୟ ଆମ ଭିତରେ କେମିତି କେଜାଣି ବନ୍ଧୁତା ସୃଷ୍ଟି ହୋଇ ଯାଇଥିଲା । ପରେ ଆମ ସହ ଅମିତ୍ ସାମିଲ୍ ହୋଇଥିଲା । ଗୋଟିଏ ହଷ୍ଟେଲ୍‌ରେ ଆମେ ଏକାଠି ରହୁଥିଲୁ । କ୍ରମେ ବନ୍ଧୁତା ଗାଢ଼ ହୋଇ ଆମ ଭିତରେ ଅନ୍ତରଙ୍ଗତା ବୃଦ୍ଧି ପାଇଥିଲା । ହିମାଂଶୁର ଗୋରା ତକ୍ ତକ୍ ବଳିଷ୍ଠ ଚେହେରା ଓ ନିରୀହ ଚାହାଣୀ ସମସ୍ତଙ୍କୁ ଆକୃଷ୍ଟ କରୁଥିଲା । ସେ ନିୟମିତ ଯୋଗ ପ୍ରାଣାୟମ କରିବା ସହ ସନ୍ତରଣରେ ପାରଙ୍ଗମ ଥିଲା । ଅନେକ ପୁରସ୍କାର ମଧ୍ୟ ପାଇଥିଲା । କିନ୍ତୁ ନିଜର ଲାଜକୁଳା ସ୍ୱଭାବ ଯୋଗୁଁ ସହଜରେ ଅନ୍ୟମାନଙ୍କ ସହ ମିଶି ପାରୁନଥିଲା । କିନ୍ତୁ ଆମ କ୍ଲାସ୍ର ପୁଅ ଝିଅ ସମସ୍ତେ ତା ସହ ମିଶିବାକୁ ବେଶ୍ ଆଗ୍ରହୀ ଥିଲେ ।

ଏ ଭିତରେ ଆମର କ୍ଲାସ୍ ଆରମ୍ଭ ହୋଇଯାଇଥିଲା । ଆମେ ପଢ଼ାପଢ଼ିରେ ବ୍ୟସ୍ତ ହୋଇଗଲୁ । ମ୍ୟାନେଜମେଣ୍ଟ କ୍ଲାସ୍‌ରେ କୌଣସି ନିର୍ଦ୍ଦିଷ୍ଟ ରୁଟିନ୍ ନଥାଏ । କେବେ ସକାଳେ ଥାଏ ତ କେବେ ରାତିରେ । ପ୍ରୋଜେକ୍ଟ କାମପାଇଁ ବେଳେବେଳେ ରାତିସାରା ଡିପାର୍ଟମେଣ୍ଟରେ ରହିବାକୁ ହୁଏ । ପୁଣି କେବେ ଦୁଇ ତିନିଦିନ ପର୍ଯ୍ୟନ୍ତ କ୍ଲାସ୍ ନଥାଏ । ସେତେବେଳେ ଆମେ ବହୁତ ମସ୍ତି କରୁ । ଦିନେ ଏମିତି ମସ୍ତି କରୁ କରୁ କିଛି ସାଙ୍ଗଙ୍କ କଥା

Download Magazine from www.aahwaan.com

ଭାଙ୍ଗି ନପାରି ଆମେ ସମସ୍ତେ ମିଶି ମଦ୍ୟପାନ କଲୁ । ଏଣିକି ମଝିରେ ମଝିରେ ଖାନାପିନା ନାଚଗୀତ ଚାଲିଲା । ଏପରି କରୁ କରୁ କେବଳ ଆମେ ନୁହେଁ, ପିଆଜ ରସୁଣ ଖାଉନଥିବା ହିମାଂଶୁ ମଧ୍ୟ ମଦ ଓ ମାଂସ ପ୍ରତି କେତେବେଳେ ଯେ ଆସକ୍ତ ହୋଇଗଲା କେହି ଜାଣିପାରିଲୁ ନାହିଁ । ପ୍ରାୟ ପ୍ରତ୍ୟେକ ଦିନ ଆମେ ଏଥର ମଦ୍ୟପାନ କରିବାକୁ ଲାଗିଲୁ ।

ସମୟ ଗଡ଼ି ଚାଲିଲା । ଏ ଭିତରେ ସିନିୟରମାନେ କଲେଜ୍ ଛାଡ଼ି ଚାଲିଗଲେ ଓ ଆମେ ସିନିୟର ହୋଇଗଲୁ । ଏଥର ଆମେ ନିର୍ଦ୍ୱନ୍ଦରେ ପିଇବାକୁ ଲାଗିଲୁ । ଆମର ପୂର୍ବପରି ପାର୍ଟି, ପିକନିକ୍ ଓ ନାଚଗୀତ ସବୁ ଚାଲିଥାଏ । ଏ ସବୁଥିରେ ମାତି ମଧ୍ୟ ହିମାଂଶୁ ପରୀକ୍ଷାରେ ବହୁତ ଭଲ କରୁଥିଲା । ତା'ର ଜର୍ମାନସ୍ଥିତ ଗୋଟିଏ ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ ହୋଇଯାଇଥିଲା । ଆମେମାନେ ମଧ୍ୟ ବିଭିନ୍ନ କମ୍ପାନୀରେ ଚାକିରୀପାଇଁ ମନୋନୀତ ହୋଇଥିଲୁ । ଆମର କଲେଜ୍ ଜୀବନ ସରି ଆସୁଥିଲା ଓ ଚାକିରୀରେ ଯୋଗଦେବା ଦିନ ପାଖେଇ ଆସୁଥିଲା । ହିମାଂଶୁ ନିଜର ପାସପୋର୍ଟ ଓ ଭିସା ଆଦି ଆନୁସଙ୍ଗିକ କାର୍ଯ୍ୟ ଶେଷ କରିଥିଲା । ଆମେ ସମସ୍ତେ ଗୋଟିଏ ନୂଆ ଜୀବନଧାରାରେ ନିଜକୁ ସାମିଲ କରିବାକୁ ପ୍ରସ୍ତୁତ ହେଉଥିଲୁ ଏବଂ ବହୁତ ଖୁସିଥିଲୁ । ହିମାଂଶୁର ଯିବାଦିନ ପାଖେଇ ଆସିଲା । ସେ ଯିବା ପୂର୍ବଦିନ ସଂଧ୍ୟାରେ ଆମେ ଏକ ବନ୍ଧୁମିଳନ (ପାର୍ଟି) ରଖିଥିଲୁ । ଖାଦ୍ୟପାନୀୟ ସାଙ୍ଗରେ ନାଚଗୀତ ଓ ମଉଜମସ୍ତି ସବୁ ଚାଲିଲା । ରାତି ଏଗାରଟା ବେଳକୁ ସମସ୍ତେ ଫେରିଯାଇଥିଲେ ମଧ୍ୟ ଆମେ ତିନିଜଣ ପୁଣି ପାନୀୟ ମଗାଇ ପେଗ୍ ପରେ ପେଗ୍ ପିଇ ଚାଲିଥିଲୁ । କିଏ ଜାଣେ ପୁଣି କେବେ ତିନିହେଁ ଏକାଠି ହେବୁ ? ତେଣୁ ଆଜି ରାତିକୁ ସମ୍ପୂର୍ଣ୍ଣଭାବେ ଉପଭୋଗ କରିବୁ । ହୋଟେଲ୍ ବନ୍ଦ ହେବାର ସମୟ ହେଲା ଓ ଆମେ ଫେରିଆସିଲୁ ।

Download Magazine from www.aahwaan.com

ସେଦିନ ଥିଲା ପୂର୍ଣ୍ଣିମୀ । ଆକାଶ ମଧ୍ୟ ନିର୍ମଳ ଥିଲା । ହଠାତ୍ ହିମାଂଶୁ ପ୍ରସ୍ତାବ ଦେଲା ସମୁଦ୍ରକୂଳ ଆଡୁ ଘେରାଏ ବୁଲି ଆସିବାକୁ । ସମୁଦ୍ର ପ୍ରତି ତାର ଗଭୀର ଆକର୍ଷଣ ଥିଲା । ସେ ଜଣେ ଦକ୍ଷ ସନ୍ତରଣକାରୀ ହୋଇଥିବାରୁ ସମୟ ପାଇଲେ ସମୁଦ୍ରକୂଳକୁ ଯିବାକୁ ପସନ୍ଦ ଅଧିକ କରୁଥିଲା । ସମୁଦ୍ରରେ ପହଁରିବା, ଗାଧୋଇବା ସହ ପାଣି ଭିତରେ ବିଭିନ୍ନ ଯୋଗମୁଦ୍ରାରେ ଫଟୋ ଉଠେଇବା ତାର ସଉକ ଥିଲା । ଆମେ ସମୁଦ୍ରକୂଳକୁ ଗଲୁ । ଜହ୍ନ ଆଲୁଅରେ ବାଲିସବୁ ରୂପାପରି ଚକ୍ ଚକ୍ କରୁଥିଲା । ପ୍ରବଳ ଜୁଆର ହେତୁ ପାଣି ବେଳେ ବେଳେ କୂଳ ଲଙ୍ଘୁଥିଲା । ଉତ୍ତୁଙ୍ଗଳ ସମୁଦ୍ରର ଉଗ୍ର ରୂପ ସତେ ଯେମିତି ହାତଠାରି ଡାକୁଥିଲା । ଆମେ ଖୁବ୍ କ୍ଳାନ୍ତ ଅନୁଭବ କରୁଥିଲୁ । କିଛି ସମୟ ବସିବା ପରେ ମୁଁ ଓ ଅମିତ୍ ଫେରିଆସିବାକୁ ଚାହିଁଲୁ । ସେ କିନ୍ତୁ ଆମକଥା ନଶୁଣି ପାଣିରେ ପଶି ଓଦାହେବାକୁ ଲାଗିଲା । ଜ୍ୟୋତ୍ସ୍ନା ରାତିରେ ସମୁଦ୍ରରେ ସ୍ନାନକରିବା କହି ଆମକୁ ଡାକିଲା । ଆମେ ଦୁହେଁ ମନାକଲୁ ଓ ତାକୁ ଶୀଘ୍ର ଆସିବାକୁ କହି କାନରେ ଇୟରଫୋନ୍ ଲଗେଇ ଗୀତଶୁଣିବାକୁ ଲାଗିଲୁ । ହଠାତ୍ ଅମିତର ଡାକରେ ମୁଁ ପ୍ରକୃତିସ୍ଥ ହେଲି । ହିମାଂଶୁ ସେ ପର୍ଯ୍ୟନ୍ତ ଫେରିନଥିଲା । ଆମେ ବହୁତ ଖୋଜିଲୁ । କିନ୍ତୁ ତାକୁ ପାଇଲୁନି । ସେ ଯେମିତି ପବନରେ ମିଳେଇ ଯାଇଥିଲା । ସେ ଜଣେ ଦକ୍ଷ ସନ୍ତରଣକାରୀ ହୋଇଥିବାରୁ ତା ସହ ଯେ କିଛି ଅଘଟଣ ଘଟିପାରେ ଏହା କଳ୍ପନାତୀତ ଥିଲା । ଆମେ ଭାବିଲୁ ସେ ଆମକୁ ନକହି ହଷ୍ଟେଲ୍ ଫେରିଆସିଛି । ସେ ସେଠି ବି ନଥିଲା । ଆମେ ସାଙ୍ଗମାନେ ମିଶି ପୋଲିସରେ ଖବର ଦେଲୁ । ବହୁତ ଖୋଜାଖୋଜି ପରେ ତା' ପରଦିନ ସକାଳ ଦଶଟା ବେଳକୁ ତା'ର ଶବ ମିଳିଲା । ଆମ ପାଖରେ କହିବାକୁ କିଛି ଭାଷା ନଥିଲା । ସମସ୍ତେ ଯେମିତି ମୁକ ପାଲଟି ଯାଇଥିଲୁ ।

Download Magazine from www.aahwaan.com

ପୋଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ପଠେଇବା ସହ ଘଟଣାର ତଦନ୍ତ ଆରମ୍ଭ କଲା । ପ୍ରଥମେ ମୁଁ ଓ ଅମିତ୍ ସନ୍ଦେହ ଘେରକୁ ଆସିଲୁ ଏବଂ ହତ୍ୟା ଅଭିଯୋଗରେ ଗିରଫ ହେଲୁ । ବିଭିନ୍ନ ସନ୍ତରଣ ପ୍ରତିଯୋଗିତାରେ ପୁରସ୍କାର ଓ ପଦକ ଜିତିଥିବା ଜଣେ ସନ୍ତରଣକାରୀର ପାଣିରେ ବୁଡି ମୃତ୍ୟୁ ହେବା ଘଟଣାକୁ କେହି ସହଜରେ ଗ୍ରହଣ କରି ପାରୁନଥିଲେ । କିଏ କେତେ ପ୍ରକାର କଥା କହୁଥିଲେ । କିଏ ପ୍ରେମ ପାଇଁ ତ କିଏ ଈର୍ଷାନ୍ୱିତ ହୋଇ ହତ୍ୟା କରିଛୁ ବୋଲି ମନ୍ତବ୍ୟ ଦେଲେ । ଶବ ବ୍ୟବଚ୍ଛେଦ ରିପୋର୍ଟରୁ ହିମାଂଶୁ ନିଶାଶକ୍ତ ଅବସ୍ଥାରେ ପାଣିରେ ବୁଡି ମୃତ୍ୟୁବରଣ କରିଛି ବୋଲି ସ୍ପଷ୍ଟ ହେଲା । ଆମ ଉପରେ ସନ୍ଦେହ ଅଧିକ ଘନୀଭୂତ ହେଲା । ଆମର କୁସଙ୍ଗ ଓ କୁଅଭ୍ୟାସ ପାଇଁ ଜୀବନରେ ଏତେ ବଡ ମୂଲ୍ୟ ଦେବାକୁ ପଡ଼ିଲା ତାହା ଚିନ୍ତାକରି ଆମେ ଦୁହେଁ ବିଚଳିତ ଥିଲୁ । ଆମେ ଡରି କରି ପୋଲିସ୍ ଆଗରେ ଆମର ମଦ୍ୟପାନ ଅଭ୍ୟାସ କଥା କିଛି କହି ନଥିଲୁ ।

କଲେଜ୍ ଅଧ୍ୟକ୍ଷଙ୍କ ଠାରୁ ଖବର ପାଇ ହିମାଂଶୁର ବାପା ଓ ମାଆ ଆସି ପହଞ୍ଚିଲେ । ଏ ବୟସରେ ଯୁବକ ପୁଅକୁ ହରେଇବାର ଦୁଃଖରେ ସେମାନେ ମ୍ରିୟମାଣ ହୋଇ ପଡିଥିଲେ । ରାତି ପାହିଲେ ଚାକିରୀରେ ଯୋଗଦେବାକୁ ପୁଅ ତାଙ୍କର ବିଦେଶ ଯାଇଥାଆନ୍ତା । ତାର ଅଚାନକ ମୃତ୍ୟୁଖବର ସେମାନଙ୍କୁ ଖୁବ୍ ବ୍ୟଥିତ କରୁଥିଲା । ହିମାଂଶୁ ଘରକୁ ବୁଲିବାକୁ ଆମେ ପ୍ରାୟ ଦୁଇ ତିନିଥର ଯାଇଥିଲୁ । ପିଲାଟି ଦିନରୁ ମୋ ମାଆ ନଥିବାରୁ ତା ମାଆଙ୍କୁ ମୁଁ ବହୁତ ଭଲ ପାଉଥିଲି । ସେ ବି ମୋତେ ନିଜ ପୁଅ ପରି ସ୍ନେହ କରୁଥିଲେ । ତାଙ୍କୁ ଯେ କିପରି ସାମନା କରିବି ମୁଁ ବୁଝିପାରୁ ନଥିଲି । ମୋ କଣ୍ଠରୁଦ୍ଧ ହେଲା ପରି ଲାଗୁଥିଲା । ବହୁତ କଷ୍ଟରେ ନିଜକୁ ସମ୍ଭାଳି ତାଙ୍କ ଆଗରେ ସବୁ ସତକଥା ଗୋଟି ଗୋଟି ହୋଇ ଗପି ଯାଇଥିଲି । ହିମାଂଶୁର ବଦଭ୍ୟାସ କଥା ସେ ଜାଣିଥିଲେ । ସବୁଶୁଣି କହିଲେ ମୋର ଗୋଟିଏ

Download Magazine from www.aahwaan.com

ପୁଅ ତ ମୋତେ ଛାଡ଼ି ଚାଲିଗଲା, କିନ୍ତୁ ଆଉ ଗୋଟିଏ ପୁଅକୁ ହରେଇବାକୁ ଚାହୁଁନାହିଁ । ତାଙ୍କ ଅନୁରୋଧରେ ପୋଲିସ୍ ଆମ ଉପରୁ କେଶ୍ ପ୍ରତ୍ୟାହାର କରି ଆମକୁ ମୁକ୍ତ କରିଦେଲା ।

ଅମିତ୍ ତା ବାପାଙ୍କ ସହ ଘରକୁ ଚାଲିଗଲା । ମୁଁ କିନ୍ତୁ ହଷ୍ଟେଲ୍‌କୁ ଫେରିଆସିଲି ଏକ ନୂଆ ସଂକଳ୍ପ ନେଇ । କାଲିଠୁ ଅତୀତକୁ ଭୁଲି ଏକ ନୂଆ ଜୀବନ ଆରମ୍ଭ କରିବି ଓ ଛାତ୍ରଛାତ୍ରୀମାନଙ୍କୁ ଏହି ଘୃଣ୍ୟବ୍ୟାଧି କବଳରୁ ରକ୍ଷା କରିବି । ଭବିଷ୍ୟତରେ ହିମାଂଶୁମାନଙ୍କୁ ଏମିତି ଅସମୟରେ ଝଡ଼ି ଯିବାକୁ ଦେବିନି । କିନ୍ତୁ କାଲିଠୁ କାହିଁକି ?କିଏ ବା କାଲି ଦେଖିଛି ? ହଁ ଆଉ ସମୟ ନଷ୍ଟ ନକରି ଆଜିଠୁ ହିଁ ଆରମ୍ଭ କରିବି ମୋର ଏହି ନୂତନ ଅଭିଯାନ ।

ଆସନ୍ତା ମାସରୁ ପ୍ରତ୍ୟେକ ସଂସ୍କରଣରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ଦର୍ଶନୀୟ ସ୍ଥାନ ମାନଙ୍କ ବିଷୟରେ ଆଲେଖ୍ୟ ପ୍ରକାଶିତ ହେବ । ପ୍ରତି ସଂସ୍କରଣରେ ଗୋଟିଏ କିମ୍ବା ଦୁଇଟି ସ୍ଥାନ ବିଷୟରେ ଉଲ୍ଲେଖ ରହିବ ।

ଇଚ୍ଛୁକ ବନ୍ଧୁମାନେ ନିଜ ଅଞ୍ଚଳ ବିଷୟରେ ଲେଖି ଆମ ନିକଟକୁ ଇମେଲ୍ ଦ୍ୱାରା ଲେଖା ପଠାନ୍ତୁ ।

aahwaan@gmail.com

Download Magazine from www.aahwaan.com

ଦଙ୍ଗା

✍ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଅନ୍ଧାର ଘର ଭିତରେ ନିଜର ଦୁଇଟି ପିଲାଙ୍କୁ ଶୁଆଇ ଦେଇ ସକିନା ଏପାଖ ସେପାଖ ହେଉଥିଲା । ଝରକା ଦେଇ ବାରମ୍ବାର ବାହାରକୁ ଦେଖୁଥିଲା । ଗଳିର ମୁହଁରେ କିଛି ଯୁବକ ଏକତ୍ରିତ ହୋଇଥିଲେ କିନ୍ତୁ ଅଧିକାଂଶ ଗଳି ଆଜି ଅନ୍ଧକାର ଲାଗୁଥିଲା । ସାଧାରଣତଃ ଏହି ସମୟରେ ଗଳିରେ ଅଧିକ ଗହଳି ଚହଳି ଲାଗି ରହିଥାଏ । ଘର ସାମନାରେ ଖାନ୍ ଚାଚାର କିରାଣୀ ଦୋକାନରେ ତାଲା ପଡ଼ିଛି । ପ୍ରାୟ ସବୁ ଘର ଅନ୍ଧକାରରେ ଅଛନ୍ତି । ଦୁଇଦିନ ହୋଇଗଲା ସାହିରେ ବିଜୁଳୀ ନାହିଁ । ରୋଷେଇ ସାରିଦେଇ ସକିନା ପିଲା ଦୁଇଙ୍କୁ ଖୁଆଇ ଦେଇ ଶୋଇଦେଲା । ହେଲେ ତାକୁ ନିଦ ଆସୁନି । ଅବଶ୍ୟ ବେଶୀ ସମୟ ହୋଇନି । ଅବଦୁଲ୍ ସବୁଦିନ ଘରକୁ ଫେରୁ ଫେରୁ ରାତି ଦଶଟା ବାଜିଯାଏ । ହେଲେ ଏବେ ଯାହା ଅବସ୍ଥା ହୋଇଛି ସେଥିରେ ଏତେ ସମୟ ସେ ବାହାରେ ରହିଲେ ସକିନାର କିନ୍ତୁ ଛାତି ଭିତରେ ଖୁବ୍ ଯନ୍ତ୍ରଣା ହୁଏ । ଅନେକ ପ୍ରକାରର ଭାବନା ତା ମନକୁ ଖିନ୍‌ଭିନ୍ କରି ପକାଏ । ପଡ଼ିଶାଘରେ ବି ଅନ୍ଧାର । ଅଗଣା ଦେଇ ସେ ଧିରେ ଡାକଦେଲା, “ରିତା ଭାବି, ରିତା ଭାବି... ଭୈୟା ଘରକୁ ଆସିଗଲେଣୀ କି ?” ସେପାଖରୁ କେହି ଜଣେ ଉତ୍ତର ଦେଲା, “ହଁ, ସେ ଅନେକ ସମୟ ହେଲା ଆସିଲେଣି । ଅବଦୁଲ୍ ଭାଇ ଆହୁରି ଆସିନାହାନ୍ତି ?” ସକିନାର ମନରେ ଅନେକ ଆଶଂକା ଘର କରିଲାଣି । ଅନିଚ୍ଛା ସତ୍ତ୍ୱେ ଆଖିରେ ଲୁହର ଧାର ବହିଲାଣି । ଏହି ସମୟରେ ଘରର କବାଟରେ କେହି ଜଣେ କରାଘାତ କରିବାର ଶବ୍ଦ ଶୁଣି ସକିନା ଦଉଡ଼ିଗଲା । କବାଟ ଖୋଲି ଦେଇ ସାମନାରେ ଅବଦୁଲକୁ ଦେଖୁ ଦେଖୁ ତାକୁ ଭିଡ଼ି ଧରି

Download Magazine from www.aahwaan.com

କାନ୍ଦିପକାଇଲା ।

- କଣ ହେଲା ? କାନ୍ଦୁଛ କାହିଁକି ? ଅବଦୁଲ ସଂଶୟରେ ପଚାରୁଥିଲା ।

- ତମେ ଏମିତି ଅଧିକ ସମୟ ବାହାରେ ଆଉ ରୁହନାହିଁ । ମୋତେ କାହିଁକି କେଜାଣି ଅନେକ ପ୍ରକାର ଆଶଂକା ହେଉଛି ।

- ମନକୁ ଥୟ କର । କିଛି ଅସୁବିଧା ହେଇନି କି ହେବନି । ଚାଲ ଖାଇବାକୁ ଦିଅ ।

ଖାଇବାପାଇଁ ରୁଟି ଆଉ ଭଜା ପ୍ଲେଟରେ ଥୋଇଦେଇ ପାଖରେ ବସିଗଲା ସକିନା । ଖାଉ ଖାଉ ଅବଦୁଲ୍ କହିଲା, "ଆଜି ଭଜାରେ ଲୁଣ ଜମା ପଡ଼ିନି ? କେଉଁଠି ମନ ଥିଲା ରୋଷେଇ କରିବା ବେଳେ ?"

"ଘର ବାହାରେ ଯାହା ସବୁ ଘଟଣା ଘଟୁଛି ସେ ସବୁକୁ ଦେଖୁ ଦେଖୁ ଚିନ୍ତା ହେଇଗଲା, ତେଣୁ ରୋଷେଇ କରିବା ବେଳେ ଅସୁବିଧା ହୋଇଗଲା ।" ସକିନା କହିଲା । ଅବଦୁଲ କିଛି ନ କହି ସେତକ ଖାଉଥିବା ବେଳେ ଅଗଣା ସେପାଖରୁ କେହିଜଣେ ପଚାରିଲା, "ସକିନା... ଏ ସକିନା... ଅବଦୁଲ୍ ଭାଇ ଆସିଲେ ନା ଯ୍ୟାଙ୍କୁ ପଠେଇବି ?" ସକିନା ଉଚ୍ଚସ୍ୱରରେ କହିଦେଲା, "ନାଇଁ ଭାବି ଆଉ ଜରୂରତ୍ ନାହିଁ । ସିଏ ଆସିଗଲେଣି ।"

ଖାଉଥିବା ବେଳେ ବିରକ୍ତ ଭାବ ପ୍ରକାଶ କରି ଅବଦୁଲ କହୁଥିଲା, "ତମେ ତାଙ୍କୁ କାହିଁକି ସବୁ କଥା କହୁଛ ? ଜାଣିଛ ନା ସେମାନେ କିଏ ?"

ସକିନା ଆଁ କରି ଚାହିଁ ରହିଥିଲା ।

"ଆଜି ଆମ ସହ ଯାହା ବି ସବୁ ଅଘଟଣ ଘଟୁଛି ସବୁ ସେଇ ମାନଙ୍କ ଯୋଗୁଁ, ହେଲେ ତମେ କିଛି ବୁଝିବନି । ସେମାନଙ୍କଠୁ ଦୂରରେ ରୁହ । ଏଥିରେ ଆମର ଭଲ । ଦେଖୁଛ ସହର ସାରା କେତେ ଗଣ୍ଡଗୋଳ, ହଣାକଟା ହେଉଛି, ଆଉ ତମେ ତଥାପି ସେମାନଙ୍କ ସହ...."

Download Magazine from www.aahwaan.com

ଅବଦୁଲ କଥାକୁ ସେତିକିରେ ରଖିଦେଇ ଖାଇବାରେ ଧ୍ୟାନ ଦେଲା ।

ସକିନା ବିରକ୍ତ ହୋଇ କହିଲା, "ସହରରେ କଣ ହେଲା ନ ହେଲା ସେଥିରେ ସେମାନଙ୍କର କଣ ଦୋଷ ଅଛି ? ସେମାନେ କଣ ତମକୁ କେବେ କିଛି ଖରାପ ବ୍ୟବହାର କରିଛନ୍ତି କି ? ପାଖ ପଡ଼ିଶାରେ ଅଛନ୍ତି ବୋଲି ପରସ୍ପରକୁ ସାହାଯ୍ୟ କରିବାକୁ ଟିକେ କଣ କହିଦେଲି ତମର ଭାଷଣ ଆରମ୍ଭ ହେଇଗଲା । ଘରେ ଏକା ରହି ଦେଖ ମୋ ସହ କଣ ହେଉଛି ବୁଝିବ । ତମେ ତ ଘର ବାହାରେ ରହୁଛ, ଏଇଠି ପ୍ରତି କ୍ଷଣ ମନରେ କେତେ କେତେ ଆଶଂକା ଆସୁଛି ସେ ବିଷୟରେ ତମେ କେମିତି ଜାଣିବ ? ଘରେ ଦି ଦିଟା ପିଲା । କିଏ ଖାଇଲା ନ ଖାଇଲା, କିଏ କୁଆଡ଼େ ଗଲା ଏ ସବୁ କଥା କେବେ ବୁଝୁଛ ? ବଡ଼ ପୁଅକୁ ମେଲେରିଆ ହେଇଥିଲା ବେଳେ ତମେ ତାକୁ ଡାକ୍ତର ପାଖକୁ ନେଇଥିଲ ? ପଡ଼ିଶାଘରେ ଏ କଥା ଜାଣିବା ପରେ ସେମାନେ ତାକୁ ନେଇ ଡାକ୍ତର ପାଖକୁ ଯାଇଥିଲେ । ତାଙ୍କ ପାଇଁ ଭଲରେ ମନ୍ଦରେ ମନକୁ ଥୟ କରି ହେଉଛି । ଆଉ ତମେ ... ମସଜିଦ୍ ରେ ବସି ଘର ଚଳେଇବ ?"

ଅବଦୁଲ୍ ଖାଇବା ଥାଳିଟା ତଳେ ଥୋଇଦେଇ ହାତ ଧୋଇ ଉଠିଗଲା ।

ଶୋଇବା ପାଇଁ ସବୁ ବ୍ୟବସ୍ଥା କରିଦେଇ ସକିନା ଅବଦୁଲ୍ ପାଖରେ ବସି ବୁଝାଉଥିଲା । "ଦେଖ ଆମର ଦୁଇଟା ପିଲା । ସେମାନେ କେମିତି ଭଲରେ ବଡ଼ ହେଲେ ସେଇ ଚିନ୍ତା କରିବା ଆମର କାମ । ଆଲ୍ଲାଙ୍କ ଦୟାରୁ ତମ ଦୋକାନ ଭଲ ଚାଲିଛି ଯଦି ଆମେ ଘରେ ଖାଇପିଇ ରହିବା ଶାନ୍ତିରେ ରହିବା, କାହିଁକି ସେ ଗଣ୍ଡଗୋଳ ଗହଳିକୁ ଯିବା କହିଲ ? କେତେ ଯୁଗରୁ ଏଇ ସହରରେ ଆମେ ଆଉ ଆମ ବାପା ଗୋସେଇଁବାପା ରହି ଆସିଛନ୍ତି । କେବେ ଏମିତି ହେଇଥିଲା କି ? ତା ହେଲେ ଏବେ କାହିଁକି ଏ ସବୁ ଗଣ୍ଡଗୋଳ

Download Magazine from www.aahwaan.com

ହେଉଛି ? ସେ ଯା ହେଉ, ଯିଏ ଗଣ୍ଡଗୋଳ କରୁଛି କରୁ । ଆମର ସେଥିରେ କିଛି ଯାଏ ଆସେ ନାହିଁ । ତମେ ସେଆଡ଼େ ଆଉ ଯାଅନାହିଁ ।" ଏହା କହି ସକିନା ଅବଦୁଲର ଛାତିରେ ମୁଣ୍ଡ ଦେଇ ଦେଲା ।

ଅବଦୁଲ ସକିନାର ବାଳରେ ଆଙ୍ଗୁଠି ଦେଇ କୁଣ୍ଡାଇ ଦେଉ ଦେଉ କହିଲା, "ତମେ ଜାଣିନ । ଏଠି ଗୋଟେ ବଡ଼ ଷଡ଼ଯନ୍ତ୍ର ଚାଲିଛି । ଆମକୁ ଏଇ ଦେଶରୁ ବାହାର କରିଦେବା ପାଇଁ କିଛି ଲୋକ ମସୁଧା କରୁଛନ୍ତି । ସେମାନଙ୍କୁ ଯଦି ଆମେ ବିରୋଧ ନ କରିବା, ତା ହେଲେ ଆମ ଅବସ୍ଥା କଣ ହେବ କହିଲ ? ସେଇଥି ପାଇଁ ଖାସ୍ ମସଜିଦ୍‌ରେ ପ୍ରତିଦିନ ସଭା ସବୁ ହେଉଛି । ଗଲା ସପ୍ତାହେ ହେଲା କେତେ କେତେ ଘଟଣା ସବୁ ଘଟିଲାଣି । ଆମ ସାହିର ଚାରିଟା ଯୁବକ ଗଣ୍ଡଗୋଳରେ ଆହତ ହେଇଛନ୍ତି । ଏ ସବୁ ଛୋଟ୍ କଥା ନାହିଁ । ଆଜି ଆମେ ନିରବ ରହିଲେ କାଲି ଆମ ଘରେ ବି ଏଇ ନିଆଁ ପଶିବ । ସେତେବେଳେ ଆମକୁ କିଏ ସାହାଯ୍ୟ କରିବ ?"

ସକିନା ଅଭିମାନ କରି କହିଲା, "ମୋତେ ସେ ସବୁ ଜଣାନାହିଁ । ତମେ ମୋତେ ଛାଡ଼ି କୁଆଡ଼େ ଯିବନାହିଁ । ଯଦି ତମକୁ ଏହି ଗଣ୍ଡଗୋଳ ହଣାକଟାରେ ମାତିବାର ଅଛି ତା ହେଲେ ଆମ ମା ପୁଅ ତିନିଜଣଙ୍କୁ ତଣ୍ଟିଚିପି ମାରିଦିଅ ଆଉ ତମ ଯାହା ଇଚ୍ଛା ତାହା କର ।"

ଅବଦୁଲ ନିରବ ହୋଇଗଲା । ରାତିର ଅନ୍ଧକାର ଅଧିକରୁ ଅଧିକ ଗଭୀର ହେଉଥିଲା । କେତେବେଳେ ସେମାନେ ଶୋଇଗଲେ ଜାଣିପାରିଲେ ନାହିଁ । ହଠାତ୍ ବିସ୍ଫୋରଣ ଭଳି ଏକ ଶବ୍ଦରେ ସେମାନଙ୍କ ନିଦ ଭାଙ୍ଗିଗଲା । ତଳେ ଶୋଇଥିବା ଦୁଇଜଣ ପୁଅ ଚିତ୍କାର କରି କାନ୍ଦି ଉଠିଲେ । ଅବଦୁଲ ଶେଯରୁ ଉଠି ଦାଣ୍ଡଘର ଝରକା ପାଖକୁ ଯାଇ ବାହାରକୁ ଦେଖୁଥିଲା । ଅନ୍ଧାରରେ ସେ ଭଲ ଭାବରେ ଦେଖି ପାରୁଥିଲା, ତାଙ୍କ ସାହିର

Download Magazine from www.aahwaan.com

ନସୀମ୍, ଅୟୁବ୍ ଆଉ ଶାହିଦ୍ ସମେତ ଅନେକ ଯୁବକ ପଡ଼ିଶାଘର ସାମନାରେ ବୋମାମାଡ଼ କରିଛନ୍ତି । ହାତରେ ତୀକ୍ଷ୍ଣ ଧାରୁଆ ଅସ୍ତ୍ରଧରି ବିକଟାଳ ଚିତ୍କାର କରି ବାହାରକୁ ଆସିବାକୁ ସେମାନଙ୍କୁ ଡାକ ପକାଉଛନ୍ତି । ପଛରେ ଠିଆ ହୋଇ ଏହା ଦେଖି ସକିନା ଆଉ ନିଜକୁ ସମ୍ଭାଳି ପାରିଲାନାହିଁ । ସେଇଠି ମୁହଁ ବୁଲାଇ ପଡ଼ିଗଲା । ଅବଦୁଲ୍ ସକିନାକୁ ଟେକି ନେଇ ଶେଯରେ ଶୁଆଇ ଦେଲା ।

ସକିନାର ନିଦ ଭାଙ୍ଗିବା ବେଳକୁ ବାହାରେ ବହୁତ ଆଲୋକ ଆସିଯାଇଥିଲା । ଶେଯରେ ଅବଦୁଲ୍ ନଥିଲା । ସେ ସକାଳୁ ଉଠି ମସଜିଦ୍ ଚାଲିଯାଏ । ତା'ପରେ ଘରକୁ ଫେରି ଦୋକାନକୁ ଯାଏ । ସେ ରାତିର ଘଟଣାରେ ଆତଙ୍କିତ ହୋଇ ଆଶଂକାରେ ଡରି ଡରି ଦାଣ୍ଡଘର ଝରକା ପାଖକୁ ଯାଇଥିଲା । ଝରକା ଦେଇ ଦେଖିଲା, ପଡ଼ିଶାଘର ସାମନାରେ ଅନେକ ଆସବାବପତ୍ର ଅଧାଜଳା ହୋଇପଡ଼ିଛି । ଅଗଣା ପାଖକୁ ଯାଇ କାନେଇ ଶୁଣିବାକୁ ଚେଷ୍ଟା କରୁଥିଲା ସେପାଖରେ କିଏ ଅଛନ୍ତି ନା ନାହିଁ । କୌଣସି ପ୍ରକାରର କିଛି ଶବ୍ଦ ସେ ଶୁଣିବାକୁ ପାଇନାହିଁ । ଘର ବାହାରେ ପୋଲିସ ଗାଡ଼ିର ସାଇରନ୍ ବାଜୁଛି । ସେ ଦାଣ୍ଡଘରେ କବାଟ ପାଖରେ ବସି ବାହାରକୁ ଚାହିଁ ରହିଛି । ରାତିର ଅନ୍ଧକାରରେ ଯେଉଁମାନେ ସବୁ ବୋମାମାଡ଼ କରିଥିଲେ ଆଉ ଖଣ୍ଡାକାତି ଧରି ଦୌରାତ୍ମ୍ୟ କରୁଥିଲେ ସେମାନଙ୍କ ଭିତରୁ କିଛି ଯୁବକଙ୍କୁ ପୋଲିସ ବାନ୍ଧି ନେଉଛି ।

ଏହି ସମୟରେ ଅବଦୁଲ୍ ଓ ଦୁଇଜଣ ପୁଅ ଦୂରରୁ ଆସୁଥିବା ଦେଖି ସେ ହାଲୁକା ମନେ କରୁଥିଲେ ବି ରାତିରେ ପଡ଼ୋଶୀଘରେ କଣ ହେଲା ସେ ବିଷୟ ଜାଣିବା ପାଇଁ ସେ ଉତ୍କଣ୍ଠାର ସହ ଅପେକ୍ଷା କରିଛି । ଅବଦୁଲ ଓ ପୁଅମାନେ ଘରକୁ ଆସିବାପରେ ଅବଦୁଲ୍ କବାଟକୁ ବନ୍ଦ କରିଦେଇ ଭିତରକୁ ସକିନାକୁ ନେଇ ଆସୁଛି । ରାତିରେ କଣ ହେଲା ବୋଲି ପ୍ରଶ୍ନ

Download Magazine from www.aahwaan.com

ପଚାରିବା ପରେ ଅବଦୁଲ୍ କହିଲା, "ପଡ଼ିଶାଘରକୁ ସେମାନେ ଲୁଟପାଟ କରିଛନ୍ତି । ଆଉ ଯାହା ଜିନିଷପତ୍ର ଥିଲା ସବୁ ନିଆଁ ଲଗେଇ ଦେଇଛନ୍ତି ।"

- "ଆଉ ଭାବି ? ଭୈୟା ?...." ଡରି ଡରି ସକିନା ପ୍ରଶ୍ନ କରୁଛି ।

ଅବଦୁଲ ସକିନାର ହାତଧରି ତାକୁ ଟାଣି ଟାଣି ନେଇ ଘର ପଛଆଡ଼କୁ ଥିବା କୋଠରୀକୁ ନେଇ ଯାଉଛି । ସେଇଠି ତଳେ ବିଛଣାଟାଏ ଉପରେ ପଡ଼ିଶାଘରର ପୁଅଝିଅ ଶୋଇଛନ୍ତି ଆଉ ଭୈୟା ଭାବି ମୁଣ୍ଡପାତି ବସିଛନ୍ତି ।

ବୀମା ନଗର, ଦ୍ୱିତୀୟ ଗଳି

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୦୦୮୫୬୭୦୮୫

Download Magazine from www.aahwaan.com

ଦଳିତ

ଏ ପି ଶୁଭକାନ୍ତ

ପୂର୍ବରୁ ଭାରତବନ୍ଦ ଘୋଷଣା ହୋଇଥିଲେ ମଧ୍ୟ ତା'ର ସେମିତି କିଛି ପ୍ରଭାବ ଅନୁଭୂତ ହେଉନଥିଲା । ଚଣ୍ଡିଖୋଲ ସାରା ଗହଳି ଚହଳି ଲାଗି ରହିଥିଲା । ଲାଗୁଥିଲା ସତେ ଯେମିତି ଆଜିର ବନ୍ଦ ଓଡ଼ିଶାରେ ପ୍ରଭାବହୀନ ।

ସକାଳୁ ଏପରି ଅବସ୍ଥା ଦେଖି ମୁଁ ଓ ମୋ ବନ୍ଧୁ ରମେଶ ଆମେ ଦୁହେଁ ବାଇକରେ କଟକ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ଆମେ ଦୁହେଁ ଗାଡ଼ିରେ ଯିବା ସମୟରେ ଦେଶର ରାଜନୈତିକ ସ୍ଥିତି ବିଷୟରେ ଆଲୋଚନା କରୁଥିଲୁ । ହଠାତ ଟାଙ୍ଗୀ ପାଖାପାଖି ହେଲା ବେଳକୁ ଦେଖିଲୁ ଗାଡ଼ି ଜାମ ହୋଇଛି । ଆଗରେ କିଛି ଲୋକ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ହାତରେ ବାଇଗଣୀ ପତାକା ଓ ମୁଣ୍ଡରେ ବାଇଗଣୀ କପଡା ବନ୍ଧାହୋଇଛି । ସେମାନେ ସୁପ୍ରିମକୋର୍ଟ ବିଚାରପତିଙ୍କ କୁଶପୁତ୍ତଳିକା ଦାହ କରିବା ସହ 'ଜୟ ଭୀମ' ସ୍ଲୋଗାନ ଦେଉଥିଲେ । ସେମାନେ ଦୋକାନ ବଜାର ଗାଡ଼ିମୋଟର ଭଙ୍ଗାରୁଜା କରିଛନ୍ତି ଅଥଚ ଲୋକମାନେ ବିରୋଧ ନ କରି ତାମସାକୁ ଉପଭୋଗ କରୁଛନ୍ତି । ମୋର ସେମାନଙ୍କ ଉପରେ କ୍ରୋଧ ଆସିଥିଲେ ବି ଯେହେତୁ ସାଙ୍ଗରେ ରମେଶ ଅଛି ଆଉ ସେ ଦଳିତ ତେଣୁ କିଛି କହିବି ପାରିଲିନି । "କାଦୁଅକୁ ଯିବି କାହିଁକି, ଗୋଡ଼ ଧୋଇବି କାହିଁକି" ନ୍ୟାୟରେ ମୁଁ ମଧ୍ୟ ଚୁପ ରହିଲି ।

ହଠାତ ଦେଖେ ତ ରମେଶ ସେମାନଙ୍କ ପାଖକୁ ମାଡ଼ି ଚାଲିଛି । ରମେଶ ଦଳିତ ହୋଇଥିବାରୁ ମତେ ଲାଗିଲା ସେ ବି ସେମାନଙ୍କ ସହ ମିଶିବାକୁ ଚାହୁଁଛି । ମୁଁ ତାକୁ ବାଧା

Download Magazine from www.aahwaan.com

ଦେଲି କିନ୍ତୁ ସେ ମୋ କଥାକୁ ନ ଶୁଣି ବିକ୍ଷୋଭ ସ୍ଥାନକୁ ମାଡ଼ି ଚାଲିଲା । ତାକୁ ନ ଅଟକାଇ ମନେ ମନେ ବହୁତ ଗାଳିଦେଲି ।

ରମେଶ ସେଠି ପହଞ୍ଚି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କଲା କିନ୍ତୁ ସେମାନେ ବୁଝିବାକୁ ନାରାଜ ।

ରମେଶ ପଚାରିଲା - ଆପଣ ଭାରତୀୟ ହୋଇ ଭାରତର କ୍ଷତି କିପରି କରୁଛନ୍ତି । ଏହି ରାୟକୁ ଗଣତାନ୍ତ୍ରିକ ପଦ୍ଧତିରେ ବିରୋଧ କରାଯାଇ ପାରିଥାନ୍ତା । ଏପରି କରିବା ଦ୍ୱାରା କିଛି ସୁଫଳ ମିଳିବନି । ୯୫% କ୍ଷେତ୍ରରେ ମିଛ ସାବ୍ୟସ୍ତ ହେଉଥିବାରୁ ଏହା ତଦନ୍ତସାପେକ୍ଷ । ମୁଁ ମଧ୍ୟ ଜଣେ ଦଳିତ ।

ଗହଳିରୁ ଏତେବେଳକୁ ରମେଶ ଦେହରେ କିଛି ପଥର ବାଜିସାରିଥିଲା ।

ଗହଳିରୁ ଜବାବ ଆସୁଥିଲା - ଆଉ ହିରୋ ହେବା ଦରକାର ନାହିଁ । ତୁ ଗୋଟେ ବେଇମାନ । ତୋତେ ଚମଚାଗିରି ପସନ୍ଦ ଆମକୁ ନୁହେଁ । ଯଦି ନିଜର ଭଲ ଚାହୁଁଚୁ ଆମ ସହିତ ଆସ ନହେଲେ ଅନ୍ୟମାନଙ୍କ ଭଳି ଦେଖ ।

ରମେଶ କହିଲା - ପଥର କଣ ଗୁଳି ମାରିଲେ ବି ମୁଁ ଡରିବିନି । ଆରେ ଯଦି ଆମ୍ବେଦକରଙ୍କୁ ମାନୁଛ, ତାହେଲେ ତାଙ୍କ କଥା ବି ମାନ । ସେ ସବୁବେଳେ କୁହନ୍ତି "ଆମେ ପ୍ରଥମେ ଓ ଶେଷରେ କେବଳ ଭାରତୀୟ ।" ଆମମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରି କିଛି ରାଜନୈତିକ ବ୍ୟକ୍ତି ନିଜର ଫାଇଦା ଉଠାଉଛନ୍ତି ଅଥଚ ବଳି ପଡୁଛେ ଆମେ ।

ଏଥର କିନ୍ତୁ ଗହଳିରୁ ଆଉ ଜବାବ ଆସିନଥିଲା ରମେଶ ଉପରେ ବାଡ଼ି ଓ ପଥର ମାଡ଼ ହୋଇ ଚାଲିଥିଲା । ଆଶ୍ଚର୍ଯ୍ୟ କଟକ ସହର ଉପକଣ୍ଠ ହେବା ସତ୍ତ୍ୱେ ବନ୍ଦ ସମୟରେ ପୋଲିସର ଅନୁପସ୍ଥିତି ଦେଶର ଆଇନ ଶୃଙ୍ଖଳା ବିଷୟରେ ପ୍ରମାଣ ଦେଉଥିଲା । କୌଣସି

Download Magazine from www.aahwaan.com

ଲୋକ ତାଙ୍କୁ ନ ଅଟକାଇ ମୋବାଇଲ ଫୋନରେ ଫୋଟୋ ଓ ଭିଡ଼ିଓ କରୁଥାନ୍ତି । ମୁଁ ୧୦୮କୁ ଫୋନ କଲି ଆଉ ଭିଡ଼କୁ ଠେଲି ରମେଶ ପାଖରେ ପହଞ୍ଚିବାକୁ ଚେଷ୍ଟା କଲି । ରମେଶର ରକ୍ତ ଜୁଡୁବୁଡୁ ଶରୀରକୁ ଆଣିବାବେଳକୁ ମୁଁ ମଧ୍ୟ କ୍ଷତାକ୍ତ ହୋଇସାରିଥିଲି । ୧୦୮ ଆସି ପହଞ୍ଚିବାବେଳକୁ ରମେଶର ଅବସ୍ଥା ସମ୍ପୂର୍ଣ୍ଣ ସାଂଘାତିକ । ମେଡିକାଲରେ ପହଞ୍ଚିବା ବେଳକୁ ରମେଶ ପଦେ କହିଲା - "ସେମାନେ ଜାତିବାଦରେ ଭାଙ୍ଗିବେ ଆମେ ରାଷ୍ଟ୍ରବାଦରେ ଯୋଡ଼ିବା" ଓ ସବୁଦିନ ପାଇଁ ଚୁପ ହୋଇଗଲା ।

ହରିପୁର, ଖଡ଼ିଆଙ୍ଗ, ଯାଜପୁର

୭୫୫୦୪୯, ଓଡ଼ିଶା

ଭ୍ରାମ୍ୟଭାଷ : ୮୨୮୦୧୩୦୭୦୫

ଇମେଲ୍ : zubun98@gmail.com

Download Magazine from www.aahwaan.com

କୋବି ପକୁଡ଼ି

ଅନୁସୂୟା ଜେନା

ମୁହଁ ସଂଜ ହେଇଥିଲା ମୁଁ ଝୁନୀ ମାଉସୀ ଘରେ ପହଁଚିଲା ବେଳକୁ । ଦାଣ୍ଡ ଘର ଡେଇଁ ଅଗଣା ଭିତରେ ପଶିଲା ବେଳକୁ ଝୁନୀ ମାଉସୀ ସଂଜ ବଳୁଥିଲା । ଅଗଣାରେ ଗଦା ହେଇଥିଲା ସଦ୍ୟ ଛିଣ୍ଡା ହେଇ ଆସିଥିବା ଦଶ ପନ୍ଦରଟା ଫୁଲକୋବି । ମତେ ଦେଖି ମାଉସୀ ଦଉଡି ଆସିଲା ମୋ ପାଖକୁ । ହଇରେ ସଞ୍ଜୟ, ଏତେ ଦିନରେ ତୋର ମାଉସୀ ମନେ ପଡିଲା କହି ସ୍ନେହରେ ମୋର ମୁହଁରେ ହାତ ବୁଲେଇ ଆଣିଲା ସେ । ହଉ, ଯା ନଳକୂଅ ପାଖରେ ଧୋଇ ହେଇକି ଆସେ । ଅଗାଧୁ ଏଇ ସାଙ୍ଗେ ସାଙ୍ଗେ ବିଲରୁ କୋବି ନେଇକି ଆସିଛି, ମୁଁ ତୋ ପାଇଁ କୋବି ପକୁଡି ତିଆରି କରୁଚି କହି ଲତା, ଲତା ବୋଲି ଡାକ ପକାଇଲା ମାଉସୀ । ବୋଧହୁଏ ଲତା ବୋଲି ନୂଆ ଝିଅ କିଏ ତା ଘରେ ସାହାଯ୍ୟ କରିବାକୁ ଅଛି । ମୁଁ ଗୋଡ଼ ହାତ ଧୋଇ ହେଇ ଅଗଣାରେ ପଡିଥିବା କାଠ ଚୌକିରେ ଯାଇ ବସିପଡ଼ିଲି ଧକଡ଼ କଚଡ଼ ହେଇ ଆସିଥିବା ବସର କ୍ଲାନ୍ତି ମେଣ୍ଟାଇବାକୁ ।

ମୋର ମନେ ପଡିଗଲା ଏମିତି ଗୋଟେ ମୁହଁ ସଞ୍ଜବେଳେ ଝୁନୀ ମାଉସୀ ଆସିଥିଲା ଆମ ଘରକୁ, ମୋର ରକ୍ଷାକାରିଣୀ ହେଇ । ସେ ଆମ ଘରେ ପହଁଚିଲା ବେଳକୁ ମୋ ଉପରେ ବାପାଙ୍କର ଗାଳିବର୍ଷଣ ହଉଥିଲା, ମୁଁ ନବମ ଶ୍ରେଣୀ ହାଫ ଇଆରଲି ପରୀକ୍ଷାରେ ଆଲଜେବ୍ରା ପେପରରେ ମୋଟରୁ କୋଡିଏ ନମ୍ବର ପାଇଥିଲି । ବାପା ଗାଳି କରୁଥିଲେ ସେ ଆଦର୍ଶ ଶିକ୍ଷକ ବୋଲି କେତେ ଭଲ ଛାତ୍ର ସବୁ ତିଆରି କରିଛନ୍ତି ଆଉ ମୁଁ ତାଙ୍କର ପୁଅ ହେଇ ଏମିତି ନମ୍ବର ରଖିଛି । ହଠାତ ବାପାଙ୍କ ଆଗରେ ଠିଆ ହେଇଯାଇଥିଲା ମାଉସୀ, କହିଥିଲା କାଇଁ ତା

Download Magazine from www.aahwaan.com

ଉପରେ ରାଗୁଚ ଶରତ ? ତାକୁ ମୋ ସଂଗେ ଛାଡିଦିଅ, ସେ ଆମ ଗାଁ ସ୍କୁଲରେ ପଢିବ । ଦେଖିବ, ତାକୁ ଫାଷ୍ଟ ଡିଭିଜନରେ ପାସ କରେଇବା ଦାୟିତ୍ୱ ମୋର । ଆମ ଗାଁ ସ୍କୁଲ ଶ୍ୟାମ ସାରଙ୍କ ପାଖରେ କେତେ ଦୁଷ୍ଟପିଲା ଭଲ ହେଇ ଯାଇଛନ୍ତି ଆଉ ଆମ ସଞ୍ଜୟ କଣ ବାଦ ପଡ଼ିଯିବ ? ତା ପର ସପ୍ତାହରେ ମୁଁ ବାପାଙ୍କ ସଂଗେ ଝୁନୀ ମାଉସୀ ଗାଁକୁ ଆସିଥିଲି, ବୋଉର ଦୁଆର ବନ୍ଧ ପାଖରେ ଠିଆ ହେଇ ଛଳ ଛଳ ଆଖିରେ ଠାକୁରଙ୍କୁ ଜୁହାର କରୁଥିବା କରୁଣ ମୁହଁକୁ ସାମ୍ନା କରିବାର ସାହସ କରିନପାରି ।

ରାମଚନ୍ଦ୍ରପୁର ଗାଁ ବରୀ ଅଞ୍ଚଳରେ ଗୋଟିଏ ଭଲ ଗାଁ ଭିତରେ ଗଣା । ଏଇଟା ଝୁନୀ ମାଉସୀର ଗାଁ । ସିଏ ମୋ ବୋଉର ବଡ଼ ଭଉଣୀ । ମଉସା ଅଲଗା ଜାଗାରେ ଚାକିରୀ କରୁଥିଲେ ଆଉ ତାର ଗୋଟିଏ ବୋଲି ପୁଅ ଶେଖର ଭାଇ କଟକରେ ରହି ପାଠ ପଢୁଥିଲେ । ରାମଚନ୍ଦ୍ରପୁର ହାଇସ୍କୁଲ ସବୁବେଳେ ଭଲ ରେଜଲ୍ଟ କରୁଥିଲା ମାଟ୍ରିକ ପରୀକ୍ଷାରେ । ନବମ ଶ୍ରେଣୀ ଅଧାରୁ ମୋର ସେଇ ସ୍କୁଲରେ ନାମ ଲେଖା ହେଇଗଲା । ସ୍କୁଲରେ ପ୍ରଥମ ଦିନ ମତେ ଭାରି ଭୟ ଆଉ ଲାଜ ମାଡୁଥିଲା, ମୁଁ କାହା ସଂଗେ ଭଲରେ କଥାବାର୍ତ୍ତା ହେଇପାରୁ ନଥିଲି । ଖେଳ ଛୁଟିରେ ପଛରୁ କେହି ମତେ ଡାକିଲା, 'ସଞ୍ଜୟ' ମୁଁ ବୁଲି ପଡି ଦେଖିଲି ନହକା ସାଙ୍ଗନା ରଙ୍ଗର ଦୁଇ ଟିକିଆ ବେଣୀ ବାନ୍ଧିଥିବା ଝିଅଟିଏ । ମୁଁ ଅନିମା, ଶ୍ୟାମ ସାରଙ୍କ ଝିଅ । ଝୁନୀ ବଡ଼ବୋଉ ତମ କଥା କହୁଥିଲେ । ସେଇଥିଲା ମୋର ଅନିମା ସଂଗେ ପ୍ରଥମ ସାକ୍ଷାତ । ମୁଁ ସ୍କୁଲ ପରେ ସନ୍ଧ୍ୟା ବେଳେ ଶ୍ୟାମ ସାରଙ୍କ ଘରକୁ ଟିଉସନ ଯାଉଥିଲି ଆଉ ଅନିମା ସଂଗେ ମୋର ବନ୍ଧୁତା ଖୁବ ଜମି ଯାଇଥିଲା । ଦୁଇ ଜଣ ସାରଙ୍କ ପାଖରେ ବସି ରାତି ନ'ଟା ଯାଏଁ ପାଠ ପଢୁଥିଲୁ । ଅନିମା ମଝିରେ ମଝିରେ ମାଉସୀ ଘରକୁ ଆସୁଥିଲା, ସେମାନେ ଦୁଇ ଜଣ ମିଶି ଖୁବ ବଢିଆ କୋବି ପକୁଡି ତିଆରି କରୁଥିଲେ । କୋବିକୁ ଛୋଟ ଛୋଟ ଖଣ୍ଡ କାଟି ସେଥିରେ ଧନିଆପତ୍ର, ଅଦା, ରସୁଣ, କଞ୍ଚା

Download Magazine from www.aahwaan.com

ଲଙ୍କା ଛେଚା ପକେଇ ବେସନ ଗୋଳେଇ ଗରମା ଗରମ କୋବି ପକୁଡି ଥାଳିଏ ଧରି ମାଉସୀ ମୋ ଆଗରେ ଥୋଇ ଦେଉଥିଲା । ମୁଁ ଆଗ ପଛ ନ ବିଚାରି ସେ ସବୁକୁ ଚଟାପଟ ଶେଷ କରିଦେଇ ଆହୁରି ଖାଇବାକୁ ଥାଳିଆ ବଢ଼ାଇ ଦେଉଥିଲି, କେବେ ଭାବୁନଥିଲି ସେମାନେ ଖାଇବାକୁ ଆଉ ଅଛି କି ନାହିଁ ବୋଲି । ଏମିତିରେ ମୋର ଅଧିକାଂଶ ବେଳେ ଜିଭ ପୋଡି ଯାଉଥିଲା ଗରମ ପକୁଡିକୁ ସିଧା ପାଟିରେ ପୁରାଇ ଦେବାରୁ ଆଉ ମୋର ବିକଳିଆ ଅବସ୍ଥା ଦେଖି ଅନିମା ହସି ହସି ଗଡି ଯାଉଥିଲା । ପୁଣି ପର ମୁହୂର୍ତ୍ତରେ କହୁଥିଲା ପକୁଡିକୁ ଦିଖଣ୍ଡ କରି ଫୁଙ୍କି ଫୁଙ୍କି ଖାଅ ସଞ୍ଜୟ, ତାହେଲେ ଶୀଘ୍ର ଥଣ୍ଡା ହେଇଯିବ, ଜିଭ ପୋଡିଯିବନି ।

କେବେ କେବେ ମୋର କିଶୋର ସୁଲଭ ସ୍ୱପ୍ନ ଅନିମାକୁ ମୋ ଘର ଅଗଣାରେ ପାଉଥିଲା, କିନ୍ତୁ ମୋ ବିବେକ ମତେ ଲଗାମ ଟାଣୁଥିଲା, ଛି ! ! ମୁଁ କଣ ଭାବୁଛି ? ? ଅନିମା ମୋ ଠାରୁ ଢେର ଭଲ ଛାତ୍ରୀ । ସେ ନିଶ୍ଚୟ ଭଲ ଚାକିରୀ ବାକିରି କରିବ, ତା ଛଡା ସିଏ ଯେ ଜାତିରେ ବ୍ରାହ୍ମଣ, ତା' ବିଷୟରେ ଏଣୁ ତେଣୁ ଭାବିବା ପାପ କଥା । ଏମିତି ଏମିତି ଦେଢ଼ ବର୍ଷ ପାଣି ଭଳି ଗଡି ଯାଇଥିଲା, ଆଉ ମୁଁ ମାଟ୍ରିକ ପରୀକ୍ଷା ରେଜଲ୍ଟ ବାହାରିବା ଆଗରୁ ଆମ ଗାଁକୁ ଚାଲି ଆସିଥିଲି, କିଛି ସ୍ମୃତିକୁ ସାଙ୍ଗରେ ନେଇ । ପରୀକ୍ଷା ଫଳ ବାହାରିଲା ଦିନ ବୋଉ ସବୁଠୁ ଅଧିକା ଖୁସି ଥିଲା କାରଣ ତା'ର ମୋର ଦୀର୍ଘ ଦେଢ଼ ବର୍ଷର ବିଚ୍ଛେଦର ମୂଲ୍ୟ ମୁଁ ରଖିଥିଲି, ଭଲ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାସ କରିଥିଲି । ମଝିରେ ମଝିରେ ଯେ ଅନିମା କଥା ମୋର ମନେ ପଡ଼େନି ତା ନୁହେଁ ହେଲେ ଆଉ କେବେ ମୁଁ ସୁଯୋଗ ପାଇନଥିଲି ତାକୁ ଦେଖିବାକୁ ଅବା କୃତଜ୍ଞତା ଜଣାଇବାକୁ ତା'ର ଆଉ ଶ୍ୟାମ ସାରଙ୍ଗର ମୋ ପାଠ ପଢାରେ ଅବଦାନ ପାଇଁ ।

ହଠାତ ଦିନେ କାମରେ ବାଲେଶ୍ୱର ଫିଲଡ ଅଫିସ ଯାଇଥିଲି, ବସଷ୍ଟାଣ୍ଡରେ ଅନିମାକୁ ଦେଖିଲି । ଯଦିଓ ତା' ଚେହେରାରେ ଢେର ପରିବର୍ତ୍ତନ ହେଇ ଯାଇଥିଲା ଏବଂ ଏଇ ଭିତରେ

Download Magazine from www.aahwaan.com

ସେ ବାହା ମଧ୍ୟ ହେଇ ସାରିଥିଲା, ତାକୁ ଚିହ୍ନିବାରେ ମତେ କିଛି ଅସୁବିଧା ହେଲାନାହିଁ । ଅନିମା, ମୁଁ ତାକୁ ପଛରୁ ଡାକିଲି, ସେ ବୁଲି ପଡି ମତେ ଚାହିଁଲା । ଆରେ ସଞ୍ଜୟ ? ? ? ତମେ ? ? କଣ ଖବର ? ? ଅନିମା ଠାରୁ ଜାଣିବାକୁ ପାଇଲି ଯେ ସେ ଓ୍ୱମେନ୍ସ କଲେଜରେ ଫିଜିକ୍ସ ଲେକ୍‌ଚର ଅଛି ଆଉ ସହଦେବଖୁଣ୍ଟା ଅଂଚଳରେ ଭଡା ନେଇ ରହୁଛି । ତା'ର ସ୍ୱାମୀ କଲିକତାରେ ଚାକିରୀ କରନ୍ତି, ଛୁଟିଦିନ ହେଲେ ତା' ପାଖକୁ ଆସନ୍ତି । 'ସଞ୍ଜୟ, ତମେ ସୁବିଧା ହେଲେ ମୋ ଘର ଆଡେ ଆସିବ, ତମକୁ ସେମିତି କୋବି ପକୁଡି ଖାଇବାକୁ ଦେବି' କହି ତା ଫୋନ ନମ୍ବର ଆଉ ଠିକଣା ଦେଲା ମତେ ଅନିମା । ମୁଁ ତାକୁ ହଉଟିଏ କହି ତା ଠାରୁ ବିଦାୟ ନେଲି ସେଦିନ ପାଇଁ ।

ମୁଁ ଜାଣିନି ମୋର ଦୁର୍ବଳତା ଅନିମା ପାଇଁ ଥିଲା ନା ତା' ହାତ ତିଆରି କୋବି ପକୁଡି ପାଇଁ , କିନ୍ତୁ ଯେତେବେଳେ ମୁଁ ଅଫିସ କାମରେ ବାଲେଶ୍ୱର ଯାଉଥିଲି, ସନ୍ଧ୍ୟା ହେଲେ ମୋର ମଟରସାଇକଲ ଆପେ ତା' ଘର ଆଡେ ମୁହାଉଁଥିଲା । ସତରେ ଅନିମା ଚମତ୍କାର ପକୁଡି ତିଆରି କରି ମତେ ଦଉଥିଲା ଆଉ ଆମେ ଦୁହେଁ ମିଶି ଆମ ସ୍କୁଲ ବେଳର ସ୍ମୃତି ସବୁ ମନେ ପକାଇ ଉଲ୍ଲସିତ ହଉଥିଲୁ । କିନ୍ତୁ ତା'ଘର ମାଲିକାଣିର କଟାସ ଭଳି ଆଖିରେ ସଂଦେହୀ ଚାହାଣୀ ମତେ ଜମା ଭଲ ଲାଗୁନଥିଲା । ସେ ମୋର ଯିବା ଆସିବା ବେଳେ ଯେମିତି ଗାରଡେଇ ଚାହୁଁଥିଲା ସେଥିରୁ ତା'ମନରେ ଥିବା କଥା ମୁଁ ସ୍ପଷ୍ଟ ଭାବରେ ବୁଝି ପାରୁଥିଲି, କିନ୍ତୁ ମୋ ଦୁର୍ବଳତା ଆଗରେ ମୁଁ ନାଚାର ଥିଲି । ଅବଶ୍ୟ ଚାରି ଛ ମାସ ପରେ ମୁଁ ସେ ଚାକିରୀ ଛାଡି କଟକ ଆସି ନୂଆ ଏକ ଚାକିରୀ କଲାପରେ ଅନିମା ସହ ଆଉ ସାକ୍ଷାତ ହେଇ ନଥିଲା । ଏଇ ଭିତରେ ଦୁଇ ତିନି ବର୍ଷ ବିତି ମଧ୍ୟ ଯାଇଥିଲା । କେଜାଣି ଏବେ କୋଉଠି ଅଛି ? ?

ସଞ୍ଜୟ, ନେ, ପକୁଡି ଖା । ମାଉସୀର ସ୍ୱରରେ ମୋ ଘୁମେଇ ପଡିଥିବା ଆଖି

Download Magazine from www.aahwaan.com

ଖୋଲିଗଲା । ଥାଳିରେ ଥାଳିଏ ପକୁଡି ମାଉସୀ ମୋ ହାତକୁ ବଢ଼ାଇ ଦେଲା । ତା ହାତରୁ ଥାଳି ନେଉ ନେଉ ମୁଁ ତା'କୁ ଅନିମା କଥା ପଚାରି ଦେଲି । ମାଉସୀର ମୁହଁଟା କାହିଁକି କେଜାଣି ନିରସିଆ ହେଇଗଲା । ତା' କଥା କହନା ପୁଅ । ଭଲ ଝିଅଟିଏ ତ ଥିଲା ତୁ ଜାଣିଚୁ । ହେଲେ ପୋଡ଼ାମୁହିଁ କାଇଁକି ଏମିତି କଲା କେଜାଣି ? ମାଉସୀ କଥା ଶୁଣୁ ଶୁଣୁ ଟାକୁ କରି ଗରମ ପକୁଡି ଗୋଟାଏ ପାଟିରେ ପୁରାଇ ଦେଲି ମୁଁ ଏବଂ ଚିରାଚରିତ ମୋର ଜିଭ ପୋଡିଗଲା ଗରମରେ । "ପକୁଡି କି ଦି ଖଣ୍ଡ କରି ଫୁଙ୍କି ଫୁଙ୍କି ଖା, ଆଉ ଜିଭ ପୋଡିଯିବନି ।" ମତେ ଶୁଣାଗଲା ଯେମିତି ମାଉସୀ ନୁହେଁ ଅନିମା ସେ କଥା କହୁଛି । ହଉ ଶୁଣ ତା' କଥା । ମାଉସୀ ପୁଣି ଆରମ୍ଭ କଲା, ଦି ଚାରି ବର୍ଷ ତଳେ ସେ ବାଲେଶ୍ୱରରେ ରହୁଥିଲା । ତା' ସ୍ୱାମୀ ତ ବାହାରେ କୁଆଡେ ରହୁଥିଲା ଯେ ମଝିରେ ମଝିରେ ତା ପାଖକୁ ଆସୁଥିଲା ହେଲେ ତା ଘରକୁ ଆଉ ଗୋଟେ ଟୋକା କିଏ ସବୁ ବେଳେ ଯିବା ଆସିବା କରୁଥିଲା । ତା' ଘର ମାଲିକାଣି କି ଏ କଥା ସମ୍ଭାଳିବ, ତା' ସ୍ୱାମୀ ଆଗରେ ସବୁ କଥା କହିଦେଲା । ତୁ ନିଜେ କହିଲୁ, ଏ କଥା ଶୁଣିଲେ କୋଉ ସ୍ୱାମୀ ଆଉ ସହିବ ? ସେଇଠୁ ତା'କୁ ଛାଡ଼ପତ୍ର ଦେଇଦେଲା । ସେଇ ଦୁଃଖରେ ଶ୍ୟାମ ସାର ଚାଲିଗଲେ ଆଉ ସିଏ ଏବେ ନବରଙ୍ଗପୁର ନା ମାଲକାନଗିରି କୁଆଡେ ଦୂର ଜାଗାରେ ରହୁଛି ।

ମାଉସୀ କଥା ଶୁଣି ମୋ ଜିଭ ଆହୁରି ଜୋରରେ ପୋଡା ହଉଥିଲା । ପ୍ରତିବାଦ ଆଉ ଆତ୍ମଗ୍ଲାନିରେ ମୁଁ ଯାହା କିଛି କହୁଥିଲି, ଗଁ ଗଁ ସ୍ୱର ବ୍ୟତୀତ ମାଉସୀ ଆଉ କିଛି ଶୁଣି ପାରୁ ନଥିଲା ।

ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର

Download Magazine from www.aahwaan.com

ଏତିକି ମାଗୁଣି ମୋର

ନିଳାଦ୍ରୀ ବିହାରୀ ନାୟକ

[ରବିବାର , ୨୪ ମାର୍ଚ୍ଚ ୧୯୯୬ , ବ୍ରହ୍ମପୁର , ଓଡିଶା]

"ରହ ରହ ରେ 'କଳାପାହାଡ଼'

ଭାଙ୍ଗିବି ମୁଁ ତୋ ପଞ୍ଜରା ହାଡ଼"

"ନା'... ମୁଁ ସେମାନଙ୍କୁ କଦାପି ଛାଡ଼ିବିନି । ଆମ ଓଡ଼ିଶାରୁ ସବୁକିଛି ଲୁଟି ନେଲେ । ଶେଷକୁ ଆମ ପ୍ରଭୁ ଜଗନ୍ନାଥ ବି ବାଦ ପଡ଼ିଲେନି ! "

ଭୋର ଚାରିଟା ରୁ ଏମିତି ସ୍ୱପ୍ନରେ ବିଳି ବିଳେଉ ଥାଏ ନିକ୍ସଣ (Nikon)।

ନନା ତ ଫୁଲ ତୋଳିବା ପାଇଁ ଚାରିଟାରୁ ଉଠି ପଡ଼ନ୍ତି । କିନ୍ତୁ ବୋଉ ଚମକି ଉଠି ପଡ଼ିଲେ । ମନେ ମନେ ଭାବିଲେ ବୋଧହୁଏ ରାତିରେ ଆଈଙ୍କ ଠୁ 'କଳା ପାହାଡ଼' ଗପ ଶୁଣି ଶୋଇଥିଲା ତ, ତା'ର ଏହି ପ୍ରଭାବ ।

ରାତି ପାହି ସକାଳ ହେଲା । ନିକ୍ସଣର ଅଜା ଆଈ ଥିଲେ ମହିମା ଧର୍ମାବଲମ୍ବୀ ।

ନିକ୍ସଣ କହେ ସେମାନେ ଆମ ପରି ମୂର୍ତ୍ତି ପୂଜା କରନ୍ତି ନାହିଁ । କେବଳ ଶୂନ୍ୟ ନିରାକାର ବ୍ରହ୍ମବାଦରେ ବିଶ୍ୱାସ କରନ୍ତି । ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟାସ୍ତ ପୂର୍ବରୁ ସେମାନେ ପୂଜା

Download Magazine from www.aahwaan.com

(ଦର୍ଶନ) କରି ଆସନ୍ତି ଅଲେଖ ନିରଞ୍ଜନ ଧ୍ୱନିରେ ।

ଆଈ : ନିକ୍ୱଣ, ଜଲଦି ଉଠିପଡ଼ । ସକାଳ ୬ ଟା ୩୦ ହେଲାଣି । ମୁଁ ଉପରବେଳା କେତେ ନୂଆ ଗପ କହିବି ଯେ !

ରେଡ଼ିଓରୁ ଭାସି ଆସୁଥାଏ.... "ଆକାଶବାଣୀ ବ୍ରହ୍ମପୁର । ୧୦୦.୬ ମେଗା ହର୍ଜ ଯୋଗେ ଆମର ଆଗାମୀ କାର୍ଯ୍ୟକ୍ରମ 'ଅନୁଚିନ୍ତା' । ଉପସ୍ଥାପନା କରିଛନ୍ତି ଶଙ୍କର୍ଷଣ ମଙ୍ଗରାଜ ।

ଆଈଙ୍କ ଗୋଟିଏ ଡାକରେ ନିକ୍ୱଣ ଉଠିପଡ଼ିଲା ।

କାନନ (Canon, ନିକ୍ୱଣର ବଡ ଭଉଣୀ): ଆଈ, ତୋର 'ଅନୁଚିନ୍ତା' ଶୁଣିବା ସମୟ ହୋଇଗଲାଣି ।

ଆଈ : ମୋ ସୁନା ନିକ୍ୱଣ, ତୁ ବେଗେ ଯା' । ଗାଧୋଇ ପାଧୋଇ ଆସେ । ତୋ ପାଇଁ ମୁଁ ଚକୁଳି ପିଠାକରି ଦେଇଛି । ମୁଁ ଯାଏ 'ଅନୁଚିନ୍ତା' ଶୁଣି ଆସେ । ବେଳ ହେଲାଣି ।

X X X

ଜେଜେ ମା'ର ବାରଣ ହେତୁ ନିକ୍ୱଣ **'ଟିକି ଫୁଲ'** *ନାଟକରେ ଭାଗ ନେଇ ପାରି ନଥିଲା । ସେଥି ପାଇଁ ମନରେ ତା'ର ବହୁତ ଦୁଃଖ ।

MKCG ମେଡିକାଲ କ୍ୟାମ୍ପସ ହାଇସ୍କୁଲରେ ତା' ଶ୍ରେଣୀ ଶିକ୍ଷକ ନୀରଦ ସାରଙ୍କୁ ସେ ସବୁ କହିଥିଲା ।

ଆଗକୁ ଆସୁଛି ଏପ୍ରିଲ ୨୮, ମଧୁବାବୁଙ୍କ ଜନ୍ମଦିନ । ଆନ୍ତଃ ବିଦ୍ୟାଳୟ ଗଳ୍ପ / ଜୀବନୀ / ବକୃତା / ପ୍ରବନ୍ଧ / ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରିଛି ବ୍ରହ୍ମପୁର ମହାନଗର ନିଗମ । ନିକ୍ୱଣ ମଧୁବାବୁଙ୍କ ପିଲାଦିନ ବିଷୟରେ ଗପ ଶୁଣାଇବ ବୋଲି ନୀରଦ

Download Magazine from www.aahwaan.com

ସାର୍ ତାକୁ ମନୋନୀତ କରିଛନ୍ତି । ଗପ କହିବାରେ ନିକ୍ୱଣ ଧୁରନ୍ଧର । ଆଇଙ୍କ ଠାରୁ ଶୁଣିଥିବା ପଞ୍ଚତନ୍ତ୍ରର କଥା, ଅମର ଚିତ୍ରକଥାର ସବୁ ଗପ ତା' ଭଳି ଆଉ କେହି କହି ପାରିବେ ନାହିଁ ।

କାନନ କହେ, "ଆଇଙ୍କ ଗପ ଗଣ୍ଠିଲିରେ କେତେ ଯେ ଗପ ଅଛି ତାର କଳନା ନାହିଁ, ଆମ ଦୂରଦର୍ଶନର 'କଥା କହୁଥିଲେ ସରିବନି'/ 'ଶାନ୍ତି' ଧାରାବାହିକ ସରିଯିବ ହେଲେ ଆଇର ଗପ ସରିବନି । ଗପ ଗପରେ ଦେଶ ବିଦେଶର ସାହିତ୍ୟ, ସଂସ୍କୃତି, ବିଜ୍ଞାନର ଗଭୀର ତତ୍ତ୍ୱ ।"

ନମ୍ରତା ପ୍ରଧାନ (ପଟେଲ) ଥିଲେ ନିକ୍ୱଣର ଆଇ । ଗାଁ ଲୋକେ ତାଙ୍କୁ ଶ୍ରଦ୍ଧାରେ 'ବଡେଇ', 'ଶଶି ଆଇ', 'ପାଠୋଇ ଆଇ', 'କୁଣିଆ ମା', 'ଅବା', 'ଅଲେଖ ଆଇ', 'ମହିମା ଆଇ', 'ମାହୀ ବୋଉ', (ନିକ୍ୱଣର ମା'ଙ୍କ ନାଁ ଥିଲା ନମିତା - ଡାକ ନାଁ ମାହୀ) ଏମିତି କେତେ ନାଁରେ ଡାକନ୍ତି । ଆଇ ପ୍ରକୃତରେ ଗୁଜୁରାତି, କିନ୍ତୁ ୭୦ ବର୍ଷ ହେଲା ଆସି ଓଡ଼ିଶାରେ । ଝାଟି ମାଟିର ଦୁଇ ବଖରା ଘର ଗଞ୍ଜାମ ଜିଲ୍ଲାର ଥୋଲଣ୍ଡା ଗାଁରେ । ବିଖ୍ୟାତ ଗଞ୍ଜାମର ଏକ ଅଖ୍ୟାତ ପଲ୍ଲୀ ବୋଲି ନନା ଥଟ୍ଟା କରନ୍ତି । **ଅଜା ନବଘନ ପ୍ରଧାନ**, ବହୁ ପ୍ରତିଭାର ଅଧିକାରୀ । ତାଙ୍କ ବିଷୟରେ ଆଉ ଦିନେ ବଖାଣିବା । ପଢାପଢିରେ ଆଇଙ୍କ ବଡ଼ ଆଗ୍ରହ, ଅନୁରାଗ । ତାଙ୍କ ଗାଁ ଚାଟଶାଳୀରେ ସେ ସବୁବେଳେ ପ୍ରଥମ ବୋଲି ଗାଁ ଲୋକେ କହନ୍ତି । ସେ ଗୁଜୁରାତି, ଓଡ଼ିଆ, ହିନ୍ଦୀ, ବଙ୍ଗାଳି, ଇଂରାଜୀ, ମରାଠୀ, ଆସାମୀ ଭଳି ବହୁତ ଭାଷା ପଢି ଲେଖି ବୁଝି ପାରନ୍ତି । ଅଜା ବି ସେମିତି - କଥା କଥାରେ ସଂସ୍କୃତର ଚାଣକ୍ୟ ଶ୍ଳୋକ ।

ଥୋଲଣ୍ଡା ଗାଁ ବାଲା କୁହନ୍ତି ଆଇ କୁଆଡେ ଯୌତୁକରେ ଗୁଜୁରାଟରୁ ତିନି ସିନ୍ଦୁକ ବହି ଆଣି ଥିଲେ - ଚାରି ପାଞ୍ଚଟି ଭାଷାର । ବୋଉ କହେ, "୧୯୮୪ରେ ଯେତେବେଳେ ପ୍ରତିଭା

Download Magazine from www.aahwaan.com

ରାୟଙ୍କ 'ଯାଙ୍କସେନୀ' ପ୍ରକାଶ ପାଇଥିଲା, ଆଈଙ୍କ ପାଖରେ ଗାଁର ପ୍ରଥମ '**ଯାଙ୍କସେନୀ**' ବହି ଡାକ ଯୋଗେ ଆସି ପହଞ୍ଚିଥିଲା ।

ଆଜିକାଲି ପରି ଆମାଜନ୍(Amazon), ପେଟିଏମ୍ (Paytm), ଫ୍ଲିପ୍ କାର୍ଟ୍ (Flipkart) ନ ଥିଲା ସେ ସମୟରେ... ଗାଁ ଭାଗବତ ଟୁଙ୍ଗିରେ ସନ୍ଧ୍ୟା ହେବା ଆଗରୁ ଆଈ ଯାଙ୍କସେନୀର କେଇ ଅନୁଚ୍ଛେଦ ବଖାଣି ଶୁଣାଉଥିଲେ ଅପାଠୁଆ ଅପାଠୋଇ ବୁଢାବୁଢୀଙ୍କୁ । ବଦଳରେ ସେମାନେ ଆଈର ସାହାଯ୍ୟ ସହଯୋଗ କରିଥାନ୍ତି । ଆମ ବ୍ରହ୍ମପୁର ସହରର ଉଚ୍ଚ ଶିକ୍ଷିତ ପଡୋଶୀ ମାନଙ୍କ ପରି ସ୍ୱାର୍ଥପର, ନିଷ୍ଠୁର, ଈର୍ଷ୍ୟା ପରାୟଣ ନଥିଲେ ସେମାନେ । ଗରିବ ହେଲେ କ'ଣ ହେଲା... ଅତି ସରଳ, ସୁନ୍ଦର, ନିରାମୟ ଜୀବନ ସେମାନଙ୍କର.... ଡାକ ନନା ଆଣିଥିବା ଚିଠିକୁ ଆଣି ସେମାନେ ହାଜିର ହୋଇ ଯାଆନ୍ତି ଆଈ ପାଖରେ, ଗାଁର ଅଳ୍ପ କେତେକ ଶିକ୍ଷିତଙ୍କ ପରି ଆଈ କାହା କଥାକୁ ପ୍ରଘଟ କରନ୍ତିନି । **ନିକ୍ୱଣର ଡାଏରୀ**ରୁ ଏ ଥିଲା ନମ୍ରତା ଆଈଙ୍କର ସଂକ୍ଷିପ୍ତ ପରିଚୟ ।

X X X

ଅପରାହ୍ନ ଚାରିଟା ସମୟ । ନିକ୍ୱଣ ଆସି ପହଞ୍ଚିଯାଏ ଆଈଙ୍କ ପାଖରେ ବାକିଥିବା ଗପ ଶୁଣିବା ପାଇଁ ।

ନିକ୍ୱଣ : ଆଈ, ସେ ଦୁଷ୍ଟ 'କଳାପାହାଡ଼'ର ଗପ ପରେ ଶୁଣିବି । ବୋଉ କହୁଥିଲା ମୁଁ କୁଆଡ଼େ ସ୍ୱପ୍ନରେ ବିଳି ବିଳେଉଥିଲି । ସେଦିନ ଯେଉଁ ମଧୁବାବୁଙ୍କ ପିଲାଦିନ କଥା କହୁଥିଲୁ , ଆଉ ଯେତେ ବାକି ଅଛି କହ ।

ଆଈ : ଠିକ ଅଛି ନିକ୍ୱଣ । ତୁଳସୀ ଦୁଇପତ୍ରରୁ ବାସିଲା ପରି ମଧୁବାବୁଙ୍କ ନିର୍ଭୀକତାର କାହାଣୀ ତାଙ୍କ ପିଲାଟି ଦିନରୁ ହିଁ ଜଣା ପଡିଥିଲା ।

Download Magazine from www.aahwaan.com

୧୮୫୩ ମସିହାର କଥା । ସେତେବେଳେ ଇଂରେଜ ମାନେ ଆମକୁ ଶାସନ କରୁଥାନ୍ତି । ସେ ସମୟରେ ଆଜିକାଲି ପରି ଛତୁ ଫୁଟିଲା ଭଳି ସରକାରୀ, ବେସରକାରୀ ସ୍କୁଲ ନ ଥିଲା । ସବୁପିଲା ଚାଟଶାଳୀରୁ ହିଁ ପାଠପଢା ଆରମ୍ଭ କରୁଥିଲେ । '**ଚାଟ**' ମାନେ ଛାତ୍ର, ଚାଟଶାଳୀକୁ କେହି କେହି '**ଚାହାଳି**' ବି କହୁଥିଲେ ।

ନିକ୍ୱଣ : ଓଃ ! ଏବେ ମୁଁ ବୁଝି ପାରିଲି, ତୋ ପିଲାଦିନ ବହିକୁ ତୁ କାହିଁକି, '**ଚାଟଶାଳୀ ପାଠ**' ବୋଲି କହୁ ।

ଆଈ : ହଁ, ସେତେବେଳେ ଆଜି କାଲିକା ପରି ଆମ ବହିବସ୍ତାନୀ ଏତେ ଭାରି ନଥିଲା । ଅଙ୍କ, ବିଜ୍ଞାନ, ସାହିତ୍ୟ, ଏହି ପରି ସବୁ ବିଷୟକୁ ନେଇ କେବଳ ଗୋଟିଏ ବହି । ଖନ୍ଦା ପଣକିଆଠାରୁ କେଶବ କୋଇଲି ପର୍ଯ୍ୟନ୍ତ ଗୋଟିଏ ବହି । ଚାଟଶାଳୀରେ ପାଠ ପଢ଼ାଉଥିବା ଶିକ୍ଷକଙ୍କୁ '**ଅବଧାନ**' ବୋଲି କହୁଥିଲେ । ଆଜିକାଲିକା ପିଲେ ମନେ ମନେ ଗୁଣୁଗୁଣୁ ହୋଇ କ'ଣ ଯେ ପଢ଼ନ୍ତି ମୋର ଟିକେ ବି ମନକୁ ପାଉନି । ସତେକି M.A. , B.A ଜନ୍ମରୁ । ସେ କାଳରେ ବଡ ପାଟି କରି ପିଲେ ପଣକିଆ ଘୋଷୁ ଥିଲେ । ଯିଏ ଯେଉଁ ପାଠ ପଢୁନା କାହିଁକି, ସବୁ ପିଲା ବଡ ପାଟି କରି ପଢିବା ନିହାତି ଦରକାର । ଯିଏ ନ ମାନିଲା, ତା' ପିଠିରେ ବେତ ପାହାର । ଏବେ ସିନା ସରକାର ନାନା କଟକଣା ଜାରି କରିଛନ୍ତି । ପିଲାଙ୍କୁ ଦଣ୍ଡ ଦେବା ମନା । ଦଣ୍ଡ ଦେବା ଆଗରୁ, ଆଜିକାଲିକା ପିଲେ ଓ ତାଙ୍କ ଅଭିଭାବକ ପୋଲିସ ହେଲ୍ପ ଲାଇନର ସାହାଯ୍ୟ ନେଉଛନ୍ତି । କି ଯୁଗ ହେଲା କେଜାଣି ! ଏମିତି ଜଣେ ଅବଧାନ ଥିଲେ ମଧୁବାବୁଙ୍କର । ତାଙ୍କ ନାଁ ମୁଁ ପାସୋରି ଦେଇଛି । ମନେ ପଡିଲେ ପରେ କହିବି ।

କାନନ : (ବୀଜଗଣିତର ସମସ୍ୟା ସମାଧାନ କରୁ କରୁ) ହେଲା ଆଈ ଆମ ବୀଜଗଣିତର ଭାଷାରେ ସେଇ ଅବଧାନଙ୍କୁ 'x' ମନେ କରାଯାଉ । ଆମେ ଆଗକୁ ବଢ଼ିଯିବା

Download Magazine from www.aahwaan.com

। x ନିଜେ ଆସି କହିଯିବ ସେ କିଏ ! ଜଟିଳ ସମସ୍ୟାର ସମାଧାନ ତ ଏମିତି ହୁଏ ବୋଲି ଆମ **ଉତ୍ତରକବାଟ ଗୁରୁମା** କହୁଥିଲେ !

ଆଈ : (ହସି ଦେଇ) ଆଚ୍ଛା ! ଆଜି ତୁ ବି ଏପଟେ କାନ ଦେଇ ଶୁଣୁଛୁ କାନନ ।

ନିକ୍ୱଣ : (ରାଗି ଯାଇ) ନାନୀ, ତୁ ବିରକ୍ତ କରନି, ଗପ ତ ସରିବନି, ଆଈ କହ ତା'ପରେ କ'ଣ ହେଲା ।

ଆଈ : ସେଇ x ଅବଧାନଙ୍କର ଟିକିଏ ବଦଭ୍ୟାସ ଥିଲା । ପାଠ ପଢାଉ ପଢାଉ ସେ ବେଳେବେଳେ ଢୁଳାଇ ପଡୁଥିଲେ । କିନ୍ତୁ ପିଲାଏ ଭୟରେ ଅବଧାନଙ୍କ ବିରୋଧରେ କିଛି କହୁନଥିଲେ । ଅବଧାନ ବି ସେମିତି । ପିଲାଏ ଶ୍ରେଣୀରେ ବିଶୃଙ୍ଖଳା କଲେ ବି ଅବଧାନେ କିଛି କଟକଣା କରୁନଥିଲେ । ମଧୁବାବୁ ଥିଲେ ଚୌଧୁରୀ ବଂଶର ପିଲା । **ବାପା ଚୌଧୁରୀ ରଘୁନାଥ ଦାସ** ଓ **ମା' ପାର୍ବତୀ ଦେବୀ ।** ତାଙ୍କ ପ୍ରକୃତ ନାଁ ଥିଲା ଚୌଧୁରୀ ଗୋବିନ୍ଦ ବଲ୍ଲଭ ଦାସ । କିନ୍ତୁ ପରେ ତାଙ୍କ ବାପା ନାଁ ବଦଳାଇ ମଧୁସୁଦନ ରଖିଥିଲେ । ସେ ଥିଲେ ଅତି ବିଚକ୍ଷଣ, ଚାଲାକ । ଦିନେ ଚାଟଶାଳୀରେ ତାଙ୍କ ପଟେ ଜୋତା କିଏ ଲୁଚାଇ ଦେଲା । ସେତେବେଳେ ଅବଧାନ ନିଦରେ ଶୋଇ ପଡ଼ିଥାନ୍ତି । ବଡ ପାଟିରେ ଆପତ୍ତି ଜଣାଇଲେ ଆମ କୁନି ମଧୁବାବୁ, **"ଆଜ୍ଞା ! ମୋର ଜୋତା ପଟେ କିଏ ଚୋରି କରି ନେଇଛି । ଖୋଜି ପାଉନି !"**

ଅବଧାନ (ଢୁଳାଉଥିବା ଅବସ୍ଥାରେ) କହିଲେ, "ଚୁପ କର ବସିଯା । ପଟେ ଜୋତା ନେଇ କିଏ କଣ କରିବ ? ନେଇଥିଲେ ଦି ପଟ ନେଇଥାନ୍ତା । **ତୁ ପଟେ ଜୋତା ପିନ୍ଧି ଘରୁ ଆସିଥିବୁ । ଘରେ ଆଉ ପଟେ ଥିବ ।"**

ଅବଧାନଙ୍କ ଏମିତି କଟୁ କଥା ତାଙ୍କୁ ଭାରି ବାଧିଥିଲା । ମନେ ମନେ ସେ ସୁଯୋଗ ଖୋଜୁଥିଲେ, ଅବଧାନଙ୍କର ଅନ୍ୟାୟର ବିରୋଧ କରିବେ ନିଶ୍ଚୟ ।

Download Magazine from www.aahwaan.com

ଏମିତି ଆଉ ଦିନକର କଥା । ଚିରାଚରିତ ଭାବେ ଅବଧାନେ ପିଲାମାନଙ୍କୁ ପାଠ ପଢିବାକୁ ଦେଇ ଚୌକିରେ ଶୋଇ ପଡ଼ିଥିଲେ । ପାଦରେ ଥିଲା ତାଙ୍କର ଦାମିକା ମରହଟ୍ଟା ଜୋତା । ଅବଧାନଙ୍କ ପାଦରୁ ଗୋଟିଏ ପଟ ଖସି ତଳେ ପଡିଯାଇଥାଏ । "ଯାହାହେଉ, ଆଜି ଏତେଦିନକେ କାଳିଆ ମୋ କଥା ଶୁଣିଛି, ଏଇ ସୁଯୋଗର ହାତଛଡା କଲେ ହେବନି !" ମନେ ମନେ ଭାବୁଥିଲେ ମଧୁବାବୁ । ଅବଧାନଙ୍କ ପଟେ ଜୋତା ନେଇ ପାଖରେ ଥିବା ଏକ ଗାଡ଼ିଆରେ ଫିଙ୍ଗିଦେଲେ । ହାତ ଠାରି ବାକି ସାଙ୍ଗ ମାନଙ୍କୁ ଚୁପ ରହି ବାକୁ ଜଣାଇ ଦେଇଥିଲେ । ବର୍ଷା ଦିନଥିଲା । ଆକାଶରେ କଳାହାଣ୍ଡିଆ ମେଘ ସାଙ୍ଗକୁ ଘଡଘଡି ବିଜୁଳି ଶବ୍ଦରେ ଅବଧାନଙ୍କ ନିଦ ଭାଙ୍ଗିଗଲା । ପଟେ ଜୋତା ନ ଥିବା ଦେଖି କେତେ ଖୋଜିଲେ । ହେଲେ ପାଇଲେ ନାହିଁ । ଠିକ ସେତିକି ବେଳେ ମଧୁବାବୁ ଉଠି କହିଲେ, "**ଅବଧାନେ ! ଆପଣ ନିଶ୍ଚୟ ପଟେ ଜୋତା ପିନ୍ଧି ଆସିଥିବେ ।** ଆଉ ପଟେ ଘରେ ଥାଇପାରେ । ବ୍ୟସ୍ତ ହୁଅନ୍ତୁ ନାହିଁ, ଏବେ ତ ବର୍ଷା ହେଉଛି । ବର୍ଷା ଛାଡିଲେ ଆଜି ଟିକେ ଜଲ୍‌ଦି ଘରକୁ ଚାଲିଯିବେ । ମୋ ମନ କହୁଛି, ନିଶ୍ଚେ ମିଳିଯିବ !" ଅକଲ ଗୁଡ଼ୁମ ହୋଇଗଲା ଅବଧାନଙ୍କର !

ଅବଧାନ ପୁରା ରାଗରେ ପଞ୍ଚମା (ରାଗିଯାଇ) କହିଲେ, "ମୁଁ କ'ଣ ମୂର୍ଖ ? କିଏ କେବେ ପଟେ ଚପଲ ପିନ୍ଧି ଆସିପାରେ ? ତୁ କେମିତି ମୋତେ ଏ କଥା କହି ପାରିଲୁ ?"

ମଧୁ ବାବୁ (ନିର୍ଭୀକ ଭାବରେ): ଆଜ୍ଞା ! ମୁଁ କଣ ଅନ୍ୟାୟ କଥା କହିଲି କି ? ସେ ଦିନ ଆପଣ ଯଦି ମୋତେ କହି ପାରିଥିଲେ ମୁଁ ପଟେ ଜୋତା ପିନ୍ଧି ଘରୁ ଆସିଥିଲି ବୋଲି, ସେଇ ଆପଣଙ୍କ କଥା ଆପଣଙ୍କୁ କହି ମୁଁ କ'ଣ ଭୁଲ କଲି ଯେ ?

ଛୋଟ ପିଲାଟିର ଏଭଳି ନିର୍ଭୀକତା ପୂର୍ଣ୍ଣ କଥାରେ ଅବଧାନେ ନିଜର ଭୁଲ ବୁଝି

Download Magazine from www.aahwaan.com

ପାରିଥିଲେ । ନୀରବ ରହିବା ଛଡା ତାଙ୍କର ଅନ୍ୟ କିଛି ଉପାୟ ନଥିଲା । ଯଦି କଥାଟି ପ୍ରଘଟ ହୋଇଯାଏ, ତେବେ ଅବଧାନଙ୍କ ଶୋଇବା କଥା ଧରା ପଡିଯିବ, ସେଇ ଦିନ ଠାରୁ ଅବଧାନେ ପାଠ ପଢ଼ାଇବା ସମୟରେ ଢୁଳାଇବା ଛାଡି ଦେଲେ ।

ଆଈ : "ମୋ କଥାଟି ସରିଲା, ଫୁଲ ଗଛ ଟି ମରିଲା" ... କେମିତି ଲାଗିଲା ନିକ୍ୱଣ ?

ନିକ୍ୱଣ (ଖୁସିରେ) : ଆଈ, ବହୁତ ବଢିଆ, ମୁଁ ଏଇ ଗପକୁ ମଧୁ ଜୟନ୍ତୀ ଦିନ ସ୍କୁଲରେ କହିବି ।

X X X

[୨୮ ଏପ୍ରିଲ ୧୯୯୬, ସନ୍ଧ୍ୟା ୫ ଟା ୩୦, ବ୍ରହ୍ମପୁର, ଓଡିଶା]

ମଧୁ ଜୟନ୍ତୀ ଅବସରରେ ଆନ୍ତଃ ବିଦ୍ୟାଳୟ ଗଳ୍ପ କଥନ ପ୍ରତିଯୋଗିତାରେ ନିକ୍ୱଣ ପ୍ରଥମ ହୋଇ ଜିଲ୍ଲାପାଳଙ୍କ ଠାରୁ ପୁରସ୍କାର ପାଇଥାଏ । ସେ ଖୁବ୍ ଖୁସି ।

ତା'ର ପ୍ରମାଣ ପତ୍ରରେ (ସାର୍ଟିଫିକେଟରେ) ନୀଳ ରଙ୍ଗରେ ବଡ ବଡ ଅକ୍ଷରରେ ଲେଖାଥାଏ "**ନିକ୍ୱଣ ନିତ୍ୟଦର୍ଶୀ ମାନସିଂହ, ପ୍ରଥମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ ମେଡିକାଲ କ୍ୟାମ୍ପସ ଗଳ୍ପ କଥନରେ ପ୍ରଥମ**" । ଆଈ ବି ବହୁତ ଖୁସି, ସେ କହିଥିବା ଗପ କହି, ତାଙ୍କ ନାତି ବଡ ହାକିମବାବୁଙ୍କଠୁ ପୁରସ୍କାର ପାଇଛି ବୋଲି ।

ନିକ୍ୱଣ : ଆଈ ଖାଲି ସେତିକି ନୁହେଁ, କାନନ ନାନୀର ବୀଜଗଣିତର x ର ମୂଲ୍ୟ ବି ଜଣା ପଡିଛି । ନୀରଦ ସାର୍ କହିଦେଇଥିଲେ ମୁଁ ପ୍ରତିଯୋଗିତାକୁ ଯିବା ପୂର୍ବରୁ । x = ମାଗୁଣି !

ଆଈ : ହଁ । ମାଗୁଣି ଅବଧାନ ! ମାଗୁଣି ନାୟକ ଥିଲା ତାଙ୍କର ପ୍ରକୃତ ନାଁ । ମାଟି ବଂଶର ଅଭିଧାନ ।

Download Magazine from www.aahwaan.com

X X x

ଆକାଶବାଣୀ ବ୍ରହ୍ମପୁର, ୧୦୦.୬ ମେଗା ହର୍ଜ, ବର୍ତ୍ତମାନ ଷ୍ଟୁଡିଓ ଘଡିରେ ବାଜିବାକୁ ଯାଉଛି ସନ୍ଧ୍ୟା ୬ଟା ବାଜି ୨ମିନିଟ୍, ପ୍ରାଚୀନ ଭକ୍ତି ସଙ୍ଗୀତ କ୍ରମରେ **କଣ୍ଠଶିଳ୍ପୀ ଲତା ଘୋଷ, ବନମାଳୀଙ୍କ ରଚନା**ରୁ

"ମଣିମା ହେ ଏତିକି ମାଗୁଣି ମୋର ,

ମରଣ କାଳେ ଦରଶନ ଦେବ କଳାମୁଖ କଳାକାର"

ନିକ୍ୱଣ : ଦେଖିଲୁ ଆଈ, ମଧୁବାବୁଙ୍କ ପରି ଆମ ରେଡ଼ିଓ ବି କେତେ ଚାଲାକ, 'ମାଗୁଣି' ଅବଧାନଙ୍କ କଥା ମନେ ପଡୁ ପଡୁ ଏହି ସୁନ୍ଦର ଭଜନଟି ପ୍ରସାରଣ କରିଦେଲେ - 'ଏତିକି ମାଗୁଣି ମୋର !'

ଆଈ : ସତରେ ନିକ୍ୱଣ ! ସେଇ ଦିନଠାରୁ ମନେ ପକାଉଥିଲି ଅବଧାନଙ୍କ ନାଁ କ'ଣ ଥିଲା ବୋଲି । ଆଜି ଠିକ ମଧୁ ବାବୁଙ୍କ ଜନ୍ମ ଦିନରେ ତୋ ନୀରଦ ସାର୍ ଓ ଆମ ବେତାଳିଆ ବେତାର ଯନ୍ତ୍ର ଜରିଆରେ ସ୍ୱୟଂ ମଧୁବାବୁ ଆସି କାନେ କାନେ କହି ଦେଇଛନ୍ତି ତାଙ୍କ ଅବଧାନଙ୍କ କଥା ।

ସେମାନଙ୍କୁ ପ୍ରଭୁ କୋଟି ପରମାୟୁ ଦିଅନ୍ତୁ । ଆଜିବି ମଧୁବାବୁ, ମାଗୁଣି ଅବଧାନ ଆମ ସ୍ମୃତିରେ ସାଇତା ହୋଇ ରହିଛନ୍ତି । ରହିଥିବେ ଚିରକାଳ ପର୍ଯ୍ୟନ୍ତ ।

"ହେ ଶୂନ୍ୟ ଭଗବାନ ! ଏତିକି ମାଗୁଣି ମୋର", (କହି ଆଈ ଚାଲିଗଲେ ସନ୍ଥ ଭୀମଭୋଇଙ୍କ 'ମହିମା ଧର୍ମ' ସମ୍ବଳିତ ପୁସ୍ତକ ପଢିବା ପାଇଁ) !

*ଟିକି ଫୁଲ : ଆହ୍ୱାନ ପତ୍ରିକା ର ମାର୍ଚ୍ଚ , ୨୦୧୮ ସଂଖ୍ୟା ପଢନ୍ତୁ (ପୃଷ୍ଠା - ୯୬-୧୦୩)

Download Magazine from www.aahwaan.com

ମୋବିଷୟରେ :

ନୀଳାଦ୍ରି ବିହାରୀ ନାୟକ ,

ସ୍ଥାୟୀଠିକଣା:

ଜ୍ୟୋତିନଗର- ଚତୁର୍ଥସରଣୀ,

ବ୍ରହ୍ମପୁର, ଗଞ୍ଜାମ, ଓଡିଶା - ୭୬୦୦୦୧

ବର୍ତ୍ତମାନ ଠିକଣା (କର୍ମଭୂମି) :

ୟୁ ବ୍ଲକ୍, ୧୩/୪୬ - ତ୍ରୟୋଦଶ ସରଣୀ,

ଡି. ଏଲ୍. ଏଫ୍. ଫେଜ୍ ୩,

ଗୁରୁଗ୍ରାମ, ହରିଆଣା - ୧୨୨୦୦୨

ଦୂରଭାଷ : ୯୯୯୯୨୦୧୭୪୧ (ହ୍ୱାଟ୍ସଅପ)/ ୯୯୯୯୨୩୭୬୯୧

Web: https://about.me/nbnayak.88 / https://medium.com/@niladribiharinayak/

Email : nbnayak.88@gmail.com / nirnayak@outlook.com

Download Magazine from www.aahwaan.com

ବରବାଦି

ଡା ସୁବାସ ଚନ୍ଦ୍ର ରାଉତ

ଆମ ଘରେ ଝିଅଟିଏ କାମ କରୁଥିଲା । ତା ନାଁ ଗଙ୍ଗା । ପ୍ରାୟ ସକାଳ ଆଠଟା ସମୟରେ ପହଞ୍ଚିଯାଏ । ରୁଟିନ କାମ, କାହାକୁ ଅନାଏନି । ଘର ଝାଡୁ ଓ ବାସନ ମାଜିବା ତାର କାମ ଥିଲା । କାମ ସାରିଲେ ଚୁପଚାପ ଚାଲିଯାଏ । ମୋ ସାଥିରେ ଆଦୌ କଥାବାର୍ତ୍ତା କରେନି କହିଲେ ଚଳିବ । ବୟସ ପ୍ରାୟ କୋଡ଼ିଏ ବାଇଶ ମଧ୍ୟରେ ହେବ । ଦେହର ରଙ୍ଗ କଳା । ସାମାନ୍ୟ ମୋଟୀ, ମୋଟୀ କହିଲେ ଠିକ ହେବନି, ଭଲ ସ୍ୱାସ୍ଥ୍ୟ ଥିବାରୁ ସେଭଳି ଦେଖାଯାଉଥିଲା । ମଇଳା ସାଲୱାର ଓ ପଞ୍ଜାବୀ ପିନ୍ଧିଥାଏ । ଆମ ଘର ପାଖ ବସ୍ତିରେ ରହେ । ମୁହଁରେ କୌଣସି ଭାବ କେବେ ମୁଁ ଦେଖିନି, ନା ସୁଖର ନା ଦୁଃଖର । ତା ସାଥିରେ ମୋର ଏକ ମାତ୍ର ସମ୍ପର୍କ ଥିଲା, ଦୁଇ ପଦ କଥା ସେ ମୋତେ ଦିନକୁ ଦୁଇଥର କହେ । ମୁଁ କମ୍ପ୍ୟୁଟର ଆଗରେ ସକାଳୁ ବସି କାମ କରେ ଓ ସେ ଝାଡୁ କରିବାକୁ ଆସିଲେ 'ଉଠ' କହେ ଓ ମୋତେ ଚୌକିରୁ ଉଠିବାକୁ ପଡ଼େ । ଝାଡୁ କରି ସାରିଲେ କହେ, 'ବସ' । ସୁତରାଂ ମୁଁ ଅନ୍ୟମାନଙ୍କୁ କହେ, ଏ ସଂସାରରେ ମୋ ସାଥିରେ କୌଣସି ରକ୍ତ ସମ୍ପର୍କ ନ ଥାଇ ସେ ଏକମାତ୍ର ଝିଅ ବା ମହିଳା ଯିଏ କି ମୋତେ ପ୍ରତିଦିନ ଦୁଇଥର ବସ ଉଠ କରେଇବାର ଦୁଃସାହସ କରିପାରେ, ଥରେ ସକାଳେ ଓ ଆଉଥରେ ଉପରବେଳା । ତା ଛଡା ମୋ ପିଲାମାନେ ଓ ପତ୍ନୀ ମୋତେ ଯେତେବେଳେ ଇଚ୍ଛା ସେତେବେଳେ ବସ ଉଠ କରାନ୍ତି । କାହାକୁ କିଛି କହିବାର ଜୋର ନଥାଏ ମୋର । ବିବାହିତ ଲୋକମାନେ ଏ କଥାର ମର୍ମ ବୁଝିପାରୁଥିବେ ।

Download Magazine from www.aahwaan.com

ପ୍ରାୟ ତିନି ବର୍ଷ ବିତିଗଲା ପରେ ଦିନେ ମୋ ପତ୍ନୀ କହିଲେ, "ଶୁଣୁଛ, ଗଙ୍ଗାର ବାହାଘର ହେବାକୁ ଯାଉଛି ।"

"ଆରେ ଆଜି ଭଲ ଖବରଟିଏ ଶୁଣେଇଲ । କେଉଁଠି ହେଉଛି, ଜାଣିଛ କି ?"

"ଭୋପାଳରେ, ତା ଭାବୀବର ସେଠି ପିଅନ ଚାକିରି କରିଛି ।"

ଭୋପାଳ ନାମ ଶୁଣି ମୋ ମନ ଅଶ୍ୱସ୍ତି ଓ ଆଶଙ୍କାରେ ଭରିଗଲା । କାହିଁ ଭୁବନେଶ୍ୱର କାହିଁ ଭୋପାଳ । କିଛି ସୁବିଧା ଅସୁବିଧା ହେଲେ ସେଠାକୁ ଗଙ୍ଗାର ବାପା ମାଆ କେତେ ଥର ଯିବା ଆସିବା କରିପାରିବେ ! ତା ଛଡ଼ା ସତରେ ଚାକିରି ଅଛି କି ନାହିଁ ତାହା ପୁଷ୍ଟିକରଣ କରିବାକୁ ଏମାନଙ୍କର ସୁବିଧା ନାହିଁ । କେମିତି କଅଣ କରିବେ କେଜାଣି !

ଆଜିକାଲି ବାହାଘର ନାମରେ ବେପାର ଚାଲିଛି । ଭାରତର ଅନ୍ୟ ପ୍ରଦେଶ, ଚୀନ ଓ ଦୁବାଇରେ ବାହା କରେଇବାକୁ କହି ଝିଅଙ୍କୁ ନେଇ ବିକିଦେଉଛନ୍ତି । ନହେଲେ ବେଶ୍ୟା ବୃତ୍ତିରେ ଲଗଉଛନ୍ତି । ଲୋକମାନେ ଧୀରେ ଧୀରେ ଅର୍ଥ ସର୍ବସ୍ୱ ହୋଇଯାଉଛନ୍ତି । ଏ ଧରା ପୃଷ୍ଠରୁ ମାନବିକତା ସୂର୍ଯ୍ୟ ଧୀରେ ଧୀରେ ଅସ୍ତମିତ ହୋଇଯାଉଛି । କେଜାଣି କେବେ ସଦବୁଦ୍ଧି ଲୋକଙ୍କ ମନରେ ଆସିବ !

ଗଙ୍ଗା ବାହାଘର ଦିନ ପାଖେଇ ଆସିଲା । ତା ମାଆକୁ ଡାକି ଆମ ଘରୁ ତାକୁ ଶାଢୀ, ବ୍ଲାଉଜ, ସାୟା ଓ ୫ ହଜାର ଟଙ୍କା ଉପହାର ଦିଆଗଲା । ତା ମାଆ ଖୁସିରେ ଚାଲିଗଲା ।

ଗରିବ ଘରେ ଝିଅ ଏକ ବୋଝ । ତାକୁ ବିଦା କରିଦେଲେ ମଙ୍ଗଳ । ବସ୍ତିର କେତେ କାହାଣୀ ଆମେ ଶୁଣିବାକୁ ପାଉ । ସଠିକ ସମୟରେ ବିବାହ ନକରିପାରିଲେ ଯୁବତୀ ଝିଅ ପ୍ରେମିକର ହାତ ଧରି ତା ସାଥିରେ ପଳାଏ । ଯୌବନର ତାଡ଼ନା ସହିବା ଏତେ ସହଜ ନୁହେଁ । ମୁଁ ଜାଣିବାରେ ଗୋଟିଏ ଝିଅ ଚାରି ଚାରି ଥର ବିବାହ କରି ଚାରି ଛୁଆ କଲାପରେ ବି କାହା ସାଥିରେ ତିଷ୍ଠି ନପାରି ଶେଷରେ ବାପ ଘରେ ଆସି ହାଜର । ସେ ଯାହାହେଉ,

Download Magazine from www.aahwaan.com

ଭଗବାନଙ୍କୁ ମୁଁ ଡାକୁଥାଏ ଯେମିତି ଗଙ୍ଗାକୁ ହଇରାଣ ନକରିବେ ।

ବିବାହ ପୂର୍ବଦିନ ସେ ଆମ ଘରକୁ ଆସି ସମସ୍ତଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଲା । ଶେଷରେ ମୋ ପାଖକୁ ଆସିଲା । ମୁଣ୍ଡିଆ ମାରିଲା ପରେ ମୁଁ ତାକୁ ଅପେକ୍ଷା କରିବାକୁ କହିଲି । ଆଲମୀରାରୁ ଏକ ହଜାର ଟଙ୍କା କାଢ଼ି ତା ହାତରେ ଧରେଇଦେଇ କହିଲି, "ଗଙ୍ଗା, ଏ ଟଙ୍କା ଲୁଚେଇ ରଖିଥିବୁ । ତୋ ଘରେ ବା ତୋ ବରକୁ କହିବୁନି ଏ ଟଙ୍କା କଥା । କିଛି ଆପଦ ବିପଦ ପଡ଼ିଲେ ଏହି ଟଙ୍କାରେ ଟିକେଟ କରି ଟ୍ରେନରେ ବସି ଭୁବନେଶ୍ୱର ଫେରିଆସିବୁ ।" ସେ ମୋତେ ଅନେଇଲା । ତା ମୁହଁରେ ତ କେବେ କିଛି ଅଭିବ୍ୟକ୍ତି ଦେଖାଯାଏନି । ଆଉଥରେ ମୁଣ୍ଡିଆ ମାରି ଚାଲିଗଲା ।

ଗଙ୍ଗା ବାହାହେଇ ଚାଲିଗଲା ପରେ ତା ଭଉଣୀ ଯମୁନା ଆମ ଘରେ କାମ କଲା । ସେମାନେ ସାତ ଭଉଣୀ । ଉପର ଦୁଇ ଜଣ ବାହାହୋଇ ସାରିଛନ୍ତି । ଏତେ ଗୁଡିଏ ଝିଅର ମାଆ କେମିତି ଧୈର୍ଯ୍ୟ ଧରି ରହୁଥିବ, ମୁଁ ବୁଝିପାରେନି । ଗରିବ ହେଲେବି ମନର ଶକ୍ତି ତାଙ୍କର ବହୁତ ଥାଏ । ବାହୁରେ ବଳ ଅଛି ତ ଡର ନାହିଁ । ଗଙ୍ଗାର ଖବର ମୁଁ ସବୁବେଳେ ନେଉଥାଏ । ଯମୁନା କହେ, ମୋ ଭଉଣୀ ଭଲରେ ଅଛି । ତା ସ୍ୱାମୀର ବାପା ଭାରି କଡ଼ା ଲୋକ । ଗୋଟିଏ ଅନୁଶାସନରେ ସେ ଘରକୁ ବାନ୍ଧି ରଖିଥାଏ ।

ମଝିରେ ମଝିରେ ମୁଁ ତା ଖବର ନେଉଥାଏ । ଯମୁନା କହେ, "ଗଙ୍ଗା ବହୁତ ଭଲରେ ଅଛି । ତା ସ୍ୱାମୀ ବହୁତ ଭଲ । ବହୁତ ସ୍ନେହ କରୁଛି ମୋ ଭଉଣୀକୁ ।" ମୁଁ ପ୍ରାର୍ଥନା କରେ, "ହେ ପ୍ରଭୁ, ଗଙ୍ଗାକୁ ଭଲରେ ରଖିଥାଆନ୍ତୁ । ଭଲ ଝିଅଟି ।" ତା ନାଆଁରେ କେବେ କୌଣସି ଅପବାଦ ଆମେ ଶୁଣିନୁ । ତା'ପରେ ଖବର ଆସିଲା, ଗଙ୍ଗା ଗର୍ଭବତୀ ଅଛି । ଆମେ ବହୁତ ଖୁସି ହେଲୁ । ଏହା ମଧ୍ୟରେ ଗଙ୍ଗାର ଶ୍ୱଶୁର ପରଲୋକ ଚାଲିଗଲେ । ତା ପରେ ଶୁଣିଲୁ, ତାର ଗୋଟିଏ ପୁତ୍ର ସନ୍ତାନ ହୋଇଛି । ଭୁବନେଶ୍ୱରରେ ତାଙ୍କ ଘରେ ଗୋଟିଏ ଖୁସିର

Download Magazine from www.aahwaan.com

ଲହରୀ ଖେଳିଗଲା । ପ୍ରାୟ ବର୍ଷେ ପରେ ତାର ମା ଓ ଅନ୍ୟ ସମସ୍ତ ଭାଇ ଭଉଣୀମାନେ ନୂଆ ପୁଅକୁ ଦେଖିବାକୁ ବାହାରିଲେ । ଯମୁନା ପାଞ୍ଚ ଦିନ ଛୁଟି ନେଇ ସପରିବାର ଭୋପାଳ ଚାଲିଗଲା ।

ପାଞ୍ଚ ଦିନ ପରେ ଯମୁନା କାମ କରିବାକୁ ଆସିଲା । ସକାଳେ ମୁଁ ବସିଥାଏ କମ୍ପ୍ୟୁଟର ସାମନାରେ । ମୋ ପାଦକୁ କେହି ଜଣେ ସ୍ପର୍ଶ କଲା ଭଳି ଲାଗିଲା । ବୁଲିକରି ଦେଖିଲି ଗଙ୍ଗା ଠିଆହୋଇଛି । ମୋ ପାଟିରୁ ବାହାରିଗଲା, "ତୁ କେମିତି ପଳେଇଆସିଛୁ ?"

"ମୁଁ ଘରକୁ ଆସିଛି । କିଛି ଦିନ ରହି ଚାଲିଯିବି ।"

"ହଉ, ଭଲ ହେଲା । ଟିକିଏ ସୁସ୍ଥ ହୋଇ ଫେରିଯିବୁ ।"

ପାଞ୍ଚ ମାସ ପରେ ଦିନେ ଯମୁନାକୁ ପଚାରିଲି, "ଗଙ୍ଗା ଭୋପାଳ ଫେରିଗଲାଣି ?"

ଯମୁନା କହିଲା, "ସିଏ ଆଉ ତା ସ୍ୱାମୀ ଘରକୁ ଯିବନି ।"

"କାହିଁକି, କଅଣ ହେଲା ?"

"ବାପା ମଲାପରେ ତା ସ୍ୱାମୀ ଗୋଟେ ଅଲଗା ଲୋକ ହୋଇଗଲା । ପ୍ରତିଦିନ ମଦ ଖାଇ ଆସି ଗଙ୍ଗାକୁ ପିଟେ । ତା ଖରାପ ବ୍ୟବହାରରେ ଅତିଷ୍ଠ ହୋଇ ତାର ମାଲିକ ଚାକିରିରୁ ବାହାର କରିଦେଲେ । ସେ ଖାଇବ କଅଣ, ଚଳିବ କେମିତି ? ଆମକୁ ଦେଖି ଗଙ୍ଗା ବହୁତ କାନ୍ଦିଲା । ମାଆ ସହି ପାରିଲାନି । ତାକୁ ଧରି ଆମେ ଚାଲିଆସିଲୁ । ଏବେ ଗଙ୍ଗା ଆଉଥରେ ମାଆ ହେବାକୁ ଯାଉଛି ।"

ଅବାକ ହୋଇ ମୁଁ ଚାହିଁ ରହିଥାଏ । ବସ୍ତିରେ ଆଉ ଗୋଟିଏ ଦୁଃଖିନୀର ଜୀବନ ଯୁଦ୍ଧ ଆରମ୍ଭ ହୋଇଗଲା । ଦୁଇ ଦୁଇଟି ଛୁଆକୁ ନେଇ କେମିତି ମଣିଷ କରିବା କେଜାଣି ! ମୁଁ ଦେଇଥିବା ହଜାର ଟଙ୍କା ସେତେବେଳେ କାମରେ ଆସିଲାନି କିନ୍ତୁ ମୋର ଅନୁସନ୍ଧିତ୍ସା ଠିକ ଥିଲା ।

ଅବସରପ୍ରାପ୍ତ ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର, ଓଡ଼ିଶା

Download Magazine from www.aahwaan.com

ଟ୍ୟୁସନ୍ ଯାତ୍ରା



ସୁଦାମ ଦାସ

ବାର୍ଷିକ ପରୀକ୍ଷା ସରିଥାଏ । ଖରା ଛୁଟି ପାଇଁ ସ୍କୁଲ ଦେଢ଼ ମାସ ପାଇଁ ବନ୍ଦ । ସେ ବର୍ଷ ଖରା ଛୁଟିରେ କିନ୍ତୁ ବାପା ମୋତେ ଜବତ କରିବା ପାଇଁ ଉପାୟ ପାଞ୍ଚି ସାରି ଥିଲେ । ପ୍ରତିଦିନ ଦ୍ୱିପ୍ରହରରେ ଟିଉସନ ଯିବା ପାଇଁ ପୁରୁସାରଙ୍କ ଘରକୁ ଯିବାକୁ ପଡ଼ିଲା । ଗଣିତ ଓ ଇଂରାଜୀ, ଦୁଇଟି ବିଷୟରେ ମୁଁ ଦୁର୍ବଳ ଥିଲି ବୋଲି ମୋ ବ୍ୟତୀତ ଅନ୍ୟ ସମସ୍ତଙ୍କର ଧାରଣା ଥିଲା । "ମୁଣ୍ଡରେ ଗାମୁଛା ପକେଇ ଯିବୁ, ତାଙ୍କ ଘରେ ପାଣି ପିଇବୁ ନାହିଁ, ଆମ୍ବ ଗଛରେ ଚଢ଼ିବୁ ନାହିଁ, ତତଲା ଆମ୍ବ ଗୋଟେଇ ଖାଇବୁ ନାହିଁ".... ବୋଉର ତାଗିଦକୁ ଏ କାନରେ ଶୁଣି ଆର କାନରେ ବାହାର କରି ଘରୁ ବାହାରି ଯାଏ । ଦାଣ୍ଡ ପିଣ୍ଡାରେ ଜେଜେମା ବସି ବିଞ୍ଚଣା ଚଲେଇ ଗରମରୁ ରକ୍ଷା ପାଇବା ପାଇଁ ଚେଷ୍ଟା କରୁଥାଏ । ତା ନଜରରୁ ଓଝଲ ନହେବା ପର୍ଯ୍ୟନ୍ତ ମୋତେ ଲକ୍ଷ୍ୟ କରି କହି ଚାଲିଥାଏ- ବାପରେ, ଖରାରେ ମୁଣ୍ଡ ଫାଟିଯିବ, ଗାମୁଛା ପକା । ଘାସ ଉପରେ ଚାଲି ଚାଲି ଯିବୁ । କୁକୁରମାନଙ୍କ ଉପରକୁ ଟେକା ଫୋପାଡିବୁ ନାହିଁ..... । ବୁଢ଼ୀକୁ ଦାନ୍ତ ନିକୁଟି ଖତେଇ ହୋଇ ମୁଁ ଚାଲିଯାଏ ।

ମାଟିଆ ବସ୍ତାନୀକୁ କାନ୍ଧରେ ଓହଳାଇ ମୁଁ ଟିଉସନ ଯାତ୍ରାରେ ବାହାରି ଯାଏ । ଗାଁ ଏ ମୁଣ୍ଡରେ ଆମ ଘର, ସେ ମୁଣ୍ଡରେ ପୁରୁସାରଙ୍କ ଘର । ବାଟରେ ଆମ୍ବ ଗଛର ଝଙ୍କାଳିଆ ଅଂଶରୁ କୁହୁ କୁହୁ ଶବ୍ଦ ଶୁଭେ, ହେଲେ କୋଇଲିଟାକୁ ଦେଖି ପାରେ ନାହିଁ । ମୁଁ ବି କୁ-କୁ ହୋଇ କୋଇଲିକୁ ଚିହାଇ ଥାଏ ଆହୁରି କୁହୁକୁହୁ ହେବା ପାଇଁ । ଶେଷରେ ସୂର୍ଯ୍ୟ ବଂଶୀ ରାଜା ଦଶରଥଙ୍କ ଅବ୍ୟର୍ଥ ଶବ୍ଦ ଭେଦି ବାଣ ପରି ମୋ ଆଖିର ଶର ଠିକ୍ ସନ୍ଧାନ କରିଥାଏ

Download Magazine from www.aahwaan.com

ଲାଜକୁଳି କୋଇଲିକୁ । ଉଦୁଉଦିଆ ଦି ପହରର ଧୋବ ଫର ଫର ଖରାରେ ଚତୁର୍ଦ୍ଦିଗ ନିଃଶବ୍ଦ । ଗାଁ ମଝିରେ ବହିଦାର ଘର ବାରଣ୍ଡାରୁ ହିଁ ବେଳେ ବେଳେ ତାସ୍ ଖେଳର ଶବ୍ଦ ଶୁଭେ । "ଅଠର - ଅଛି, ଉଣେଇସି - ଅଛି, କୋଡ଼ିଏ - ଅଛି.....ଡବଲ.....ରି.... ।" ମୁଁ ବି ତାସୁଆ ମାନଙ୍କ କରାମତି ଦେଖିବା ପାଇଁ କିଛି ସମୟ ରହିଯାଏ । କୁକୁରମାନେ ମୋତେ ଶତ୍ରୁ ଭାବନ୍ତି । ମୋତେ ଦେଖିଲା ମାତ୍ରେ ଭୋ ଭୋ କରି ନିରାପଦ ଦୂରତାକୁ ପଳେଇ ଯାଆନ୍ତି । କିନ୍ତୁ ଏତେ ଖରାରେ ଶତ୍ରୁତାକୁ ଭୁଲି ଠାକୁ ଠା ଗାଈ ମୁତରେ ଓଦା ହୋଇଥିବା ଜାଗାରେ ଶୋଇ, ହାତେ ଲମ୍ବା ଜିଭ କାଢି ଧକେଇ ହେଉଥାନ୍ତି । ମୋତେ ଆସିବା ଦେଖି ସମ୍ମାନ ସହକାରେ ଉଠିପଡ଼ନ୍ତି । ଦି ଗୋଡ଼ିଆକୁ ବିଶ୍ୱାସ ନାହିଁ ଯେ ! ହେଇ, ଓସ୍ତ ଗଛ ଆସି ଗଲାଣି । ଗଛରେ ନାଲି ନାଲି ଫଳ ଗୁଚ୍ଛି ହୋଇ ରହିଛି । ମୋ ସାନ ଆଖିର ଅପହଞ୍ଚରେ କିଛି ରହେ ନାହିଁ । ଦି'ଟା ହଳଦୀ ବସନ୍ତ ଲଗାଲଗି ହୋଇ ଗୋଟିଏ ଡାଳରେ ବସିଛନ୍ତି । ତାଙ୍କର ନାଲି ନାଲି ପାଦ ହଳଦିଆ ଦେହକୁ ଖୁବ୍ ମାନେ ।

ପୁରୁସାରଙ୍କ ଘର ବାଡି ପଟେ ଖଳା । ଝଙ୍କାଳିଆ ଦୁଇଟା ନିମ୍ବ ଗଛକୁ ଲାଗି ଗୁହାଳ । ନିମ୍ବ ଗଛର ତିନି କେନିଆ ଶାଖା ଉପରେ ପାଳ ଗଦା । ଗୁହାଳ କାନ୍ଥରେ ଡେରା ହୋଇଥିବା ଅର୍ଦ୍ଧ ଜର୍ଜର ମଶିଣାକୁ ପାଳଗଦା ପାଖରେ ବିଛାଇ ବସିଯାଏ । ପୁରୁ ସାର୍ ଆସି, ଗଣିତ ବହିରୁ କେତେଟା ପ୍ରଶ୍ନ ବୁଝେଇ ଦେଇ ଏବଂ ଟାସ୍କ ଦେଇ ଅଦୃଶ୍ୟ ହୋଇଯାଆନ୍ତି । ମୋ ଧ୍ୟାନ ଭଙ୍ଗ କଲାପରି ଖରାବେଳଟାରେ ସେଠାରେ କୌଣସି ଜିନିଷ ନଥାଏ, ହେଲେ ନାଲିମୁଣ୍ଡିଆ ଅଣ୍ଡିରା ଏଣ୍ଟୁଅଟା ବେଳେ ବେଳେ ଏପଟ ସେପଟ ହୋଇ ଦୃଷ୍ଟି ଆକର୍ଷଣ କରିଥାଏ । ଗଣିତ ପ୍ରଶ୍ନର ସମାଧାନ କଲା ସମୟରେ ଥରେ ଥରେ ଘାଟି ଆସିଯାଏ । ମୁଣ୍ଡକୁ କିଛି ପଶେ ନାହିଁ । ଆଙ୍ଗୁଠି ନ ଫୁଟିଲେ ବି ଫୁଟେଇ ଚାଲେ । ଏହିପରି ଭାବରେ

Download Magazine from www.aahwaan.com

ଅଲଜେବ୍ରାକୁ କେତେ ଯେ ସମୟ ଦେଇଛି ମୁଁ, କିନ୍ତୁ ପ୍ରତିଦାନରେ ଆଲଜେବ୍ରା ମତେ କେତୋଟି ମାର୍କ ଛଡା ଆଉ କିଛି ଦେଇ ନାହିଁ ।

ପୁରୁ ସାରଙ୍କ ପରି ସରଳ ମାଷ୍ଟ୍ର ମୁଁ ଦେଖିନାହିଁ । ବାପା ତାଙ୍କର ସିନିୟର ଥିଲେ ବୋଲି ମୋତେ ସେ 'ତୁମେ' କହି ସଂବୋଧନ କରନ୍ତି, ଏହା ସାଙ୍ଗମାନେ ମୋତେ କହନ୍ତି । ପାଟିଗଣିତର ଅନେକ ପ୍ରଶ୍ନରେ 'ଗରାଖ' ଶବ୍ଦ ସହିତ ପରିଚିତ ଥିବେ । ସେଦିନ ପୁରୁ ସାର୍ ସେପରି ଗୋଟିଏ ପ୍ରଶ୍ନର ସମାଧାନ ବୁଝେଇବା ସମୟରେ କୁଟିଳ ଭଂଗୀରେ 'ଗରା....ଖ' ବୋଲି ମୋ ମୁହଁକୁ ଚାହିଁ କହିଲେ । ସେ ଯେଉଁ ମର୍ମରେ ଶବ୍ଦଟିକୁ ଉଚ୍ଚାରଣ କଲେ ମୁଁ ବି ସେହି ମର୍ମରେ ବୁଝିଲି । ସମ୍ବଲପୁରୀ ଭାଷାରେ ଗରା...ଖ ର ଅର୍ଥ ଭିନ୍ନ ! ମୁଁ ହସ ସମ୍ଭାଳି ପାରୁନଥାଏ, ପୁରୁ ସାର୍ ବି ହସି ହସି ବେଦମ୍ । ଜେଜେମା ସେତେ ବେଳକୁ କଂସା ଢାଳରେ ପାଣି ଢାଳେ ଧରି ହାଜର । ତା'କୁ ଦେଖି ପୁରୁ ସାର୍ ନମସ୍କାର ପକେଇ ଚାଲିଗଲେ । ଜେଜେମା ପାଣି ଢାଳୁଥାଏ, ମୁଁ ଆଙ୍ଗୁଳି ଦେଖେଇ ପିଇ ଚାଲିଥାଏ । ଅମୃତମୟୀ ଜେଜେମା ହାତର ମଧୁର ଶୀତଳ ଜଳ ପିଇ ଯେଉଁ ତୃପ୍ତି ଲାଭ କଲି ତାହା ଅବର୍ଣ୍ଣନୀୟ । ଜେଜେମା ହାତକୁ ବସ୍ତ୍ରାନି ବଢ଼େଇ ଦେଇ ମୁଁ ଚମ୍ପଟ ମାରିଲି । ବୁଢ଼ୀ ପଛ ପଟରୁ ପାଟି କରି ଚାଲିଥାଏ - ଖରା ତେଜ ଯାଇନି, ସିଧା ଘରକୁ ଚାଲ୍, ଖଣ୍ଡିଆ ଭୁତ ବୁଲୁଛି, ପୋଖରୀ ରାସ୍ତାରେ ଯାଆନା, ରହ ରହ ଆଜି ତୋ ବାପାକୁ କହୁଛି ଛେଚିବ ଯେ ଜାଣିବୁ ... । 'ସେବେଳ' ଆଉ 'ଏବେଳ' ମଧ୍ୟରେ ପାର୍ଥକ୍ୟ ? *ଚାପଲ୍ୟହୀନତା* ନୁହେଁ କି ?

ଇମେଲ୍ : scdas64@gmail.com

Download Magazine from www.aahwaan.com

ଆକାଶର ନୀଳିମା

ସତ୍ୟବ୍ରତ ମହାପାତ୍ର

ସେଦିନ ଆକାଶର ରଙ୍ଗ ଭିନ୍ନ ଥିଲା । ବାଦଲର ଉହାଡରେ ସୂର୍ଯ୍ୟ ଲୁଚକାଳି ଖେଳୁ ଖେଳୁ ଆକାଶକୁ କେତେବେଳେ ଝଲକାଉଥିଲେ ପୁଣି କେତେବେଳେ ଫିକା କରି ଦେଉଥିଲେ । ସତରେ ଆକାଶର କେତେ ଭାଗ୍ୟ । ସୂର୍ଯ୍ୟ ସକାଳୁ ସନ୍ଧ୍ୟା ଯାଏଁ ତାର ସାଥୀ ହୋଇ ରହୁଛନ୍ତି । ସକାଳଟା ତ ବହୁତ ଭଲଲାଗେ । ହେଲେ ଖରାବେଳେ ଅନେକ ଟା କଷ୍ଟକର । ସେତେବେଳେ ଆକାଶ ଜଗିବ ସେ ସୂର୍ଯ୍ୟଙ୍କ ଫେରିବା ସମୟକୁ । କଷ୍ଟ ଧୀରେ ଧୀରେ ଅପସରି ଗଲାବେଳକୁ ଚାଲି ଆସେ ସେଇ ଅତି ଆପଣାର ଜହ୍ନ ।

ଜହ୍ନ କଥା ନିଆରା । ଭାରି ଅଭିମାନନୀ । ଖୁସି ମନରେ ଆସିବ ଯିବ କିଛିଦିନ । ତାପରେ ରୁଷିବା ଆରମ୍ଭ କରିଦେବ । କାହିଁକି ଯେ ସେ ଏତେ ରୁଷେ ଜାଣିହୁଏନା । ମୁହଁକୁ ଅଳ୍ପ ଦିନ ପୁରା ଦେଖାଏ । ତାପରେ ମନୋଇ ଟା, ମୁହଁକୁ ଲୁଚାଇ ଲୁଚାଇ ଶେଷରେ ଛପି ଯାଏ । କଣ ମିଳେ ସେଥିରୁ ତାକୁ କେଜାଣି । ହେଲେ ପୁଣି ସେ ଫେରିଆସେ, ଆଉ ଶୀତଳ ଆଲୋକରେ ଆକାଶକୁ ଆବୋରି ଧରେ ।

ତାରା ମାନଙ୍କ କଥା କଣ ଯେ କହିବି । ଆକାଶର ତ ଏମାନେ ଚିରସାଥୀ । ସୂର୍ଯ୍ୟ ଥିଲା ବେଳେ ଏମାନେ ଦୁରେଇ ରୁହନ୍ତି ଆଉ ଜହ୍ନ ଆସିଲେ ଖୁସି ମନରେ ଝଟକନ୍ତି ।

ବାଦଲ ଗୁଡାକ ଭାରି ଚଗଲା । ଆକାଶ ପାଖରେ ପାଖରେ ପ୍ରାୟ ଥାଆନ୍ତି । ଆଉ ମଝିରେ ମଝିରେ କଳି କଜିଆ କରି ଲୁହ ଝରାନ୍ତି ।

ଆକାଶ .....

Download Magazine from www.aahwaan.com

ଆକାଶ ସେମିତି ଥାଏ । ସ୍ଥିର, ଶାନ୍ତ ଆଉ ସର୍ବଂସହା । କେବେ ସେ କହିପାରିନାହିଁ, ହେ ସୂର୍ଯ୍ୟ ତୁମ ଭୋର ବେଳାର ରୂପ ଆଉ ମଧ୍ୟାହ୍ନ ବେଳର ରୂପରେ ଏତେ ତଫାତ କାହିଁକି । ଅପେକ୍ଷାରେ ଥାଏ ତୁମ ଆସିବା ବାଟକୁ ପୁଣି ଜଗି ବସିଥାଏ ତୁମର ଫେରିବା ବାଟକୁ । କହି ବି ପାରିବନି ସେ ରହିଯାଅ ବୋଲି କାରଣ ଏ ଉତ୍ତାପକୁ ଶୀତଳ କରିବ ଯେ ପରମ ବନ୍ଧୁ ଜହ୍ନ ।

କହିପାରେନି ସେ ଜହ୍ନକୁ ରୁଷନା ବୋଲି କି ବା ଲୁଚନା ବୋଲି । ଯେତେବେଳେ ଆସେ ଜୋଛନାର ଆଲୋକରେ ଯେ ଭରି ଦିଏ ଖୁସି ।

ତାରା ମାନେ ..... ଥାଆନ୍ତି ସବୁ ସମୟରେ କିନ୍ତୁ ଦୁରରେ ଦୁରରେ ।

ଚଗଲା ବାଦଲ..... ସେମାନେ ତ କାହା କଥା ଶୁଣନ୍ତିନି । ଭାସି ଚାଲିଥାନ୍ତି ନିଜ ମନ ପସନ୍ଦରେ । ସେମାନେ କାହିଁକି ବା ଶୁଣିବେ ଆଉ କାହା ବିଷୟରେ ।

ସହି ଚାଲିଛି ଆକାଶ ଯୁଗ ଯୁଗ ଧରି । ସହିବା ସତେ ଯେମିତି ତାର ଧର୍ମ । ନୀଳ ରଙ୍ଗ ମେଲାଇ ଖୋଲି ଦେଇଛି ସେ ଆଦରର ପସରା ।

(ଉତ୍ସର୍ଗ- ନାରୀ ଜାତିକୁ)

୪୭, ପ୍ରାଚୀ ଏନକ୍ଲେଭ

ଚନ୍ଦ୍ରଶେଖରପୁର

ଭୁବନେଶ୍ୱର

ମୋ: ୮୨୪୯୯୭୬୮୯୭

Download Magazine from www.aahwaan.com

ଦେବୀ ଉଗ୍ରଚଣ୍ଡୀ ଉବାଚ

ଗୁପ୍ତେଶ୍ୱର ମହାପାତ୍ର

ପ୍ରଥମ ଭାଗ

ଅରକ୍ଷିତ ନନା ଆଜି ରକ୍ତମୁଖା । ତାଙ୍କର ଏ ଅବତାର ମୁଁ ଆଗରୁ କେବେ ଦେଖିନାହିଁ । କାଲି ସନ୍ଧ୍ୟାରୁ ବସିଛନ୍ତି ଦେବୀ ଦକ୍ଷିଣକାଳୀଙ୍କ ସାଧନାରେ । ପଚାରିଲେ କହୁଛନ୍ତି ଯେ, ସେ ନୂଆଁ କଲେକ୍ଟର ସାହେବଙ୍କର ପ୍ରାଣାହୁତି ଚାହୁଁଛନ୍ତି । ଚାଲନ୍ତୁ ଆପଣଙ୍କୁ ଘଟଣାଟି କଣ ବୁଝାଉଛି ।

ଆମ ଜିଲ୍ଲା ଦେଇ ଯେଉଁ ଜାତୀୟ ରାଜପଥଟି ଯାଉଛି, ସେ ରାସ୍ତାମଝିରେ ଛୋଟ ମନ୍ଦିରଟିଏ କେଉଁ କାଳରୁ ରହିଥିଲା । ମା ଦକ୍ଷିଣକାଳୀ ସେଠାରେ ପୂଜା ପାଉଥାନ୍ତି । ପ୍ରତି ମଙ୍ଗଳବାରରେ ବହୁ ଶ୍ରଦ୍ଧାଳୁ ଭକ୍ତ ସେଠାକୁ ଆସନ୍ତି । ରାସ୍ତା ମଝିରେ ଥିବାରୁ ସେଠାରେ ଟ୍ରାଫିକ୍ ଜାମ୍ ହୁଏ । ତିନିବର୍ଷରେ ଅଠରଜଣ ସେଠାରେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଅରକ୍ଷିତ ନନାଙ୍କ ସେ ସବୁ ପ୍ରତି ଖାତିର ନାହିଁ । ସେ କହନ୍ତି, ମା ଦକ୍ଷିଣକାଳୀ ନରବଳି ଲୋଡୁଛନ୍ତି । ତାଙ୍କୁ ଏକାବନ ବଳି ଦରକାର । ସେ ଯେବେ ପୂରଣ ହୋଇଯିବ, ଲୋକେ ଆଉ ମରିବେନି । କିନ୍ତୁ ନୂଆ କଲେକ୍ଟର ସାହେବ ଆଜିକାର ଲୋକ, ମୋଟେ ତିରିଶି ବର୍ଷର ଭେଣ୍ଡିଆ ଟୋକାଟିଏ । ସେ କହିଲେ ମନ୍ଦିର ଘୁଞ୍ଚାଯିବ । ରାସ୍ତାରୁ ଟିକେ ଦୂରରେ ଏକ ନୂଆ ମନ୍ଦିର ନିର୍ମାଣ ହେବ, ମା' ଦକ୍ଷିଣକାଳୀଙ୍କୁ ସେଠାକୁ ସ୍ଥାନାନ୍ତରିତ କରାଯିବ ଆଉ ରାସ୍ତା ମଝିରେ ଥିବା ଏହି ଅସ୍ଥାୟୀ ମନ୍ଦିରକୁ ଭାଙ୍ଗିଦିଆଯିବ । ଅରକ୍ଷିତ ନନା ସେ ସବୁ ଶୁଣିବାକୁ ନାରାଜ । ସେ କହିଲେ ଯିଏ ମନ୍ଦିରକୁ ହାତ ଲଗେଇବ, ତାକୁ ଏଇ ମନ୍ଦିର ବେଢ଼ାରେ ବଳି

Download Magazine from www.aahwaan.com

ଦେଇଦେବି । ବହୁ ହିତାକାଂକ୍ଷୀ ଲୋକ ଯାଇ କଲେକ୍ଟରଙ୍କୁ ବୁଝେଇବାକୁ ଚେଷ୍ଟା କଲେ ଓ ଜାଗାର ଇତିହାସ ବିଷୟରେ ବି ଜଣାଇଲେ ।

ଏହା ଆଗରୁ ତିନିବର୍ଷ ତଳେ ଜିଲ୍ଲା କୋର୍ଟର ଜର୍ଜ୍ ନିର୍ଦ୍ଦେଶ ଦେଇଥିଲେ ଏହି ଅସ୍ଥାୟୀ ମନ୍ଦିରକୁ ଭାଙ୍ଗିବା ପାଇଁ । ସେତେବେଳକୁ ଆମର ଜଣେ ଭାରି ସଚ୍ଚୋଟ ଏସପି ସାହେବ ଥାଆନ୍ତି, ଆଜାଦ୍ ଖାନ ସାହେବ । ସେ ନିଜ ଦାୟିତ୍ୱରେ ଏହି ମନ୍ଦିରର ଭଙ୍ଗା ହେବା କାର୍ଯ୍ୟକୁ ତଦାରଖ କରିବାପାଇଁ ଆଗଭର ହୋଇଥିଲେ । ସେତେବେଳେ ଆମ ଅରକ୍ଷିତ ନନା କେମିତି ହେଲେ ମନ୍ଦିରକୁ ବଞ୍ଚାଇବାକୁ ଯାଇ ଭଡ଼ାଟିଆ ଲୋକ ଆଣି ପଥର ମାଡ଼ କରାଇଥିଲେ । ଏହାକୁ ନେଇ ଅନେକ ବଚସା ବି ହୋଇଥିଲା । ପୋଲିସ ଲାଠିମାଡ଼ ବି ହୋଇଥିଲା । ହେଲେ ଏହାର ଲାଭ ଉଠାଇଲେ ଆମ ଅରକ୍ଷିତ ନନା, ଗଣମାଧ୍ୟମ ଆଗରେ କହି ଚାଲିଲେ ଯେ ଏସପି ସାହେବ ମୁସଲମାନ ହୋଇଥିବାରୁ ହିନ୍ଦୁ ମନ୍ଦିର ଭାଙ୍ଗିବା ପାଇଁ ମସୁଧା କରୁଛନ୍ତି । ଅବସ୍ଥା ଏମିତି ହେଲା ଯେ ଏସପି ସାହେବଙ୍କୁ ତୁରନ୍ତ ବଦଳି କରି ଦିଆଗଲା ଆଉ ମନ୍ଦିର ଆଡ଼କୁ କେହି ଦେଖିଲେ ନାହିଁ ।

ଏ କଥା କଲେକ୍ଟର ସାହେବ ଶୁଣିବାପରେ ବିରକ୍ତ ହୋଇ କହିଲେ, ଆମ ଦେଶର ତ ଏଇ ଅସୁବିଧା । ମନୁଷ୍ୟକୁ ଚିହ୍ନିବା ପାଇଁ ତା ବ୍ୟକ୍ତିଗତ ପରିଚୟକୁ ଛାଡ଼ିଦେଇ ଜାତି ଧର୍ମ ଆଦିକୁ ଆଗକୁ ନେଇ ଆସନ୍ତି । ହେଉ, ମୁଁ ତ ବ୍ରାହ୍ମଣ, ଦେଖାଯାଉ ସେ ମୋତେ କଣ କହି ଅପଦସ୍ତ କରିବେ ।

କଲେକ୍ଟର ସାହେବଙ୍କ ତତ୍ତ୍ୱାବଧାନରେ ଏକ ନୂତନ ମନ୍ଦିର ନିର୍ମାଣ ତ୍ୱରାନ୍ୱିତ ଗତିରେ ଦୁଇମାସରେ ହୋଇଗଲା । ଏ ସବୁ ଦେଖୁଥିବା ଅରକ୍ଷିତ ନନା କିନ୍ତୁ ମନେ ମନେ ଚିନ୍ତା କରିଥାନ୍ତି ଯଦି କେହି ମନ୍ଦିରକୁ ହାତ ଲଗାଏ ତାହେଲେ ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି

Download Magazine from www.aahwaan.com

କରିଦେବେ ।

ଏ ସବୁ ପରିସ୍ଥିତି କାଳେ ଉପୁଜିବ ବୋଲି ମନେ କରି କଲେକ୍ଟର୍ ସାହେବ ଦିନେ ରାତିରେ ନିଜେ ଗୁପ୍ତ ଯୋଜନାଟିଏ କଲେ । ରାତି ଅଧରେ ଗାଧୋଇ ପାଧୋଇ ବ୍ରାହ୍ମଣଙ୍କ ଭଳି ହଳଦିଆ ବସ୍ତ୍ର ପିନ୍ଧି ମନ୍ଦିରରେ ପ୍ରବେଶ କଲେ ଓ ଦକ୍ଷିଣକାଳୀଙ୍କ ପ୍ରତିମାକୁ ସସମ୍ମାନେ ନିଜ କାନ୍ଧରେ ବୋହି ନେଇ ନୂତନ ମନ୍ଦିରରେ ପ୍ରତିଷ୍ଠା କରିଦେଲେ । ଏ ସବୁ ପୋଲିସ ସୁରକ୍ଷା ବଳୟରେ ହୋଇଗଲା । ଦେବୀ ପ୍ରତିମା ସ୍ଥାନାନ୍ତରଣ ହୋଇଯିବାପରେ ଅନ୍ଧାର ରାତିରେ ହିଁ ମନ୍ଦିରକୁ ରାସ୍ତା ମଝିରୁ ନିଶ୍ଚିହ୍ନ କରି ଦିଆଗଲା ବଡ଼ ବଡ଼ ବୁଲଡୋଜର ଆଣି ।

ସକାଳୁ ଏଇ ଖବର ନିଆଁ ପରି ବ୍ୟାପିଗଲା । ଅରକ୍ଷିତ ନନା ଅସ୍ତବ୍ୟସ୍ତ ହୋଇ ଦଉଡ଼ି ଗଲେ । ସେଠାରେ ଜନ ସମୁଦ୍ର । ଲୋକଙ୍କୁ ଧକ୍କାଦେଇ ଭିଡ଼କୁ ଆଡ଼େଇ ସେ ଆଗକୁ ଯାଇ ଯାହା ଦେଖିଲେ ସେଥିରେ ନିଜ ଚକ୍ଷୁ ଉପରେ ବିଶ୍ୱାସ କରିପାରିଲେ ନାହିଁ । ମନ୍ଦିର ସ୍ଥାନରେ ଭଙ୍ଗା ଇଟାପଥର ଛଡ଼ା ଆଉ କିଛି ନଥିଲା । ସବୁକିଛି ଭାଙ୍ଗି ଚୁରମାର ହୋଇଯାଇଥିଲା । ସେ ଅନୁଭବ କରି ପାରୁଥିଲେ ଯେ, ଗହଳିରେ ଥିବା ସବୁଲୋକ ତାଙ୍କ ଅସହାୟତା ଓ ବିଫଳତା ଉପରେ ହସୁଛନ୍ତି । ତାଙ୍କର ସବୁ ଗର୍ବ ଓ ଗୌରବ ମାଟିରେ ମିଶି ଯାଇଛି । ସେ ରକ୍ତମୁଖା ହୋଇ ସାଧନାରେ ବସିଗଲେ । ଦେବୀଙ୍କୁ ସନ୍ତୁଷ୍ଟ କରି କଲେକ୍ଟର ବାବୁଙ୍କ ପ୍ରାଣାହୁତି ଭିକ୍ଷା କରିବା ପାଇଁ । ତାଙ୍କ ପାଇଁ ବର୍ତ୍ତମାନ ଧର୍ମ ଦ୍ୱିତୀୟ ଓ ପ୍ରତିଶୋଧ ପ୍ରଥମ ପାଲଟି ଯାଇଛି । ତାଙ୍କ ଅବସ୍ଥା ଦେଖିଲେ ଦୁଃଖ ଲାଗୁଛି ଦୟା ବି ଆସୁଛି । କିନ୍ତୁ କରିବା କଣ ? ସେ ତ ବୁଝେଇଲେ ବୁଝିବା ଲୋକ ନୁହଁ । ଭଲ ପାଇବା ଆଉ ଯୁଦ୍ଧରେ ସବୁକିଛି ଠିକ୍ ବୋଲି ବି ତ କେହିଜଣେ କହିଛନ୍ତି । ସେ ଏବେ ଯୁଦ୍ଧମୁଖୀ...

କ୍ରମଶଃ

ପାରଳାଖେମୁଣ୍ଡି, ଗଜପତି ଜିଲ୍ଲା, ଓଡ଼ିଶା

Download Magazine from www.aahwaan.com

ନାଁ



ଅମ୍ବରୀଷପୁଣ୍ଡରୀକ

ପାନ୍ଥଶାଳା କେବେ ପଚାରି ବୁଝେନା

କାହିଁକି ଲେଖୁଛ ନାଁ ...

ଗତିଶୀଳ କାର ଭିତରୁ ଭାସି ଆସୁଥିଲା ଏକଦା ଆଧୁନିକ ଗୀତ ରୂପେ ଖ୍ୟାତି ଲାଭ କରିଥିବା ସୁଗମ ସଂଗୀତରୁ ପଦେ ।

"ଡାଡି, ପ୍ଲିଜ୍ ଗୀତ ଚେଞ୍ଜ୍‌କର । ତୁମେ ବେଳେବେଳେ ଏମିତି ଗୀତ କାହିଁକି ଲଗାଅ କେଜାଣି ।"

ଆଠବର୍ଷର ଝିଅ କଥା ଶୁଣି ଶ୍ୟାମବାବୁ ବିନା ବାକ୍ୟ ବ୍ୟୟରେ ଅନ୍ୟ ଏକ ପେନ ଡ୍ରାଇଭ୍‌ସିଡ଼ି ପ୍ଲେୟାରରେ ଲଗାଇଲେ । କେଇ କ୍ଷଣପରେ ଭାସିଆସିଲା ମଡ଼ର୍ଣ୍ଣ ବଲିଉଡ଼ ଗୀତ...

...ଆଜ୍ ବ୍ଲୁ ହେ ପାନୀ ପାନୀ ପାନୀ ...

ହସ ଖେଳିଗଲା ଝିଅ ମୁହଁରେ । ବସି ବସି କାନ୍ଧ ହାତ ହଲାଇ ଗୀତକୁ ଉପଭୋଗ କରୁଥିଲା ସେ ।

"ଗୀତଟି ବେଶ୍ ରିଦିମିକ୍ ହୋଇଛି ।"

ଶ୍ୟାମବାବୁଙ୍କ ପତ୍ନୀ ପସନ୍ଦ କରିବା ଭଳି ଭଙ୍ଗୀରେ କହିଲେ ।

"ଇଣ୍ଡିଆନ୍ ଫିଲ୍ମ ମ୍ୟୁଜିକ୍ ଇଜ୍ ଚେଞ୍ଜିଙ୍ଗ । ପିଲାମାନେ ନୂଆଗୀତକୁ ପସନ୍ଦ କରିବା ସ୍ୱାଭାବିକ ।" ନିର୍ଲିପ୍ତ ସ୍ୱରରେ କହିଲେ ଶ୍ୟାମବାବୁ ।

Download Magazine from www.aahwaan.com

କାର ଭିତରେ ଚୁପ୍‌ଚାପ୍ ବସି ବିଭୁତିବାବୁ ତାଙ୍କ ଉଚ୍ଚପଦସ୍ଥ ଅଫିସର ପୁଅ ଓ ଆଧୁନିକା ବୋହୂଙ୍କ କଥା ଶୁଣୁଥିଲେ । ମହାନଗରୀର ପ୍ରଭାବ ତାଙ୍କ ପୁଅର ପରିବାରରେ ପଡିଥିବା କଥା ବେଶ ବୁଝି ପାରୁଥିଲେ ସେ । କିନ୍ତୁ ଗତ କେଇ ଦିନଧରି ପୁଅ ପାଖକୁ ବୁଲିବାକୁ ଆସିଥିବା ବିଭୁତିବାବୁ 'ସାଣ୍ଡଉଇଚ୍', 'ପାସ୍ତା', 'ଓଟ୍‌ସ' ଓ ସେଭଳି ଆହୁରି କେତେକ ବିଦେଶୀ ଖାଦ୍ୟ ସହ ପରିଚିତ ହେବାର ବିଫଳ ପ୍ରୟାସ କରି ଚାଲିଥିଲେ ।

"ବାପା ଦେଖ ଚେଭ୍ରୋଲେଟ୍ କାର୍ ।"

କାର ସୌଖିନ ଅଳିଅଳି ଝିଅ ଚନ୍ଦ୍ରା ପାଖଦେଇ ଚାଲିଯାଉଥିବା କାର ଆଡେ ଇଙ୍ଗିତ କରି କହିଲା ।

"ଶେଭ୍ରୋଲେ, ଶେ-ଭ୍ରୋ-ଲେ, ନଟ୍ ଚେଭ୍ରୋଲେଟ୍ ଅଣ୍ଡରଷ୍ଟାଣ୍ଡ ?" ଶ୍ୟାମବାବୁ କହିଲେ ।

"ଶେ-ଭ୍ରୋ-ଲେ, ଶେ-ଭ୍ରୋ-ଲେ, ଓକେ ପାପା ।" ଶୁଆପରି ଘୋଷି ହେବାଭଳି କହିଲା ଚନ୍ଦ୍ରା ।

ବେଶ୍ ଆକର୍ଷଣୀୟ ଥିଲା ଶ୍ୟାମବାବୁଙ୍କ ଇଂରାଜୀ ଉଚ୍ଚାରଣ । କାରଟିର ସଠିକ୍ ଉଚ୍ଚାରଣ ଯେ 'ଶେଭ୍ରୋଲେ' ଏ କଥା ଅବସରପ୍ରାପ୍ତ ଇଂରାଜୀ ଶିକ୍ଷକ ବିଭୁତିବାବୁ ସ୍ୱୟଂ ଜାଣି ନଥିଲେ । ମହାନଗରୀର ଚାକଚକ୍ୟ ବେଶ ପଲିସ୍ କରି ଦେଇଛି ତାଙ୍କ ପୁଅକୁ । ତଥାପି କେଜାଣି କାହିଁକି କିଛି ହରାଉଥିବା ଭଳି ଅନୁଭବ କରୁଥିଲେ ସେ ।

"ପାପା, ଆଜି ତମେ ପ୍ରମିଶ୍ କରିଛ 'ପିଜାହଟ୍'ରୁ ପିଜା ଆଣିବ ବୋଲି ।" ମନେ ପକାଇ ଦେବା ଭଳି କହିଲା ଚନ୍ଦ୍ରା ।

- 'ପିଟ୍-ସାହଟ୍' ନଟ୍ 'ପିଜାହଟ୍'□ ସ୍ପିକ୍ କରେକ୍ଟଲି□ ଆଉ ଥରେ ଏକଥା କହିଥିଲି ପରା !

Download Magazine from www.aahwaan.com

- "ସରିପାପା ।"

ସଞ୍ଜ ନଇଁ ଆସୁଥାଏ । ରାସ୍ତାର ଉଭୟ ପାର୍ଶ୍ୱସ୍ଥ ନିଅନ୍ ଲାଇଟରେ ଦୋକାନ ସବୁ ଝଲସି ଉଠୁଥାନ୍ତି । ହଠାତ୍ ସେଲ୍‌ଫୋନ୍ ରିଂଟୋନ୍ ଶୁଣି ଗାଡିର ଗତି ମନ୍ଥର କଲେ ଶ୍ୟାମବାବୁ ।

- "ନା ମିସେସ୍ ଦାସ ! ଏବେ ମାମା ପାପା ଅଛନ୍ତି ତ । ତେଣୁ ଆମ ପ୍ରୋଗ୍ରାମଟା ଆର ମାସକୁ ରଖିବା ।"

ଚମକି ପଡିଲେ ବିଭୁତିବାବୁ ପୁଅର ଫୋନ କଥାବାର୍ତ୍ତା ଶୁଣି । ଶ୍ୟାମ ତ ଆଗରୁ କେବେ 'ମାମାପାପା' ବୋଲି ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଡାକି ନଥିଲା ! 'ବୋଉନନା'ରୁ ହଠାତ 'ମାମାପାପା' କୁ ରୂପାନ୍ତରିତ ହୋଇଯିବାଟା ସେ ସହଜରେ ଗ୍ରହଣ କରିପାରୁ ନଥିଲେ ।

ଦିଲ୍ଲୀରେ ଏଇ କିଛି ଦିନର ରହଣି ମଧ୍ୟରେ, ଏଇ ଭଳି ବେଶ୍ କିଛି ରୂପାନ୍ତରଣର ଏକ ପ୍ରକାରର ଶିକାର ହେଲା ଭଳି ଅନୁଭବ କରୁଥିଲେ ସେ । ଧୋତିରୁ ଗାଉନ୍, ଶାଢ଼ୀରୁ ନାଇଟିକୁ ଅନାୟାସରେ ଆପଣେଇ ନେଇଥବା ତାଙ୍କ ପୁଅବୋହୂଙ୍କ ଓଡ଼ିଆ କଥାବାର୍ତ୍ତାରେ ମଧ୍ୟ କିଛିଅଂଶରେ ପରିବର୍ତ୍ତନ ଲକ୍ଷ୍ୟ କରୁଥିଲେ ବିଭୁତିବାବୁ । ଅବଶ୍ୟ ତାଙ୍କର ସେବାଯତ୍ନରେ କୌଣସି ଅଭାବ ରଖି ନଥିଲେ ତାଙ୍କର ପୁଅବୋହୂ । ଉଭୟଙ୍କର ତାଙ୍କ ପ୍ରତି ସମ୍ମାନ ଓ ଯତ୍ନ ଲୋକ ଦେଖାଣିଆ ବି ନଥିଲା । ବରଂ ସେମାନେ ତାଙ୍କୁ ଆପ୍ୟାୟିତ କରିବାକୁ ସବୁବେଳେ ଚେଷ୍ଟା କରୁଥିଲେ ।

ଆଜି ତାଙ୍କ ପୁଅ ସମ୍ବର୍ଦ୍ଧିତ ହେବ କମ୍ପାନୀ ଡ଼ାଇରେକ୍ଟରଙ୍କ ଦ୍ୱାରା । ସେଥିପାଇଁ ସେମାନେ ଦିଲ୍ଲୀର ଏକ ବଡ଼ ହୋଟେଲର କନ୍‌ଫରେନ୍‌ସ ହଲ ଅଭିମୁଖେ ଯାତ୍ରା କରୁଛନ୍ତି । ପୁଅର ସଫଳତାରେ ସେ ପ୍ରସନ୍ନବୋଧ କରୁଥିଲେ ।

କାରଟି ହୋଟେଲର ପାର୍କିଂଲଟରେ ପହଂଚିଲା । ବିନା ବାକ୍ୟବ୍ୟୟରେ ଓହ୍ଲାଇ

Download Magazine from www.aahwaan.com

ପଡିଲେ ଶ୍ୟାମବାବୁ । ରାଇଟ୍‌ସାଇଡ଼ ମିରରରେ ସେ ଶେଷଥର ପାଇଁ ନିଜ ପୋଷାକକୁ ସଜାଡ଼ି ଦେଉଥିଲା ବେଳେ ଝିଅ ଚନ୍ଦ୍ରା, ପତ୍ନୀ ଯଲି ତଥା ପିତା ବିଭୁତିବାବୁ କାରରୁ ଓହ୍ଲାଇ କନ୍‌ଫରେନ୍‌ସ ହଲ ଆଡକୁ ଧିରେ ଧିରେ ଆଗଉଥିଲେ ।

ହଲ ମଧ୍ୟରେ ସୁସଜ୍ଜିତ ମଞ୍ଚ । ଅତିଥିମାନଙ୍କୁ ଜଣ ଜଣକରି ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆସନ ଆଡ଼କୁ ପାଛୋଟି ନେଉଥାନ୍ତି ଦୁଇଟି ୟୁନିଫର୍ମ ପରିହିତା ସୁଶ୍ରୀ ଯୁବତୀ ।

ସାମ୍ନା ଧାଡିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ଶ୍ୟାବାବୁଙ୍କ ପରିବାର ଆସନ ଗ୍ରହଣ କଲେ ।

ମଞ୍ଚ ଏବଂ ଦର୍ଶକମଣ୍ଡଳୀଙ୍କୁ ଦେଖୁଥିଲେ ବିଭୁତିବାବୁ । କାନରେ ପଡୁଥିଲା 'ପ୍ଲିଜ୍', 'ଥ୍ୟାଙ୍କ୍ୟୁ', 'ନୋ ପ୍ରୋବ୍ଲେମ୍', 'ଗ୍ଲାଡ଼ ଟୁ ମିଟ୍ ୟୁ', ଆଦି କିଛି ଇଂରାଜୀ ଶବ୍ଦ । ବ୍ଲେଜ଼ର୍ ଓ ଟାଇ ପରିହିତ ଦର୍ଶକ ଭିତରେ ଧୋତି ପଂଜାବି ପିନ୍ଧିଥିବା ବିଭୁତିବାବୁ ଏକ ପ୍ରକାରର ନିଃସଙ୍ଗ ମନେ କରୁଥିଲେ । ନିକଟରେ ବସିଥିବା ନାତୁଣୀର ସଙ୍ଗ ତାଙ୍କୁ କିଛିମାତ୍ରାରେ ଆଶ୍ୱସ୍ତ କରୁଥିଲା । ଅସୁସ୍ଥତା ଯୋଗୁଁ ତାଙ୍କ ସହିତ ଯୋଗ ଦେଇନଥିବା ନିଜପତ୍ନୀଙ୍କ ଅଭାବ ସେ ମନେ ମନେ ବେଶ୍ ଅନୁଭବ କରୁଥିଲେ ।

ଲେଡିଜ୍ ଆଣ୍ଡ ଜେଣ୍ଟଲ ମେନ୍ !

ଦ ଡ଼ାଇରେକ୍ଟର ଅଫ୍ ଦ କମ୍ପାନୀ ମିଷ୍ଟର ଜିନ୍ଦଲ୍ ଉଇଲ ନାଓ ଫେଲିସିଟେଟ୍ ଦ ଫାଷ୍ଟ ଆଚିଭର୍ ଅଫ ଦ ଇୟର୍ ମିଷ୍ଟର ସାମ୍ପାଣ୍ଡା ।

ଏହାପରେ ଶ୍ୟାମବାବୁ କରତାଳି ମଧ୍ୟରେ ନିଜ ଆସନରୁ ଉଠି ମଞ୍ଚଆଡ଼କୁ ଅଗ୍ରସର ହେଲେ ।

କିଛି ମାତ୍ରାରେ କ୍ଷୁବ୍ଧ ହେଲେ ବିଭୁତିବାବୁ । ସାମ୍ପାଣ୍ଡା ?? ନିଜ ପୁଅ ନାଁର ଏଭଳି ତେଢା ମେଢା ଉଚ୍ଚାରଣ ସହଜରେ ଗ୍ରହଣ କରି ପାରୁନଥିଲେ ସେ । ଶ୍ୟାମ ନିଶ୍ଚୟ

Download Magazine from www.aahwaan.com

ମଞ୍ଚଉପରେ ନିଜ ନାଁଟିର ଭୁଲ ଉଚ୍ଚାରଣକୁ ସଂଶୋଧନ କରିବ ।

ନିର୍ଲିପ୍ତ ଭାବରେ ସୁଶ୍ରୀ ଯୁବତୀଦ୍ୱୟଙ୍କ ସହ ଶ୍ୟାମ ଉଠିଗଲାଣି ମଞ୍ଚ ଉପରକୁ । ହସି ହସି ଫୁଲତୋଡା ଗ୍ରହଣ କରୁଛି ମୁଖ୍ୟ ଅତିଥିଙ୍କ ଠାରୁ । ମାଇକ୍ ପାଖକୁ ଆସିଗଲାଣି ଶ୍ୟାମ ।

"ଥ୍ୟାଙ୍କ୍ ୟୁ ଅଲ୍ । ଆଇ ଆମ୍ ରିୟଲି ଗ୍ରେଟଫୁଲ୍ । ସାମ୍ପାଣ୍ଡା ଉଡ୍ ନଟ୍ ବି ହିୟର୍ ୱିଦାଉଟ୍ ୟୋର୍ କୋପରେସନ ।"

ଅବାକ୍ ହେଲେ ବିଭୁତିବାବୁ ।

ସାମ୍ପାଣ୍ଡା ! ! ଶ୍ୟାମ ସୁନ୍ଦର ପଣ୍ଡା ତେବେ ଯ୍ୟା ଭିତରେ ସାମ୍ପାଣ୍ଡାକୁ ପରିବର୍ତିତ ହୋଇ ଯାଇଛନ୍ତି ? ପରିବର୍ତ୍ତନର କାରଣ କିଛି ଖୋଜି ପାଉନଥିଲେ ବିଭୂତିବାବୁ । ଇଂରାଜୀ ଶବ୍ଦର ସଠିକ ଉଚ୍ଚାରଣ ସମ୍ବନ୍ଧରେ ଏତେ ଭଲଭାବରେ ସଚେତନ ଶ୍ୟାମ ନିଜର ଓଡ଼ିଆ ନାମଟିକୁ ଏଭଳି ଦୁର୍ବୋଧ୍ୟ ଢଙ୍ଗରେ କହିବା ପାଇଁ ତିଳେ ମାତ୍ର କୁଣ୍ଠାବୋଧ କରୁନି !

ହସ ହସ ମୁଁହରେ ଶ୍ୟାମ ମଞ୍ଚଉପରେ କଣ ସବୁ କହିଯାଉଛି, ବିଭୂତିବାବୁଙ୍କୁ ସେସବୁ କିଛି ଶୁଣାଯାଉ ନଥିଲା । ଚେଷ୍ଟାକରି ବି ଶ୍ୟାମର ଭାଷଣକୁ ମନଦେଇ ଶୁଣି ପାରୁନଥିଲେ ସେ । ସଭାର ପରବର୍ତ୍ତୀ ପର୍ଯ୍ୟାୟରେ କିଛି ପାଟି ପାକୁପାକୁ କରୁଥିବା ଲୋକ ଏବଂ କରତାଳି ବ୍ୟତୀତ ସେ ଅନ୍ୟକିଛି ଦେଖି ବା ଶୁଣି ପାରୁ ନଥିଲେ ।

ସଭାରୁ ଫେରି ଲିଭିଂ ରୁମର ଚେୟାର ଉପରେ ଅନେକ ସମୟ ହେଲା ବସିଲେଣି ବିଭୂତିବାବୁ । ଅନେକ ପ୍ରୟାସ ସତ୍ତ୍ୱେ 'ସାମ୍ପାଣ୍ଡା' ଶବ୍ଦଟିକୁ ସେ ନିଜ ମନରୁ ଦୁରେଇ ପାରୁନାହାନ୍ତି । ପୁଅ ଏଯାଏଁ ଫେରିନି । ବୋହୂ ଆଉ ନାତୁଣୀ ସହ ସେ ଫେରି ଆସିଛନ୍ତି ଘରକୁ । ଶ୍ୟାମ ଆସିଲେ କଣ ବା ପଚାରିବେ ସେ ?

ଦୌଡ଼ି ଦୌଡ଼ି ଘର ଭିତରକୁ ପଶିଆସିଲା ଚନ୍ଦ୍ରା । "ଚନ୍ଦ୍ରାକୁ ପଚାରେଁ ଏ ବିଷୟରେ ।"

Download Magazine from www.aahwaan.com

ମନେ ମନେ ନିଜକୁ କହିଲେ ବିଭୂତିବାବୁ ।

"ଆଚ୍ଛା ଚନ୍ଦ୍ରା, ହ୍ୱାଟ୍ ଇଜି ୟୋର୍ ଫାଦରସ୍ ଅଫିସିଆଲ୍ ନେମ୍ ?" 'ସାମ୍ପାଣ୍ଡା' । ଉତ୍ତର ଦେଲା ଚନ୍ଦ୍ରା ।

"ନାଇଁଲୋ ମା, ସାମ୍ପାଣ୍ଡା ନୁହେଁ, ଶ୍ୟାମସୁନ୍ଦର ପଣ୍ଡା ।"

"ମୁଁ ଜାଣିଛି । ସେଇଟା ଡାଡିଙ୍କ ସାର୍ଟିଫିକେଟ ନାଁ । କିନ୍ତୁ ସେ ଉଚ୍ଚାରଣ ଓଲ୍ଡ଼ଫାସନ୍ଡ୍ । ବର୍ତ୍ତମାନ ତାଙ୍କୁ ସମସ୍ତେ 'ସାମ୍ପାଣ୍ଡା' ନାମରେ ଜାଣନ୍ତି । ଇଟ୍ ଫିଲସ୍ ବେଟର ।" ଅନାୟାସରେ କହିଗଲା ନାତୁଣୀ ।

ସବୁ ବୁଝିଗଲା ଭଳି ହୁଁଟିଏ ମାରି ନୀରବ ରହିଲେ ବିଭୂତିବାବୁ ।

କଥା ତାହେଲେ ଏଠି ପହଂଚିଲାଣି । ଜନ୍ମାଷ୍ଟମୀରେ ଜନ୍ମ ହୋଇଥିବାରୁ ତାଙ୍କର ଏକମାତ୍ର ପୁଅକୁ ଶ୍ରଦ୍ଧାରେ ଶ୍ୟାମ ନାମରେ ନାମିତ କରିଥିଲେ ସେ । କିନ୍ତୁ ଆଜିର ଆଧୁନିକ ସମାଜ ପାଇଁ ଶ୍ୟାମ ଶବ୍ଦ ଗାଉଁଲି ଓ ପୁରୁଣାକାଳିଆ ହୋଇଥିବା ସ୍ଥଳେ ଅର୍ଥହୀନ ଶବ୍ଦ 'ସାମ୍ପାଣ୍ଡା' ଯେ ହଠାତ୍ ଆଭିଜାତ୍ୟପୂର୍ଣ୍ଣ ହୋଇଯାଇଛି, ଏତକ ଭଲଭାବେ ବୁଝି ପାରୁଥିଲେ ସେ ।

"ତୋତେ କୋଉ ନାଁଟା ଭଲ ଲାଗୁଛି ? 'ଶ୍ୟାମ ସୁନ୍ଦର ପଣ୍ଡା' ନା 'ସାମ୍ପାଣ୍ଡା' ?"

ନାତୁଣୀର ପସନ୍ଦ ଜାଣିବାପାଇଁ ପଚାରିଲେ ବିଭୂତିବାବୁ ।

"ଅଫ୍ କୋର୍ସ୍ ସାମ୍ପାଣ୍ଡା ।" ଅବିଳମ୍ବେ ଉତ୍ତର ଦେଲା ଚନ୍ଦ୍ରା ।

"ତେବେ ତୋ ସାର୍ଟିଫିକେଟ ନାଁ 'କୁମାରୀ ଚନ୍ଦ୍ରା ପଣ୍ଡା' ତୋତେ କଣ ପୁରୁଣାକାଳିଆ ଲାଗେ ?" ପଚାରିଲେ ବିଭୂତିବାବୁ ।

"ହଁ । ପୁରା ପୁରୁଣାକାଳିଆ । ଚନ୍-ଦ୍ରା..... ପନ୍-ଡା ।"

ଖତେଇ ହେଲା ଭଳି ସ୍ୱରରେ କହିଲା ନାତୁଣୀ ।

Download Magazine from www.aahwaan.com

"ତେବେ କୋଉ ନାଁରେ ଡାକିଲେ ତୋତେ ଭଲ ଲାଗିବ ?" ପଚାରିଲେ ବିଭୂତିବାବୁ ।

"ମୁଁ ଅଲରେଡି ଗୋଟେ ଷ୍ଟାଇଲିସ୍ ନାଁ ବାଛି ସାରିଛି । ଶୁଣିବ ?"

"ହଁ କହ ।" ଶଙ୍କିତ ହୋଇ ପଚାରିଲେ ବିଭୂତିବାବୁ ।

"ସାନ୍ଦ୍ରା ପାଣ୍ଡା । ଷ୍ଟାଇଲିସ୍ ଲାଗୁନି ?" ଆଗ୍ରହର ସହିତ ପଚାରିଲା ଚନ୍ଦ୍ରା ।

ବିଭୂତିବାବୁଙ୍କ ପାଖରେ ଉତ୍ତର ନଥିଲା । କଣ ବା କହିବେ ? ଦୁଆର ଆଡ଼କୁ ଚାହିଁ ଚମକି ପଡିଲେ ସେ । ଶ୍ୟାମ କେତେବେଳେ ଆସି ଚୁପ୍‌ଚାପ୍ ଛିଡା ହୋଇଛି ସେଠି । ମୁଁହରେ ତାର ଏକ ପ୍ରକାର ହତାଶାର ଭାବ ସୁସ୍ପଷ୍ଟ ।

ଡାଡି ଡାଡି କହି ଦୌଡ଼ିଗଲା ଚନ୍ଦ୍ରା ଓ ଶ୍ୟାମର ଅଣ୍ଟାକୁ ଜାବୁଡି ଧରିଲା ।

"ଡାଡି, ଏବେଠୁ ମୋ ନାଁ ହେବ 'ସାନ୍ଦ୍ରା', ନଟ୍ 'ଚନ୍ଦ୍ରା' । ଚନ୍ଦ୍ରାଟା ଓଲ୍‌ଡ଼ ଫାସନ୍‌ଡ୍ । ସାର୍ଟିଫିକେଟ ପାଇଁ ଠିକ୍ । କିନ୍ତୁ ବୋ-ରିଂ ।"

କିଛି ଉତ୍ତର ନ ଦେଇ ଶ୍ୟାମବାବୁ ନେକ୍ ଟାଇ ଖୋଲୁଖୋଲୁ ସୋଫା ଉପରେ ଲଥ୍‌କରି ବସିପଡିଲେ । ବିଭୂତିବାବୁଙ୍କ ଆଡ଼କୁ ବିକଳ ଦୃଷ୍ଟିରେ ଚାହିଁଲେ । ବିଭୂତିବାବୁଙ୍କ ଆଖିରେ ମଧ୍ୟ ଅନୁରୂପ ଭାବ ।

ମନେ ମନେ ଭାବୁଥିଲେ ଶ୍ୟାମବାବୁ, ଅକ୍ଷୟ ମହାନ୍ତିଙ୍କ ସେହି ଲୋକ ପ୍ରିୟ ଗୀତଟିକୁ ଯାହା ତାଙ୍କର ଅତି ମନପସନ୍ଦ ଥିଲା । ଝିଅର ନାଁ ସେହି ଗୀତର ଲିରିକରୁ ହିଁ ସେ ବାଛିଥିଲେ । ବେଶ ସୁନ୍ଦର ରସପୂର୍ଣ୍ଣ ନାଁ ଟିଏ ଚନ୍ଦ୍ରା । ହେଲେ ତାଙ୍କ ଝିଅ ପାଇଁ ତାହା ଆଜି ପୁରୁଣାକାଳିଆ ପାଲଟି ଯାଇଛି ।

ଅନେକ ଦୂରରୁ ସେ ଗୀତଟିର ପ୍ରଥମ ପଂକ୍ତିଟି ଭାସି ଆସୁଥିବା ଭଳି ଲାଗୁଥିଲା ତାଙ୍କୁ ।

ନଦୀର ନାମ ଅଳସକନ୍ୟା ତୀରର ନାମ ତନ୍ଦ୍ରା ।

ଗ୍ରାମର ନାମ ସ୍ୱପ୍ନପୁରୀ ପ୍ରିୟାର ନାମ ଚନ୍ଦ୍ରା । ।

Download Magazine from www.aahwaan.com

ପେଟୁ



ଅକାଳ କୁଷ୍ଣାଣ୍ଡ

କାଲି ସରଯୁ ମାଉସୀଟା ଚାଲିଗଲା । ଦାହସଂସ୍କାର ପରଠୁ ପେଟୁର ବି ଦେଖା ନାହିଁ । ସରଯୁ ମାଉସୀ ଆଉ ପେଟୁର ସମ୍ପର୍କଟା ମା'ପୁଅଠୁ ବଳିକି । ଗାଁରେ ସମସ୍ତଙ୍କ ପାଇଁ ଏକ ବହୁତ ବଡ଼ ଉଦାହରଣ ସ୍ନେହ ଆଉ ଅନାବିଳ ପ୍ରେମର ।

ଓଡ଼ିଶାର ଉପକୂଳବର୍ତ୍ତୀ ଏକ ତଳିଆ ଗାଁ । ଅଧାରୁ ଅଧିକ ଗ୍ରାମବାସୀ ନୋଳିଆ, ସମୁଦ୍ରରୁ ମାଛମାରି ପେଟ ପୋଷନ୍ତି । ସେଇ ଗାଁ ଚାହାଳିର ପ୍ରଧାନ ଶିକ୍ଷକ ଶଶୀଧର ମିଶ୍ର ନିଜ ପତ୍ନୀ ସରଯୁ ସହ ରହୁଥିଲେ । ଠାକୁରେ ସରଯୁମାଉସୀ କୋଳକୁ ଛୁଆଟିଏ ଦେଇନଥିଲେ ସିନା, ହେଲେ ମାଉସୀ ସାହିପଡ଼ିଶାର ସବୁ ଛୁଆଙ୍କୁ ନିଜର ଭଳି ସ୍ନେହ କରେ । ନିଜର ସ୍ୱଳ୍ପ ସମ୍ବଳରେ ଦୁଇପ୍ରାଣୀ ସୁଖେଦୁଃଖେ ଚଳି ଯାଉଥିଲେ । ଗାଁ ମୁଣ୍ଡ ଡିହଉପରେ ନଡ଼ାଛପର ଘରଖଣ୍ଡକ ଥିଲା ମାଷ୍ଟ୍ରଙ୍କର ଦୁଃସ୍ଥ ଜୀବନର ମୁକସାକ୍ଷୀ ।

ମହାବାତ୍ୟା ସମୟର କଥା । ସମୁଦ୍ର ରାକ୍ଷସ ଭଳି ମାଡ଼ିଆସି ଆଖପାଖ ଗାଁ ଗଣ୍ଡାକୁ ଦେଖୁ ଦେଖୁ ବୁଡ଼େଇ ଦେଲା । ଲୋକଗୁଡ଼ା ପୋକମାଛିପରି ଭାସିଗଲେ । ଶଶୀମାଷ୍ଟ୍ରଙ୍କ ଘର ଡିହଉପରେ ହୋଇଥିବାରୁ ଦିହେଁ ବଞ୍ଚିଗଲେ ହେଲେ ଭୋକ ଉପାସରେ ପଡ଼ିରହିଲେ । ଦିନେ ସକାଳୁ ମାଉସୀ ଦେଖିଲା ବେଳକୁ ଡିହର ତଳମୁଣ୍ଡରେ ୨-୩ବର୍ଷର ଛୁଆଟିଏ ଲାଖି ରହିଥାଏ । ଅଚେତ ଥିଲା କିନ୍ତୁ ନିଶ୍ୱାସ ଚାଲୁଥାଏ । ମାଷ୍ଟ୍ରଙ୍କ ସହାୟତାରେ ଛୁଆଟିକୁ ଉଠେଇ ମାଉସୀ ଘରଭିତରକୁ ନେଇଗଲା । ଦେହଟି ତା'ର ଥଣ୍ଡାରେ ଶେତା ପଡ଼ି କମ୍ପୁଥାଏ । ଦୁଇଦିନ ପର୍ଯ୍ୟନ୍ତ ସରଯୁମାଉସୀ ଛୁଆଟିକୁ କମ୍ବଳରେ ଘୋଡ଼େଇ କୁଣ୍ଢେଇଧରି

Download Magazine from www.aahwaan.com

ବସିରହିଲା । ଭୋକଶୋଷ ସବୁ ଭୁଲି । ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ ? ଛୁଆଟିର ଚେତା ଫେରିଲା, ଠିକ୍ କରି କଥା କହିପାରୁ ନଥିବାରୁ ଜାଣିପାରିଲେ ନାହିଁ ତା ଘରଠିକଣା କଥା । ମାଉସୀ କହିଲା, "ଆଜିଠୁ ତୁ ମୋ ପୁଅ । ଏଇଟା ତୋର ଘର ।" ଛୁଆଟି ମାଷ୍ଟ୍ରଙ୍କୁ ବାପା ଆଉ ମାଉସୀକୁ ମା ବୋଲି ଡାକିଲା ।

ପାଣି ତଳକୁ ଖସିବାପରେ ଗାଁ ଲୋକ ପ୍ରକୃତ କ୍ଷୟକ୍ଷତି ଜାଣିବାକୁ ପାଇଲେ । ପ୍ରାୟ ୨୫-୩୦ଜଣ ଲୋକ ପାଣିରେ ଭାସିଗଲେ, କାହାର ଏ ପର୍ଯ୍ୟନ୍ତ ପତ୍ତା ନାହିଁ । ସବୁ ଭୁଲି ପୁଣି ନିଜ ନିଜ ଦୈନନ୍ଦିନ ଜୀବନକୁ ସମସ୍ତେ ଫେରିଲେ । ସରଯୁମାଉସୀ ଭାସି ଆସିଥିବା ଛୁଆଟି କଥା ସମସ୍ତଙ୍କୁ କହିଲା । ଅବିକଳ ମା□ପୁଅ ପରି ଲାଗୁଥିଲେ ଦିହେଁ । ଗାଁ ଦାଣ୍ଡରେ ସାହିର ଅନ୍ୟ ଛୁଆଙ୍କ ସାଙ୍ଗରେ ଖେଳୁଥିବା ଏଇ ଛୁଆଟିର ଖାଇବାରେ ଭାରି ଲୋଭ ଥିଲା । ଘରେ ଖୁଆଇ ଛାଡ଼ିଲେ ମଧ୍ୟ ସାଇପଡ଼ିଶାଙ୍କ ଘରେ ବି ଖାଇ ଦେଇ ଆସୁଥିଲା । ମାଉସୀ ଯେତେ ତାଗିଦା କଲେ ବି ଛୁଆଟି ନଛୋଡ଼ବନ୍ଧା । ଗାଁବାଲା ମାଷ୍ଟ୍ରଙ୍କ ପୁଅ ବୋଲି ଖରାପ ଭାବୁନଥିଲେ ବରଂ ଛୁଆଟିର ନାଁ 'ପେଟୁ' ବୋଲି ରଖିଲେ !

ସରଯୁମାଉସୀ ପେଟୁକୁ ଯଶୋଦା ମା' ଭଳି କୋଳେଇ କାଖେଇ ବଡ଼ କଲା । କେବେ ପେଟୁର ଦେହ ଖରାପ ହେଲେ ମାଉସୀ କୋଉ ଦେବାଦେବୀଙ୍କ ପୂଜା ଛାଡୁ ନଥିଲା । ଧିରେ ଧିରେ ପେଟୁ ବଡ଼ ହେଲା, ଗାଁ ଚାହାଳିକୁ ଗଲା ପାଠ ପଢ଼ିବାକୁ । ମାଷ୍ଟ୍ରଙ୍କ ଶତଚେଷ୍ଟା ସତ୍ତ୍ୱେ ପେଟୁର ପାଠପଢ଼ାରେ ମନ ଲାଗିଲା ନାହିଁ, ଶେଷରେ ସପ୍ତମ ଶ୍ରେଣୀରେ ପାଠ ଛାଡ଼ିଲା । ମାଷ୍ଟ୍ରଙ୍କର ପୈତ୍ରୁକ ସମ୍ପତ୍ତି ବୋଲି ଗୋଟିଏ ଛୋଟ ଜମି ଥିଲା, ସେଥିରେ ଚାଷବାସ କରିବା ଆରମ୍ଭ କଲା । ପାଠ ନପଢ଼ିବାରୁ ମାଷ୍ଟ୍ରେ ଦୁଃଖୀ ହେଲେ, କିନ୍ତୁ ପେଟୁ ପରିଶ୍ରମ କରି ପେଟ ପୋଷିବ ଜାଣି କିଛି କହିଲେ ନାହିଁ ।

Download Magazine from www.aahwaan.com

ସମୟ ବା କାହାକୁ ଅପେକ୍ଷା କରେ । ମାଷ୍ଟ୍ରେ ଅଳ୍ପବୟସରେ ଆରପାରିକୁ ଚାଲିଗଲେ । ପେଟୁ ଚାଷବାସ କରିବା ସହ ସରଯୁମାଉସୀର ଯତ୍ନ ନେଉଥାଏ । ମାଷ୍ଟ୍ରେ ଚାଲିଗଲା ପରେ ମାଉସୀ ଭାଙ୍ଗିପଡ଼ିଲା । ପୁରୁଣା କାଶରୋଗଟା ତା ଦେହଟାକୁ ଭିତରୁ ଖାଇବାକୁ ଆରମ୍ଭ କରି ଦେଇଥାଏ । ଦିନେ ରାତିରେ ମାଉସୀ ବହୁତ କାଶିବାରୁ ପେଟୁ ଧାଇଁଯାଇ ଦେଖିଲା ବେଳକୁ ମା ପାଟିରୁ ରକ୍ତ ପଡୁଥାଏ । ପେଟୁ ହାଉଳିଖାଇ ମା'କୁ କୁଣ୍ଢେଇ ପକେଇ କାନ୍ଦିଲା । ସାହିପଡ଼ିଶା ଆସି ଦେଖି କହିଲେ ଡାକ୍ତରଖାନା ନେଇଯିବାକୁ ।

ରାତାରାତି ପେଟୁ ଟ୍ରେକରଟିଏ କରି ମା'କୁ ନେଇ ଛୁଟିଲା କଟକ, ବଡ଼ ଡାକ୍ତରଖାନା । ବାଟସାରା ମାଉସୀ କାଶୁଥାଏ ଆଉ ତା ମୁହଁରୁ ରକ୍ତ ବହି ଯାଉଥାଏ । ବାରମ୍ବାର ସେ ପେଟୁକୁ କହୁଥାଏ, "ବାବୁରେ, ମର୍ତ୍ତ୍ୟମଣ୍ଡଳେ ଦେହ ବହି ଦେବତା ହେଲେ ହେଁ ମରଇ । ମୁଁ ଚାଲିଗଲେ ତୁ ମନ ଉଣା କରିବୁ ନାହିଁ । ନିଜର ଯତ୍ନ ନେବୁ । ନହେଲେ ମୋର ଆଉ ତୋ ବାପାଙ୍କ ଆତ୍ମା ଶାନ୍ତି ପାଇବ ନାହିଁ ।" ପେଟୁ ବିଚରା ଭୋ ଭୋ କରି କାନ୍ଦୁଥାଏ ।

ବଡ଼ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ରାତି ପାହି ନଥାଏ । ପେଟୁ ଦଉଡ଼ିଯାଇ ଡ୍ୟୁଟିରେ ଥିବା ଡାକ୍ତରବାବୁଙ୍କ ଗୋଡ଼ତଳେ ପଡ଼ି ଗୁହାରି କଲା ମା'କୁ ବଞ୍ଚେଇବା ପାଇଁ । ଡାକ୍ତରବାବୁ ମାଉସୀକୁ ଚେକ୍ କରି କହିଲେ, "ତୋ ମା'କୁ ଟିବି ହେଇଛି । ଯକ୍ଷ୍ମାରୋଗ । ବଞ୍ଚିବାର ଆଶା ବହୁତ କମ୍ ! ତଥାପି ସକାଳ ପର୍ଯ୍ୟନ୍ତ ଅପେକ୍ଷା କର । ବଡ଼ ଡାକ୍ତର ଆସିଲେ ଦେଖିବେ ।" ପେଟୁ ଡାକ୍ତରବାବୁଙ୍କୁ ନେହୁରା ହେଲା ମା'କୁ କିଛି ଔଷଧ ଦେବାକୁ ଯେମିତି ରକ୍ତପଡ଼ିବା ବନ୍ଦ ହେଇଯାଉ । ହେଲେ ସେ ୱାର୍ଡ ବୁଲିବାକୁ ଚାଲିଗଲେ ।

ପେଟୁ ମା'କୁ ଆଣି ତଳେ କନ୍ଥା ପକେଇ ଶୁଆଇଦେଲା । ବାଟସାରା କାଶି କାଶି ଓ ରକ୍ତ ବହିଯାଇଥିବାରୁ ମା ମୁହଁଟା ଶେତା ପଡ଼ିଯାଇଥାଏ । ପେଟୁ ତା ମୁଣ୍ଡ ଉପରେ ହାତ

Download Magazine from www.aahwaan.com

ବୁଲେଇ ଆଣିଲା ଯେମିତି ମାଉସି ମୁହଁରେ ଗୋଟେ ମୁଚୁକି ହସ ଖେଳିଗଲା । ମାଉସୀ ଆଉ କାଶୁ ନଥିଲା କିନ୍ତୁ ନିଶ୍ୱାସ କ୍ଷୀଣ ହେବାକୁ ଲାଗିବା ସହ ଦେହ ଥଣ୍ଡା ପଡ଼ିବାରେ ଲାଗିଲା । ବୋବାଳି ଛାଡ଼ି କାନ୍ଦିଉଠି ପେଟୁ ମା'କୁ ଉଠେଇ କୁଣ୍ଢେଇ ଧରି ବସିଲା । ମନେ ମନେ ଜଗନ୍ନାଥଙ୍କୁ ଡାକୁଥାଏ ମା'କୁ ବଞ୍ଚେଇ ଦେବାକୁ । ରାତିସାରା ମା'କୁ କୁଣ୍ଢେଇ ଧରି ବସି ରହିଲା ପେଟୁ ।

ସକାଳ ହେଲା । ପେଟୁର ଆଖପାଖ ଧିରେ ଧିରେ ଚଳଚଞ୍ଚଳ ହେଇଉଠିଲା । ହେଲେ ମାଉସୀ ଆଉ ଉଠିଲାନି । ପେଟୁ ସେମିତି ବସିଥାଏ ମା'କୁ କୁଣ୍ଢେଇ । ବଡ଼ ଡାକ୍ତର ଆସି ପେଟୁକୁ ସାନ୍ତ୍ୱନା ଦେଲେ, କହିଲେ ଗାଁକୁ ଫେରିଯିବାକୁ ।

ଗାଁରୁ ସାହିପଡ଼ିଶା ଯାଇ ପହଞ୍ଚିଲେ । ଗାଡ଼ିଟିଏ କରି ମାଉସୀକୁ ଗାଁକୁ ଆଣିଲେ । ପେଟୁ ଆଉ କାନ୍ଦୁ ନଥାଏ । ମାଉସୀର ଯୁଇପାଖରେ ଗଛପରି ଠିଆ ହୋଇ ରହିଥାଏ ଚୁପଚାପ । ଭଗବାନଙ୍କୁ ମନେ ମନେ ଗାଳି ଦେଉଥିଲା ବୋଧେ । ନା ଧନ୍ୟବାଦ ଦେଉଥିଲା ସରଯୁମାଉସୀ ଭଳି ମା' ପାଇଁ । ହଠାତ ଆଖିତଳଟା ଗରମ ଲାଗିବାରୁ ଦେଖିଲାବେଳକୁ ତାଜା ଲୁହ ଦୁଇଟୋପା ଆଖି ଗଡ଼ି ଯାଇଥିଲେ ।

Download Magazine from www.aahwaan.com

ନିଃସଙ୍ଗ ପୃଥିବୀ

କୁନା ସୁନା

ସକାଳର କଅଁଳ ସୂର୍ଯ୍ୟ କିରଣ ତାନିଆର କାଚ ଝରକା ଦେଇ ସମଗ୍ର ରୁମରେ ନିଜର ଆଲୋକ ବିଛୁରୀତ କରିଦେଇଛି । ଷ୍ଟଡି ଟେବୁଲ୍‌ରେ ପଡ଼ି ରହିଛି ତାନିଆର ଲାପଟପ୍, ଶେଜ ସଂପୂର୍ଣ୍ଣ ଭାବେ ସଜଡ଼ା ହୋଇ ରହିଅଛି । ବେଡ଼ରେ ରହିଛି ତା'ର ପ୍ରିୟ ଟେଡିବିଅର ଯାହାକୁ ତାନିଆର ବାପା ଇଂଜିନିୟର ରମେଶ ଶର୍ମା ତା'ର ବାଇଶି ତମ ଜନ୍ମ ଦିବସରେ ଉପହାର କରିଥିଲେ । ସପ୍ତାହ ପୂର୍ବରୁ ହିଁ ତାନିଆର ଜନ୍ମଦିବସ ଇଂ.ରମେଶ ଶର୍ମା ଓ ତାଙ୍କ ପତ୍ନି ବିଖ୍ୟାତ ଗାଇନୋକଲୋଜିଷ୍ଟ ଗୀତା ଶର୍ମା ଅତି ଧୁମ୍‌ଧାମରେ ସହରର ବଡ଼ ବଡ଼ ଲୋକଙ୍କ ସହ ପାଳନ କରିଥିଲେ । ସେଥିରେ ତାନିଆର ଅନେକ ବନ୍ଧୁ ବାନ୍ଧବୀ ମଧ୍ୟ ଉପସ୍ଥିତ ଥିଲେ । ବେଡ଼ରେ ପଡ଼ିଛି ଲାଇବ୍ରେରୀରୁ ଆଣିଥିବା କେତୋଟି ବହି ଓ ତାନିଆର କଲେଜ ବ୍ୟାଗ୍, ତାନିଆର ମାଆ ଡ.ଶର୍ମା ବାରମ୍ବାର ତାନିଆକୁ ଡାକରା ଦେଲେଣି କିନ୍ତୁ ତାନିଆର କୌଣସି ଉତ୍ତର ପାଇ ନାହାନ୍ତି । ସମୟ ସକାଳ ୯:୩୦ ହେବାକୁ ବସିଲାଣି କଲେଜ ଯିବାକୁ ତାନିଆ ବାହାରି ନାହିଁ, କରିଡରରେ ତାନିଆର ସ୍କୁଟି ସେମିତି ଠିଆ ହୋଇଛି । ତାନିଆକୁ ପୁଣି ଡାକିବା ପାଇଁ ଡ.ଗୀତା ଶର୍ମା ତାନିଆ ରୁମ୍‌କୁ ଗଲେ, ରୁମ୍‌ର କବାଟ ଖୋଲା, ବେଡ଼ରେ ତାନିଆ ନାହିଁ ବାଥରୁମରେ ବି ନାହିଁ, ଡ.ଗୀତା ବ୍ୟସ୍ତ ବିବ୍ରତ ହୋଇ ଇଂ. ଶର୍ମାଙ୍କୁ ପଚାରିଲେ । ସେ ଉତ୍ତର ଦେଲେ ମୁଁ କେମିତି ଜାଣିବି ଦୁଇ ଜଣ ତ ରାତି ୨:୩୦ରେ ଏକା ସାଙ୍ଗେ ପାର୍ଟିରୁ ଆସି ଶୋଇ ପଡ଼ିଲୁ । ବ୍ୟସ୍ତ ହୁଅ ନାହିଁ ପୂଜା ସହ ମିଶି ଚାଲି ଚାଲି ଦୁଇ ସାଙ୍ଗ କଲେଜ ଆଦି ଶୀଘ୍ର ଚାଲି ଯାଇଥିବେ । ତାନିଆର ବାପାଙ୍କ ଏହି

Download Magazine from www.aahwaan.com

ଉତ୍ତର ମା'ର ହୃଦୟ ଗ୍ରହଣ କରିଲା ନାହିଁ ସେ ସାଙ୍ଗେ ସାଙ୍ଗେ ପୂଜା ପାଖକୁ ଧାଇଁ ଯାଇ ଦେଖିଲେ ସେ ତ କଲେଜ ହିଁ ଯାଇନି । ପୂଜା ପାଖରେ ତାନିଆକୁ ନ ପାଇ ଡ.ଗୀତା ତାନିଆର ମୋବାଇଲକୁ କଲ୍ କରିଲେ, କିନ୍ତୁ କୌଣସି ଉତ୍ତର ମିଳିଲା ନାହିଁ, ଥକି ଯାଇ ନିଜ ବଙ୍ଗଳାକୁ ଫେରିଆସି ଡ.ଗୀତା ପୁଣି ତାନିଆକୁ ଫୋନ କରିଲେ ଏବେ ତାନିଆର ଫୋନ ରିଙ୍ଗ୍‌ଟୋନର ଶବ୍ଦ ଆସିଲା ତା'ର ସ୍କୁଟିର ଡିକିରୁ । ଏହିଭଳି ପରିସ୍ଥିତିରେ ମଧ୍ୟ ତାନିଆର ବାପା ଓ ମା ନିଜ ନିଜର କାମକୁ ନେଇ ବ୍ୟସ୍ତ, ନିଜ ଝିଅକୁ ନ ପାଇ ସାଧାରଣତଃ ଯେଉଁ କଷ୍ଟ, ଯେଉଁ ବେଦନାର ଅନୁଭୂତି ହେବାକଥା ତାହା ହେଉନାହିଁ । ଇଂ. ଶର୍ମା କହିଛନ୍ତି ଆଜି ମନ୍ତ୍ରୀଙ୍କ ସହ ମିଟିଂ ଅଛି, ଡ୍ୟାମ୍ର ଉଦ୍ଘାଟନ ଅଛି ରାତିକୁ ପାର୍ଟି ଅଛି ତା'ର ଆୟୋଜନ ଦେଖିବାର ଅଛି, ଡ.ଗୀତା କହୁଛନ୍ତି କ୍ଲିନିକରୁ ମୋ ଆସିଷ୍ଟାଣ୍ଟର ଫୋନ ଆସିଥିଲା ଆଜି ମୋର ଆପଏଣ୍ଟମେଣ୍ଟ ଡାଏରୀ ଫୁଲ୍ ହୋଇଯାଇଛି । ଦୁହେଁ ନିଜ ନିଜର ବ୍ୟସ୍ତତା ମଧ୍ୟରେ ବିରକ୍ତ ହୋଇ ଗାଳି ଦେବାକୁ ଆରମ୍ଭ କରିଦେଲେଣି, ତାନିଆକୁ ଦାୟିତ୍ୱହୀନ ଝିଅ ବୋଲି ଅନେକ ନିନ୍ଦା ଅପନିନ୍ଦା ଦେଇ ଦୁଇ ସ୍ୱାମୀ ସ୍ତ୍ରୀ ନିଜ ନିଜକୁ ଗାଳି କରିବାକୁ ଲାଗିଲେ ଓ ଶେଷରେ ଦୁହେଁ ନିଜ ନିଜର କାମକୁ ଫେରିଗଲେ । ଶର୍ମା ଦମ୍ପତିଙ୍କୁ ନିଜ ଏକମାତ୍ର ଝିଅର ଚିନ୍ତା ସେତେବେଳେ ହେଲା ଯେତେବେଳେ ତାଙ୍କ ଘରେ କାମ କରୁଥିବା ୬୦ବର୍ଷର ମହିଳା ତାନିଆର ଅନୁପସ୍ଥିତିକୁ ନେଇ ଚିନ୍ତିତ ହୋଇ ଶହିଦନଗର ଥାନାରେ ଗୋଟିଏ ଏଫ.ଆଇ.ଆର ଓ ଫୋଟ ଦେଇଆସିଲା । ସାଥିରେ ଦେଇ ଆସିଲା ଶର୍ମା ଦମ୍ପତିର ଫୋନ ନମ୍ବର । ଥାନାରୁ ଫୋନ ଯିବାରୁ ଶର୍ମା ଦମ୍ପତି ନିଖୋଜ ହୋଇଥିବା ଏକମାତ୍ର ଝିଅ ପାଇଁ ଗମ୍ଭୀର ହୋଇ ନିଜ ନିଜର ବ୍ୟସ୍ତ ବିବ୍ରତ ଜୀବନରୁ ଅଳ୍ପ ସମୟ ପାଇଥିଲେ । ଦୁହେଁ ନିଜ ନିଜର ସମସ୍ତ ସମ୍ପର୍କ ଓ ଅର୍ଥକୁ ପ୍ରୟୋଗ କରି ଦିନସାରା ସମଗ୍ର ରାଜଧାନୀରେ, ତାନିଆର

Download Magazine from www.aahwaan.com

କଲେଜ ଓ ସମସ୍ତ ସମ୍ଭାବନା ସ୍ଥାନରେ ତାନିଆର ସନ୍ଧାନ କରିଥିଲେ । କିନ୍ତୁ ଶର୍ମା ଦମ୍ପତିଙ୍କ ସମସ୍ତ ସଂପର୍କ, ଅର୍ଥବଳ ବିଫଳ ହୋଇଗଲା । ସୂର୍ଯ୍ୟ ଅସ୍ତ ହେବା ସହ ସମସ୍ତଙ୍କ ହୃଦୟର ଆଶଙ୍କା ଘନୀଭୂତ ହେବାକୁ ଲାଗିଲା । ଶର୍ମା ଦମ୍ପତି ତାନିଆର ରୁମ୍‌କୁ ଯାଇ ଅନେକ ସମୟ ସେହି ସଜଡ଼ା ବେଡ଼ରେ ଟେଡିବିଅର ପାଖରେ ବସିଲେ । ସତେ ଯେମିତି ସେହି ସମଗ୍ର ରୁମ୍ ଶର୍ମା ଦମ୍ପତିଙ୍କୁ ତାନିଆର ମନୋସ୍ଥିତି ଓ ତା'ର ବେଦନା ସମ୍ପର୍କରେ ଅନେକ ଅକୁହା କଥା କହିଯାଉଛି । ସେତେବେଳେ ଶର୍ମା ଦମ୍ପତି ଅନୁଭବ କରିପାରିଲେ ଯେ ସେମାନେ ବହୁତ ଦିନ ହେଲାଣି ନିଜ ଝିଅ ସହ କିଛି ପ୍ରେମ ଭରା ମୁହୂର୍ତ୍ତ ବିତାଇ ନାହାଁନ୍ତି, କେବେ ନିଜ ଝିଅ ସହ ତା'ର ମନର କଥା ହୋଇ ନାହାଁନ୍ତି, ଦୀର୍ଘ ସମୟ ହେବ କାହାଣୀ କହି ଏଇଠି ଶୁଆଇ ନାହାଁନ୍ତି କେଜାଣେ କେବେ ତାକୁ କଲେଜ ଛାଡିବାକୁ ଯାଇଥିଲେ, କେବେ ତାନିଆ ସହ ବୁଲିବାକୁ ଯାଇଥିଲେ, କେବେ ତାନିଆ ସହ ତା'ର ଇଚ୍ଛା ଓ ଲକ୍ଷ୍ୟ ସମ୍ପର୍କରେ କଥାବାର୍ତ୍ତା ହୋଇଥିଲେ । ଏହିଭଳି ଅନେକ ପ୍ରଶ୍ନ ତାନିଆର ବେଡ଼ରୁମର ପ୍ରତ୍ୟେକ କୋଣ ଅନୁକୋଣ ଶର୍ମୀ ଦମ୍ପତିଙ୍କୁ ପଚାରିବାକୁ ଲାଗିଲା । ଏହି ସମସ୍ତ ପ୍ରଶ୍ନରୁ ଆହତ ହୋଇ ନିଜର ଏକମାତ୍ର ସ୍ନେହର ଝିଅ ତାନିଆ ପ୍ରତି କରିଥିବା ଅନ୍ୟାୟର ହୃଦୟଙ୍ଗମ କରି ତାନିଆ ରୁମରୁ ବାହିରି ଶର୍ମା ଦମ୍ପତି ନିଜ ବଙ୍ଗଳାର ଛାତକୁ ଗଲେ ।

ତାନିଆ ପ୍ରତି ଶର୍ମା ଦମ୍ପତିଙ୍କ ଏଭଳି ବ୍ୟବହାର ସେମାନଙ୍କ ହୃଦୟରେ ଅନେକ ଆଶଙ୍କା ଓ ସମ୍ଭାବନାକୁ ଦୃଢ଼ୀଭୂତ କରିଥିଲା । କିନ୍ତୁ ଛାତ ଉପରକୁ ଯାଇ ସେ ଦୁହେଁ ଯାହା ଦେଖିଲେ, ସେଥିରେ ସେମାନେ ସଂପୂର୍ଣ୍ଣ ଅବାକ୍ ହୋଇଗଲେ । ଯେଉଁ ତାନିଆକୁ ସେ ଗତ ୨୪ ଘଣ୍ଟାରେ ସାରା ସଂସାରରେ ଖୋଜିଲେ, ସେ ଆସି ବସିଛି ବଙ୍ଗଳାର ଛାତ ଉପରେ ଚଟାଣରେ । ସେ ଯାଇ ନାହିଁ ନିଜର କୋଉ ପ୍ରେମିକ ସହ ବହୁ ଦୂର, ସେ ଯାଇନି ଆଇ.ଜି

Download Magazine from www.aahwaan.com

ପାର୍କ, ସେ ଯାଇନି ସହରର ସେହି କ୍ଲବ୍ ଗୁଡ଼ିକରେ ଯେଉଁଠି ତା' ସମବୟସର ପୁଅଝିଅ ନିଶାରେ, ମୁକ୍ତ ମନରେ, ଖୋଲା ଦେହରେ ନାଚଗୀତରେ ମଗ୍ନ ରହିଥାନ୍ତି, ସେ ହଜି ଯାଇନି ଇଣ୍ଟରନେଟ୍, ହ୍ୱାଟ୍ସ୍ଆପ୍ ବା ଫେସବୁକରେ । କାହିଁକି ସେ ଏକାକୀ ନିଃସଙ୍ଗ ନିଜ ବଙ୍ଗଳାର ଛାତରେ ସାଇଡ୍ ହ୍ୱାଲରେ ଆଉଜି ଗୋଟିଏ ଦିଗରେ ଅପଲକ ଚାହିଁ ରହିଛି, କାହିଁକି ତା' କୋମଳ ମୁଖରେ ବୟସର ମାଦକତା ନାହିଁ, କାହିଁକି ତାନିଆର ଫୁଲ ଭଳି ମୁଖ ମଣ୍ଡଳ ମଳିନ ଓ କଠୋର ଲାଗୁଛି, କାହିଁକି ତା ଓଠରେ ହସ ନାହିଁ କି ଆଖିରେ ଲୁହ ନାହିଁ ତା'ର ଜୀବନରୁ ହସ ଆଉ ଲୁହ ସରି ଯାଇଛି ନା ବାହାରି ଆସିବା ପାଇଁ ଡରିଯାଉଛନ୍ତି ସେମାନେ ? କାହିଁକି ତାନିଆ ନିଃଶ୍ୱାସ ନେଉଛି କିନ୍ତୁ ପ୍ରାଣହୀନ ହୋଇଯାଇଛି ? କାହିଁକି ସେ ନିଜ ପିତାମାତାର ଡାକ ଶୁଣୁ ନାହିଁ ? ଏହି ସମସ୍ତ ପ୍ରଶ୍ନ ଶର୍ମା ଦମ୍ପତିଙ୍କୁ ଅତି କଷ୍ଟ ଲାଗୁଛି । ଯାହାର ଉତ୍ତର ବୋଧ ହୁଏ ସେମାନଙ୍କ ଅପେକ୍ଷା ଆଉ ସଂସାରରେ କେହି ଦେଇ ପାରିବେ ନାହିଁ ।

ତାନିଆ ଭଳି ନବ ଯୌବନକୁ ପଦାର୍ପଣ କରୁଥିବା ଝିଅର ଏଭଳି ଅବସ୍ଥା ପାଇଁ ବାସ୍ତବରେ ଦାୟୀ କିଏ ସେ ଯେଉଁ କଲେଜରେ ପଢୁଛି ସେଠାକାର ସାଙ୍ଗସାଥୀ ଓ ସିନିଅରମାନଙ୍କ ଅଯଥା କମେଣ୍ଟ ନା ବିନାକାରଣରେ ଟର୍ଚର୍ କରୁଥିବା ଫିଜିକ୍ସ ମ୍ୟାଡ଼ମ୍ ନା ରାସ୍ତାରେ ଗଲାବେଳ ତା' ସ୍କୁଟି ପିଛା କରି ତା'କୁ ଅଶ୍ଳୀଳ କମେଣ୍ଟ କରୁଥିବା ଅଭଦ୍ର ପିଲାଙ୍କ ଦଳ ନା ଲୋଲୁପ ଦୃଷ୍ଟିରେ ଦେଖୁଥିବା ନିଜ ବଙ୍ଗଳାର ସିକ୍ୟୁରିଟି ଗାର୍ଡ । କିଏ ଦାୟୀ ତାନିଆର ଏଭଳି ଅବସ୍ଥା ପାଇଁ ଡ.ଗୀତା ଶର୍ମା ନୁହଁନ୍ତି ତ ଏଥିପାଇଁ ଦାୟୀ ନା ସେ ହୋଇ ନ ଥିବେ ସେ ତା'ଜଣେ ବିଖ୍ୟାତ ଗାଇନୋକୋଲୋଜିଷ୍ଟ ମାନେ ସ୍ତ୍ରୀ ରୋଗର ବିଶେଷଜ୍ଞ, ସେ ତ ସାରା ସହରର ସ୍ତ୍ରୀ ବା ନାରୀର ଶାରୀରିକ ବ୍ୟାଧି ବୁଝି ତା'ର ଉପସମ କରନ୍ତି । ହେଲେ

Download Magazine from www.aahwaan.com

ନିଜ ଏକମାତ୍ର ପରୀ ଭଳି ଝିଅର ମନର ବେଦନାକୁ ବୁଝିବାକୁ ସମୟ ପାଇ ନାହାଁନ୍ତି ବୋଧେ । ଇଞ୍ଜିନିୟର ରମେଶ ଶର୍ମା, ତାନିଆର ଏଭଳି ଅବସ୍ଥା ପାଇଁ ତ ବିଲକୁଲ ଦାୟୀ ନୁହଁନ୍ତି କାରଣ ସେ ଜଣେ ଇଞ୍ଜିନିଅର ବିରାଟ ବିରାଟ ବିଲ୍ଡିଙ୍ଗ, ମଲ ଓ ପ୍ରକଳ୍ପ ଗୁଡିକର ନିର୍ମାଣ ତଥା ଯୋଜନାଗୁଡିକୁ ଅତି ସୁଦୃଢ଼ଭାବେ ପରିଚାଳନା କରନ୍ତି । ହେଲେ ନିଜ ଏକମାତ୍ର ରାଣୀ ଭଳି ଝିଅର ମନର ଭାବନାକୁ ବୁଝି ତାକୁ ଦୃଢ଼ତା ଦେବା ପାଇଁ ବୋଧେ ଭୁଲିଗଲେ । ତାନିଆର ସମସ୍ତ ବେଦନା ଭାବନା, ସୁଖ-ଦୁଃଖ, ହସ-ଖେଳ, ଆବେଗ-କୌତୁହଳ, ଇଚ୍ଛା-ଆକାଂକ୍ଷା, ଅବ୍ୟକ୍ତ ତଥା ଅକୁହା ରହିଗଲା କାହିଁକି ?

ସାଧାରଣତଃ ମଣିଷର ଦେହରେ ଥଣ୍ଡା, କାଶ, ଜ୍ୱର ଆଦି ରୋଗ ହୁଏ । ହୃଦୟକୁ ହୃଦରୋଗ ହୁଏ । କିନ୍ତୁ ତାନିଆର ମନକୁ ଏ ଡିପ୍ରେସନ୍ ହେଲା କାହିଁକି ? ଆଧୁନିକ ଯୁଗର ଅତ୍ୟାଧୁନିକ ମଣିଷକୁ ଏ ଡିପ୍ରେସନ୍ ହୁଏ କାହିଁକି ? ଏହି ରୋଗର ମୂଳ ଉତ୍ସ କେଉଁଠି ?

ଗବେଷକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଓଡ଼ିଶା,
କୋରାପୁଟ, ପିନ୍-୭୬୪୦୨୦
ଭ୍ରାମ୍ୟଭାଷ -୯୯୩୮୬୬୬୨୨୪

Download Magazine from www.aahwaan.com

ପୁତୁଲ

ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର

ହେଲୋ ଦେବେନ, ମୁଁ ରୀତା କହୁଛି । ହଁ, କଣ ହେଲା । ପୁତୁଲ ଏ ପର୍ଯ୍ୟନ୍ତ ସ୍କୁଲରୁ ଫେରିନାହିଁ । ଆଖପାଖରେ ତାର ଯେତେ ସାଙ୍ଗ ସମସ୍ତଙ୍କୁ ପଚାରି ସାରିଛି, ସମସ୍ତେ ଆସି ସାରିଲେଣି । ହେଲା, ସେ ଆମ ଅଟୋରେ ଆସୁଥିବ, ତୁମେ ବ୍ୟସ୍ତ ହୁଅନି । ନା, ନା, ତୁମେ ଜଲ୍‌ଦି ଘରକୁ ଆସ, ମୋ ମନ କେମିତି ନାନା ଆଶଙ୍କାରେ ଗୁଡେଇ ତୁଡ଼େଇ ହେଉଛି । ହଉ, ମୁଁ ଏଇ ସଙ୍ଗେ ସଙ୍ଗେ ବାହାରିଲି ।

ବର୍ତ୍ତମାନ ମୁଁ କଣ କରିବି, କାହା ପାଖକୁ ଯିବି, ସ୍କୁଲ ଛୁଟି ହେବାର ଦୁଇ ଘଣ୍ଟା ଅତିକ୍ରମ କରିଗଲାଣି । ହେ ମା' ମଙ୍ଗଳା ତୁ ମୋ ଝିଅକୁ ଫେରାଇ ଦେ ମା' । ମୋ ପୁତୁଲକୁ ଭଲରେ ଘରକୁ ନେଇ ଆସିଲେ ତୋତେ ମୁଁ ନୂଆଁ ଲୁଗା ଦେବି,ଭୋଗ ଦେବି, ଦୀପ ଲଗେଇବି, ମୋ ଧନକୁ ଖୋଜିଆଣି ଦେ ମା' । ଯାଆନ୍ତି ଭାରି ଟିକେ ସ୍କୁଲ ଆଡେ କି । କାଳେ ପୁତୁଲ ଆସିବ ଆସିବ ହୋଇ ଏ ପର୍ଯ୍ୟନ୍ତ ପଦାକୁ ଗୋଡ କାଢିପାରୁନି । ଏଇନା ଯଦି ଯିବି, ଆଉ ପୁତୁଲ ଫେରିଆସି ତାଲା ପଡିଛି ଭାବି ପୁଣି କୁଆଡେ ଚାଲିଯିବ । ଆଜିକାଲି ରାସ୍ତାଘାଟରେ ଯାହା ଘଟଣା, ଘଟଣା ଘଟୁଛି ଶୁଣିଲେ ଦେହ କଣ ହେଇଯାଉଛି । ଭୟରେ କାନ ବନ୍ଦ ହୋଇଯାଉଛି । ରକ୍ତ ଯେପରି ପଥର ପାଲଟି ଯାଉଛି । ସମୟର ପ୍ରବାହମାନ ଗତିରେ ମଣିଷ ପାଇଁ ପ୍ରତିଦିନ ନୂଆ ନୂଆ ଅମଣିଷ ରୂପକ ରାକ୍ଷସ ଯେପରି କାମୁଡି ଗୋଡାଉଛି ସମାଜର ପ୍ରତିଟି ସଚେତନ ମଣିଷକୁ । ସକାଳୁ ଉଠୁ ଉଠୁ ମଣିଷ ଭାବୁଛି ଆଜି ଦିନଟି କେମିତି ବିତିବ । ବିଭିନ୍ନ ଚିନ୍ତାରେ, ନାନା ସମସ୍ୟାକୁ ରେଡିଓ, ଟିଭି, ସମ୍ବାଦପତ୍ର

Download Magazine from www.aahwaan.com

ମାଧ୍ୟମରେ ଅବଗତ ହୋଇ ପୁଣି କେଜାଣି କେମିତି ରାତି ହେଉଛି । ପୁଣି ଆସନ୍ତାକାଲି ପାଇଁ ଆଉ କିଛି ଅଲିଖିତ ଭୟର ଆଭାସ ପାଉଛି । ଆଜିକାଲି ବାପାମା'ଙ୍କ ପାଇଁ ଆହୁରି ଅସୁବିଧା । କାରଣ, ଛୋଟ ପିଲାମାନେ ସ୍କୁଲ ଯାଇ ଘରକୁ ନ ଫେରିବା ପର୍ଯ୍ୟନ୍ତ ପିତାମାତାଙ୍କ ବ୍ୟଗ୍ରତା କେମିତି ଅଜଣା ଭୟରେ ଆଶଙ୍କାଗ୍ରସ୍ତ ହେଉଛି ଠିକ ମୋ ପରି । କେବଳ ସେଇମାନେ ହିଁ ଜାଣିପାରିବେ, ଯେଉଁ ମାନଙ୍କ ପିଲାମାନେ ସ୍କୁଲ ଯାଉଛନ୍ତି ।

ଆଗରୁ ତ ମୁଁ ସବୁଦିନ ପୁତୁଲକୁ ସ୍କୁଲକୁ ଆଣିବାକୁ ଯାଉଥିଲି, କିନ୍ତୁ ପପୁଲ ଜନ୍ମ ପରଠାରୁ ଏତେ ବ୍ୟସ୍ତତା କର୍ମ ଜଞ୍ଜାଳ ଭିତରେ ଏକୁଟିଆ ମଣିଷ ନୟାନ୍ତ ହୋଇଯାଉଛି । ସେଥିରେ ପୁଣି ପାରିବାରିକ ସମ୍ପର୍କ, ପିଲାର ପାଠପଢା ଦେଖୁ ଦେଖୁ ସମୟ କଟି ଯାଉଛି ଯେ ନେବା ଆଣିବା ପାଇଁ ସମୟ କାହିଁ । ସେଥିପାଇଁ ଖୋଜି ଖୋଜି ତା ପାଇଁ ଅଟୋବାଲାଟେ ଠିକ କରିଥିଲୁ । ଉପରକୁ ଭାରି ଚହଟ ଚିକ୍କଣ,ପରିଶ୍ରମୀ ଦେଖା ଯାଉଥିଲା ଅଟୋ ବାଲା.... (କିଛି ମନେ ପଡିବା ପରି) ହେ ଭଗବାନ ! ଏ ଅଟୋବାଲା ଆମ ପୁତୁଲକୁ ଭୁଲାଇ ନେଇଯାଇନି ତ ! ଆଜିକାଲି ଯେଉଁଠି ଭଦ୍ରମୁଖାପିନ୍ଧା ନକଲି ବାପାମା' ତିଆରି ହେଉଛନ୍ତି, ସେଠି ସାମାନ୍ୟ ଅଟୋବାଲା ଯଦି ପୁତୁଲକୁ ଉଠାଇ ନେଇଥିବ କିଛି କରିବା ପାଇଁ । ହେ ଭଗବାନ ! ମୁଁ ପ୍ରଥମରୁ ଯାଙ୍କୁ ମନା କରୁଛି, କଣ ଦରକାର ପର ଉପରେ ନିର୍ଭର କରିବା । ନିଜେ ଟିକେ ପରିଶ୍ରମ କରି ସ୍କୁଲରେ ଛାଡି ଆସିଥାନ୍ତେ, ପୁଣି ଛୁଟି ପରେ ନେଇଆସିଲେ କଣ ବା ଅସୁବିଧା ହୋଇଥାନ୍ତା । ହେଲେ, ମୋ କଥା ଶୁଣୁଛି କିଏ ! କମସେ କମ ଆଜିକାଲି ସମାଜରେ ଘଟୁଥିବା ଘଟଣା ଓ ପରିସ୍ଥିତି ଦେଖି ସେତିକି ତ ହୃଦୟଙ୍ଗମ କରିବା କଥା ଯେ ପିଲାମାନଙ୍କୁ କାହା ଦାୟିତ୍ୱରେ ରଖିବା କଥା ନା ନାହିଁ । ସବୁ ଦୋଷ ମୋର, ମୁଁ କାହିଁକି ମୋ ପିଲାକୁ ତାଙ୍କ କଥା ମାନି ଅଟୋବାଲା ହାତରେ ସ୍କୁଲ ପଠାଇଲି । ସବୁ ଦୋଷ .....

Download Magazine from www.aahwaan.com

ହଠାତ ଦେବେନ ଘର ଭିତରକୁ ପଶି ଆସି ବ୍ୟଗ୍ରତାରେ ପଚାରିଲେ ପୁତୁଲ ଆସିନି । ରୀତା ଆଉ ସମ୍ଭାଳି ନପାରି ଦାରୁଣ ଦୁଃଖ ବେଳେ କାହାକୁ ଆପଣାର ପାଇଲା ପରି କଇଁ କଇଁ ହୋଇ ଜୋରରେ କାନ୍ଦି ଉଠିଲେ । ଦେବେନ ବା କଣ ବୁଝାଇବେ । କହିଲେ, ହଁ ମୁଁ ଥାନାରେ ରିପୋର୍ଟ ଲେଖାଇ ଆସିଛି । ହଁ ,ଆସିଲାବେଳେ ସେ ଅଟୋବାଲା ଘର ପାଖ ଦେଇଆସିଲି । ସେ କହିଲା ଯେ, ଆଜି ସ୍କୁଲକୁ ଆଣିବାକୁ ଗଲାବେଳେ ଝିଅ କହିଲେ ମାମା କହିଛନ୍ତି ପାପାଙ୍କ ସାଙ୍ଗରେ ଆସି ମୋତେ ଘରକୁ ନେଇଯିବେ । ତୁମେ ଯାଅ, ମୋ ମାମା ପ୍ରମିଜ କରିଛନ୍ତି, ମାନେ ନିଶ୍ଚୟ ଆସିବେ । ତୁମେ ପୁତୁଲକୁ କିଛି ପ୍ରମିଜ କରିଥିଲ କି ? ହଠାତ ଦେବେନଙ୍କ ଠାରୁ ଏ ପ୍ରଶ୍ନ ଶୁଣି ଚମକି ପଡିଲେ ରୀତା । ହତବାକ ହୋଇ ଚାହିଁଛନ୍ତି । ପାଟିରୁ କିଛି ଫିଟୁ ନାହିଁ, ମୁଣ୍ଡକୁ ଚାପିଧରି ହେ ଭଗବାନ ! ଯେ ମୁଁ କଣ କଲି କହି ଦୁଲ କରି ତଳେ ପଡି ଯାଉ ଯାଉ କଣ ହେଲା କଣ ହେଲା କହି ଦେବେନ ରୀତାଙ୍କୁ ନେଇ ବେଡ଼ରେ ଶୁଆଇଦେଇ ପାଣି ଛାଟିଲେ । ମୋ ପୁତୁଲୁ, ମୋ ଧନରେ, ମୋ ଗେଲ୍‌ହିରେ ପାଣି ଛାଟୁ ଛାଟୁ ବାଉଳି ହୋଇ ପୁଣି ମୂର୍ଚ୍ଛା ପଡିଗଲେ । ଦେବେନ କଣ କରିବେ ଭାବୁ ଭାବୁ ଘର ଭିତରଟାରେ ଖାଲିଟାରେ ଏ ପାଖକୁ ସେ ପାଖକୁ ହେଉଥାନ୍ତି ।

ଏ ପର୍ଯ୍ୟନ୍ତ ଥାନାରୁ କୌଣସି ଖବର ନାହି । ସବୁ ପରିଚିତ ଚିହ୍ନା ଲୋକଙ୍କୁ ପଚାରି ସାରିଛନ୍ତି । ଆଜିକାଲି ରାସ୍ତାଘାଟରେ ଯାହା ନ ଘଟୁଛି ପୁଣି ଦିନବେଳା । ସେଥିରେ ପୁଣି ଏ ରାତିରେ ଯାଇ କେଉଁଠି ଖୋଜିବି । ହଠାତ ମନଟା ଭୟରେ ଶଙ୍କାଗ୍ରସ୍ତ ଆବୋରି ବସିଲା । ସେ ଦିନ ପରିଡା ବାବୁ କହୁଥିଲେ, କିପରି ବଳି ଦେବା ପାଇଁ ଏକ ଦଳ ଅଛି । ସେ ପିଲା ଛୋଟ ହେଉ ବା ବଡ ହେଉ ଉଠାଇ ନେଇ ଯାଉଛନ୍ତି । ପୁଣି ଦିନ ଦ୍ୱିପହରରେ ଅଫିସ, ଥାନା, କଚେରୀ ସବୁ ଖୋଲା ଆଖିରେ ଚାହିଁଥିବା ବେଳେ ସମସ୍ତଙ୍କ ସମ୍ମୁଖରୁ । କାହିଁକି

Download Magazine from www.aahwaan.com

କେଜାଣି ସରକାର ଏମାନଙ୍କୁ ପୋଷିଛନ୍ତି ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି । ମୋ ଝିଅକୁ ଖୋଜି ପାରୁନାହାନ୍ତି । କାଲି ପୁଣି ଖବର କାଗଜରେ ବାହାରିଥିଲା ଗୋଟେ ଲୋକ ଜଣେ + ୨ ପିଲାକୁ ବି ବି ହାଇସ୍କୁଲ ଛକ ପାଖରୁ ଉଠାଇନେଇ ବାହାର ରାଜ୍ୟରେ ବିକି ଦେବାକୁ ଉଦ୍ୟମ କରିଥିଲା, କିନ୍ତୁ ଭାଗ୍ୟବଳରେ ସେ କୌଶଳରେ ଘରକୁ ଫେରିଆସିଛି । ହେ ଜଗନ୍ନାଥ, ଏମାନଙ୍କୁ ବୁଦ୍ଧି ଦିଅ । ସାମାନ୍ୟ କେତେଟା ଟଙ୍କା ପାଇଁ ଜୀବନ ନେବାକୁ ବି ପଛାଉ ନାହାନ୍ତି । ନାନା ଆଶଙ୍କାରେ ଅସ୍ଥିର ହୋଇ ଉଠିଲେ । ଆଉ ପୁତୁଲ ଏମାନଙ୍କ ଶିକାର ହୋଇନି ତ ! ଆଃ ପାଣି .... ପାଣି .... ବୋଧହୁଏ ରୀତାଙ୍କ ଚେତା ଫେରିଆସିଛି । ନିଅ ପାଣି ନିଅ, ତୁମେ ଏମିତି ବ୍ୟସ୍ତ ହେଲେ କଣ ହେବ, ପରିସ୍ଥିତିକୁ ସାମ୍ନା କରିବାକୁ ହେବ । ମୋର ଭୁଲ ହୋଇଯାଇଛି, ମୋତେ କ୍ଷମା କରିଦିଅ । ପୁତୁଲକୁ ସ୍କୁଲରୁ ଆଣିବା ପାଇଁ ତୁମକୁ କହିବାକୁ ମୁଁ ପୁରାପୁରି ଭୁଲିଯାଇଛି । ଯଦି ଆମେ ଦୁହେଁ ଯାଇ ତାକୁ ଆଣିଥାନ୍ତେ, ତାହେଲେ ଆଜି ଆମ ପୁତୁଲ କଣ ହଜିଥାନ୍ତା । ଝିଅ ଆଜିକାଲି ପ୍ରତି କଥାରେ ଜିଦ କରୁଛି । ବହୁତ ଦିନରୁ କହି ଆସୁଛି ମାମା ତୁମେ ମୋତେ ଆଗପରି ନିଜେ କାହିଁକି ସ୍କୁଲରୁ ଆଣୁନ । ସେଦିନ ସେମିତି ପପୁଲ ମୋ କୋଳରେ ବସିଥିବା ବେଳେ ପୁତୁଲ ଜିଦ କଲା କୋଳରେ ବସିବା ପାଇଁ । ବହୁତ ବୁଝାଇବା ପରେ ନ ବୁଝିବାରୁ ଗୋଟେ ଚାପୁଡା ମାରିଲି ଯେ ସେଦିନ ରାତିରେ ନ ଖାଇ କାନ୍ଦି କାନ୍ଦି ଶୋଇଗଲା । କେତେ ବୁଝାଇ ପ୍ରମିଜ କରିବାରୁ ସକାଳେ ଖାଇ ସ୍କୁଲ ଯାଇଥିଲା । ସବୁ ଭୁଲ ମୋର ଅଟେ । ଆମର କର୍ତ୍ତବ୍ୟ ତା'ର ବାଲୁତ ଦାବି, ଆମେ ତାର ଜନ୍ମଗତ ଅଧିକାର ପୂରଣ କରିବା ଉଚିତ । କେତେଦିନ ହେଲାଣି ମୁଁ ଲକ୍ଷ୍ୟ କରୁଛି, ସିଏ ଭାରି ଚୁପଚାପ ରହୁଥିଲା । ଯଦି କୌଣସି କଥାକୁ ଜିଦ କରୁଥିଲା, ତାକୁ ପୂରଣ ନ କଲା ଯାଏଁ ସେ ରାଗିଯାଇ ସବୁ ଫୋପଡା ଫୋପଡି କରୁଥିଲା ।

Download Magazine from www.aahwaan.com

ଏ ସବୁ ମୋତେ କାହିଁକି କହିନଥିଲ ରୀତା । ଏ ସବୁ ତାର ପିଲାଳିଆମି । ବଢୁଥିବା ବୟସର ମାନସିକ, ଶାରୀରିକ ପରିବର୍ତ୍ତନ ତ ହେବା ସ୍ୱାଭାବିକ ଭାବି ମୁଁ ଚୁପ ରହିଥିଲି । ହଠାତ କାବଟରେ ଧଡଧଡ ଶବ୍ଦ ଶୁଣାଗଲା । ନିଶ୍ଚୟ ଆମ ପୁତୁଲ ଫେରିଆସିଛି । ମୁଁ କହୁନି, ସିଏ କେବେ ବି ଆମ ଠାରୁ ଦୂରରେ ରହି ପାରିବନି । କିନ୍ତୁ କବାଟ ଖୋଲି ଦେଖନ୍ତି ଯେ ପାଖପଡୋଶୀମାନେ ସେମାନଙ୍କ ଆଶାକୁ ନିରାଶାରେ ପରିଣତ କରି ପୁତୁଲ ଘରକୁ ନ ଫେରିବା ଶୁଣି ଆସିଛନ୍ତି । ଇଏ ତ ସମାଜର ଧର୍ମ, ଅନ୍ୟର ଦୁଃଖରେ ଦୁଃଖୀ ହେବା । କେହି କିଛି କହିବା ପୂର୍ବରୁ, ଦେବେନ ପାଖକୁ ଦାସ ବାବୁ ଚାଲି ଆସି କହିଲେ, ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ । ତୁମର ବନ୍ଧୁ ହିସାବରେ ଆମେ ସମସ୍ତେ ଏଇ ଘଟଣା ପାଇଁ ସମବେଦନା ଶୁଣାଇବାକୁ ଆସିନାହୁଁ । ତୁମକୁ ସାହସର ସହ ଧୈର୍ଯ୍ୟ ଧରିବାକୁ ପଡିବ । ଭଗବାନ କାହା ପାଇଁ ଅନ୍ୟାୟ ବିଚାର କରନ୍ତି ନାହିଁ । ଆମେ ଜାଣୁ ଆଜିକାଲି କଣ ସବୁ ଘଟୁଛି । ଯେପରି ଆଜି ତୁମ ସହିତ.... କଣ କଣ କହିଯାଉଛନ୍ତି ସମସ୍ତେ ଦେବେନର କାନରେ କିଛି ପଡୁନଥିଲା । ଡିଙ୍ଗ ଡିଙ୍ଗ କରି ରାତି ଦଶଟା ବାଜିଲା । ଧୀରେ ଧୀରେ ସବୁ ପଡୋଶୀ ନିଜ ଘରକୁ ଫେରିଗଲେ । କେତେ ସମୟ ବୁଝାଇଥାନ୍ତେ, କଣ ବା ଆଉ ବୁଝାଇବେ । ରାତିର ବୟସ ବଢି ବଢି ଚାଲିଛି । ପ୍ରତି ମୁହୂର୍ତ୍ତ ସତେ ଅବା ଗୋଟିଏ ଗୋଟିଏ ବର୍ଷ ପରି ଲାଗୁଛି । ହଠାତ କଲିଙ୍ଗ ବେଲ ବାଜିଲା । ହୃଦୟ ଭିତରୁ କେହି ଜଣେ କହୁଥିଲା, ହଁ ପୁତୁଲ ଆସିଛି । ଆଖିର ଲୁହ ଝରି ଝରି ଶୁଖିଗଲାଣି । ଏକ ବ୍ୟାକୁଳତା । ପ୍ରଭୁ, ଏ କି ପ୍ରକାର ଗୋଲକଧନ୍ଦାରେ ପକାଇ ପରୀକ୍ଷା କରୁଛ । ହତାଶ, ଭୟ, ଆଶଙ୍କା, ଅସ୍ଥିରତାରେ ଆଖିପତା ଢଳ ଢଳ ହେଉଥିବା ବେଳେ ନିରାଶ, ଅବିଶ୍ୱାସ,ନିଷ୍ଠୁରତାର ପରଦାକୁ ଆଡେଇ ଦେଇ ପୁତୁଲ ଘର ଭିତରକୁ ପଶି ଆସି ମାମା,ପାପାଙ୍କୁ ଜାବୁଡି ଧରି ଜୋରରେ କାନ୍ଦିବାକୁ

Download Magazine from www.aahwaan.com

ଲାଗିଲା । ରୀତା,ଦେବେନ ତାକୁ ଛାତିରେ ଲଗାଇ ଅନୁରୂପ ଭାବେ ମମତାରେ ବିଭୋର ଥିବାବେଳେ, ନିବୁଜ ଅନ୍ଧକାର ଭିତରେ କ୍ଷୀଣ ରେଖା ସ୍ୱରୂପ ସ୍ନେହର ଆଲୋକ ଦେଖି ଜମା ହୋଇଥିବା ପାହାଡ ସମାନ ଅଭିମାନର ନିଆଁ ସ୍ନେହରୂପକ ବରଫର ସ୍ପର୍ଶରେ ତରଳିଯାଇ ଉଭୟଙ୍କ ପ୍ରେମରେ ଘର କମ୍ପିଉଠିଲା ।

କୋହଭରା କଣ୍ଠରେ ଥରିଥରି ପୁତୁଲ କହୁଛି, ମାମା ମୋତେ ପ୍ରମିଜ କରିଥିଲା କିନ୍ତୁ ଆସିଲନି । ତୁମେ ଆଉ ମୋତେ ଭଲ ପାଉନାହଁ । ମୋତେ କୋଳରେ ବସାଇ ଗେଲ କରୁନ । ସବୁବେଳେ ପପୁଲ ପପୁଲ ହେଉଛ । ତାକୁ ଲୋରୀ ଶୁଣାଉଛ, କୋଳରେ ବସାଉଛ । ମୁଁ କହିଲେ କହୁଛ ସେ ଛୋଟପିଲା, ମୁଁ ବଡପିଲା । ମୁଁ ସ୍କୁଲ ଯାଉଛି, ସେଥିପାଇଁ ମୁଁ ନିଜେ ହାତରେ ଖାଇବି । ନିଜେ ଖେଳଣା ରଖିବି । ଦେଖିଲ ମାମା, ମୋ ହାତ କେତେ କୁନି କୁନି । ମୁଁ କେମିତି ବଡ ହେଲି ? ମୁଁ ବଡ ହେଲେ କଣ ମୋତେ ଆଉ ଗେଲ କରିବନି ମାମା । ଆଗରୁ ସବୁବେଳେ ମୋତେ ସ୍କୁଲରୁ ଆଣିବାକୁ ଯାଉଥିଲ । କେତେ ଗପ ଶୁଣାଉଥିଲ । ମୋ ଫେବରାଇଟ ଚୋକୋଲେଟ, ଆଇସକ୍ରିମ, କୁର୍କୁରେ କେତେ ଖୁଆଅ । ଆଉ ଏବେ କହୁଛ ସମୟ ନାହିଁ । ସବୁବେଳେ ପପୁଲ ପାଖରେ ରହୁଛ । ସେଥିପାଇଁ ମୁଁ ଭାବିଲି ଘରକୁ ଆସିବିନି । ମୁଁ ନ ଗଲେ ତୁମେ ଖୁସିହେବ । ତୁମକୁ ଆଉ କେହି ହଇରାଣ କରିବେନି, ଜିଦ କରିବେନି । ନା, ନା ସେମିତି କାନ୍ଦେନା, ମୋ ସୁନାଟା ପରା । ହେଇ ଦେଖ କାନ ଧରି ସରି କହୁଛି ଆଉ କେବେ ବି ତୋ ମନରେ ଦୁଃଖ ଦେବିନି । ଛାତିକୁ ଆଉଜେଇ ନେଇ ଗେଲକରି ଇଚ୍ଛା ହେଉଥାଏ ସବୁଯାକ ସ୍ନେହମମତା ତା ଉପରେ ଢାଳିଦେବାକୁ । ତୁ ଯାହା କହିବୁ,ଯେମିତି କହିବୁ, ସବୁ ମୁଁ ସେମିତି କରିବି । ହେଲେ ମୋ ଠୁ ତୁ କେବେ ଦୂରେଇ ଯିବୁନି । ଦେଖ, ତୋତେ ଝୁରି ଝୁରି ତୋ ମାମାପାପା କେମିତି କାନ୍ଦୁଛନ୍ତି ।

Download Magazine from www.aahwaan.com

ପୁତୁଲ ପଛେ ପଛେ ଅଟୋବାଲା ଆସି ଗେଟ ପାଖରେ ଛିଡା ହୋଇ ମାତୃତ୍ୱର ଏ ଅନାବିଳ ସ୍ନେହ, ଝିଅର ତ୍ୟାଗ ଦେଖି ତା ଆଖି ବି ଓଦା ହୋଇଗଲା । ଦେବେନ ଅଟୋବାଲାକୁ ଆଶ୍ଚର୍ଯ୍ୟରେ ଚାହିଁବାରୁ ସେ କହିଲା, ଆପଣ କହିବା ପରେ ମୋ ମନ ମୋଟେ ଭଲ ଲାଗିଲାନି । ଗଣେଶ ବଜାର, ବାଜି ଚୌକ, ଟାଉନ ପ୍ଲାନିଂ ସବୁ ବୁଲି ବୁଲି ନ ପାଇ ରାସ୍ତା ଉପରେ ଅଟୋ ଥୋଇ ଭାବୁଛି ଏତେ ଅନ୍ଧାର ! ଚାରିଆଡ ଶୁନଶାନ । ଅନ୍ଧାରକୁ ଡରି ଯିଏ କେବେ ବାହାରକୁ ବାହାରେ ନାହିଁ, ସେହି ଝିଅ ହଠାତ ଏତେ ସାହସୀ କେମିତି ହୋଇଗଲେ । ହଠାତ ଅନ୍ଧାର ସାଙ୍ଗରେ ମିଶି ଯାଉଥିବା ବସଷ୍ଟାଣ୍ଡର ଏକ କ୍ୟାବିନ କଡରେ କେହି ଜଣେ ଛୋଟ ଝିଅ ଶୋଇବା ପରି ଲାଗୁଛି । ପାଖକୁ ଯାଇ ଦେଖେତ ଆମ ଝିଅ ମା । ବୋଧ ହୁଏ ବହୁତ ବେଳୁ କାନ୍ଦି କାନ୍ଦି ଭୋକରେ ଆଖି ପତା ଲାଗିଯାଇଛି ।

ଗୁଡିଆନଳୀ, ଢେଙ୍କାନାଳ, ଓଡିଶା -୭୫୯୦୦୧

ଇମେଲ ଠିକଣା : sambitsm1987@gmail.com

Download Magazine from www.aahwaan.com

ଧୈର୍ଯ୍ୟ



ଆଶୁତୋଷ ବରାଳ

ଧୈର୍ଯ୍ୟ ଶବ୍ଦଟି ଅତି ସହଜ ମନେ ହେଲେ ବି ଏହାର ଅର୍ଥ ଅତି ନିଗୁଢ଼ । ଯେତେ ସ୍ଥିତପ୍ରଜ୍ଞ ବ୍ୟକ୍ତି ହେଲେ ମଧ୍ୟ ପରିସ୍ଥିତିର ଚାପରେ ପଡ଼ି କେବେ ନା କେବେ ଧୈର୍ଯ୍ୟହରା ହୋଇଥିବ ନିଶ୍ଚିତ । କିନ୍ତୁ ସେ ସବୁ ସାମୟିକ । ପରିସ୍ଥିତିର ଚାପରୁ ସ୍ୱୟଂ ଭଗବାନ ବି ମୁକ୍ତ ନୁହନ୍ତି । କିନ୍ତୁ ବର୍ତ୍ତମାନର ଯୁବପୀଢ଼ି ଏତେ ମାତ୍ରାରେ ଅଧୈର୍ଯ୍ୟ ଆଉ ବିଚଳିତ ତାହା ଦେଖିଲେ ସେମାନଙ୍କ ଭବିଷ୍ୟତ କଥା ଚିନ୍ତା କରି ଥରେ ଥରେ ନିଜକୁ ବ୍ୟସ୍ତ ଲାଗେ । ପ୍ରଥମତଃ ପ୍ରତିଯୋଗିତାର ଏହି ଯୁଗରେ ନିଜ କ୍ୟାରିୟରରେ ଉତ୍ତମ ପ୍ରତିଶତ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର/ଛାତ୍ରୀଟିଏ ନିତ୍ୟ ନୈମିତ୍ତିକ ଜୀବନରେ ଆସୁଥିବା କାମ ଗୁଡ଼ିକ ସହଜରେ କରିପାରନ୍ତି ନାହିଁ । ଉଦାହରଣ ସ୍ୱରୂପ ଘର ପାଇଁ ସଉଦା କିମ୍ବା ପରିବା ଆଣିବା, ବ୍ୟାଙ୍କରେ ଗୋଟିଏ ଡ୍ରାଫ୍ଟ୍ କିମ୍ବା ଟ୍ରେଜେରୀ ଚାଲାଣ କରିବା ଏମିତି ଅନେକ ଅଛି, ଏ ସବୁ କରିବା ସେମାନଙ୍କ ପକ୍ଷରେ କାଠିକର କାମ । ଇଞ୍ଜିନିୟରିଂ କିମ୍ବା ଅନ୍ୟ ପ୍ରଫେସନାଲ୍ ପିଲାଙ୍କ କଥା ନ କହିଲେ ଭଲ । ଗୋଟିଏ ସାଧାରଣ ଡିଗ୍ରୀ ପାସ କରିଥିବା ଛାତ୍ର ଯାହା ପାଖରେ ଟେକନିକାଲ୍ ଜ୍ଞାନ ହିସାବରେ କେବଳ କୌଣସି ପ୍ରାଇଭେଟ୍ କମ୍ପ୍ୟୁଟର କେନ୍ଦ୍ରରୁ ପାଇଥିବା ଡିସିଏ, ପିଜିଡିସିଏ ଭଳି ସାର୍ଟିଫିକେଟ୍ ଖଣ୍ଡେ ଥାଏ, ସେ ଆଶା କରିଥାଏ ଯେ କେତେ ଶୀଘ୍ର ତାକୁ ଚାକିରୀ ଖଣ୍ଡେ ମିଳିଯିବ ଆଉ ସେ ରୋଜଗାରକ୍ଷମ ହୋଇ ପାରିବ । କିନ୍ତୁ ବାସ୍ତବରେ ଚାକିରୀ ଖଣ୍ଡେ ପାଇବା ଓ ରୋଜଗାରକ୍ଷମ ହେବା ଦୁଇଟିଯାକ ଭିନ୍ନ ବିଷୟ । ଆଜିର ଯୁଗରେ କେହି ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ନାହାନ୍ତି କିମ୍ବା ତାଙ୍କଠାରୁ ପାଇଥିବା ଏକ ଟଙ୍କା

Download Magazine from www.aahwaan.com

ନେଇ ଫଳ ବ୍ୟବସାୟ କରି ନିଜ ଗୋଡ଼ରେ ଠିଆ ହେବାଭଳି ଧୈର୍ଯ୍ୟବାନ ଯୁବକ ବି ଆଉ ନାହାନ୍ତି । ସମସ୍ତଙ୍କୁ ସହଜ ଓ ସରଳ ରାସ୍ତାରେ କଞ୍ଚା ପଇସାର ମୋହ ଘାରିଛି । କିନ୍ତୁ ସେଥିପାଇଁ କେତେ ଧୈର୍ଯ୍ୟ ଆଉ ଅଧ୍ୟବସାୟ ଦରକାର ତାହା ଉପରେ କାହାର ଗୁରୁତ୍ୱ ନାହିଁ । ଗ୍ରାଜୁଏସନ ସରିବାପରେ ନିଜ କାମ ଶେଷ ହୋଇଗଲା ଭାବିବା ଯୁବକ ଆଜି ବିଭିନ୍ନ ସାହି ଗଳି ଛକର ଚା' ପାନ ଦୋକାନ ପାଖରେ ଖଟି କରନ୍ତି କିମ୍ବା ବାପାମା'ଙ୍କର କଷ୍ଟ ଅର୍ଜିତ ପଇସା ବ୍ୟୟରେ କିଣା ଯାଇଥିବା ଗାଡ଼ି ଖଣ୍ଡେ ଧରି ବିଭିନ୍ନ ଟ୍ୟୁସନ୍ ସେଣ୍ଟର ଛକରେ ଠିଆ ହୋଇ ନିଜ ଭିତରେ ଥିବା ସୁପ୍ତ ବାସନାକୁ ଚରିତାର୍ଥ କରିଥାନ୍ତି । ପ୍ରକୃତରେ ସମସ୍ତଙ୍କ ଭିତରେ କିଛି ନା କିଛି ମୌଳିକ ବିଶେଷ ଗୁଣ ଲୁଚି ରହିଥାଏ । ତାକୁ ମାର୍ଜିତ କରିବା ଆଉ ବାରମ୍ବାର ବିଭିନ୍ନ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିବା ଆଦି କାର୍ଯ୍ୟ କରିବାପାଇଁ ଆବଶ୍ୟକ ପ୍ରବଳ ଧୈର୍ଯ୍ୟ ଓ ଦୃଢ଼ ଅଧ୍ୟବସାୟ । ଜୀବନରେ କିଛି ବି ଜିନିଷ ସହଜରେ ମିଳେନାହିଁ । ସବୁ ପାଇଁ କିଛି ମୂଲ୍ୟ ଦେବାକୁ ହୁଏ । ସେହି ମୂଲ୍ୟ ହେଲା କଠିନ ପରିଶ୍ରମ, ଧୈର୍ଯ୍ୟ ଓ ଅଧ୍ୟବସାୟ । କଥାରେ ଅଛି;

"ଉଦ୍ୟମେନ ହି ସିଦ୍ଧ୍ୟନ୍ତି କାର୍ଯ୍ୟାଣି ନ ମନୋରଥେ

ନ ହି ସୁପ୍ତସ୍ୟ ସିଂହସ୍ୟ ପ୍ରବିଶ୍ୟନ୍ତି ମୁଖେ ମୃଗାଃ ।"

ଆମକୁ ବାରମ୍ବାର ଉଦ୍ୟମ କରିବାକୁ ହେବ, ଧୈର୍ଯ୍ୟ ରଖିବାକୁ ହେବ, ଅଧ୍ୟବସାୟ କରିବାକୁ ହେବ । ସେତିକି ଉପରେ ଗୁରୁତ୍ୱ ଦେଲେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ସେମାନଙ୍କୁ ସ୍ୱାଗତ କରିବ ଏଥିରେ ସନ୍ଦେହ ନାହିଁ ।

Download Magazine from www.aahwaan.com

ଦୋଛକି



ଆଶୁତୋଷ ବରାଳ

ମେଡ଼ିକାଲ୍ ଟେଷ୍ଟ ରିପୋର୍ଟ୍ ହାତରେ ଧରି ମଧ୍ୟ ନିଜକୁ ବିଶ୍ୱାସ କରି ପାରୁନଥାଏ ଅନିମେଶ । ମାତ୍ର ବତିଶି ବର୍ଷ ବୟସରେ ପାକସ୍ଥଳୀ କର୍କଟ, ତା ପୁଣି ତୃତୀୟ ସୋପାନରେ ! କିନ୍ତୁ ଡା ପଣ୍ଡା ଏସିଆ ମହାଦେଶର ଜଣେ ଜଣାଶୁଣା କର୍କଟ ରୋଗ ବିଶେଷଜ୍ଞ । ତେଣୁ ତାଙ୍କଦ୍ୱାରା ଯେ କିଛି ଭୁଲ ହୋଇଥିବ ସେ କଥା ନୁହେଁ । ସାରା ଜୀବନ ନିୟମକାନୁନକୁ କଡ଼ାକଡ଼ି ଭାବରେ ପାଳନ କରି ଆସୁଥିବା ଅନିମେଶ କିଛି ଚିନ୍ତା କରି ପାରୁନଥାଏ । ସବୁଦିନ ନିୟମିତ ବ୍ୟାୟାମ, ସମୟ ଅନୁସାରେ ଖାଇବା, ଅତ୍ୟଧିକ ତେଲମସଲାକୁ ଦେଖିଲେ ନାମ ଟେକୁଥିଲା ସେ । ଏମିତି ଜଣକୁ ଯେ ପାକସ୍ଥଳୀ କର୍କଟ ହେବ କେମିତି ? ଅନିମେଶ ପଚାରିଲା, “ଡାକ୍ତର ଭଲ ହେବାର ଆଉ କିଛି ରାସ୍ତା ଅଛି ନା ନାହିଁ ?” ଡା ପଣ୍ଡା କହିଲେ କେମୋଥେରାପି ଦ୍ୱାରା ମୃତ୍ୟୁକୁ ଆଉ କିଛିଦିନ ଗଡ଼େଇ ଦିଆଯାଇପାରେ । କିନ୍ତୁ ବର୍ତ୍ତମାନ ସମ୍ପୂର୍ଣ୍ଣ ପାକସ୍ଥଳୀରେ କର୍କଟ କୋଷ ବ୍ୟାପିଗଲାଣି । ଏମିତି ପରିସ୍ଥିତିରେ ଅତ୍ୟଧିକ ଦୁଇମାସ କିମ୍ବା ଆଉ କିଛିଦିନ ହିଁ ବାକି ରହିଲା, ତା’ଠାରୁ ଅଧିକ ନାହିଁ । ଅନିମେଶ ପାଦତଳୁ ଜମି ଖସିଗଲା ପରି ମନେ ହେଉଥାଏ । ଭଙ୍ଗାମନରେ ଘରକୁ ଫେରିଲା ଅନିମେଶ । ବୋଉକୁ କିଛି ନ କହି ସିଧା ନିଜ କୋଠରୀରେ ପଶିଗଲା । ଦର୍ପଣରେ ନିଜ ଚେହେରା, ହାତ ସବୁ ଟିକିନିଖି ଦେଖୁଥାଏ । ସବୁଆଡୁ ସେ ସୁସ୍ଥ ଦେଖାଯାଉଛି । ଏଇ କେତେଦିନ ହେବ ଟିକେ ଟିକେ ପେଟ କାଟୁଥିଲା, ତା’ର ଚିକିତ୍ସା ପାଇଁ ଯାଇ ସେ ଏଇ ଖବର ପାଇଲା । ମନେ ମନେ ଭାବୁଥିଲା ବୋଧହୁଏ ଡାକ୍ତରଙ୍କୁ ଦେଖେଇ ସେ କିଛି ଭୁଲ କରିଦେଇଛି ।

Download Magazine from www.aahwaan.com

ଅନିମେଶ ପିଲାଟି ବେଳରୁ ଟିକେ ଲାଜକୁଳା ସ୍ୱଭାବର ପିଲା, କାହା ସହ ବେଶୀ କଥାବାର୍ତ୍ତା ହୁଏନି । ପିଲାମାନେ ତାକୁ ଅନେକ ଥଟ୍ଟା ତାମସା ମଧ୍ୟ କରନ୍ତି, କିନ୍ତୁ ସେ ସବୁ ସହିଯାଏ । କେବଳ ବିଜନ ଓ ଗାୟତ୍ରୀ ତା'ର ସାଙ୍ଗ ଥିଲେ । ପିଲାଟି ବେଳରୁ ଗାୟତ୍ରୀକୁ ମନେ ମନେ ଭଲ ପାଏ ସେ । କିନ୍ତୁ କେବେ ସାହାସ କରି କହିପାରେନି । ମନେ ମନେ ଭୟ ଲାଗେ, କହିଦେଲେ କାଳେ ସେ ରାଗିଯିବ ଆଉ ଥିବା ବନ୍ଧୁତା ଟା ବି ଭାଙ୍ଗିଯିବ । ଏଇ ଭୟରେ କଲେଜ୍ କ୍ୟାରିୟର ସରିଗଲା ପଛେ ଗାୟତ୍ରୀକୁ ନିଜ ମନକଥା ଥରୁଟିଏ ବି ସେ କହିପାରିଲା ନାହିଁ । କଲେଜ ସରିବା ବର୍ଷଟିଏ ହୋଇନି ନିଜ ବାପାଙ୍କ ମୃତ୍ୟୁପରେ ତାଙ୍କର ସ୍ଥାନରେ କୋରାପୁଟର ଗୋଟିଏ ସରକାରୀ ହାଇସ୍କୁଲରେ କିରାଣୀ ଚାକିରୀ ପାଇଥିଲା ଅନିମେଶ । ପରିବାର କହିଲେ ବୋଉ ଆଉ ସେ । ଅଗତ୍ୟା ଭୁବନେଶ୍ୱର ଛାଡ଼ି କୋରାପୁଟ ଚାଲିଯାଇଥିଲା ସେ । ଅଫିସ ଆଉ ଘର ଛଡ଼ା ଅନ୍ୟ କୌଣସି ଖବର ରଖିବା ପାଇଁ ସମୟ ଥିଲେ ସୁଦ୍ଧା ସେଥିପ୍ରତି ଅନିମେଶର ଆଗ୍ରହ ନଥିଲା । କଲେଜରେ ପଢୁଥିବା ବେଳେ ସାଙ୍ଗସାଥୀ ବିୟର୍ ପିଅନ୍ତି, ସିଗାରେଟ୍ ଟାଣନ୍ତି । ଅନିମେଶର ସବୁଠୁ ଭଲ ସାଙ୍ଗ ବିଜନ ମଧ୍ୟ ବେଳେ ବେଳେ ମଦ ପିଏ । ଯେତେ ବାଧ୍ୟକଲେ ମଧ୍ୟ ଅନିମେଶ ସେ ରାସ୍ତାରେ ଥରେ ହେଲେ ପାଦ ଦେଇନି ।

ଜୀବନରେ ବହୁତ କିଛି ସ୍ୱପ୍ନ ଦେଖିଥିଲା ଅନିମେଶ, ଭୁବନେଶ୍ୱରରେ ଗୋଟିଏ ଘର କରିବ, କାର୍ କିଣିବ, ଗାୟତ୍ରୀକୁ ନିଜ ମନକଥା କହିବ । କିଛି ସବୁକିଛି ଗୋଟିଏ ମୁହୂର୍ତ୍ତରେ ଭାଙ୍ଗିଚୁରି ଚୁରମାର୍ ହୋଇଗଲା । ଅନିମେଶ ଭାବୁଥାଏ ଜୀବନର ରାସ୍ତାକୁ ଭାଗମାପରେ ଚାଲି କିଛି ଭୁଲକରିଛି ବୋଧହୁଏ । ଜଣେ ଶୃଙ୍ଖଳିତ ଆଉ ସମ୍ବେଦନଶୀଳ ମଣିଷ ହୋଇ ସେ ପାଇଛି ବା କଣ ? ଜୀବନର ଏକ ଅଜବ ଦୋଛକିରେ ପହଞ୍ଚିଯାଇଥିଲା ଅନିମେଶ । ଚିନ୍ତା କରୁଥିଲା କେଉଁ ରାସ୍ତାରେ ଯିବ ? କାରଣ ତା ସମୟ ଯେ ସରି ସାରି ଆସୁଛି ।

Download Magazine from www.aahwaan.com

ଚାମଚ

ଜ୍ୟୋତିରଞ୍ଜନ ସାହୁ

୧୦୮ ଆମ୍ବୁଲାନସ୍‌ଟା ବିକଟାଳ ଶବ୍ଦ କରି ମାଡ଼ିଆସିଲା ତେଲିସାହି ଆଡକୁ । ଗାଡି ଡ୍ରାଇଭର ତେଲିସାହି ଛକରେ ଆସି ପଚାରିଲା, "ଆଜ୍ଞା ସାହୁବାବୁଙ୍କ ଘର କେଉଁଠି ?" ଗାଁ ଟୋକା ହାତବଢାଇ ଦେଖାଇ ଦେଲେ 'ସେଇ ଯେଉଁ ବଡ ନଡିଆଗଛଟେ ଅଛି; ସେଇଟା ସାହୁବାବୁଙ୍କ ଘର' । ଆମ୍ବୁଲାନସ୍ ଆସି ଜୋରଦାର୍ ସାଇରନ ବଜାଇବାକୁ ଲାଗିଲା । ଘରୁ ବାହାରି ଆସିଲେ ସାହୁବାବୁ । ଡ୍ରାଇଭରକୁ କହିଲେ, "ଚାଲ୍‌ଚାଲ୍ । ନିଧିମଉସା ଘରକୁ ଚାଲ । କେତି ମାଉସୀ ଦେହ ଆଦୌ ଭଲ ନାହିଁ ।" ହସ୍ପିଟାଲ ନେବାକୁ ପଡିବ । ଏହାପରେ ସେହି ଆମ୍ବୁଲାନ୍‌ସରେ ହସ୍ପିଟାଲ ଆସିଲେ କେତି ମାଉସୀ ଆଉ ସାଂଗରେ ଆସୁଥାନ୍ତି ନିଧି ମଉସା ।

ଆମ୍ବୁଲାନ୍‌ସ ଭିତରେ ପ୍ୟାସେଣ୍ଟ ବେଡରେ ଶୋଇଥାନ୍ତି କେତି ମାଉସୀ । ନିଧି ମଉସା ଆଉ ସାହୁବାବୁ ସାମନା ସାମନି ହୋଇ ବସିଥାନ୍ତି । ଉଭୟ ଥାଆନ୍ତି ଚୁପଚାପ୍ । କିଛି ସମୟପରେ ମାଉସୀ କଷ୍ଟରେ ଛଟପଟ ହେବାକୁ ଲାଗିଲେ । ସାହୁବାବୁ ଦେଖିଲେ ନିଧି ମଉସା ତରତର ହୋଇ କଣ ଗୋଟିଏ ଗାମୁଛାର ଗଣ୍ଠି ଫିଟାଇ ବାହାର କଲେ । ଆଶ୍ଚର୍ଯ୍ୟର କଥା ସେଇଟା ଥିଲା ଗୋଟିଏ ଚାମଚ୍ । ନୂଆଟିଏ ଭଲା ହୋଇଥାନ୍ତା ! କେଉଁ ଅମଳର ଜଂକ ଲଗା ଚାମଚ୍‌ଟା; ସେଥିରେ ପୁଣି ମଝି କଣା । ସାହୁବାବୁ ପାଟିକରି ଉଠିଲେ, "ଆରେ ଆରେ ! ମେଡିସିନ ପଡିଯିବ ଯେ ସେହି କଣା ଚାମଚ୍‌ଟିରୁ ।" ସାହୁବାବୁଙ୍କ କଥା ଶୁଣି ସ୍ମିତହାସ୍ୟଟିଏ ହସିଦେଇ ନିଧି ମଉସା କହିଲେ, "ବୁଝିଲୁ ବାପ ! ଏଇଟା ପରା ଯାଦୁ ଚାମଚ୍ । ଏଇ

Download Magazine from www.aahwaan.com

ଚାମଚରେ ମ୍ୟାଡିସିନ ଖାଇଲେ ସିଏ ପୁରା ଭଲ ହୋଇଯିବ ।" ଟିକିଏ ଆଶ୍ଚର୍ଯ୍ୟ ହୋଇ ସାହୁବାବୁ ପଚାରିଲେ, "କେମିତି ?" ନିଧିମଉସା କହିଲେ, "ଏଇଟା ପରା ତୋ ମାଉସୀର ଲକ୍ଷ୍ମୀ ଚାମଚଟା । ସିଏ କୁହେ ତାର ଦେହ ଖରାପ ହେଲେ ତାକୁ ଏଇ ଚାମଚରେ ଔଷଧ ଦେବାକୁ ।" ନିଧିମଉସା କଥାଶୁଣି ସାହୁବାବୁ ପୁଣି ପଚାରିଲେ, "କଣ ଅଛି ଏହି ଚାମଚରେ ?" ଏଥର ଟିକିଏ ଗମ୍ଭୀର ହୋଇ ପଡିଲେ ନିଧିମଉସା । କହିଲେ, "ସେଦିନ ମୋ ସାତବର୍ଷର ପୁଅଟା ଜ୍ୱରରେ କମ୍ପୁଥାଏ । ପନ୍ଦରଦିନ ହେବ ପିଲାଟା ମୋର କିଛି ଖାଇ ନଥାଏ । ଡାକ୍ତର ବାବୁ ମୋତେ କହିଥିଲେ ବୁଝିଲୁ ନିଧି ଏ ଔଷଧଟା ନେଇଯା । ସକାଳ ସଂଧ୍ୟା କରି ଠିକ ଚାମୁଚେ ଚାମୁଚେ ଏଥିରୁ ତୋ ପୁଅକୁ ଦେବୁ । ଘରକୁ ଆଣି କେତି ହାତରେ ଔଷଧଟା ଧରାଇ ଦେଉଦେଉ ତାକୁ କହିଲି ଡାକ୍ତରବାବୁ କହିଛନ୍ତି ସକାଳ ସଂଧ୍ୟା ଚାମୁଚେ ଚାମୁଚେ ଔଷଧ ଦେବୁ । କେତି କହିଲା ଜହ୍ନତାରା ଦିଶୁଥିବା ଘରେ ଚାମଚ କେଉଁଠୁ ଆସିବ ? କିଛି ସମୟ ପରେ କେତି କହିଲା ରୁହରୁହ ପ୍ରଧାନ ସାହେବ ଘରେ ଗୋଟେ ଚାମଚ ଅଛି । ଆଉ ଏଇଟା ସେଇ ଚାମଚ୍ । ତାଙ୍କ ଚିନିଡବାରେ ପଡିଥିଲା । କେତି କୁହେ ଏଇ କଣା ଚାମଚଟାରେ ଚିନି ପକାଇ ଚା'ଟା ଟିକିଏ ଘାଣ୍ଟିଦେଲେ ସାହେବକୁ କୁଆଡେ ଅମୃତ ପରିକା ଲାଗେ । ଅମୃତଟା ତା ହାତରେ ଥିଲା ନା ସେ ଚାମଚରେ କେଜାଣି କିନ୍ତୁ କେତି ମାଗିବାରୁ ସାହେବ ତା'ର ଚାମଚଟା କଣା ହୋଇଗଲାଣି କହି ଦେଇ ଦେଇଥିଲେ । ଅନେକ ଆଶାନେଇ ଦଉଡ଼ି ଆସିଥିଲା ସେଇ ଚାମଚରେ ପୁଅକୁ ଟିକିଏ ଔଷଧ ଖୁଆଇବ ବୋଲି । ହେଲେ ତାର ଆସିବାଟା ଟିକିଏ ଡେରି ହୋଇଗଲା । ସେ ଆସିବା ଆଗରୁ ପୁଅଟା ଆଖି ବୁଜି ଦେଇଥିଲା । ପାଗଳିଙ୍କ ଭଳି ହୋଇଗଲା କେତି । ପୁଅର ବନ୍ଦ ମୁହଁଟା ଖୋଲିଦେଇ ଢାଳିଗଲା ଚାମଚା ଚାମଚା ଔଷଧ । କାହିଁକି କେଜାଣି ସେହିଦିନଠାରୁ ସେ

Download Magazine from www.aahwaan.com

ଚାମଚ ସହିତ ତାର ଗୋଟିଏ ଅଜଣା ସମ୍ପର୍କ ଗଢି ଉଠିଲା । ପଚାରିଲେ କହେ, "ଆରେ ଏଇଟାରେ ପରା ମୋ ଗପୁ ଔଷଧ ଖାଇଥିଲା । ଆଜି ବି ତା ସ୍ପର୍ଶଟା ମୁଁ ଏ ଚାମଚରେ ଅନୁଭବ କରେ । ଜାଣ ଯେବେ ଯେବେ ମୁଁ ଏ ଚାମଚରେ ଔଷଧ ଖାଏ ମୋତେ ଲାଗେ ମୋ ଗପୁ ମୋ ଓଠରେ ଚୁମଟିଏ ଦେଇ କହୁଛି ମା ତୁ ବ୍ୟସ୍ତ ହୁଅନା ଲୋ । ଦେଖିବୁ ତୁ ନିଶ୍ଚୟ ଭଲ ହୋଇଯିବୁ ।" କେତି ମୁହଁରୁ ଏକଥା ଶୁଣିବା ପରେ ମୁଁ ଆଉ କୌଣସି ପ୍ରଶ୍ନ ତା ପାଇଁ ରଖିନାହିଁ ଏ ଚାମଚକୁ ନେଇ । ତାର ଯେବେ ଯେବେ ଦେହ ଖରାପ ହୁଏ, ମୁଁ ଏଇ କଣା ଚାମଚଟାରେ ତା ମୁହଁରେ ଢାଳିଦିଏ ଚାମଚା ଚାମଚା ଔଷଧ । ଆଉ ସିଏ ବହୁତ ଶୀଘ୍ର ଭଲ ବି ହୋଇଯାଏ । ଆଚ୍ଛା ବାପ ! ସତ କହିଲୁ ଏଥର ଏତେ ଦିନ ହେଲାଣି ସିଏ କଣ ପାଇଁ ଭଲ ହେଉନି ?"

ନିଧିମଉସାଠାରୁ ଏ କଥା ଶୁଣି ସାହୁବାବୁଙ୍କର ଆଖି ଛଳଛଳ ହୋଇ ଉଠିଥାଏ । ଗାଁ ସ୍ୱାସ୍ଥ୍ୟ କେନ୍ଦ୍ରର କମ୍ପାଉଣ୍ଡର ସାହୁବାବୁ କିପରି କହିବେ ନିଧିମଉସାଙ୍କୁ ଯେ ଏଥର ତାଙ୍କର କେତିମାଉସୀ ଆଉ ଏ କଣା ଚାମଚରେ ଭଲ ହେବନି ବୋଲି । ମିଛ କହିଛି କେତିମାଉସୀ ଯେ ଏଇଟା ଯାଦୁ ଚାମଚ ବୋଲି । ସାହୁବାବୁ ଚିନ୍ତାକଲେ କଣ କହିଦେବି ସତକଥାଟା ନା ସମୟକୁ ଅପେକ୍ଷା କରିବି ! ଯଦି କହିଦେବି ତେବେ କେମିତି ସାମନା କରିବ ନିଧିମଉସା ଏ ବୟସରେ ଏହି କଠୋର ସତ୍ୟକୁ ! ଏତିକି ବେଳେ ଖୁବ୍ ଜୋରରେ ଛାତି ଧଡଧଡ ହେଲା କେତିମାଉସୀର । ସାହୁବାବୁ ଦେଖିଲେ ତରତର ହୋଇ ସବୁ ଜାଣିଲା ପରି ନିଧିମଉସା ପାଖରେ ରଖିଥିବା ଗଂଗାଜଳକୁ ଚାମଚରେ ଢାଳି ନେଉ ନେଉ ଦୁଇବୁନ୍ଦା କଣାଦେଇ ଆଗ ପଡିଗଲା କେତିମାଉସୀର ପାଟି ଉପରେ । ଆଉ ଦେଖୁ ଦେଖୁ ନିଶ୍ଚଳ ହୋଇଗଲା କେତି ମାଉସୀର ଶରୀରଟା । ହସି ହସି ନିଧିମଉସା କହୁଥାନ୍ତି, "ଦେଖିଲୁ ବାପ ! ଏ ଚାମଚରେ

Download Magazine from www.aahwaan.com

ଯାଦୁ ଅଛି । ସେଇଥି ପାଇଁ ତ କେମିତି ତୋ ମାଉସୀ କଷ୍ଟରୁ ମୁକ୍ତି ପାଇଗଲା ଦେଖିଲୁ ! ସେଇଥି ପାଇଁ ପରା ତୋ ମାଉସୀ କହେ ମୋତେ ଏଇ କଣା ଚାମଚରେ ଔଷଧ ଦେବ ।" ସାହୁବାବୁ କିନ୍ତୁ ଚାହିଁ ରହିଥାନ୍ତି ମଉସାହାତରେ ଥିବା ସେ ଚାମଚକୁ ଆଉ ଭାବୁଥାନ୍ତି ସତରେ ଜୀବନଟା ଚାଲିଯିବ ବୋଲି ମଉସା ଜାଣିଥିଲା ନା ସେ ଚାମଚଟା ! କେମିତି ସବୁ ଜାଣିପାରିଲା ଭଳି କେତିମାଉସୀର ଶେଷନିଶ୍ୱାସଟା ଯାଉଯାଉ ଠିକ୍ ସମୟରେ ସେ ଚାମଚର କଣାଦେଇ ବରଷିଗଲା ଗଂଗାଜଳ ! ଏହି କଥାକୁ ଭାବୁ ଭାବୁ ନଜର ପଡିଲା ନିଧିମଉସାଙ୍କ ଉପରେ । ସାହୁବାବୁ ଦେଖିଲେ ନିଧିମଉସାଙ୍କ ହସହସ ମୁହଁଟା ଏକ ଲୟରେ ଚାହିଁଥାଏ କେତିମାଉସୀର ନିଷ୍ପ୍ରାଣ ଶରୀରଟାକୁ ।

Download Magazine from www.aahwaan.com

ସୁନେଲୀ ସିଂହ - ୫ (ଖ)

ଅଶୋକ ବିଶ୍ୱାଳ

ଅନୁଭୂତିରୁ ଶିକ୍ଷା : ଇଗଲର ଶିକାର

ଜଙ୍ଗଲରେ ପକ୍ଷୀମାନେ ସୁନ୍ଦର ଗୀତ ବୋଲନ୍ତି । ସକାଳ ଅନେକ ଆଗେଇ ଗଲାଣି । ସକାଳରୁ କିଛି ସମୟ ପର୍ଯ୍ୟନ୍ତ ଗିର ଜଙ୍ଗଲରେ ପକ୍ଷୀମାନଙ୍କ କୂଜନରେ ଭରିଯାଏ । କେତେ ସୁନ୍ଦର ରଙ୍ଗ ଏମାନଙ୍କର ଥାଏ । କେତେ ସୁନ୍ଦର କବିତା ଏମାନେ ରଚନା କରନ୍ତି । ସେଦିନ ଜଙ୍ଗଲରେ ଅନ୍ୟଦିନ ଭଳି ପକ୍ଷୀମାନେ ଗୀତ ଗାଉଥିଲେ । କିଛି ସ୍ୱର ଲମ୍ବା ଅଉ ମଧୁର ଥିଲା । ଏମିତି ସୁର ଜଙ୍ଗଲକୁ ଏକ ନୃତ୍ୟଭୂମିରେ ବଦଳାଇ ଦିଏ । ପକ୍ଷୀମାନେ ନାଚନ୍ତି । ଆଉ ସେମିତି ଏକ ଦିନ ଥିଲା ।

ଏମିତି ଗୀତ ଶୁଣି ସିଂହ ଦୁଇଭାଙ୍କର ଡେଇଁବାକୁ ଇଚ୍ଛା ହେଉଥିଲା । କିଛି ସମୟ କୁସ୍ତା କୁସ୍ତି ହେଲେ ଶରୀଟା ହାଲକା ହୋଇଯାଏ । ଥଣ୍ଡା ପବନ, ମଧୁର କୂଜନ ଆଉ ପତଳା ଖରାରେ ଖେଳିଲେ ଦେହରେ ସେମିତି ସ୍ଫୂର୍ତୀ ଆସିଯାଏ । ଏମିତି ତ ଛୁଆ ଆଖିରେ ଦୁଷ୍ଟାମୀ ଭରି ରହିଥାଏ । ସେମାନେ ଏ ଭିତରେ କିଛି କଷ୍ଟ ଭିତର ଦେଇ ଗତି କରିଛନ୍ତି । କିଛି ସାବଧାନ ହେବା ଶିଖିଛନ୍ତି ।

ଦୁଇ ଭାଇଙ୍କର ମା ଗଲା ପରେ କିଛି କରିବାର ନଥିଲା । ଏ ପର୍ଯ୍ୟନ୍ତ ସେମାନେ ଛୋଟ । ଏଣୁ ବହୁତ ସାବଧାନ ରହିବାକୁ ପଡୁଥିଲା । ଛୁଆଙ୍କ ଦେହରେ ବହୁତ ଶକ୍ତି ଥାଏ । ଖାଲି ଖାଲି ଶୋଇବାକୁ କମ୍ବା ଛପିବାକୁ ସେମାନଙ୍କୁ ମୋଟେ ମଜା ଆସୁନଥାଏ । ମା ନଥିଲା ବେଳେ ବାହରକୁ ବାହାରିବା କଥା ନୁହେଁ । ଆଉ ଖୋଲା ପଡିଆରେ ଦୌଡା

Download Magazine from www.aahwaan.com

ଦୌଡି ତ ମୋଟେ ନୁହେଁ । ସେମାନଙ୍କୁ ଖାଲିଟାରେ ଛପି ରହିବାକୁ କଷ୍ଟ ଲାଗୁଥିଲା । ଦୁଇ ଭାଇ ଏକ ବୁଦା ତଳେ ଛପି ରହିଥିଲେ । ସେଇଠି ପେଟେଇ ପଡି ବାହାରକୁ ଅନାଉଥିଲେ । ସୁନ୍ଦର ସୂର୍ଯ୍ୟ କିରଣ ପଡିଥିଲା । ଏମିତି ଅଳସୁଆ ଭାବରେ ଅନେଇ ଅନେଇ ସେମାନଙ୍କୁ ନିଦ ଆସୁଥିଲା । ଧିର ପବନରେ ଆଖି ଲାଗି ଯିବା କଥା ।

ବାହାରେ ପକ୍ଷୀମାନେ କାକଳୀ କରୁଥିଲେ । ସେମାନେ ନିଜ ଭିତରେ କେତେ କଥା ହୁଅନ୍ତି । କିଚିରି ମିଚିରି ଶବ୍ଦରେ ବାହାର ଦୁନିଆ ଭରି ଯାଇଥିଲା । ସେ ମଝିରେ କିଛି ପକ୍ଷୀ ସୁନ୍ଦର ଭାବେ ଗୀତ ଗାଉ ଥିଲେ । ଏହି ଗୀତ ଗାଉଥିବା ପକ୍ଷୀମାନେ ଜଙ୍ଗଲରେ ମନୋରଂଜନ କରନ୍ତି । ଏମିତି ସୁନ୍ଦର ଗୀତ ଶୁଣୁ ଶୁଣୁ ଦୁଇ ଭାଇଙ୍କର ଆଖି ଲାଗି ଆସୁଥିଲା । କିଛି ପକ୍ଷୀ ତଳକୁ ଓହ୍ଲାଇ ଆସୁଥିଲେ । ଫକ୍ ଫକ୍ କରି ଡେଇଁ ପୋକ ଜୋକ ଖୋଜୁଥିଲେ । ତା'ପରେ ଫୁରର କିନା ଉଡି ଯାଇ ଗଛ ଭିତରେ ଲୁଚି ଯାଉଥିଲେ । କେତେ ଜାତିର ପକ୍ଷୀ ଜଙ୍ଗଲରେ ଥିଲେ ।

ଜଙ୍ଗଲର ସୁନ୍ଦରତା ଖୁବ ସକାଳେ ବା ଶେଷ ଅପରାହ୍ନରେ ଭଲଭାବେ ଜଣାପଡେ । ଏହି ସମୟରେ ସମସ୍ତେ ଚଳ ଚଂଚଳ ହୋଇ ଉଠନ୍ତି । ଅନ୍ୟ ସମୟ ହୋଇଥିଲେ କିଛି ପକ୍ଷୀଙ୍କର ରାହା ନଥାନ୍ତା । କିନ୍ତୁ ନଇଁ ଯାଉଥିବା ଖରା ବା ଆସୁଥିବା ଲମ୍ବା ଖରାରେ ସମସ୍ତେ ନିଜ ଭିତରେ ନୂଆ ଜୀବନକୁ ଖୋଜି ପାଆନ୍ତି । ଜଙ୍ଗଲରେ ଛାଇ ଲମ୍ବା ହୋଇଯାଏ । ଗଛ ଗୁଡିକ କମଳା ରଙ୍ଗରେ ହାଲକା ରଙ୍ଗେଇ ହୋଇ ଯାଆନ୍ତି । ପାଣି ପାଖା ପାଖି ଯାଗାରେ ସମସ୍ତେ ଏକାଠି ହୋଇ ଯାଆନ୍ତି । ଲାଗିବ ସେମାନେ ନିଜ ଭିତରେ ଯେମିତି କିଛି ଆଲୋଚନା କରୁଛନ୍ତି । ପାଣିରୁ କିଛି ଦୂରରେ ପକ୍ଷୀମାନେ ନିଜ ହିସାବରେ ଅଗଣିତ ଗୀତ ଗାଆନ୍ତି । ଗୀର ଜଙ୍ଗଲରେ ଅଗଣିତ ପକ୍ଷୀ । ଯେଉଁଠି ଦେଖିବ ଛୋଟ ବଡ ଆକାରର ପକ୍ଷୀଟିଏ ଉଙ୍ଗୁଛି । ସବୁ ପକ୍ଷୀମାନେ ଅବଶ୍ୟ ଗୀତ ଗାଆନ୍ତି ନାହିଁ । କିଛି ପକ୍ଷୀ ଗାଆନ୍ତି ।

Download Magazine from www.aahwaan.com

କିଛିଙ୍କର ରାବ ତ କର୍କଶ । ଏମିତିଆ ରାବ ଶୁଣିଲେ ପେଟ ଭିତରଟା କେମିତି ମୋଡି ମୋଡି ହେଲା ପରି ଲାଗେ ।

ଏକ ଲମ୍ବା ଗୀତ ଚାଲିଥିଲା । ଦୁଇଭାଇ କିଏ ଗୀତ ଗାଉଛି ବୋଲି ଦେଖିବାକୁ ଟିକିଏ ମୁଣ୍ଡ କାଢିଲେ । ବାଁ ପଟେ ଏକ ଲମ୍ବା ଗଛ କେନା ହୋଇ ବଢି ଯାଇଥିଲା । ସେହି ଝଙ୍କାଳିଆ ଗଛ ଭିତରେ କିଏ ଗୀତ ଗାଉଥିଲା । ଦୁଇଭାଇଙ୍କ ଆଖିରେ ଝାପସା ନିଦ ଥିଲା । ସେମାନଙ୍କୁ ଖୁବ ଭଲ ଭାବରେ କିଛି ଦେଖା ଯାଉ ନଥିଲା । ତଥାପି ବି ଛୋଟ ଛୁଆର ମନ । ସବୁ ବେଳେ ନୂଆ ଜିନିଷ ଦେଖିବାକୁ ଇଚ୍ଛା ହେଉଥିଲା । ସେମାନଙ୍କର ଆଖି ଟିକିଏ ଅଧିକ ଖୋଲିଗଲା ।

ହଠାତ୍ ଆକାଶରେ ଏକ ଲମ୍ବା ଚଉଡା ଛାଇ ଲମ୍ବିଗଲା । ଖୁବ ଜୋରରେ ଛାଇଟା ତଳକୁ ଓହ୍ଲାଇ ଆସିଲା ଆଉ ଏକ ପତଳା ଡାଳରେ ବସିଥିବା ଏକ ପକ୍ଷୀକୁ ଝାମ୍ପ ମାରିଧରି ନେଲା । ଜୋରରେ ଉଡୁଥିବା ପକ୍ଷୀଟି ଏକ ଶିକାରୀ ଇଗଲ ପକ୍ଷୀ ଥିଲା । ତାର ଟାଣୁଆ ନଖ ଆଘାତରେ ପଂଝାରେ ଥିବା ପକ୍ଷୀଟି କ୍ଷଣକରେ ମରିଗଲା । ତାର ଆଖି ଖୋଲିଯାଇଥିଲା, ସେ ଛଟ ପଟ ହେଉବି ନଥିଲା । ଇଗଲଟି ଆକାଶରେ ବୁଲିଯାଇ ଏକ ବଡ ଗଛର ଶୁଖିଲା ଡାଳ ଉପରେ ବସି ପଡିଲା । ଇଗଲ୍‌ର ମୋଟା ପଞ୍ଜାରେ ଗୋଟାଏ ମଲା ପକ୍ଷୀ ଲାଗି ରହିଥିଲା । ଇଗଲ ତୁଳନାରେ ସେ ପକ୍ଷୀଟି ବହୁତ ଛୋଟ । ମଲା ପକ୍ଷୀଟିର ଆଖି ଟିକେ ଖୋଲିଯାଇଛି । କିନ୍ତୁ ଶରୀର ସ୍ଥିର । ଇଗଲ୍‌ର ନଖଗୁଡିକ ତା ଶରୀରରେ ଫୁଟି ଯାଇଥାଏ । ଗୋଟାଏ ନଖ ଶରୀର ବାହାରକୁ ଦେଖାଯାଉଥିଲା । ଇଗଲ୍‌ଟି ଡାହଣ ପଞ୍ଜାରେ ପକ୍ଷୀଟିକୁ ଦୃଢ ଭାବେ ଧରି ଥିଲା । ବାମ ପଞ୍ଜା ଗଛ ଡାଳ ଉପରେ ଥିଲା । ସେଇଠି ରହି ଇଗଲ୍‌ଟି ମଲା ପକ୍ଷୀକୁ ଖାଇବ । ତାର ଗୋଲ୍ ମୁଣ୍ଡଟି ଏପଟ ସେପଟ ବୁଲିଯାଉଥିଲା । ଗୋଲ ମୁଣ୍ଡଟିର ଠିକ୍ ତଳେ ବିରାଟ ବିରାଟ ଦୁଇଟି

Download Magazine from www.aahwaan.com

ହଳଦିଆ ଆଖି, ମଝିରେ ଗୋଲାକାର କଳା ଅଂଶ ଆଖିର, କଳା ଡୋଳା ତା ତଳେ ବାହାରି ଆସିଛି ଏକ ଅପେକ୍ଷାକୃତ ଲମ୍ବ ଗୋଜିଆ ଥଂଟ ଆଗକୁ ମୋଡି ଯାଇଛି । ଏମିତିଆ ଥଂଟ ଥିଲେ ସହଜରେ ମାଂସ ଛଡାଇ ହେବ ।

ଏହି ଇଗଲ ପାଉଁଶିଆ ଧଳା କଳା ରଙ୍ଗର ପକ୍ଷୀ । ଛାତି ଆଡକୁ ବେଶୀ ଧଳା ରଙ୍ଗର ପର ତା ଉପରେ କଳା ରଙ୍ଗର ଆସ୍ତରଣ । ଇଗଲଟି ନିଜର ଖୁବ୍ ମୋଟା ପଞ୍ଜାରେ ସହଜରେ ପକ୍ଷୀଟିକୁ ମାରିଦେଇଥିଲା । ଶାନ୍ତିରେ ଏକ ବଡ ଗଛ ଡାଳ ଉପରେ ବସି ସେ ଆଖ ପାଖକୁ ଅନାଇ ରହିଥିଲା । ଇଗଲମାନେ ଶିକାର କରି ସାରିବା ପରେ ଶିକାରକୁ ଧରି ଗଛ ଡାଳକୁ ନେଇଯାନ୍ତି । ବେଳେବେଳେ ତଳେ ମଧ୍ୟ ବସି ଖାଇ ନିଅନ୍ତି । ସେମାନଙ୍କ ଶିକାର ପକ୍ଷୀ ହୋଇପାରେ । ଅନେକ ସମୟରେ ଛୋଟ ଛୋଟ ପଶୁଙ୍କୁ ମଧ୍ୟ ଶିକାର କରନ୍ତି ।

ଏ ଶିକାର ପରେ ଜଙ୍ଗଲ ଏକଦମ ନୀରବ ହୋଇ ଯାଇଥିଲା । ସେମିତି କିଛି ଚିର ଚିରେଇବା ଶବ୍ଦ ନଥିଲା । ଏକ ସାଙ୍ଗ ମରିଗଲା ପରେ ଅନ୍ୟମାନେ ଡରି ଯାଇଥିଲେ । ସେମାନେ ଆଉ ଡେଉଁ ନଥିଲେ । ସମସ୍ତେ ଛପି ଯାଇଥିଲେ ଆଉ ପତ୍ର ଗହଳରୁ ବାହାରକୁ ଅନାଉଥିଲେ । ଏବେ ଅବଶ୍ୟ ଇଗଲ ଆଉ ଶିକାର କରିବ ନାହିଁ । କିନ୍ତୁ ମୃତ୍ୟୁର ଡରରେ ସମସ୍ତେ ଚୁପ ହୋଇ ଯାଇଥିଲେ ।

ଏଣେ ଦୁଇ ସିଂହ ଛୁଆଙ୍କ ଛାତି ଉଠୁଥିଲା ପଡୁଥିଲା । ଆକାଶରୁ କେମିତି କିଏ ଉଡି ଆସିପାରେ ଏକଥା ସେମାନେ କେବେ ଭାବି ନଥିଲେ । ଦୁଇ ଭାଇ ଭିତରକୁ ଟିକିଏ ଖସି ଗଲେ । କିଏ ସେମାନଙ୍କୁ ହଠାତ୍ ଦେଖି ପାରିବ ନାହିଁ । ସେମାନେ ଏ ପର୍ଯ୍ୟନ୍ତ ଆକାଶରେ ଉଡୁଥିବା ସୁନ୍ଦର ପକ୍ଷୀମାନଙ୍କୁ ଦେଖିଥିଲେ । ସେମାନେ ପତ୍ର ଉଢାଳରେ ସୁନ୍ଦର ଗୀତ ଘାଆନ୍ତି ବା ମାଟିରେ ଫକ୍ ଫକ୍ କରି ଡିଅନ୍ତି । ଏମିତି ଆକାଶରୁ ଡେଣା ଖୋଲି ନିଜର

Download Magazine from www.aahwaan.com

ପଂଝାରେ ଛୋଟ ପକ୍ଷୀକୁ ଧରନ୍ତି ନାହିଁ । ଆକାଶରେ ତାହେଲେ ବିପଦ ଅଛି ।

ଦୁଇ ଭାଇଙ୍କର ନିଦ ଏକଦମ ଛାଡି ଯାଇଥିଲା । ସେମାନେ ପତ୍ର ଫାଙ୍କରୁ ଡରି ଡରି ଅନାଉଥିଲେ । ସେଠୁ ବେଶ କିଛି ଦୂରରେ ଏକ ଥୁଂଟା ଡାଳରେ ଇଗଲଟି ନିଜର ଟାଣୁଆ ବଙ୍କା ନଖରେ ପଂଝାରେ ଥିବା ପକ୍ଷୀଟିକୁ ଖାଉଥିଲା । ଇଗଲ ଥଂଟରେ ରକ୍ତ ଲାଗି ରହିଥିଲ । ତାର ବିରାଟ ଗୋଲ ଆଖି ଥାଳି ଭଳି ଘୁରୁଥିଲା । ସେମାନେ ଗଛ ଭିତରେ ଲୁଚିଗଲେ ।

ସେମାନେ ଧିରେ ଧିରେ ଜଙ୍ଗଲରେ ରହିଥିବା ଅନେକ ଜୀବ ଜନ୍ତୁଙ୍କ ବିଷୟରେ ଜାଣୁଥିଲେ । ସେମାନଙ୍କୁ ବହୁତ ସାବଧାନ ହେବାକୁ ପଡିବ । ସେମାନେ ଜାକି ଜୁକି ହୋଇ ବସି ପଡିଲେ । ମା କେତେ ବେଳେ ଆସିବ କିଏ ଜାଣେ ? ସେମାନଙ୍କ ଆଖିରୁ ନିଦ ହଜି ଯାଇ ଥିଲା । ଶରୀରରେ ଲୋମ ଠିଆ ହୋଇ ଯାଇଥିଲା । ଏମିତି କେତେ ସମୟ ବିତିଗଲା । ଆକାଶରେ ସୂର୍ଯ୍ୟ ମୁଣ୍ଡ ଉପରୁ ଡେଇଁ ତଳକୁ ଓହ୍ଲାଉ ଥିଲା ।

ମା ଅନେକ ବେଳ ପରେ ଆସିଲା । ସେମାନେ ମାକୁ ଦେଖି ବାହାରି ଆସିଲେ । ନିଜ ଭାଷାରେ ବହୁତ କହିଲେ । ସେମାନଙ୍କ ଆଖି ଇଗଲ ବସିଥିବା ଗଛ ଉପରେ ବୁଲି ଯାଉଥିଲା । ସେତେବେଳକୁ ଅବଶ୍ୟ ଇଗଲ ଉଡିଗଲାଣି । କିନ୍ତୁ ଦୁଇ ଭାଇଙ୍କ ମନର ଡର ସେମାନଙ୍କୁ ବିଚଳିତ କରୁଥିଲା । ମା ଦେହରେ ଘଷି ହେଲେ ଆଉ ମାକୁ ଟିକେ ଚାଟିଲେ । ମା ଛୁଆ ଦୁହିଁଙ୍କୁ ଭଲ ଭାବେ ଚାଟିଲା । ମା ଚାଟିବାରେ ସେମାନଙ୍କ ମନରୁ ସବୁ ଡର ଚାଲିଗଲା । ମା'ର ଆଖି ସେହି ଗଛ ଉପରେ ଆଉ ଅନ୍ୟ ଯାଗା ଉପରେ ବୁଲିଗଲା । ସେମିତି କିଛି ବିପଦ ନାହିଁ । ସେ ପେଟେଇ ପଡିଲା । ମାଠୁ ଛୁଆ ଦୁହେଁ ସ୍ତନ୍ୟପାନ କରିବାକୁ ଲାଗିଲେ । ।

କ୍ରମଶଃ

Download Magazine from www.aahwaan.com

ସ୍କୁଲ୍

ଲିପ୍ସାମୟୀ ପଣ୍ଡା

ମୋ କଲେଜ ପଢିବାବେଳର ସବୁଠୁ ଭଲ ସାଙ୍ଗ ଥିଲା ମୋ ନନାଙ୍କ ଅଫିସରଙ୍କ ଝିଅ । ଦୁହେଁ ମିଶିକରି କଲେଜ, ଟ୍ୟୁସନ ଯିବା ବ୍ୟତୀତ ଜଣେ ଦୁଇଜଣଙ୍କ ଘରେ ମିଶି ପଢ଼ାପଢ଼ି କରୁ । ଏହି ହେତୁ ତାଙ୍କ ଘରେ ଥାଏ ମୋର ଅବାଧ ପ୍ରବେଶ ।

ସାଙ୍ଗର ପରିବାର କହିଲେ ତା ବାପା, ମା ଓ ବଡ଼ଭଉଣୀ । ମଉସା (ତା ବାପା)ଙ୍କୁ ମୁଁ କେବେ ଘରେ ଦେଖେନି । ମାଉସୀ, ଦିଦି ଭାରି ଆଦର କରନ୍ତି ଘରକୁ ଗଲେ । ପର୍ବପର୍ବାଣୀରେ ମାଉସୀ ପିଠାପଣା କରି ଡକେଇ ପଠାନ୍ତି ଘରକୁ । ଗଲେ ମା ଝିଅ ତିନିହେଁ ବଳେଇ ବଳେଇ ଖୁଆନ୍ତି ମଧ୍ୟ । ଘରର ଜଣେ ଭଳି ବ୍ୟବହାର ଦେଖାନ୍ତି ।

ଥରେ ରଜରେ ଡାକିଥାନ୍ତି ମତେ ମଧ୍ୟାହ୍ନ ଭୋଜନ ପାଇଁ । ଟିକେ ଡେରିରେ ପହଞ୍ଚିଲି । ମୋ ସାଙ୍ଗ କବାଟ ଖୋଲିଲା ବେଳୁ ଅଭିଯୋଗ କରିବା ଆରମ୍ଭ କରିଦେଲା ଡେରି ପାଇଁ । ଡାକିନେଲା ସିଧା ଡାଇନିଙ୍ଗ୍ ଟେବୁଲକୁ । ପ୍ରଥମ ଥର ପାଇଁ ମଉସାଙ୍କୁ ଘରେ ଦେଖିଲି । ସମସ୍ତେ ବସି ଖାଇବା ଆରମ୍ଭ କଲୁ । ଭଳିକି ଭଳି ଏକକୁ ଆରେକ ସୁଆଦିଆ ବ୍ୟଞ୍ଜନ । ତା ସାଙ୍ଗରେ ସାଙ୍ଗ ଓ ତା ଦିଦିଙ୍କର ଥଟ୍ଟା ପରିହାସ କଥା । ଖାଲି ମଉସାଙ୍କୁ ଛାଡ଼ିଦେଲେ ଆଉ ସବୁ ହସଖୁସିରେ ଭୋଳ । ଖିଆପିଆ ସରିଲା । ସବୁ ଉଠି ଚାଲିଲେ ତାଙ୍କ ବେଡ୍ ରୁମକୁ । ମୁଁ ଫେରିବାକୁ ବାହାରିଲା ବେଳକୁ ମତେ ମୋ ସାଙ୍ଗ ଅଟକେଇଲା ଆଉ କିଛି ସମୟ ଓ ମତେ ମଧ୍ୟ ଡାକିନେଲା ତାଙ୍କ ବେଡ଼ରୁମକୁ । ସେଠି ବାକି ସମସ୍ତେ ଟିଭି ଲଗାଇ ବେଡ଼ରେ ବସିଥାନ୍ତି । ମୋ ସାଙ୍ଗ ଯାଇ ବସିଗଲା ସେମାନଙ୍କ ପାଖରେ । ମତେ ମଧ୍ୟ ମାଉସୀ ପାଖରେ ବସିବାକୁ ହାତରେ ଇଙ୍ଗିତ କଲେ । ମୁଁ ବସିବାକୁ ଉଦ୍ୟତ ହଉଚି,

Download Magazine from www.aahwaan.com

ମଉସାଙ୍କ ଗମ୍ଭୀର ସ୍ୱର ଶୁଣାଗଲା 'ରହ' । ଆଉ ସେ ତୁରନ୍ତ ଉଠିଯାଇ ଅନ୍ୟ ଏକ ରୁମରୁ ଗୋଟିଏ ଷ୍ଟୁଲ୍ ନେଇ ଆସିଲେ । ବେଡ଼ ପାଖରେ ପକେଇ ଦେଇ ମତେ ସେଠି ବସିବାକୁ ଇଶାରା କଲେ । ମତେ ଲାଗିଲା ଯେମିତି ମୋ ଗାଲରେ ଗୋଟେ ଶକ୍ତ ଚଟକଣା ବାଜିଲା ।

କିଛି ସମୟ ଆଗରୁ ପେଟ ଭରି ଖାଇଥିବା ଖାଦ୍ୟଗୁଡ଼ାକ ବାନ୍ତି ହେଇ ବାହାରକୁ ବାହାରି ଆସିବାକୁ ଛାଟିପିଟି ହବାକୁ ଲାଗିଲା ଯେମିତି । କିଛି ନକହି ଚୁପ୍‌ଚାପ୍ ବାହାରି ଆସିଲି ସେଇଠୁ ।

ସେଠି ପୁରା ପରିବାର ଚୁପ୍ ରହି ତାମସା ଦେଖିବାଟା ଯେତିକି ନ ବାଧିଲା, ବେଶୀ ବାଧିଲା ମୋ ସାଙ୍ଗ ପଛରେ ସୁଦ୍ଧା ଗୋଟେ ପଦ କିଛି ନ କହିବା ସେ ପ୍ରସଙ୍ଗରେ ।

କେମିତି ଏକ ଜିଦ୍ ମନରେ ଆସିଗଲା ତା'ପର ଠାରୁ । ପଢ଼ାପଢ଼ିରେ ଜୋର୍ ଦେଲି । ସେହି ବର୍ଷ +୨ ପରୀକ୍ଷାରେ ମୁଁ ମୋ କଲେଜର ଟପ୍ପର ହେଲି ଓ ମୋ ସାଙ୍ଗ ଦ୍ୱିତୀୟ ଡିଭିଜନରେ ପାସ୍ କଲା । ସମୟକ୍ରମେ ଦୁଇଜଣ ରାଙ୍କିଙ୍ଗ ଭିତ୍ତିରେ ଦୁଇଟି ଅଲଗା କଲେଜ ଇଂଜିନିୟରିଂ ପଢ଼ିଲୁ । ମୁଁ କ୍ୟାମ୍ପସରେ ହିଁ ମନୋନୀତ ହେଲି ଏକ ନାମୀ କମ୍ପାନୀପାଇଁ । ସେ କୌଣସି ଚାକିରି ନ ପାଇ ପଢ଼ାସାରି ଘରେ କିଛି ବର୍ଷ ବସିଲା ଓ ପରେ ବାହା ହେଇଗଲା ।

ଗତକାଲି ମୋ ନମ୍ବର କୋଉଠୁ ପାଇ ଫୋନ କରିଥିଲା । ବହୁଦିନ ପରେ ବହୁ ସମୟ ଧରି କଥା ହେଲୁ । ମୋ ସହରକୁ ଆସିଲେ ମତେ ଦେଖା ନିଶ୍ଚୟ କରିବ ବୋଲି କହିଲା ।

ମନଟା ଥରେ ଭାଙ୍ଗିଗଲେ ଯୋଡ଼ିବା ତ କାଠିକର । ତେବେ ପଙ୍ଖା ଥୋଇବା ପାଇଁ ମୋ ଘରେ ବ୍ୟବହୃତ ହେଉଥିବା ଏକମାତ୍ର ଷ୍ଟୁଲ୍ ଟିକୁ ମୋ ଘରର ଝାଚମ୍ୟାନକୁ ଡାକି ଦେଇଦେଲି । ଏଇ ଡରରେ କି କେଜାଣି କାଳେ ମୋ ଘରର କିଏ ସେ ବୁଲି ଆସିଲା ବେଳେ ତା ଛୁଆକୁ ସେ ଷ୍ଟୁଲଟିକୁ ବସିବାକୁ ବଢ଼େଇ ଦବ ! !

ସ୍ମୃତି ସିକ୍ତା, ହାଇଦ୍ରାବାଦ

Download Magazine from www.aahwaan.com

ଅସରନ୍ତି କାହାଣୀ ପେଢ଼ି

ଅରବିନ୍ଦ ଆଚାର୍ଯ୍ୟ

ଅଜାଙ୍କ ପାଖରେ ଖରାଦିନେ ଆମେସବୁ ବସି ଗପ ଶୁଣୁ । ଆପଣ ବି ପିଲା ଦିନେ ଶୁଣୁଥିବେ । ସେମିତି ଅନେକ କାହାଣୀ ଏଇଠି ଲେଖୁଛି । କେମିତି ଲାଗିଲା କହିବେ । ଏ ଗପଟି ର ନାଁ .....

ଭାଗ୍ୟ :

ବାରଣାସୀର କଥା । ସେଠି ରାହୁଥାନ୍ତି ବିଷ୍ଣୁ ଶର୍ମା । ତାଙ୍କର ପିଲା ପିଲି କେହି ନଥାନ୍ତି । ଠାକୁରଙ୍କୁ ପୂଜା ପାଠ କରି ଦିନ କଟି ଯାଉଥାଏ । ମଣିକର୍ଣ୍ଣିକା ଘାଟ ପାଖରେ ଥିବା ଶିବ ମନ୍ଦିରରେ ପୂଜା କରି ନିଜ ଗୁଜୁରାଣ ମେଣ୍ଟାଉଥାନ୍ତି । ତା ସହିତ ଜ୍ୟୋତିଷ ଶାସ୍ତ୍ର ଉପରେ ତାଙ୍କର ଆଗ୍ରହ ବହୁତ । ଅନେକ ଲୋକଙ୍କୁ ହାତ ଦେଖି ଯାହା ଯାହା ସବୁ କହନ୍ତି, ପୁରା ସତ ହେଇଯାଏ । ଏମିତି ଅନ୍ୟର ଭାଗ୍ୟକୁ ପଢୁ ପଢୁ, ଥରେ ନିଜ ଭାଗ୍ୟକୁ ଦେଖିବାକୁ ଚାହିଁଲେ । ନିଜ ଜାତକ ଆଣି ବହୁତ ସମୟ ଧରି ଦେଖି, ହିସାବ କରି ଯାହା ପାଇଲେ ସେଥିରେ ତାଙ୍କ ହୋସ ଉଡିଗଲା । ତାଙ୍କ ମୃତ୍ୟୁ କୁମ୍ଭୀର ଦ୍ୱାରା ହେବ ବୋଲି ବାହାରିଲା । ସବୁ ଜାଣି କାହାକୁ କିଛି କହିଲେନି । ସବୁବେଳେ ମନଦୁଃଖ କରି ରହୁଥାନ୍ତି । ଘରେ ସ୍ତ୍ରୀ ମଧ୍ୟ ତାଙ୍କ ମନଦୁଃଖର କାରଣ ପଚାରି ପଚାରି ଥକିଗଲେ । କିନ୍ତୁ ବିଷ୍ଣୁ ଶର୍ମା କିଛି କହିଲେନି । ପୂଜା ପାଠ ସାରି ବେଳେବେଳେ ମନ୍ଦିରରେ ଅଧିଆ ପଡି ଭୋଳାଶଙ୍କରଙ୍କୁ ନିଜ ଗୁହାରି ଜଣାନ୍ତି । ଅନେକ ଥର ଲୋକେ ତାଙ୍କୁ ଏମିତି ଅଧିଆ ପଡିଥିବାର ଦେଖନ୍ତି । କିଏ କିଏ କହନ୍ତି ଶିବ ଠାକୁରଙ୍କ ସହିତ ସ୍ୱପ୍ନରେ କଥା ହୁଅନ୍ତି ବିଷ୍ଣୁ ଶର୍ମା । ଏମିତି ଦିନେ ଅଧିଆ

Download Magazine from www.aahwaan.com

ପଡିଥିବା ବେଳେ ଠାକୁରେ ତାଙ୍କୁ ସ୍ୱପ୍ନରେ କହିଲେ,

"ବିଷ୍ଣୁ ଶର୍ମା ! କଣ ମାଗୁଛୁ ମାଗ !"

"ପ୍ରଭୁ ! ଆପଣ ତ ଦୟାଳୁ । କେଉଁ କଥା ଅଛପା ଆପଣଙ୍କୁ ? ମୋର କୋଳକୁ ପିଲାଟିଏ ଦିଅନ୍ତୁ ପ୍ରଭୁ !"

"ତଥାସ୍ତୁ ! କିନ୍ତୁ ଭାଗ୍ୟରେ ଯାହା ଅଛି ନିଶ୍ଚିତ ଭୋଗ କରିବାକୁ ପଡିବ ।"

ସତକୁ ସତ କିଛିଦିନ ପରେ ବିଷ୍ଣୁ ଶର୍ମାଙ୍କର ପୁଅଟିଏ ହେଲା । ସୁନ୍ଦର ଡଉଲ ଡାଉଲ ଚେହେରା । ଦିନକୁ ଦିନ ଚନ୍ଦ୍ରକଳା ପରି ବଢିବାକୁ ଲାଗିଲା । ପିଲାଟିକୁ ବହୁତ ଭଲ ପାଉଥିଲେ ବିଷ୍ଣୁ ଶର୍ମା । ତା ନାଁ ଦେଲେ "ଦିବ୍ୟଜ୍ୟୋତି" ।

ଦିବ୍ୟଜ୍ୟୋତିର ପାଠ ପଢା ସମୟ ଆସିଗଲା । ଚାଟଶାଳିରେ ତା ନାଁ ଲେଖେଇଲେ ବିଷ୍ଣୁ ଶର୍ମା । ଖୁବ ଭଲ ପାଠ ପଢିଲା ସିଏ । ସବୁଥିରେ ପ୍ରଥମ ହେଲା । ପୁଅର ମୁହଁକୁ ଚାହିଁ ନିଜ ଭାଗ୍ୟ କଥା ଧୀରେ ଧୀରେ ପାଶୋରି ଦେଇଥିଲେ ସେ । ଅନେକ ସମୟ ତାଙ୍କର ଦିବ୍ୟଜ୍ୟୋତିକୁ ନେଇ ବିଭିନ୍ନ ନୂଆ ନୂଆ ଜାଗା ବୁଲେଇବାରେ କଟି ଯାଉଥିଲା ।

କେତେ କେତେ ନୂଆ ଜାଗାକୁ ଯାଇ ସେଠାରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ଦିବ୍ୟଜ୍ୟୋତିକୁ ମିଶାଇ ତାର ବିଚକ୍ଷଣ ପ୍ରତିଭାକୁ ଲୋକ ଲୋଚନକୁ ଆଣିଲେ ବିଷ୍ଣୁ ଶର୍ମା । ସବୁ ଲୋକ ବାହାବା ଦେଲେ । ସବୁ ପ୍ରତିଯୋଗିତାରେ ଦିବ୍ୟଜ୍ୟୋତି ପ୍ରଥମ ସ୍ଥାନ ଅଧିକାର କରୁଥିଲା ।

ପୁଅର ବିଜୟରେ ନିଜକୁ ଗର୍ବିତ ମନେ କରୁଥିଲେ ବିଷ୍ଣୁ ଶର୍ମା । ଧୀରେ ଧୀରେ ତାଙ୍କର ଭାଗ୍ୟ ଉପରେ ଥିବା ଅଖଣ୍ଡ ବିଶ୍ୱା ତୁଟିଗଲା । ସେ ଭାବିଲେ ଏବେ ସେ ନିଜ ଭାଗ୍ୟରେ ଥିବା ମୃତ୍ୟୁ ଭୟକୁ ମଧ୍ୟ ଜିତି ପାରିଛନ୍ତି । ଆଉ କେବେ ବି ସେ କୁମ୍ଭୀର ହାତରେ

Download Magazine from www.aahwaan.com

ମରିବେନି ।

କିନ୍ତୁ ଭାଗ୍ୟ ବଡ ବିଚିତ୍ର । କେତେବେଳେ କଣ ଘଟାଏ , କେହି ଜାଣି ପାରନ୍ତି ନାହିଁ । ଅନେକ ଦିନ ପରେ ପୁଅ ଆଉ ବାପା ମିଶି ମଣିକର୍ଣ୍ଣିକା ଘାଟକୁ ଗାଧୋଇବାକୁ ଗଲେ । ସେହି ଗାଧେଇବା ସମୟରେ ହଠାତ ପୁଅ ପହଁରା ଶିଖିବା ପାଇଁ ଟିକେ ପାଣି ଭିତରକୁ ଚାଲିଗଲା । ବିଷ୍ଣୁ ଶର୍ମା ମଧ୍ୟ ପୁଅ ସହିତ ଆଗକୁ ଆଗକୁ ଚାଲିଗଲେ । ହଠାତ ଦିବ୍ୟଜ୍ୟୋତି ପାଟି କରି କହିଲା ।

"ବାପା ! ମୋତେ କୁମ୍ଭୀର ଟାଣି ନେଉଛି, ରକ୍ଷା କର !"

ବିଷ୍ଣୁ ଶର୍ମା ପୁଅକୁ ରକ୍ଷା କରିବାକୁ ଆହୁରି ଗଭୀର ଜଳକୁ ଚାଲିଗଲେ ।

କିନ୍ତୁ ଏ କଣ ? ସେଠି ପୁଅ ଦିବ୍ୟଜ୍ୟୋତି ନଥିଲା । ଥିଲେ ସ୍ୱୟଂ ଭାଗ୍ୟ ଦେବତା । କୁମ୍ଭୀର ରୂପରେ । ବିଷ୍ଣୁ ଶର୍ମାଙ୍କୁ କହୁଥିଲେ, "ମୁଁ ହିଁ ଭାଗ୍ୟ ! ତୁମ କୋଳରେ ଜନ୍ମ ନେଇଥିଲି । ଆଜି କୁମ୍ଭୀର ରୂପରେ ତୁମ ପ୍ରାଣ ହରଣ କରିବାକୁ ଆସିଛି । ମୁଁ କଦାପି ଅନ୍ୟଥା ହୁଏନି ବିଷ୍ଣୁ ଶର୍ମା ! ତୁମେ ସମସ୍ତେ ମୋ ସହିତ ବନ୍ଧା ।"

ଏତିକି କହି ବିଷ୍ଣୁ ଶର୍ମାଙ୍କୁ ଭାଗ୍ୟ ଦେବତା କୁମ୍ଭୀର ରୂପରେ ପାଣିକୁ ଟାଣିନେଲେ ।

.....

ମୋ କଥାଟି ସରିଲା । ଫୁଲ ଗଛଟି ମରିଲା ।

(ପୁଣି ଆର ଥରକୁ ଆଉ ଗୋଟିଏ ନୂଆ ଗପ ନେଇ ଆସିବି .....ଅପେକ୍ଷା କରିଥାଅ ସମସ୍ତେ !)

Download Magazine from www.aahwaan.com

ଭାଷାରେ ରାଜନୀତି ପଶିଗଲା

ଡା ସୌମ୍ୟରଞ୍ଜନ ମିଶ୍ର

ମାର୍ଚ୍ଚ ମାସଟା ସବୁ ଚାକିରୀଆଙ୍କ ପାଇଁ ବଡ଼ ଅଡୁଆ । ସମସ୍ତେ ବ୍ୟସ୍ତ । କେତେକ କାର୍ଯ୍ୟାଳୟରେ ତ ଫେବୃଆରୀରୁ ବ୍ୟସ୍ତତା ଆରମ୍ଭ ହୋଇଯାଏ, ଆଉ ସରେ ଅପ୍ରେଲ ନହେଲେ ମଇ ମାସର ପ୍ରଥମ ସପ୍ତାହ ବେଳକୁ । ସୁଦର୍ଶନ ବି ସେଥିରୁ କେମିତି ବାଦ ଯିବ ? ଅତଏବ, ବହୁଦିନ ହେଲା ଦେଖା ହୋଇନଥିଲା ତା' ସହିତ । କିନ୍ତୁ ହ୍ୱାଟ୍‌ସଆପ୍‌ରେ ବରାବର ଯୋଗାଯୋଗ ଚାଲୁ ରହିଥାଏ । ବହୁତ ଦିନ ହେଲା ଦେଖା ହୋଇନି, ମନ ଭଲ ଲାଗୁନି କହିବାରୁ କିଛି ସମୟ ପାଇଁହେଲେ ମଧ୍ୟ ସମୟ ବାହାର କରି ସେ ଆସିଲା । ସେ ଆସିଛି ମାନେ, କିଛି ଗୋଟାଏ କଥା ଚର୍ଚ୍ଚା ହେବା ଥୟ । ଦେଖା ହେଉ ହେଉ କହି ପକାଇଲା - କ'ଣ ଭାଇନା, ରାଜ୍ୟସଭା ଆଡ଼େ ଯାଉଛ ନା କ'ଣ ଶୁଣିଲି । ମୁଁ ଜାଣେ ସେ ବିଦ୍ରୁପ କରୁଛି । ତଥାପି କହିଲି, ମିଶ୍ର ସାଙ୍ଗିଆଧାରୀ ନୁହେଁ, ଅନ୍ୟ ଏକ ସାଙ୍ଗିଆଧାରୀ ବ୍ୟକ୍ତି ଯାଉଛନ୍ତି । ଆମ୍ଭେ ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ ଶାସ୍ତ୍ରୀୟ ମାନ୍ୟତା ଅନୁସାରେ ଲଗାଉ । ତେଣୁ ଆମ୍ଭେ ରାଜନୀତି କଲେ ବୁଡ଼ିଯିବୁ, ନୋହିଲେ ରାଜନୀତି ବୁଡ଼ିଯିବ । ରାଜନୀତି, ରାଇଜରୁ ଆରମ୍ଭ ହୋଇ କେତେବେଳେ ସାହିତ୍ୟ ଆଡ଼କୁ ପଶିଗଲା ଜଣା ପଡ଼ିଲା ନାହିଁ । ରାଜନୀତି କେଉଁଠି ବି ପଶି ଯାଇପାରେ । କେହି ଜଣେ ଜ୍ଞାନୀ କହିଥିଲେ - ଯେଉଁ ଯାଗାକୁ ନଯାଏ ରବି, ସେଠି ପହଞ୍ଚିପାରଇ କବି । କିନ୍ତୁ ଆମ୍ଭେ କହୁଛୁ, ଯେଉଁ ଯାଗାକୁ କବି ମଧ୍ୟ ଯାଇ ପାରନ୍ତି ନାହିଁ, ସେହି ଯାଗାରେ ରାଜନୀତି ଅନାୟାସରେ ପହଞ୍ଚିଯାଇ ପାରେ । ଆମ୍ଭ ସହ ଏକମତ ହେଉନଥିବା ପାଠକେ ଆମ୍ଭ ସହ ବାଦି ପକାଇ ପାରନ୍ତି ।

ଛାଡ଼ନ୍ତୁ ସେ କଥା । ସୁଦର୍ଶନ ବହୁତ ଖୁସିଥିଲା ଯେ, ସରକାର ଓଡ଼ିଆ ଭାଷାର ଉନ୍ନତି

Download Magazine from www.aahwaan.com

ପାଇଁ ବହୁତ କିଛି କରିବାକୁ ଯାଉଛନ୍ତି । ତେଣୁ ଗୋଟି ଗୋଟି କରି ମୋ ଆଗରେ ସରକାରଙ୍କର ଘୋଷଣା ସବୁ ବଖାଣି ଗଲା, ଯଦିଓ ମୁଁ ମଧ୍ୟ ଏ ସବୁ ଖବର ଆଗରୁ ଶୁଣିଥିଲି । ସବୁ ଶୁଣିଲା ପରେ ମୁଁ କହିଲି - ସରକାର ଯଦି ଭାଷା ପାଇଁ ଏତେ କହୁଛନ୍ତି, ତେବେ ପ୍ରତିବର୍ଷ ସମ୍ମିଳନୀ ହେବା ଦରକାର । କିନ୍ତୁ ତାହା ଉପାନ୍ତ ଅଞ୍ଚଳରେ ହେବା ଆବଶ୍ୟକ । ଓଡ଼ିଆ ବିଷୟରେ ନୁହେଁ ଓଡ଼ିଆ ମାଧ୍ୟମରେ ପାଠପଢୁଥିବା ଛାତ୍ରଛାତ୍ରୀଙ୍କର ଦେୟ ଛାଡ଼ ହେବା ଦରକାର । ଖାଲି ଦେୟ ଛାଡ଼ କରିଦେଲେ ତ ହେବନି, ସରକାରୀ ଓ ବେସରକାରୀ ଚାକିରୀରେ ବି ସ୍ଥାନ ସଂରକ୍ଷଣ କରିବା ଦରକାର ଓ ଜରୂରୀ ମଧ୍ୟ ।

ଠିକ୍ କଥା କହିଛ ଭାଇନା । ତା'ହେଲେ ତୁମ ପରାମର୍ଶ ଗୁଡ଼ା ଲେଖିକି ସରକାରଙ୍କ ପାଖକୁ ପଠାଉନ ? ଆଗ୍ରହର ସହିତ କହିଲା ସୁଦର୍ଶନ । ପଠାନ୍ତି ଯେ, ହେଲେ ସଦ୍ୟ ପ୍ରସାରିତ ନ୍ୟୁଜ ଫ୍ୟୁଜ କାର୍ଯ୍ୟକ୍ରମରେ ନେତାମାନେ ଓଡ଼ିଆ ବର୍ଣ୍ଣମାଳା ଜ୍ଞାନ ଦେଖି ସାହାସ ହେଉନି । ହାତକୁ କିଏ ଯେମିତି ପଛରୁ ଟାଣି ଧରୁଛି । ଓଡ଼ିଆରେ ଲେଖା ଚିଠି ସେମାନେ ପଢ଼ି ପାରିବେ କି ନାହିଁ, ସନ୍ଦେହ । ଦୀର୍ଘଶ୍ୱାସଟିଏ ପକାଇଲି ମୁଁ ।

ନେତାମାନେ ପରା ଭାଷା କମିଶନର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ହେବ ସେ ନେଇ ବଳ କଷାକଷି କଲେଣି । ଆଉ ଚିଠି ପଢ଼ି ପାରିବେନି କଣ କହୁଛ ? ପଶ୍ଚିମା ନେତାମାନେ ବୋଲୁଛନ୍ ଯେ ମୁଖ୍ୟ କାର୍ଯ୍ୟାଳୟଟା ଆମର୍ ଇଆଡ଼େ ହେଉ । ଦକ୍ଷିଣୀ ନେତାଏ ବି ଛାଡ଼ିବା ଲୋକ ନୁହନ୍ତି । ତାଙ୍କେ ବି ଫୁଲ୍ ଦମରେ ଅଛନ୍ତି । ଇଆଡ଼େ ମଝିରୁ ସ୍ୱର ଶୁଭିଲାଣି - ହେରା, ଅଫିସଟା ଆମ ଆଡ଼େ କରୁନ କିଆଁ ? ଆଉ ବାଲେଶରିଆ ସମସ୍ତଙ୍କୁ ଗୁଡ଼େ ଗୁଡ଼େ ଜଗିଛନ୍ତି ।

ମୁଁ ହସୁ ହସୁ ରହିଗଲି । ଦେଖିଲୁ ଭାଷା ଭିତରେ ରାଜନୀତିଟା ପୁଣି କେମିତି ପୁରେଇ ଦେଲୁ । ଏଥର ଆମେ ଦୁଇଜଣ ମନଖୋଲା ହସ ହସିଲୁ ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବଜୀୟୁ, କେନ୍ଦ୍ରାପଡ଼ା, ୭୫୪୨୧୨, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨, ଇମେଲ୍ : dr.srmishra@gmail.com

Download Magazine from www.aahwaan.com

କିଛି ପୁରୁଣା ଅନୁଭୂତି : ଭାଲୁକୁଣୀ ଓଷା

ଲଲାଟେନ୍ଦୁ ସାମଲ

ସେଦିନ ଥିଲା ଭାଲୁକୁଣୀ ଓଷା, ମନରେ ଅନେକ କୌତୁହଳ । ମୋ ବୋଉ ଭାଷାରେ ସେଟା ନେଫଡାମୀ । ଆମେ ସେଟା ଶୁଣି ଶୁଣି ଥୋବରା । ସବୁଆଡ଼େ ଏ'ଟା ଚାଲେ । ... ଆମ ନିଜଭାଷା ଯିଏ ଯା ଭାବିଲେ ଠୋ ।

ହଉ ଆଗେଇବା ଏବେ । ପିଲା ଦିନର ସେ ଫେଚକାମିକୁ କିଏ ବା ଅଣଦେଖା କରିପାରିବ । କୌତୁହଳରେ ଆମେ ଛୁଆବ୍ୟଗ୍ର । ସମୟ କେତେବେଳେ ସରିବ.. ସନ୍ଧ୍ୟା ହେବ... ଆଜି ରାତିରେ କିଡ଼ନାପ୍ ହେବେ କିଛି ଆର ସାହି ଛୁଆ.. । ଆମର ପ୍ରତିଦ୍ୱନ୍ଦୀ ... ବବୀବଲ ଖେଳଠୁ ନେଇ ନଈ ବୁଡ଼ା ସବୁଥେରେ... କେହି କାହାକୁ ନ ଦେଖିଲେ ମନରେ ଆଲୋଡ଼ନ ଥାଏ ।

ମୁହଁରେ ତାଙ୍କର ଲାଗିବ ଗୋବର .... ଘଷିକଳା ...

ଆମେ ଗାମୁଛାରେ ମୁହଁ ଲୁଚେଇ ଚାଲିଲୁ ଚିଲର ପାର୍ଟି... ଆମ ସର୍ଦାର୍ ଦୁର୍ଗାଦା.. ବାପିଭାଇ... ଟୁଣୁନା... ଚନ୍ଦନଦା, ନୁଣ୍ଡ ଇତ୍ୟାଦି... ସାଂଗରେ ଆମ ହାପି ବି... ବଡ଼ବାପାଙ୍କ ପୁଅ... ଫେକିବାରେ ଆଉ ଭାଉମରାରେ କେହି ପାରିବେନି... ଗୁପ୍ତ କଥା ରଖିବନି କିଛି ...

ଆମ ବୟସ ସବୁ ୯-୧୦ରୁ ନେଇ ୧୬ ପର୍ଯ୍ୟନ୍ତ... ଚିଲର ପାର୍ଟି ଆମେ ତୟ କଲୁ କିଡନାପ୍ ଟାଇମୀ ୭:୪୦ରୁ ୮:୨୦ ଭିତରେ... କାରଣ ସେ ସମୟରେ ପାବାରକଟ ହଉଥିଲା.... ଆରସାହି ଭାଲୁକୁଣୀ ଟୁଂଗୀଘରକୁ ଚାଲିଲୁ । ସେଠି ଭାଲୁକୁଣୀ ଦେଖିବୁ କାହାର ଭଲ... । ନିଜ ଭିତରେ ମଜା ଚାଲିବ କା ଭାଲୁକୁଣୀ ଭଲ । କା'ର ମନ୍ଦ.. କା' ବାଘ ଭଲ ...ଇତ୍ୟାଦି (..ମନେ ରଖିବେ କି. ଆର ସାହି ମାନେ ଆମ ନିଜ ଭିତରେ ମତଭେଦରୁ ନିଜବଂଶ ଲୋକେ କିଛି ଅଲଗା ହେଇ ୨ଟା ସାହି କରିଦେଇଥିଲେ... ଯଦିଓ କିଛି ମାତ୍ରାରେ

Download Magazine from www.aahwaan.com

ଠିକ ନହେଲ୍ ୮୦ ଘର ରହି ବର୍ଷ ସାରା ଠାକୁରେ ପୁଜା ବି ପାଇ ପାରୁନଥିଲେ ।)

ଚିଲର୍ ପାର୍ଟି ଚାଲିଲେ... ପକେଟରେ ଲୁଚେଇ ରଖିଛୁ କିଛି କାଦୁଅ ତିଆରି ବମ୍ ଗୋଟେ ବଡ ଯୋଜନା ଅଛି କିଏ ଜାଣେ ଆମ ହାପି ବି ଝଟା ବରକୋଳି ଖାଇ ତାଂକ ଦଳର ଗୁଇନ୍ଦାଗିରି କରିବବୋଲି ..

ଡିବୀ ଆଲୁଅରେ ଭାଲୁକୁଣୀ ବହି ପଢା ଚାଲିଛି ତ ସହ ଆମ ଆରସାହି ଦେଇମାନେ ଫୁସ୍ ଫୁସ୍ ହେଇ ଭାବୁଛନ୍ତି... କେତେ ଜଲଦୀ ବହି ପଢାଟା ଅନ୍ଧାରୁଆ ବେଳେ ସରିଯାଉ.. ଭୋଗ ଲଗେଇ କିଛି ଗୋଟେ କରିବେ.. ଗିତ୍ୟାନ୍ତ ଛାଲିବ.... ଆମ ସର୍ଦାର୍ ଦୁର୍ଗାଦା ଗୋବରକୁ ଜରିରେ ରଖି ମୋତେ ଇସାରା କଲା କୋଉଛୁଆକୁ ଉଠେଇବା..... ଅବଶ୍ୟ ୯-୧୦ ବର୍ଷ ଛୁଆକୁ କିଡନାପ୍ କରିବାକୁ ଆମେ ଅଖା, ଲୁଂଗୀ ନେଇ ଯାଇଥିଲୁ... ହା ହା ..

Climax ....>>>> ପଢା ଚାଲିଛି... ଆଉ ୧୦ ମିନିଟ୍ ଅଛି... ସମୟ ପାଖେ କମ୍... ଝିଅ ମାନେ ହୁଳହୁଳି ଦେଲେଣି... ଡିବି ମିଂଜିମିଂଜି ହେଇ ଜଳୁଛି.... ଆମେ ଆଚମ୍ବିତ.. ପ୍ଲାନରେ ଫସର ନ ଫାଟୁ ଇଜ୍ଜତ ପଲେଇବ..... ହଠାତ୍... ଶୁଭନା ମୋତେ ଦେଖିଦେଲେ... କହିଲେ ହେଇ ତୁ ଏଠି କଣ କରୁଛୁ କିରେ... ତୋ ଦେଇ ଖୋଜିକି ଗଲାଣି.. ବ୍ୟସ୍ତ ଅଛି ସେ .... ଆମ ଛୁଆ ୪-ଝଟା କିଏ କବାଟ କଣରୁ ଜୋରରେ ହସିବା ଆରମ୍ଭ କରିଦେଲେ... ଭଣ୍ଡାଫୋଡ଼ ହେଇଗଲା.... ଶୁଭନା ଦେଖିଦେଲେ । କହିଦେବେ.... ମାଡ ପଡିବ...

ମୋ ଛଡା କେହି ଜାଣିନାହାନ୍ତି । ଭାଲୁକୁଣୀ କଡରେ ପଛସାହି ବଡ ବିଲେଇ ଆଇ ବଇଛି.. କିଏ ଜାଣେବା ।

ଗୋବର ଜରି ଅନ୍ଧାରୁଆ ଭାଲୁକୁଣୀ ଘରକୁ ଫୋପାଡିଦେଇ ଦୌଡ଼ିଲୁ ..

ହଠାତ୍ .....ଏ ସମୟରେ କରେଣ୍ଟ ଆସିଗଲାବୋଧେ .....ଆମ ଆରତୀ ଦେଇ ....ଜୋରରେ ଚିଲେଇ କହୁଥିଲା .....

"ଇଲୋ ପୋଉଲୋ ଏତା ପାକ ନା ପିଏଇ "

Download Magazine from www.aahwaan.com

ଅନ୍ତର୍ଦାହ

ଶୁଭକାନ୍ତ ସାହୁ

ରତ୍ନାକର ! ଲୋକଟିର ପ୍ରଥମିକ ଶିକ୍ଷା ବି ସମାପ୍ତ ହୋଇଥିବ କି ନା ସନ୍ଦେହ । ଅଥଚ ତା'ର ଚାଲିଚଳଣି ଆଚାର ବ୍ୟବହାର କହେ ସେ ସଭ୍ୟ ଶିକ୍ଷିତ ଠୁଁ ଆଦୌ ନ୍ୟୁନ ନୁହେଁ । ପରିଶ୍ରମୀ, ମେଳାପି, ବନ୍ଧୁପ୍ରେମୀ, ଭଦ୍ର, ନମ୍ର ଆଉ ପରୋପକାରୀ; ବହୁ ବ୍ୟକ୍ତିତ୍ୱର ଅଧିକାରୀ ସେ ।

ଆପଣଙ୍କର ସହାୟତା କରିବାକୁ କେହି ନାହିଁ ଯେବେ, ରତ୍ନାକର ଆପଣଙ୍କ ସହିତ ଅଛି । ସତରେ ଅନ୍ୟକୁ ସାହାଯ୍ୟ କରିବାରେ ତାକୁ ଯେତିକି ଆନନ୍ଦ ମିଳେ, ନୂଆଁ କରି ଚାକିରି ପାଇଥିବା ଜଣେ ଯୁବକପକ୍ଷେ ସମ ପରିମାଣର ଆନନ୍ଦ ଅଲଭ୍ୟ । ଏମିତି ତ ଅନେକ ମଜିର୍ ରହିଛି ସେ ସ୍ୱୟଂ ସମସ୍ୟା ସାଗରରେ ବୁଡି ରହି ସୁଦ୍ଧା ଆନମୁଖରେ ହାସ୍ୟ ଫୁଟାଇବାରେ ଆଦୌ କାର୍ପଣ୍ୟ ନାହିଁ ତା'ର । ସୁସ୍ଥର ସେ ହିତକାରୀ ଦୁଃସ୍ଥର ସେ ବନ୍ଧୁ । ଏହା ହିଁ ତା'ର ସର୍ବଜନ ପ୍ରିୟତାର ସିଦ୍ଧ ମନ୍ତ୍ର ।

ବିବାହର ଚତୁର୍ଥ ନିଶିରେ ହିଁ ସେ ପ୍ରାଣ ପ୍ରିୟତମା ପତ୍ନୀକୁ ଚେତାଇ ଦେଇଥିଲା ଆତ୍ମ ଜଞ୍ଜାଳରେ ଲିପ୍ତ ନ ରହି ଅନ୍ୟକୁ ସହାୟତା କରିବାରେ ସେ ଯେପରି କୁଣ୍ଠିତା ନ ହୁଅନ୍ତି । ସ୍ୱପ୍ନ ବିଜଡିତ ରାତ୍ରିର ତମସା ବାସ୍ତବତାର କ୍ଲୀଷ୍ଟ ଔଜଲ୍ୟତା ଠାରୁ ଆଦୌ ଶ୍ରେୟସ୍କର ନୁହେଁ । ସହମତି ପ୍ରକାଶ୍ୟେ ସ୍ତ୍ରୀ ବ୍ୟକ୍ତ କରିଥିଲେ ଯେ ସେ ତାଙ୍କ ଆଦର୍ଶର ଅନୁରଣିତା । ତାଙ୍କ ହାତ ଧରି ଜୀବନ ପଥର ଅଦୃଶ୍ୟମାନ ସ୍ଥଳଯାଏଁ ଚାଲିବାର ସଂକଳ୍ପ ସେ ନେଇ ସାରିଛନ୍ତି । ତାଙ୍କ ପ୍ରେମର ଅମୂଲ୍ୟ ନିଧିର ଅମାପ ଅନୁଭବକୁ କେଇ ମୁହୂର୍ତ୍ତ ମଧ୍ୟରେ

Download Magazine from www.aahwaan.com

ସୀମିତ ନରଖି ସେଇ ଗନ୍ତବ୍ୟସ୍ଥଳ ଯାଏଁ ଉପଲବ୍ଧିର ଆଶା ରଖିଛନ୍ତି । ରତ୍ନାକର ପ୍ରବୋଧିଥିଲା ତା'ର ଏ ଅନାବିଳ ପ୍ରେମ କମିବନି ବରଂ ବଢିବ । ସେ ଆଶ୍ୱାସନା ପାଇଲା ତାଙ୍କ ପିଲାମାନେ ଯେତେବେଳେ ପିତୃ ମାତୃ ବିମୁଖ ହୋଇଯିବେ, ସେତେବେଳେ ସେମାନେ ବଞ୍ଚିବାର ଏକମାତ୍ର ସମ୍ବଳ ଥିବ ଏଇ ଭଲପାଇବା ।

ରତ୍ନାକରର ମାଆ ଜଣେ ପ୍ରାଚୀନପନ୍ଥୀ ସ୍ତ୍ରୀ । ପୁତ୍ରକୁ ଉପଦେଶ ଦେଉଥିଲା ସେ ପିଲାମାନଙ୍କୁ ପାଠଶାଠ ଅଧିକ ନ ପଢାଇ କାମରେ ଲଗାଉ, ରୋଜଗାର ଶିଖାଉ । ତେବେ ଯାଇ ସେମାନେ ତା' ଭଳି ଘର ସଂସାର ସମ୍ଭାଳିବେ । ରତ୍ନାକର ଏକାନ୍ତ ମାତୃଉପାସକ ହେଲେ ବି ସେ ମାଆଙ୍କର ଏଇ କେତୋଟି ପ୍ରାଚୀନପନ୍ଥୀ ଚିନ୍ତାଧାରାକୁ ଗ୍ରହଣ କରିପାରୁନଥିଲା । ସେ ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବାର ସଂକଳ୍ପ ନେଇ ସାରିଥିଲା । ରତ୍ନାକର ବେଳେ ବେଳେ ମନସ୍ତାପ କରେ ଯେ ସେ ଅଧିକ ବିଦ୍ୟା ସାଧନ କରିନଥିବାରୁ ବହୁ ଲୋକଙ୍କ ସେବାରୁ ବଞ୍ଚିତ ହେଉଛି । ପିଲାମାନଙ୍କୁ ନିମ୍ନ ଶିକ୍ଷିତ କରାଇ ଏକ ବୃହତ୍ ସମାଜର ସେବାରୁ ସେମାନଙ୍କୁ ବଞ୍ଚିତ କରାଇବ ନାହିଁ ।

ରତ୍ନାକର ଜୀବନର ଉତ୍ତରାବସ୍ଥାରେ ! ପିଲାମାନେ ପ୍ରାପ୍ତବୟସ୍କ ହେଲେଣି । ରତ୍ନାକର ଜୀବନର ସମସ୍ତ ପରିଶ୍ରମର ମୂଲ୍ୟ ବିନିଯୋଗ କରିସାରିଛି ପିଲାଙ୍କ ପଠନରେ । କେବଳ ସ୍ୱଅର୍ଜିତ ଧନ କାହିଁକି, ପିଲାଙ୍କ ପାଠପଢା ସକାଶେ ସେ ପୈତୃକ ସମ୍ପତ୍ତି ମଧ୍ୟ ହରାଇ ସାରିଛି । ସେ କିନ୍ତୁ ଯୁକ୍ତି କରେ ସେ ସମ୍ପତ୍ତି ହରାଇନି ବରଂ ପାଇଛି । ପିଲାମାନେ ତା'ର ବିଦ୍ୟା ମହାସାରର ଗଭୀର ଗଣ୍ଡରେ ସ୍ନାନ କରିଛନ୍ତି, ଶିକ୍ଷିତ ହୋଇଛନ୍ତି । ସେମାନେ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ଏକ ବୃହତ୍ ସମାଜର ସେବା କରିବେ ।

ରତ୍ନାକରର ମନର ବ୍ୟାକୁଳତା ଆଦୌ ବଦଳିନି । କିନ୍ତୁ ବଦଳି ଗଲାଣି ସମାଜର

Download Magazine from www.aahwaan.com

ସ୍ଥିତାବସ୍ଥା । ଏଠି ଭାଇଚାରାର ସଂପର୍କ ଅହରହ ଦୁର୍ବଳତର । ସାହଯ୍ୟର ମୂଲ୍ୟ ହଜିଯାଉଛି ସ୍ୱାର୍ଥପରତାର କରାଳ ଗ୍ରାସରେ । ଏକା ରତ୍ନାକର କିପରି ଜାଣିପାରିଲାନି ତା' ଚାରିପାଖର ପୃଥିବୀ ଏତେ ଶୀଘ୍ର କେମିତି ଏମିତି ବଦଳିଗଲା । ଲୋକ ଗୁଡିକ କିପରି ଏତେ ସ୍ୱାର୍ଥପର ହୋଇଗଲେ ? ସାହାଯ୍ୟ ସହାନୁଭୂତିର କ'ଣ ମୂଲ୍ୟ ଥାଏ ? ଟଙ୍କା ଦେଇ କ'ଣ ୟାକୁ କିଣି ହେବ ? କିନ୍ତୁ ଲୋକଙ୍କ ମନରେ ସମ୍ଭବତଃ ଏହି ଧାରଣା ଦୃଢୀଭୂତ ହେଲାଣି ଯେ ଅର୍ଥ ଆଉ କ୍ଷମତା, ଦୟା, ସାହାଯ୍ୟ ସହାନୁଭୂତି ପାଇଁ ତୋଳିପାରେ ଏକ କୁତ୍ସିତ କବର । ଋତୁ ବଦଳିବା ପରି ରତ୍ନାକରର ପୃଥିବୀ ବଦଳିଯିବା ତା'ର ଅବଜ୍ଞା ନା ଅଜ୍ଞତା ? ଯେଉଁ ମାଟିରେ ପୌରାଣିକ ପୁରୁଷୋତ୍ତମ ଜନ୍ମି ଉଚ୍ଚ ଆଦର୍ଶର ନୀତିଶିକ୍ଷା ବିତରଣ କରିଛନ୍ତି; ଯେଉଁଠି ଜୈନ ବୁଦ୍ଧ ଆବିର୍ଭାବ ହୋଇ ଜୀବନର ଗୁଢ ସତ୍ୟ ଆବିଷ୍କାର କରିବା ସହ କାମନାର ବିନାଶରେ ଦୁଃଖର ବିନାଶ ବୋଲି ଚେତାଇ ଦେଇଛନ୍ତି ଆଉ ଗାନ୍ଧୀ ଗୋପବନ୍ଧୁଙ୍କ ମାନବୀୟ ମୂଲ୍ୟବୋଧ ବିଶ୍ୱ ସମୁହର ଆଦର୍ଶ ମାନ୍ୟତାପ୍ରାପ୍ତ, ସେଇ ମାଟିରେ ସେଇ ଆଦର୍ଶ ଅବହେଳିତ ?

ଶାସନ ଜାଣିନଥିବା କ୍ଷମତା ଲୋଭୀ ରାବଣ ରାଜନୀତିରେ ପ୍ରବେଶ କରିବା ପରଠୁଁ ସବୁରି ହୃଦୟରେ ରାକ୍ଷସ ବସା ବାନ୍ଧିଛି । ଯେଉଁଠି ଆଜି ସଂପର୍କର ମୂଲ୍ୟ ମୂଲ୍ୟହୀନ, ସେଠି ସାହାଯ୍ୟର ମୂଲ୍ୟ କ'ଣ କହିବା ? ଏଠି ସମୟ ଅସମୟ ପୁରପଲ୍ଲୀ ସବୁ ରାଜନୀତି କବଳିତ । ଯେଉଁ ସମାଜ ପାଇଁ ସେ ସଳିତା ଭଳି ଜଳିଯାଇଛି ସେଇ ସମାଜ ଆଜି ତାକୁ ସ୍ୱାର୍ଥପର ଆକ୍ଷେପ କରୁଛି । ଯେଉଁ ଲୋକଙ୍କ ସ୍ୱାର୍ଥ ପାଇଁ ସେ ଆବାଲ୍ୟ ଚେଷ୍ଟିତ, ସେମାନେ ଆଜି କ୍ଷମତା ଲୋଭୀଙ୍କ କ୍ରୀତଦାସ । ବେଳେ ବେଳେ ସେ ଭାବେ ସେ ମଧ୍ୟ ଏମିତି ସ୍ୱାର୍ଥପର ପାଲଟିଯିବ, ମନ୍ତ୍ରୀମାନଙ୍କ ଚାଟୁକାର ହେବ, କ୍ଷମତାର ଅଧିକାରୀ ହେବ । କିନ୍ତୁ ତା' ଛାତି

Download Magazine from www.aahwaan.com

ଭିତରୁ କିଏ ଯେମିତି ମନା କରେ ।

ତା ପିଲାମାନେ ମଧ୍ୟ ଏ ଆସୁରୀ ମାୟାରୁ ମୁକୁଳି ପାରିନାହାନ୍ତି । ପିତା ମାତାଙ୍କ ଆଦର୍ଶ, ନୈତିକତା ସେମାନଙ୍କ ନିକଟରେ ପାଣିଚିଆ ହୋଇଯାଇଛି । ସେମାନେ ଆଧୁନିକ ଯୁଗ ସହ ତାଳ ଦେଇ ଚଳିବା ଶିଖୁଛନ୍ତି । ରତ୍ନାକର ସେମାନଙ୍କ ପାଇଁ କ'ଣ ରଖିଛନ୍ତି ? ତାଙ୍କ ଶ୍ୱଶୁରମାନେ ସେମାନଙ୍କ ପାଇଁ ସୁନ୍ଦରୀ କନ୍ୟା ଆଉ ଅଚଳାଚଳ ସମ୍ପତ୍ତି ରଖିଛନ୍ତି । ସେମାନେ କାହିଁକି ଆଦର୍ଶର ଦ୍ୱାହି ଦେଇ ବାପାଙ୍କ ପରି ତଳିତଳାନ୍ତ ହେବେ ? ଆଦର୍ଶ, ନୀତି ଏସବୁ କେବଳ ଶ୍ରାବ୍ୟ ସୁମଧୁର । କିନ୍ତୁ ଏଥିରେ କ'ଣ ବାସ୍ତବତା କିଛି ଅଛି ? ଶ୍ୱଶୁରଙ୍କ ସୁରମ୍ୟ ବହୁତଳ ପ୍ରାସାଦ ପିଲାଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ । ବୃଦ୍ଧ ରତ୍ନାକରର ଝାଟିମାଟିର ଘର କ'ଣ ଦେଇପାରିବ ସମ୍ମାନ ଓ ସୁରକ୍ଷା ?

ବଡପୁଅର ଅଭିଯୋଗ, ବାପା ଟଙ୍କା ଯୋଗାଡ କରିପାରିଲେନି ବୋଲି ତା'ର ବିଦେଶରେ ପାଠ ପଢା ହୋଇପାରିଲାନି । ସେଥିପାଇଁ ତା'ର ପ୍ରମୋଶନ୍ ଅଟକି ଥିଲା । କିନ୍ତୁ ତା' ଶ୍ୱଶୁର ତାକୁ ସେ ସୁଯୋଗ ଦେଲେ । ତେଣୁ ସେ ଦୁଇବର୍ଷ ବିଳମ୍ବରେ ପ୍ରମୋଶନ ପାଇଲା ।

ସାନପୁଅ କହେ ବାପା ତା'ପାଇଁ କ'ଣ କରିଛନ୍ତି ? ବରଂ ତା' ଶ୍ୱଶୁର ଠିକ୍ ସମୟରେ ସାହାଯ୍ୟ ନ କରିଥିଲେ ସେ ଦେବାଳିଆ ହୋଇ ଯାଇଥାନ୍ତା ।

ପୁଅମାନେ ନୂଆଁ ଡାଡି ପାଇଗଲେଣି ତେଣୁ ପୁରୁଣା ବାପା ଏବେ ଅଲୋଡା ରୁଗ୍ଣ ଜରାଜୀର୍ଣ୍ଣ ବୃଦ୍ଧଟାକୁ ପାଖରେ ରଖିଲେ ସେମାନଙ୍କର ସମ୍ମାନ ହାନି ହେବ, ବରଂ ବୃଦ୍ଧାଶ୍ରମ ତାଙ୍କ ପାଇଁ ସଠିକ୍ ଆଶ୍ରୟ ସ୍ଥଳ । ପୁଅମାନେ ପାଳି କରି ମାସକୁ ମାସ ଟଙ୍କା ଭରିଦେବେ ।

ଦିନେ ପୁଅମାନେ ଗାଡି ଚଢି ଗାଁକୁ ଆସିଲେ । ବହୁଦିନ ପରେ ପୁଅ ମାନଙ୍କୁ ଦେଖି

Download Magazine from www.aahwaan.com

ବୁଢାର ଛାତି କୁଣ୍ଢେ ମୋଟ ହୋଇଗଲା । ପୁଅମାନେ କିନ୍ତୁ ବସିଲେ ନାହିଁ । ସେମାନେ ବାପାଙ୍କୁ ସଫା ସଫା ଶୁଣାଇଦେଲେ ଘର ବିକ୍ରି ହୋଇଯିବ ସେଇ ଟଙ୍କାରେ ବରଂ ସେମାନେ ତାଙ୍କପାଇଁ ବୃଦ୍ଧାଶ୍ରମ ଠିକ୍ କରିଦେବେ । ଆଉ ବଳକା ଟଙ୍କା ସେମାନେ ପ୍ରତି ମାସରେ ପାଳି କରି ପୈଠ କରିବେ ।

ରତ୍ନାକରର ପାଦତଳୁ ମାଟି ଖସିଗଲା । ତା'ର କାନ ତାଡପା ପଡିଗଲା । ସେ କିନ୍ତୁ କାନ୍ଦିପାରିଲା ନାହିଁ । କାଳେ ପିଲାମାନଙ୍କର ଅମଙ୍ଗଳ ହେବ । ଭଲ ହୋଇଛି ଆଜି ବୁଢୀ ନାହିଁ । ସେ ଥିଲେ ବିଚାରୀ ଲୁହ ଢାଳୁଥାନ୍ତା । ବୁଢୀ କଥା ମନେ ପକାଇ ପକାଇ ରତ୍ନାକର ଶୋଇଗଲା । ସେ ଶୋଇଗଲା ଯେ ଶୋଇଗଲା ଆଉ ଉଠିଲା ନାହିଁ ।

ଠିକଣା - ଗୋପବନ୍ଧୁ ହାଇସ୍କୁଲ୍, ପୋଲସରା,
ଗଂଜାମ, ପିନ୍-୭୬୧୧୦୫ ।
ଭ୍ରାମ୍ୟଭାଷ - ୯୮୬୧୭୩୨୨୫୬ ।
ଇମେଲ୍ -- subhakantasahu@rocketmail.com

Download Magazine from www.aahwaan.com

ଜ୍ୱାଟର୍ ରାଇସ୍ ବନାମ ପଖାଳ ଥାଳି

ସୁବଳ ମହାପାତ୍ର

ପଖାଳ କଥା ପଡିଲେ ମନେ ପଡେ 'ଆଇ' କଥା । ସ୍କୁଲରୁ ଫେରି ଆମେ ଦି' ଭାଇ ଯେତେ ଖାଇଥିଲେ ବି ଆଇର ଅଇଁଠା ହାତରୁ ପଖାଳ ଗୁଣ୍ଡେ ଖାଇଦେଲେ ଯେଉଁ ତୃପ୍ତି ମିଳେ, ତାହାର ଲୋଭ ସମ୍ଭାଳି ନପାରି ମା'କୁ ଲୁଚେଇ ଲୁଚେଇ ଦି ଗୁଣ୍ଡା ଖାଇଦେଇ, ପାଟିକୁ ଆସ୍ତେ ବୁଲେଇ କେହି ନଦେଖିଲା ପରି ଖେଳ ପଡିଆକୁ ପଳାଉ ।

ଆଇର ସେ ବାସି ପଖାଳ କଂସା, ପାଗ (ପୋଡା ବିଲାତି, ପୋଡା ଆଳୁ, ପୋଡା ବାଇଗଣ, କଞ୍ଚାଲଙ୍କା, ରସୁଣ ସହ ଆମ୍ବୁଲ କି ତେନ୍ତୁଳି ଖଟା ଚକଟା), ଖାର ପାଣିଆଁ ଶୁଖୁଆ ଖଣ୍ଡେ ସହ ପିଆଜ ଆଉ ବାଡ଼ିରୁ ଲଙ୍କା ଖଣ୍ଡେ ସହ ସେ ବସିଯାଏ, ଆଉ ଆମେ ଦି ଭାଇ ତା'ର ଗ୍ରାହକ । ଦିନେ କି ଦି ଦିନର ବାସି ପଖାଳକୁ ସେ କେମିତି କଣ କରେ ଯେ ଏତେ ସ୍ୱାଦ ଆସେ ଜାଣିନି, କିନ୍ତୁ ସେ ସ୍ୱାଦ କାହିଁ ଆଜି ଯାଏଁ ମୁଁ ଆଉ କେଉଁଠି ପାଇନି ।

ଆଜି ପଖାଳ ଦିବସରେ ଅଫିସ ଯିବାବେଳେ ଫେସବୁକରୁ ପଖାଳ କଂସା ଦେଖି ମନ କ'ଣ ହେଇଯାଉଥାଏ । ଏହା ବୋଧେ ଓଡିଶା ବାହାରେ ଏକୁଟିଆ ରହୁଥିବା ସବୁ ଅବିବାହିତ ଓଡ଼ିଆ ପିଲାଙ୍କର ଦୁଃଖ ଯେ 'ପଖାଳ ଗଣ୍ଡେ ଖାଇ ହେବନି' । ଆହୁରି ଭାରତର ପଶ୍ଚିମ ଓ ଉତ୍ତରରେ ରହୁଥିବା ଲୋକଙ୍କର ଦୁଃଖ ଯେ ଏଠି ଲୋକ ରୁଟି ଖାଆନ୍ତି । ପଖାଳ ସ୍ୱପ୍ନ ।

ଅଫିସରୁ ବାହାରି ଲଞ୍ଚରେ ହୋଟେଲକୁ ଗଲି ଖାଇବା ପାଇଁ । ଖାଇବାରେ ଗୁଜରାଟୀ ଥାଳି । ସବୁଦିନ ପରି ସେ ଥାଳି ଆଉ ଗିନା ତିନୋଟି ଥୋଇ ଦେଇ ଚିରାଚରିତ ଭାବରେ

ତିନିପ୍ରକାର ତରକାରୀ, ଡାଲି, ପାମ୍ପଡ, ଲଙ୍କା, ପିଆଜ, ଆଚାରରୁ ଟିକେ ଥୋଇଦେଇ ଗଲା ରୁଟି ଆଣିବାକୁ । ଆଉ ଜଣେ ଛାସ (ଘୋଳଦହି)ରୁ ଗ୍ଲାସେ ଥୋଇଦେଇ ଚାଲିଗଲା । ଏବେ ଅପେକ୍ଷା ରୁଟି ଆସିବାକୁ । ପାଖରେ ଜଣେ ଗୁଜରାଟୀ ସହକର୍ମୀ । ସାମ୍ନା ଚୌକିରେ ଦୁଇଜଣ ପୁଅ ଆଉ ଝିଅ ଆସିବସିଲେ । ବୋଧହୁଏ ଦିଲ୍ଲୀ ପାଖରୁ । ଗୁଜରାଟୀ ଲାଗୁନଥାନ୍ତି ସେମାନେ । ପାଖ ଟେବୁଲରେ ଗୁଜରାଟୀ ଦୁଇଜଣ ଖାଇ ସାରିବା ଉପରେ । ସେମାନେ ରୁଟି ଖାଇ ସାରି ଭାତ ଦୁଇ ଚାମଚ ପାଇଁ ଅପେକ୍ଷା କରିଥାନ୍ତି । ଗୁଜରାଟୀ ଲୋକ ଆଗ ତରକାରୀ ସହ ରୁଟି ଖାଇ ସାରି ଚାମଚେ ଭାତ ସହ ଡାଲି ଲଗେଇ ଖାଆନ୍ତି । ମୁଁ ବି ସାତବର୍ଷ ରହିବା ଭିତରେ ବୋଧେ ଗୁଜରାଟୀ ହୋଇ ଯାଇଛି । ଘରକୁ ଗଲେ ଓଡ଼ିଆ ହୋଇଯାଏ ପୁଣି ଏଠିକି ଆସିଲେ ଗୁଜରାଟୀ ହୋଇଯାଏ । ସବୁଦିନ ଲଞ୍ଚରେ ଗୁଜରାଟୀ ଥାଳି । ରୁଟି ଖାଇସାରି ଭାତ ଦି ଚାମଚ ।

ଏବେ ସେ ପିଲାଟି ଭାତ ଧରି ସେମାନଙ୍କୁ ଦେବା ପାଇଁ ଆସିଲା । ଭାତ ଆଉ ଛାସ (ଘୋଳଦହି) ଏକାଠି ଦେଖି ଆଜି କିଛି ଅଲଗା କରିବା ପାଇଁ ଇଚ୍ଛା ହେଲା । ସେମାନଙ୍କ ଆଗରେ କେମିତି କରିବି ? କିଏ କଣ ଭାବିବ ? କିଛି ଚିନ୍ତା ବି ମୁଣ୍ଡରେ ନଥିଲା, ଥିଲା ତ ଖାଲି ପଖାଳ ଗଣ୍ଡେ ଖାଇବାର ସ୍ୱପ୍ନ । ପିଲାଟିକୁ ଡାକିଲି ଆଉ ଥାଳିରେ ଭାତ ଦେବା ପାଇଁ କହିଲି । ସେ ଚାମଚେ ଦେଇ ଥରେ ଚାହିଁଲା । ମୁଁ କହିଲି, 'ଆଉ..' । ପୁଣି ଦୁଇ ଚାମଚ । ପୁଣି କହିଲି, 'ଆଉ..' । ପୁଣି ଦୁଇ ଚାମଚ । ସେ ଅଟକି ଯିବାର ଦେଖି ତା ହାତରୁ ଭାତ ଜାଗା ନେଇ ପ୍ରଥମେ ଅଧା ଭାତ ଢାଳି ଦେଲି ମୋ ଥାଳିରେ । ଆଉ ଗୋଟେ ଗ୍ଲାସ ଛାସ ଆଣି, ଥାଳିରେ ସବୁଯାକ ଛାସ ଢାଳିବାର ଦେଖି ସେ ପିଲା ସହ ମୋ ସହକର୍ମୀ, ସାମ୍ନାରେ ବସିଥିବା ସେ ପୁଅ ଆଉ ଝିଅ ଆଉ କିଛି ଯିବା ଆସିବା ଲୋକ ବି ଚାହିଁଲେ । ଟିକେ ଲାଜ

Download Magazine from www.aahwaan.com

ଲାଗିଲା । ହେଲେ ପଖାଳ... ପଖାଳ...। କାହାକୁ ନ ଅନେଇ ମୁଁ ଲଙ୍କା ଦଳିଦେଲି ସେଥିରେ । ଆଚାର ବି ମିଶେଇ ଦେଲି ଆଉ ଲୁଣ ପକେଇ ପ୍ରଥମ ଗୁଣ୍ଡାଟା ପାଟିରେ ପକେଇ ସାରି ଦେଖିଲା ବେଳକୁ, ହୋଟେଲ ଭିତରେ ବାଘ ଦେଖିଲା ପରି ମୋତେ ଅନେଇଥିଲେ ପ୍ରାୟ ଦଶ ବାରଜଣ ଲୋକ । ସାମ୍ନାରେ ବସିଥିବା ଦିଲ୍ଲୀ ଝିଅଟି କହି ଉଠିଲା, “I know this. This is called as water-rice. ମେରୀ ମମ ୟେ କଭି କଭି ଖାତି ହେ ।” ସାହସ ବଢିଯାଇଥିଲା । କହିଲି, “Do you want to try ?” “Sure” କହି ସେ ମୋ ଥାଳିରୁ ଗୁଂଡେ ନେଇ ପାଟିରେ ପକେଇଲା ଆଉ ଆଙ୍ଗୁଠିରେ superbର symbol ଦେଖେଇଲା ବେଳକୁ ମୋତେ ଆଉ ତାକୁ ଦେଖୁଥିବା ଲୋକଙ୍କ ପାଟିରେ ବୋଧେ ଲାଳ ଆସି ସାରିଥିଲା । ସେମାନେ ମଟ ମଟ କରି ଆମ ଦି ଜଣଙ୍କୁ ଦେଖୁଥିଲେ । ମୋ ସହକର୍ମୀ ଆଉ ସେ ଝିଅ ସହ ଥିବା ପିଲାଟି ବି ଚାମଚରେ ଚାମଚେ ଚାମଚେ ନେଇ ପାଟିରେ ପକେଇ ସାରିଥିଲେ । ହଠାତ ଝିଅଟି ପାଟିରୁ ଶୁଣିଲି, “ଭୈୟା, ମେରେଲିଏ ଭି ଐସା ଲେ କେ ଆଓ”, ହୋଟେଲ ପିଲାକୁ ସେ ପାଟିକରି କହୁଥିଲା । ଶଙ୍କି ଯାଇଥିବା ଓଡ଼ିଆ ଛାତିଟା ଗର୍ବରେ ଫୁଲି ଉଠୁଥିଲା । ତା ଦେଖାଦେଖି ମୋ ସହକର୍ମୀ ଆଉ ସେ ଝିଅ ସହ ଥିବା ପୁଅ ବି “ମେରେଲିଏ ଭି”... “ମେରେଲିଏ ଭି ”... ବୋଲି କହି ସାରିଥିଲେ ।

ଓଡ଼ିଆ ପଖାଳ ଖିଆଟା ମୋ ପାଖରୁ ସେମାନଙ୍କ ପାଖକୁ ସଂକ୍ରମିତ ହୋଇ ସାରିଥିଲା ....

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

Download Magazine from www.aahwaan.com

ସ୍ମାର୍ଟ୍ ଫୁନ୍ - ୧

ଶୁଭମ୍ ନାଏକ

ଏନ୍ତା ନାଇଁକି ପାତ୍ର ବାବୁ ଫୁନ୍ ନାଇଁ ଧରୁଥାଇ । ଧରୁଥାନ୍ ହେଲେ ଫରକ୍ ଏତକି ଯେ ଆଘ ସୁଇଚ୍ ଚିପୁଥିଲେ ଆରୁ ଏଖେନ୍ କାଁଚ୍ ଛିଉଛନ୍ ଇଥିର୍ ଭିତରେ ପାତ୍ରବାବୁ କହେସନ । ବୁଝଲ ବିଶ୍ୱାସ ଆଘର ଫୁନଟା ବନେଥିଲା ହୋ ଇହାଦେ ଗୁପାତନା ଲାଗସି । ମୁଇଁ ଘାଏ ଘାଏ ଇ ସ୍ମାର୍ଟ୍ ଫୁନ୍ ଭିତରେ ଗୁନ୍ଧଲେଇଁ ହୋଇ ଯାଏସିଁ । ଇଥିରେ ହେନ୍ତା କାଣା ଅଛେ ଆଙ୍କା, ଚଳାବାକେ ସହଜ ଆଏ । ହଇ ଯେ ଆମର ଲେଖେଁ ଗାଁ ଇସ୍କୁଲେ ପାଠ୍ ପଢ଼ି କମ୍ ବୟସନୁ ସରକାରୀ କବାର କରା ଲୋକ୍ କେ ନୁହେଁ ସେ ଇଟା ।

କାଣା କହୁଛନ୍ ଆଙ୍କା ହେନ୍ତା ନୁହେଁ ସେ ଇଟା ସମକର ଲାଗି । ବୁଝଲେ ଆଙ୍କା ଦୁନିଆଁ କେନୁ କେନ୍‌କେ ଗଲାନ । ଆପଣ କେନ୍ ଅଛନ ଆଙ୍କା । ନାଇଁ ହୋ ବିଶ୍ୱାସ ମୁଇଁ ଭାବୁଛେ ଇଟାକେ ଏକ୍ସଚେଞ୍ଜ୍ କରି ନେମି । ମୋର୍ କଥା ଥରେ ଶୁନୁନ୍ ଆଙ୍କା ରହୁନ୍ । ଇହାଦେ ଆପଣ ଇତାର୍ ବ୍ୟବହାର୍ ନାଇଁ ଜାନବାର୍ ବଲି ଏକ୍ସଚେଞ୍ଜ୍ କରମି ବଲି କହୁଛନ । ପଛେ ଜାନଲେ ପସ୍ତାବେ । ହଇ ହୋ କାଣା ପସ୍ତାମି । ବୁଝଲେ ଆଙ୍କା ଆପଣ ଇଥିରେ ଖବରକାଗଜ ପଢ଼ି ପାରିବେ । ଦେଶବିଦେଶର ହାଲଚାଲ୍ ଜାନି ପାରିବେ । ସଥେ କେଁ ଖାଲି କାଣା ହେତକି ଆଙ୍କା, ଆପଣକଁର ଝି ପାଶକେ ପଏସା ପଠେଇ ପାରବେ । ବୁଝଲେ ଆଙ୍କା, ଆପଣ ଯେନ୍ କିଛିଦିନ ପହେଲାନୁ ମୋର ସଙ୍ଗେ ଫୁନରେ ଯେନ୍ କଥା ନାଇଁ ହଉଥିଲେ କାଏ, ଚାଏର୍ ଧାମ ବୁଲି ଆଏମି ବଲି । ତାର୍ ଲାଗି ଇଥିରେ ଆପଣ ସାଙ୍ଗେ ମେଡମ୍‌କଁର ଭି ରେଲ୍ ଟିକେଟ୍ ବୁକିଂ କରିପାରବେ । ବନେ ତ ବଢ଼ିଆଁ କଥା ତ ବିଶ୍ୱାସ । ଆଘନୁ ଇତାର୍ ଗୁନ୍ ମାନେ କାଏଁ ଯେ ନାଇଁ ବଏଲ ? ଆପଣ କେତେବେଳେ ସୁଯୋଗ ଦେଲେ ଯେ ଆଙ୍କା ! ସେ ଯାହା ହଉ ବିଶ୍ୱାସ ବନେ କଥାଟେ ବଏଲ । ଇହାଦେ ଜାନଲି ସ୍ମାର୍ଟ୍ ଫୁନର ଗୁନ୍ ।

ତସଲାଡିହି, ସୁନ୍ଦରଗଡ଼, ଓଡ଼ିଶା

Download Magazine from www.aahwaan.com

ଅନାବନା ଭାବନା

ଡା ସଂଧ୍ୟାରାଣୀ ପାଣିଗ୍ରାହୀ

ହଠାତ୍ ଜଣେ ଘନିଷ୍ଠ ବନ୍ଧୁଙ୍କ ସହ ଦେଖାହେଲା ବହୁତ ବର୍ଷ ପରେ ସେ ମଧ୍ୟ ଅଚାନକ । କିଛି କଥାବାର୍ତ୍ତା ପରେ ସେ ମୋ ଗୀତଲେଖାର ତାରିଫ କରୁ କରୁ ପଚାରିଲେ ତୁମେ କାହାକୁ ପ୍ରେମ କରୁଥିଲ କି.. ଏବେ ସେ ସବୁ ଖୁବ୍ ଭଲ କବିତାରେ ରୂପାନ୍ତରିତ ହୋଇଛି ଓ ତୁମେ ପୋଖତ କବି ପାଲଟି ଯାଇଛ ।

ଭାବନାକୁ ଖୁବ୍ ରଙ୍ଗରେ ସଜାଇ ପାରିଛ ତୁମ । ଆଶ୍ଚର୍ଯ୍ୟ ହେଲି ପ୍ରଥମେ ତାଙ୍କ ମୁହଁରୁ ଏମିତି ଶୁଣି । ବିଚକ୍ଷଣ ବୁଦ୍ଧି ବିବେକବାନ୍ ଭଦ୍ରଲୋକଙ୍କ ଏକଥା ମୋତେ ଟିପ୍ପଣୀ ନା ପ୍ରଶଂସା ବୁଝିବାର ମୋ ସାମର୍ଥ୍ୟର ବାହାରେ ଥିଲା । ତଥାପି ନ ରାଗି ଅଳ୍ପ ହସି କହିଲି କେବେ କଣ ଆପଣ କାହାକୁ ଭଲପାଇ ନାହାନ୍ତି ? ? ଭଲପାଇବା କେବଳ କଣ ଶରୀରକୁ.. ଝିଅଟିକୁ.. ତେବେ ଆପଣ ଲେଖୁନାହାନ୍ତି କବିତା ବା ଗଳ୍ପ । କେବଳ ଭଲପାଇବାକୁ ନେଇ ମୋର ଏ ପ୍ରଶ୍ନବାଚୀ ନା ଆଉ କିଛି । ସେ ବୁଝିଗଲେ ବୋଧହୁଏ । ମୁରୁକି ହସି କହିଲେ ତୁମେ ଖୁବ୍ ଆଗକୁ ଯିବ ଆଉ ଦ୍ରୁତ ଗତିରେ ଚାଲିଲେ । ମୁଁ ଖାଲି ତାଙ୍କର ଯିବା ରାସ୍ତାକୁ ପଛରୁ ଅନାଇ ରହିଲି । ଆଉ ଭାବି ଚାଲିଲି । ସତରେ ଭଲପାଇବାରେ ହିଁ ସବୁ କିଛି ଲେଖିବା ପାଇଁ ଖୁରାକ୍ ଯୋଗାଇବ ? ?

ମୁଁ ହସିଲି.. ମୋ ଉତ୍ତର ମୋ ପାଖରେ ରହିଲା । ଆଗକୁ କଲମ ଚଲେଇବାକୁ ହେବ.. କିଛି ଲେଖିବା ପାଇଁ.. ଆଉ ଅପେକ୍ଷା ନ କରି ପରୀକ୍ଷା ବି ନ ଦେବାକୁ ହେବ ।

ବ୍ରହ୍ମପୁର, ଓଡ଼ିଶା

Download Magazine from www.aahwaan.com

ଅନୁବାଦ ସାହିତ୍ୟ

Download Magazine from www.aahwaan.com

ଏକ ସୁନ୍ଦର ମୋଡ଼

ମଧୁସ୍ମିତା ପଟ୍ଟନାୟକ

ମୂଳ ହିନ୍ଦୀ-ସୁଧା କସେରା

ଓଡିଆ ଅନୁବାଦ-ମଧୁସ୍ମିତା

"ସମୟ ବଦଳି ଥିଲା ସତ,ହେଲେ ଆମ ଦୁହିଁଙ୍କର ଭାବନାରେ ତିଳେମାତ୍ର ପରିବର୍ତ୍ତନ ଆସିନଥିଲା;କିନ୍ତୁ ପରିସ୍ଥିତି ଆମକୁ ଶବ୍ଦ ଚୟନ କରିବା ସମୟରେ ସଂଯମତା ରକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଉଥାଏ । ତେଣୁ ତାର ବନ୍ଧୁତାର ପରିସର ମଧ୍ୟରେ ରହିବା ପାଇଁ ମୁଁ ବହୁତ ଭାବିଚିନ୍ତି ସମ୍ଭାଳି ସମ୍ଭାଳି ଶବ୍ଦସବୁ ବ୍ୟବହାର କରୁଥାଏ । ସେ ସମୟରେ କେତେ କଠିନ ଥିଲା ନିଜର ଭାବନା ସବୁକୁ ବ୍ୟକ୍ତ କରିବା ପାଇଁ..ବୟସଟା ପରା ଥିଲା ସେମିତି !ସେ ବୟସରେ ଅବ୍ୟକ୍ତ ଭାବନାକୁ ପ୍ରକାଶ କରିବା ପାଇଁ ଉପଯୁକ୍ତ ଶବ୍ଦ ବ୍ୟବହାରର ଜ୍ଞାନ ନଥିଲା । ଆଉ ଏବେ ଅପାର ଜ୍ଞାନ ଥିବା ସତ୍ତ୍ୱେ ନିଜର ଭାବନାକୁ ପରିପ୍ରକାଶ କରିବାର ସ୍ୱାଧୀନତା ହିଁ ନାହିଁ ।"

ଯାଦୁ ଭଳି କାମ କରିଥିଲା ମୋବାଇଲ ସ୍କ୍ରିନ୍ ଉପରେ ଲେଖା ହୋଇଥିବା ସୁନୀଲର ସେଇ ଗୀତର ଗୋଟିଏ ଧାଡି । ସେ କିଛି ନକହି ମଧ୍ୟ ବହୁତ କିଛି କହିଦେଲା.. କିଛିତ ଭୁଲି ନଥିଲା ସେ ! ପନ୍ଦର ଦିନର ସେଇ ପରିଚୟରେ ଏଇ ଗୀତଟି ହିଁ ଥିଲା ଯାହାକୁ ଗୁଣୁଗୁଣେଇ ସେ ନିଜର ସମସ୍ତ ଭାବନାକୁ ବ୍ୟକ୍ତ କରୁଥାଏ । ଆଉ ମୁଁ ନିଃଶବ୍ଦରେ ସେଇ ଗୀତର ଅର୍ଥରେ ନିଜକୁ ଖୋଜୁଥାଏ । ନିଜର ଭାବଭଙ୍ଗୀ ଦ୍ୱାରା ସ୍ୱୀକାର କରିନେଇଥିଲି ତା'ର ମୌନ ନିମନ୍ତ୍ରଣକୁ । ଦୀର୍ଘ ତିରିଶିବର୍ଷ ପରେ ସୋସିଆଲ ମିଡ଼ିଆରେ ତା'ର ନାଁ ସାଙ୍ଗକୁ

Download Magazine from www.aahwaan.com

ଔପଚାରିକତାପୂର୍ଣ୍ଣ ସନ୍ଦେଶଟିଏ "ହ୍ୟାଲୋ ପୂଜା, କେମିତି ଅଛ ?" ମୋ ମନରେ ଝଡ଼ ସୃଷ୍ଟି କରୁଥାଏ । ପରିସ୍ଥିତି ଆଉ ସମୟର ବହଳ ଚାଦର ତଳେ ଚାପି ହୋଇ ତାର ଅସ୍ତିତ୍ୱ କେବେଠୁ ମୋ ପାଇଁ ଶେଷ ହୋଇ ଯାଇଥିଲା । କଥାରେ ଅଛି ଯଦି ରକ୍ଷଣ ବେକ୍ଷଣ ଠିକ୍ ଭାବରେ କରା ନଯାଏ ତେବେ ମହଲ ମଧ୍ୟ ଭୂତଖାନାରେ ପରିଣତ ହୋଇଯାଏ । ସେଥିରେ ପୁଣି ସେ ବୟସ ମଧ୍ୟ ଥିଲା ସେମିତି.. କିଶୋରାବସ୍ଥା ! ସେଇ ବୟସରେ ନାଁ ତ ଭବିଷ୍ୟତର କୌଣସି ସ୍ୱପ୍ନ ଥାଏ, ନା'ତ କୋଉ ପ୍ରତିଜ୍ଞା । ବାସ୍ ଖାଲି କାହାର ମୂକ ପ୍ରଶଂସାଭରା ଆଖିରେ ଆଖି ମିଶିଯିବା ମାତ୍ରେ ଏକ ଅଜଣା ରୋମାଞ୍ଚ ଅନୁଭବ ହେବା ସହ ମନଖାଲି ସୁନ୍ଦର ସ୍ୱପନ ସଜେଇବାରେ ଲାଗିପଡେ । ସମୟ ସତରେ ବହୁତ ବଳବାନ୍ । ସବୁ ପ୍ରକାରର ଭଲ-ମନ୍ଦ ଘଟଣାକୁ ଭୁଲିବା ପାଇଁ ମଲମ ପରି କାମ କରେ । ହେଲେ ଏଇ ନୂଆ ଟେକ୍ନୋଲୋଜି ତ ମୋର ଅତୀତକୁ ସାକ୍ଷାତ ମୋ ସାମ୍ନାରେ ଆଣି ଠିଆ କରେଇଦେଲା । ଶାନ୍ତ ସମୁଦ୍ରରେ ଝଡ଼ ସୃଷ୍ଟି କରି ଦେଇଥିଲା ତା'ର ଉପସ୍ଥିତି ।

ମୁଁ ଚିନ୍ତାରେ ପଡିଗଲି.. ଏହା ମୋ ପାଇଁ ବରଦାନ ନା ଆଶୀର୍ବାଦ ! ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ଏ ଘଟଣାର କୌଣସି ଔଚିତ୍ୟ ଥିଲା ପରି ମନେ ହେଉନଥାଏ । ଖାଲି ଯାହା ଇଏ ମନକୁ ଆନ୍ଦୋଳିତ କରି ବ୍ୟତିବ୍ୟସ୍ତ ହିଁ କରେଇବ । ପ୍ରଥମରୁ ଔପଚାରିକତା କଥାବାର୍ତ୍ତାରୁ ଜାଣିଲି ଯେ ଭୋପାଳରେ ରହୁଛି । ମୁଁ ତ ମୁମ୍ବାଇରେ ତଥା ସେ ସେଠି, ଉଭୟେ ନିଜ ନିଜର ପରିବାର ସହ ଜୀବନ ବିତାଉଛୁ । ଦିନେ ଅଚାନକ ମୋବାଇଲ ସ୍କ୍ରିନ୍ ଉପରେ ତା'ର ସେଇ ଗୀତର ଲାଇନ୍‌କୁ ପଢ଼ି ମୋ ମନର ଅବସ୍ଥା ଠିକ୍ ସେମିତି ହୋଇଥିଲା ଯେତେବେଳେ ପ୍ରଥମଥର ତା'ର ଆଖିର ନୀରବ ପ୍ରେମ ନିବେଦନକୁ ଦେଖି ହୋଇଥିଲା । ତା' ହେଲେ ସେ କ'ଣ ଆଜି ପର୍ଯ୍ୟନ୍ତ କିଛି ଭୁଲି ନଥିଲା ! ସେଇ ଗୀତର ପଂକ୍ତିକୁ ପଢ଼ି

Download Magazine from www.aahwaan.com

ପ୍ରତିକ୍ରିୟା ସ୍ୱରୂପ ତିରିଶବର୍ଷ ତଳର ସେଇ ଅବ୍ୟକ୍ତ ଭାବନାକୁ ଦବେଇ ରଖିବାରେ ମୁଁ ଅସମର୍ଥ ହୋଇ ପଡୁଥାଏ । ଶେଷରେ ବିବଶ ହୋଇ ପଡିଥିଲି ପ୍ରତ୍ୟୁତ୍ତର ଦେବାଲାଗି ।

ମୁଁ ଲେଖିଲି.. ତୁମର କ'ଣ ତା'ହେଲେ ସବୁକିଛି ମନେ ଅଛି.. ? ଏବେ ଆମ ଦୁହିଁଙ୍କ ପାଇଁ ପରିସ୍ଥିତି ଅନୁକୂଳ ନାହିଁ । ହେଲେ ଆମ ସାଙ୍ଗ ହିସାବରେ କଥାବାର୍ତ୍ତା ତ କରିପାରିବା । ଆମେ ଦୁହେଁ ଏବେ ନିଜ ନିଜ ଦାୟିତ୍ୱରୁ ମୁକ୍ତ ହୋଇ ସାରିଛେ । ତେଣୁ ସମ୍ପର୍କ ଏହି ନୂଆ ମୋଡ଼ ଯୋଗୁଁ ନିଜ ପରିବାର ପ୍ରତି ଥିବା ଦାୟିତ୍ୱବୋଧରୁ ତ ଆମେ ଦୂରେଇ ଯାଇ ପାରିବା ନାହିଁ, ହେଲେ ବୟସର ଏଇ ଅପରାହ୍ନରେ ଯେଉଁ ଶୂନ୍ୟତା ଆସି ଯାଇଛି ନିଶ୍ଚୟ ପୂରା କରି ପାରିବା । ତୁମର ସ୍ଥାନ ଆଉ କେହି ନେଇ ପାରିବେ ନାହିଁ । ମୋ ହୃଦୟରେ ଆଜି ମଧ୍ୟ ସେହି ସ୍ଥାନ ଖାଲି ପଡିଛି..; ଏ ମେସେଜ୍ ପଠେଇ ସାରିଲା ପରେ କିନ୍ତୁ ମୋ ଭିତରେ ଏକ ଅଜଣା ଗ୍ଲାନିଭାବ ଆସିଗଲା । ତା'ର ସେହି ମେସେଜ୍ ପଛରେ କି ଉଦ୍ଦେଶ୍ୟ ଅଛି ନ'ଜାଣି ନବୁଝି ମୁଁ କେତେ କ'ଣ ଲେଖି ପକେଇଲି.. !

ଏତେ ବର୍ଷ ଭିତରେ ତା' ବ୍ୟକ୍ତିତ୍ୱର କି ପ୍ରକାର ପରିବର୍ତ୍ତନ ଆସିଥିବ ? ତା'ର ଚିନ୍ତାଧାରା କେମିତି ହୋଇଥିବ ? ସେସବୁ ପଢ଼ି କ'ଣ ଭାବିବ ସେ ? ଜଣେ ମହିଳା ବାହା ହେଲା ପରେ ମଧ୍ୟ ପରପୁରୁଷ ସହ ସମ୍ପର୍କ ରଖିବାକୁ ଚାହୁଁଛି.. ! ହଁ, ପରପୁରୁଷ ଥିଲା ସିଏ ! ତା' ସହିତ ସେଇ ପନ୍ଦରଦିନ ସମ୍ପର୍କ ମାତ୍ର । ଏତେ ବର୍ଷର ପରେ ଏଇ ସମ୍ପର୍କ କୌଣସି ନିକଟତର ସମ୍ପର୍କ ଆଡକୁ ମଧ୍ୟ ଇଙ୍ଗିତ କରୁନାହିଁ । ବିଶେଷ କରି ଆମେ ପରସ୍ପରକୁ ଯେଉଁ ସମୟରେ ଭେଟିଥିଲୁ, ସେତେବେଳେ ଝିଅମାନଙ୍କର ଏ ପ୍ରକାର ଖୋଲାଖୋଲି ମିଳାମିଶାକୁ ଆମର ଏଇ ପୁରୁଷପ୍ରଧାନ ସମାଜ ନିର୍ଲ୍ଲଜତାର ଆଖ୍ୟା ଦେବାକୁ ପଛେଇନଥାନ୍ତା । ତା'ଛଡା ଆମ ସଂସ୍କାର ମଧ୍ୟ ଆମକୁ ଏହି ଶିକ୍ଷା ହିଁ ଦେଉଛି ।

Download Magazine from www.aahwaan.com

କାଶ୍ ! ଏମିତି କିଛି ବଟନ୍ ଥାନ୍ତା କି ଯାହାକୁ ଦବେଇବା ମାତ୍ରେ ପଠା ଯାଇଥିବା ମେସେଜ୍‌ଟା ଡିଲିଟ୍ ହୋଇଯାନ୍ତା ! ଭୟଭୀତ ହୋଇ ନିଜ ଫୋନର ସ୍କ୍ରୀନରୁ ତ ମେସେଜ୍‌କୁ ଡିଲିଟ୍ କରିଦେଲି ହେଲେ ତା'ର ଉତ୍ତର ପଢ଼ି ମୋର ଆତ୍ମଗ୍ଲାନି ଆହୁରି ବଢ଼ିଗଲା । ତା'ର ଜବାବ୍ ଥିଲା କିଛି ଏହିପରି.. ମୁଁ କେବଳ ତୁମର ବନ୍ଧୁତା ଚାହେଁ । ଏତେଟା ଇମୋସନାଲ ହେବା ଠିକ୍ ନୁହେଁ ! ମୁଁ ତାର ପ୍ରତ୍ୟୁତ୍ତରରେ ଲେଖିଲି, ମତେ କିଛି ସମୟ ଦରକାର..

ଖରାପ ହୋଇଗଲା ମନଟା । ଭୁଲିତ ଯାଇଥିଲି ମୁଁ ସବୁକିଛି । ନିଜର ନୀରସ ବିବାହିତ ଜୀବନ ସହ ବୁଝାମଣା କରି ନେଇଥିଲି । ଏବେ ଏସବୁ କଣ ପାଇଁ ହେଉଛି ? ବୟସର ଯେଉଁ ସୋପାନରେ ମୁଁ ଥିଲି ସେଠି ମୋର ଶାରୀରିକ ଶକ୍ତି ଧିରେ ଧିରେ କମିବାକୁ ଲାଗୁଥାଏ । ଖାଲି ଯାହା ସୁସ୍ଥ ରହିବା ପାଇଁ ତଥା ଶାନ୍ତି ଟିକିଏ ପାଇବା ପାଇଁ ମଣିଷ ଏଣେ ତେଣେ ଘୁରିବୁଲେ ଆଉ ଯେଉଁଠି ଟିକେ ସ୍ନେହ-ଆଦର ପାଏ ସେଠିକି ସବୁବେଳେ ଯିବାକୁ ଚାହେଁ । ଦେଖିବାକୁ ଗଲେ କିଶୋର ଅବସ୍ଥା ଆଉ ଏଇ ପରିଣତ ବୟସରେ ଦାୟିତ୍ୱମୁକ୍ତ ମାନସିକତା ଓ ଆବଶ୍ୟକତା ମଧ୍ୟରେ ବିଶେଷ କିଛି ଫରକ ନଥାଏ ।

ମୁଁ ଭାବୁଥିଲି ଭଲପାଇବାକୁ କେବେବି ବନ୍ଧୁତାରେ ପରିବର୍ତ୍ତନ କରାଯାଇ ପାରିବ ନାହିଁ । ବନ୍ଧୁତା ଓ ଭଲପାଇବା ମଧ୍ୟରେ ସୀମାରେଖା ଟାଣିବା ଅସମ୍ଭବ । ମୁଁ ମନେ ମନେ ନିଷ୍ପତ୍ତି ନେଇ ସାରିଥିଲି ନିଜ ଭାବନା ଉପରେ ପୁରା ନିୟନ୍ତ୍ରଣ ରଖିବି ଏବଂ ତା' ଆଗରେ ଏସବୁକୁ ବ୍ୟକ୍ତ ହେବାକୁ ଦେବିନାହିଁ । କିନ୍ତୁ ପ୍ରଥମେ ପ୍ରଥମେ ଚାଟିଙ୍ଗ୍ କରିବା ସମୟରେ ମନ ହୁଏ ଟିକେ ରୋମାଣ୍ଟିକ କଥା ଲେଖିବାକୁ । ତା'ର ପ୍ରତ୍ୟେକ ବାକ୍ୟରେ ମୁଁ ଯଥାର୍ଥ ଅର୍ଥ ଖୋଜିବାକୁ ଲାଗେ । ବେଳେବେଳେ ଏଥିରେ ଅସଫଳ ହେଲେ ଅତୃପ୍ତ ମନଟା ଉଦାସ ହେବା ସହ ଏକ, ସୁରକ୍ଷିତ ଭାବନା ମନରେ ଘର କରି ବସେ । ବେଳେବେଳେ ଏଇ

Download Magazine from www.aahwaan.com

ସମ୍ପର୍କଟା ଅସ୍ଥାୟୀ ସମ୍ପର୍କ ନୁହେଁ ତ ? ବୋଲି କଥାଟି ମନକୁ ଆସେ । ଯଦି ଏଇ ସମ୍ପର୍କ ଆଗକୁ ବଢ଼େ ତେବେ ପ୍ରତିକୂଳ ପରିସ୍ଥିତିରେ କେମିତି ଆଗକୁ ବଢ଼ିବ ? ମୁଁ ଚାଟିଙ୍ଗ କରି ସନ୍ତୁଷ୍ଟ କରିବାକୁ ଚାହୁଁଥିଲି । ହେଲେ ମୋର ସ୍ୱର ଶୁଣିବା ପାଇଁ ତାର ଅନୁରୋଧରେ ସମ୍ମୋହିତ ହୋଇ ନିଜକୁ ସେଥିରୁ ଦୂରେଇ ରଖି ପାରିଲିନାହିଁ । ଫୋନ୍ କରିବା ମାତ୍ରେ ମୋର ପ୍ରଥମ ବାକ୍ୟ ଥିଲା, ତୁମେ କ'ଣ ମୋତେ ଆଜି ପର୍ଯ୍ୟନ୍ତ ମନେରଖିଛ ?

"ଆରେ, ଯାହାକୁ ଭୁଲି ଯାଇଥା'ନ୍ତି ତାଙ୍କୁ ସିନା ମନେ ପକାଯାଏ । କିନ୍ତୁ ତୁମକୁ ତ, ମୁଁ କେବେବି ଭୁଲି ନଥିଲି । ତୁମର ସ୍ମୃତି ସହ ବଞ୍ଚିବା ଶିଖିଯାଇଥିଲି ମୁଁ । ତୁମେ ଯେ ମୋଠୁଁ ଦୂରରେ ଅଛ ବୋଲି ମୋତେ କେବେ ଲାଗି ନାହିଁ.. ଏହିପରି ଭାବେ ସେ ଆଉ ମୁଁ ଦୁହେଁ ମିଶି ଆମର ସେଇ ସୁପ୍ତ ସ୍ମୃତି ସବୁକୁ ଶବ୍ଦର ନୂତନ ପୋଷାକ ପିନ୍ଧେଇବା ଆରମ୍ଭ କରିଦେଲୁ ।

ସମୟ ବଦଳିଥିଲା ସତ ହେଲେ ଆମ ଦୁହିଁଙ୍କ ଭାବନାରେ ତିଳେ ମାତ୍ର ପରିବର୍ତ୍ତନ ଆସି ନଥିଲା । କିନ୍ତୁ ପରିସ୍ଥିତି ଆମକୁ ଶବ୍ଦ ଚୟନ କରିବା ସମୟରେ ସଂଯମତା ରକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଉଥାଏ । ତେଣୁ ତାର ବନ୍ଧୁତାର ପରିସର ମଧ୍ୟରେ ରହିବା ପାଇଁ ମୁଁ ବହୁତ ଭାବିଚିନ୍ତି ସମ୍ଭାଳି ସମ୍ଭାଳି ଶବ୍ଦସବୁ ବ୍ୟବହାର କରୁଥାଏ । ସେ ସମୟରେ କେତେ କଠିନ ଥିଲା ନିଜର ଭାବନା ସବୁକୁ ବ୍ୟକ୍ତ ପ୍ରକାଶ କରିବା ପାଇଁ.. ବୟସଟା ପରାଥିଲା ସେମିତି ! ସେ ବୟସରେ ଅବ୍ୟକ୍ତ ଭାବନାକୁ ପ୍ରକାଶ କରିବା ପାଇଁ ଉପଯୁକ୍ତ ଶବ୍ଦ ବ୍ୟବହାରର ଜ୍ଞାନ ନଥିଲା ଆଉ ଏବେ ଅପାର ଜ୍ଞାନ ଥିବା ସତ୍ତ୍ୱେ ନିଜର ଭାବନାକୁ ପରିପ୍ରକାଶ କରିବାର ସ୍ୱାଧୀନତା ହିଁ ନାହିଁ ।

କଥାବାର୍ତ୍ତା ଶେଷ ହୋଇଗଲା ପରେ ମନ ବ୍ୟାକୁଳ ହୋଇ ଉଠେ ଯେମିତି କିଛି ଗୋଟେ ଅପୂର୍ଣ୍ଣତା ରହିଯାଉଛି ଭାବି । ମୁଁ ତାକୁ ହରେଇବାକୁ ଚାହୁଁ ନଥିଲି । ତେଣୁ ମନେ

Download Magazine from www.aahwaan.com

ମନେ ଏହାର ପରିଣତି ଉପରେ ଛାଡ଼ି ଦେଲି । ମୁଁ ତ କୌଣସି ପ୍ରକାର ଚେଷ୍ଟା କରିନଥିଲି ତାକୁ ଦେଖା କରିବା ପାଇଁ ! ଯେ ବୋଧେ ସବୁ ଭଗବାନଙ୍କ ଲୀଳା । ଜୀବନରେ କାହା ସହ ଦେଖା ହେବା ପଛରେ କିଛି ନା କିଛି ଉଦ୍ଦେଶ୍ୟ ଥାଏ । ମୋର ଅସ୍ଥିର ତଥା ନିରାଶରେ ଭରା ମନକୁ ସାହାରା ଦେବା ପାଇଁ ଭଗବାନ ତାକୁ ମୋ ସହ ଯୋଡ଼ିଛନ୍ତି ବୋଧେ ।

ପନ୍ଦରଦିନର ସେଇ ମିଳାମିଶାରୁ ମୁଁ ଏତିକି ଜାଣି ଯାଇଥିଲି ଯେ ସେ ଆମର ଏଇ ନୀରବ ପ୍ରେମକୁ ବହୁତ ଗମ୍ଭୀରତାର ସହ ନେଇଛି । ହେଲେ ଆମର ସାମାଜିକ ଚଳଣୀ ଯେପରି ଥିଲା ସେପରି ପରିସ୍ଥିତିରେ ଏସବୁ କଥାର କୌଣସି ଭବିଷ୍ୟତ ନଥିଲା । ଆମ ଭିତରେ ଚାଲିଥିବା ଚିଠି ଦିଆନିଆ ହଠାତ୍ ବନ୍ଦ ହୋଇଯିବାରୁ ତାର ଅସଲ କାରଣ କ'ଣ ଜାଣିବାକୁ ଚେଷ୍ଟା ନକରି ବାହାଘର ପୂର୍ବରୁ ତା'ର ଚିଠିଗୁଡ଼ିକୁ ମାଟିରେ ପୋତି ସେଇ ସମ୍ପର୍କକୁ ସବୁଦିନ ପାଇଁ ମାଟିରେ ମିଶେଇ ଦେଇଥିଲି । କିନ୍ତୁ ପରେ ଜାଣିଲି ମୋ ଦ୍ୱାରା ଲେଖା ହୋଇଥିବା ଚିଠି ତା' ବଡଭାଇଙ୍କ ହାତରେ ପଡ଼ିଯିବାରୁ ଆମର ଚିଠି ଦିଆନିଆ ଉପରେ ଅଙ୍କୁଶ ଲଗାଇ ଦିଆଯାଇଥିଲା । ବାଦଲରେ ଯେଉଁ ପରି ଭାବେ ବିଜୁଳି ତାର ଅସ୍ତିତ୍ୱକୁ ଚମକାଇ ଜାହିର କରେ ଠିକ୍ ସେହିପରି ସେ ମଧ୍ୟ ମୋର ଧୂମିଳ ହୋଇ ଯାଇଥିବା ମାନସପଟରେ ବେଳେବେଳେ ତା'ର ଉପସ୍ଥିତି ଜାହିର କରେ । ପୁଣି ବାଦଲ ହଟିଗଲା ପରି ସବୁକିଛି ଶୂନ୍ୟରେ ମିଳେଇ ଯାଏ ।

ଏବେତ ପ୍ରତ୍ୟେକ ଦିନ କଥାବାର୍ତ୍ତା ଚାଲୁ ହୋଇଗଲା । ସମୟ ମଧ୍ୟ ନିର୍ଦ୍ଧାରିତ କରିନେଇଥିଲୁ କଥାବାର୍ତ୍ତା ହେବା ପାଇଁ । ଫୋନ୍ ଆସିବା ପୂର୍ବରୁ ଗୋଟେ ବ୍ୟସ୍ତ ବ୍ୟସ୍ତ ଭାବ ସାଙ୍ଗକୁ ଫୋନ୍ କରିବା ସମୟରେ ଏକ ଅଜଣା ରୋମାଞ୍ଚର ଅନୁଭବ ହୋଇଥାଏ । କେହି ଯେପରି ନଦେଖନ୍ତି ସେଇଭଳି ଯାଗାରେ ଯାଇ କଥାବାର୍ତ୍ତା ହୁଏ । ବେଳେବେଳେ

Download Magazine from www.aahwaan.com

ଗୋଟେ ଅପରାଧ ଭାବନା କିନ୍ତୁ ମନକୁ ଆସେ.. ଏମିତି କି ପାପ କରୁଛି ଯେ ସ୍ୱାମୀଙ୍କୁ ଲୁଚେଇ କରିବାକୁ ପଡୁଛି ? କେବଳ କଥାତ ହେଏଛି..! କି ପ୍ରକାର ସମ୍ପର୍କ ଇଏ..? ଏ ସମ୍ପର୍କ ଏତେ ପବିତ୍ର ହେବା ସତ୍ତ୍ୱେ ବିବାହ ପରେ ଏହାକୁ ଅନୈତିକ ବୋଲି ହିଁ କୁହାଯାଏ । ଆମେ ରାଧାଙ୍କ ସହ କୃଷ୍ଣଙ୍କର ଅଲୌକିକ ପ୍ରେମଗାଥା ଗାଇ ଗାଇ ଥକୁନେ । ରାଧାଙ୍କ ନାଁ ରେ ସାରା ବୃନ୍ଦାବନ ନଗରୀ ଗୁଞ୍ଜରିତ ହେଉଥିଲା ବେଳେ ଏଠି ଲୌକିକ ପ୍ରେମକୁ ବ୍ୟଭିଚାରର ଆଖ୍ୟା ଦେଇଥାଉ । ଏ କି ପ୍ରକାର ଦୋମୁହାଁ ମାନସିକତା ?

ସ୍ୱାମୀ ଆମର ଭାବନାକୁ ନ ବୁଝିଲେ ଆମକୁ ମଧ୍ୟ ତାଙ୍କ ସହ ବାଧ୍ୟ ବାଧକତାରେ ସାରା ଜୀବନ କାଟିବାକୁ ପଡ଼େ । ଜୀବନଟା କଣ ହେଇଛି ଏଇମିତି ଶେଷ ନିଶ୍ୱାସ ତ୍ୟାଗ କରିବା ପାଇଁ ? ଏଇ ସମାଜ ଦ୍ୱାରା ପ୍ରସ୍ତୁତ ନିୟମ ଯୋଗୁଁ କେବଳ ମାନସିକ ଶୋଷଣ ହିଁ ହେଉଛି । ଏହି ଆକ୍ରୋଶଭାବ ସିଲ୍ସିଲା ଫିଲ୍ମରେ ଅମିତାଭ ବଚ୍ଚନଙ୍କ ଡାଇଲଗ୍‌ରେ ସ୍ପଷ୍ଟ ଉଜାଗର ହୋଇଛି, 'ଦିଲ୍ କେହତା ହେ ଦୁନିଆକି ହର ଏକ୍ ରଶ୍ମ ଉଠା ଦେ, ଦିଙ୍ଗାର ଯୋ ହମ୍ ଦୋନୋ ମେଁ ହେ, ଆଜ୍ ଗିରା ଦେଁ.. କୌଁ ଦିଲ୍ ମେଁ ସୁଲଗ୍ରେତ ରହେ, ଦୁନିଆକୋ ବତା ଦେଁ.. ହାଁ ହମ୍ରେକା ମୋହବତ୍ ହେ..' ଯେ ଏପରି ଏକ ସମ୍ପର୍କ ଯାହାକୁ ଜୀବନରେ ପ୍ରାଣ ଭରୁଥିବା କହିବା ସହ ଅସମାଜିକ ବୋଲି କୁହାଯାଏ ।

ଯେତେବେଳେ ଫୋନରେ କଥାହୁଏ, ତା'ର କଥା କହିବା ଢ଼ଙ୍ଗରେ ମୁଁ ଢ଼ଳି ଯାଏ । 'ଆଜି ପାଇଁ କଥାବାର୍ତ୍ତା ଏତିକି' ବୋଲି ସେ ତା ପଟରୁ ହିଁ ଜଣେଇ ଦିଏ । ଦିନେ ନିର୍ଦ୍ଧାରିତ ସମୟରେ ତାର ଫୋନ୍ ନଆସିବାରୁ ମନ ଅନାଶତ ଆଶଙ୍କାରେ ଭରିଗଲା । ତା' ସ୍ତ୍ରୀ କ'ଣ ଆମ ଦୁହିଁଙ୍କ କଥାବାର୍ତ୍ତା ହେବା ବିଷୟରେ ଜାଣି ଯାଇ ସେଥିରେ ଆଉ ପୂର୍ଣ୍ଣଚ୍ଛେଦ ପକେଇ ଦେଇ ନାହିଁ ତ ? ହେଲେ ପଛରେ ଜାଣିଲି ସେ ବହୁତ କାର୍ଯ୍ୟବ୍ୟସ୍ତ ଥିବାରୁ କଥା ହୋଇ

Download Magazine from www.aahwaan.com

ପାରିନଥିଲା ବୋଲି । ତାପରେ ଏହି ଘଟଣାର ପୁନରାବୃତ୍ତି ବାରମ୍ବାର ହେବାକୁ ଲାଗିଲା । ମନରେ ସବୁବେଳେ ଏଇ ଅସୁରକ୍ଷିତ ସମ୍ପର୍କକୁ ନେଇ ଭାବ ଜାତ ହେଉଥାଏ ।

ଏମିତି ଧୀରେ ଧୀରେ କଥାବାର୍ତ୍ତା କରିବା ମଧ୍ୟରେ ଦୂରତା ବଢ଼ିବାକୁ ଆରମ୍ଭ ହେଲା । କାହିଁକି ଏପରି କରୁଛ ବୋଲି ପଚାରିବାରୁ ସେ ମତେ ବୁଝେଇ ଦେଲା, ଆମର ସମ୍ପର୍କରେ ଏଇଟା ହିଁ ଠିକ୍ । ଅନେକ କଥାତ ଅଛି ହେବା ପାଇଁ । ମୁଁ ଚାହେଁ ଆମର ଭାବନା ସହଜ ଆଉ ସରଳ ହେଉ । କାରଣ ଏପରି ହେଲେ ଆମ ସମ୍ପର୍କରେ ଏଇ ବ୍ୟାକୁଳତା ଭାବ ଆଦୌ ରହିବ ନାହିଁ ।

ପ୍ରଥମେ ତ ମତେ ଟିକିଏ ଅଖାଡୁଆ ଲାଗିଥିଲା ତାର କଥା ଶୁଣି । ପ୍ରେମ ହେଉକି ବିବାହ ପ୍ରାରମ୍ଭିକ ଦିନଗୁଡାକରେ ଥିବା ମତୁଆଲାପଣ ସମୟ କ୍ରମେ ସମାପ୍ତ ହୋଇ ଜୀବନ ଯେପରି ସାମାନ୍ୟ ହେବାକୁ ଲାଗେ, ଏଠି ମଧ୍ୟ ସ୍ଥିତି ଥିଲା ଠିକ୍ ସେହି ପରି । ମାନେ ତା' ଫୋନ୍‌କୁ ଅନେଇ ବସିବାଟା ଧୀରେ ଧୀରେ କମିବା ସହ ଜୀବନ ମଧ୍ୟ ବ୍ୟବସ୍ଥିତ ହେବାକୁ ଲାଗିଲା । ସମ୍ପର୍କର ଉଷ୍ମତା ଗ୍ରୀଷ୍ମଋତୁରେ ପ୍ରବଳ ରୌଦ୍ରତାପ ପରେ ହୋଇଥିବା ପହିଲି ବର୍ଷାରେ ଭିଜା ମାଟିରୁ ଆସୁଥିବା ବାସ୍ନା ସହ ଶୀତଳତା ପ୍ରଦାନ କଲାପରି ଥିଲା ଏକ ସୁଖଦ ଅନୁଭବ ଯାହାକୁ ଶବ୍ଦରେ ପ୍ରକାଶ କରିବା ସମ୍ଭବ ନୁହେଁ ।

ଆମେ ଦୁହେଁ ଜୀବନରେ ଏଇ ମୋଡ଼ ପହଞ୍ଚିଛୁ ପରସ୍ପର ମଧ୍ୟରେ ଆସିଥିବା ପରିବର୍ତ୍ତନକୁ ଥରେ ଦେଖିବାକୁ ଚାହୁଁଥିଲୁ । 'ଯାହାଁ ଚାହ ତ୍ୱହାଁ ରାହ' (ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ) ର ଉକ୍ତି ଚରିତାର୍ଥ ହୋଇଥିଲା । ଏକ ପାରିବାରିକ ସମାରୋହରେ ଯୋଗ ଦେବା ପାଇଁ ସେ ରହୁଥିବା ସହରକୁ ଯାଇଥିଲି ସ୍ୱାମୀଙ୍କ ସହିତ । ସେଠି ତାକୁ ଦେଖା କରିବାର ମୌକା ମଧ୍ୟ ମିଳିଥିଲା ମୋତେ । ତା' ପରିବାରର ସମସ୍ତେ ଆମର ଏଇ ସମ୍ପର୍କ

Download Magazine from www.aahwaan.com

ବିଷୟରେ ଜାଣିଥିଲେ । ଏସବୁ ସତ୍ତ୍ୱେ ତା'ଘରକୁ ଆସିବା ପାଇଁ ନିମନ୍ତ୍ରଣ ଦେଇ ସେ ଆମର ଏଇ ବେନାମୀ ସମ୍ପର୍କରେ ମୋହର ଲଗେଇଲା ମୁଁ ଖୁସିରେ ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲି ସେତେବେଳେ । ଆଉ ମନେ ମନେ ଗର୍ବ ଅନୁଭବ କରୁଥିଲି ତା' ଜୀବନରେ ଏକ ସ୍ୱତନ୍ତ୍ର ସ୍ଥାନ ଏବେବି ନିଶ୍ଚୟ ରଖିପାରିଥିବା ଯୋଗୁଁ ।

ରାସ୍ତାରେ ରଖା ହୋଇଥିବା ଦୀପକୁ ଉଠାଇ ମନ୍ଦିରରେ ରଖା ଯାଇଥିବା ଦୀପ ସ୍ଥାନରେ ନେଇ ରଖିଥିଲା ସେ । ତା' ପରେ ବଡ଼ କଷ୍ଟରେ ଗୋଟେ ଘଣ୍ଟାର ସମାବେଶରେ ଆମେ ଦୁହେଁ ନିର୍ବିକାର ହେବାର ନାଟକ କରୁଥାଉ ହେଲେ ମନେ ମନେ ନୀରବରେ ଭାବର ଆଦାନ ପ୍ରଦାନ ଚାଲିଥାଏ । ବହୁତ ଖୁସି ହୋଇ ଯାଇଥିଲି ତାର ସୁଖୀ ଗୃହସ୍ଥ ଜୀବନକୁ ଦେଖି । ଆମର ଏଇ ବନ୍ଧୁତାକୁ କୁଶଳତାର ସହ ଏତେ ସୁନ୍ଦର ରୂପ ଦେବାର ପୁରା ଶ୍ରେୟ ତାକୁ ହିଁ ଯିବ । ମୁଁ ତ ଥିଲି ଗୋଟେ ନଦୀ ପରି । ନଦୀର ବନ୍ଧକୁ ଅଚାନକ ଖୋଲି ଦେଲେ ସେ ଯେମିତି ଅବାଧଗତିରେ ଏଣେ ତେଣେ ମାଡ଼ି ଚାଲେ,ମୋର ଅବସ୍ଥା ମଧ୍ୟ ଥିଲା ଠିକ୍ ସେହି ପରି.. ନିର୍ବାଦ ଗତିରେ ଭାବନାରେ ବହି ଯିବା ପାଇଁ ସଦା ତତ୍ପର । କିନ୍ତୁ ସେ ହିଁ ମୋ ଭାବନାକୁ ନିୟନ୍ତ୍ରଣରେ ରଖିଥିଲା । ତା' ହିସାବରେ ସବୁ ଜିନିଷର ଅତିଟା ସବୁବେଳେ ଖରାପ ପରିଣାମ ଦେଇଥାଏ । ସତରେ ! ମୁଁ କେତେ ଭୁଲ୍ ଥିଲି ! ପୁରୁଷମାନେ ଯେ ଖାଲି କାମୁକ ପ୍ରବୃତ୍ତିର ବୋଲି ମନରେ ଥିବା ଧାରଣା ବଦଳି ଯାଇଥିଲା ତା' ସଂସ୍ପର୍ଶରେ ଆସି ।

ସେଠୁ ଫେରିବା ବେଳେ ସୁନୀଲର ଶରୀର ମୋଠୁଁ ଦୂରେଇ ଯାଇଥିଲା ସତ ହେଲେ ମୁଁ ତ ସାଥିରେ ନେଇ ଆସିଥିଲି ଏକ ସୁଖଦ ଅନିର୍ବଚନୀୟ ଅନୁଭବ ! ଲାଗୁଥିଲା ତା' ଶରୀର ହେଉଛି ନଶ୍ୱର ଆଉ ଅନୁଭବରୂପୀ ଆତ୍ମା ଅମର । ମୁଁ ଯାହା ପାଇଲି ତାହା ସବୁବେଳେ ମୋ ସହିତ ରହିବ । ମୋର ବଞ୍ଚିବା ପାଇଁ ଏତିକି ଯଥେଷ୍ଟ ଥିଲା ଯେ ଜଣେ ତ କିଏ ଅଛି

Download Magazine from www.aahwaan.com

ଯିଏ ଅନ୍ତରରୁ ମୋତେ ଦେଖିବାକୁ ଚାହୁଁଛି ।

ଶାୟର ସାହିର୍ ଲୁଧିଆନ୍ୱୀ ଏପରି ସମ୍ପର୍କର ବହୁତ ସୁନ୍ଦର ଭାବେର ବର୍ଣ୍ଣନା କରି ଲେଖିଛନ୍ତି,

"ବୋ ଅଫ୍‌ସାନା ଜିସେ ଅଂଜାମ୍ ତକ୍ ଲାନା ନା ହୋ ମୁମ୍‌କିନ୍,

ଉସେ ଏକ ଖୁବ୍‌ସୁରତ ମୋଡ୍ ଦେକର ଛୋଡନା ଅଛା.."

ଆଜିର ଏଇ ବିକଶିତ ଟେକ୍ନୋଲୋଜି ଯୋଗୁଁ ଯେଉଁଠି ଯୋଗାଯୋଗର ବହୁତ ସାଧନ ଉପଲବ୍ଧ ହୋଇ ପାରିଛି, ସେଠି ସ୍ତ୍ରୀ-ପୁରୁଷଙ୍କ ସମ୍ପର୍କକୁ ନେଇ ଚଳି ଆସିଥିବା ପୁରୁଣା ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ ଅଣାଯାଇ ପାରିବ । ଛାଡ଼ି ଦେବା ବଦଳରେ ଯଦି ଆମେ ବାନ୍ଧି ରଖିବା ଲେଖିବା ତେବେ ଏ ସମ୍ପର୍କ ସାର୍ଥକ ହୋଇଯିବ ଏବଂ ଆମର ଏଇ ନୂଆ ପରିଭାଷା ସହ 'ଏକ ସୁନ୍ଦର ମୋଡ଼' ମଧ୍ୟ ମିଳିଯିବ ।

ମାର୍ଫତ-ମାଳତୀ ବେହେରା

୨୧୭,ୟୁନିଟ-୯(ଫ୍ଲାଟ)

ବାୟାବାବା ମଠ ଲେନ

ଭୁବନେଶ୍ୱର-୨୨

ଭ୍ରାମ୍ୟଭାଷ : ୭୨୦୫୮୫୦୮୩୧

Download Magazine from www.aahwaan.com

ହିଟିଂ ମି

ସୁଧାଂଶୁ ଦ୍ୱିବେଦୀ

ମୂଳ ସ୍ପେନୀୟ କାହାଣୀ : ଫର୍ନାଣ୍ଡୋ ସେରେଣ୍ଟିନୋ

ଓଡ଼ିଆ ଭାଷାନୁବାଦ : ସୁଧାଂଶୁ ଦ୍ୱିବେଦୀ

ଜଣେ ଲୋକ ଛତାରେ ମୋ ମୁଣ୍ଡକୁ ବାରମ୍ବାର ଆଘାତ କରିବା ଅଭ୍ୟାସ ଥାଏ । ପୁରା ପାଞ୍ଚବର୍ଷ ସେ ଛତା ସାହାଯ୍ୟରେ ମୋ ମୁଣ୍ଡକୁ ଆଘାର କରି ଚାଲିଥାଏ । ପ୍ରଥମେ ପ୍ରଥମେ ମୁଁ ତାହା ସହି ପାରୁନଥିଲି । ପରେ ଅଭ୍ୟାସରେ ପରିଣତ ହୋଇଗଲା ।

ତା ନାଁ ମୁଁ ଜାଣେନାହିଁ । ଏତିକି ଜାଣେ, ସେ ଦେଖିବାକୁ ସାମାନ୍ୟ ଧୂସର ରଙ୍ଗର ପେଣ୍ଟପିନ୍ଧେ, କାନମୂଳ ଚୂଳ ସବୁ ଧଳା ହୋଇଗଲାଣି । ୫ ବର୍ଷ ପୂର୍ବେ ଏକ ଅସହ୍ୟ ଗ୍ରୀଷ୍ମ ଦିନରେ ତା ସହ ମୋର ଭେଟ ହୋଇଥିଲା । ଗୋଟିଏ ପାର୍କରେ ଗଛତଳେ ଥିବା ବେଞ୍ଚ ଉପରେ ବସି ପେପର ପଢୁଥାଏ, ଏତିକିବେଳେ ଅନୁଭବ କଲି କେହି ଜଣେ ମୋ ମୁଣ୍ଡକୁ କୌଣସି ବସ୍ତୁଦ୍ୱାରା ସ୍ପର୍ଶ କରୁଛି । ଇଏ ସେହି ଲୋକ ଯିଏ ମୁଁ ଯେତେବେଳେ କିଛି ଲେଖି ବସି ମୋ ମୁଣ୍ଡ ଉପରେ ଭାବହୀନ ହୋଇ ଆଘାର କରେ । ହଠାତ୍ କ୍ରୋଧରେ ମୁହଁ ଫେରେଇ ଦେଖିଲି । ତଥାପି ସେ ମୋ ମୁଣ୍ଡକୁ ଛତାଦ୍ୱାରା ମାରି ଚାଲିଥାଏ । ମୁଁ ପଚାରିଲି, ତୁମେ କଣ ପାଗଳ ?

ଜଣାଗଲା ସେ ଯେମିତି ମୋ ପ୍ରଶ୍ନ ଆଦୌ ଶୁଣିନାହିଁ ।

ତା'ପରେ ମୁଁ ପୋଲିସକୁ ଡାକିବାକୁ ଧମକ ଦେଲି । ତଥାପି ବିନା ଉଦ୍‌ବିଘ୍ନତା ଓ ଶାନ୍ତିରେ ସେ ନିଜ କାମ କରି ଚାଲିଥାଏ । କିଛିକ୍ଷଣ ଅନିଶ୍ଚିତ ସ୍ଥିତିରେ ରହିବା ପରେ ଜାଣିପାରିଲି ତା ବ୍ୟବହାର ବଦଳିବାର ନାହିଁ । ସେଇଠୁ ମୁଁ ଠିଆ ହୋଇପଡ଼ି ତା ନାକରେ

Download Magazine from www.aahwaan.com

ଗୋଟିଏ ମୁଥ ମାରିଲି । ହଠାତ୍ ସେ ସେଇଠି ପଡ଼ିଗଲା । ଏକ ଅସ୍ପଷ୍ଟ ଚିତ୍କାର ତା କଣ୍ଠରୁ ଶୁଭିଲା । ପୁଣି ଯଥାଶୀଘ୍ର ସେ ଠିଆ ହୋଇଗଲା ଓ କିଛି ନ କହି ବାରମ୍ବାର ଛତାଦ୍ୱାରା ମୋ ମୁଣ୍ଡକୁ ଆଘାତ କରି ଚାଲିଲା । ତା ନାକରୁ ରକ୍ତ ବହି ଚାଲିଥାଏ । ତାକୁ ଏତେ ଜୋରରେ ମାରିଥିବାରୁ ମୋ ମନରେ ଦୁଃଖ ଅନୁଭବ ହେଉଥାଏ । ଅତଏବ ସେ ମୋତେ ମାରୁନଥିଲା, କେବଳ ଛତାକୁ ମୋ ମୁଣ୍ଡରେ ଠୁକଉଥିଲା । କିଛି ଯନ୍ତ୍ରଣା ହେଉନଥାଏ । ବସ୍ତୁତଃ ଯେମିତି ମାଛିଟିଏ ମୁଣ୍ଡ ଉପରେ ବସିଗଲେ ଆମେ ଘଉଡ଼େଇ ଦେଉ । କିଛି ଅନୁଭବ କରି ହୁଏନି । ଠିକ୍ ସେହିଭଳି ଅସମଞ୍ଜସ୍ୟ ହେଉଥାଏ ମଥାରେ । ହୁଏତ ସେହି ଛତା ମାଛିଟିଏ ଥିଲା ଯାହାକୁ ବାରମ୍ବାର ମୋ ମୁଣ୍ଡରେ ସାମାନ୍ୟ ଅନ୍ତରାଳରେ ନିରନ୍ତର ବସୁଥିଲା ।

ମୁଁ ଜଣେ ପାଗଳ ହାବୁଡ଼ରେ ପଡ଼ିଯାଇଛି ଏହା ନିଶ୍ଚିତ ହେବାପରେ ସେଠାରୁ ଅନ୍ତରାଳ ହେବାପାଇଁ ଚେଷ୍ଟା ଚଳାଇଲି । କିନ୍ତୁ ସେ ନିଃଶବ୍ଦରେ ଛତାଦ୍ୱାରା ପ୍ରହାର କରି କରି ଅନୁସରଣ କରୁଥାଏ, ଅର୍ଥାତ ମୁଁ ନିରୁପାୟ ହୋଇ ଦୌଡ଼ିବାକୁ ଲାଗିଲି । ସେ ବି ମୋ ପଛରେ ଦୌଡୁଥାଏ । ତା ନିଃଶ୍ୱାସର ଗତି ପ୍ରଖର ହେଉଥାଏ, ଆୟତ୍ତରୁ ଅଣାୟତ ଜଣାପଡୁଥାଏ । ଭାବିଲି ମୋତେ ପୀଡ଼ା ଦେଉଥିବା ସେ ବ୍ୟକ୍ତି ଯଦି ମୁଁ ଏହିପରି ଦୌଡ଼ାଇବି ତା'ହେଲେ ସେ ଅଳ୍ପସମୟ ମଧ୍ୟରେ ଏଇଠି ଶେଷ ହୋଇଯିବ ।

ତା'ପରେ ମୁଁ ମନ୍ଥର ଗତିରେ ଚାଲିବାକୁ ଲାଗିଲି । ବେଳେ ବେଳେ ମୁହଁ ବୁଲେଇ ତାକୁ ଦେଖୁଥାଏ । କୌଣସି ତିରସ୍କାର ବା କୃତଜ୍ଞତାର ଚିହ୍ନ ତା ମୁହଁରେ ନଥାଏ । ପୁଣି ସେ ସେହି ଛତାଦ୍ୱାରା ମୋ ମୁଣ୍ଡକୁ ଠୁକି ଚାଲିଲା, ଭାବିଲି ପୋଲିସ ଷ୍ଟେସନ ଯାଇ ଇନ୍‌ସ୍ପେକ୍ଟରଙ୍କୁ କହିବି, "ଏହି ବ୍ୟକ୍ତି ଛତାଦ୍ୱାରା ମୋ ମୁଣ୍ଡକୁ ମାରୁଛନ୍ତି ।" ବଡ଼ ବିଚିତ୍ର କେସ୍ ଇୟେ । ହୁଏତ ଇନ୍‌ସ୍ପେକ୍ଟର ମୋତେ ସନ୍ଦେହ ଚକ୍ଷୁରେ ଦେଖିବେ । ମୋ ପରିଚୟ ବିଷୟରେ ପଚାରିବେ, ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରି ମୋତେ ନାକେଦମ୍ କରିଦେବେ । ଏଇୟା ବି ହୋଇପାରେ ଏ

Download Magazine from www.aahwaan.com

କେସରେ ଇନ୍‌ସ୍ପେକ୍ଟର ମୋତେ ଓଲଟା ଗିରଫ କରିନେବେ ।

ପୁଣି ମୁଁ ଚିନ୍ତାକଲି ଘରକୁ ପଳେଇଗଲେ ସବୁଠୁ ଭଲ ହେବ । ଘରକୁ ଯିବାପାଇଁ ବସ ଧରିଲି । ସେ ମଧ୍ୟ ବାରମ୍ବାର ମୋ ମୁଣ୍ଡରେ ଆଘାତ କରୁଥିବା ଅବସ୍ଥାରେ ବସରେ ଚଢ଼ିଲା । ମୁଁ ଆଗରେ ଥିବା ସିଟରେ ବସିଗଲି । ସେ ମଧ୍ୟ ଠିକ୍ ମୋ ସାଇଡ୍‌ରେ ଠିଆ ହେଲା ଏବଂ ବାମହାତରେ ରେଲିଂ ଧରି ଡାହାଣ ହାତରେ ଛତାଦ୍ୱାରା ନବୁଝି ନଶୁଝି ମୋ ମୁଣ୍ଡରେ ଠୁକିବାକୁ ଲାଗିଲା । ଯାତ୍ରୀମାନେ ଏହା ଦେଖି ହସର ଆଦାନ-ପ୍ରଦାନ ଆରମ୍ଭ କରିଦେଲେ । ଡ୍ରାଇଭର ରିଅର୍ ମିରର୍‌ରେ ଆମକୁ ଦେଖୁଥାଏ । ଧିରେ ଧିରେ ବସ ଦ୍ୱାରା ଅତିକ୍ରାନ୍ତ ରାସ୍ତା ଖୁସି, ବ୍ୟଙ୍ଗ ମଜାକ୍ ଓ ଅନ୍ତହୀନ ହସ ମଧ୍ୟରେ କଟିଗଲା । ଲଜ୍ଜାରେ ମ୍ରିୟମାଣ ହେଉଥାଏ ମୁଁ । ହସମଧ୍ୟରେ ପ୍ରଭାବିତ ନ ହୋଇ ଯନ୍ତ୍ରଣା ପାଉଥାଏ ।

ମୁଁ ବସରୁ ଓହ୍ଲେଇଲି - ନା - ଆମେ ବସରୁ ଓହ୍ଲାଇଲୁ । ଆଗକୁ ଚାଲିଲୁ । ପ୍ରତ୍ୟେକ ଲୋକ ଆମକୁ ଏକ ଅନ୍ୟଦୃଷ୍ଟିରେ ଦେଖୁଥାନ୍ତି । ମୁଁ ଭାବୁଥାଏ, ଏ ନିର୍ବୁଦ୍ଧିଆ ଗୁଡ଼ା ବୋଧହୁଏ ପୂର୍ବରୁ କେବେ ଜଣେ ଅନ୍ୟ ଜଣକୁ ଛତାରେ ମାରୁଥିବାର ଦେଖିନାହାନ୍ତି ? ପାଞ୍ଚ ଛଅ ଜଣ ଛୋଟ ପିଲା ଆମକୁ ପାଗଲ ଭାବି ଚିତ୍କାର କରିବାକୁ ଲାଗିଲେ ।

ହେଲେ ମୁଁ ଏକ ଯୋଜନା କରିଥାଏ । ଯେତେବେଳେ ମୁଁ ମୋ ଘରେ ପହଞ୍ଚିଲି, ତା ମୁହଁ ଉପରେ ଧଡ଼ାମ କରି କବାଟ ବାଡ଼େଇବାକୁ ଚେଷ୍ଟା କଲି । ତାହା ମଧ୍ୟ ହୋଇପାରିଲା ନାହିଁ । ସେ ବୋଧହୁଏ ମୋ ପ୍ଲାନ୍ ବିଷୟରେ ଜାଣିସାରିଥିଲା । ମୁଁ ଘରେ ପଶିବା ସହ ସେ ବି କବାଟକୁ ଖୁବ୍ ଜୋରରେ ହାତରେ ଚାପି ଧରି ମୋ ସହ ପଶିଗଲା ।

ସେବେଠୁ ସେ ବାରମ୍ବାର ନିଜ ଛତାଦ୍ୱାରା ମୋ ମୁଣ୍ଡକୁ ଠୁକର୍ ମାରି ଚାଲିଛି । ପ୍ରାୟତଃ ସେ ଶୋଉନଥାଏ କି କିଛି ଖାଉନଥାଏ । ମୋତେ ମାରିବା ତାର ଏକମାତ୍ର କାର୍ଯ୍ୟ । ମୁଁ ଯାହା କିଛି କରୁଥାଏ ସେ ବି ମୋ ସାଥିରେ ଥାଏ । ଏପରିକି ମୋର ଅତ୍ୟନ୍ତ ନିଜତମ

Download Magazine from www.aahwaan.com

କାର୍ଯ୍ୟରେ ମଧ୍ୟ । ମୋର ମନେ ପଡୁଛି ପ୍ରଥମେ ପ୍ରଥମେ ତା ପ୍ରହାର ଖାଇ ମୋତେ ନିଦ ହେଉନଥିଲା, କିନ୍ତୁ ଏବେ ଭାବୁଛି ତା ପ୍ରହାର ନ ଖାଇଲେ ନିଦ ଆସୁନାହିଁ ।

ସର୍ବମୋଟ ଆମ ସମ୍ପର୍କ ଠିକ୍‌ଠାକ୍ ନଥିଲା । ଅନେକଥର ମଉକାପାଇ ତାର ଏପରି ବ୍ୟବହାର ପାଇଁ କୈଫିୟତ ମାଗିଛି । ହେଲେ କିଛି ଲାଭ ମିଳିନି । ସେ କିଛି ନ କହି ସେହିପରି ଛତା ଦ୍ୱାରା ମୋ ମୁଣ୍ଡକୁ ଠୁକର ମାରିଚାଲେ । କେତେଥର ମଧ୍ୟ ମୁଁ ତାକୁ ମୁଥ ଚାପୁଡ଼ା ଲାତଗୋଇଠା ମାରିଛି, ଏବଂ ବେଳେ ବେଳେ ସେହି ଛତାରେ ପିଟିଛି । ଅଥଚ ସେ ଚୁପଚାପ, ତା ବ୍ୟକ୍ତିତ୍ୱର ସବୁଠୁ ବଡ଼ କାର୍ଯ୍ୟ, ନିରନ୍ତର ନିଜ କାମରେ ମଜ୍ଜିରହିବା । ଯେମିତି କୌଣସି ସିକ୍ରେଟ୍ ମିସନରେ ଲାଗିରହିଛି । କିବା କୌଣସି ଉଚ୍ଚତମ ଅଧିକାରୀଙ୍କ ଆଦେଶ ପାଳନ କରୁଛି । ତା'ଠି କୌଣସି ଭୌତିକ ପ୍ରତିକ୍ରିୟା ନାହିଁ ଜାଣି ମଧ୍ୟ ମୁଁ ତାକୁ ଅନେକଥର ମାରିଛି । ତାକୁ ଯନ୍ତ୍ରଣା ଅନୁଭବ ହୁଏ ନିଶ୍ଚୟ । ମୁଁ ଜାଣେ ସେ ବଳହୀନ । ମୁଁ ଜାଣେ ସେ ମର୍ତ୍ତ୍ୟ, ମୁଁ ଏହା ମଧ୍ୟ ଜାଣେ ଗୋଟିଏ ମାତ୍ର ଫାଇରିଙ୍ଗରେ ତା'ଠୁ ମୁକ୍ତି ମିଳିଯିବ । ଯାହା ମୋତେ ଜଣାନାହିଁ ବନ୍ଧୁକରେ ତାକୁ ମାରିବା ଠିକ୍ ହେବ ନା ମୋତେ ? ମୋତେ ଏହାବି ଜଣାନାହିଁ ଯେବେ ଆମେ ଦୁହେଁ ମରିଯିବା ଛତାରେ ଆଉ କେହି ମୋତେ ଠୁକର୍ ମାରିବନି । ମୋତେ ଠିକ୍ ଭାବରେ ଜଣା କେବେବି ତାକୁ ବା ନିଜକୁ ମାରିପାରିବି ନାହିଁ ।

ଏବେ ମୁଁ ଜାଣିଲି ସେହି ଛତାର ଠୁକର୍ ବିନା ମୁଁ ଆଦୌ ବଞ୍ଚିପାରିବି ନାହିଁ । ଯେମିତି ଗୋଟିଏ ଚେତାବନୀ ମୋ ଚାରିପଟେ ଛାଇଯାଇଛି । ଗୋଟେ ନୂଆ ଆତ୍ମା ମୋ ଭିତରେ ଭଲମନ୍ଦ ଅନୁଭବ କରୁଛି । ଏଭଳି ଚିନ୍ତାଧାରା ମନ ମଧ୍ୟରେ ଆସୁଛି, ଯେମିତି ସେହି ବ୍ୟକ୍ତି ମୋ ପାଇଁ ସର୍ବାଧିକ ଆବଶ୍ୟକ ହୋଇଥିଲେ ବି କେବେ ଦିନେ ଛାଡ଼ି ଚାଲିଯିବ । ଆଉ ମୋତେ ସେହି ଛତାର ଠୁକର୍ ଆଦୌ ଅନୁଭବ ହେବନି ଯାହାକି ମୋତେ ଗଭୀର ନିଦ୍ରାରେ ଶୋଇବାକୁ ଅନେକ ସହାୟତା କରିଛି... ।

ଯୋଗ ଫର୍ ଲାଇଫ୍

ବିସି-୭୪, ସେକ୍ଟର-୧, ସଲଟ୍‌ଲେକ୍, କୋଲକାତା-୬୪ ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

Download Magazine from www.aahwaan.com

କବିତା ବିଭାଗ

Download Magazine from www.aahwaan.com

ଉତ୍କଳ ଦିବସର ଆହ୍ୱାନ



ଲୋକଶ୍ ପ୍ରଧାନ

ହେ ଉତ୍କଳ ମାତା ବୀର ସନ୍ତାନ
ଉତ୍କଳ ପ୍ରଦେଶ କଲ ସ୍ୱାଧୀନ
ସେହି ଉତ୍କଳର ସନ୍ତାନ ଆଜି ହେ
ଉନ୍ନତିର ପଥେ କର ଗମନ ।।

ଜାତି ନନ୍ଦିଘୋଷ ଯାଇଛି ଅଟକି
ସର୍ବେ ନିଜ ସ୍ୱାର୍ଥେ 'ଛନ୍ତି ବ୍ୟସ୍ତ
ସଜାଗ ହୁଅ ହେ ସ୍ୱାଭିମାନ ରଖି
ନିଜ ଦେଶ କଥା ପ୍ରଥମେ ଚିନ୍ତ ।।

ଦୁର୍ନୀତି ପଥରୁ ଯାଅ ଅପସରି
ନୀତିଯୁକ୍ତ ହୋଇ ଅଗ୍ରସର
ନିଃସ୍ୱାର୍ଥ ଭାବେ ଦେଶ ସେବାରେ
ମନ ପ୍ରାଣ ଢ଼ାଳି ଦିଅ ତୁମ୍ଭର ।।

'କୂପ-ମଣ୍ଡୂକ' ଭାବରୁ ଉଠି
'କଙ୍କଡ଼ା ପ୍ରକୃତି' ମନରୁ କାଢ଼
ଅନ୍ୟର ବିକାଶେ ବାଧା ନ ସାଜି
ନିନ୍ଦା ତିରସ୍କାର ଅଭ୍ୟାସ ଛାଡ଼ ।।

Download Magazine from www.aahwaan.com

"ପରୋପକାର ପୂଣ୍ୟାୟ"

"ବସୁଧୈବ କୁଟୁମ୍ବକମ୍"

ଏଇ ନୀତି ପାଳି ଯାଅ ତୁମ୍ଭେ ଚଳି

ଦେଖାଅ ସବୁଠି ଓଡ଼ିଆଙ୍କ ଦମ୍ ।।

ତେବେ ହିଁ ହୋଇବ ଉତ୍କଳ ଉନ୍ନତ

ଏଥିରେ ନାହିଁ ଜମା ଦ୍ୱିମତ

ଉତ୍କଳ ଦିବସେ ଏହି ଆହ୍ୱାନ

ସର୍ବ ହୃଦୟେ ହେଉ ପୁଲକିତ ।।

ପ୍ରେରକ- ଲୋକେଶ ପ୍ରଧାନ, ନୂଆପଡା, ଓଡ଼ିଶା

Download Magazine from www.aahwaan.com

ଆମ ଉତ୍କଳ ପ୍ରଦେଶ

ଦୀପକ ଷଡ଼ଙ୍ଗୀ

ମାଟି ମାଆ ଆମର ଏଇ
ଉତ୍କଳ ପ୍ରଦେଶ
ଫୁଟାଇଛି ମନେ ଆମର କେତେ
ଉଲ୍ଲାସ ଓ ହର୍ଷ ।
ଏଇ ମାଟି ଦେଇଛି ଆମକୁ
କେତେ ବୀର ଆଉ ବରପୁତ୍ର
ନଦନଦୀ, ପାହାଡ ପର୍ବତ
ସବୁଜିମାରେ ଭରିଛି ସର୍ବତ୍ର ।
ପାଇକ ପୁଅର ରଣ ହୁଙ୍କାରରେ
ଦିନେ ଥରିଥିଲା ଇଂରେଜ ଜାତି
ଚାଲି ଯାଇଥିଲେ ଛାଡି ସେମାନେ
ଲଜ୍ଜାରେ ମଥା ପୋତି ।
ଇତିହାସର ମୁକସାକ୍ଷୀ ହୋଇ
ରହିଛି ଧଉଳୀ ଦଣ୍ଡାୟମାନ
ନିଷ୍ଠୁର ଅଶୋକ ପୁଣି ପାଇଥିଲା
ଏଠି କେତେ ଯଶ ଓ ସମ୍ମ ାନ ।
ଯାନୀ ଯାତରାରେ ପୂଜା ପାର୍ବଣରେ

Download Magazine from www.aahwaan.com

ଏଠି ଲାଗଇ କେତେ ଭେଳି
ରଜ ପରବର ମଉଜରେ ଝୁମି
ସଭିଁଏ ଖେଳନ୍ତି ଦୋଳି ।
ପ୍ରକୃତିର ନିଷ୍ଠୁରତାକୁ ସର୍ବଦା
ସହିଛି ଏ ପ୍ରଦେଶ
ହେଲେ ବି ଓଡିଆ ମନରେ
ନଥାଏ ତିଳେ ମାତ୍ର କ୍ଲେଶ ।
ଶସ୍ୟ ଶ୍ୟାମଳା ସୁଜଳା ସୁଫଳା
ଓଡିଶା ମାଟି ଆମର
ସବୁ ବିପତ୍ତିରୁ ଉଦ୍ଧାରୁ ଥାଆନ୍ତୁ
ପ୍ରଭୁ ହେ କଳା ଠାକୁର ।

ସହକାରୀ ଅଧ୍ୟାପକ
ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ
ଖୋଡାସିଙ୍ଗୀ,ବ୍ରହ୍ମପୁର-୧୦

Download Magazine from www.aahwaan.com

ଓଡ଼ିଆ ଆମେ, ଓଡ଼ିଆ ଆମ ଭାଷା

ସନ୍ତୋଷ ପଟ୍ଟନାୟକ

ଓଡ଼ିଆ ଆମେରେ ସବୁରି ଆଗେ
ଉର୍ଦ୍ଧେ ଆମରି ମଥା
ଗରବେ କହିବା ଓଡ଼ିଆ ଆମେରେ
ଓଡ଼ିଆ ମୋ ମାତୃଭାଷା.....

ଆମରି ଠାକୁର ଜଗତର ନାଥ
ସରଗ ସେ' ମହୋଦଧି
ଉତ୍କଳ ଜନନୀ ପାଦଧୌତ କରେ
ସରିତ ସେ' ମହାନଦୀ....

ଆମରି ମାଟିର ଭଞ୍ଜ, ଗୋପବନ୍ଧୁ
ଦୟାଦ ଆମେ ତାଙ୍କରି
ବାଜିଆ ରକତ ବହୁଛି ଏ ଦେହେ
ହେବରେ କେ ଆମସରି....

ଚଣ୍ଡାଶୋକ ଏଠି ଧର୍ମାଶୋକ ହୋଇ

Download Magazine from www.aahwaan.com

ନୂଆଁଇଛି ତାର ମଥା
ଜଗତ ଜାଣିଛି ତୁମେ' ବି ଜାଣିଛ
ଏଇ ଇତିହାସ କଥା....

ମଧୁଗନ୍ଧ ଛୁଟେ ମାଟିରୁ ଆମରି
ସ୍ନେହ ବୋଳା ଆମଭାଷା
ଭଗ୍ନ କୋଣାରକ ଗର୍ବେ କୁହେ ଆଜି
ଆମ କିରତୀର ଗାଥା....

ଗରବେ କହିବା ଓଡ଼ିଆ ଆମରେ
ଓଡ଼ିଆ ଆମ ଭାଷା
ଡ଼ରିବାନି କେବେ ନୂଆଁଇକି ମଥା
ହଉ ସେ' ପରାଣ ବ୍ୟଥା....

Download Magazine from www.aahwaan.com

ଓଡ଼ିଶା ଓ ଓଡ଼ିଆ

ସାଗର ପ୍ରଧାନ

ଓଡ଼ିଶା ଆମ ଜନମ ଭୂଇଁ
ଓଡ଼ିଆ ମାତୃଭାଷା
ଆମେରେ ସବୁ ନବ କଳିକା
ନୂତନତାର ଆଶା ।

ଓଡ଼ିଆ ବୋଲି ଜାଣେ ଜଗତ
ପ୍ରିୟ ପଖାଳ କଂସା
ହଳ ଲଙ୍ଗଳ ସବୁଜ କ୍ଷେତ
ଆମ ସାହା ଭରସା ।

ଜଗା ବଳିଆ ବଡ଼ଠାକୁର
ଇଷ୍ଟଦେବତା ଆମ
ସୁଖ ଦୁଃଖ ରେ ଶୁଭ ଲଗନେ
ଶୁଭେ ତାଙ୍କରି ନାମ ।

ବାଜିରାଉତ ଧରମ ପଦ
ଏହି ମାଟିର ସୂତ

Download Magazine from www.aahwaan.com

ତାଙ୍କରି କାର୍ଯ୍ୟ ପ୍ରେରଣା ଦିଏ
ମନୁ ଲିଭାଇ ଭୀତ ।

ପୁରୀ କୋଣାର୍କ ଭୁବନେଶ୍ୱରେ
ନାନା ମନ୍ଦିର ଉଭା
ମନ୍ଦିର ଅଙ୍ଗେ ଖୋଦିତ ଛବି
ଅତୀତ ପାଏ ଶୋଭା ।

ଉଦୟଗିରୀ ଲଳିତଗିରୀ
କହେ ବୀରତ୍ୱ କଥା
ଦୟା ଭାର୍ଗବୀ ବଇତରଣୀ
ଗାଏ ପୁରାଣ ଗାଥା ।

ସାଧବ ପୁଅ ଗର୍ବ ଆମର
ଯାଇ ବଣିଜ କରି
ଧନ ଦୌଲତ ନାନା ସମ୍ପଦ
ପୋତରେ ଆଣେ ଭରି ।

ମାଟିର ବୀର ପାଇକପୁଅ

Download Magazine from www.aahwaan.com

ଜାଗ୍ରତ ସିଂହ ସମ
ଫିରିଙ୍ଗି ସାଥେ ଲଢି ଥିଲାସେ
ଦେଖାଇ ପରାକ୍ରମ ।

ଏହି ମାଟିର ସନ୍ତାନ ଆମେ
ଦେହ ରୁଧିର ବୀର
ମାଟିମାଆ ର ସମ୍ମାନ ପାଇଁ
ହେବାରେ ଅଗ୍ରସର ।

ସାଗର ପ୍ରଧାନ, ପଦାଦିଗି, ଗଞ୍ଜାମ
ଭ୍ରାମ୍ୟଭାଷ : ୯୧୨୪୭୭୬୨୮୭

Download Magazine from www.aahwaan.com

ଅଭିନନ୍ଦନ ବିଷୁବ ମିଳନ

ଶ୍ରୀ ରମା କାନ୍ତ ମିଶ୍ର

ଆଜିର ଏ ପୁଣ୍ୟ ତିଥିରେ ବନ୍ଧୁ -
ତୁମକୁ ସ୍ୱାଗତ ଜଣାଏ !
ବହୁପଥ ଶ୍ରମ କରି ଆସିଛ ବନ୍ଧୁ -
ଅନ୍ତର ମୋର ଧନ୍ୟ ହୁଏ !
ବନ୍ଧୁଗଣ ! ମିଳନ ତୁମର ଓ ଆମର
ଚିରନ୍ତନ ଏବଂ ଶାଶ୍ୱତ
ଏ ମିଳନରେ -
ନାହିଁ କିଛି ଆବିଳତା
ନାହିଁ କିଛି ସ୍ୱାର୍ଥ
ସ୍ୱାର୍ଥ ଜଡିତ ସଂସାରରେ
ଏ ମିଳନ ନିଃସ୍ୱାର୍ଥପର ।

ବନ୍ଧୁଗଣ ! ସମବେତ ହୋଇଛୁ
ଆମେ ସବୁ ପରସ୍ପର ପ୍ରତି
ଶ୍ରଦ୍ଧା ଆଉ ସମ୍ମାନ
ଜ୍ଞାପନ କରିବା ପାଇଁ
ପରସ୍ପର ଭାବ -

Download Magazine from www.aahwaan.com

ବିନିମୟ କରିବା ପାଇଁ
ପରସ୍ପରର ସେ ଅକୁହା କଥା
ଶୁଣିବା ପାଇଁ, ଯାହା
ଅନ୍ୟ କେହି ଶୁଣନ୍ତି ନାହିଁ ।

ଆଜିର ଏ ପୁଣ୍ୟ ଦିବସେ
ବାସି ନ ହେଉ ଆମରି ପ୍ରେମ
ବିଶ୍ୱ ନିୟନ୍ତ୍ରାଙ୍କ ଠାରେ ଏହାହିଁ କାମନା ।

କୁହନ୍ତି ଜ୍ଞାନୀ -
ନୂତନ ଆସେ ପୁରାତନକୁ
ସ୍ଥାନଚ୍ୟୁତ କରିବା ପାଇଁ
ଏହାହିଁ ସୃଷ୍ଟି ପ୍ରକ୍ରିୟା
କିନ୍ତୁ ସାହିତ୍ୟ ଜଗତେ -
ନୂତନ ଓ ପୁରାତନ ସର୍ବଦା ସହାବସ୍ଥାୟୀ ।
ଆଜିର ନୂତନ କାଲିକୁ ପୁରାତନ କିନ୍ତୁ -
ସେମାନଙ୍କ ମଧ୍ୟରେ ଥିବା ଅଦୃଶ୍ୟ କଡ଼ିକୁ
ଭାଙ୍ଗିବାର ଶକ୍ତି କାହାରି ନାହିଁ ।

ଆଜିର ଏ ପୁଣ୍ୟ ତିଥିରେ ଆସ ବନ୍ଧୁ !

Download Magazine from www.aahwaan.com

ମିଳିତ ହୋଇ କରିବା ପ୍ରାର୍ଥନା -
ଲେଖନୀ ଆମର ହେଉ ଦୃଢ଼
ଆଦର୍ଶ ଆମର ହେଉ ଦୃଢ଼
ସମ୍ମୁଖରେ ଆମର ଫୁଟି ଉଠୁ
ଏ ଦେଶର, ଏ ଜାତିର ପ୍ରାଚୀନ ଆଦର୍ଶ !

ଏକ ଦିଗେ ବିଭବ
ଅନ୍ୟ ଦିଗେ ଆଦର୍ଶ
ମସି କୁ ଆମ ଟାଣେ
ଥୋଇବା କାହାକୁ ଆଦର୍ଶ କରି ?
ବିଭବ କୁ ନା ଆଦର୍ଶ କୁ ??
ତେଣୁ ପଥଭ୍ରଷ୍ଟ ନ କରୁ ଆମକୁ
ଶକ୍ତି ଓ ବିଭବ ର ମୋହାନ୍ଧ
ଉତ୍ସାହ, ଆତ୍ମବିଶ୍ୱାସ ଓ ସୃଜନ ପ୍ରୟାସ
ସୃଷ୍ଟି କରୁ ଆମର ଏ ମିଳନ
ଅଭିନନ୍ଦନ ଜଣାଏ -
ଆପଣଙ୍କ ବନ୍ଧୁ ରମାକାନ୍ତ ମିଶ୍ର ।

ଭି.ଆଇ.ଏମ. - ୨୬୮
ଶୈଳଶ୍ରୀ ବିହାର
ଭୁବନେଶ୍ୱର - ୭୫୧୦୨୧
ମୋବାଇଲ - ୯୯୩୭୨୬୮୦୧୨

Download Magazine from www.aahwaan.com

ପଥ ନରକ ଗମନ

ଦୁର୍ଗାଚରଣ ପଧାନ

କରମର ଫଳ ଦଇବର ବଳ
ମରଣ ପଥର ଆଶ
ଅମର ପବନ ମର ଅପଘନ
କର ଅରଜନ ଯଶ ।
ଶତ ଜନମର ସତ କରମର
ଫଳ ଏଇ ନର ଘଟ
କଳମଷରତ ଲଭଇ ମନ ତ
କ୍ଷଣ କ୍ଷଣ ଛଟପଟ ।
ନମଣ ସକଳ ତବ ଧନବଳ
ଏଇ ମରତ ଘଟଣ
ଲଭ ଦରଶନ ମହତ ଚରଣ
କର ଧରମ କଥନ ।
ଦରବ ଗରବ ମଉଜ ପରବ
କରଇ ହରଣ ମନ
କହଇ ଚରଣ ଏତକ ବରଣ
ପଥ ନରକ ଗମନ ।

ଜାମପାଲି, ସାଲେପାଲି, ମେଲଛାମୁଣ୍ଡା ଥାନା, ବରଗଡ଼ ଜିଲ୍ଲା, ୭୬୮୦୩୫ ଓଡ଼ିଶା

Download Magazine from www.aahwaan.com

ଏଇ ଜୀବନ

ରଶ୍ମିତା ମହାନ୍ତ

ଜୀବନଟା ବାଲି ଘର ନୁହେଁ ଯେ
ଅପସନ୍ଦ ହେଲେ ଭାଙ୍ଗି ନୂଆ ତୋଳି ହେବ ।
ପଥର ପରି ଶକ୍ତ ନୁହେଁ ଯେ
ନିହଣରେ ମନମୁଖୀ ସ୍ଥାପତ୍ୟ ଗଢି ହେବ ।
-ଏ ତ ଏକ ଚିର ସ୍ରୋତା ନଦୀ ପରି
କଠୋରତାର ଧାରରେ ସୃଷ୍ଟ ନମନୀୟ ଧାରାଟିଏ ।
ସମୟର ବେଗରେ ସ୍ଥିତିକୁ ପରଖି
ବାଟ ଖୋଜି ନିଏ ।
ନା ସେ ବ୍ୟସ୍ତ, ନା ସେ ସ୍ୱସ୍ଥ
ନିଜ ପରିବେଗରେ ସେ ନିଜେ ଅଭ୍ୟସ୍ତ ।
କେବେ ଯୁଗ୍ମ କେବେ ବିଚ୍ଛିନ୍ନ
ନିଜ ତାଳରେ ନିଜେ ନିମଗ୍ନ ।
ଅତୀତଟା ସବୁବେଳେ
ସ୍ମୃତିର ପସରା ନୁହେଁ
ବେଳେବେଳେ ଭୂତ ଭଳି
ଅବାସ୍ତବ ଭୟ ସୃଷ୍ଟି କରେ ।
'ଥିଲା', 'ଅଛି', 'ହେବ' ମଧ୍ୟରେ

Download Magazine from www.aahwaan.com

'ଥିଲା'ର କର୍ତ୍ତୃତ୍ୱ ଜାହିର କରେ
ଓ ଅକାରଣେ 'ଅଛି'ର ସତେଜତା ନଷ୍ଟ କରେ ।
ସୃଜନାତ୍ମକ ନୁହେଁ ଜୀବନର ସବୁ ଆଶା
କିଛି ସ୍ୱାର୍ଥ ବିରୋଧୀ ଭାବନା ମଧ୍ୟ
ମନରେ ଧସେଇ ପଶେ ।
ତାହାରି ତାଡନାରେ ଅତୀତର ଛାଇରେ ବାଞ୍ଛିତ ଆଗତ ବି
ଉଧେଇ ପାରେନା ।
ଆଜି ବୋଲି ଅଛି ଯାହା
'ଗତ 'ର ଭବିଷ୍ୟତ ଓ 'ଆଗତ'ର ଗତ
ତଥାପି ମୋ ଦେଇ ଏ ତିନିର ଯୁଗବତ ଘଟେନା ।

ଭୁବନେଶ୍ୱର, ଓଡ଼ିଶା

Download Magazine from www.aahwaan.com

ବୋଉ

କମଳା ଶତପଥୀ

ତୋ' ପଣତ କାନିର ଗଣ୍ଠି ଭିତରେ
ହଜି ଯାଇଥିବା ମୋ ପିଲାଦିନକୁ
ପୁଣି ଥରେ ଫେରେଇ ଦେ...
ତୋର ସେ ରାଗ, ଗାଳିମନ୍ଦ, ଆକଟ, ମାନ ଅଭିମାନ
ଭିତରେ ହଜି ଯାଇଥିବା
ମୋ ଧୂଳିଖେଳକୁ
ପୁଣି ମୁକୁଳା କରିଦେ ...

ରୋଷେଇ ଘରର ଚିତ୍ରିତ ଧୂଆଁ ଭିତରେ
ତୋର ସେ ଝାଳ ସରସର ମୁହଁ ..
ସ୍ନେହ ମମତା ନିଗିଡି ପଡୁଥିବା ହାତରେ
ପରଷା ହେଉଥିବା ସେ
ଶାଗ ପଖାଳ ବଡି ଛୁଇଁ ପିଠାପଣାର ଅମୃତ ସ୍ୱାଦକୁ
ପୁଣି ଚଖେଇ ଦେ...
ଦେ ବୋଉ,
ମୋର ପିଲାଦିନକୁ ତୁ ଫେରେଇ ଦେ...

Download Magazine from www.aahwaan.com

ଶୀତରାତିର ସେ ଗହଳ ନିଦ
ଖରାଦିନର ତପୃର ସକାଳ
ନିଛାଟିଆ ଦ୍ୱିପହରର ଯେତେ କଳିଗୋଳ
ଆଉ ତା' ସହିତ
'ହେ ଆନନ୍ଦମୟ କୋଟି'ର ବାଧ୍ୟ ସନ୍ଧ୍ୟାବେଳ !
ସବୁକୁ ତୁ ଫେରେଇ ଦେ ବୋଉ...
ମୋ ପିଲାଦିନକୁ ତୁ ଫେରେଇ ଦେ ... !

ପାରିବୁ ତ,
ମତେ କରିଦେ ତୋର ସେଇ ଅମାନିଆ କୁନି ଝିଅ
ଯିଏ ଡରୁଥିଲା ଅନ୍ଧାରକୁ
ବାପାଙ୍କ ନାଲିଆଖି ଆଉ ସାର୍‌ଙ୍କ ବେତକୁ
ସାରା ଦୁନିଆ ପାଖରୁ ଲୁଚେଇ
ଦିନେ ମତେ ରଖୁଥିଲୁ ତୋ' ପଣତ ତଳେ
ଆଜି ସେ ପଣତ ମୁଁ ପୁଣି ଲୋଡୁଛି ବୋଉ...
ପାରିବୁ ତ ମତେ ଆଉ ଥରେ
ସେଥିରେ ଘୋଡେଇ ଦେ.. !
ମୋ ପିଲାଦିନକୁ ତୁ ଖାଲି
ଥରେ ମାତ୍ର ଫେରେଇ ଦେ .. !

Download Magazine from www.aahwaan.com

କୁଞ୍ଜି ମନ୍ଦାର

ସୁଦାମ ଲେଙ୍କା

ବାଡ଼ିରେ ଲଗେଇଛି ମୁଁ କୁଞ୍ଜି ମନ୍ଦାର
ପିନ୍ଧେଇବି ମା'କୁ ମୁଁ ଗୁଚ୍ଛିକି ହାର ।
ମନ୍ଦାର ଫୁଲରେ ତା'ର ଅଧିକ ଶରଧା
ପିନ୍ଧେଇଲେ କଟିଯିବ ଜୀବନର ବାଧା ।
ମନ୍ଦାର ଫୁଲ ସହିତ ଦୁଦୁରା ଟଗର
ମା'କୁ ଦିଶିବ ପୁଣି ଅତୀବ ସୁନ୍ଦର ।
ନିରିମାଖି ମା' ସିଏ ବସିଅଛି ଏକା
ତା'ପାଖକୁ ଯିବାପାଇଁ ମନରେ ଆଶଂକା ।
ଜଣେଇବି ଦୁଃଖ ତାକୁ ପିନ୍ଧେଇ ମନ୍ଦାର
ନମସ୍କାର କରେ ଆଜି ଏହି ନର ଛାର ।
ହେତୁ ପାଇଲା ଦିନଠୁ ଜାଣିଲି ମୁଁ ତତେ
ରକ୍ଷାକର ମା' ମୋତେ ବିପଦେ ଆପଦେ ।
ଜାଣିନାହିଁ ମନ୍ତ୍ର, ଯନ୍ତ୍ର ଜାଣିନାହିଁ ବେଦ
ତତେ ପାଇ ଜୀବନରେ ପାଇଛି ଆନନ୍ଦ ।
ଶୁଖିଲା ପତର ମୁହିଁ ଗଛରେ ଝୁଲୁଛି
କେତେବେଳେ ପଡ଼ିଯିବି ନାହିଁ ତା'ର କିଛି ।

Download Magazine from www.aahwaan.com

ବାଟ ବହୁଦୂର ପୁଣି ରହିଅଛି କଷ୍ଟ
ତତେ ସୁମରିଣ ଗଲେ ନ ଆସଇ ଦୁଷ୍ଟ ।
ଏଣୁ କରି ମୋ ପାଖରେ ନାହିଁ ଆଉ କିଛି
ମନ୍ଦାର ଫୁଲକୁ ଖାଲି ତୋପାଇଁ ରଖିଛି ।
ପୂଜୁଛି ମୁଁ ପୂଜୁଥିବି ଦେଇ ମନ କର୍ଣ୍ଣ
କରୁଛି ଏ ଗୀତକୁ ମୁଁ ଏଠରେ ସମ୍ପୂର୍ଣ୍ଣ ।

ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

Download Magazine from www.aahwaan.com

ଇତିହାସ

ଫିରୋଜ୍ କୁମାର ପଟେଲ

ଘଡ଼େ ବିତିଗଲେ

ବଦଲିଯିବା ଭୂଗୋଲ

ଇତିହାସ ବହିର ଅକ୍ଷରମାନେ

ମତେ ସୁନା ପାଏନ୍ ପିଏଇ ଦେବେ

ହଇପାରେ...

କଲା ଅନ୍ଧାରେ ଫିକି ଦେବେ ।

ହଁସବି କି କାନ୍ଦବି ଯେ

ଜୀବନ ବଁଚେଇ କି ଆସିଛେ

ହେଲେ...

ଲୋକର ଜଙ୍ଗଲେ

ପାଗ ପକେଇ କି ଆସିଛେ ।

ଜାନିଛେ ମୋର ଚଲାବାଟେ

ମୋର ପାହାଁଚିହ୍ନା ରହିଯିବା

ହେଲେ ବଞ୍ଚିବାର ନାମ କି

Download Magazine from www.aahwaan.com

ଇଜ୍ଜତ ନିଲାମର

ବଦନାମ ରହିଯିବା

ଆଏଜ ବିଶ୍ୱାସ ଭିତରେ

ବି ଫୁଟୁଛେ

ଗୁଟେ ଅଲଗା ଅବିଶ୍ୱାସ

କେଜାନେ କାଣା ହେବା;

ମୋର ଇତିହାସ ।

ଅବନକେଲା, ସୁନ୍ଦରଗଡ଼, ଓଡ଼ିଶା

Download Magazine from www.aahwaan.com

ନଗ୍ନ ଚାହାଣୀ

ପ୍ରଜ୍ଞା ପାରମିତା

କୁତ୍ସିତ ଦୃଷ୍ଟିରେ ଉଡ଼ିଯାଏ ଯେବେ
ଅଳସି ସନ୍ଧ୍ୟା ଓଢ଼ଣି
ନଗ୍ନତାର ମୁଖା ପରଳ ପକାଏ
ଶୃଗାଳ ନଗ୍ନ ଚାହାଣୀ ।

ଅଶ୍ରୁ ତର୍ପଣରେ ଭିଜୁଥାଏ ଗାଲ
ବୁକୁ ଉହାଡ଼ରେ ଭୟ,
ସଶରୀର ଧାରି ପିଶାଚଙ୍କ ରଡ଼ି
ପାଦ ନ ହୁଅଇ ଥୟ ।

ସ୍ୱପ୍ନାଭିର ସିନା ଫଲ୍ଗୁ ଥାଏ ବୁଣି
କଳ୍ପନା ଫରୁଆ ତଳେ,
ମୁକ୍ତାକାଶ ତଳେ ବିହଙ୍ଗ ହେବାକୁ
ମଉଳା ମନରେ ଭାଳେ ।

ନିଶିଦ୍ଧ ନିଶିର ଝାପ୍ସା ଆଲୁଅରେ
ଶୁଭେ ଶୃଗାଳଙ୍କ ରଡ଼ି,

Download Magazine from www.aahwaan.com

ଅବରୋଧ ଭାଙ୍ଗେ ଅବକାଶ ପୁଣି
ଆସେ ଅବାଞ୍ଛିତ ଘଡ଼ି ।

ନିଛାଟିଆ ହୁଏ ଜେହ୍ନେ ବେଳାଭୂମି
ଅଧୁରା ପ୍ରଣୟ ତେଜି
ମାଂସାଶୀ କୁକୁର, ଶୃଗାଳ, ବିଲୁଆ
ନିର୍ବିଘ୍ନେ କରନ୍ତି ଭୋଜି ।

ଝାପ୍ସା ଆଲୁଅରେ ତେଜି ହୋଇଉଠେ
ଗଳିର ସଂକୀର୍ଣ୍ଣ ରାସ୍ତା,
ଧୈର୍ଯ୍ୟହରା ହୁଏ ନାରୀ ଜାତି ଏଠି
ଏକି କୁତ୍ସିତ ବ୍ୟବସ୍ଥା ।

ମାହାଙ୍ଗା

Download Magazine from www.aahwaan.com

ସିଦ୍ଧାର୍ଥ



ବିନୟ ମହାପାତ୍ର

ଶରବିଦ୍ଧ ମରାଳର କରୁଣ ଚାହାଣୀ,

ଲହୁ ତାର ବୋହିଗଲା

ତୁମ ଦୁଇ ନୟନରୁ ।

ଆର୍ତ୍ତ ଚିତ୍କାର ତାର ଦବିଗଲା

ତୁମ କୋହଭରା ଦୀର୍ଘ ନିଶ୍ୱାସରେ ।

ଛାତିରେ ଜାବୁଡି ଧରି

ମରାଳର ଆହତ ଶରୀର,

କେତେ କରୁଣରେ କାନ୍ଦିଥିଲ ତୁମେ !

ହେ ଗୌତମ,

କେତେ ଜ୍ଞାନ ଢାଳିଗଲ,

ଦେବବ୍ରତ ବଧୀର କର୍ଣ୍ଣ ଗହ୍ୱରରେ ।

ହେଲେ ଜ୍ଞାନସବୁ ବୋହିଗଲା

ଅହଂକାରୀ ଛିଦ୍ର ଗାଗରୀରୁ ।

ଦେବବ୍ରତ ଜିତିପାରେ ସମଗ୍ର ମେଦିନୀ,

ତୀକ୍ଷ୍ଣ ତାର ଖଡ୍ଗ ପ୍ରହାରରେ ।

Download Magazine from www.aahwaan.com

ଗୌତମ ତ ରହିଯାଏ ପଛେ,

ଗୈରୀକ ବସନ ତଳେ ଆତ୍ମାକୁ ଛୁପାଇ,

ମହାଦ୍ରୁମ ତଳେ ନିର୍ବାଣ ଖୋଜଇ ।

ଅତିଷ୍ଠ ସଂସାରରୁ କନିକାଟି,

ଖସି ଚାଲିଯିବା ପାଇଁ ।

ତୁମେ ତ ଆଖି ବୁଜିଦେଲ,

ଦେଖିଲନି ଥରେ,

ବିରହିଣୀ ରାଜକନ୍ୟା ଯଶୋଧାରା

କେତେଯେ କାନ୍ଦିଛି ଆଉ,

ପିତୃସ୍ନେହ ଟିକେ ପାଇଁ,

ରାହୁଳର ବ୍ୟାକୁଳିତ ମନ ।

ଶିଖାଇ ଦିଅନ୍ତନି ଥରେ,

କେମିତି ସବୁ ଶୁଣି ବି

ବଧୀରର ଅଭିନୟ କରିବାକୁ ହୁଏ ।

ବୁଝାଇ ଦିଅନ୍ତନି ଥରେ,

ସବୁ କିଛି ଜଳଜଳ ଦେଖି ପୁଣି,

ଆଖିରେ ଅନ୍ଧପୁଟୁଳୀ କେମିତି ବାନ୍ଧନ୍ତି ।

ରାଜପୁତ୍ର ତୁମେ, କେମିତି ଯେ ଡରିଗଲ,

Download Magazine from www.aahwaan.com

ରୋଗ, ବାର୍ଦ୍ଧକ୍ୟ ଆଉ ମୃତ୍ୟୁର ଜନ୍ତ୍ରଣା

ନିଜ ନୟନରେ ଦେଖି ?

ରୋଗ, ବାର୍ଦ୍ଧକ୍ୟ, ମୃତ୍ୟୁ,

କଣ ଖାଲି ଜୀବନର ସତ୍ୟ ?

ତେବେ ପୁତ୍ରହରା ପିତା ମାତାର କ୍ରନ୍ଦନ,

ପତି ବିରହରେ ପତ୍ନୀର ଦୁର୍ଦ୍ଦଶା,

ପିତା ସ୍ନେହ ପ୍ରେମ ଟିକେ ପାଇଁ

ପୁତ୍ରର ସେ ବ୍ୟାକୁଳ କ୍ରନ୍ଦନ,

ଇଏ କଣ କେବଳ ମିଥ୍ୟା ପ୍ରହଶନ ?

ମାୟା କେଉଁ ପକ୍ଷୀଟିର ନାମ ?

ଜୀବନର ଚିରନ୍ତନ ସତ୍ୟ ପ୍ରତି

ତୁମର ଯେ ଭୟ,

ସେ କଣ ସ୍ୱ-ପ୍ରେମ ଆଉ,

ସ୍ୱାର୍ଥପରତା ନୁହେଁ ?

ନିଜର ନିର୍ବାଣ କାମନା କରି,

ଅନ୍ୟର ଦୁଃଖରେ ଆଖି ବୁଜିଦେଲ ?

ତୁମକୁ ତ ପଥ ମିଳିଗଲା,

Download Magazine from www.aahwaan.com

ସିଦ୍ଧାର୍ଥଙ୍କୁ ନିର୍ବାଣ ମିଳିଲା ।

ହେଲେ କେତେ ଯେ ସିଦ୍ଧାର୍ଥ ଆଜି,

ପେଷି ହୋଇ ଯାଆନ୍ତି,

ନିଜ ସୁଖଟିକେ ପାଇଁ ନୁହେଁ, ବରଂ

ନିଜ ପରିବାର, ପତ୍ନୀ ପୁତ୍ର

ବନ୍ଧୁଙ୍କର ସୁଖ ଟିକେ ପାଇଁ ।

କେତେ ଧନୁର୍ଦ୍ଧାରୀ ଦେବଦତ୍ତ ଆଜି

ଭ୍ରମନ୍ତି ନିର୍ଭୟରେ ନିରିହ ମରାଳ ସନ୍ଧାନେ ।

ବର୍ତ୍ତିଗଲ ତୁମେ ବୁଦ୍ଧ କିନ୍ତୁ ଦେଖିଲନି ଥରେ

କେତେ ଅସହାୟ ଆଜିର ଗୌତମ,

ଆଉ ଦେବବ୍ରତ ସବୁ ଯେ

ଚିରଞ୍ଜୀବି ହୋଇଗଲେ ।

Download Magazine from www.aahwaan.com

ଯନ୍ତ୍ରଣା

କାର୍ତ୍ତିକେଶ୍ୱର ସାହୁ

ମୁଁ ବୁଝି ପାରେନି
ମୋ କ୍ଷେତ୍ରରେ ଏମିତି କାହିଁକି ହୁଏ
ସମ୍ପୂର୍ଣ୍ଣ ବିପରୀତ, ଅକସ୍ମାତ..
ସେ ମୋର ଚିର ସହଚର,
ପଡୋଶୀରୁ ନିଜର ହୋଇ
ମୋ ସହ ରଚୁଛି ନୀଡ଼,
ରହୁଛି ଅହରହ ।
ମୋର ହୃଦୟର ପ୍ରତିଟି ସ୍ପନ୍ଦନରେ,
ନିଶ୍ୱାସରେ ବିଶ୍ୱାସ ରେ
ଧମନୀର ପ୍ରତିଟି ରକ୍ତବିନ୍ଦୁରେ ।
ଆତ୍ମୀୟ ସ୍ୱଜନ ପରି
ଛାଇଠୁ ନିଜର ହୋଇ
ଆଲୋକରୁ ଅନ୍ଧାରଯାଏଁ ,
ଖୋଜି ଚାଲିଛି ଅହରହ ।
ଏମିତି କେମିତି ..
ଭଲପାଇ ନିଜର କରି ବସିଲା
ସେ ମୋତେ କେଜାଣି ! !

Download Magazine from www.aahwaan.com

ହେଲେ କଣ ବା ଲୋଡ଼ା ଯେ
ମୋର, ଏତେ ପ୍ରେମ ତା ଠୁ..
ଯେତେ ଚେଷ୍ଟା କଲେବି
ମୁକୁଳି ପାରୁନି
ବାରମ୍ବାର ଭିଡ଼ି ଧରୁଛି ସେ ମୋତେ
ତାର ବାହୁବନ୍ଧନରେ ।
ନିଜର ସତ୍ତା ହରାଇ
ମୁଁ ସମର୍ପିତ ହେବା ଛଡ଼ା
ଅନ୍ୟୋନପାୟ ବା କାହିଁ ମୋର
ମୁଁ ତ ଛାର ନିମିତ୍ତ..

"ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ତେଣିକି ଯାଇ..."

ଚଣ୍ଡିଆପଲା
ଭୁଆଶୁଣିପାଟଣା
ଖୋରଧା-୭୫୨୦୬୧
ମୋ-୯୯୩୮୮୩୪୨୪୦

Download Magazine from www.aahwaan.com

ଅଭୁଲା ପ୍ରେମ

ସୁଦର୍ଶନ ସାହୁ

ଜୀବନଠୁ ଭଲପାଏ ମୁଁ ଯାହାଙ୍କୁ
ଭୁଲିପାରିବିନି ତାହାଙ୍କୁ
ଭୁଲିଯିବି ପଛେ ସଭିଙ୍କୁ କିନ୍ତୁ
ଭୁଲି ପାରିବିନି ଜନ୍ମଦାତାଙ୍କୁ - (୧)
କୋଣାର୍କ ସିନା ପ୍ରାଚୀନ ହେଲା
ସମୟର ଅପରାହ୍ନେ
ଆଜି ମୋ ପ୍ରେମ ଅଭଙ୍ଗା ରହିବ
ମାତାପିତା ପାଦଚିହ୍ନେ - (୨)
କେମିତି ଲେଖିଲେ ବୁଝିପାରିବେ ସେ
ମୋ ପ୍ରେମର ଗଭୀରତା
କଲମ ଡାଏରୀ ଧରି ମୁଁ ବସିଲେ
ମନେ ଆସେ କେତେ କଥା - (୩)
ପ୍ରେମପାଇଁ କିଏ ଲେଖୁଛି କବିତା
କିଏ ଲେଖେ ବସି ଗାଥା
ପ୍ରଥମ ପ୍ରେମ ସେ ମଣିଷ କରଇ
ଯିଏ ତା'ର ସୃଷ୍ଟିକର୍ତ୍ତା - (୪)
ମୋ ପ୍ରେମ ମହାତ୍ମ୍ୟ ମତେ ବି ଅଜଣା

Download Magazine from www.aahwaan.com

ଖୋଜେ ପାଏନାହିଁ ନିଜ ଠିକଣା
ମାତାପିତା ଯେବେ ଦୁରେଇ ଯାଆନ୍ତି
ସେ ସନ୍ତାନ ହୁଏ ବାଟବଣା - (୫)
ଅବୁଝା ଏ ମନ ବୁଝେନାହିଁ ଜମା
ଖୋଜୁଥାଏ ରାତିଦିନେ
ଅଫେରା ବାଟର ବାଟୋଇ ହେଲେ ବି
ଅମର ରହିବ ମନେ - (୬)

କ୍ଷୀରୋ, ଷଠିପୁର, ଯାଜପୁର
ଭ୍ରାମ୍ୟଭାଷ : ୭୦୭୭୬୪୬୯୪୧

Download Magazine from www.aahwaan.com

ମୁର୍ଦ୍ଦାର

ଏମ୍. ବିଜୟ କୁମାର

ମୋ' ଜୂ କାହିଁ ଯେ
ପାଟି ଖୋଲିବି,
ମୁହଁତୋଡ଼ ଜବାବ ଦେବି ?
ମୁଁ ତ ପଚାସଢ଼ା ମୁର୍ଦ୍ଦାର
ମୋର କେହି ନାହିଁ ବଲି ତ
ହୋଇପାରିନି ଶବଦାହ
ପରିବାର ଆତ୍ମୀୟ ସୋଦର ।

ହଁ, ମୋର ସବୁ ଥିଲା
ମା' ବାପା, ଭାଇ ଅଜା ଆଇ
ଝଡ଼ ଆସି ପବନରେ ଉଡ଼େଇନେଲା
ନା ବନ୍ୟା ଆସି ପାଣିରେ ବୁଡ଼େଇ ଦେଲା
ଭୂକମ୍ପ ହୋଇ ପାତାଳେ ଚାପିଦେଲା
ନା ମୋତେ ଜଣା ନାହିଁ ।
ରହିବାକୁ ଘରଟିଏ
ହୋଇପାରେ
ଝାଟି-ମାଟି, ନଡ଼ା-ଛପର

Download Magazine from www.aahwaan.com

ଓଳିଏ ଖାଇବାକୁ
ପୋଷେ ଚାଉଳ
ଚଳୁଥିଲା ପରିବାର
ହସଖୁସିର ସ୍ୱର୍ଗ
ମୋ ପାଇଁ ସ୍ନେହମନ୍ଦିର
ସୁଖ-ଦୁଃଖର ସାଥି
ଭାବ-ସମୁଦର ।

ମୁଁ ନାଚାର
କହିବାକୁ ଅନାହାର
ମୁକ, ଅନ୍ଧବଧିର
ମୁଁ ତ ମୁର୍ଦ୍ଦାର
ମୁର୍ଦ୍ଦାର ଅନ୍ୟ ନାଁ କଣ ନା
ଶବ ବା ମୃତଦେହ
ମୁଁ ମୃତ ନୁହେଁ ତ ଆଉ କ'ଣ ?
ରକ୍ତାକ୍ତ, କ୍ଷତାକ୍ତ
ଦୁର୍ଦ୍ଦଶା ଜର୍ଜରିତ
ଯନ୍ତ୍ରଣାରେ ଛଟପଟ
ବାଷ୍ପରୁଦ୍ଧ ନିଶ୍ୱାସ-ପ୍ରଶ୍ୱାସ
ତଥାପି ନିରବ

Download Magazine from www.aahwaan.com

ପେଟର ଭୋକଶୋଷ
ଯାହାର ପାଣି ପବନ
ନିଜ ଅଶ୍ରୁ ରକ୍ତପିଇ
ଜୀଇଁଛି ଜୀବନ
ସେ ମୃତ ନା ଜୀବିତ ?
ପାଟି ଫୁଟି ଯିଏ ମୂକ
ଆଖି ଦେଖି ଯିଏ ଅନ୍ଧ
କାନେ ଶୁଣି ଯିଏ ବଧିର
ଗୋଡ଼ ଥାଇ ଯିଏ ପଙ୍ଗୁ ।

ମୋ ଦିହରେ ଲାଗିଛି
ଅବହେଳାର ହାତ
ଦାଦନର ଛାପ
ଅପମାନ ଉପହାସ
ଶୋଷକ ଶାସକର ବିଦ୍ୱେଷ
ଭୟ ଆତଙ୍କ ଶାସ
ଶୋଷଣର ଇତିହାସ ।

ଉତ୍ତରା ଶାସନ, ଗଙ୍ଗୋତ୍ରୀ ନଗର
ଭୁବନେଶ୍ୱର - ୦୨, ଓଡ଼ିଶା ଭ୍ରାମ୍ୟଭାଷ : ୭୯୭୮୭୮୪୧୩୦

Download Magazine from www.aahwaan.com

ନାରୀ

ହିମାଂଶୁ ଭୂଷଣ ଜେନା

ମୁଁ ଅବଳା ଦୁର୍ବଳା ନୁହେଁ
ମୁଁ ସଂପୂର୍ଣ୍ଣା, ସ୍ୱୟଂପ୍ରଜ୍ଞା, ସୌମ୍ୟା
ମହନୀୟା, ପ୍ରାଣପ୍ରିୟା, ଜନନୀ, ଭଗିନୀ
ସୃଷ୍ଟିର ସର୍ବଶ୍ରେଷ୍ଠ ନିଦର୍ଶନର ସଫଳ ଆବିର୍ଭାବ
ମୁଁ ସର୍ବସଂହା କିନ୍ତୁ ଜଡ଼ ନିର୍ଜୀବ ନୁହେଁ
ମୁଁ ସ୍ୱାବଲମ୍ବୀ, ସ୍ୱାଭିମାନୀ କିନ୍ତୁ ପରାଶ୍ରୟା ନୁହେଁ ।

ମୁଁ ସମନ୍ୱିତ ସ୍ୱରର ଲାଳିତ୍ୟ
ସୁରଭିତ ପୁଷ୍ପର ମହାର୍ଘ
ସଂଗ୍ରାମ-ସଂଘାତର ପୂଣ୍ୟତୋୟା
ପବିତ୍ର ଗଙ୍ଗାଠୁ ବି ପବିତ୍ରା
ଶାଳୀନତା ମୋ ପରିଚୟ
ଉଦାରତା ମୋ ପରିତୃପ୍ତି
ପରୋପକାର ମୋ ଧର୍ମ
ତ୍ୟାଗ ମୋ କର୍ମ

ଗଢ଼ିବା ଯୋଡ଼ିବାରେ ମୋ ଜୀବନ

Download Magazine from www.aahwaan.com

ଶାନ୍ତି ମୈତ୍ରୀ ମୋ ମନନ, ଚିନ୍ତନ

ଶ୍ରଦ୍ଧା ମୋ ପ୍ରୀତିଭରା ସୁମନ

କରିବାକୁ ଆପଣାର

ଅତି ଆପଣାର

ସହକାରୀ ଶିକ୍ଷକ

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

ନିଆଳି, ଯାଜପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୭୬୯୩୩୮୦

Download Magazine from www.aahwaan.com

ଆହେ ନୀଳମଣି

ତୁଷାରକାନ୍ତ ପ୍ରସାଦ

ଆହେ ନିଳମଣି ତୁମ୍ଭର କାହାଣୀ
ଜଗତେ ଶୁଣିଛି କେତେ ?
ତୁମେ ମହାବାହୁ ବାରେ ଦୟାହେଉ
କରୁଛି ଗୁହାରି ତୋତେ ।

ପତିତ ପାବନ ହେ ଦଧିବାମନ
ଜଗତ ଜନ ପାଳକ ।
କରୁଣାର ସିନ୍ଧୁ ଦୀନଜନ ବନ୍ଧୁ
ମୁଁ ଯେ ଅବୋଧ ବାଳକ ।

କମଳ ଲୋଚନ ହେ ଜଗମୋହନ
ଭକତ ଜନଙ୍କ ପ୍ରିୟ ।
ତୁମ ଦୟା ହେଲେ ମୂକ ଗୀତ ବୋଲେ
ଜୀବନ ଯୁଦ୍ଧରେ ଜୟ ।

ମନେ ଦେଇ ଆଶା କଲେ ଲୋକହସା
କା ଆଗେ କହିବି କୁହ ।

Download Magazine from www.aahwaan.com

ହେ କୃପାସାଗର ଥିଲେ ଦୟାତୋର
ଆଖିରୁ ଝରେନି ଲୁହ ।

ଦୁଃଖି ଜନ ଦଶା ଦେଖିତୁ ସହସା
ଛାତିକୁ କଲେ ପଥର ।
ହେ ବଡ଼ଠାକୁର ଜୟ ଗାନ ତୋର
କରିବ କି ଏ ସଂସାର ?

ତୁମେ ଦଇତାରି କେଶବ ମୁରାରି
ବଡ ହଟିଆ ଠାକୁର ।
ଆଗେ ଦିଅ ଲୁହ ଦେଖି ଭକ୍ତ ମୁହଁ
ତୁମଠାରୁ କେ ଚତୁର ।

ତୁଷାରକାନ୍ତ ପ୍ରସାଦ
ବରୀ, ଯାଜପୁର
ମୋ- 9178500548

Download Magazine from www.aahwaan.com

ଜୀବନ

ବୈଚନ୍ଦ୍ର ମଲ୍ଲିକ

ଏ ଜୀବନ ସତେ ଏକ ମୁକ୍ତିର ପୁଣ୍ୟ ପଥ ।
ଲମ୍ବି ଥାଏ ଦୂରେ ପରମାତ୍ମାଙ୍କ ଦିଗନ୍ତ ପ୍ରାନ୍ତକୁ ।୧ ।

ଏ ଜୀବନ ସତେ ଏକ ସୁମଧୁର ପ୍ରେମର ସଙ୍ଗୀତ ।
ସେହି ଗୀତେ ବାନ୍ଧିବାକୁ ଇଚ୍ଛାହୁଏ ବିଶ୍ୱ ଜନମାନଙ୍କୁ ।୨ ।

ଏ ଜୀବନ ସତେ ଏକ ସରଗର ସୁନୀଳ ଆକାଶ ।
ରଙ୍ଗ ଦେହେ ଭରିଦେଇ ଅନ୍ୟ ମନକୁ ରଙ୍ଗିନ୍ କରିବାକୁ ।୩ ।

ଏ ଜୀବନ ସତେ ଏକ ସକାଳର ସୁନେଲି ସୁରୁଜ ।
ଅନ୍ଧକାରେ ଲୁଚିଥିବା ସକଳ ଦୁଃଖକୁ ଦୂର କରିବାକୁ ।୪ ।

ଏ ଜୀବନ ସତେ ଏକ ମୁକ୍ତ ଆକାଶର ବିହଙ୍ଗ ।
ଇଚ୍ଛାହୁଏ ଉଡି ବୁଲି ବିଜୟ ସଙ୍ଗୀତ ଗାଇଯିବାକୁ ।୫ ।

ଏ ଜୀବନ ସତେ ଏକ ଅଙ୍କା ବଙ୍କା ପାହାଡି ଝରଣା ।
ଜଙ୍ଗଲି ନିଆଁକୁ ଦଳିଦେଇ ସକଳ ଜୀବକୁ ଉଦ୍ଧାର କରିବାକୁ ।୬ ।

ଏ ଜୀବନ ସତେ ଏକ ସାଗରର ଢେଉସାଥେ ଖେଳୁଥିବା ନାଆ ।
ଆଶ୍ରିତ ଜନଙ୍କୁ ସାଥେନେଇ ସାତ ସମୁଦ୍ର ପାରି କରିବାକୁ ।୭ ।

ରାସୁଡି,ଡଙ୍କୁଣୀ,ଫୁଲବାଣୀ,କନ୍ଧମାଳ
ଦୂରଭାଷ ନଂ---୮୭୬୩୭୬୮୯୨୬

Download Magazine from www.aahwaan.com

ପ୍ରତାରଣା



ଶ୍ରୀକୃଷ୍ଣ କୁମାର ବେହେରା (ଯତି)

ମିଠା ମିଠା କଥା ତଳେ ଯେବେ
ରଖିଲ ବିଷ,
ତୁମ ଠାରୁ ସାଥୀ ତୁଟିଗଲା
ଆତ୍ମ ବିଶ୍ୱାସ ।
ମୋ ଗୀତ ସୁରେ ସୁରେ ତୁମେ ଯେବେ ନାଚୁଥିଲ
ମୁଁ ଭାବୁଥିଲି ତୁମେ ମୋ ନିଜର ବୋଲି,
ତୁମେ ଯେବେ ସାତପର ଭାବିଲ
ମୁଁ ହାରିଗଲି
ଅପରୂପ ଶୋଭା ଦେହେ ଧରି
ଯେବେ ଆସିଲ,
ଭାବିଥିଲି ଗଢିବି ବୋଲି
ପ୍ରୀତି ମହଲ ।
ମୋ ଭଙ୍ଗାରୁଜା ସ୍ମୃତି ତୁମେ ଯେବେ ସାଇତିଲ
ମୁଁ ଭାବୁଥିଲି ତୁମେ ମୋ ନିଜର ବୋଲି,
ତୁମେ ଯେବେ ମୋତେ ମିଛ କହିଲ
ମୁଁ ଠକିଗଲି
ସୁରୁଜର ପହିଲି କିରଣ

Download Magazine from www.aahwaan.com

ଯେବେ ଛୁଇଁଲା,

ଧୀରେ ଧୀରେ ମନ ଯଉବନ

ଅଧିର ହେଲା ।

ମୋ ଜୀବନ ସଂଗିନୀ ତୁମେ ଯେବେ ସାଜିଥିଲ

ମୁଁ ଭାବୁଥିଲି ତୁମେ ମୋ ନିଜର ବୋଲି,

ତୁମେ ଯେବେ ମୋ ହୃଦୟ ଜାଳିଲ

ମୁଁ ଭାଙ୍ଗିଗଲି

କବି କୁଟୀର

ଦଣ୍ଡାସିଂହା, ବାରକୋଟ

ଦେବଗଡ (ଓଡିଶା)

ମୋ- 09668242720

Download Magazine from www.aahwaan.com

ମାଆ

ତିଳ ରାଉତ

ହେ ମା' ତୁମେ ତ ମୋ ପାଇଁ
ଦେବଦୂତ ସମ
ଦୟାଶୀଳା ସ୍ନେହଶୀଳା
ଅସରନ୍ତି ପ୍ରେମ ।
ପ୍ରତି ମୁହୂର୍ତ୍ତରେ ତୁମେ
ନେଇଛ ଯତନ
ମୋ ପାଇଁ ସହିଛ ପୁଣି
କେତେ ଯେ କଷଣ ।
ତୁମେ ଯେ କେବଳ ମାଆ
ମାଆ ନୁହଁ ମୋର
ଭଲ ସାଙ୍ଗଟିଏ ପୁଣି
ମୋ ସୁଖ ଦୁଃଖର ।
ଏମିତିକା ସାଙ୍ଗ ତୁମେ
ଯା ବିକଳ୍ପ ନାହିଁ
ହସଭରା ମୁହଁ ତୁମ
ଥିବି ସଦା ଚାହିଁ ।
ଶତ ଧନ୍ୟବାଦ ମା'ଗୋ
ତୁମକୁ ମୋହର
ଜନମ ଦେଇଣ ମୋତେ
ଦେଖାଇଛ ସଂସାର ।

Download Magazine from www.aahwaan.com

ଭୂଷଣ

କବିତା ମହାନ୍ତି

ପିତାର କୋଳକୁ ଭୂଷଣ ସୁପୁତ୍ର
କୁଳକୁ ଉଧାରେ ସେହି
ମାତାର ଭୂଷଣ ସୁକନ୍ୟା ରତନ
ଦୁଇକୁଳ ଯଶ ଯହିଁ ।
ଗୁରୁଙ୍କ ଭୂଷଣ ପ୍ରଜ୍ଞାବାନ ଛାତ୍ର
ଦେଶର ଗର୍ବ ଗୌରବ
ଛାତ୍ରର ଭୂଷଣ ବିଦ୍ୟା ଆହରଣ
ଜଗତେ ବିଦ୍ୱାନ ହେବ ।
କ୍ଷେତକୁ ଭୂଷଣ ସୁନାର ଫସଲ
ଫଳି ତଳେ ଲୋଟୁଥିବ
କୃଷକ ଭୂଷଣ ଶସ୍ୟ ଉପୁଯାଇ
ପରପାଇଁ ଅନ୍ନ ଦେବ ।
ବନାନୀ ଭୂଷଣ ସବୁଜ ପାଦପ
ଫୁଲଫଳେ ଭରିଥିବ
କେତେ ପଶୁପକ୍ଷୀ ନିବସନ୍ତି ଯହିଁ
ଆନନ୍ଦେ କୋଳେଇ ନେବ ।

Download Magazine from www.aahwaan.com

ଦେଶର ଭୂଷଣ ସୈନ୍ୟ ଓ କୃଷକ

ଯନ୍ତ୍ରୀ, ବିଜ୍ଞାନୀ, ଡାକ୍ତର

ଦେଶର ସୁରକ୍ଷା, ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା

ଅହିଂସାରେ ପ୍ରୀତିଯା'ର ।

ପ୍ରଧାନ ଶିକ୍ଷୟିତ୍ରୀ, ସାଇଲୋଝାରପଡ଼ା ଉ.ପ୍ରା. ବିଦ୍ୟାଳୟ

କଣ୍ଟାପଡ଼ା, କଟକ, ଭ୍ରାମ୍ୟଭାଷ : ୭୦୭୭୯୩୦୦୭୫

Download Magazine from www.aahwaan.com

ଆମ୍ଭେ ଚାଲିଛୁ ନୂତନ ଆଶାରେ

ସ୍ୱାତୀ ସୁଚରିତା ନାୟକ

ଚିନ୍ତା ଚେତନାର ସୀମାରୁ ବାହାରି
ଚନ୍ଦ୍ର ଶୀତଳତା ଚନ୍ଦନରେ ଭରି,
ଚମ୍ପା କେତକୀର ସୁଗନ୍ଧ ସାଥିରେ
ଆମ୍ଭେ ବାହାରିଛୁ ନୂତନ ଆଶାରେ ।

ସୂର୍ଯ୍ୟ ଆଲୋକରେ ଆମ୍ଭେ ଆଲୋକିତ
ସ୍ୱର୍ଗ ପାରିଜାତ ଆମ୍ଭ କରାଗତ
ସୁବର୍ଣ୍ଣ ଶିକୁଳିରୁ ହୋଇଅଛୁ ମୁକ୍ତ
ଶ୍ୱେତପଦ୍ମସମ ଆମ୍ଭେ ଉଜ୍ଜ୍ୱଳିତ
ଶତ ସିଂହବଳ ବହିଛୁ ଶରୀରେ
ଆମ୍ଭେ ବାହାରିଛୁ ନୂତନ ଆଶାରେ ।

କଳୁଷ କାଳିମା ଯାଇଅଛି ହଜି
ଦୁର୍ଗୁଣକୁ ଆମେ ଦେଇଅଛୁ ତେଜି
କୌସ୍ତୁଭ ସନ୍ଧାରେ କୃଷ୍ଣସାର ଯେହ୍ନେ
କିବା ମରୁଭୂମି ମୃଗତୃଷ୍ଣା ଆନେ
କାଞ୍ଚନ କିରୀଟ ନାହିଁ ପ୍ରୟୋଜନ

Download Magazine from www.aahwaan.com

କୌତୁକ ଆମୋଦେ ନାହିଁ ଆମ ମନ
କୃପା କରୁଣାର ବାରିଧି ମଧ୍ୟରେ
ଆମ୍ଭେ ଚାଲିଅଛୁ ନୂତନ ଆଶାରେ ।

ଅମା ଅନ୍ଧକାର ବନ୍ଧ କରି ଭେଦ
ଆତସବାଜିର ଆଡମ୍ବର ନାଦ
ଆଗକୁ ଚାଲିଛୁ ପାଇବାର ଆଶେ
ନିଶ୍ଚେ ମିଳିବ ସେ କ୍ଷଣେ ବା ବରଷେ
ଅନ୍ତରେ ପରମଙ୍କୁ କରି ଆଲିଙ୍ଗନ
ଯାତ୍ରା ଆରମ୍ଭିଛୁ ହେବାକୁ ନୂତନ
ଥକିବୁନି ଆମ୍ଭେ ବୀର ସୂତାସୂତ
ପ୍ରୟାସେ ସେ ନିଶ୍ଚେ ହେବ କରାଗତ
ନିଷ୍ଠା ଅଛି ଆମ ନିଜର କର୍ମରେ
ଆମ୍ଭେ ବାହାରିଛୁ ନୂତନ ଆଶାରେ ।

ବ୍ରହ୍ମପୁର, ଓଡ଼ିଶା

Download Magazine from www.aahwaan.com

ହାଏରେ ପାଠ

ସୂର୍ଯ୍ୟପ୍ରକାଶ ନାୟକ

ବସ୍ତାନୀ ଭାରରେ ଭାଙ୍ଗଇ ଅଣ୍ଟା
ପାଠଟା ଇଲିସି, ବହୁତ କଣ୍ଟା ।
ଶୋଇଲେ କହିବ ଜଲଦି ଉଠ
ଖେଳିଲେ କହିବ ସରିନି ପାଠ !
ବସିଲେ କହିବ ଧରିଥା ବହି
ବୁଲାଇ ଦେବନି କୁଆଡ଼େ କାହିଁ ।
ନାହିଁ ଖରା ନାହିଁ ବରଷା ବାଆ
ନିତି ସକାଳେ ସ୍କୁଲକୁ ଯାଆ ।
ଗଣିତକୁ ମୋର ଦୂରୁ ଜୁହାର
ଇଂରାଜୀକୁ ନିତି ମୁଣ୍ଡିଆ ମାର ।
ସଂସ୍କୃତ ଦେଖିଲେ ମୁଣ୍ଡ ବୁଲାଏ
ମିଛ କଥା କହି ପଦାକୁ ଧାଏଁ ।
ବିଜ୍ଞାନ ବହିର ଛବିକୁ ଦେଖି
ତଣ୍ଟିଟି ମୋହର ଯାଏ ଯେ ଶୁଖି ।
କମ୍ପ୍ୟୁଟର ଧରି ଥରଇ ମୁହିଁ
ବାହାନା କରି ମୁଁ ଆସଇ ଧାଇଁ ।

Download Magazine from www.aahwaan.com

ପଦାର୍ଥ ବିଜ୍ଞାନ ମୁଣ୍ଡକୁ ଖାଏ

କଲନ ଆଣିନି ମିଛରେ କହେ ।

ଶ୍ରେଣୀ ଗୃହେ ନିତି ଭାବନା ମୋର

ସାହିତ୍ୟରୁ ପ୍ରଭୁ କର ଉଦ୍ଧାର ।

ଫାର୍ମାସୀ ଛାତ୍ର, ରୋଲାଣ୍ଡ ଫାର୍ମାସୀ କଲେଜ

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

ଅନୁରାଗର ଦିରୁକ୍ତି

ଉଦୟନାଥ ଗୌଡ଼

ମୁଁ ତ ଅନେକ ଦିନହେଲା
ଭୂଲିଲିଣି
ମୋ ଠିକଣା, ପାଶୋରିଲିଣି
ଯିବାବାଟ, ଫେରିବା ସମୟ,
କାଳର ସୁଅରେ !
ଆଉ କଣ ଆଜି ଫେରିହେବ
ମୋ ପରାଜିତ ପୃଥିବୀର
ପୁରୁଣା ନୂଆଁଣିଆ ଜୀବନ ଭିତରକୁ
ସେଇ ଲିଭି ଆସୁଥିବା ପଦଚିହ୍ନକୁ
ପରଖି ପରଖି;
ଦପ୍ ଦପ୍ କରୁଥିବା
ବୟସର ଲଣ୍ଠନ ଆଲୁଅକୁ
ଆଶା ଓ ଅବଶୋଷର
ମଦିରା ଇନ୍ଧନେ,
ପୁଣି ଜଳାଇ,
ପରସ୍ତ ପରସ୍ତ ଆଧୁନିକତା
ମୋ ଉପରେ ତା ଅଧିକାର

Download Magazine from www.aahwaan.com

ଯୋରକରି ଲଦିଦେଲାପରେ,

ଜୀବନ ଦର୍ଶନରେ

ନିସ୍ପୃତା ଓ କ୍ଲାନ୍ତିର ପରିଭାଷା

ବଦଳିଲା ପରେ,

ବିବେକ ଓ ବିଚାର ଭିତରେ

ରିତିମତ ଲଢେଇଟେ ଲାଗିଗଲା ପରେ !

ଏବେ ତ ମୁଁ

ଦାୟୀତ୍ୱ ଓ କର୍ତ୍ତବ୍ୟର

ଦୁଇ ଷ୍ଟେସନ ଭିତରେ

ଅଭାବ ଓ ଅବସାଦକୁ ନେଇ

ଅଙ୍କ କଷୁଥିବା,ଦାରିଦ୍ର୍ୟର

ପ୍ରତିଟି ଷ୍ଟପେଜ ଡେଇଁ

ନିତି ଧାଉଁଥିବା ରେଳ ଗାଡିଟିଏ,

ବ୍ୟସ୍ତ ଏକ ସମ୍ପର୍କ ଯୋଡିବାରେ

ବିବର୍ତ୍ତନର ଆସନ୍ତାକାଲି ସହିତ

ଆଉ

ବଳକା ବୟସ ଟିକକ

ହିସାବକରି ନେବାକୁ

ବଞ୍ଚିବା ଓ ବଞ୍ଚିଯିବାର

ହାରଜିତ ଖେଳ ଭିତରେ

Download Magazine from www.aahwaan.com

ଯୁଦ୍ଧଫେରା ସୈନିକଟେ

ତଥାପି ତା ଶତ୍ରୁର ଆହ୍ୱାନକୁ

ଲମ୍ଫଦେଲାପରି,

କ୍ଲାନ୍ତ ପଥିକଟେ ତା

ଆଗରେ ଥିବା

ବଳକା ତମାମ ରାସ୍ତାକୁ

ଆତ୍ମପ୍ରତୟର

ବିଶ୍ୱାସ ଓ ଭରସାରେ

ଡେଇଁଗଲାପରି !

ଅମୂଲ୍ୟ ନିବାସ, ତୁଳସୀ ନଗର, ବ୍ରହ୍ମପୁର

Download Magazine from www.aahwaan.com

ଭୋକ

ସଂଘମିତ୍ରା କାନୁନଗୋ

ବୁଭୁକ୍ଷିତଂ କିଂ ନକରୋତି ପାପଃ,
ଭୋକିଲା ପେଟରେ ସବୁ କରିହୁଏ,
ଭୋକ ପାଖେ ପାପ ପୁଣ୍ୟର ବିଚାର ନଥାଏ ।

ଭୋକ !
ସେ ଦେହର ଭୋକ ହେଉ କି ପେଟର ଭୋକ,
ଅହରହ ଜାଳୁଥାଏ ମଣିଷକୁ,
ଶାନ୍ତିରେ ରଖେଇ ଦିଏନା,
ହଜାଇ ଦିଏ ତା ମନୁଷତ୍ୱ,
ବୁଦ୍ଧି ଓ ବିବେକ,
ଭୋକ ,ସେ ଦେହର ଭୋକ ହେଉ କି
ପେଟର ଭୋକ ।

ଭୋକର ଭୂଗୋଳ କିଏ ପଢି ପାରେ ନାହିଁ,
ଭୋକର ଚିତ୍ରକୁ କିଏ ଆଂକି ପାରେ ନାହିଁ,
କଥାରେ ବି ବର୍ଣ୍ଣି ହୁଏ ନାହିଁ,
ଭୋକର ରୂପକୁ ।
ସେ ଥାଏ ମଣିଷ ଭିତରେ ଏକ,
ଅଦୃଶ୍ୟ ଦାନବ ପରି
ଭୋକ କେବେ ବୁଝେ ନାହିଁ,

Download Magazine from www.aahwaan.com

ପ୍ରେମ ଅବାସ୍ତୁତିର ପୁଲକ,
ଭୋକ ପାଇଁ ଘଟିଯାଏ ସଂସାରରେ,
ଅନର୍ଥ ଅନେକ ।
ଭୋକ,ସେ ଦେହର ହେଉ.....

ପେଟ ଭୋକ ତାଡନାରେ,
ମଣିଷ ଯେ ଛାଡୁଥାଏ ନିଜ ଭିଟାମାଟି ।
ଭୋକିଲା ମଣିଷ ଜାଣେନା,
କିମିତି ସାଇତି ରଖିବ ସଂପର୍କର ଗଣ୍ଠି ।
ଭୋକର ନାହିଁ ଯେ ସୀମା ପରିସୀମା,
ଅବା ଆକାର ପ୍ରକାର ।
ଭୋକିଲା ମଣିଷ କରିପାରେ,
ସବୁ ପାପ ସବୁ ଅନାଚାର ।
କଅଁଳା ଶିଶୁର କାଂଦ ଅବା
ତରୁଣୀର କରୁଣ ବିକକ ଚିତ୍କାର ।
ସବୁର କାରଣ ସେ ଭୋକ ।
ଭୋକ,ସେ ଦେହର ଭୋକହେଉ
ବା ପେଟର ଭୋକ,
ଅହରହ ଜାଳୁଥାଏ ମଣିଷକୁ,ଶାନ୍ତିରେ
ରଖାଇ ଦିଏନା,ହଜାଇ ଦିଏ
ତା ବୁଦ୍ଧି ଓ ବିବେକ ।

Download Magazine from www.aahwaan.com

ପାହାଡ଼ି କନ୍ୟା



ଗୌରାଙ୍ଗଚରଣ ବେହେରା

ଶଇଳ ନିଭୃତ ଗହ୍ୱରୁ ତୁହି ଜନମ ନେଇ,
ଉପଳ ତଳପ ବରଜି ପାଦ ଛୁଁଇଲୁ ମହୀ.. ॥
ନିଷ୍ଠୁର ହୃଦୟ ଚିରି ତୁ ଅତି ଆବେଗ ଭରେ,
ପଦ ଧୌତ କରି ମହୀର ମିଳି ବିରାଟ ନୀରେ.. ॥
ବନ୍ଧୁର ଶିଳାରେ ନାଚି ତୁ ଶୋଭା ମେଲାଇ ଦେଇ,
ଲୁଚିଲୁଚି ପାଦ ଧୋଇଲୁ କେତେ ବନାନୀ ଭୂଇଁ... ॥
କେତେ ଜୀବେ ଦୟା ଦେଖାଇ ଦେଇ ନିର୍ମଳ ଜଳ,
ଶୋଭାର ଆସର ତୋଳିଲୁ ଗଢି ଗ୍ରାମ ବହୁଳ.. ॥
କଳକଳ ନାଦେ ବହିଲୁ ଦେଇ ଆତ୍ମ ତୃପତି,
ଯୋଗୀ ଋଷିଗଣ ମୋହିଲେ ଦେଖି ତୋର ମୂରତି.. ॥
ନିର୍ଝରିଣୀ ନାମ ବହିଲୁ ଦେଇ ଦିବ୍ୟ ନିର୍ଝର,
କୂଳରେ ଗଢିଲୁ ମନ୍ଦିର ଯେହ୍ନେ ସରଗ ପୁର... ॥
ଲମ୍ଫଦେଇ ଶୀର୍ଷ ଶଇଳୁ ପଡି ଚଟାଣ ପରେ,
ଶୋଭାର ବୈକୁଣ୍ଠ ରଚିଲୁ କେତେ ଶୋଭା ଅଂକରେ.. ॥
ଅଂକାବଂକା ପଥେ ବହିଲୁ ବହି ସର୍ପିଳ ଶୋଭା,
ତରଂଗ ମାଳାରେ ମୋହିଲୁ ହୋଇ ତୁ ମନଲୋଭା.. ॥
ଭାବନା ରାଜ୍ୟରେ କବିର ତୁହି କଳ୍ପନା ରଥ,

Download Magazine from www.aahwaan.com

ଉପମା ରାଜ୍ୟରେ ସାଜିଲୁ ତୁହି ଅମୂଲ୍ୟ ଗ୍ରନ୍ଥ.. ॥

ତୋ ଶୋଭା କୁଂଜରେ ଭାସିଲେ ମନ ପବିତ୍ର ହୁଏ,

ଲେଖନୀ ମୂନରେ ଆଂକିଲେ ତୋର ଶୋଭା ନ ସରେ.. ॥

ପୁନେଇ ରାତିର ନିଳୟେ ତୁହି ସୁନ୍ଦରୀ କନ୍ୟା,

ପରିବେଶ ପ୍ରତି ଛବିରେ ତୁହି ଉପମା ବନ୍ୟା... ॥

ଉପମା ରାଜ୍ୟରେ ଭସାଇ ତୋର ଉପମା ଯାଦୁ,

ଆନନ୍ଦେ ପିଆଉ ସଭିଂକୁ ତୋର ଅମୃତ ମଧୁ.. ॥

ଶିକ୍ଷକ, କୁଲିଆମାଲ ଉଚ୍ଚ ବିଦ୍ୟାଳୟ

Download Magazine from www.aahwaan.com

ମାଆ

ପ୍ରଣତୀ ମହାପାତ୍ର

ମାଆ ସିନା ଦଶମାସ
ଗର୍ଭ ଧାରଣର
କଷ୍ଟ ସ୍ୱୀକାର କରେ,
ତୁମେ
ସାରାଜୀବନ...
ଜନ୍ମରୁ.... ଶୈଶବ
ଶୈଶବରୁ... କୈଶୋର
ଦୁଃଖରୁ ସୁଖ
ଜନ୍ମରୁ ... ଯୌବନ ଯାଏ,
ବଞ୍ଚିବା,
ବଢିବା,
ପଢିବା,
ଗଢିବା,
ସବୁବେଳେ
ସବୁକ୍ଷଣରେ,
ପ୍ରତ୍ୟକ୍ଷ ଅବା ପରୋକ୍ଷ ।
ସୁରକ୍ଷା କବଚ ପ୍ରାୟ,

Download Magazine from www.aahwaan.com

ଧୈର୍ଯ୍ୟ ର ମଜବୁତ ବନ୍ଧ ତୁଲ୍ୟ,
କୁବେର ଭଣ୍ଡାର ହୋଇ,
ବୀରସୈନିକ ଠାରୁ
କେଉଁ ଗୁଣରେ କମ୍ ନୁହଁ ।
ପାଖେ ପାଖେ ଥାଅ,
ସବୁ ଦୁଃଖ, କଷ୍ଟ,ଗ୍ଲାନି
ମାନଅପମାନ ର ଗରଳକୁ
ଅମୃତ ଭଳି ପାନ କରି...

ତୁମର କଳନା ନାହିଁ,
ତୁମେ ମହାନ
ସେଥିପାଇଁ ପରା ତୁମେ

ସେ କିଏ
କେହି ଯଦି ଜାଣିଥିବେ ଦୟାକରି ଉତ୍ତର ଦେବାକୁ ଅନୁରୋଧ ରହିଲା

ଫକୀରମୋହନ ନଗର
ବାଲେଶ୍ୱର ।

Download Magazine from www.aahwaan.com

ଭାରତର ହୀରା

ପଲ୍ଲବୀ ଦାସ

ମୁଁ କାଚ ନା କୋଇଲା ଜାଣିନି
ଦିଗବଳୟର ସମ୍ପୂର୍ଣ୍ଣତା ମାପିନି
କିନ୍ତୁ ଅର୍ପଣ କରିବି ଭାବୁଛି
ପ୍ରକୃତିର କୋଳରେ ବଢୁଥିବା ହୀରା ଟିଏ
ମୂଲ୍ୟବାନ ହୀରା ସାଜିବ ସମସ୍ତଙ୍କ ପାଇଁ
ଦେଖିବାକୁ ଚାହିଁବେ ସମସ୍ତେ ଚାତକ ହୋଇ
ମୋ ହୀରା ସାଜିବ ରକ୍ଷକ ଭାରତର
ଯିଏ ଅବେଳା ରେ ବି ପିନ୍ଧି ପାରିବ
ଗଳାରେ ତ୍ରିରଙ୍ଗା ଫୁଲ
ଆଉ ଶାନ୍ତିରେ ଅମର ହୋଇ ଶୋଇ ପାରିବ
ଢାଙ୍କି ହୋଇ ପ୍ରକୃତି ଓଢଣୀର
ଭାବୁଛି ଇଏ ହବ ତାଙ୍କ ପାଇଁ ଶ୍ରେଷ୍ଠ ଉପହାର
ଯିଏ ପିନ୍ଧେଇ ଥିଲେ ଦିନେ ଶଙ୍ଖା ଆଉ ସିନ୍ଦୁର
ସୁଯୋଗ ଦେଲେ ମୋତେ ମାତୃତ୍ୱ ଲାଭର
ହୀରା କୁ କୋଳରେ ଦେଇ ହୋଇଗଲେ ଅମର
ଭାବୁଛି ଯତ୍ନ ନେଇ ପାରିବି ମୁଁ
ହଜି ଯାଇଥିବା ଶଙ୍ଖା ସିନ୍ଦୁରର
ତାଙ୍କ ସପନର,
ଆଉ ମୋତେ କୋଳରେ ଜାଗା ଦେଇଥିବା ପ୍ରକୃତିର....

ଜୁନାଗଡ଼

Download Magazine from www.aahwaan.com

ବାପା



କନିଷ୍ଠ ଯନ୍ତ୍ରୀ, ବାଲିପଡ଼ା

ବାପା ଅପେକ୍ଷାରେ ବସି ରହନ୍ତି
ଗାଁ ଦାଣ୍ଡପିଣ୍ଡାରେ ସପ ପକାଇ
ପାନ ବଟୁଆ ଗୁଆ କାତିଧରି ।
ବାଡ଼ି ଗଡ଼ିଆ ମାଛଧରି
କେବେ ତାଙ୍କ ନାତି ନାତୁଣୀ ଆସିବେ
ରଜ ଅବା ପୁଜା ଛୁଟିରେ ।
ଅଭିମାନ କରି ଚାଲି ଯାଇଥିବା
ପୁଅ ତାଙ୍କର,
ସବୁରାଗ ଭୁଲି
ସାଙ୍ଗରେ ଆଣିଥିବ ରସଗୋଲା
କଟକି ସେଉ, ଓ ମିକ୍ସ୍ଚର ।
ଦାନ୍ତ ନଥିବା ବାପାଙ୍କ ପାକୁଆ ପାଟିରେ
ମୁଠାକୁ ମୁଠା ଚୁଡ଼ା ଘିଅ ଆଳୁଭଜା
ପକାଇବେ ସନ୍ଧ୍ୟାବେଳେ
ବାପା ଧୁଳିମଳି ଲାଗିଥିବା
ମାଟି ଚାଳ ଘରଟିକୁ
ଲିପା ପୋଛାକରି

Download Magazine from www.aahwaan.com

ପଲଙ୍କ ବିଛାଇ ଦେଇଥିବେ ।

ବଡ଼ ବଡ଼ ବାଉଁସ କାଟି

ଲଗେଇଥିବେ ଆମ ଗଛ ଶାଖାରେ

କୁନୁମୁନୁ ଆରାମରେ ଦୋଳି ଖେଳିବେ ।

ଛୁଟିରେ ପିଲାମାନେ ଯାଇଥିଲେ ବିଦେଶକୁ

ଅଜା ଆଈଙ୍କୁ କାଳେ ଶୀତ ଲାଗିବ

ଛାଡ଼ି ଚାଲିଗଲେ ଗାଁରେ...

ସାଉଥକୋର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବାଲିପଡ଼ା ଡିଭିଜନର

କନିଷ୍ଠ ଯନ୍ତ୍ରୀ, ନିଜ ନାମ ଓ ଫଟୋ ପଠାଇବାକୁ ଭୁଲିଯାଇଛନ୍ତି ।

Download Magazine from www.aahwaan.com

ଆତ୍ମାହୁତି

ରୋଜା ପଣ୍ଡା

ବନ୍ଦୀଶାଳାର ଅସହାୟା ମୁଁ, ନିରବଦ୍ରଷ୍ଟା ପରି ପଡିଥାଏ କୋଣ ଅନୁକୋଣେ
ଖୋଜୁଥାଏ ରାହା ମୁକ୍ତିପଥର, ବଞ୍ଚିବାପାଇଁ ଜଳ ଯେମିତି, ସେମିତି ପ୍ରତିକ୍ଷଣେ .
କଣ୍ଠରୁଦ୍ଧ ହେଇଯାଏ କ୍ଷଣେ କ୍ଷଣେ ମୋର, ଦେଖି ମୋର ଅସହାୟତାକୁ
ଚାହିଁ ମୁଁ ନଥିଲି ଏମିତି ଦୁନିଆଁ, ଯେଉଁଠି ହୁଏ ପ୍ରତି ମୂହୁର୍ତ୍ତରେ ମରିବାକୁ.
ଖୋଲା ଆକାଶର ଟିକି ଚଢେଇ ମୁଁ ,ସୁନାପଞ୍ଜୁରୀରେ ହୋଇଛି ବନ୍ଦୀ
ଉଡି ଯିବାପାଇଁ ବାଟ କିଛି ନାହିଁ, ସମୟ ଦେଇଛି ଶିକୁଳି ଛନ୍ଦି.
ଭୁଲି ମୁଁ ଗଲିଣି ପ୍ରିୟର ଆଧାର, ଖାଉଛି ବଞ୍ଚିବା ପାଇଁ
ସୁଖ ନିଦ୍ରା ମୋର କେବେଠୁ ଗଲାଣି, ଶୋଉଛି ମୁଁ ଥକିଯାଇ .
ବନ୍ଦୀ ଚଢେଇ ମୁଁ ପଞ୍ଜୁରୀ ଭିତରେ ହେଉଅଛି ଛଟପଟ
ବଞ୍ଚିବା ପାଇଁ କି ରାହା ଖୋଜୁଅଛି, ଯାଉଛି ଥକି ମୋ ପାଦ .
ଗଲା ଜନମର କର୍ମପାଇଁ ଅବା, ଭୋଗୁଛି ମୁଁ କର୍ମଫଳ
ପ୍ରତି ମୁହୂର୍ତ୍ତରେ ଗୁହାରି କରୁଛି, ମୁକ୍ତିଦିଅ ଚକ୍ରଧର.

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର,
ମଧୁପାଟଣା, କଟକ-୭୫୩୦୦୧
ଫୋନ-୯୪୩୮୨୭୫୯୩୦

Download Magazine from www.aahwaan.com

ସାରୀଆ ଅପା

ମନୋରଞ୍ଜନ ମୁଦୁଲି

ଆମଗାଁ ଦାଣ୍ଡ ମଣ୍ଡପ ପାଖରେ
ଝଙ୍କାଳିଆ ଗଛ ବଉଳ କୋଳି,
ସାରୀଆ ଅପାର ମାଟିଘର ଖଣ୍ଡେ
ପାଖେ ଥିଲା ଗଛ ଖଜୁରୀ କୋଳି ।

ସାରୀଆ ଅପାଟା ଭାରି ସ୍ନେହି ଥିଲା
ଗାଁ ସାରା ତାକୁ ଡାକନ୍ତି ଅପା,
କୁନିପିଲାଟିଏ ଦେଖି ଖୁସି ହୁଏ
ଚକୋଲେଟ୍ ଦେବ ସାରୀଆ ଅପା ।

ଅଭାବି ସଂସାର ସାରୀଆ ଅପାର
ଦାଉ ସାଧୁଥିଲା ସ୍ୱାମୀ ଭଗିଆ,
ମଦ୍ୟପାନ କରି ରାତି ଫେରେ ନିତି
କେତେ ବା ସହିବ ଅପା ସାରୀଆ ।

ସାବିତ୍ରୀ ବ୍ରତ କରିଥିଲା ଅପା
ମାନସିକ କରି ଭଗୀଆ ପାଇଁ,
ବ୍ରତପୂଜା ସାରି ଅନେଇ ବସିଛି
ପ୍ରଣାମ କରିବ ପତିକୁ ଯାଇ ।

Download Magazine from www.aahwaan.com

ସଞ୍ଜ ଗଡ଼ି ଯାଇ ରାତି ଅଧ ହେଲା
ଭଗୀଆଟା ଆଉ ଫେରିଲା ନାହିଁ,
ସାରୀଆ ଅପାଟା ଖୋଜି ବୁଲୁଅଛି
ସେଇ ଦିନଠାରୁ ପାଗଳୀ ହୋଇ ।

ପୋଖରୀ ହୁଡାରେ ବୁଢା ବରଗଛ
ତାଳ ଗଛ ତଳେ ଖଜୁରୀବଣ,
ଗାଁଆର ପାରି ଝରଣା ସେପାରି
ମଶାଣି ଭୂଇଁଟା ଲାଗେ ନିର୍ଜନ ।

ସାରୀଆ ଅପାଟା ନିଇତି ଖୋଜୁଛି
ବରଗଛ ତଳେ ରାତିରେ ଯାଇ,
ଭଗୀଆ ପ୍ରେତଟା ରାତି କାଳେ ଆସେ
ସାରୀଆ ପ୍ରଣାମ କରୁଛି ଯାଇ ।

ପତିବ୍ରତା ନାରୀ ଭାରତ ବର୍ଷରେ
ଏବେ କି ଅଛନ୍ତି ସାରୀଆ ପରି,
ବିବାହ ବଂଧନ କାଗଜ କଲମେ
କଚେରୀ ପିଣ୍ଡାରେ ଦିଅନ୍ତି ସାରି ।

Download Magazine from www.aahwaan.com

ସମୟ ପ୍ରହେଳିକା

✍ ମୃତ୍ୟୁଞ୍ଜୟ ହୋତା (ଆଲୋକ)

ଧୂଳି ମାଟି ଶୈଶବ ଜହ୍ନମାମୁଁ ଗପ ମାଆର କୋମଳ କୋଳ
ମାଆ ମାଆ ଡାକ ତା' ସ୍ନେହ ପରଶ ଅମୃତଠୁ ବଳି ଭଲ ।
ସାଙ୍ଗଙ୍କ ସହିତ ସ୍କୁଲ୍ ଯିବା ବେଳର ସମୟ ଅମୂଲ୍ ମୂଲ୍,
ସ୍କୁଲ ସାରଙ୍କର ଟାସ୍କ ଦେବା ଭୟ ଲାଗଇ ଡହଳ ବିକଳ ।
ପଡ଼ିଆରେ ଯାଇ କ୍ରିକେଟ୍ ଖେଳିବା କିଏ ବା ଭୁଲିପାରେ,
ଘରେ ଆସି ପୁଣି ବାପାଙ୍କର ଭୟ ମନରେ ଉଙ୍କିମାରେ ।
କଲେଜରେ ପୁଣି ପରିବେଶ ନୂଆ, ସାଙ୍ଗଙ୍କ ସହିତ ଖଟି,
ନୂଆ ନୂଆ ପ୍ରେମ ଝିଅଙ୍କ ସହିତ ମଧୁମୟ ରାସ୍ତାଟି ।
ଆଖିରେ ପୁଣି ଆହିରେ ସ୍ୱପ୍ନ କିଏ ଇଞ୍ଜିନିୟର ତ କିଏ ଡାକ୍ତର
ସମୟ ସ୍ରୋତ ବହିଯାଉଥାଏ ରାସ୍ତା ଅନେକ ଦୂର ।
ତା'ପର ସମ୍ପର୍କ ନୂଆ ପରିଚୟ ବିବାହ ତାକୁ ଦିଏ,
ହସ ଖୁସି ଭରା ଏକରୁ ଦୁଇ ନୂଆ ପରିବାର ହୁଏ ।
ଜୀବନରେ ଆସେ ଭିନ୍ନ ଭିନ୍ନ ମୋଡ଼ ଅସହ୍ୟ ଲାଗେ ସେ ହାଏ
ସମୟ ସହିତ ଦେଇ ସେ ତାଳ ନିଆରା ପଥିକ ହୁଏ ।
ସମୟ ପରେ ସମୟ ଆସେ କେତେ ଯେ ଘଟେ ଘଟଣା
ଜୀବନର ସେଇ ରଙ୍ଗ ଅବିରଙ୍ଗ ଈଶ୍ୱରଙ୍କୁ ଏକା ଜଣା ।
ଦୁଃଖପରେ ସୁଖ, ଦିନ ପରେ ରାତି ଏହାତ ଦୁନିଆ ରୀତି

Download Magazine from www.aahwaan.com

କ୍ରମେ ଉପନୀତ ଝରକା ଦେଇ ବୃଦ୍ଧ ଅବସ୍ଥା ଆସି ।
ଜୀବନ ଥିଲେ ସ୍ନେହ, ରାଗ, ମାୟା ମୋହ ବାରମ୍ବାର,
ଆଖି ବୁଜିଦେଲେ ସବୁ ଭୁଲିଯାଏ କିଏ ପର ଆପଣାର ।
ସମୟ ସ୍ରୋତ ବହି ଚାଲିଥାଏ ନିଛକ ଏକା ଏକା
ଜୀବନ ଏକ ଅଭିନୟ ପରି ସମୟ ପ୍ରହେଳିକା ।

ରତାଖଣ୍ଡି, ବୌଦ୍ଧରାଜ
ଓଡ଼ିଶା
ଭ୍ରାମ୍ୟଭାଷ : ୮୬୫୮୦୯୪୮୧୪

Download Magazine from www.aahwaan.com

ପାହାଡ଼ ବି ବୁଝିପାରେ

ଦିଲ୍ଲିପ କୁମାର ତ୍ରିପାଠୀ

ସହରଠୁ ଦୂରରେ ଥାଏ
ସତେ ଯେମିତି ନିଆଁ ପାଣି ବାସନ୍ଦ ତା' ପାଇଁ
କିନ୍ତୁ ସେ ମନେ ପଡିଲେ,
ଚେନାଏ ହସ ଖେଳିଯାଏ ମୁହଁରେ
ଆଉ ଆଖିରେ ,ଦି ଧାର ଲୁହ ।

ସବୁ ଦେଇ ଦେଇ ସେ ଶୂନ୍ୟ
ଅନ୍ୟର ସ୍ୱାର୍ଥ ପାଇଁ ନିଜ ଦେହ ଚିରି
ଦେଇଛି ରାସ୍ତା ,
ବୁହେଇଛି ଶିରା ପ୍ରଶିରାର ସବୁ ଯାକ ରକ୍ତ ,
ମୁଣ୍ଡେଇଛି , ସେଇ ସ୍ୱାର୍ଥୀ ଲୋକ ମାନଙ୍କ
ବିଶ୍ୱାସର ଦେବତାକୁ ତା' ଚୂଡାରେ ।

ତା' ରି କୋଳରୁ ଆରମ୍ଭ ହେଇଛି
ସବୁ କାହାଣୀର ପ୍ରଥମ ଅଧ୍ୟାୟ,
ମନେରଖିଛି ଶୁଣିଥିବା,ଦେଖିଥିବା
ସବୁ ପ୍ରତିଜ୍ଞା ମାନଙ୍କୁ
ଜାବୁଡି ଧରିଛି ବର୍ଷ ବର୍ଷର ହାଡ-କଙ୍କାଳ

Download Magazine from www.aahwaan.com

ସାଇତିଛି ଛିଣ୍ଡା ଶାଢି,ଶାୟା ଆଉ ବ୍ଲାଉଜ୍ ।

କିଏ କେତେ କ'ଣ ମାଗିଛି ତାକୁ
କିଏ କେତେ କ'ଣ ବୋହି ନେଇଛି
କେହି କେହି ଲୁଟି ଛନ୍ତି ମଧ୍ୟ !

ସେ କିନ୍ତୁ ସହିଛି
ଚୁପ୍ ହେଇଛି
ଲୁହ ଗଡେଇଛି
କିନ୍ତୁ ସବୁ ଭିତରେ ଭିତରେ ।

ସବୁ କହନ୍ତି ପାହାଡଟେ କ'ଣ ବୁଝିପାରିବ ?
ନେଇଯାଅ ସବୁ ,ଉପାଡି ଦିଅ ତା ହାତ
ଧମନୀ ଚିପୁଡି ଚାଟିଦିଅ
ଶେଷ ବୁନ୍ଦା ରକ୍ତ ଟିକକ ବି !

କିନ୍ତୁ ସବୁ ପାହାଡ କ'ଣ ପଥର ?
କିଛି ପାହାଡ ନିଶ୍ୱାସ ନିଏ,
ଅନୁଭବ କରେ
ଅଫିସ୍ ଯାଏ
ଆଉ ସବୁ ବୁଝି , ନ' ବୁଝିଲା ପରି ରୁହେ ।

Download Magazine from www.aahwaan.com

ତଟିନୀର ଦୁଇତଟ

ଚିତ୍ତରଞ୍ଜନ ସାହୁ

କଥା କଥାରେ
ଛୋଟ ପିଲାକୁ ଭୁଲାଇବା ଭଳି
ମିଥ୍ୟା ଅଶ୍ୱାସନା ଦେଇ
ବୁଝାଇ ଦେଉ ସିନା,
ମନ ମୋର କିନ୍ତୁ ଅବୁଝା ହୁଏ ।

ତୋରେ ଏତେ ସରଧା ମୋର
ସବୁ ମିଛ ସବୁ ତୁଚ୍ଛ କଥାକୁ ବି
ମାନିନିଏ ନିରବରେ ବୋଲକରା ସାଜି
ବୋଧେ ସେଥିପାଇଁ ବେଦନାରେ
ଏ ମୋର ହୃଦୟ ନିତି ଯାଏ ଭିଜି ।

ଅଭିନ୍ନ ଆତ୍ମା ତୋର ମୋର,
ମନ କିନ୍ତୁ ଅଲଗା ଅଲଗା
ଗୋଟେ ତଟନୀର ଦୁଇ ତଟ ଆମେ
ଆତ୍ମା ଆମ ସେତୁ ପରିକା ।

Download Magazine from www.aahwaan.com

ତୋରେ ଯାହା ଦୃଷ୍ଟି କରେ ମୁହିଁ
ଚିଲିକାରେ ସାୟନ୍ତନ ତୁହି
ସେହିଠାରେ ମୁଁ ବିଦେଶୀ ପକ୍ଷୀ
ଆସି ଥାଏ କେତେ ଦୂରୁ ପରଖି ନିରିଖି ।

ଶେଷ ଦୃଶ୍ୟ ତୋରେ ଯାହା ଦେଖେ
ମନ କୁହେ ତୁ ଏକ ଚାତୁରୀ
ବାହ୍ୟଅଙ୍ଗ ତୋର ସିନା ଦିଶଇ ଉଜ୍ଜ୍ୱଳ
ଅନ୍ତର୍ଦ୍ଦେଶ ତୋର
ନାରଖାର ମହାକାଳ ଫଳ । ।

ସିଙ୍ଗୀରୀ, ଆଳି, କେନ୍ଦ୍ରାପଡା, ୭୫୪୨୧୫, ଓଡ଼ିଶା
ମୋ: 7377678738

Download Magazine from www.aahwaan.com

ସମ୍ପର୍କ

ଡା ନୀଳମାଧବ କର

ଆରମ୍ଭ ନ ହେଇ

ଶେଷ ହେଇ ଯାଇଥିବା ସମ୍ପର୍କ

ତମ ମୋ ଭିତରର

ଅନ୍ଧାରିଆ ନିବୁଜା କାହାଣୀ...

ସୂର୍ଯ୍ୟ ତତେଇଲାନି କି

ବର୍ଷା ତାକୁ ଭିଜେଇଲାନି

ମିଶାମିଶି ଗୋଟେ ତାତିଲା ନିଶ୍ୱାସ

ଓଦା ଓଦା

ଖାଲି ପିଞ୍ଜରା ଥରେଇ ଦେଲା

ତମ କୋକେଇ ଉଠିବା ବେଳେ....

ତମ ମୋ ଭିତରର

ଆରମ୍ଭ ନ ହେଇ

ଶେଷ ହେଇ ଯାଇଥିବା ସମ୍ପର୍କ

ପୁଣି ଥରେ

Download Magazine from www.aahwaan.com

ନିଶ୍ୱାସ ନେଲା

ପଞ୍ଜରା ଥରେଇ

ବଞ୍ଚିବାର ଆଶ୍ୱାସନା ଦେଲା

ମାନସିକ ରୋଗ ବିଶେଷଜ୍ଞ

ଓଲଭର୍‌ହାମ୍ପଟନ୍, ଇଂଲଣ୍ଡ

ଇମେଲ୍ : nmadhab@yahoo.com

Download Magazine from www.aahwaan.com

ପ୍ରତୀକ୍ଷା

ମାମାଜିନି ପ୍ରଧାନ

କ୍ଷଣ କ୍ଷଣ ପ୍ରତିକ୍ଷଣ ! ବିତି ଯାଉଥିଲା
ତଥାପି ଠିଆ ହୋଇଥିଲି,
ଖମ୍ବ ସଦୃଶ ।
ମନ ଭିତରୁ ଶବ୍ଦ ଆସି
କାନ ପାଖରେ କହି ଯାଉଥିଲା
ହଁ ଆସିବ, ସେ ନିଶ୍ଚେ ଆସିବ ।
କଥା ଦେଇ ନ ଆସିବା ଭଳି...
ସିଏ ନୁହଁ ଯାହାକୁ ମୁଁ
ବିଶ୍ୱାସ କରିଛି ।
ବିତି ଗଲା ଋତୁ ପରେ ଋତୁ,
ବରଷାରେ ଭିଜି ଗଲା ମନ ।
ଫଗୁଣର ରଙ୍ଗ ଲାଗିଲା ଦେହରେ,
କୋଇଲିର ସ୍ୱର
ସନ୍ଦେଶ ଦେଲା ବସନ୍ତର ।
ହଠାତ୍ ! ଚମକି ଉଠି ଦେଖେ ତ ?
ଚାରିଆଡ଼ ଶୁନ୍‌ଶାନ୍ .... !
କାହାର ବି ପାଦ ଚିହ୍ନ ନାହିଁ ।
ଏକା ନିଃଶଙ୍ଗ ହୋଇ
ଆଜିବି ବସିଛି ସେ ଆସିବ ବୋଲି ,
ତାରି ପ୍ରତୀକ୍ଷାରେ .... ! !

Download Magazine from www.aahwaan.com

ଅପମିଶ୍ରିତ

ସୌମ୍ୟରଞ୍ଜନ ପାଲ

ସହରେ ଆଜି ଜହର ଭାସଇ
କିପରି ଜୀଇଁବି କୁହ,
ମୃତ୍ୟୁର ଶେଯ ପାଖେଇ ଆସୁଛି
ତଥାପି ତୁଟୁନି ମୋହ ।
ଉନ୍ମତ୍ତ ଶରୀର ଉନ୍ମତ୍ତ ମନକୁ
ସଭିଏଁ ନେଇ ସାଥିରେ,
ସଂପର୍କକୁ ଭୁଲି ମମତା ତୁଟାଇ
ସର୍ବେ ମଜ୍ଜନ୍ତି ମସ୍ତିରେ ।
ମନେ ବିଚାରନ୍ତି ଦିବସର ଶେଷେ
ଜଗତେ ଅଟନ୍ତି ଶ୍ରେଷ୍ଠ,
ଅଙ୍ଗେ ଆଧୁନିକ ବସନ ଘୋଡ଼ାନ୍ତି
ଅନ୍ତରୁ ସଂପୂର୍ଣ୍ଣ ନଷ୍ଟ ।
ଗିଲାସେ ସୁରାରେ ବରଫ ଖଣ୍ଡ
ଢୋକେ ଦି ଢୋକ ନେଇ
ମାଟିର ମଣିଷ ସହରୀ ହାଙ୍କାରେ
ଗଲେଣି ଅପମିଶ୍ରିତ ହୋଇ ।

Download Magazine from www.aahwaan.com

ଜହ୍ନରାତିର ପ୍ରେମ

ଉମେଶ କୁମାର ବେହେରା

ଝିମ୍ ଝିମ୍ ଝଂକାର କରେ
ଏକ ଏକା ଅନ୍ଧକାର ରାତି
କ୍ଷଣକ ପରେ ଜହ୍ନ ଆସେ
ଚୁନା ଚୁନା ଉଜାଳା ନେଇଁ
ପ୍ରେମିକା କୁ ଦେଖି,ପ୍ରେମିକର ମନେ
ଫୁଟି ଉଠେ ଜୁଇ,ଜାଇ,ହେନା
ବାସ ଛୁଟେ ହୋଇ ଧୂଆଁ ଧୂଆଁ
ନିର ନିର୍ମଳ ହୁଏ ଆକାଶ
ଆକାଶେ ଆସିଲେ ଘଡି ଜହ୍ନ
ନିରବ ରହିଛି ରାତି
କେବେ କହିପାରୁନି କିଛି
ଜହ୍ନ କୁ କେବଳ ଚାହିଁ ରହେ
ମନରେ ମନରେ ଭଲ ପାଏ
ଲୁଚକାଳି ଖେଳେ ଜହ୍ନ,
ବଦଲ୍ ସଙ୍ଗତ
ରାତି ଖେଳେ ତା'ହୃଦୟ ସହିତ
ଯେତେବେଳେ ଜହ୍ନ ଯୋଛନା ଢାଲେ

Download Magazine from www.aahwaan.com

ଏ ଅନ୍ଧକାର ରାତି ଲୁଚିଯାଏ

ଏମିତି ଲୁଚିଲୁଚି ଜହ୍ନକୁ ନିତି ଦେଖୁଥାଏ

ସେ ହି ଜାଣେ ଜହ୍ନକୁ ସେ କେତେ ଭଲ ପାଏ

ହୃଦୟେ ରଖିଛି ଜହ୍ନକୁ,

ମନରେ ଡର..

ସେ ଆସିଲେ ସ୍ୱର୍ଗ ହୁଅଇ ଧରା

ମୁଁ ରାତି ଅନ୍ଧକାର ଭରା ।

ଉମେଶ କୁମାର ବେହେରା

କର୍ଲାବାହାଲି,(କଂଟାବାଞ୍ଜି),ବାଲାଙ୍ଗିର

୮୬୫୮୪୮୪୧୬୬

Download Magazine from www.aahwaan.com

ପଇତା

ମିନତୀ ପ୍ରଧାନ

ପଇତାକୁ ନେଇ ଅନେକ ଯୁଦ୍ଧ,
ବାକବିତଣ୍ଡା, ମୋର ବା ଯାଏ କଣ ?
ମୁଁ ତ ନାରୀଟିଏ,
ଜନ୍ମରୁ ଅଛୁଆଁ !
କୋଳ ଗୋତ୍ର ନ ଥାଇ ସ୍ୱତନ୍ତ୍ର ।

ସମାଜର ଦ୍ୱିତୀୟ ନାଗରିକ,
ଅଜାତି, ଆଜନ୍ମ ସେବିକା,
ମୋର ଲୋଡା ନାହିଁ
ସୂତା, ରେଶମ ଓ ପଶମ
ପଇତା ଉପରେ ହକ ।

ତଥାକଥିତ ବଡ଼ ଜାତିଙ୍କୁ
ପଚାର ! ସତରେ କଣ ପଇତାପିନ୍ଧି
ସେମାନଙ୍କର ହୁଏ ଆତ୍ମାର ବିକାଶ ?
ପଢି ପାରନ୍ତି ହୃଦୟ, ନିକଟତମ ଈଶ୍ୱରଙ୍କର,
ଚିହ୍ନନ୍ତି ପ୍ରକୃତରେ ଆଧ୍ୟାତ୍ମିକତାର ଭାଷା ?

Download Magazine from www.aahwaan.com

ପଇତା ଓ ତଥାକଥିତ ପତିତା
ସମାଜ ଓ ନିୟମ ଉପରେ
ବିସ୍ତାରି ନିଜ ଆଧିପତ୍ୟ,
ଦେଖନ୍ତି ବଡିମା
ଧର୍ମ ନାମେ,
ମନେ ହୁଏ ଉପହାସ.....

ମୋର କିଛି ଯାଏ ଆସେ ନାହିଁ
ଜାତି ତୁମ, କ୍ଷତ୍ରିୟ ବ୍ରାହ୍ମଣ ବୈଶ୍ୟ
ଅବା ଶୂଦ୍ରର.....
ମୁଁ ତ ଲଢୁଛି, ସବୁଦିନେ ପାଇବାକୁ
ଟିକିଏ ମର୍ଯ୍ୟାଦା, ବଞ୍ଚିବାର ଅଧିକାର
ଆଉ ପରିଚୟ ମଣିଷର ।

ପଇତା- ସମାଜରେ ଶ୍ରେଷ୍ଠତାର ପ୍ରତୀକ ଭାବରେ ଗଣନୀୟ, ଯେଉଁଠି ମାନବିକତା ମୂଲ୍ୟହୀନ |

Download Magazine from www.aahwaan.com

ସବୁଚିଠି ଆସେ ଫେରି

ସତ୍ୟବ୍ରତ ସାହୁ

ମୋ ଅଜାଣତରେ ଠିକଣା ତମର ବଦଳାଇ ଦେଲ ବୋଲି
ଚିହ୍ନା ଠିକଣାରେ ଯେତେ ଚିଠି ଦିଏ ସବୁ ଚିଠି ଆସେ ଫେରି - ୧
ଏମିତି ଜୀବନେ କେତେ ଚିଠି ଦେଇ ଠକି ତ ନଥିଲି ଥରେ
ଫେରା ଚିଠି ଏବେ ଧରିବା ପାଇଁ ବି ଦୁଇହାତ ମୋର ଥରେ,
କୁହ ପ୍ରିୟତମ ଭୁଲିଲ କାହିଁକି
କିପାପ ଅବା ମୁଁ କଲି ? (୧)
ପ୍ରେମ ତ ଗୋଟିଏ ପାପଶୂନ୍ୟ ଫୁଲ ତମେ ଦିନେ କହିଥିଲ
ମୋ ପୂଣ୍ୟ ଫୁଲର ପ୍ରୀତି ପାଖୁଡ଼ାରେ ନିଆଁ କିଆଁ ଲଗାଇଲ,
ଲୁହ ଟୋପେ ଦେବ ତୁମ ବିରହରେ
ଯେଉଁଦିନ ଯିବି ମରି (୨)
ମୋ ଅଜାଣତରେ ଠିକଣା ତମର ବଦଳାଇ ଦେଲ ବୋଲି
ଚିହ୍ନା ଠିକଣାରେ ଯେତେ ଚିଠି ଦିଏ ସବୁ ଚିଠି ଆସେ ଫେରି...

ପଲ୍ଲାସାହି, କମାଳପୁର, ଅହିୟାସ
ଯାଜପୁର, ୭୫୫୦୩୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୮୧୬୫୬୧୯

Download Magazine from www.aahwaan.com

ଚକାନୟନ

ଶ୍ରୀରାଜଶେଖର 'ଚିମା'

ନିତ୍ୟେ ଖୋଲା ରଖିଛ ନିଜ ଚକାନୟନ
କେମନ୍ତ କରି ପାରୁଛ ନିଜ କର୍ତ୍ତବ୍ୟର ଚୟନ ।
ମୁଗ୍ଧ ମନୋହର ଯେ ତୁମର ଆନନ
କରୁଛ ସମସ୍ତଙ୍କର ଦୁଃଖର ହନନ ।
ନେତ୍ରପାଇଁ ପର୍ବ ଦେଖି ତୁମର ପୀତବସନ
ନିଜ ଉପାସକଙ୍କଠାରୁ ହୋଇ ପାରିବନି ସ୍ୱାଧୀନ ।
କରେ ଯେବେ ତୁମର ମହାପ୍ରସାଦର ସେବନ
ତୁମ ସଂକର୍ଷଣରେ ତୁମର ବନ୍ଦୀ ହୋଇଯାଏ ମନ ।
ମାଆଙ୍କ କୋଳରେ ଖେଳନ୍ତି ନନ୍ଦନ
ତୁମ ନାମର ନାମ କରଣ କରନ୍ତି, ହେ ନନ୍ଦ ନନ୍ଦନ ।
ହୁଏ ଯେବେ ନନ୍ଦିଘୋଷ ରଥର ଚଳନ
ବଡ଼ଦାଣ୍ଡରେ ହୁଏ ଅନେକ ବନ୍ଧୁବାନ୍ଧବଙ୍କ ମିଳନ ।
ହୁଏ ତୁମର ସୁନାବେଶ ଦର୍ଶନ
ଚିନ୍ତା କରେ କେବେ ମିଳିବ ତୁମର ନାଗାର୍ଜୁନ ବେଶ ଦିବ୍ୟଦର୍ଶନ ।
ଶ୍ରାବ୍ୟ ହୋଇଛି ତୁମର ଅଗଣିତ ଭଜନ
ତୁମପ୍ରତି ଅନୁରାଗ ଯାହାର ଭାଜନ ।

Download Magazine from www.aahwaan.com

କରୁଛି ତୁମକୁ ଏତିକି ନିବେଦନ

ଆସନ୍ନ ହୋଇ ସମ୍ପୂର୍ଣ୍ଣ କରନ୍ତୁ ସମଗ୍ର ସଦନ ।

ତୁମର ନାମ ସ୍ମରଣ ଅତି ପାବନ

ସୁକର୍ମରେ କଟିଯାଉ ଏଇ ଅମୂଲ୍ୟ ଜୀବନ ।

ଏହି ଭୂବନରେ ମନୁଷ୍ୟ ଜନ୍ମ ଏକ ସଂକଳନ

ସୌଭାଗ୍ୟରେ ଉତ୍କଳବାସୀ ହେଲ ଶୁଣିବାକୁ ମିଳିବ ତୁମ ସଂକୀର୍ତ୍ତନ ।

Download Magazine from www.aahwaan.com

ପ୍ରେମ ପାଠ

ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଡ଼ିଆ

ରୋମାଞ୍ଚିତ କରେ ଆଜି ବି ଦେହକୁ
ତୋ ବୁକୁର ଆଲିଙ୍ଗନ,
ଯଉବନେ ମୋର ଶିହରଣ ଖେଳେ
କାମନାର ମଧୁବନ ।
ଭାସି ବୁଲେ ସତେ ଆଜି ବି ପବନେ
ତୋ ଦେହର ମିଠା ବାସ୍ନା
କେମିତି ବଞ୍ଚିବି ତୋ ବିନା ପ୍ରିୟା
କିଏ ମେଣ୍ଟାଇବ ତୃଷ୍ଣା ।
ଜୀଇଁଛି ଆଜି ମୁଁ କେବଳ ତୋ ପାଇଁ
ପାଏ ବୋଲି ତତେ ଭଲ
ଦିନ ସରିଯାଏ ରାତି ପାହିଯାଏ
ସ୍ମୃତି କରେ କଲବଲ ।
ଆଜି ବି ହୃଦୟେ ଗୁଣୁଗୁଣୁ ଗାଏ
ତୋ ପ୍ରେମର ମିଠା ସ୍ୱର
ନିଃଶବ୍ଦ ରାତିରେ ବିଛଣା ସାଥିରେ
ଉଙ୍କିମାରେ ଛବି ତୋର ।

Download Magazine from www.aahwaan.com

ଜହ୍ନକୁ ଦେଖିଲେ ପଡ଼ିଯାଏ ମନେ

ତୋର ସେ ଗୋଲାପି ଓଠ

ବଞ୍ଚିକି ମରୁଛି ବିରହେ ଜଳୁଛି

ପଢ଼ି ତୋ ପ୍ରେମର ପାଠ ।

ବୀରମହାରାଜପୁର, ସୁବର୍ଣ୍ଣପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୯୧୪୦୮୧୪

Download Magazine from www.aahwaan.com

ଜୀବନର ଅନ୍ୟନାମ

ଭାଗିରଥୀ ଯାନୀ

ଗିରି ଗୁମ୍ଫା ଦେଇ ପଥ ଖୋଜିଚାଲେ
ସାଗରର ଅଭିମୁଖେ,
ସୁଦୂର ପଥକୁ ଅତିକ୍ରମ କରି
ସମୁଦ୍ରରେ ଯାଇ ମିଶେ ।
ଲକ୍ଷ୍ୟପଥୁ କେବେ ବିଚ୍ୟୁତି ନ ହୋଇ
କୁଳୁକୁଳୁ ନାଦେ ବହେ,
ମଳମୂତ୍ର ଯେତେ ଢାଳିଲେ ତା'ଦେହେ
ସର୍ବକର୍ମ ସିଏ ସହେ ।
ବନେ ଯେତେ ଥା'ନ୍ତି ଓଉଷଧ ବୃକ୍ଷ
ସର୍ବପଦ କରି ସ୍ପର୍ଶ,
ସଜୀବ ନିର୍ଜୀବେ ଦାନକରି ଜଳ
ଅର୍ଜନ କରିଛି ଯଶ ।
ଝରଣାର ଜଳ ଶୁଭେ କୁଳୁକୁଳୁ
ପାହାଡ଼ର ପାଦ ଦେଶେ,
ତା'ର ସ୍ଥିର ଜଳେ ପ୍ରତିଛବି ଦେଖି
ପାହାଡ଼ି କନ୍ୟାଟି ହସେ ।
ଶେଫାଳୀ ଫୁଲଟି ନିତି ଫୁଟୁଥାଏ

Download Magazine from www.aahwaan.com

ହସି ନିର୍ଝରିଣୀ କୁଳେ,
ମୀନ ଖେଳୁଥାଏ ମହା ଆନନ୍ଦରେ
ଅସ୍ଥିର ନିର୍ଝର ଜଳେ ।
ଜାତି ଧର୍ମବର୍ଣ୍ଣ ବାରଣ ନ କରି
ସଭିଙ୍କୁ ଦିଅଇ ବଳ,
ଛନ୍ଦ କି କପଟ ଜଣା ନାହିଁ ତାଙ୍କୁ
ସେ ଅଟେ ପବିତ୍ର ଜଳ ।
ମନେ ନାହିଁ ତା'ର ରାଗ ଈର୍ଷ୍ୟା ଭାବ
ଅଭିମାନେ ନାହିଁ କାମ,
ତେଣୁ ତାଙ୍କ ନାମ କହିଥାନ୍ତି ସର୍ବେ
ଜୀବନର ଅନ୍ୟନାମ ।

ଦଳପଡ଼ା, ଖଜୁରୀପଡ଼ା
କନ୍ଧମାଳ ଜିଲ୍ଲା, ୭୬୨୦୧୨
ଭ୍ରାମ୍ୟଭାଷ : ୯୪୩୮୦୨୬୮୪୮

Download Magazine from www.aahwaan.com

କାଳ

ଶ୍ରୀ ରମା କାନ୍ତ ମିଶ୍ର

"କାଳମ୍ ପଚନ୍ତି ଭୂତାନି କାଳ ହ୍ୟଃ ସଂହରତେ ପ୍ରଜାହ୍ୟଃ ।
କାଳହ୍ୟଃ ସୁପତେଷୁ ଜାଗର୍ତ୍ତୀ କାଳେହି ଦୂରତିକ୍ରମହ୍ୟଃ ।।"

ଜନ୍ମ ପରେ ସଭିଁଏ
କାଳର କବଳିତ ।
କାଳ ଅତି ବଳବାନ
କାଳକୁ କରିବା ପ୍ରତିହତ
କ୍ଷମତା ନାହିଁ କାହାର ।
କାଳକୁ କେବଳ
ଅତିକ୍ରମ କରିବାକୁ ହୁଏ ।
ହସିକରି କର ଅବା
କାନ୍ଦିକରି କର କାଳକୁ
କରିବାକୁ ହେବ ଅତିକ୍ରମ ।
କାଳକୁ ଅନୁଭବ
କରିବାକୁ ସଭିଁଏ ବାଧ୍ୟ ।

କାଳ ନୁହେଁ କାହାରି ସଖା
ଅବା କାହାରି ଶତ୍ରୁ
ସେ କାମ କରେ ତାହାର
ଜଗତନିୟନ୍ତାଙ୍କର ଆଦେଶରେ ।

Download Magazine from www.aahwaan.com

କାଳକୁ ଦୋଷ ଦେଇ
ଲାଭ ତ କିଛି ନାହିଁ ।
ଦୋଷ ଦିଅ ନିଜ କର୍ମକୁ
ଯେ କରାଳ କରାଏ କାଳକୁ ।
କାଳ ନୁହେଁ ସନ୍ତୁଷ୍ଟ ଅବା
କାହାରି ଉପରେ କୁପିତ ।
ନିଜ କର୍ମ କରେ ତାହାକୁ
ସନ୍ତୁଷ୍ଟ ଅବା କରାୟଉ ।

ଶୟନେ, ସ୍ୱପନେ, ଜାଗରଣେ
କାଳ ସଭିଙ୍କୁ ଜିଣେ ।
ଛାଡିବାକୁ ନ ଚାହିଁଲେ ମଧ୍ୟ
ଛାଡିବାକୁ ହେବ ବାଧ୍ୟ ।
ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟତ
ଆମେ ସବୁ କାଳ କବଳିତ ।
ଆସ ଆମେ କରିବା ବନ୍ଦନା
"ହେ 'ମହାକାଳ'
କାଳ କାଳକୁ,
ଆମକୁ ସହାୟତା କର ।"

ଭି.ଆଇ.ଏମ. - ୨୬୮, ଶୈଳଶ୍ରୀ ବିହାର
ଭୁବନେଶ୍ୱର - ୭୫୧୦୨୧
ମୋବାଇଲ - ୯୯୩୭୨୬୮୦୧୨

Download Magazine from www.aahwaan.com

ମାଆ ପରି କେହିନାହିଁ

ଶ୍ରୀଧର ସାହୁ

ପିଲାବେଳେଯେବେକାନ୍ଦୁଥିଲିକଇଁ କଇଁ ।
ମା ଆସୁଥିଲା ଆଖି ଲୁହ ପୋଛି ବା ପାଇଁ ।

ମା ପଣତ କାନି ଦେଉଥିଲା ଧୂଳି ଝାଡି ।
ପିଲା ଦିନ ସମୟ ଚକ ଯାଇଛି
ଗଢ଼ି ।

ମନେ ପଡେ ଆଜି ମୋପିଲା ଦିନ ଅଝଟ ।
ମାଆ ପାଖରେ ଆଜି ବି ମୁଁ ରହିଛି ଛୋଟ ।

ଯେତେ ଦୁଃଖ କଷ୍ଟ କୁ ମୋ ପାଛୁଟି ନିଏ ।
ମୋ ଓଠରେ ହସ ଲହରି ଖେଳାଇ ଦିଏ ।

ଯେବେନିଶି ରେମୋ ଆଖିକି ନଆସେ ନିଦ ।
ମାଆ ର ମୁଖରୁ ଝରଇ ଲହରି
ପଦ ।

ମାଆ ର ପଣତ ସଦା ଥାଉ ମୋ ଉପରେ ।
ଜୀବନ ମୋର ଯାଉ ମାଆ ପାଦ ସେବାରେ ।

ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

ମଶାଣି ଜଗିଛି ତମରି ପାଇଁ

କୁମାର ଲୋକେଶ୍

କେତେ ଆଶା ନେଇ ଆସିଥିଲି ଧାଇଁ
ତମକୁ ଦେଖିବା ପାଇଁ
ଚାଲିଗଲ ପ୍ରିୟା କହିଲନି ପଦେ
ବିଶ୍ୱାସ ମୋ ଠାରେ ନାହିଁ,
କଥା ଦେଇଥିଲ ସାତ ଜନମକୁ
ରହିବା ଏକାଠି ହୋଇ
ଆଜି କିନ୍ତୁ ତମେ ଏକା ଚାଲିଗଲ
ହସ ମୋର ସବୁ ନେଇ,
ସେଦିନୁ ଜଗିଛି ମଶାଣି ଭୂଇଁରେ
ତମରି ଶବକୁ ଚାହିଁ
ଦିନ ମୁଁ ଗଣୁଛି କେବେ ମରିଯିବି
ଶବ ପରେ ତମ ଶୋଇ,
ସାଙ୍ଗ ହୋଇ ଆମେ ବଞ୍ଚି ପାରିଲେନି
ସାଙ୍ଗ ହୋଇ ମରିଯିବା
ତମେ ମୋ ପାଖରେ ମୁଁ ତମ ପାଖରେ
ସବୁଦିନ ରହିଥିବା ।

ଢେଙ୍କାନାଳ, ଗୋରଡାପାଳ, ୭୯୮୧୩୧୦୭୧୯

Download Magazine from www.aahwaan.com

କବିମାନସରେ ନାରୀ

ଅରୁଣ କୁମାର ପାତ୍ର

ନାରୀ - କବି କଳ୍ପନାର ଅନିନ୍ଦ୍ୟ ରୂପ ଲାବଣ୍ୟମୟୀ ଦେବୀ
ସ୍ନେହ-ପ୍ରେମ-ବାତ୍ସଲ୍ୟ ମମତାର ମୂର୍ତ୍ତୀମତୀ ନିଛକ ଛବି ।
ନାରୀ ହେଉଛି ବିସ୍ମୟ ସୃଷ୍ଟିର
ପରୋକ୍ଷେ ବା ପ୍ରତ୍ୟକ୍ଷେ,
ଦେଇଥାଏ ପୁରୁଷକୁ
ସ୍ୱୀକୃତି ଉତ୍‌ଥାନ ପତନର ।୧ ।
ହୋଇପାରେ ନାରୀ ପୁରୁଷର
ସହକର୍ମିଣୀ-ସହମର୍ମିଣୀ-ସହଧର୍ମିଣୀ
ନୁହେଁ ସେ କର୍ମ-ସହଚରୀ
କିନ୍ତୁ ଭରିଦିଏ ହୃଦୟ ଭିତରେ
ସ୍ୱର୍ଗୀୟ ପୀୟୁଷ ପ୍ରେମର ।୨ ।
ପରିବାର ପାଇଁ ନାରୀ ଭୋଗିପାରେ
ସକଳ ଯନ୍ତ୍ରଣା ମଙ୍ଗଳ କାମନା କରି
ପତି ହୋଇଛି ତା' ଇହକାଳର ଦେବତା
ତା'ର ସୁଖଦୁଃଖରେ ହୁଏ ସେ ଦୁଃଖିନୀ ।୩ ।
ବିଚ୍ୟୁତ ହୋଇନାହିଁ ଅତୀତରେ କେବେ
ନାରୀ ଆଦର୍ଶ ଜୀବନରୁ
ନାରୀର ନାରୀତ୍ୱ ଶୁଦ୍ଧ ସୁବର୍ଣ୍ଣ
ପାଲଟିଯାଏ ସେ ଜ୍ୟୋତିର୍ମୟୀ ଦେବୀ ।୪ ।
ଅତୀତର ନାରୀ ସଂକଳ୍ପର ପରାକାଷ୍ଠାପାଇଁ

Download Magazine from www.aahwaan.com

ଝାସ ଦେଉଥିଲେ ଚିତାନଳକୁ
ଆଜିକାଲି ଲୋକେ 'ଦୁହିତା' ପଦବାଚ୍ୟ
ବୋଲାନ୍ତି କେବଳ ନାରୀକୁ ।୫ ।
ନାରୀ ଅନ୍ତରର କଥା ଜାଣି ପାରନ୍ତିନି ବିଧାତା
ସବୁରି ମୂଳରେ ନାରୀ
ସେ'ତ କପଟ, ପାପ ଓ ଅବଗୁଣର ଖଣି ।୬ ।
ସ୍ୱାମୀକୁ ଯେପରି ପ୍ରଦାନ କରେ ସେ ସ୍ୱର୍ଗୀୟ ପୀୟୁଷ ସୁଖ
ସନ୍ତାନ ମାନଙ୍କୁ ପ୍ରଦାନ କରେ ସେ ସୁଧାମୟ ବାତ୍ସଲ୍ୟମମତା
ସମାଜ ତଥା ପରିବାରକୁ କରେ ସେ ବଶୀଭୂତ ।୭ ।
ପୁରାଣେ ସୁଭଦ୍ରା ବିରାନାରୀ ଭାବେ ସୁସମ୍ମାନିତା
ଇତିହାସେ ପଦ୍ମିନୀ, ଦୁର୍ଗାବତୀ, ଶୁକଦେଇ ଓ ଲକ୍ଷ୍ମୀବାଇ
ଅସୀମ ଶକ୍ତି ବୀରତ୍ୱ ଦ୍ୱାରା ଶତ୍ରୁଙ୍କୁ କରନ୍ତି ଭୟଭୀତା ।୮ ।
ପରାସ୍ତ ଯେଉଁଠି ପୁରୁଷର ଶକ୍ତି
ଆବଶ୍ୟକ ସେଇଠି ନାରୀର ଶକ୍ତି
ଏକଥା ଦେବୀ ଦୁର୍ଗା ପ୍ରମାଣିତା ।୯ ।
ଜ୍ଞାନ ରାଜ୍ୟେ ବିସ୍ମୟ ସୃଷ୍ଟି କରିଛନ୍ତି
ମୈତ୍ରେୟୀ, ଗାର୍ଗୀ, ଲୀଳାବତୀ
ଭକ୍ତିମାର୍ଗେ ଭଗବାନଙ୍କ ସାନିଧ୍ୟ
ଲାଭ କରିଛନ୍ତି ମୀରା, ଦାସୀ ବୃନ୍ଦାବତୀ ।୧୦ ।
ନାରୀ ପ୍ରେମମୟୀ, ସ୍ନେହମୟୀ, ତ୍ୟାଗମୟୀ
ସେ ଜାୟା ଜନନୀ ଭଗିନୀ ଭାବିନୀ
ସେ ପୁଣି ସୃଷ୍ଟିକାରିଣୀ ବିଘ୍ନବିନାଶିନୀ
ମଙ୍ଗଳଦାୟିନୀ ଅଭୟା ଏବଂ ପ୍ରଳୟକାରିଣୀ ଭବାନୀ ।୧୧ ।

Download Magazine from www.aahwaan.com

ନାରୀ ପୁରୁଷର ବାଗଦାତ୍ରୀ
ପ୍ରେରଣା, ଉତ୍ସାହ ଓ ଉଦ୍ଦୀପନା
ଏଥିପାଇଁ ନାରୀ ଯୁଗେ ଯୁଗେ
ଚୀର ପୂଜନୀୟା, ବନ୍ଦନୀୟା, ଧନ୍ୟା ।୧୨ ।
ସମୟର ପରିବର୍ତ୍ତନରେ ନାରୀ ଆଜି ଆଦର୍ଶର ଗୁଣାବଳୀ
ଲୋପପାଇବାକୁ ବସିଛି
ସେ ଆଜି ହେଉଛି ଲୀଳାସଂଗିନୀ
ହୋଇପାରୁନାହିଁ ସ୍ନେହମୟୀ ପତ୍ନୀ ।୧୩ ।
ନାରୀ ସମାଜ ହରାଇ ବସିଛି
ଅତୀତର ଐତିହ୍ୟ, ସଂସ୍କୃତି ଓ ପରମ୍ପରା
ସମାଜ ହୋଇଛି ଅବହେଳିତା
ନାରୀ ସାଜିଛି ପୁରୁଷ ହାତେ, କ୍ରୀଡ଼ା ପୁତ୍ତଳିକା ।୧୪ ।
ପୁରୁଷର ସ୍ୱାର୍ଥନ୍ୱେଷୀ ଦୃଷ୍ଟିକୋଣ
ନାରୀ ସମାଜପ୍ରତି ଅବହେଳା ଅବମାନନା ଓ ଔଦାସୀନ୍ୟତାର
କାରଣ ହୋଇଛି ନାରୀ ସମାଜର ଅଧୋପତନର ।୧୫ ।

କେନ୍ଦୁପଦର, ଫୁଲବାଣୀ, ୭୬୨୦୦୧,
କନ୍ଧମାଳ ଜିଲ୍ଲା, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୭୬୫୨୭୫
ଇମେଲ୍ : arunpatra21171@gmail.com

Download Magazine from www.aahwaan.com

ମନେପଡ଼େ ପ୍ରିୟାକଥା

ରଶ୍ମି ରଞ୍ଜନ ସାହୁ

ମନେପଡ଼େ ଆଜି ମୋର ପ୍ରିୟା କଥା
ତା ସୁନେଲି ମୁହଁର ମିଠା ନିରବତା,
ଗୋଲାପି ଓଠରେ ତା'ର ହସର ଜୁଆର
ନୀଳନୀଳ ଆଖି କହେ କେତେ କଥା ।
ପରୀଠୁ ସୁନ୍ଦର ଦିଶେ ତା'ର ବେଶ,
ସୁନ୍ଦର ଲାଗଇ ତା ଓଠ ତଳ ହସ ।
ରାଜହଂସୀ ପରି ଲାଗେ ଚାଲି ତା'ର,
ତା କଥାରୁ ଝରେ ମଣିମୁକୁତାର ହାର ।
ଫୁଲଠୁ କୋମଳ ଯେ ଜହ୍ନଠୁ ସୁନ୍ଦର,
କୋଟିଏରେ ଗୋଟିଏ ସେ ପ୍ରିୟା ମୋର ।
ପ୍ରିୟା ଦେଲେ ହସି ଜହ୍ନ ଯିବ ରୁଷି
କବି ବି ଭୁଲିଯିବ କବିତା,
ମନେ ପଡେ ଆଜି ମୋର ପ୍ରିୟା କଥା ।
ଗୋରା ପାଦରେ ତା'ର ରୂପାର ପାଉଁଜି,
ଚୋରେଇ ନେଇଛି ମୋର ନିଦ ଆଜି ।
ରୁଣୁଝୁଣୁ ଶୁଭେ ତା ହାତର ଚୁଡି,
ସ୍ୱପ୍ନରେ ସଜେଇ ହୁଏ ମୋ ମନର ପରୀ ।

Download Magazine from www.aahwaan.com

ଚନ୍ଦ୍ରଭାଗା ପରି ଗୁଣ ପରିଗୁଣ
ମୁକୁତା ପରି ତା'ର ମୂଲ,
ସକୁନ୍ତଳା ପରି ହସିଦେଲେ ଥରେ
ଓଠରୁ ଝରେ ତା'ର ଫୁଲ ।
ଗୋଲାପ ପରି ତା କୋମଳ ହୃଦୟ,
ନ ଦେଖିଲେ ତାକୁ, ହୁଏ ମୁଁ ଅଥୟ ।
ଜାଣିନାହିଁ କେବେ ସେ ସାଜିବ ମୋ ମଧୁଚନ୍ଦ୍ରିକା,
ମନେ ପଡେ ଆଜି ମୋର ପ୍ରିୟା କଥା ।

ଭୁବନେଶ୍ୱର
ଯୋଗାଯୋଗ : ୭୦୭୭୫୧୪୧୧୪

Download Magazine from www.aahwaan.com

ଆସ ଫଗୁଣ

ପ୍ରିୟଙ୍କା ସାହୁ

ଫଗୁଣ ତୁମେ ଗଲା ପରେ ପରେ
ଅନେକ ଯାତନା ଏଠି,
ଝାନ୍‌ଜି ବଇଶାଖୀ ତତଲା ଛୁଆଁ
ଭିଜିଗଲା ତୁମ ଚିଠି ।

ଖରାବେଳେ ଆସେ କାଳବୈଶାଖୀ
ନୁହେଁ ତୁମଠୁ ସରସୀ,
ଉଡେଇ ନେଲା ସେ ପ୍ରୀତି କଳସୀ
ଭସେଇ ଦେଲା ମୋ ଖୁସି ।

ଆସ ଫଗୁଣ ଭାଂଗି ଋତୁଚକ୍ର
ହସି ଉଠୁ ଏ ଧରଣୀ,
ଭରି ଦିଅ ତୁମ ମୃଦୁ ପରଶ
ନାଚି ଉଠୁ ବିରହିଣୀ ।

ସାହାନିୟାଜ ପୁର
କଟକ

Download Magazine from www.aahwaan.com

ଜୀବନ

ଜଗଦୀଶ ମିଶ୍ର

ଜୀବନଟା ଏକ ପ୍ରଶ୍ନ
ଯା'ର ଉତ୍ତର ଖୋଜିବା କଷ୍ଟ,
ଜୀବନଟା ଏକ ବାଟ
ଯା'ର ଦୂରତା ମାପିବା କଷ୍ଟ ।
ଜୀବନଟା ଏକ ନଈ
ଯା'ର ଗଭୀରତା ମାପ ନାହିଁ ।
ଜୀବନଟା ଗୋଟେ ବହି
ଯା'ର ପୃଷ୍ଠାର ଶେଷ ନାହିଁ,
ଜୀବନଟା ଗୋଟେ ଗୀତ
ଯାହା ଗାଇଲେ ବି ସରେ ନାହିଁ ।
ଜୀବନଟା ଏକ ସଂଗ୍ରାମ
ଯା'ର ସଂଘର୍ଷର ଅନ୍ତନାହିଁ
ଜୀବନଟା ଏକ ପାଠ
ଯା'ର ଶିକ୍ଷାର ସମାପ୍ତି ନାହିଁ ।

Download Magazine from www.aahwaan.com

ସୁଦର୍ଶନ

ପ୍ରଶାନ୍ତ କୁମାର ନାଥ

ଥିଲା ଗୋଟେ ମଫସଲି ଗାଆଁ
ସୁରପୁର ବୋଲି ତାର ନାଆଁ ।।
ରହୁଥିଲେ ସେଠି ଯେତେ ମୁର୍ଖ
ପାଠଯେ ନମାଡେ ତାଙ୍କ ପାଖ ।।
ସୁଦର୍ଶନ ବୋଲି ଗୋଟେ ପିଲା
ପଢିବାକୁ ସିଏ ମନ କଲା ।।
ଏକଥା ଶୁଣିନ ଗ୍ରାମବାସୀ
ହୋଇଲେ ସମସ୍ତେ ହସାହସି ।।
ପାଠେ ତାର ମନଟାକୁ ବାନ୍ଧି
ବାପାଙ୍କୁ କହିଲା କାନ୍ଦି କାନ୍ଦି ।।
ସ୍କୁଲ୍ରେ ମୋର ନାଁ ଦିଅ ଲେଖି
ହେବା ନାହିଁ ଆମେ ଜମା ଦୁଃଖି ।।
ପିଲାଟିର ସେହି କଥା ରଖି
ସ୍କୁଲ୍ରେ ତା ନାମ ଦେଲେ ଲେଖି ।।
ପାଠ ପଢିବାକୁ ଗଲା ସିଏ
ନଟପି ପାରିଲେ ତାକୁ କିଏ ।।
ମୁଣ୍ଡରେ ଥିଲାତ ପାଠ ଖଣି

Download Magazine from www.aahwaan.com

ପଢୁ ପଢୁ ଗଲା ସବୁ ଜାଣି ।।
ଆଦର୍ଶ ଛାତ୍ରଟେ ସିଏ ହେଲା
ଗୁରୁଙ୍କ ହୃଦୟେ ଘର କଲା ।।
ପାଠ ପଢି ଡାକତର ହେଲା
ଗାଆଁ ରୋଗୀଙ୍କର ସେବା କଲା ।।
ବାପା ମାଆ ତାର ହେଲେ ଖୁସି
ଉପକୃତ ହେଲେ ଗ୍ରାମବାସୀ ।।
ଗାଆଁର ସମ୍ମାନ ଗଲା ବଢି
ସମସ୍ତେ ଧାଇଁଲେ ପାଠ ପଢି ।।
ମୁରୁଖ ନହେଲେ କେଉଁ ପିଲା
ଗାଆଁଟା ଶିକ୍ଷିତ ହୋଇଗଲା ।।

ନଂ-୧୦, ଫାଷ୍ଟ ଫ୍ଲୋର, ଫାଷ୍ଟ ବି କ୍ରସ୍, ଏସ୍. ଜି. ଏନ୍ ଲେଆଉଟ୍,
କସମିକ୍ ଏମ୍ବାସୀ, ବାଙ୍ଗାଲୋର - ୫୬୦୦୨୭
ମୋ - ୦୮୮୯୨୩୦୧୧୪୩

Download Magazine from www.aahwaan.com

ସମୟ ବଡ଼ ବଳବାନ



ଲୋକେଶ ପ୍ରଧାନ

ସମୟ ଜୁଆର କରେନି ଅପେକ୍ଷା
ଏହାକୁ ଯେ ତିଳେ ନକର ଉପେକ୍ଷା ।।
କର୍ମ କର ଫଳେ ନରଖି ଆଶା
ନିରାଶା ହୋଇଣ ହେବ ହତାଶା ।।
ପରିଶ୍ରମ କର ପଛେ ନ ଚାହିଁ
ସଫଳତା ନିଶ୍ଚେ ଆସିବ ଧାଇଁ ।।
ବିଫଳ ହେଲେ ଭାଙ୍ଗି ନ ଯାଅ
ଅଳ୍ପ ହେଉ ପଛେ ଶିକ୍ଷା ତ ପାଅ ।।
ସମୟ କୁ ଯେ ନଷ୍ଟ କରଇ
ବୁଦ୍ଧିବଣା ହୋଇ ଅବାଟେ ଯାଇ ।।
ଭାଗ୍ୟ ନିନ୍ଦି ଦିଏ ଅନ୍ୟ କୁ ଦୋଷ
ବୃଥା ରେ ହୁଏ ତା ମନ ରୋଷ ।।
ବାଲ୍ୟକାଳେ ପାଠେ ନ କର ହେଳା
ହେଳା କଲେ ଜାଣ ବୁଡ଼ିବ ଭେଳା ।।
ଏ ସମୟ କେବେ ଫେରିବ ନାହିଁ
ଅନୁତାପ କଲେ କି ଲାଭ ପାଇ ।।
ସମୟ କୁ କରେ ଯେ ହେୟଜ୍ଞାନ

Download Magazine from www.aahwaan.com

ନ ଜାଣେ ସମୟ କେଡ଼େ ବଳବାନ ।।

ଧୈର୍ଯ୍ୟଶୀଳ ହୋଇ ଯେ କରେ ଗତି

ଲଭିବ ଦିନେ ନା ଦିନେ ସୁଖ୍ୟାତି ।।

ପରିଶ୍ରମୀ ହୁଅ ଲଗାଇ ଧ୍ୟାନ

ନିଶ୍ଚୟେ ବିଜୟ ହେବଟି ଜାଣ ।।

ଏ କଥାକୁ କର ଗୁରୁ ବଚନ

ପାଠ ପଢ଼ ଧ୍ୟାନେ ଲଗାଇ ମନ ।।

ପ୍ରେରକ- ଲୋକେଶ ପ୍ରଧାନ, ନୂଆପଡ଼ା, ଓଡ଼ିଶା

Download Magazine from www.aahwaan.com

ଅଲୋଡ଼ା କବିଙ୍କ, ଅଜ୍ଞାନବାର୍ତ୍ତା

ପଙ୍କଜ

କବି ନୁହେଁ ମୁହିଁ, ନୁହେଁ ବ୍ରହ୍ମ ଜ୍ଞାନୀ !
ଲେଖୁଛି କବିତା ଆଜି, ବସି ଅନ ଲାଇନି ।
ଭୁଲ ହେବାଟା ତ ସ୍ୱାଭାବିକ କଥା
ଆଶା ଭାଇ ଭଉଣୀ ମୋ ନ ମଣିବେ ବ୍ୟଥା ।

ଭାବୁଛି ନିଜକୁ ନିଜେ, ମୁ ଜ୍ଞାନର ଭଣ୍ଡାର !
ପ୍ରକୃତି ହସି କହୁଛି, ତୁ ପୋକ ଅଟୁ ଛାର !
ପାଟି ନାହିଁ ତାହାର, ଦିଏ ସେ ଇସାରା !
ବୁଝି ହୁଏ ନାହିଁ ତାହା, କାରଣ ମୁ ବ୍ୟସ୍ତ ଦିନ ସାରା !

ଆଖି ଖୋଲିବାକୁ ମୋର, ଚାହୁଁ ଥିଲି ଦିନେ
ପ୍ରବେଶିଲି ଯେବେ ମୁହିଁ, ସାଂସାରିକ ଜ୍ଞାନେ !
ସାହି ପଡିସା ମୋ, ସାଥି ବନ୍ଧୁ ବାନ୍ଧବେ
ଛନ୍ଦି ଦେଲେ ମୋତେ ଜଞ୍ଜାଳ କର୍ତ୍ତବ୍ୟେ !

ଭୁଲିଗଲି ମୁଁ ଯେ, ନିଜକୁ ନିଜ ଭିତରେ
ଡୁବି ଗଲି ଭବ ସଂସାର ସାଗରେ !

Download Magazine from www.aahwaan.com

ପିଲା କୁଟୁମ୍ବ ଙ୍କୁ ନେଇ ପହଁରିଲି ନଈ
ନଜାଣିଲି ଲକ୍ଷ ସ୍ଥଳ କୋଉଠେ ମୋ ଯାଇ !

ଜନ ଧନ ଅର୍ଜନ ମୋ ନ ଥିଲା ମୋ ପାଶେ
ସରିଲା ବେଳକୁ ଜଞ୍ଜାଳ, ମୋ ଜୀବନ ଶେଷେ !
ପୁଣି ଥରେ ଖୋଜି ବୁଲେ, ଚିହ୍ନିବାକୁ ନିଜକୁ ନିଜେ
ନାହିଁ ଆଉ ସମୟ କି ଶକ୍ତି, ଯାହା ନିତି ଖୋଜେ !

ଭାବି ଭାବି ବସି ଥାଏ, ଜୀବନ ରହସ୍ୟ ଉଂଖୁରୀ
ମାୟା ମାୟା ଲାଗୁ ଥାଏ ଚତୁର୍ପାର୍ଶ୍ୱ ଘେରି !
ନିଶ୍ୱାସ ତ୍ୟାଗ ର କିଛି କ୍ଷଣ ପୂର୍ବେ
ବୁଝିଗଲି ସଂସାରକୁ ନ ଫେରିବି ଆଉ କେବେ !

ହେଲି ଏ ଭବ ସଂସାରୁ ପାରୀ, ହେ ମୋର ଜନନୀ ଜନ୍ମ ଦାତ୍ରୀ ନମସ୍ୟ ମୁ ପାଖରେ
ତୁମରି !!!

ପଙ୍କଜ ।

Download Magazine from www.aahwaan.com

ବିଘ୍ନ

ଅବିନାଶ ମାଟିଆ

ବିଘ୍ନତାର ବିଘ୍ନ ପ୍ରାଚୀର ମଧ୍ୟରେ
ଜ୍ୱାଳାଶିଳ ଜ୍ୱାଳାମୁଖୀର ଗର୍ତ୍ତରେ,
ହଜିଗଲ ପ୍ରିୟା ହଜିଗଲ...
ପ୍ରାଚୁର୍ଯ୍ୟର ଏହି ବକ୍ଷ ବୁକୁରେ
କଉ ବ୍ରହ୍ମାଣ୍ଡକୁ ବାଛିନେଲ,
ହଜିଗଲ ତମେ ହଜିଗଲ... (ଭାଗ ଏକ)

ଧ୍ରୁବ ଅକାଶର ସୁଗ୍ରୀବ ତୁମେ ଯେ
ଛାତିରେ ପାଷାଣ ଭରି ନେଲ,
ବିଧ୍ୱଂସର ସେହି ବିରଳିକା ସାଜି
ଏ କଉ ଶିଳାଲେଖ ଲେଖି ଗଲ । ।
ହଜିଗଲ ପ୍ରିୟା ହଜିଗଲ...
ହଜିଗଲ ତମେ ହଜିଗଲ... (ଭାଗ ଦୁଇ)

ଶାମୁକାର ସେହି ଧୂସର ଜ୍ୱାଳାକୁ
ପ୍ରେମିକ ମଥାରୁ କାଢିନେଲ,
ନିମିଷକ ତାତି ଛାତିରେ ଛାଟିକି

Download Magazine from www.aahwaan.com

ଅକାଳେ ଅକଲ୍ପ ଦେଖାଇଲ

ହଜିଗଲ ପ୍ରିୟା ହଜିଗଲ...

ହଜିଗଲ ତମେ ହଜିଗଲ... (ଭାଗ ତିନି)

ସୁନ୍ଦର ଚନ୍ଦ୍ରର ଅସୁନ୍ଦର ରଙ୍ଗ

କାହିଁଯେ ମୁହଁରେ ମାଖିନେଲ,

ପ୍ରେମିକ ମନର ପ୍ରେମିକାକୁ ମାରି

କେଉଁ ସେତୁପଥ ବାଛିନେଲ..

ହଜିଗଲ ପ୍ରିୟା ହଜିଗଲ...

ହଜିଗଲ ତମେ ହଜିଗଲ..... (ଭାଗ ଚାରି)

ବିଗତ ବନ୍ୟାର ଢେଉ ମାଟି ଆଣି

ପୁଣିଯେ କାଈଁ ଭିଜାଇଲ,

ଲାଜ ବି ଲଜ୍ଜା ରେ ଶୋଇଗଲା ପ୍ରିୟା

ଏଠି ଦାସ ବି ଦାସୀ ର ମହକିଲ..

ହଜିଗଲ ପ୍ରିୟା ହଜିଗଲ...

ହଜିଗଲ ତମେ ହଜିଗଲ.... (ଶେଷ ଭାଗ)

କରଞ୍ଜିଆ, ମୟୁରଭଞ୍ଜ, ଓଡ଼ିଶା

Download Magazine from www.aahwaan.com

ଫେରନ୍ତା କି

ଅଶୋକ ଦିଗାଳ

ଫେରି ଆସନ୍ତା କି ଶିଶୁ ବେଳ
ମାଁ କୋଳେ ଝୁଲନ୍ତି ! ।
ଲେଉଟନ୍ତା କି ପିଲାବେଳ ?
ଗାଁ ସାଥି ମେଳେ ଖେଳନ୍ତି ।
ଆସନ୍ତା କି ଫେରି ସ୍କୁଲ ବେଳ
ବନ୍ଧୁଙ୍କ ସାଙ୍ଗେ ପଢନ୍ତି ।
ହୁଅନ୍ତା କି ପଛ କଲେଜ ବେଳ ?
ମିତଙ୍କ ସାଥେ ମସ୍ତି କରନ୍ତି ।
ଫେରନ୍ତେ କି ମୋ ଜୀବନ ସାଥି ?
ଏକା କୁଟୀରେ ରହନ୍ତି ।
ଫେରନ୍ତା କି ମୋ ପ୍ରାଣବାୟୁ
ପୁଣିଥରେ ଜିଅଁନ୍ତି ।

ଅଶୋକ ଦିଗାଳ, ବାଲିଗୁଡ଼ା

Download Magazine from www.aahwaan.com

ନୀଳକଣ୍ଠ

ଶେଷଦେବ ଯଜ୍ଞକାମ ଦେଓ

କେହି ଜଣେ ହାତଧରି ଟାଣୁଥିଲା ?
ଡାକୁଥିଲା ସୁନାଖେତ ଆଡ଼େ,
ଦେଖିବାକୁ-
ସବୁଜ ଖେତରେ ସୁନା ଧାନର ଲହରୀ
ଶୁଣିବାକୁ ଶୀତର କାହାଣୀ ।
ମତେ କିନ୍ତୁ ଶୁଭୁଥିଲା
ବୁକୁଫଟା କ୍ରନ୍ଦନର ରୋଳ
ବେସାହାରାର ଆର୍ତ୍ତ ଚିତ୍କାର
ସର୍ବହରା ପରିବାରର ଆତ୍ମଲିପି
ଆଉ କେତେଟା ସର୍ବହରାଙ୍କ ହୁଙ୍କାର
କୀର୍ତ୍ତିମନ୍ତ ରାଜାଙ୍କ ବିରୋଧରେ
କାନଫଟା ସ୍ଲୋଗାନ୍ ।
ମତେ ଦେଖାଯାଉଥିଲା-
ଦୂର ଦିଗନ୍ତବିସ୍ତାରୀ ଉଠୁଥିବା ଧୁଆଁ
ଡହଡ଼ କରାଳ ରୂପୀ ନିଆଁ,
ଦୁଃଖ, କଷ୍ଟ, ଯନ୍ତ୍ରଣା, ହାଡ଼ଭଙ୍ଗା ପରିଶ୍ରମ
ଋଣଦିଆ ମହାଜନର ତାଡ଼ନା

Download Magazine from www.aahwaan.com

ନିଗିଡ଼ା ରକ୍ତର ଅର୍ଦ୍ଧଦଗ୍ଧ ରୂପ,

ତଳେ ଗଡୁଥିଲା ନକଲି ବିଷ

ଦରପୋଡ଼ା ଧାନଗଛ,

ଅଧା ସିଝା ଚକଡ଼ା ପୋକ,

ଆଉ

ସାରା ସଂସାରକୁ ଆହାର ଦେଇ

ହଳାହଳ ବିଷ ପିଇଥିବା

ନୀଳକଣ୍ଠଙ୍କ ଶବ୍ଦ ।

ବାହାବଳପୁର, ଯାଜପୁର, ଓଡ଼ିଶା

Download Magazine from www.aahwaan.com

ଦଣ୍ଡନାଟ

ସନ୍ତୋଷ ପଟ୍ଟନାୟକ

ବିଶ୍ୱରେ ବିରଳ ଆମରି ଉତ୍କଳ
ଅଧୁନା ଓଡ଼ିଶା ଭୂଇଁ
ଆରାଧ୍ୟ ଦେବତା ଜଗତର କର୍ତ୍ତା
ଭକ୍ତମନ ଥାନ୍ତି ମୋହି ।
ବୈଷ୍ଣବର ସାଥେ ଶୈବ ଆଉ ଶାକ୍ତ
ସର୍ବଧର୍ମ ସମନ୍ୱୟ
ସଦା ପ୍ରଚଳିତ ବିଶ୍ୱେ ପ୍ରତିଷ୍ଠିତ
ପରମ୍ପରା ଲୋକନାଟ୍ୟ ।
କଟକେ ପାଟୁଆ, ଢେଙ୍କାନାଳେ ଝାମୁ
ଉଡ଼ା ପୂଜା ବାଲେଶ୍ୱରେ
ଦଣ୍ଡନାଚ ନାମେ ଏକ ପରମ୍ପରା
ଖ୍ୟାତ ଅଟେ ଗଞ୍ଜାମରେ ।
ସବୁଠୁ ନିଆରା ଭକ୍ତିଭାବ ଭରା
ଗ୍ରୀଷ୍ମକାଳୀନ ଏ ପର୍ବ
କଳାରୁଦ୍ରମଣି ଭଜହେ ଧ୍ୱନିରେ
ଦୁଃଖ ହୁଅଇ ଲାଘବ ।
ଆରାଧ୍ୟା ଦେବତା ଦଣ୍ଡକାଳୀ ମାତା
ଚମ୍ପାବର, ବେତ ଗୁଆ
ବାଦ୍ୟ ଢୋଲ ଘଣ୍ଟ ମହୁରୀ ଓ ଝାଞ୍ଜ
ମୁଖ୍ୟ ପାଟ ଦଣ୍ଡୁଆ ।

Download Magazine from www.aahwaan.com

ମୁଖ୍ୟ ଭୋକ୍ତା ତେର ରହି ଉଜାଗର
ଦଣ୍ଡିତ ଷୋଳପ୍ରକାରେ
ସୁଆଙ୍ଗ ଷୋହଳ ମୁଖ୍ୟ ଆକର୍ଷଣ
ପରମ୍ପରା ଅନୁସାରେ ।
ବୀଣାକାର ଗୀତ ତେରଦିନ ଯାତ
ଦ୍ୱିପହରେ ଧୁଳିଦଣ୍ଡ
ଆମ୍ବ, ଲିଆ, ଖଇ ନବାତକୁ ନେଇ
ପାଣିଦଣ୍ଡେ ସର୍ବେ ରୁଣ୍ଡ ।
ଚାଉଳ ଅରୁଆ ପ୍ରସାଦ ନିଆରା
ମୁଗଡାଲି ପରିବା ଗୋଟା
ହବିଷ୍ୟାନ୍ନ ସେଇ ଦଣ୍ଡୁଆଙ୍କ ପାଇଁ
ଅକଟା ପୁଣି ଅଫୁଟା ।
ସରଳ ଗ୍ରାମୀଣ ଜୀବନ ଦର୍ଶନ
କଥାବସ୍ତୁ କାହାଣୀରେ
ହାସ୍ୟରସ ସାଥେ ବହୁ ଉପଦେଶେ
ପ୍ରଦର୍ଶନ ସୁଆଙ୍ଗରେ ।
ଦଣ୍ଡକାଳୀ ବ୍ରତ ହୁଏ ଉଦ୍‌ଯାପିତ
ବିଷୁବ ସଂକ୍ରାନ୍ତି ଦିନ
ନବବର୍ଷ ଏଇ ଓଡ଼ିଆଙ୍କ ପାଇଁ
ହନୁମନ୍ତ ଜନ୍ମଦିନ ।

ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

ଲେଖିବାର ମାନେ

ଡ: ଅସିତ କୁମାର ସ୍ୱାଇଁ

ଲେଖିବାର ମାନେ ବି କିଛି ହୁଏନା
ଯଦି ନଥାଏ କେହି ପାଖରେ ଶୁଣିବାପାଇଁ
ଆଉ ଦେବାକୁ ମତାମତ
ନ ସାଜି ମୁକ ନିରନ୍ତର
ନ ରଖି ଆଶା ପ୍ରତ୍ୟୁତ୍ତରର

ଶୁଣିବାର ବି ନଥାଏ ଅର୍ଥ କିଛି
ଯଦି ଭରି ନ ହୁଏ ମୋ ଆତ୍ମାର ବିଭୋରତା
ଆଉ ବାରିବାକୁ ଫରକ
ଅବରୁଦ୍ଧ ପୋଖରୀ ଓ ଶୀତଳ ଝରଣାର
ଯାହା ଅବିରତ ଚଳଚଞ୍ଚଳ ଆବାହମାନ କାଳରୁ

ସେ ସ୍ୱାଦ ବି ମୋ' ପାଖରେ ଅର୍ଥହୀନ
ଯଦି ନ ହୁଅନ୍ତି ତୃପ୍ତ ମୋ' ଆତ୍ମ-ପରିଜନ
ଯାହାଙ୍କ ପାଇଁ
ମୁଁ ହିଁ ସବୁକିଛି
ଆଉ କଳ୍ପନାର ଅଦୂରରେ ମୋର ସର୍ବସ୍ୱ ସେମାନେ

Download Magazine from www.aahwaan.com

ଆଘ୍ରାଣର ସଂଗ୍ୟା କିବା ସଂଗ୍ୟାହୀନ ମୋ' ପାଇଁ
ଯାହା ପାରେ ନା ଫରକ
କରିବାକୁ ଅଧିକାଂଶତଃ
ଘୁରୁଥିବା ଦୁର୍ଜନ ଓ ସ୍ୱଜନମାନଙ୍କୁ ମୋ' ଚତୁଃପାର୍ଶ୍ୱେ
ଲୋଡା ପଡେ ଶକ୍ତି ସେବେ ମୋ' ନୟନଯୁଗଳର

ଦେଖିବାର ନିରର୍ଥକତା ବି ହୁଏ ପ୍ରମାଣିତ ବାରମ୍ବାର
ଯଦି ମୁଁ ହୁଏ ଲାଚାର
ଏ ବ୍ୟବସ୍ଥା ପାଇଁ
ଯେଉଁଠି କରିପାରେନା ମୁଁ କିଛି ଆଉ ପାଲଟି ଯାଏ
ବହ୍ୟମାନ ନିର୍ଝରିଣୀରୁ ଆବଦ୍ଧ ପୁଷ୍କରିଣୀ

Download Magazine from www.aahwaan.com

ଅଫେରା ପଥିକ

ସସ୍ମିତା ସାହୁ

ତୁମେ କଣ୍ଟକବିହୀନ ଗୋଲାପକୁ
ଆଣି ମୋ ଅତିକ୍ରାନ୍ତ ପଥରେ ବିଛାଅନି,
ଭଲ ଭାବରେ ଜାଣିଛ... ମୁଁ ଆଉ ଫେରିବିନି । ୧
ଭ୍ରମରର ଗୁଣ ନେଇ ସୁବାସିତ ଫୁଲର
ମହକରେ ଭାସିଯିବି ନାହିଁ,
ପ୍ରଜାପତିର ଗୁଣ ନେଇ ସ୍ୱଇଚ୍ଛାରେ ଉଡ଼ିଯିବି
ଅନୁଶୋଚନାର ପାହାଡ଼ ଡେଇଁ ।୨
ମୋର ଛାଡ଼ି ଆସିଥିବା ପଥକୁ ଅନୁସରଣ କରିବା ବୃଥା
ସେଥିରେ ବିଚ୍ଛୁରିତ ଭାବରେ ଲୋଟି ରହିଛି
କଣ୍ଟା ଆଉ କଣ୍ଟା... ।୩
ଭାବିବ ନାହିଁ ମୋତେ ଗଙ୍ଗା
ଯେପରି ବୁଡ଼ ପକାଇ ନିଜର ପାପକୁ କରିଦେବ ମୋଚନ
ମୁଁ ତ ପାହାଡ଼ କୋଣରୁ ଉଙ୍କିମାରୁଥିବା ଅଙ୍କାବଙ୍କା ସରୁ ନଈଟିଏ
ଯିଏ ଅନ୍ୟର ଆଢୁଆଳରେ ଚୁପଚାପ
ସମୁଦ୍ରର ମହାଗର୍ଭରେ ନିଜକୁ କରିଦେବ ଲୀନ... ।୪
ମୋତେ ଗୋଲାପ ଭାବି କୁହୁଡ଼ିରେ ପହଁରିବା ନିରର୍ଥକ
ମୁଁ ତ ବଣମଲ୍ଲୀଟିଏ ଗୋଲାପପରି ମହକ ଥାଇ ବି

Download Magazine from www.aahwaan.com

ଅନ୍ୟର ସ୍ୱାର୍ଥପାଇଁ ନିଜକୁ ଜଳାଞ୍ଜଳି
ଦେବାରେ ମୁଁ ଅସମର୍ଥ... ।୫
ମହାଦ୍ରୁମ ଭାବି ମୋ ଠାରୁ ଶୀତଳ ଛାୟାର
ଆଶା କରିବା ଭ୍ରମ
ମୁଁ ତ ଅଙ୍କୁରିତ ଚାରାଟିଏ...
ଯିଏ ଉତ୍ତପ୍ତ ସୂର୍ଯ୍ୟାଲୋକେ ନିଜର
ସ୍ଥିତି ପାଇଁ ଚଲାଇ ଚାଲିଛି ସଂଗ୍ରାମ... ।୬
ମୁଁ ତ ଅଫେରା ପଥର ପଥିକ
ମୋର ଫେରିବା ବାଟକୁ ଚାହିଁବା
ତୁମ ପାଇଁ ହେବ ନିରର୍ଥକ
ତୁମ ପାଇଁ ହେବ ନିରର୍ଥକ... ।୭

ବ୍ୟାସ ନଗର, ଯାଜପୁର

ଇମେଲ୍ : sahuusasmita837@gmail.com

Download Magazine from www.aahwaan.com

ଓଡ଼ିଆ ପୁଅ

ଡ: ସତ୍ୟନାରାୟଣ ମିଶ୍ର

ଓଡ଼ିଆପୁଅ, ଓଡ଼ିଆପୁଅ
କୋଢ଼ିଆ ନ ହୋଇ ଖଟୁଥାଅ ଭାଇ
ମୁଣ୍ଡଟେକି ଚଳ ନ କରି ଭୟ । ଓଡ଼ିଆପୁଅ... (୧)
ଓଡ଼ିଆପୁଅ, ଓଡ଼ିଆପୁଅ
ବାରମାସେ ତେର ପର୍ବପାଳିଣ
ଖୁସି ମନାଇଣ ସୁଖରେ ରୁହ । ଓଡ଼ିଆପୁଅ... (୨)
ଓଡ଼ିଆପୁଅ, ଓଡ଼ିଆପୁଅ
ଅତୀତ ଗୌରବ, ଜାତି ଇତିହାସ
ମନେ ରଖିଥିବୁ ସଦା ନିଶ୍ଚୟ । ଓଡ଼ିଆପୁଅ... (୩)
ଓଡ଼ିଆପୁଅ, ଓଡ଼ିଆପୁଅ
କହେ ଉତ୍କଳ, ଓଡ଼ିଶା, କଳିଙ୍ଗ
ଏକା ମାଟି ନାମ ଅନେକ ଦିଅଁ । ଓଡ଼ିଆପୁଅ... (୪)
ଓଡ଼ିଆପୁଅ, ଓଡ଼ିଆପୁଅ
ପାଇକ ସମର, ସ୍ୱାଧୀନ ସଂଗ୍ରାମ
ବୀରଯୋଦ୍ଧା ଗୀତ ତୁ ରଚୁଥାଅ । ଓଡ଼ିଆପୁଅ... (୫)
ଓଡ଼ିଆପୁଅ, ଓଡ଼ିଆପୁଅ
ମନେ ନାହିଁ କିରେ, ବାଲି ସୁମାତ୍ରାକୁ

Download Magazine from www.aahwaan.com

ଯାଉଥିଲୁ ଦିନେ ବାହି ଯେ ନାବ । ଓଡ଼ିଆପୁଅ... (୬)

ଓଡ଼ିଆପୁଅ, ଓଡ଼ିଆପୁଅ

ଏକା କୋଣାରକ ମୁଣ୍ଡି ମାରିଥିଲା

ବାରବରଷର ବାଳୁତ ପୁଅ । ଓଡ଼ିଆପୁଅ... (୭)

ଓଡ଼ିଆପୁଅ, ଓଡ଼ିଆପୁଅ

ଏ ମାଟିରେ ପରା ଭିଜିଛି ତ କେତେ

ତୋ ପୂର୍ବପୁରୁଷ ଲହୁ ଓ ଲୁହ । ଓଡ଼ିଆପୁଅ... (୮)

ଓଡ଼ିଆପୁଅ, ଓଡ଼ିଆପୁଅ

କାଞ୍ଚି ଗୋଦାବରୀ ଜିତିଥିଲା ଦିନେ

ଗଜପତି ଧରି ଯେ ଗଜହୟ । ଓଡ଼ିଆପୁଅ... (୯)

ଓଡ଼ିଆପୁଅ, ଓଡ଼ିଆପୁଅ

ନିଜକୁ କେବେ ତୁ ଭାବିବୁନି ହୀନ

ତୋର ସମ ଏ ସଂସାରେ କେ କହ ? ଓଡ଼ିଆପୁଅ... (୧୦)

ସି-୮୬, ଲିଙ୍ଗରାଜ ବିହାର

ପୋଖରୀପୁଟ, ଭୁବନେଶ୍ୱର-୨୦

ଭ୍ରାମ୍ୟଭାଷ: ୯୯୩୮୧୬୭୩୩୧

Download Magazine from www.aahwaan.com

ଘର

ସୁବ୍ରତ କୁମାର ସେନାପତି

ଏ ଯାଏଁ ତୋ ଲାଗି ତୋଳିପାରିନି
ମନଲାଖି ଘରଟିଏ
କିନ୍ତୁ ତୁ ଧିରେ ଧିରେ ଅଝଟ ହେଲୁଣି
ଆଖି ଫିଟାଇ ଏ ସାରା ସଂସାରଟାକୁ ଦେଖିବାକୁ ।
ମୁଁ ତ ବୁଝି ପାରୁନି
କାହିଁକି ତୋର ଏ ଆକୁଳତା, ଅଝଟପଣ
ଆଉ ଏ ଅନ୍ତହୀନ ବ୍ୟଗ୍ରତା !
ଘର ବୋଲି ଯାହାକୁ ଭାବୁଛୁ
ସେ ତ ଘର ନୁହଁ ବରଂ କହିପାରୁ ତାକୁ
ନିୟମର କଂକରିଳ କବରଖାନା
ଯେଉଁଠି ଦିନେ ତୁ ବି ଠିକ୍ ମୋ ପରି
ପେଷି ହୋଇଯିବୁ
ପଥରବଟା ତଳର ମସଲା ପରି ।
ତୋ ଦେହ ମନ ପ୍ରାଣ ସବୁ
କଟି ଚାଲିଥିବ ସମୟର ତାଳେ ତାଳେ
ସ୍ୱାର୍ଥପରତାର ତୀକ୍ଷ୍ଣ ଛୁରୀରେ
ଠିକ୍ ରୋଷେଇଘର ଡାଲାରେ ପଡ଼ିଥିବା
ମହଜୁଦ୍ ପରିବା ପରି ।

ପୁଷ୍ପ ଓ ଭୂଭାଗ ଦୃଶ୍ୟ ଉଦ୍ୟାନ ବିଭାଗ
କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା

Download Magazine from www.aahwaan.com

କେବେ କେବେ ତୁମେ

ଅଶୋକ କୁମାର ସେଠୀ

କେବେ ତୁମେ ଅଙ୍କା ବଙ୍କା
କେବେ ତୁମେ ସିଧା ,
କେବେ ପୁଣି ସରଳ ତ
କେବେ ଅସୁବିଧା ।
କେବେ ତୁମେ କଳଙ୍କ
କେବେ ତୁମେ ସ୍ୱଚ୍ଛ ,
କେବେ କେଉଁ ପାତ୍ରେ ରୁହ
କେଉଁ ରୂପେ ଦିଶ ।
କେବେ ତୁମେ ଦିନ ତ
କେବେ ତୁମେ ରାତ୍ରି ,
କେବେ ତୁମେ ନିସଙ୍ଗ ତ
କେବେ ସହଯାତ୍ରୀ ।
କେବେ ତୁମେ ମନ୍ଥର ତ
କେବେ ତୁମେ ଦ୍ରୁତ ,
କେବେ ତୁମେ ବନ୍ଧ୍ୟା ତ
କେବେ ପରିବ୍ୟାପ୍ତ ।
କେବେ ତୁମେ ଜଟିଳ ତ

Download Magazine from www.aahwaan.com

କେବେ ତୁମେ ସରଳ ,
କେବେ ତୁମେ ପିୟୁଷ ତ
କେବେ ହଳାହଳ ଗରଳ ।
କେବେ ତୁମେ ସ୍ୱଳ୍ପ ସନ୍ତୁଷ୍ଟ
କେବେ ତୁମେ ନିବିଡ ପ୍ରଗାଢ ,
କେବେ ତୁମେ ନୀଡ଼ ତ
କେବେ ତୁମେ ଝଡ ।
କେବେ ତୁମେ ଲଳିତ ତ
କେବେ ତୁମେ ଶକ୍ତ ,
କେବେ ତୁମେ ପୁଷ୍ପିତ ତ
କେବେ କଣ୍ଟକିତ ...

କଲ୍ୟାଣ ପୁର, ନୟାଗଡ
ମୋ-9861060152

Download Magazine from www.aahwaan.com

କହିବାକୁ କିଛି ବି ନାହିଁ

କାର୍ତ୍ତିକ ପାଣିଗ୍ରାହୀ

କହିବାକୁ କିଛି ବି ନାହିଁ

ଶୁଣିବାକୁ କେହି ବି ନାହିଁ

ବୁଝିବା ତ ବହୁତ ଦୁରର କଥା

ସମସ୍ତେ ଆଜି ନିଜ ନିଜ ଭିତରେ ବନ୍ଦୀ...

ସମସ୍ତେ ବ୍ୟସ୍ତ,

ନିର୍ବାଚନୀ ନଦୀ ପାର କରିବାର

ଆଲୋଚନା ଓ ପର୍ଯ୍ୟାଲୋଚନାରେ...

ସମସ୍ତର ଗୋଟିଏ ଲକ୍ଷ୍ୟ... 'ଉନ୍ନତି'

କିନ୍ତୁ କାହାର ?

ସମସ୍ତଙ୍କର ଗୋଟିଏ କଥା

"ଏ ଧର୍ମ ଯୁଦ୍ଧରେ ଆପଣ ସାରଥୀ

ମୁଁ କେବଳ ନିମିତ୍ତମାତ୍ର"

ତା'ହେଲେ ଏ 'ମୁଁ' ଟି କିଏ...

ସେ 'ମୁଁ' ଟି ବି ଆମେ ହିଁ ତ ?

ସତରେ ଆମେ କେତେ ସ୍ୱାର୍ଥପର ଆଜି ! ! !

ଦେଶର ଜିଏସଟି କମିଲା

Download Magazine from www.aahwaan.com

ତ ମୋର କଣ ଗଲା ?

ସୀମାରେ ଯବାନ ଶହୀଦ ହେଲେ

ତ ମୋର କଣ ଗଲା ?

ଦେଶ ବାହାର ଭିତର ଶତ୍ରୁ କବଳିତ ହେଲା

ତ ମୋର କଣ ଗଲା ?

ରାଜ୍ୟର ଐତିହ୍ୟ, ସଂସ୍କୃତି, ପରମ୍ପରା କଳାର

ନଗ୍ନରୂପ ବିଦେଶୀଙ୍କୁ ଆକର୍ଷିତ କଲା

ତ ମୋର କଣ ଗଲା ?

ଶ୍ରୀ ମନ୍ଦିରରୁ ପଥର ଖସିଲା

ନୀଳଚକ୍ରରୁ ବାନା ଚିଲ ନେଇଗଲା

ବିଶ୍ୱପ୍ରସିଦ୍ଧ ଜଗନ୍ନାଥଙ୍କ ଅବଢ଼ା

ସେବାୟତଙ୍କ କୋପରେ ବନ୍ଦ ହୋଇଗଲା

ତ ମୋର କଣ ଗଲା ?

ଦେଶ ଓ ଜାତିର ଆଗାମୀ ଭବିଷ୍ୟତ,

ମୋର ମୋର ଭିତରେ

'ଆମର'ର ମହତ୍ୱ ହିଁ ଭୁଲିଗଲାଣି

ସେଥିପାଇଁ କଣ 'ଆମର'

କିଛି ବି ଉତ୍ତରଦାୟିତ୍ୱ ନାହିଁ ?

ବିଶ୍ୱ ବଞ୍ଚିଲେ ଯେ ଦେଶ ବଞ୍ଚିବ,

Download Magazine from www.aahwaan.com

ଦେଶ ବଞ୍ଚିଲେ ଯେ ରାଜ୍ୟ ବଞ୍ଚିବ,

ରାଜ୍ୟ ବଞ୍ଚିଲେ ଯେ ମଣିଷ ଜାତି ବଞ୍ଚିବ,

ମନୁଷ୍ୟତା ବଞ୍ଚିଲେ ହିଁ ଯେ ଆମେ ବଞ୍ଚିବା,

ଆମେ ବଞ୍ଚିଲେ ହିଁ ଯେ ମୁଁ ଟି ବଞ୍ଚିବ,

ଏ କଥାଟି ଆମେ କେବେ ଆଉ ବୁଝିବା ?

ବିଶ୍ୱପରା ଆଜି ବିନାଶର

ଅନ୍ତିମ ଦ୍ୱାରଦେଶରେ... ! ! !

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

ପ୍ରେମର ଅବିର

କାହ୍ନୁଚରଣ ସାହୁ

ତୋ ଆଉ ମୋ ସମ୍ପର୍କ କୋଟିଏ ଜନମର
ତୁ ଭୁଲିଯିବୁ ଯଦି ଭୁଲିଯାଆ ମୁଁ କରିବି ନିଜର ।

ସଜଫୁଟା ଗୋଲାପଟେ ତୁ ମୋ ମନ ବଗିଚାରେ
ସାଇତି ରଖିବି ଚିରଦିନ ତତେ ମୋ ହୃଦୟରେ ।

ଆଗୋ ଅନାମିକା ତୋ ମୋ ନାୟିକା ସପନର
ଦିବାନିଶି ମଗ୍ନ ମୁଁ ସ୍ୱପ୍ନ ଦେଖିବାରେ ତୋର ।

ଶ୍ରାବଣର ଅନ୍ଧାରରେ ଦେଖାହେଲା ତୋ ସହ ପ୍ରଥମଥର
ଦେଖାହେଲାପରେ ଲାଗିଲୁ ତୁ ନିଜଠୁ ନିଜର ।

ମୁଁ ତୋ ରାଜା ତୁ ମୋ ରାଣୀ ମୋ ସ୍ୱପ୍ନ ରାଇଜର
ଭିଜେଇ ଦେଇଛୁ ମୋତେ ପ୍ରୀତିବର୍ଷରେ ତୋର ।

ବସନ୍ତର ମଳୟ ହେଇ ଦେଲୁ ଛୁଇଁ ମୋ ଶରୀର
ବୋଳିହେଇଗଲା ମୋ ଦେହରେ ପ୍ରେମର ଅବିର ।

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ଇମେଲ୍ : kahnuchsahus@gmail.com
ଭ୍ରାମ୍ୟଭାଷ : ୯୫୫୬୮୨୨୪୪୭

Download Magazine from www.aahwaan.com

ପୂଜିବି ତବ ପୟର

✍ ସୁଶ୍ରୀ ମିନତିରାଣୀ ମେଣ୍ଡିଲି

ଓଢ଼ଣୀକୁ ଟାଣି ନଇଁ ନଇଁ ଦିନେ
ତମ ସାଥେ ଯିବି ଚାଲି
ଶୁଭ ଶଙ୍ଖନାଦେ ଖୁସି ଅଗଣାରେ
ପଡୁଥିବ ହୁଳୁହୁଳି ।
ପ୍ରେମିକାରୁ ତୁମ ପାଲଟିବି ମୁହିଁ
ଜୀବନର ଅର୍ଦ୍ଧାଙ୍ଗିନୀ
ପୂନେଇ ରାତିରେ ଚନ୍ଦ୍ରମାର ସାଥେ
ମଧୁ ଛିଞ୍ଚୁଥିବି ପୁଣି ।
ଶାଶୁଶଶୁରଙ୍କ ମନ ନେଇ କି ମୁଁ
ନିତି କରୁଥିବି ପୂଜା
ନଣନ୍ଦ, ଦିଅର ସଭିଙ୍କର ମନୁ
କାଢ଼ିଦେବି ଦୁଃଖ ସଦା ।
ଚଉଁରା ମୂଳରେ ଦେବୀ ସଞ୍ଜିବତୀ
ବସେଇବି ଗୁରୁବାର
ଭାବ ଭକତିରେ ଶ୍ରଦ୍ଧା ଶକତିରେ
ପୂଜିବି ତବ ପୟର ।
ଯେତେ ଦୁଃଖ କଷ୍ଟ ଝଡ଼ଝଞ୍ଝା ଆସୁ

Download Magazine from www.aahwaan.com

ସବୁକୁ ଯିବି ମୁଁ ସହି
ଏତିକି ମିନତି ମୋ କପାଳରେ
ଆଶିଷ ଦେଉଥ ରହି ।
ସିନ୍ଥିର ସିନ୍ଦୁର ବଜର ହେଉ ଗୋ
ତୁମେ ହିଁ ମୋ ଭଗବାନ
ତମରି ପୟରେ ପୂଜୁଥିବା ବେଳେ
ଛାଡୁ ମୋ ପିଣ୍ଡରୁ ପ୍ରାଣ ।

କେ.ପାଲି, ବୀରମହାରାଜପୁର, ସୁବର୍ଣ୍ଣପୁର
ଓଡ଼ିଶା
ଭ୍ରାମ୍ୟଭାଷ : ୭୬୮୩୮୯୩୮୨୨

Download Magazine from www.aahwaan.com

ପ୍ରେମ ଋତୁରେ

ସତ୍ୟବ୍ରତ ବାରିକ

ଆସିଲୁ ଯେବେ ପ୍ରିୟା ମୋ ଜୀବନରେ
ତୋ ପ୍ରେମରେ ଭିଜିଗଲି ପ୍ରେମଋତୁରେ ।
ସବୁ ଋତୁ ପରି ପ୍ରେମ ଋତୁ ନିଆରା
ଆଖିରେ ଆଖିରେ ଦେଲୁ ତୁ ଇଶାରା ।
ମିଠା ମିଠା କଥାରେ ତୋତେ ଭଲ ପାଇଲି
ପ୍ରେମରେ ପ୍ରେମରେ ସବୁ ଭୁଲିଗଲି ।
ହାତ ଧରି ଚାଲୁଥିବା ଅସରନ୍ତି ବାଟ
ସାଥୀ ହୋଇ ରହିଥିବା ଏ ଜୀବନଯାକ ।
ରଖିଛି ତୋତେ ନେଇ ଏ ହୃଦୟରେ
ରହିଛୁ ରହିବୁ ସଦା ତୁ ମୋ ସାଥିରେ ।
ପ୍ରେମ ଋତୁ ହେଲେ ଦେହେ ଲାଗେ ରଙ୍ଗ
ଏ ରଙ୍ଗ ଛାଡ଼ିବନି ସେ ତ ଖୁସିର ତରଙ୍ଗ ।

ରାହାମା, ଜଗତସିଂହପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୯୮୬୧୬୨୦୯୨୪

Download Magazine from www.aahwaan.com

ମାଆର ପଣତ ତଳେ

ଶୈବାଳିନୀ ସାହୁ

ମାଆ,
ମୁଁ ଠୁକୁ ଠୁକୁ ଚାଲୁଥିଲି
ପଡୁଥିଲି ଝୁଣ୍ଟି କେତେଥର,
ପଣତ କାନିରେ ତୋ'ର ଝାଡୁଥିଲୁ ଧୁଳି
କେବେ ପୁଣି ପୋଛୁଥିଲୁ ମୋ ଲୁହଧାର ।
ମାଆ,
ପେଟପୁରା ଖାଇବା ନଥିଲା
ଆମ ଅଭାବୀ ସଂସାରେ
ହେଲେ ଭରି ରହିଥିଲା ତୋ ସ୍ନେହ
ମୁଠାଏ ଭାତକୁ ସାତବାଣ୍ଟ କରୁଥିଲୁ ତୁ
ପୁରାଇ ଆମର ପେଟ,
ନିଜେ ଶୋଉଥିଲୁ ଓପାସ ଭୋକରେ
ତୋ' ମନତେ ଏତେ ଟିକିଏ ଦୁଃଖ !
ମାଆ,
ଥକି ଯାଇନାହିଁ କେବେ ତୋ'ର ପାଦ
ବିଶ୍ରାମ ମାଗିନି କେବେ ତୋ'ର ଦେହ
ଯେବେ ଶୀତକାକରରେ ଢାଙ୍କି ଦେଉଥିଲୁ ଆମେ

Download Magazine from www.aahwaan.com

ହେଁସ କତରାରେ
ଶୋଉଥିଲୁ ମଶାରୀ ତଳେ
ମାଆ, ତୋ ପଣତ ବିଛାଉଥିଲୁ
ମୋ' ଦେହର ତଳେ ।
ମାଆ,
ତୋତେ ଲାଗେନାହିଁ କେବେ ଥଣ୍ଡା
କିବା ଲାଗେନା କାମରେ କଷ୍ଟ
ତୋ ପଣତକାନିରେ ପୋଛୁ ଆମ ଗୁହମୁତ
ସେ ପଣତ ଚିରି କେବେ ହୁଏନାହିଁ ନଷ୍ଟ ।
ମାଆର ଦୁଃଖକୁ କିଏ ହିସାବ ରଖିଛି କୁହ
ପ୍ରତିଟି ପ୍ରାଣରେ
ମାଆ, ତୋ ଆତ୍ମାକୁ ବାନ୍ଧିଛୁ
ଜୀବନେ ପିଇଛୁ ଅନେକ ଲୁହ
ମୋ ବାପାଙ୍କର କଷ୍ଟକୁ ବାଣ୍ଟିନେଇ
ହଳିଆ ଭଳି କାମ ତୁ କରିଛୁ
ତେଜରାତି ବିକି
ନେଇଛୁ ତୁ ବାପାଙ୍କର ପକ୍ଷ
କେଉଁଠି ଥମିନି ତୋ'ର ସଂସାରର ରଥ
ସାଇତିନୁ ଅଭିମାନ ସାତଗଣ୍ଠି କରି
ସୁଖ ସବୁ ବାଣ୍ଟିଦେଇ

Download Magazine from www.aahwaan.com

ଲୁଚାଇଛୁ ଜୀବନର ଯେତକ ଲୋତକ ।

ମାଆ,

ଆଜି ବି ଝୁରୁଛି ଏତେ ଦୂରେ ଥାଇ

ସେଇ ତୋ'ର ପଣତ କାନିକୁ

ଯିଏ ପୋଛିଦେବ ମୋର ଦୁଃଖ

ହେଲେ ମାଆ !

ଭରା ମୋ ସଂସାରେ ସବୁ ସୁଖ ଅଛି

ହେଲେ ଆଖିରୁ ଝରୁଛି ଲୁହ

ପାଆଁଶ ଯୋଜନ ଦୂରେ ଥାଇ

ମାଆ, ମୋ ଆଖିରୁ ଝରୁଥିବା ଲୁହ

ତୋ ପଣତ କେମିତି ପୋଛିବ କହ,

ତୋ, ପଣତକାନିକୁ ଝୁରି ମରୁଥିବି

ତା' ମଧ୍ୟରେ ବାନ୍ଧି ରଖିଛି ସବୁ ମୋହ

ସେ ପଣତେ ଭରି ରହିଥିବ ସ୍ନେହ...

ସେ ପଣତେ ଭରି ରହିଥିବ ସ୍ନେହ... ।

ମେଟ୍ରୋପଲିଟାନ୍ କୋପରେଟିଭ ହାଉସିଂ ସୋସାଇଟି

ସେକ୍ଟର୍ - ଏ, ପ୍ଲଟ୍ ନଂ - ୯୪

କୋଲକାତା - ୭୦୦୧୦୫

Download Magazine from www.aahwaan.com

ତଟିନୀ ବେଳାରେ

ପବିତ୍ର ଦାସ

ଅସରନ୍ତି ଆଶା
ଆଉ ପ୍ରତ୍ୟାଶାର ନୀରବ
ବହନ୍ତି ପ୍ରବାହ ଧାରାଟିଏ ତୁ...
ସଜ୍ଜଳ ସଲଜ୍ଜ ଜ୍ୟୋତ୍ସ୍ନା
କିରଣରେ ପ୍ରତିକିତ
ନାରୀ ମୂର୍ତ୍ତିଟେ ପରି
ଝିଲିମିଲି ଦିଶୁଥିବା ତୋ ରତ୍ନଗଭା
ନୀଳ ଜଳରାଶି
କୋଟି ଜନମନ ନିଏ ଆକର୍ଷି ।
ତୋ ପଠାର ସୈକତରେ
ଯେତେ ପାଦ ମୋର ପଡ଼ିଯାଏ
ମନେ ହୁଏ, ପୁଣିଥରେ
ଫେରିଛି ମୋ... ପିଲାବେଳ !
କେତେ ଯେ ସମୟ କଟିଛି
ତୋ ବୁକୁର ପାଦପରେ
ସବୁବେଳେ ଝୁରିହୁଏ ଏଇ ମୋର ମନ ।
ତଥାପି...

Download Magazine from www.aahwaan.com

ଏ ସମୟଟା ବଡ଼ କୃପଣ

ଥରଟିଏ ଯଦି ଫେରାଇ ଦିଅନ୍ତା

ମୋ ପିଲାବେଳ

ଧନ୍ୟ ହୁଅନ୍ତା, ଚିରଦିନ ପ୍ରତୀକ୍ଷାରେ ଥିବା

ମୋ ବିକ୍ଷିପ୍ତ ମନ ।

ଧରେ ଅଧେ ଏବେ ଏବେ

ମନେ ପଡ଼େ ମୋର

ଝାପସା ହୋଇ ଦିଶିଯାଏ ସେ ପୁରୁଣାଦିନ

ସକାଳୁ ସଦ୍ୟସ୍ନାତ ସାରି...

ତୋ ତଟ ଦେଶରୁ ଫେରୁଥାଏ

ନବ ବଧୁଟିଏ... ।

ପାଦରେ ତା' ପାଉଁଜିର ନିକ୍କଣ...

ହାତରେ ତା ଚୁଡ଼ିର ସମ୍ଭାର

ଓଢ଼ଣା ଫାଙ୍କରୁ ଚାନ୍ଦପରି ଦିଶୁଥାଏ

ନବୀନ ବଧୁର ମୁହଁ... ।

ମନେ ଅଛି ଏବେ ବି ମୋର

ମଳୟେ ସମୟେ ତୋ' ପଠାରେ

ଯେବେ ଯେବେ ଭେଟ ହୁଏ

ଶୂନ୍ୟତା ସାଥିରେ

ତୋଳିଧରେ ପବନଟା

Download Magazine from www.aahwaan.com

ବୁକୁଟାକୁ ମୋର...
ମୁହୂର୍ତ୍ତକ ପାଇଁ ହେଉପଛେ
ଜୀବନଟା ଲାଗେ ସତେ
ମନମୁଗ୍ଧକର ।
ଭଲଲାଗେ ଭ୍ରମିବାକୁ
ତୋ' ତଟିନୀ ବେଳାରେ
ପରଦେଶୀ ବନ୍ଧୁପରି...
ହେଲେ, କିନ୍ତୁ
ସମୟଟା ମାଡ଼ିଚାଲେ
ଦିଗବଳୟର ଆକାଶରେ
ଛୋତ ଜହ୍ନପରି କ୍ଷୀପ୍ରଗତିରେ ।

ଗବେଷକ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
ଭ୍ରାମ୍ୟଭାଷ : ୯୮୫୩୯୨୬୭୭୫

Download Magazine from www.aahwaan.com

ବୀରତ୍ୱ

ଡ: ସଂଘମିତ୍ରା ମହାପାତ୍ର

ବଡ଼ ହେଲେ ମୁହିଁ ସୈନିକ ହେବି
ଦେଶପାଇଁ ମୁଁ ଜୀବନ ଦେବି
ରଖିବି ଏ ମାଟି ମା'ର ମାନ
ଗର୍ବରେ ଗାଇବି ତାହାରି ନାମ ।
ଆମେ ଅଟୁ ଏ ମାଟି ମା'ର ସନ୍ତାନ
ଆମେ ତାକୁ କରିବା ଧନ୍ୟ,
ସର୍ବେ ହେବା ଜାଗ୍ରତ
ନିଜକୁ ସଜାଇ ବୀର ସୈନିକ ।
ବୀରତ୍ୱରେ ଗଣା ହେବାପାଇଁ ହେଲେ
ବୀର ପରି କାର୍ଯ୍ୟ କରିବା ଭଲେ,
ଦେଶ ଜାତିର ମାନ ମହତ ରଖିବା ପାଇଁ
ଆଗେଇ ଯିବା ସର୍ବେ ଏକତ୍ର ହୋଇ ।
କାହାକୁ ନ କରି ପର ଆପଣା
ବୀରତ୍ୱରେ ସର୍ବେ ହୋଇବେ ଗଣା,
ଦେଶ ଜାତିର ଉନ୍ନତି ପାଇଁ
ନିଜ ଜୀବନକୁ ଦେବା ବାଜି ଲଗାଇ ।

Download Magazine from www.aahwaan.com

ଶତ୍ରୁ ଆକ୍ରମଣରୁ ଦେଶକୁ ରକ୍ଷା କରିବା

ଅମର ଅକ୍ଷରେ ନାମ ଲେଖିଯୀବା ଶହିଦ୍ ଭିତରେ ।

ଦେଶବାସୀ ରହିଲେ ସୁଖେ

ଶହୀଦ ମାନଙ୍କ ବୀରତ୍ୱ ଗାଇବେ ମୁଖେ,

ସମସ୍ତେ କହିବେ ବୀର ସୈନିକ, ଦେଇଛି ଜୀବନ

ନିଜ ମାଟି ମା'ର ରଖିବାକୁ ଯାଇ ସମ୍ମାନ ।

ଆମେ ତ ଟୁ ଏ ମାଟି ମା'ର ସନ୍ତାନ

ଆସ ସର୍ବେ ମିଶି କରିବା ତାକୁ ଧନ୍ୟ ।

Download Magazine from www.aahwaan.com

ସାବିତ୍ରୀ

ପ୍ରତିଭା ପରିଡ଼ା

ମୋର ସକଳ ତେଜ, ପ୍ରଜ୍ଞା ଓ ଶ୍ରୀ

ତୁମକୁ ସମର୍ପି ଦେଲି,

ଉତ୍ତିଷ୍ଠ ହୁଅ;

ଓଁକାର ମୟ ପାଲଟିଯାଉ

ଏ ଅଚଳାମାଟି...

ମୋର ସମସ୍ତ ଅକରୁଣା, ଅହଂକାର ଓ ନିର୍ମମତା

ତୁମକୁ ଭେଟିଦେଲି,

ସଂହାରି ଆବର୍ତ୍ତରେ

ବଳି ପଡ଼ିଯାଉ ସମସ୍ତ ପାଶବିକତା;

ଶୀତଳ ହୋଇଉଠୁ

ଏ ଧୂସର ଧରିତ୍ରୀ...

Download Magazine from www.aahwaan.com

ମୋର ସବୁତକ ମଧୁର ପ୍ରେମ

ବାସନା ଓ ଅଭିମାନ

ସବୁ ତ ଅର୍ପିଦେଲି ତୁମକୁ,

ଅନନ୍ତ ପୁଲକର ଗରିମାରେ

ମଧୁକ୍ଷରା ପାଲଟି ଉଠୁ

ଏ ଚିତ୍ରିତ ପୃଥିବୀ...

ପ୍ଲଟ୍ ନଂ : ୬୬୨/୨୦୦୪/୧, ପାର୍କ୍ ପାରାଡ଼ାଇଜ୍ କଲୋନୀ

ରଘୁନାଥପୁର, ଭାୟା: ବାରଙ୍ଗ, ଥାନା : ନନ୍ଦନକାନନ

ଜିଲ୍ଲା : ଖୋର୍ଦ୍ଧା, ୭୫୪୦୦୫, ଓଡ଼ିଶା

Download Magazine from www.aahwaan.com

ସେ ମୁଁ ଓ ଶୂନ୍ୟତା

ସମ୍ମିତ ପ୍ରସାଦ କର

ମୁଁ ଶୂନ୍ୟ ମୁଁ ହିଁ ପୂର୍ଣ୍ଣତା
କେବେ ମୃତ୍ୟୁ ତ କେବେ ପୁଣି ଅମରତ୍ୱରେ
ଜୀବିତ ତୋ ପ୍ରତିଟି ସ୍ମୃତିରେ ମୁଁ ।

ମୁଁ ଯାତନା ପୁଣି କେବେ ଆଶ୍ୱାସନା
କେବେ କୃତ୍ୟ ପୁଣି କେବେ ଅକୃତ୍ୟରେ
ଜୀବିତ ତୋ ପ୍ରତିଟି ପ୍ରତାରଣାରେ ମୁଁ ।

ଆଜିବି ମୁଁ କାଲିବି ମୁଁ
କେବେ ଅନ୍ତ ପୁଣି କେବେ ଆରମ୍ଭରେ
ଜୀବିତ ତୋ ପ୍ରତିଟି ସ୍ପନ୍ଦନ ରେ ମୁଁ ।

ଆହତ କେବେ ଅନାହତ ମୁଁ
ରୁଦ୍ଧ କେବେ ପୁଣି କେବେ ଉନ୍ମୁକ୍ତରେ
ଏକାକୀ ଛିଡା ତୋ ପ୍ରତିଟି ପଥରେ ମୁଁ ।

କେବେ ପିଶାଚ ତ କେବେ ଦେବଦୂତ ମୁଁ

Download Magazine from www.aahwaan.com

ବାସ୍ତବତାରେ କେବେ ପୁଣି କେବେ ଛଳନାରେ
ତୋ ରଙ୍ଗମଞ୍ଚର ସବୁଠୁ ଛୋଟ ଚରିତ୍ରରେ ମୁଁ ।

କେବେ ନିବେଦ୍ୟ ତ କେବେ ନିବେଦନରେ ମୁଁ
ସମୁଦ୍ରର ବିଶାଳତାରେ ତ କେବେ ଶିଶିରର କ୍ଷୁଦ୍ରତାରେ
ସଦା ଉଜ୍ଜୀବିତ ତୋ ହୃଦୟର ଅନ୍ଧାର କୋଣରେ ମୁଁ ।।

ବାଦାମବାଡ଼ି, କଟକ, ୭୫୩୦୦୯
ଓଡ଼ିଶା

Download Magazine from www.aahwaan.com

ଖୁବ୍ ଫେରିଯାଏ ମନଟା

ଡା ସନ୍ଧ୍ୟାରାଣୀ ତ୍ରିପାଠୀ

ଖୁବ୍ ଫେରିଯାଏ ମନଟା
ବାରମ୍ବାର କେଜାଣି ସେ ସମୟଟା
ରହି ରହି ତାଗିଦ୍ କରିବା ସତ୍ତ୍ୱେ କହି
ଫେରି ଚାହେଁ ଅତୀତର ନାଁ ନେଇ
ପୁଣିଥରେ ଉଭାହୁଏ ମୋ ସାମନାରେ
ଦିଗନ୍ତପ୍ରସାରୀ ଏମନ ଆକାଶରେ
ଆଙ୍ଗୁଳିରେ ସାଉଁଟି ନେବା ଇଚ୍ଛାରେ
କେତେ ଧୂଳି ତଳେ ପଡଇ କେତେ ରହେ
ତାର ହିସାବ ରହେନା ମନରେ
ସେଇ ଖଣ୍ଡ ବିଖଣ୍ଡିତ ସମୟର ଛାପରେ
ଛାଇ ପରି ଘୁରିବୁଲେ ମୋ ଅକ୍ଷାଂଶ ଦ୍ରାଘିମାରେ
ପୁଣି କରାଘାତ କରେ ମୋ ସୁନ୍ଦର ନିବୁଜ ବର୍ତ୍ତମାନରେ
ହଜିଯାଇଥିବା ଭୁଲିଯାଇଥିବା ଅମାବାସ୍ୟାର ଗାଢ ତିମିରେ
ପୂର୍ଣ୍ଣିମାର ଛିକ୍ ମିକ୍ ଜହ୍ନରାତିରେ
ବୟସଟା ବଢିଚାଲେ ଏ ବେଳାଭୂମିରେ
ସମ୍ପର୍କର କାନ୍ଥରେ କେବଳ ଆଙ୍ଗୁଳିଭରା ଶୂନ୍ୟତା
ଭୁଲିଯିବାକୁ ପଣ କରିଥିବା ନିଶିର ନୀରବ ବିଜନତା

Download Magazine from www.aahwaan.com

ଭୀଷ୍ମ ପ୍ରତିଜ୍ଞା ପଣରେ ଅଗ୍ନି ସ୍ଫୁଲିଙ୍ଗ ମନଟା
କେଜାଣି କାହିଁକି ଏବେ ଫେରେ ସେ ମୂହୁର୍ତ୍ତଟା
ଛଳନାର ଆଭରଣ ଖୋଲି ଦେଖେ ଯେବେ ନୟନ
ଖୁବ୍ ପରିଚିତ ଝାପସା ଦେଖାଯାଏ ମୁହଁଟା ମଉନ
ସ୍ମୃତି ବିସ୍ମୃତିର ବହଳ ପୁଟିନେଇ
ତାରି ଆଭରଣ ଅନାଭରଣ ମନେଇ
ସେହି ପରିତ୍ୟକ୍ତ ସମୟର ଚାବୁକ୍ ଉପରେ
ବର୍ତ୍ତମାନର ସୌଧର ଠିଆ ହୋଇଛି ଜାଗାରେ
ଠିକ୍ ପୃଥିବୀର ଉତ୍ତରାୟଣ ପରି ଦିଗବଳୟରେ
ଖୋଜିହୁଏ ହଜିଯାଇଥିବା ସମୟର ଟୁକୁଡ଼ାଟିଏ
ମୋ ବର୍ତ୍ତିଥିବା କିଛି କ୍ଷଣ ସେ ବକ୍ଷରେ ଥମିଯାଏ
ମୁଁ ପାଲଟିଯାଏ ମାନବୀରୁ ପଥର କନ୍ୟା ଅହଲ୍ୟା
କିଛି ଧୌତ ବିଧୌତ ଆଶାର ସୁନେଲି ସପନର ମସ୍ରୟ କନ୍ୟା
ଗଭୀର ସାଗରରୁ ଉଭା ହୁଏ କିଛି କ୍ଷଣ ସୂର୍ଯ୍ୟସ୍ନାତା ପାଇଁ
ଦେହଟାକୁ ଶୁଖେଇବା ପାଇଁ
କିଛିଟା ସୌରକିରଣକୁ ଦେହରେ ଜରେଇବା ପାଇଁ
ସେଥିପାଇଁ ସେ ସୁନ୍ଦରୀ ମହାମୟ
କଳ୍ପନା ଛାଇର ଛିଟା ବି ଖୁବ୍ କମନୀୟ ଲୋଭନୀୟ
ଏ ଉଜୁଡା ବାଲିଘର ବାଲିକୁଦାରେ
ଗଢିଥିବା କିଛି ସାଗର କୂଳରେ

Download Magazine from www.aahwaan.com

ଅହମିକାର ପଦଚିହ୍ନ ମଳିନ ପଡିଛି

ଆଉ ଥରଥର ଓଠର ଅଣକୁହା କଥା କିଛି

ଏରୁଣ୍ଡିବନ୍ଧ ଡେଇଁ ନ ପାରୁଥିବା

ଏପଟେ ରହି ସେପଟକୁ ଡେଇଁବାର ଅଦ୍ୟମ

ନିରର୍ଥକ ପ୍ରୟାସ କରିବାରେ

ସ୍ୱପ୍ନାତୁର ଆଖିର ଲୁହର ପ୍ଲାବିତ ବନ୍ୟାରେ

କିଛି ବୁନ୍ଦା ଭିଜି ଆଷାଢ଼ର ବାରିରେ

ପୁଣି ପାଣି ଲୁଣି ହେବା

ସମୁଦ୍ରର ଢେଉରେ ମିଶିବା

କିଛି ଧୂଳିକୁ ନିଜ ହାତରେ ଆଇନା ସଫା କରିବା

ମୁହଁଟାକୁ ଚାହିଁ ଖୁବ୍ ହସ ହସିବା

ଚିହ୍ନା ମୋ ମୁହଁ ଖୁବ୍ ପରିଚିତ ବନ୍ଧୁ ଭେଟିବା

ମୁଁ ବୋଧେ ଭୁଲିଛି ଏତେ ପାଖରୁ ତାକୁ ଦେଖିବା

ହାରିଯାଇଥିବା ସମୟର ଅଧାଜଳା ମନ ମରିଛି

ଏ ବୋଧେ ଅମ୍ବାରୁ ଶ୍ରୀଖଣ୍ଡି ପାଲଟିଛି

ତପସ୍ୟାରେ କ୍ରୋଧର ଅଗ୍ନିରେ ଦହକୁଛି

ସ୍ୱାଭିମାନ ଅଭିମାନରେ ନାରୀ ଅଗ୍ନିସ୍ଫୁଲିଙ୍ଗ ହୋଇଛି

କୋମଳମତି ହୃଦୟ ଓ ଜୀବନ କଠୋର ପାଲଟିଛି

ଫେରିବ କି ଅତୀତ ଅଣ ଓସାରିଆ ପଥରେ

ଯେଉଁଠି ସେ ଖେଳେ ଚପଳମତି ରୂପରେ

Download Magazine from www.aahwaan.com

ଧୋରେ ବାଇୟା ଦୋଳିରେ ବାଲିଖେଳରେ
ପଲାଶଫୁଲର ରଙ୍ଗରେ ଫଗୁଣର ଉଭା ବସନ୍ତରେ
ପିଠିପଛ କରି ବସିଥିବା ସେ ମୂହୁର୍ତ୍ତର ଜୀବନ୍ତ ସତ୍ତ୍ୱାକୁ
ସନ୍ଦେହରେ ବଳି ପଡିଥିବା କିଛି କାନ କୁହାକଥାକୁ
ଅସରନ୍ତି ଉପହାସରେ ଝଡିପଡିଥିବା ଅଗଣାର ସଞ୍ଜବତୀଟିକୁ
ଅସଂଖ୍ୟ ପ୍ରଶ୍ନବାଚୀ ମଧ୍ୟରେ ଜଳି ଯାଇଥିବା ମୂଳଦୁଆକୁ
ଉପହାସ ଓ ତିକ୍ତତାର ବନ୍ଧୁର ପ୍ରସ୍ତର ପାହାଡଗୁଡାକ
ତଥାପି ସେ ସୁନ୍ଦର ସତ୍ୟ ଶିବ ମୋ ପାଖରେ
ମୋର ବର୍ତ୍ତମାନର ସତ୍ତା ଭବିଷ୍ୟତ ଆକାଂକ୍ଷାରେ
ମନ କପୋତିଟି ବିଦ୍ରୋହ କରେ ମନରେ
ହସିଦେଇ ସାଇତିଛି ସମୟର ରତ୍ନ ପଥରଗୁଡାକୁ ରଙ୍ଗରେ
ତା ଉପରେ ମୋ ସୌଧ ବର୍ତ୍ତମାନର ଭିତ୍ତିଭୂମି ଜାଗ୍ରତୋକ୍ତି
ତାକୁ ନିର୍ଜୀବ କହିବା ଏ ବେଳାରେ କଣ ଠିକ୍ ହେଉଛି
ଜୀବନ୍ତ ଦାରୁବ୍ରହ୍ମ ଓମ୍ କାର ଧ୍ୱନୀ ଧ୍ୟାନ କରୁଛି
ଅଳିକ ନୁହେଁ
ସେ ଅମଳିନ
ତୈଜବ୍ୟନ୍ତ ଅତୀତର ପାଦଚିହ୍ନ
ତାରି ଉପରେ ପାଦଥାପି ଆସିଲିଣି ଏ ଇଲାକାରେ
କେମିତି କହିବି କିଛି ବି ପାଇନି ଦେଇନି ଚାଲିନି ଥରେ
ଜୀବନ୍ତ ନୁହଁନ୍ତି ବୋଲି ଏଗୁଡିକରେ

Download Magazine from www.aahwaan.com

ମୁଁ ଥିବାଯାଏଁ ସେ ଘୁରୁଥିବ ଚତୁର୍ଦ୍ଦିଗରେ
ଘୂର୍ଣ୍ଣାୟମାନ ପୃଥିବୀ ଅଟକିବନି ମୋର ଚାରିକଡରେ
ଧମନୀର ତରଙ୍ଗରୁ ହୃଦୟର ସ୍ପନ୍ଦନ ଯାଏଁ
ଅତୀତର ଛାୟାରୁ ବର୍ତ୍ତମାନର ସ୍ଥିତି ଯାଏଁ
ସବୁ ଯେମିତି ଜୀବନ୍ତ
ଅନୁଭୂତି ନିଜସ୍ୱ ରହିତ
ଆହୁତିର ଅନାହୂତ ଅଭିଭୂତି
ଚିର ସ୍ମରଣୀୟ ନିଜ ସ୍ୱୀକୃତି

ବରିଷ୍ଠା ସ୍ତ୍ରୀରୋଗ ବିଶେଷଜ୍ଞା
ବ୍ରହ୍ମପୁର, ଓଡ଼ିଶା

Download Magazine from www.aahwaan.com

ସ୍ମୃତିର ସ୍ପର୍ଶ

ଜିତେନ୍ଦ୍ର କୁମାର କହଁର

ଆଜି ବି ମୁଁ ଦେଖେ କାହିଁ
ସେଇ ଆଙ୍କିଥିବା ତୁମ ଛବି,
ଅଶ୍ରୁଳ ଆଖିରେ ନିଶିର ନିଃଶବ୍ଦ ପ୍ରହରେ
ତୁମ କଥା ଭାବି ଭାବି ।

ରୋମଞ୍ଚିତ ହୁଏ ଯେତେ
ତୁମକୁ ନେଇ ମୋର ସ୍ମୃତି,
ଭୁଲିବାକୁ ଚାହିଁଲେବି
ପାରେନାହିଁ କରି ବିସ୍ମୃତି ।

କାଳର କରାଳରେ ପର ହେଲା
ହାତ ପାପୁଲିରୁ ଜହ୍ନ,
ନିମିଷକେ ଉଡ଼ୁଡ଼ିଲା
ଭାଙ୍ଗିଗଲା ସବୁ ସ୍ୱପ୍ନ ।

ଚାହିଁଥିଲି ରଖିବାକୁ ହୃଦୟରେ
ତୁମକୁ ସାରା ଜୀବନ,
ହେଲେ ବଞ୍ଚିଛି ମୁଁ ଆଜି
ନେଇ କେବଳ ତୁମ ସ୍ମୃତି ଚିହ୍ନ ।

Download Magazine from www.aahwaan.com

ତୁମ ସ୍ମୃତିର ସ୍ପର୍ଶ
କାହିଁ ଆଜି ମୋତେ ଏତେ ବାଧେ,
ତୁମେ ନାହିଁ ବୋଲି ହୃଦୟ ମୋ
ବାହୁନି ବାହୁନି କାନ୍ଦେ ।

ଅଜବ ବି ଏ ଦୁନିଆ ସତେ
ମରୀଚିକା ଲାଗେ ଏଠି ସତ,
ସାଥିର ସାଥିରେ ଚାଲି କିଛି ବାଟ
ପୁଣି ଏକା ଚାଲିବାଟା ଭାରି କଷ୍ଟ ।

ଆସିବନି ପୁଣି ଜାଣିବି କାହିଁ ସାଇତିଛି
ତୁମେ ଦେଇଥିବା ସେଇ ପ୍ରଥମ ଗୋଲାପ,
ଜାଣିନି ଥିଲା କେଉଁ ଜନ୍ମର କି ପାପ
ବିରହ କରିଲା କୋଳାଗ୍ରତ ।

ପ୍ରତି କ୍ଷଣେ ଝୁରେ ତୁମକୁ
ନ ଚାହିଁ ବି କାହିଁ ସତେ,
ଏ କି ମୋଡରେ ଉପନୀତ ଆଜି
ଚତୁର୍ପାଶ୍ୱେ ଚିର ତମସାଚ୍ଛନ୍ନ ଲାଗେ ।

ନ ଆସ ପଛେ ତୁମେ ପୁଣି ମୋ ଜୀବନେ
ଆସୁଛ କାହିଁ ମୋ ସ୍ମୃତି ଅବା ସପନେ,
ଖିନ ଭିନ୍ କରି ଚାଲି ଯାଅ ପୁଣି

Download Magazine from www.aahwaan.com

ଅସଂଖ୍ୟ ବେଦନା ଭରି ମୋ ମନେ ।

ତୁମ ହସ ଖୁସିର ପ୍ରହରୀ ସାଜିବା
ବୋଧହୁଏ ଭୁଲ ଥିଲା ମୋ'ର,
ସେଥିପାଇଁ ତ ତୁମଠୁ ଆଜି ତୁମ ପାଇଁ
ମୁଁ ଏତେ ଦୂର ।

ଏତେ ଦୂରେ ସତେ ଆଜି
ଚାହିଁଲେ ବି ଫେରି ପାରିବିନି ଆଉ ମୁଁ,
ଅମାନିଆ ମନ ବାର୍ ବାର୍ ପଚାରେ
କେମିତି ଅଛି ତୋ ପ୍ରିୟା ଥରେ କହ ତୁ ।

ଭୁଲି ହୁଅନ୍ତା କି ଅଭୁଲା ଅତୀତ
ଥରେ ଇଚ୍ଛା କରିଦେଲେ ସତେ,
ଭୁଲି ଯା'ନ୍ତି ମୁଁ ତୁମ ସ୍ମୃତି ସବୁ
ଅକୁହା ଯନ୍ତ୍ରଣା ଯେତେ ।
ମୋ ଅକୁହା ଯନ୍ତ୍ରଣା ଯେତେ । ।

କଲାଡି, ଫୁଲବାଣୀ, ଓଡ଼ିଶା
ଦୂରଭାଷ- ୯୪୩୯୫୪୨୫୨୧

Download Magazine from www.aahwaan.com

ହୋଲି

କଲ୍ପତରୁ ମିଶ୍ର

ବରଷକ ପରେ ଆସିଛି ହୋଲି
ପିଲାଠୁ ବୁଢ଼ାଏ ହୁଅନ୍ତି ବାଇଆ,
ହୋଲି ରଙ୍ଗ ଟିକେ ଖେଳିବେ ବୋଲି
ରଙ୍ଗ ରଙ୍ଗେଇ ହୁଅନ୍ତି ଖାଲି... ୧
କୃଷ୍ଣ ଖେଳିଥିଲେ ଏହି ଦିନ ଅବିର
ଗୋପୀ ଗୋପା ସଙ୍ଗେ ହୋଇ ବିଭୋର
ଏବେ, କୃଷ୍ଣଙ୍କ ବିମାନେ ଉଇ ଲାଗିଲାଣି
ତାଙ୍କ କଥା ମନେ ନାହିଁ କାହାର... ୨
ସଭିଏଁ ଆଦାୟ କରିଲେ ବଟି
ଯିଏ ଯାହା ଦେଲେ ପକେଟ କାଟି
ଗାଁ ମୁଣ୍ଡେ ହେଲେ ସର୍ବେ ଏକାଠି
ଡିଜେ ଡକାଇଲେ ପୁଣି ଝଅଟି... ୩
ପିଲାଏ ଯେତେକ ଥିଲେ ଯେ ନଟି
ସୁରା କିଣିବାକୁ, ଧାଇଁଲେ ଭାଟି
କେତେକ ପିଲାଏ ଭାଙ୍ଗ ନ ପାଇ
ପଣା କରିଦେଲେ ଗଞ୍ଜେଇ ବାଟି... ୪
ଖିଆପିଆ କାମ ଯେବେ ସରିଲା

Download Magazine from www.aahwaan.com

ମୁଣ୍ଡକୁ ସଭିଙ୍କ ଯେବେ ନିଶା ଘାରିଲା
ରଙ୍ଗ ଅବିରକୁ ନିଜେ ବୋଳି ହୁନ୍ତି
ଭାବନ୍ତି, ଆଉ କାହା ଗାଲେ ରଙ୍ଗ ବାଜିଲା... ୫
ପିଲେ ରଙ୍ଗ ଖେଳିବାକୁ ହୋଇଲେ ସଜ
ଦାଣ୍ଡେ ରଙ୍ଗ ଖେଳି କଲେ ମଉଜ
କେତେକ ନିଶାରେ ପାଗଳ ହୁଅନ୍ତି
ସ୍ତ୍ରୀକୁ ଡାକନ୍ତି, ଶୁଣିବକି ହେ... ସୁନାଭାଉଜ... ୬
ଡିଜେ ବାଜିବାରୁ ବଢ଼ିଲା ତାତି
ସଭିଏଁ ନାଚନ୍ତି ନିଶାରେ ମାତି
ବଣେ ମାତିଲେ, ଯେସନେ ପାଗଳ ହାତୀ
ବାଟକି ଅବାଟ ନ ମାନିଲେ କିଛି
ଲଢ଼େଇ କରିଲେ ପଟେଇ ଛାତି... ୭
ଗୌରୀ ନାନୀ, ଘର ତାହାର ମଝି ସାହିର
ଷୋଡ଼ସ ବୟସୀ ରୂପେ ସେ ଭାରି ସୁନ୍ଦର
କେତେ ଟୋକା ନିତି ଛଟପଟ ହୁନ୍ତି
ପଡ଼ିଗଲେ ପ୍ରେମଜାଲେ ତାହାର... ୮
ଡିଜେ ଅଟକିଲା ତା ଘର ଆଗର
ସଭିଏଁ ଖୋଜନ୍ତି ମାଧୁରୀ କାହିଁ
ଗୌରୀ ସାଙ୍ଗରେ ରଙ୍ଗ ଖେଳିବାକୁ
ନମ୍ବର ଲଗାନ୍ତି ସଭିଏଁ ଯାଇ... ୯

Download Magazine from www.aahwaan.com

ଗୌରୀ ସାଙ୍ଗରେ ରଙ୍ଗ ଖେଳୁ ଖେଳୁ
ଆରମ୍ଭ ହୋଇଲା ମହାସମର
ବୁଝିଲେନି ଆଉ କିଏ କାହାର
ହୋଲି ରଙ୍ଗ ସେଠୁ ଧୋଇଗଲା ସବୁ
ଉଜାଡ଼ି ବହିଲା ରୁଧିର ଧାର... ୧୦
ବେଳଗଲା ବୁଡ଼ି ସଞ୍ଜ ଯେବେ ହୋଇଲା
ରଙ୍ଗ ଖେଳାଖେଳି ସେବେ ସରିଲା
ଆମ ପରମ୍ପରା ଭୁଲିଲେ ସଭିଏଁ
ହୋଲି କଥା ଇତିହାସେ ରହିଲା... ୧୧

ନିଲୋକ, ବନ୍ତ, ଭଦ୍ରକ
ଭ୍ରାମ୍ୟଭାଷ : ୮୦୯୩୦୨୭୪୯୪
ଇମେଲ୍ : mishra7593@gmail.com

Download Magazine from www.aahwaan.com

ନୁଁଗୁରାଙ୍କ ରାତିଅଧିଆ ପ୍ରେମ

✍ରାଜେନ୍ଦ୍ର ନାରାୟଣ ସେନାପତି

ବେଙ୍ଗ ନାନି ପୁଅ ନରି
ବଡ଼ ଚତୁର ସେ ଗାଁ ରେ ଆମରି
କେହି ହେବେନି ତା ସରି ।

ରସିକ ନାଗର ଟୋକାଟା ସିଏ ଲୋ
ଲୋକ ବିଗିଡ଼ନ୍ତି ଭାରି ।

ନିଶାର୍ଦ୍ଧରେ ସେ ପ୍ରେମିକା ପାଖକୁ
ଯାଇଥିଲା ଦେଖାକରି
ଧରା ପଡ଼ିଗଲା ପାଖ ଗାଁ ରେ ଲୋ
ଗାଁ ବାଲା ଦେଲେ କୋରି ।

ସେ ରାତି ଅଧରେ ମନ୍ଦିର କୁ ନେଇ
ବାହା କାମ ଦେଲେ ସାରି
ଘରକୁ ଫେରିଲା ନୂଆ ବୋହୂ ଧରି
ନାଁ ଟା ତାହାରି ଝରି ।

Download Magazine from www.aahwaan.com

ବାସର ରାତିର ଖୁସି ମଉଳିଲା
ତିନି ମାସ ଥିଲା ଗର୍ଭ ସଞ୍ଚାରି
ପ୍ରେମ ଟା ମାତର, ଥିଲା ଦି ମାସର
ଏବେ ମୁଣ୍ଡ ଟା ବିନ୍ଧୁଚି ଭାରି ।

ଭାର୍ଯ୍ୟା କୁ କହୁଚି ଚିଡ଼ି
ତୋ ପଛରେ ପଡ଼ି
ମୋ ବେଳ ଖରାପ ଲୋ
କାମ ଜ୍ୱର ଗଲା ଛାଡ଼ି ।

ଏବେ ନାମ ନେଇଛି ସେ ଭେଣ୍ଡା
କାଉଟେ ହେଇକି ପାଳୁଛି ସିଏ ଲୋ
କୋଇଲି ବସା ର ଅଣ୍ଡା ।

ପାଇକତିଗିରିଆ
ଖୋର୍ଦ୍ଧା

Download Magazine from www.aahwaan.com

ବୈଶାଖ

ବରୁଣ କୁମାର ଦାସ

ସ୍ୱସ୍ତି ଖୋଜୁ ଥାଏ ଠାଇଁ
ଛାଇ ଛାତି ତଳେ ।
ବଦଳୁ ଥାଏ ଫଳର ଚେହେରା
ଡାଳେ ଡାଳେ ।
ସୂର୍ଯ୍ୟ ହୋଇ ଜଳୁ ଥାଏ
ବଢ଼ି ଚାଲୁଥିବା ଶୋଷ
ଭିଜୁ ଥାଏ ଗରମ ମାଟି
ସ୍ୱେଦ ବିନ୍ଦୁରେ ।
ଛାତି ଆଗରେ ଛୋଟ ସାଜେ ତାତି
ଲହୁ ଲୁହାଣ ଜୀବନ ଚାଲୁଥାଏ
ନିଜ ତାଳରେ ।

ପାଲୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

Download Magazine from www.aahwaan.com

ଆମେକଣ୍ଟ୍ରାକ୍ଟ କର୍ମଚାରୀ

ଶୁଭକାନ୍ତ ସାହୁ

ଆମେ କଣ୍ଟ୍ରାକ୍ଟ କର୍ମଚାରୀ
ଆମେ କଣ୍ଟ୍ରାକ୍ଟ କର୍ମଚାରୀ
ସରକାରଙ୍କର ସାବତ ସନ୍ତାନ
ନୋହୁଁ ପୁରା ସରକାରୀ
ଆମେ କଣ୍ଟ୍ରାକ୍ଟ କର୍ମଚାରୀ ।
ଆମ ସରକାର ଭାରୀ ଉଦାର
ଚାହାନ୍ତିନି କେହି ରହୁ ବେକାର
ଖଲିଛି ଭଣ୍ଡାର ଚୁକ୍ତି ନିଯୁକ୍ତିର
ରହିନୁ କେହି ବେକାରୀ
ଆମେ କଣ୍ଟ୍ରାକ୍ଟ କର୍ମଚାରୀ ।
ନିୟମିତଙ୍କର ଯୋଗ୍ୟତା ଯାହା
ଆମ ପାଖେ ଥିଲେ ଥାଉ ବି ତାହା
ଆମେ ନୋହୁଁ କେବେ ସମକକ୍ଷ ତାଙ୍କ
(ମାତ୍ର) ସବୁ କରୁ ତାଙ୍କ ପରି ।
ଆମେ କଣ୍ଟ୍ରାକ୍ଟ କର୍ମଚାରୀ ।
ସରକାରଙ୍କର ଖୋଲା ଆହ୍ୱାନ
ସମାନ କାମକୁ ଏକା ବେତନ

Download Magazine from www.aahwaan.com

ନିୟମିତ ଆଉ ଚୁକ୍ତି ବଦ୍ଧ କାମ ଏକ ?

ନା, ନା ଏକପରି ।

ଆମେ କଣ୍ଟ୍ରାକ୍ଟ କର୍ମଚାରୀ ।

ହଜାରେ, ପନ୍ଦ୍ରଶ, ତିନି ହଜାର

ଚୁକ୍ତିରେ ବିକିଛୁ ମୁଣ୍ଡ ଆମର

କେତିକି ଖାଇବୁ କେତିକି ପିନ୍ଧିବୁ

ପରିବାର ସାଙ୍ଗେ ଧରି ?

ଆମେ କଣ୍ଟ୍ରାକ୍ଟ କର୍ମଚାରୀ ।

ନିୟମିତ ପୁଅ ପାରେନି ଚଳି

ମାସେ ଟଙ୍କା ବିଂଶ ହଜର ଧରି

ପନ୍ଦର ଶହ କି ତିନି ହଜାରେ

ଆମ ପେଟ ଯାଏ ପୁରି ।

ଆମେ କଣ୍ଟ୍ରାକ୍ଟ କର୍ମଚାରୀ ।

ନିୟମିତେ ସିନା ମୋଟା ବେତନ

କରିବେ କୁଟୁମ୍ବ ପ୍ରତି ପୋଷଣ

ବାପା, ମାଆ, ସ୍ତ୍ରୀ, ପିଲା ଛାଡିଦେଇ

ହେବୁ କି କୌପିନି ଧାରୀ ?

ଆମେ କଣ୍ଟ୍ରାକ୍ଟ କର୍ମଚାରୀ ।

ବେତନ କମିଶନର ସୁପାରୀ

ତେଲିଆ ମୁଣ୍ଡରେ ତେଲ ଅଜାଡି

Download Magazine from www.aahwaan.com

ଆମ ମୁଣ୍ଡ ଥାଉ ଜଟ କି ନୁଖୁରା
ଆମ ପାଇଁ ତେଲ ଯାଏ ସରି ।
ଆମେ କଣ୍ଟ୍ରାକ୍ଟ କର୍ମଚାରୀ ।
ଛାତ୍ର ବେଳେ ଭଲ ପଢିଲୁ ବୋଲି
ସରକାରଙ୍କଠି କଲୁ ଚାକିରୀ
ସେଇ ଅପାଠୁଆ ବୋଧେ ଭଲ ଯିଏ
ମାଲିକର ନଉକରୀ ।
ଆମେ କଣ୍ଟ୍ରାକ୍ଟ କର୍ମଚାରୀ ।
ମନ୍ତ୍ରୀ ବିଧାୟକ ଦରମା ବଢୁ
ଗ୍ରସ୍ତ ଖର୍ଚ୍ଚ ଭତ୍ତା ତା'ଠୁଁ ବି ବଢୁ
ସମାଜ ସେବୀ ସେ ଜନ ପ୍ରତିନିଧି
ନଅଣ୍ଟିଲେ ଆମ ଦରମାରୁ ନିଅ କାଢି
ଆମେ କଣ୍ଟ୍ରାକ୍ଟ କର୍ମଚାରୀ ।

(ରାଜକୋଷରେ ଅର୍ଥାଭାବ ଆଳରେ ଚୁକ୍ତି ନିଯୁକ୍ତି ସୃଷ୍ଟି କରାଯାଇଥିଲା । ଯେଉଁ ସମୟରେ ଚୁକ୍ତିଭିତ୍ତିକ କର୍ମଚାରୀ ମାନେ ବହୁତ କମ୍ ଦରମା ପାଉଥିଲେ, ସେତେବେଳେ କିନ୍ତୁ ସେ ସମୟରେ ବିଧାୟକ ମାନଙ୍କର ଦରମା ବୃଦ୍ଧି ପାଇଁ ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ବିଧାନ ସଭାରେ ନିଜ ଦରମା ବୃଦ୍ଧି ବିଲ୍ କୁ ସ୍ୱୀକୃତି ଦେଇଥିଲେ । ଠିକ୍ ଏହି ସମୟରେ ଚୁକ୍ତିଭିତ୍ତିକ ସ୍ୱାସ୍ଥ୍ୟକର୍ମୀ ମାନଙ୍କ ଦରମା ୪୦୦୦ ରୁ ୩୫୦୦ ଟଙ୍କାକୁ କମାଇ ଦିଆଯାଇଥିଲା ।)

Download Magazine from www.aahwaan.com

ଟ୍ରେନ୍‌ରେ ମୂଷା

ଡ: କୁଳାଙ୍ଗାର

ଟ୍ରେନର ଏସି ବଗିରେ ମଲାମୂଷା ଗନ୍ଧ ସହ
ଦି ଚାରିଟା ଜିଅନ୍ତା ଦେଖି;
ଘୃଣାରେ କି ଡରରେ କେଜାଣି ବିଚାରପତି ମହୋଦୟ
ଓହ୍ଲେଇଗଲେ ଆଗ ଷ୍ଟେସନରେ ଟ୍ରେନକୁ ରୋକି !
ଏ ଖବର ଟିଭିରୁ ଦେଖି କୌତୁହଳ
ଜାତ ହେଲା ବି ମୋର ମନରେ;
ତେଣୁ ସବିଶେଷ ବିବରଣୀ ପାଇଁ ମୁଁ ହାଜର ହେଲି ରେଳ
ବିଭାଗରେ କାମ କରୁଥିବ ମୋ ବନ୍ଧୁ ନିକଟରେ ।

ପଚାରିଲି - ଭାଇ କି କାମ କରୁଚ କିଓ
ରେଳବଗିରେ ମୂଷା ଡେଉଁଛନ୍ତି;
ରେଳ କର୍ମଚାରୀ ବନ୍ଧୁ କହିଲା- ମୂଷା ଗୁଡାକ
ନିରୀହ ପ୍ରାଣୀ, ସେତେ ବେଶି କ୍ଷତିକାରକ ନୁହଁନ୍ତି !
କହିଲି - ହଁ ବୁଝେଇ ତ ଦେଉଛ
କହିକରି ଭାରି ଚିକଣିଆ ଭାଷା;
ମୂଷାକୁ ଖାଇବା ଲୋଭରେ ତା ପଛେପଛେ
ସାପ ଯଦି ପଶିଲା ପଡିବ ମହାଦଶା !

Download Magazine from www.aahwaan.com

ବନ୍ଧୁ କହିଲା - ସହଜେ ତ ରେଳସେବା କ୍ଷତିରେ ଚାଲିଚି
ଭଡ଼ାଦର ବଢ଼େଇଲେ କରୁଚ ପାଟି;
ଏତିକି ଟଙ୍କାରେ ମୂଷା ନୁହେଁ ତ ଆଉ କଣ ଦେଖାନ୍ତୁ
ଆଣିକି ବାଘ, ଭାଲୁ, ହାତୀ ?
ବରଂ ଟ୍ରେନରେ ମୂଷା ରହିବାଟା ଘରୁଆ
ପରିବେଶ ସୃଷ୍ଟି କରେ;
ଖାସ୍ ମୂଷାର ଉପସ୍ଥିତି ଯୋଗୁ ଆପଣ
ଜାଣି ପାରିବେନି ଟ୍ରେନରେ ଅଛନ୍ତି କି ଘରେ !

ତା ଛଡା ଆପଣ ମାନେ ତ ଭଦ୍ରଲୋକ ସାଜି
ପଳେଇ ଯାଆନ୍ତି କାଗଜ ପକେଇ ଖାଇ ମୁଡି;
ବଗିରେ ବୁଟ, ମଟର ଓ ଚିନାବାଦାମ ଖାଇ
ତାର ଚୋପାକୁ ଫୋପାଡି ।
ସଫେଇ କର୍ମଚାରୀମାନେ ବି ଦରମା ବୃଦ୍ଧି ଦାବୀରେ
ଅଧାଦିନ କାମ ବନ୍ଦ୍ କରନ୍ତି ବର୍ଷସାରା;
ମୂଷାମାନେ ଅଛନ୍ତି ବୋଲି ସିନା
ସେସବୁକୁ ଖାଇ ବଗିକୁ ରଖନ୍ତି ସଫାସୁତୁରା !

ମୁଁ ପଚାରିଲି ବାଃ ଟ୍ରେନରେ ମୂଷାପାଳନର

Download Magazine from www.aahwaan.com

ସକରାତ୍ମକ ଦିଗ ସରିଲା ନା ଆହୁରି ଅଛି ?
ବନ୍ଧୁ କହିଲା ଅଛିନା, ତୁ ତ ଜାଣିଛୁ
ଆଜିକାଲି ସବୁକିଛିର ଗୈରୀକରଣ ଚାଲିଛି !
ତେଣୁ ଟ୍ରେନ୍‌ରେ ତ ଆଉ ବିରାଜମାନ
କରିପାରିବୁନି ଶ୍ରୀ ଗଣେଶଙ୍କୁ ;
ତେଣୁ ପ୍ରତିନିଧି ଭାବରେ ନିର୍ଭୟ
ଆଶ୍ରୟ ଦେଇଛୁ ତାଙ୍କର ମୂଷା ବାହନକୁ ! !

ମୁଁ କହିଲି ବାଃ ଲାଗୁଛି
ସବ୍‌କା ସାଥ୍ ସବ୍‌କା ବିକାଶର ଛାପ ଏଠି ବି ବସିଛି;
ଏଠି ମଣିଷ ସହ
ଜନ୍ତୁଜୁନ୍ତାଙ୍କ ପାଇଁ ବି ଅଛେ ଦିନ୍ ଆସିଛି !
ଏବେ ମୁଁ ବୁଝୁଛି ଟ୍ରେନ୍ ଭିତରେ ଗନ୍ଧୁଥିବା
ମୂଷାଟା କାହିଁକି ମରିଥିବ;
ଲାଗୁଛି ଏଡିକିଟେ ଜୀବ ହୋଇ
ଏଡ଼େ ବଡ଼ ଟ୍ରେନ ପରିଚାଳନାର ଚାପରେ ଆତ୍ମହତ୍ୟା କରିଥିବ ! !

Download Magazine from www.aahwaan.com

ସମ୍ବଲପୁରୀ କବିତା

Download Magazine from www.aahwaan.com

ଜୀବନ୍ ପାଏନ୍ ଫୁଟକା

ଆଶୁତୋଷ ମେହେର

ମୁନୁଷ୍ ଜୀବନ୍ ପାଏନ୍ ଫୁଟକା
ହଲ୍ଲା ଚହଲା ପାନିର୍ ଧାର୍
ଆଏଜ୍ ଅଛେ ତ କାଏଲ୍ କେ ନାଇଁ
ନିଅମ୍ ଜାନିଥା ବଂଚବାର୍ ।
ଛୁଛା ନଙ୍ଗଲା ହେଇ ଆସିଥିଲୁ ଯେ
ଫିରିଯିବୁ ହେନ୍ତା ଖାଲିଖାଲି
ଧନ୍ ସନପତି ହାତ୍ ଛାଡିଦେମେଁ
କୁଟୁମ ଲୁକେ ଯିବେ ନ ଭୁଲି ।
ହେଥିର୍ ଲାଗିର୍ ନୁକୋ କାମେ ମାତ୍
ସଭକେ ସମ୍ମାନ୍ କର୍ ଭଲ୍
ପ୍ରଭୂ ପାଦ୍ ସୁମ୍ରି ସଂସାର୍ ଆଦରି
ଜୀବନ୍ କେ କରିନେ ସଫଲ୍ ।
କାମ ସୁରତେଇ ମନେ ତ ପକାବେ
ଦୁଇଧାରେ ଲୁହୁ ଆଖିଁପାନି
ଥିଲା ଜହ୍ନେଁ ବଲି ସୁରତଡ୍ ଥିବେ
ମାୟା ସଂସାର୍ କଥା କେ ଜାନି ।
ଇନେ ସରଲା

୫୪ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪, ଦୂରଭାଷ ୯୪୩୭୦୮୫୩୯୬

Download Magazine from www.aahwaan.com

ହର୍ସରି ପୁରାନ୍

ଏମ୍. ବିଜୟ କୁମାର

ଆରମ୍ଭ ହେଲା ହର୍ସରି ପୁରାନ୍
ମୁଲ୍ କରୁଛେ ହସର ଗିଆନ ।
ହସଁରୀ ଦେବୀ ହସଁରୁ ଦେବତା
ହସିରା ଲାଗି ମାନତା ଶୁନତା ।
ପୂଜୁଛେ ତମକେ ଜୁଡ଼େ ହାତନେ
ପୂଜାବିଧି ମୁଇଁ କରି ନାଇଜାନେ ।
ହସୁଥିସ ହସଁରି ଫଲ ଖାଇ
ଲିଆ ଘନା ଲେଖେଁ ଗଦଗଦେଇ ।
ସୁତ୍ ମୁରୁଖ୍ ଟିକେ ନାଇଁ ବୁଧି
ଖରସିନ୍ ଭରି ହେଇଛେ ଗୁଦି ।
ଭସତ ବେଡ଼ା ଭାବଭକତି ନେ
କୁଲା କୁଲା ଭୁଗା ଭୁଗା ଭରନେ ।
ଟୁଁଣେ କୁଚି ମଡ଼ା କୁଁଦା ହେଇଛେ
ଗଦ ଗଦ ହେଇ ହସ ବୁଲୁଛେ ।
ଜୁହାର୍ ଜୁହାର୍ ହସଁରୀ ଦେବୀ
ଜୁହର୍ ତମର ମାଁ ବୁଆକେ ବି ।
କାଁଦୁଛେ ସଉକେ ଘରବସିଆ

Download Magazine from www.aahwaan.com

ଖିଲ୍ ଖିଲେଇ ମୋର ଆଗେ ଠିଆ ।
ପର ନାଇ କର ଭାବି ପଡ଼ିଆ
ଡଣାସନ୍ ହେଇ ମାରେ ମୁଡ଼ିଆ ।
ହଁସ ଖୁସିନେ ଅମରୁତ ରସ
କପଡ଼ା କୁଚି କେତେ ନାଇ ହସ ।
ଜୁହାର ଛିନ ହସଁରୁ ଦେବତା
ଗୋଡ଼ ମୁଡ଼ ତକ ନଡ଼ିଆ କତା ।
ନି ହସ ତୁଁଣ ଚିଟ ମୁଳ ମୁଳ
ଜୀବନ ଆଏ ଇଁ ହଁସର ମୂଳ ।
ହସବେ ବଏଲେ ଲାଘ ଲାଗବ
ପଛେକା ମତେ ଦୁଷ୍ ନାଇ ଦେବ ।
ହସ ମୁଖ ମୁଳ ମୁଳ ଚେହେରା
ଅଁଳା ଜିଆଁ ଗଡ଼ ଗଡ଼ି ବଏରା ।
ବଏରି ନାଇ ହୁଅ ହସି ହସି
ବେକ କେ ନୋ ନିଅ ଗୋଡ଼ର ଫାଶି ।
ହସଁରି ଫୁଲ ହସଁରି ପୁରାନ
ହସି ଖୁସି ଭରା ଜୀଉ ଜୀବନ ।

ସଇଁତନା, ବଲାଙ୍ଗିର, ୩୨
ଭ୍ରାମ୍ୟଭାଷ : ୭୯୭୮୭୮୪୧୩୦

Download Magazine from www.aahwaan.com

କୁଇଲି

ଶଙ୍ଖସିନ୍ଧୁ ପୁରୋହିତ

କଲିଆ ପଚ ପଚ
ଟିଂଚ୍‌କଡ଼ୋ ଟେ
ଗୁଣଉଥିସିଁ ଖାଲି
କୁଆ ଭଲକି ମୁଇଁ ଯେ
କେନ୍‌ଥେଇ ପାର୍‌ମି କହି ?

କୁଆ କାନ ଝୁମରା ଭାଙ୍ଗ୍‌ସି
ମଏଲା ସବୁ ଖାଏସି
ମହା ଚାଲାକ୍ ବୋଲି
ସୀତାକର ନଖ୍ ବି ଖାଏସି
ହେଲେ ମୁଇଁ
ପୁରା ଥୁତୁମ୍‌ଟେ କାଏଁ ଯେ
ଭଲ୍ ବୋଲି କେନ୍‌ଥେଇ କହିପାର୍‌ସି ।

କାହାର ସେଂଗେ ମୋର୍
ତଉଲି ହେବାର୍ ନାଇଁନ
ମୋର୍ ଆମ୍‌ବଉଲର୍ କହଁର୍

Download Magazine from www.aahwaan.com

ମୋର ଫଗୁନ୍

ମୋର ବଉଲିଆ ପବନ୍

ରଂଗୀନ୍ ଦୁନିଆ ଆର୍ ସୁର୍‌ଥାଉ କି ନାଇଁଥାଉ

ମୋର ହର୍‌ମିସା ଗାଇଥିବାର୍ ଗୀତ୍

ହଁସି ଖୁସି ଥି ବଁଚ୍‌ବାର୍ ଲାଗି

ମୋତେ

ଏତ୍‌କି ହିଁ ଦର୍କାର୍

ଡ: ପରଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ

ସମ୍ବଲପୁର, ଓଡ଼ିଶା

Download Magazine from www.aahwaan.com

ଅଫିସର ଯଦି ହେତି !

ବଲବନ୍ତ ସାହୁ

ଧରିଛେ କଲମ୍ ଲେଖ୍‌ମି ବୋଲି
ମାଏଁଟ୍ ମାଆ ଭାଷାଥି ପଦେ
କାଣା ଲେଖ୍‌ମି ? ସୋର୍ ନାଇଁ ମୋର୍
ନାଇଁ ପଡୁଛେ ତୋ ମନେ ।
ହଁ.. ହଁ.. ! ପଡୁଛେ ମନେ
ଲେଖୁଛେ ଗୁଟେ କଥା
ଅଏନ୍ କଥାଟେ ଲେଖୁଛେ ଭାଇ
ବନେ କରି ଶୁନୁ ଥାହା ।
ଅଫିସର୍ ଯଦି ହେତି ?
ସତେ ! ଅଫିସର୍ ଯଦି ହେତି !
କଳା ଝିମ୍ ଝିମ୍ ଦାମକିଆ କୋଟ୍
ହଜାର୍ ଟଙ୍କିଆ ବୋଟ୍ ସୁଟ୍
ନାଇଁ ମୁଇ ପିନ୍ଧିଥିତି ,
ଶହ ଶହ ଟଙ୍କିଆ ଅତର୍ ମାଖି
ନାଇଁ ମୂଇ ବାସୁଥିତି ।
ଲାକ୍ ଲାକ୍ ଟଙ୍ଗାର୍ ଗାଡି ନେ ସତେ
ନାଇଁ ମୁଇ ବସୁଥିତି

Download Magazine from www.aahwaan.com

ପ୍ଲାଟୁନ୍ ପ୍ଲାଟୁନ୍ ଗାର୍ଡ ଧରି
ନାଇଁ ମୁଇ ବୁଲୁଥିତି □
ଏ.ସି ଘର୍‌ନେ ବସିକରି
ନାଇଁ ଛିନୁଥିତି ପିସି
ବଡ଼ବଡ଼କିଆ କେ ମୁଡ଼େ ବୁହି
ନାଇଁ ମାର୍‌ତି ଚାଷୀ □
ଦିନ୍ କେ ଗୁଟେ ଗୁଟେ ଯୋଜ୍‌ନା ମୁଇ
ନାଇଁ ବରଂ କାରୁଥିତି
ଗୁଟେ ଯୋଜ୍‌ନା କର୍‌ତି ଭାଇ
"ମୁନୁଷ ପନ୍" ନାଁ ଦେତି □
ମୁନୁଷ୍ ଭିତରେ ମୁନୁଷ୍‌ପନ୍
କୁଟ୍ କୁଟ୍ ଦେତି ଭରି
ଅଲ୍‌ଗା ଲୋକର୍ ଦୁଃଖେ ଜେନ୍‌ତା
ଆଁଏକ୍ ନୁ ଝର୍‌ତା ପାନି □
ଦିନ୍‌କେ ଦୁଇଟା ଚାଷୀ ଭାଇ
ନାଇଁ ପିଉଥିତେ ବିଷ୍
ଚାଷୀର ହଁକ୍ ନେ ଲଢ଼୍‌ତି ମୁଁଇ
ସୁଖେ ଦେତି ସବୁ ରିସ୍ □
ଗାଁ ଭୂଇଁ ଛାଡି ରାଜ୍‌ଧାନୀ ନେ
ନାଇଁ ରାହୁଥିତି ମୁଇ

Download Magazine from www.aahwaan.com

ଦୁଃଖୀର ସାଙ୍ଗେ ଦୁଃଖ୍ ଭାଗ ମାଗି

ରହନ୍ତି ଗାଁ ନେ ମୁଇ □

ମୁନୁଷ୍ ଭିତରେ "ମୁନୁଷ୍ ପନ୍"

କୁଟ୍ କୁଟ୍ ଦେତି ଭରି

ଅଲ୍‌ଗା ଲୋକର୍ ଦୁଃଖେ ଯେନ୍‌ତା

ଆଁଏକ୍ ନୁ ଝରତା ପାନି ,

ଆଁଏକ୍ ନୁ ଝରତା ପାନି □

ଅଫିସର ଯଦି ହେତି...

ଭାଇ...ଅଫିସର ଯଦି ହେତି !

#ବଲବନ୍ତ_ସାହୁ #Mob_9078105234

Download Magazine from www.aahwaan.com

ପ୍ରବନ୍ଧ ବିଭାଗ

Download Magazine from www.aahwaan.com

ଆହୁତିକୁଣ୍ଡର ଇତିହାସ



ଶ୍ରୀ ରବୀନ୍ଦ୍ରନାଥ ସାମଲ

ପ୍ରାଚୀନ ଐତିହ୍ୟର ସ୍ମୃତି ଓ ସ୍ୱାକ୍ଷର : ଆହୁତିକୁଣ୍ଡ

ବାଲେଶ୍ୱର ଜିଲ୍ଲାର ପୂର୍ବୋତ୍ତର ଭାଗରେ ଭୋଗରାଇ ଥାନା ଅବସ୍ଥିତ । ଏହି ଥାନାର ପୂର୍ବୋତ୍ତର ଭାଗରେ ଆହୁତିକୁଣ୍ଡ ନାମକ ଏକ ସ୍ଥାନ ଅଛି, ଯେଉଁଠି ଅଧୁନା ଜୟରାମପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଅବସ୍ଥାପିତ । ଏହି ସ୍ଥାନ ସାମ୍ପ୍ରତିକ ସମୟରେ ଏକ ସମତଳ ଅଞ୍ଚଳ ରୂପେ ପରିଦୃଶ୍ୟ ହୋଇଥାଏ । କିନ୍ତୁ ପୂର୍ବେ ଏହି ସ୍ଥାନରେ ଥିଲା ଏକ ସୋମକୋଣି ଗଡ଼ିଆ ସଦୃଶ ଖାଲ ସ୍ଥାନ । ଏହି ସ୍ଥାନଟିକୁ ଆହୁତିକୁଣ୍ଡ ବୋଲି କୁହାଯାଇ ଆସୁଛି । ତାହା ଅଦ୍ୟପି ଜିଜ୍ଞାସାସୂଚକ ହୋଇ ରହିଛି । ପୂର୍ବରୁ ଏହି ଖାଲ ରୂପକ କୁଣ୍ଡ ପାର୍ଶ୍ୱରେ ଥିଲା ଏକ ଭଙ୍ଗା ଇଟା, ପୋଡ଼ାମାଟିର ବିଭିନ୍ନ ପ୍ରକାର ପାତ୍ର ଆଦିର ମିଶ୍ରିତ ମାଟିର ସ୍ତୁପ, ଯେଉଁଠିକୁ କୌଣସି ମଣିଷ ଏକଦା ଯିବାକୁ ସାହାସ କରୁନଥିଲେ । ଅବଶ୍ୟ ଏହି ସ୍ଥାନରୁ ଥରେ ଲୋକମାନେ ମାଟି ଖୋଳୁଥିବା ସମୟରେ ସେଠାରୁ ଯେଉଁ ତାମ୍ରଶାସନଟି ଆବିଷ୍କୃତ ହୋଇଥିଲା, ତାହାକୁ ପାଠକଲା ପରେ ଏ ଅଞ୍ଚଳର ଯେଉଁସବୁ ଇତିହାସର ତଥ୍ୟାଦି ପ୍ରାପ୍ତ ହେଲା, ତାହା ସମଗ୍ର ଭାରତବର୍ଷର ଐତିହାସିକଙ୍କ ଦୃଷ୍ଟି ଆକର୍ଷଣ କଲା ବୋଲି ଜଣାପଡ଼ିଲା । ସେଥିରୁ ଜଣାଗଲା ଯେ, ଖ୍ରୀ ୫ମ/୬ଷ୍ଠ ଶତାବ୍ଦୀରେ ଏଠାରେ ତତ୍କାଳୀନ ଦଣ୍ଡଭୁକ୍ତି ମଣ୍ଡଳ ନାମକ ଏକ ଶାସନ ଖଣ୍ଡର ଶାସକ (ରାଜା) ଗୋପଚନ୍ଦ୍ରଙ୍କ ଅଧୀନସ୍ଥ ସାମନ୍ତରାଜା ଅଚ୍ୟୁତ ସୁବର୍ଣ୍ଣରେଖା ନଦୀ ମୁହାଣ ନିକଟସ୍ଥ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବୌଦ୍ଧ ଧର୍ମର ବିକାଶ ପାଇଁ ବୋଧିପଦ୍ରକ ନାମକ ବୌଦ୍ଧବିହାର ନିର୍ମାଣ କରାଇଥିଲେ । ଇତିହାସ

Download Magazine from www.aahwaan.com

କହେ ଖ୍ରୀ ୫ମ ଶତାବ୍ଦୀରେ ବଙ୍ଗଳା ମାଟିରେ ବ୍ୟାପକ ଭାବରେ ବୌଦ୍ଧ ଧର୍ମର ପ୍ରଭାବ ବିସ୍ତାର ଘଟିଥିଲା । ଏହା ଖ୍ରୀ ୭ମ ଶତାବ୍ଦୀ ଯାଏ ବିଶେଷ ପ୍ରଭାବଶାଳୀ ହୋଇ ରହିଥିଲା । ତେବେ ଏତିକି ବେଳେ ବ୍ରାହ୍ମଣ୍ୟ ଧର୍ମର ପ୍ରଭାବ ମଧ୍ୟ କମ ହୋଇନଥିଲା । ତେଣୁ ସେ ସମୟରେ ବୌଦ୍ଧଧର୍ମ ସଙ୍ଗେ ବ୍ରାହ୍ମଣ୍ୟଧର୍ମର ଏକତା ସମ୍ପାଦିତ ହୋଇଥିଲା । ମାତ୍ର ସପ୍ତମ ଶତାବ୍ଦୀରେ କର୍ଣ୍ଣସୁବର୍ଣ୍ଣର ରାଜା ଶଶାଙ୍କ ରାଜଙ୍କ ବୌଦ୍ଧ ବିଦ୍ୱେଷନୀତି ଯୋଗୁଁ ପୂର୍ବଭାରତରେ ଥିବା ବହୁ ବୌଦ୍ଧ ସ୍ତୁପ ଓ ବିହାର ଆଦି ନଷ୍ଟବିନଷ୍ଟ ହୋଇଯାଇଥିଲା । ଏଠାରେ ସୂଚାଇ ଦିଆଯାଇପାରେ ଯେ ସେ ସମୟରେ ଏହି ଦଣ୍ଡଭୁକ୍ତି ମଣ୍ଡଳର ଉତ୍ତର ସୀମା ଆଧୁନିକ ବଙ୍ଗଳା ଦେଶର ଫରିଦପୁର ଥିବା ବେଳେ ଦକ୍ଷିଣ ସୀମା ସୁବର୍ଣ୍ଣରେଖା ନଦୀ ହିଁ ଥିଲା । ତେଣୁ ସେ ସମୟରେ ଶଶାଙ୍କ ରାଜଙ୍କ ଦ୍ୱାରା ସୁବର୍ଣ୍ଣରେଖା ନଦୀ ମୁହାଣ ନିକଟରେ ଥିବା ସେହି ବୋଧିପଦ୍ରକ ବିହାରଟି ମଧ୍ୟ ଧ୍ୱଂସ ପାଇ ଯାଇଥିଲା । ଏ ସମସ୍ତ ବିଷୟ ଜଣାଗଲା ପରେ ମଧ୍ୟ ଜନସାଧାରଣଙ୍କ ଜିଜ୍ଞାସୁ ମନୋଭାବର ଅନ୍ତ ଘଟିଲା ନାହିଁ ।

ଆହୁତି ଶବ୍ଦର ଅର୍ଥ - ମନ୍ତ୍ରପାଠ କରି ହୋତ୍ରକୁଣ୍ଡରେ ଘୃତଦାନ କରିବା । ତେଣୁ ପ୍ରଶ୍ନ ହେଲା, ତେବେ କଣ ଏଠାରେ ଦିନେ ହୋମକୁଣ୍ଡରେ ଆହୁତି କରାଯାଉଥିଲା କି ? ମାତ୍ର ଏହି ସ୍ଥାନରୁ ପ୍ରଚୁର ଭଗ୍ନ ଟେରାକୋଟା ପଦାର୍ଥମାନ ମିଳିବାରୁ ମନର ଜିଜ୍ଞାସା ଭାବକୁ କିଛି ଅଂଶରେ ପ୍ରଶମିତ କଲା ଏବଂ ଏଠାରେ ହୋତ୍ରକୁଣ୍ଡ କିଏ, କାହିଁକି ଏବଂ କେବେ କରିଥିଲେ ତାହାର ପ୍ରଶ୍ନ ଉଦ୍ରେକ ହେଲା । ହେଲେ ଏ ସବୁ ପ୍ରଶ୍ନର ଉତ୍ତର ଖୋଜି ନ ମିଳିବାରୁ ତା'ର ଯଥାର୍ଥ ସମାଧାନ ହୋଇ ପାରିଲା ନାହିଁ ।

ଗତ କିଛିଦିନ ତଳେ "ତତ୍ତ୍ୱବୋଧିନୀ" ନାମକ ଏକ ବଙ୍ଗଳା ପତ୍ରିକାଟିଏ ଏ ଲେଖକକୁ ମିଳିଲା ।[୧] ଏହାର ପ୍ରକାଶ କାଳ ୧୭୮୪ ଶକ, ଅଗ୍ରହାଣ ମାସ, ପୃଷ୍ଠା ସଂଖ୍ୟା ଥିଲା-୨୩୨ ।

Download Magazine from www.aahwaan.com

ଏହି ପତ୍ରିକାକୁ ପାଠ କଲାପରେ ଜଣାଗଲା ଯେ, 'ପୂର୍ବରୁ ହିଜିଲ ନାମକ [୨] ଏକ ଶାସନ ଖଣ୍ଡରେ ଥିବା ଭୋଗରାଇ ଅଞ୍ଚଳରେ ପ୍ରାଚୀନ ହିନ୍ଦୁ ରାଜତ୍ୱ ଅମଳର କେତେକ ହିନ୍ଦୁ ଦେବାଳୟ ରହିଥିବାର ଜଣାଗଲା । ସେଥିମଧ୍ୟରୁ ଯେଉଁ ସ୍ଥାନରେ ଏକ ବିଶାଳ କୁଣ୍ଡ ରହିଅଛି, ତାହାକୁ ଲୋକମାନେ ଯଜ୍ଞକୁଣ୍ଡ ବୋଲି କହୁଥିଲେ[୩] ।' ଏହି କୁଣ୍ଡର ପରିମାଣ ଥିଲା ବଙ୍ଗୀୟ ମତରେ ଏକ କାଠା ।[୪] ଯାହାର ଅର୍ଥ ହେଉଛି ଲମ୍ବ X ପ୍ରସ୍ଥ - ୧୫ ହାତ ବା ସାଢ଼େ ବାଇଶି ଫୁଟ । ଯାହାକୁ ଏକ ସୋମକୋଣ ବିଶିଷ୍ଟ ଚତୁର୍ଭୂଜ ଆକାରରେ ଗୋଟିଏ ଖାଲ ଗଭୀର ସ୍ଥାନ ଥିଲା । ସେହି ବର୍ଣ୍ଣିତ ସ୍ଥାନରେ ବିଂଶ ଶତାବ୍ଦୀର ଶେଷାଂଶ ବେଳକୁ ତା'ର ଲମ୍ବ ଓ ଓସାର ପ୍ରାୟ ସମାନ ଅଛି ଏବଂ ଆହୁତି କୁଣ୍ଡ ବୋଲି କୁହାଯାଉଛି । ତେଣୁ ଯଜ୍ଞକୁଣ୍ଡକୁ ହିଁ ଲୋକମାନେ ଆହୁତି କୁଣ୍ଡ କହୁଛନ୍ତି ବୋଲି ଜଣାପଡ଼ିଲା । ଏହି ଯଜ୍ଞକୁଣ୍ଡ ବା ଆହୁତି କୁଣ୍ଡ ପାର୍ଶ୍ୱରୁ ପ୍ରଚୁର ଇଟା, ମାଙ୍କଡ଼ା ପଥରର ପ୍ରାଚୀର ଆଦି ମାଟିତଳୁ ମିଳିବାର ଦେଖାଗଲା । ଏହା ମିଳିବା ପରେ ମଧ୍ୟ ଲୋକଙ୍କ ମନରେ ଆହୁତି କୁଣ୍ଡ ବା ଯଜ୍ଞକୁଣ୍ଡ ବିଷୟରେ ଯଦିବା ବିଶ୍ୱାସ ଆସିଲା କିନ୍ତୁ ପ୍ରଶ୍ନ ରହିଲା, ଏହା କିଏ କାହିଁକି ଏବଂ କେବେ ପ୍ରତିଷ୍ଠା କରିଥିଲେ । ତେବେ ସେହି ପତ୍ରିକାରେ ବର୍ଣ୍ଣିତ ହୋଇଛି କି, 'ଅତୀତରେ କୌଣସି ପ୍ରତିଭାବାନ ଶକ୍ତିଶାଳୀ ବ୍ୟକ୍ତି ଏ କାର୍ଯ୍ୟକୁ ସମ୍ପାଦିତ କରିଥିବା ଅନୁମିତ ହୁଏ ।'

ଅଷ୍ଟମ ଶତାବ୍ଦୀ ବେଳକୁ ଓଡ଼ିଶାର ଭୌମକର ରାଜବଂଶ ସୁବର୍ଣ୍ଣରେଖା ନଦୀ ଅତିକ୍ରମ କରି ତାଙ୍କର ଶାସନ ପ୍ରତିଷ୍ଠା କରିବାପରେ ସେମାନଙ୍କ ପୃଷ୍ଠପୋଷକତାରେ ବୌଦ୍ଧ ଧର୍ମର ପୁନଃ ପ୍ରସାର ଘଟିଲା, ଖ୍ରୀ ୮୮୫ ମସିହା [୫] ବା ନବମ ଶତାବ୍ଦୀରେ । ଏହି ଶତାବ୍ଦୀର ଅନ୍ତିମ ଭାଗବେଳକୁ ଭୌମକରମାନେ ଓଡ଼ିଶାର ପୂର୍ବୋତ୍ତର ଭାଗକୁ ଅଧିକାର କରି ସେଠାରେ ଥିବା ମୃତପ୍ରାୟ ବୌଦ୍ଧଧର୍ମକୁ ପୁନରୋଦ୍ଧାର କଲେ । ଏତିକି ବେଳେ ଏହି ସ୍ଥାନରେ

Download Magazine from www.aahwaan.com

ଥିବା ବୋଧିପଦ୍ରକ ବିହାରକୁ ସଂସ୍କାର କରି ବୌଦ୍ଧ ଭଟ୍ଟାରକଙ୍କ ମନ୍ଦିରମାନ ଗଠନ କରି ସେଥିରେ ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କର ରହିବା ବ୍ୟବସ୍ଥା କରାଯାଇଥିଲା ।[୬] ମାତ୍ର ସପ୍ତମ ଶତାବ୍ଦୀରୁ ଓଡ଼ିଶାର ବୌଦ୍ଧ ଧର୍ମ ବିଭିନ୍ନ ଗଳ୍ପ ତଥା ପରମ୍ପରାରେ ବାନ୍ଧି ହୋଇ ରହିବା ବେଳକୁ ବୌଦ୍ଧଧର୍ମ ହିନ୍ଦୁ ଧର୍ମ ସହ ସମ୍ପୂର୍ଣ୍ଣ ମିଶି ଯାଇଥିଲା । ସେତିକି ବେଳେ ଶୈବ ଓ ଶାକ୍ତ ଧର୍ମରେ ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରଗତି ଘଟିଲା ଏବଂ ଓଡ଼ିଶାର ଯାଜପୁର ନିକଟସ୍ଥ ରତ୍ନଗିରି ବୌଦ୍ଧଧର୍ମର ଏକ ପ୍ରମୁଖ କେନ୍ଦ୍ର ହୋଇ ଛିଡ଼ା ହେଲା । ଏହି କେନ୍ଦ୍ର ମାଧ୍ୟମରେ ତନ୍ତ୍ର ଓ ଯୋଗର ବିକାଶ ହେଲା ବୋଲି ରତ୍ନଗିରିରୁ ପ୍ରାପ୍ତ ବୌଦ୍ଧମୂର୍ତ୍ତିସ୍ଥିତ ଅଭିଲେଖ ମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହୁଏ । ଅଷ୍ଟମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ - ଏହି ଚାରିଶହ ବର୍ଷ ମଧ୍ୟରେ ପ୍ରଚଳିତ ଧର୍ମଜଗତରେ ବହୁ ଗୁରୁତର ପରିବର୍ତ୍ତନ ଦେଖାଦେଲା ।[୭] ଏମିତି ସମୟ ମଧ୍ୟରେ ସିଦ୍ଧାଚାର୍ଯ୍ୟ ମାନଙ୍କର ଆବିର୍ଭାବ ଘଟିଲା । ଏଥିରେ ସହଜିଆ ଧର୍ମର ପ୍ରସାର ସଙ୍ଗେ ସଙ୍ଗେ ଗୌଡ଼ୀୟ ବୈଷ୍ଣବ ଧର୍ମର ବିକାଶ ଦେଖାଦେଲା । ତାନ୍ତ୍ରିକ ପଦ୍ଧତିରେ ଶିବ, ଶକ୍ତି ଓ ବିଷ୍ଣୁଙ୍କୁ ଆରାଧନା ସକାଶେ ନୂତନ ଆଗମମାନ ଲେଖାଗଲା ଏବଂ ଓଡ଼ିଶାର ବିଭିନ୍ନ ସମ୍ପ୍ରଦାୟ ଓ ଶାଖା ମାନଙ୍କରେ ଧର୍ମ ସମ୍ପର୍କୀୟ ମତଭେଦ ହେବାର ଦେଖାଗଲା । [୮] ଏହି ଶାଖା ଗୁଡ଼ିକ ମଧ୍ୟରେ ବଜ୍ରଯାନ, କାଳଚକ୍ରଯାନ ଏବଂ ସହଜଯାନ ହିଁ ଥିଲା ପ୍ରଧାନ । ଏହି ମହାଯାନୀ ବୌଦ୍ଧମାନେ ଥିଲେ ଶୂନ୍ୟ ଉପାସକ । ଶୂନ୍ୟ ବା ମହାଶୂନ୍ୟକୁ ସେମାନେ ସର୍ବବ୍ୟାପୀ, ସର୍ବଶକ୍ତିମାନ ଏବଂ ସର୍ବଜ୍ଞ ଭାବରେ ପୂଜା କରୁଥିଲେ । ତେଣୁ ସେମାନଙ୍କ ସକାଶେ ବୁଦ୍ଧ ହିଁ ଥିଲେ ଶୂନ୍ୟର ପ୍ରତୀକ । ସହଜଯାନର ମୌଳିକ ନୀତି ଥିଲା ସମ୍ଭୋଗ ସଙ୍ଗେ ଅପାର୍ଥିବ ସୁଖଲାଭ । ଓଡ଼ିଶାରେ କାଳଚକ୍ରଯାନ ଓ ତନ୍ତ୍ରଯାନର ପ୍ରସାର ହେତୁ ଯେଉଁ ସବୁ ପଦ୍ଧତି ଅନୁସୃତ ହେଲା ସେଥିରୁ ପଞ୍ଚମାକାରର ମହାକାଳୀ ଓ ମହାକାଳ ଭୈରବ

Download Magazine from www.aahwaan.com

ଉପାସନାର ସୃଷ୍ଟି ହେଲା ।[୯] ଏ ସ୍ଥାନରୁ ମାଟିତଳୁ ଚତୁର୍ଭୁଜ ମହାକାଳ ମୂର୍ତ୍ତି ଏବଂ ଭୋଗରାଇଅରେ ଯାହାଙ୍କୁ ଆମେ ଆଜି ବାସୁଳୀ ବୋଲି କହି ଆରାଧନା କରୁଛୁ, ସେହି ମହାକାଳୀ ମୂର୍ତ୍ତି ହିଁ ଏହାର ଯଥେଷ୍ଟ ପ୍ରମାଣ । ଅତଏବ ସେହି ଉପାସନା ଏହ ଐତିହ୍ୟପୂର୍ଣ୍ଣ ସମୟରୁ ଏ ମାଟିରେ କରାଯାଇ ଆସୁଛି କହିବା ଭ୍ରମାତ୍ମକ ହେବନାହିଁ ।

ଖ୍ରୀ ୯୪୦ ରେ ଭୌମକର ମାନଙ୍କର ଶାସନର ପରିସମାପ୍ତି ଘଟିଲା ଏବଂ ରାଜନୈତିକ ପଟ୍ଟ ପରିବର୍ତ୍ତନର ସୂଚନା ମିଳେ ।[୧୦] ଓଡ଼ିଶାରେ ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ ବଙ୍ଗର ପାଳ ନାମଧାରୀ ରାଜବଂଶ ରାଜ୍ୟର ପୂର୍ବୋତ୍ତର ଭାଗରୁ କିଛି ଅଂଶ ଅକ୍ତିଆର କରିନେଲେ । ଏହାଦ୍ୱାରା ଭୌମ ସାମ୍ରାଜ୍ଞୀ ଧର୍ମା ମହାଦେବୀଙ୍କ ରାଜବଂଶର ପ୍ରଭୂତ୍ୱ ଦଣ୍ଡଭୁକ୍ତି ମଣ୍ଡଳରୁ ଅସ୍ତମିତ ହେଲା ।[୧୧] କେବଳ ସେତିକି ନୁହେଁ, ସେମାନେ ଓଡ଼ିଶାର ଉତ୍ତର ବାଲେଶ୍ୱର୍ ଅଞ୍ଚଳକୁ ସେମାନଙ୍କର ଅଧିକାରଭୂକ୍ତ କରିନେଲେ । ଏମାନେ ଥିଲେ କମ୍ବୋଜବଂଶୀୟ ପାଳ ରାଜବଂଶ । ମାତ୍ର ଦଶମ ଶତାବ୍ଦୀର ଶେଷାଂଶ ବେଳକୁ ବଙ୍ଗଳାର ପାଳରାଜା ବିଗ୍ରହପାଳ ୨ୟଙ୍କ ପୁତ୍ର ମହୀପାଳ ୧ମ ଏମାନଙ୍କୁ ପରାଜିତ କରି ଉତ୍ତରପୂର୍ବାଂଶକୁ ଅଧିକାର କରିନେବା ଫଳରେ କମ୍ବୋଜୀୟ ପାଳମାନଙ୍କୁ ବର୍ଦ୍ଧମାନଭୁକ୍ତି, ଯେଉଁ ଖଣ୍ଡରେ କି ଦଣ୍ଡଭୁକ୍ତି (ଉତ୍ତର ବାଲେଶ୍ୱର ସହିତ) ଥିଲା, ସେହି ଖଣ୍ଡରେ ରାଜତ୍ୱ କରି ସନ୍ତୁଷ୍ଟ ହେବାକୁ ପଡ଼ିଲା ।

ଖ୍ରୀ ୯୬୦ ମସିହାରେ ସୋମବଂଶୀୟ ରାଜା ଧର୍ମରଥ (୯୬୦-୯୯୫) କମ୍ବୋଜୀୟ ପାଳମାନଙ୍କୁ ପରାଜିତ କରି ସେହି ଶାସନ ଖଣ୍ଡକୁ ନିଜ ଅଧିକାରକୁ ନେଇଗଲେ । ଖ୍ରୀ ୯୯୫ରେ ଧର୍ମରଥଙ୍କ ମୃତ୍ୟୁପରେ ତାଙ୍କର ଭାଇ ନଘୁଷ ରାଜା ହେଲେ । ମାତ୍ର ତାଙ୍କର ବୈମାତୃକ ଭାଇ ଇନ୍ଦ୍ରରଥ ଖ୍ରୀ ୧୦୦୦ ରେ ନଘୁଷଙ୍କୁ ପରାଜିତ କରି ସିଂହାସନ ଅଧିକାର

Download Magazine from www.aahwaan.com

କରିନେଲେ । ଏତିକି ବେଳେ ଦାକ୍ଷିଣାତ୍ୟର ରାଜା ରାଜେନ୍ଦ୍ର ଚୋଳ (୧୦୧୨-୧୦୪୪) ପୂର୍ବୋତ୍ତର ଭାଗକୁ ଅଭିଯାନ ଚଳାଇ ଖ୍ରୀ ୧୦୨୩ରେ ଇନ୍ଦ୍ରରଥଙ୍କୁ ପରାଜିତ କଲେ ।

ଖ୍ରୀ ୧୦୨୪ ମସିହାରେ ମହାଶିବଗୁପ୍ତ ଯଯାତି-୨ୟ ସିଂହାସନ ଆରୋହଣ କରିବା ସମୟରେ ଉତ୍ତର ତୋଷାଳୀରେ କେତେକ ଅଞ୍ଚଳ ସୋମବଂଶୀୟ କର୍ତ୍ତୃତ୍ୱରେ ନଥିବା ହେତୁ ତାଙ୍କ ରାଜତ୍ୱର ତୃତୀୟ ବର୍ଷରେ (୧୦୨୭ ମସିହା) କୋଶଳ, କଳିଙ୍ଗ ଓ ଉତ୍କଳର ଅଧୀଶ୍ୱର ଭାବରେ ଘୋଷିତ ହେଲେ । ଫଳରେ ଯଯାତି ୨ୟ ନିଜର ସାମରିକ କୌଶଳ ହେତୁ ବଙ୍ଗର ଉତ୍ତର ଆଡୁ ରାଢ଼ଗୌଡ଼ରେ ଜୈତ୍ରଯାତ୍ରା ନିର୍ବିଘ୍ନରେ ସମାହିତ କଲେ ।[୧୨] ସେ ସମୟରେ ତତ୍କାଳୀନ ଦଣ୍ଡଭୁକ୍ତି ମଣ୍ଡଳ ବର୍ଦ୍ଧମାନ ଭୁକ୍ତି ଅଧୀନରେ ଶାସିତ ହେଉଥିଲେ ମଧ୍ୟ ଏହା ଦକ୍ଷିଣ ରାଢ଼ ଦେଶାନ୍ତର୍ଗତ ହୋଇ ଶାସିତ ହେଉଥିଲା ।

ଏହି ଜୈତ୍ରଯାତ୍ରା ସମାପନାନ୍ତେ ସୁବର୍ଣ୍ଣରେଖା ନଦୀତଟସ୍ଥ ବୌଦ୍ଧପୀଠ ଉପରେ ତାଙ୍କର ତୀକ୍ଷ୍ଣ ନଜର ପଡ଼ିଥିବା ସମ୍ଭବ ।[୧୩] ଖ୍ରୀ ୯୪୦ରେ ଭୌମକର ରାଜବଂଶର ପତନ ପରେ ମଧ୍ୟ ଖ୍ରୀ ୧୦୨୭ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ସହଜଯାନର ତନ୍ତ୍ରସାଗର ମଧ୍ୟରେ ନିମଜ୍ଜିତ ହୋଇଥିଲା ବୋଲି କବି ଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କ 'ଭକ୍ତି ଭାଗବତ' ପୁସ୍ତକରୁ ସୂଚନା ମିଳେ ।[୧୪] ଯଯାତି-୨ୟ ଯାଜପୁରକୁ ତାଙ୍କର ରାଜଧାନୀ ରୂପେ ଗ୍ରହଣ କରିବା ପରେ ତନ୍ତ୍ରବିଲୋପ ପ୍ରକ୍ରିୟା ଆରମ୍ଭ କଲେ । କାରଣ ତନ୍ତ୍ରଯାନରେ ଯେଉଁ ଘୃଣ୍ୟ ପରମ୍ପରା ପରିଲକ୍ଷିତ ହେଉଥିଲା, ସେଥିରେ ରାଜା ଯଯାତି-୨ୟ ଖୁବ ଅସନ୍ତୁଷ୍ଟ ଥାଇ ବ୍ରାହ୍ମଣ୍ୟ ଧର୍ମକୁ ପ୍ରତିଷ୍ଠା କରିବାପାଇଁ ଯେଉଁ ବିଶାଳ ଯଜ୍ଞର ଆୟୋଜନ କରିଥିଲେ ଏବଂ ସେଥିପାଇଁ ଯେଉଁ ଯଜ୍ଞକୁଣ୍ଡଟି ପ୍ରସ୍ତୁତ କରିଥିଲେ, ତାହାର ଲମ୍ବ ଓ ପ୍ରସ୍ଥ ୧୫ ହାତ କରିଥିବା ସମ୍ଭବ । ଆଉ ଯେଉଁଠି ଯଜ୍ଞକୁଣ୍ଡର ଆୟୋଜନ କରାଗଲା, ସମୟକ୍ରମେ ସେହି ସ୍ଥାନକୁ ଆହୁତି କୁଣ୍ଡ

Download Magazine from www.aahwaan.com

ବୋଲି ଲୋକମୁଖରେ ପରିଚୟ ମିଳିଥିବା ସମ୍ଭବ ।

ପାଦଟୀକା

୧. ବିନୟ ଘୋଷ - ପଶ୍ଚିମ ବଙ୍ଗେର ସଂସ୍କୃତି (ହିଜିଲିର-ମସନଦ୍-ଇ-ଆଲା), ପୃ - ୧୬୭

୨. ବିନୟ ଘୋଷ - ପଶ୍ଚିମ ବଙ୍ଗେର ସଂସ୍କୃତି (ତତ୍ତ୍ୱବୋଧିନୀ), ପୃ - ୧୫୯

୩. ବିନୟ ଘୋଷ - ପଶ୍ଚିମ ବଙ୍ଗେର ସଂସ୍କୃତି (ହିଜିଲିର-ମସନଦ୍-ଇ-ଆଲା), ପୃ - ୧୬୭

୪. ବିନୟ ଘୋଷ - ପଶ୍ଚିମ ବଙ୍ଗେର ସଂସ୍କୃତି (ହିଜିଲିର-ମସନଦ୍-ଇ-ଆଲା), ପୃ - ୧୬୭

୫. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ ଭାଗ - ପୃ - ୪୩୨

୬. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ ଭାଗ - ପୃ - ୪୩୩

୭. Dr K.C.Panigrahy - History of Odisha - PP - 311

୮. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ ଭାଗ - ପୃ - ୪୫୪

୯. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ ଭାଗ - ପୃ - ୪୫୪

୧୦. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ ଭାଗ - ପୃ - ୪୩୯

୧୧. Culture Heritage of Orissa, Balasore, PP 263

୧୨. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ ଭାଗ - ପୃ - ୫୪୮

୧୩. ଡ: ଏକାଦଶୀ ପାଢ଼ୀ - ଯୁଗେ ଯୁଗେ ଯାଜପୁର - ପୃ - ୫୨

୧୪. ଡ: ଏକାଦଶୀ ପାଢ଼ୀ - ଯୁଗେ ଯୁଗେ ଯାଜପୁର - ପୃ - ୨୧୦

ମାତୃଚିନ୍ତନ କ୍ଷେତ୍ର, ଗୋପୀନାଥପୁର

ଦେହୁର୍ଦ୍ଧା, ବାଲେଶ୍ୱର - ୭୫୬୦୩୬

ଭ୍ରାମ୍ୟଭାଷ : ୭୪୪୦୧୯୬୦୪୭

Download Magazine from www.aahwaan.com

ପ୍ରାଚ୍ୟର ରାଫେଲ୍ ହରିଶ

ମୀନକେତନ ପଟ୍ଟନାୟକ

ଭୁବନେଶ୍ୱର ନଗରୀର କଳ୍ପନା ଛକ ନିକଟସ୍ଥ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଅଟେ, ଯାହା ସମୟର କଷଟି ପଥରରେ ଅନେକ ଥର ନିଜର ପୁରାତାତ୍ତ୍ୱିକ ସଂଗ୍ରହର ଗୁରୁ ଗାମ୍ଭୀର୍ଯ୍ୟକୁ ଜାହିର କରି ଆସିଛି । ବିଭିନ୍ନ ଗ୍ୟାଲେରୀ ମାନଙ୍କରେ ପ୍ରଦର୍ଶିତ ବହୁ ପ୍ରାଚୀନ ସମୟର ଶିଳାଲେଖ, ତାମ୍ରଫଳକ, ତାଳପତ୍ର ପୋଥି, ଆଭୂଷଣ, ଅସ୍ତ୍ରଶସ୍ତ୍ର ଆଦିମାନ ରସଗ୍ରାହୀ ରସିକ, ଜ୍ଞାନଭିକ୍ଷୁ ଗବେଷକ ତଥା ଜିଜ୍ଞାସୁ ପ୍ରାଣମାନଙ୍କୁ ଆକର୍ଷିତ କରିଆସିଛି କେଉଁ କାଳରୁ । ବିଶେଷ କରି କଳାପ୍ରେମୀଙ୍କୁ ବେଶୀ ଆକର୍ଷିତ କରିଥାଏ ସଂଗ୍ରହାଳୟର ପ୍ରବେଶ କକ୍ଷରେ ପ୍ରଦର୍ଶିତ ଓଡ଼ିଶାର

ମହାପୁରୁଷମାନଙ୍କର ବୃହତ୍ତାକାର ତୈଳ ଚିତ୍ରପଟ୍ଟ ସମୂହ । ସଂଗ୍ରହାଳୟର ପ୍ରବେଶ କକ୍ଷରେ ପ୍ରଦର୍ଶିତ ସେହି ମନିଷୀମାନଙ୍କର ଛବି ଗୁଡ଼ିକ ମଧ୍ୟରୁ ତିନି ଚାରୋଟିକୁ ଛାଡ଼ି ଦେଲେ ଅଧିକାଂଶ ଚିତ୍ରପଟ୍ଟ ଗୁଡ଼ିକ ଶିଳ୍ପୀ ହରିଶଙ୍କର ସଶକ୍ତ ସ୍ୱାକ୍ଷର ଅଟେ । ଏହାଛଡ଼ା ଆନ୍ଥ୍ରୋପୋଲୋଜି ଓ ନ୍ୟାଚୁରାଲ ହିଷ୍ଟ୍ରି ଆଦି ବିଭିନ୍ନ ବିଭାଗୀୟ ପ୍ରଦର୍ଶନୀ କକ୍ଷ ଗୁଡ଼ିକରେ ପ୍ରଦର୍ଶିତ ମୃତ ପ୍ରାଣୀମାନଙ୍କର ସଂରକ୍ଷିତ ଶରୀରର ପଶ୍ଚାତଭାଗରେ ଅଙ୍କିତ ମନୋରମ ଦୃଶ୍ୟାବଳୀର ପରିବେଶ ବାସ୍ତବତାର ଭ୍ରମ ସୃଷ୍ଟି କରିଥାଏ ।

ଓଡ଼ିଶାର ଅନ୍ୟତମ ସୁନାମଧନ୍ୟ ଚିତ୍ରକର ବା ରୂପକାର

Download Magazine from www.aahwaan.com




ହରିଶ୍ଚନ୍ଦ୍ର ସିହ୍ନା ବାବୁ ସ୍ୱର୍ଗାରୋହଣ କରିବାର ଦୁଇ ବର୍ଷଠାରୁ ଅଧିକ ସମୟ ବିତି ଗଲାଣି, ତଥାପି ତାଙ୍କର କାଳଜୟୀ ଜୀବନ୍ତ ଚିତ୍ରକୃତିଗୁଡ଼ିକ ତାଙ୍କୁ ଓଡ଼ିଶା ଜନମାନସରୁ ମ୍ଳାନ ହେବାକୁ ଦେଉନାହିଁ । ରାଜକୀୟ ପରିପାଟୀରେ ନିଜ ଦରବାର କକ୍ଷରେ ଦଣ୍ଡାୟମାନ ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ସୁଢ଼ୋଳ ଅବୟବଧାରୀ ଦୁର୍ଦ୍ଧଶ ବୀର ସୁରେନ୍ଦ୍ର ସାଏ, ଓଡ଼ିଆ ବର୍ଣ୍ଣବୋଧର ବିନ୍ଧାଣୀ ଶାନ୍ତ ସରଳ ଓ ଜ୍ଞାନଦୀପ୍ତ ଭକ୍ତ କବି ମଧୁସୂଦନ ରାଓ, ଗବେଷଣାରେ ମଗ୍ନ ମହାନ ଜ୍ୟୋର୍ତିବିତ୍ ପଠାଣି ସାମନ୍ତ ଆଦି ପ୍ରାଣବନ୍ତ ପ୍ରତିକୃତି ଚିତ୍ରଣକୁ ଦେଖି ରାଜ୍ୟ ସଂଗ୍ରହାଳୟକୁ ଯାଇଥିବା ଯେ କେହି ଦର୍ଶକ ବାଃ ବାଃ ନ କହି ରହି ପାରେନା । ହରିଶଙ୍କ ଚିତ୍ରାଙ୍କନରେ ମାନବୀୟ ଶରୀର ଗଠନ ବିଜ୍ଞାନ ବା ନରଦେହ ବିଦ୍ୟା (ଆନାଟୋମୀ) ତଥା ପ୍ରକୃତି ଚିତ୍ରଣ ଅତି ଚମତ୍କାର ଅଟେ । ଏହାଛଡ଼ା ତାଙ୍କ ଛବିର ଅନ୍ୟ ଆକର୍ଷଣ ଦିଗଟି ହେଲା ଷ୍ଟିଲ ଲାଇଫର ସୂକ୍ଷ୍ମାଦିସୂକ୍ଷ୍ମ ଅବଲୋକନ ଓ ଆଲୋକ ଛାୟାର ଲୁଚକାଳି ଖେଳ ଚିତ୍ର ବର୍ଣ୍ଣିତ ସମଦୃଶ୍ୟାବଳୀର ସମ୍ଭାର ଯଥା ଆସନ, ମେଜ ଓ ପଲଙ୍କର କାଠ ଖୋଦେଇ ଡ଼ିଜାଇନ୍, ଶୁଭ୍ରାଲୋକିତ ପ୍ରଦୀପ, ମଖମଲ୍ଲୀ କପଡ଼ାର କୁଞ୍ଚ ଇତ୍ୟାଦିକୁ ଅତି ନିଖୁଣ ଭାବେ ସ୍ୱାଭାବିକ ଢ଼ଙ୍ଗରେ ଦୃଶ୍ୟାୟିତ କରିଛନ୍ତି ।

Download Magazine from www.aahwaan.com

ସେ ଚିତ୍ରରେ ପ୍ରାଣର ସଞ୍ଚାର ଏତେ ନିଖୁଣ ଭାବେ କରିପାରୁଥିଲେ ଯେ ସତେ ଯେପରି ଅଙ୍କିତ ଚରିତ୍ରମାନ ଛବି ଭିତରୁ ବାହାରି ଆସି ଆମ ସହ କଥାବାର୍ତ୍ତା ହେବା ପାଇଁ ବ୍ୟଗ୍ର ହେଉଛନ୍ତି । ଶିଳ୍ପୀଙ୍କର ଛବିର ଏହି ଗୁଣକୁ ନେଇ ତାଙ୍କ ଜଣେ ସମସାମୟିକ ଚିତ୍ରକର ଥରେ କହିଥିଲେ, "ହରିଶ ବାବୁଙ୍କ ଛବି ଦେଖିଲେ ଲାଗେ ସତେ ଯେପରି ସେ ସତ ସତିକା ମଣିଷମାନଙ୍କୁ ନିଜର ଚିତ୍ରପଟ୍ଟରେ ଅଠାଲଗାଇ ଯୋଡ଼ି ଦେଇଛନ୍ତି ।" ଶିଳ୍ପୀଙ୍କର ଛାତ୍ର ଜୀବନରେ କଲିକତାରେ କଳାଶିକ୍ଷା କରୁଥିବା ବେଳେ ସେ ସମୟର ତାଙ୍କର ଜଣେ ଶିକ୍ଷକ ହରିଶଙ୍କୁ "ରାଫେଲ୍ ଅଫ୍ ଦି ଇଷ୍ଟ" ବୋଲି ସମ୍ବୋଧନ କରୁଥିଲେ, କାରଣ ୟୁରୋପୀୟ ଚିତ୍ରକର ରାଫେଲ୍‌ଙ୍କ ବିରାଟ ତୈଳଚିତ୍ର ଗୁଡ଼ିକରେ ରଙ୍ଗମଞ୍ଚର ଭ୍ରମ ସୃଷ୍ଟି କରୁଥିଲା । ରାଫେଲ୍‌ଙ୍କ ଛବିଗୁଡ଼ିକ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ପର୍ଯ୍ୟବେଷିତ ଥିବାବେଳେ ଛବିଗୁଡ଼ିକର ସଜ୍ଜିକରଣରେ ଆଲୋକ ଛାୟାର ପ୍ରାଧାନ୍ୟତା ପ୍ରମୁଖ ଆକର୍ଷଣ ରହୁଥିଲା । ଚିତ୍ରକରଙ୍କ ଅନ୍ୟ ପ୍ରମୁଖ କଳାକୃତିଗୁଡ଼ିକ ହେଲା ବାରିପଦାର ରାଣୀ ତଖତ କୁମାରୀଙ୍କର ଶ୍ରୀସମ୍ପନ୍ନା ଅଳାଙ୍କାର ମଣ୍ଡିତା ସୁନ୍ଦର ରୂପ ଲାବଣ୍ୟ ସହ ଢ଼ଳ ଢ଼ଳ ଚାହାଣୀ, କାବ୍ୟିକ ଭାବର ମାୟାଧର ମାନସିଂ, ରସିକ ପ୍ରବର ଉପେନ୍ଦ୍ର ଭଞ୍ଜ, ଶିଳ୍ପୀ ଗୁରୁ ବିମ୍ବାଧର ବର୍ମା, ନାଟ୍ୟକାର ବୈଷ୍ଣବ ପାଣି ଇତ୍ୟାଦି ତୈଳଚିତ୍ର ତଥା ଓମର ଖୟାମଙ୍କ ରଚିତ ସୁରା, ସାକି

Download Magazine from www.aahwaan.com

ଦର୍ଶନାସିକ୍ତ ଓମର ରୁବିୟତ୍ ସିରିଜର ଅନେକ ରେଖା ପ୍ରାଧାନ୍ୟ ଚିତ୍ରପଟ୍ଟ ।

ହରିଶ ପାଞ୍ଚ ସେପ୍ଟେମ୍ବର ୧୯୩୯ ମସିହାରେ ବାରିପଦା ଟାଉନ୍ର ଅମ୍ବିକା ସାହିରେ ପିତା ଦେବେନ୍ଦ୍ରନାଥ ଓ ମାତା ସ୍ୱର୍ଣ୍ଣଲତା ଦେବୀଙ୍କ ଠାରୁ ଜନ୍ମ ହୋଇଥିଲେ । ମାଟ୍ରିକ୍ ପାସ୍ ପରେ ସେ କଲିକତା ସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଚିତ୍ର ଶିଖିବା ପାଇଁ ନାମ ଲେଖାଇଥିଲେ । ସେଠାରୁ ୧୯୬୧ ମସିହାରେ ଯୁବକ ହରିଶ ଡ୍ରଇଁ ଓ ପେଣ୍ଟିଂ (ଜୀବନ, ପ୍ରକୃତି ଓ ଭିତ୍ତିଚିତ୍ର) ପାଠ୍ୟକ୍ରମରେ ଡ଼ିପ୍ଲୋମା ଶିକ୍ଷା ଗ୍ରହଣ କରି ଫାଷ୍ଟକ୍ଲାସ୍ ଫାଷ୍ଟ ହୋଇ ପାସ୍ କରିଥିଲେ । ତା'ପରେ ସେ ଭୁବନେଶ୍ୱର ଆସି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ପୋଟ୍ରେଟ୍ ଆର୍ଟିଷ୍ଟ ଓ ମଡ଼େଲର ଭାବେ ୧୯୬୬ ମସିହାରେ ଯୋଗ ଦେଇଥିଲେ । ତାଙ୍କୁ ପୁରସ୍କୃତ ଓ ସମ୍ମାନିତ କରିଥିବା ସଂସ୍ଥାଗୁଡ଼ିକ ହେଲା; ଓଡ଼ିଶା ଲଳିତ କଳା ଏକାଡ଼େମୀ

Download Magazine from www.aahwaan.com

(୧୯୬୮, ୧୯୭୦ ଓ ୧୯୭୪), ଉତ୍କଳ ଚାରୁକଳା ପରିଷଦ (୧୯୬୮), ନେଚର ଆଣ୍ଡ ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (୧୯୮୬), ନେହେରୁ ଫାଉଣ୍ଡେସନ୍ ଫର୍ ଡ଼େଭେଲପମେଣ୍ଟ ଅହମଦାବାଦ (୧୯୮୬), ପ୍ରାଣନାଥ ପଟ୍ଟନାୟକ ମେମୋରିଆଲ କମିଟି (୧୯୯୩), କଳିଙ୍ଗ ଭାରତୀ (୧୯୮୮), ମହତାବ୍ ସମ୍ମାନ (୨୦୦୨) ଇତ୍ୟାଦି । ତାଙ୍କର ଅନେକ ଦୁର୍ଲ୍ଲଭ କଳାକୃତୀଗୁଡ଼ିକୁ ଇଲା ପଣ୍ଡା ସେଣ୍ଟର ଫର୍ ଆର୍ଟ ସଂଗ୍ରହ କରିଥିବାରୁ ସେମାନେ ଧନ୍ୟବାଦର ପାତ୍ର ଅଟନ୍ତି ।

ଶିଳ୍ପୀଙ୍କର ଅନ୍ୟ ଏକ ବିଶେଷତ୍ୱ ହେଲା ସେ କେବେ ପୁରସ୍କାର ଓ ସମ୍ମାନ ପାଇଁ ବ୍ୟାକୁଳ ନଥିଲେ । ତାଙ୍କର ପ୍ରତିଟି ରଙ୍ଗ ଛିଟା ଓ ଚିତ୍ରରେଖା ତାଙ୍କୁ ପ୍ରତିଷ୍ଠା ଠାରୁ ଅନେକ ଉପର ସ୍ତରକୁ ନେଇଯାଇଛି । ସେଥିପାଇଁ ସେ ତାଙ୍କର କ୍ରିୟାଶୀଳ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ କଳାଭ୍ୟାସ ଜାରି ରଖିଥିଲେ । ହରିଶ ବାବୁ ଜୀବନର ଶେଷ ନିଶ୍ୱାସ ନେଇଥିଲେ ଏକୋଇଶି ଡ଼ିସେମ୍ବର ୨୦୧୫ ମସିହାରେ । ସେ ସିନା ଜୀବିତ ନାହାନ୍ତି କିନ୍ତୁ ତାଙ୍କର କାଳଜୟୀ କଳାକୃତୀ ଗୁଡ଼ିକ କଳାପ୍ରେମୀଙ୍କ ହୃଦୟରେ ଜୀବିତ ହୋଇ ରହିଥିଲା, ରହିଛି ଓ ଆଗକୁ ମଧ୍ୟ ରହିଥିବ ।

ଅଧ୍ୟାପକ

ବି.କେ. ଆର୍ଟ କଲେଜ, ଭୁବନେଶ୍ୱର

ଭ୍ରାମ୍ୟଭାଷ - ୯୮୬୧୨୫୫୩୮୩

Download Magazine from www.aahwaan.com

ସାହିତ୍ୟ ସମୃଦ୍ଧି

ମମତା ଦାଶ

କବିତ୍ୱ ଦିବ୍ୟଚେତନାର ବାଙ୍ମୟ ଅଭିବ୍ୟକ୍ତି । ଜୀବନର ସୂକ୍ଷ୍ମତମ ଲଳିତ ଭାଷ୍ୟ, ସମାଜର ବାଣୀମୟ ମର୍ମଚିତ୍ର । କବିର ଦିବ୍ୟ ଲେଖନୀ ବଞ୍ଚିରହେ କାଳକାଳକୁ, ସମୟର ଚଲାପଥରେ ତାର ପଦଚିହ୍ନ ହୁଏ ଚିର ଭାସ୍ୱର । ସମୟ ପରେ ସମୟ ଗଡ଼ିଚାଲେ । ସମୟର ଭାଷାକୁ କବି ଗ୍ରହଣ କରି ନେଇ ଗଢ଼ିଦିଏ କାଳାତୀତ ମାନବିକ ଭାବ ସ୍ପନ୍ଦନ, ଅନାଗତ ସମୟରେ ପ୍ରେରଣା ହୋଇ କବି ତିଆରି କରେ ଦିବ୍ୟ ମାନବିକ ଚିନ୍ତନ ଓ ଚେତନ । ଓଡିଆ ସାହିତ୍ୟର ଇତିହାସ ପର୍ଯ୍ୟାଲୋଚନା କଲେ ସର୍ବପ୍ରଥମେ ମାଟିର ମହାକବି ସାରଳା ଦାସ ଆଲୋଚନା ପରିସରକୁ ଆସନ୍ତି । ମାଟି ମଣିଷକୁ ସେ ଦେଲେ ସମ୍ମାନ, ତାକୁ ସେ ଦେବତାରେ ପରିଣତ କଲେ । ଦେବତାକୁ ନେଇ ଆସିଲେ ମାଟିକୁ । ସବୁ ଧର୍ମକୁ ସେ କଲେ ସମନ୍ୱୟ । ଓଡିଆ ଜାତିକୁ ସେ ଦେଲେ ତାର ଭାଷାର ଐଶର୍ଯ୍ୟ, କଳାର କୌଣାର୍କ, ସଂସ୍କୃତିର ଭାଷ୍ୟ, ଧର୍ମର ଚିନ୍ତନ, ଜାତୀୟ ସ୍ୱାଭିମାନର ପରିଚୟ । ପଞ୍ଚଦଶ ଶତାବ୍ଦୀ ପରେ ଷୋଡଶ ଶତାବ୍ଦୀର ପ୍ରଥମ ପାଦକୁ ପଞ୍ଚସଖା ଗୋଷ୍ଠୀ ସାରଳା ସାହିତ୍ୟ ସରଣୀ ଉପରେ ରଚିଲେ ଯୋଗ, ଜ୍ଞାନ, ଭକ୍ତି ପ୍ରଣିତ ନୂତନ ସାହିତ୍ୟ ସାମ୍ରାଜ୍ୟ । ଏହି ସାମ୍ରାଜ୍ୟ ସାରଳା ସାହିତ୍ୟ ସାମ୍ରାଜ୍ୟର ଭୌଗଳିକ ସୀମାକୁ ଅତିକ୍ରମ କରିଗଲା । ସାରଳାଙ୍କ ଭାଷାକୁ ଗ୍ରହଣ କରି, ରୂପଚର୍ଯ୍ୟା ବିଶିଷ୍ଟ ରସବିଭବଯୁକ୍ତ ରୂପ ବୈଚିତ୍ରର ପରିପ୍ରକାଶ । ସାରଳାଙ୍କ ଦାଣ୍ଡିବୃତ୍ତକୁ ବଳରାମ ଦାସ ଗ୍ରହଣ କଲେ ରାମାୟଣରେ । କେବଳ୍ ଜଗନ୍ନାଥ ଦାସ ଓଡିଆ ସାହିତ୍ୟକୁ ଦେଲେ ଅପରୂପ ନବାକ୍ଷରୀ ବୃତ୍ତ । ସାରଳାଙ୍କ ପୁରାଣ ଯୁଗଯୁଗକୁ ରହିଲା । ତା

Download Magazine from www.aahwaan.com

ସାଙ୍ଗରେ ସୃଷ୍ଟି ହେଲା ଭଜନ, ଜଣାଣ, ମାଳିକା, ସଂହିତା, ଗୀତା, ଟୀକା, ବୋଲି, ଚଉତିଶା, ଚଉପଦୀ ଆଦି ନାନା ରୂପ ବିଭବ । ସାରଳାଙ୍କ ଭାବ ଜଗତ ଏ ଯୁଗରେ ତତ୍ତ୍ୱ ଜଗତରେ ରୂପାନ୍ତରିତ ହୋଇଗଲା ।

ଷୋଡଶ ଶତାବ୍ଦୀ ଓଡିଶାର ଭାଗ୍ୟାକାଶରେ ଗୌରବ ଓ ବିପର୍ଯ୍ୟରର ଶତାବ୍ଦୀ । ପଞ୍ଚଦଶ ଶତାବ୍ଦୀର ଶୌର୍ଯ୍ୟ-ବୀର୍ଯ୍ୟ-ସମୃଦ୍ଧି ଷୋଡଶ ଶତାବ୍ଦୀକୁ ହୋଇଛି କ୍ରମ ବିଡମ୍ବିତ । ଗଜପତି ପ୍ରତାପରୁଦ୍ର ଦେବଙ୍କର ସାମରିକ ଶକ୍ତିର ବିପର୍ଯ୍ୟୟ, ଦକ୍ଷିଣ ଓ ଉତ୍ତର ପଟୁ ଓଡିଶାକୁ ବାହ୍ୟ ଶତ୍ରୁଙ୍କର କ୍ରମାଗତ ଆକ୍ରମଣ, ରାଜ ସିଂହାସନ ପାଇଁ ସଂଘର୍ଷ, ମୁକୁନ୍ଦଦେବଙ୍କର ତିରୋଧାନ ଓ ମୋଗଲ ଶାସନର ଶାୟାରେ ଓଡିଶାର ଗୌରବ ବିଲୋପ, ଅଖଣ୍ଡ ଉତ୍କଳର ଖଣ୍ଡ ଖଣ୍ଡ ସ୍ୱାଧୀନ ରାଜ୍ୟ ଗଠନ, ଓଡିଶାର ଗୌରବ ନୀଳାଚଳ କ୍ଷେତ୍ରରେ ଯବନ ମାନଙ୍କର ପ୍ରଖର ଆକ୍ରମଣ, ଅଥଚ ଏ ଯୁଗର ଭାଷା ଓ ସାହିତ୍ୟ ସୃଷ୍ଟିକଲା ନୂତନ ସଂହତି । ସ୍ୱାଧୀନ ଓଡିଶାର ଭୌଗଳିକ ସୀମାକୁ ମଧ୍ୟ ଏହା ଅତିକ୍ରମ କରି ଆହୁରି ବୃହତର ଅଂଶକୁ ସ୍ପର୍ଶ କରିଥିଲା । ବିପର୍ଯ୍ୟୟ ଭିତରେ ଏହା ତିଆରି କଲା ଏକ ନୂତନ ଭାବ-ସାମ୍ରାଜ୍ୟ, ପଞ୍ଚ ସଖା ସାହିତ୍ୟ ସେ ଯୁଗର ବାଣୀମୂର୍ତ୍ତି ଚିତ୍ର କେବଳ ନୁହେଁ, ଅନାଗତ ଭବିଷ୍ୟତର ଜାତୀୟ ପ୍ରେରଣା – ଓଡିଆ ଜାତି ହୃଦୟର ଆହ୍ୱାନ, ମାନବ ମୈତ୍ରୀ ବୋଧର ନିଦର୍ଶନ ।

ଶ୍ରୀମଦଭାଗବତକୁ ନବାକ୍ଷରୀ ବୃତ୍ତରେ ଜଗନ୍ନାଥ ଦାସ ଅନୁବାଦ କଲେ । ଏହା ଅନୁବାଦ ହେଲେ ହେଁ ଅନୁସୃଷ୍ଟି ଲଳିତ ପଦାବଳୀ ଏବଂ ଶାଶ୍ୱତ ନୀତି ବାଣୀର ପ୍ରୟୋଗ ଯୁଗ ଯୁଗ ଧରି ପାଠକ ମାନଙ୍କୁ ଅଭିଭୁତ କରୁଛି । ଏହି ଗ୍ରନ୍ଥ ହେଉଛି ଓଡିଆ ଜାତିର ଜୀବନ, ବେଦ, ଭକ୍ତି, ଜ୍ଞାନ, ମୋକ୍ଷ, ଜୀବନବାଦର ଏହା ଏକ ଉତକୃଷ୍ଟ ଆଲେଖ୍ୟ । ଓଡିଶାରେ ଷୋଡଶ ଶତାବ୍ଦୀ ରାଜନୀତିକ କ୍ଷେତ୍ରରେ ବିପର୍ଯ୍ୟର କାଳ ହେଲେ ହେଁ ସାହିତ୍ୟ କ୍ଷେତ୍ରରେ

Download Magazine from www.aahwaan.com

ଆସିଥିଲା ସୁବର୍ଣ୍ଣଯୁଗ । ଧର୍ମ, ଦର୍ଶନ ଭିତ୍ତିକ ସାହିତ୍ୟରେ ଏହି ଯୁଗ ଥିଲା ଅଗ୍ରଣୀ । ଓଡିଶାର ସନ୍ଥ କବିମାନଙ୍କ ଅବଦାନ ଚିର ସ୍ମରଣୀୟ । ଯୁଗଯୁଗ ଧରି ସେମାନେ ଓଡିଆ ଜାତିକୁ ଦେଇ ଆସିଛନ୍ତି ପ୍ରେରଣା । ଧର୍ମର ସଂକୀର୍ଣ୍ଣନା ଓ ଆଚାରଗତ ବ୍ୟୂହ ଭେଦ କରି ସର୍ବମାନବ କଲ୍ୟାଣକାରୀ ଉଦାର ମାନବ ଧର୍ମର ପ୍ରବକ୍ତା ରୂପେ ପରିଚିତ । ଦ୍ୱନ୍ଦ ଓ ସଂଘର୍ଷର ଉପସଂହାର କରି ଯୁଗାନ୍ତକାରୀ ବୈପ୍ଳବିକ ପଦକ୍ଷେପ ଦେବାରେ ସିଦ୍ଧହସ୍ତ ଥିଲେ ।

ଜଗନ୍ନାଥ ଦାସ ଥିଲେ ମେଧାବୀ । ପିଲାଦିନରୁ ଭକ୍ତି ପରାୟଣ ଏବଂ ଶ୍ରୀ ଜଗନ୍ନାଥଙ୍କର ପରମ ଭକ୍ତ । ପ୍ରତିଦିନ ଶୁଦ୍ଧପୂତ ହୋଇ ବଟଗଣେଶଙ୍କଠାରେ ଭାଗବତର ଅର୍ଥ ବ୍ୟାଖ୍ୟା କରୁଥିଲେ । ଶହ ଶହ ଲୋକ ତାଙ୍କର ଅପୂର୍ବ ଭାଗବତ ବ୍ୟାଖ୍ୟା ଶୁଣି ଚମତ୍କୃତ ହେଉଥିଲେ । ତାଙ୍କର ଖ୍ୟାତି ସୂର୍ଯ୍ୟର ରଶ୍ମୀ ସମାନ ବହି ଚାଲିଥିଲା । ଦ୍ୱାଦଶ ସ୍କନ୍ଧର ଅର୍ଥ କରୁଥିବା ବେଳେ ଏକଦା ଶ୍ରୀ ଚୈତନ୍ୟ ଶିଷ୍ୟମାନଙ୍କ ସହିତ ସେଠାରେ ଉପସ୍ଥିତ ହୋଇ ହୃଦୟର ସହିତ ଆଲିଙ୍ଗନ କରି "ଅତି ବଡ" ଉପାଧିରେ ଭୂଷିତ କରିଥିଲେ । ଉତ୍କଳର ସର୍ବଶ୍ରେଷ୍ଠ ଜନପ୍ରିୟ ପୁସ୍ତକ ଜଗନ୍ନାଥଙ୍କର ଭାଗବତ ଗ୍ରନ୍ଥ ଘରେ ଘରେ ହିଁ ପ୍ରସିଦ୍ଧ । ଓଡିଆ ଜାତିର ଜୀବନ ବେଦ, ଓଡିଆ ଆତ୍ମୀୟତାର ଜୈତ୍ରବାଣୀ, ଘୋର ଦୁର୍ଦିନ ମଧ୍ୟରେ ଏହି ଗ୍ରନ୍ଥ ହିଁ ହୋଇଥିଲା ସକଳ ପ୍ରତିବେଶୀମାନଙ୍କର ହୀନ ଚକ୍ରାନ୍ତକୁ ବ୍ୟର୍ଥ କରିବାପାଇଁ ଉପାଦୀୟ ପ୍ରେରଣା । ଏହାହିଁ ଓଡିଆ ଜାତୀୟତାର ଏକ ଅମଳିନ କିର୍ତ୍ତୀସ୍ତମ୍ଭ । ଓଡିଶାର ଜାତୀୟ ଚରିତ୍ର ଗଠନ କରିବାରେ ଏହା ଏକ ନିର୍ଭର ଯୋଗ୍ୟ ଭିତ୍ତିଭୂମି ନିର୍ମାଣ କରିଛି । ସେତେବେଳେ ଏହା ଚାହାଳୀରେ ପିଲାମାନଙ୍କର ପ୍ରଧାନ ପାଠ୍ୟ ପୁସ୍ତକ ଥିଲା । ଯେଉଁ ପିଲା ଅଧ୍ୟାୟେ ଭାଗବତ ବୋଲି ପାରିଲା ତାର ବିଦ୍ୟା ଶେଷ ହେଉଥିଲା । ଅନେକ ଲୋକଙ୍କର ସକାଳେ ସ୍ନାନ କରି ସନ୍ଧ୍ୟାବେଳେ ଭାଗବତ ପାଠ କରିବା ମଧ୍ୟ ନିତ୍ୟ ନୈମିତ୍ତିକ

Download Magazine from www.aahwaan.com

କାର୍ଯ୍ୟଥିଲା । ଏହି ସବୁଥିରୁ ଭାଗବତର ଲୋକପ୍ରିୟତା ସହଜରେ ଅନୁମାନ କରାଯାଇଥାଏ । ଭାଗବତ ରଚନା କରି ଜଗନ୍ନାଥ ଦାସ ନିଜ ଜାତିର ସବୁ ଶ୍ରେଣୀର ଲୋକଙ୍କୁ ମାତୃଭାଷା ଓଡିଆକୁ ଶିକ୍ଷା କରିବାପାଇଁ ପ୍ରେରଣା ଦେଇଥିଲେ । ଜଗନ୍ନାଥ ଦାସଙ୍କ ଭାଗବତ ପଢିବା ପାଇଁ ଲୋକମାନେ ଉତ୍ସାହରେ ଓଡିଆ ଶିକ୍ଷା କରିବାକୁ ଲାଗିପଡିଲେ । ଓଡିଶାର ପ୍ରତ୍ୟେକ ହିନ୍ଦୁ ଗ୍ରାମରେ ଜଗନ୍ନାଥ ଦାସଙ୍କ ଭାଗବତ ସଂରକ୍ଷିତ । ସର୍ବତ୍ର ଅଛି ଭାଗବତ ଟୁଙ୍ଗୀ ଏବଂ ସନ୍ଧ୍ୟାରେ ସେଠି ଭାଗବତ ପଠନ ହୁଏ । ବାସ୍ତବରେ ଜଗନ୍ନାଥ ଦାସ ଏବଂ ତାଙ୍କର ଭାଗବତ ଓଡିଆ ଜାତୀୟ ଜୀବନ ଓ ସଂସ୍କୃତିକୁ ଗଢିଛି, ତାକୁ ଦେଇଛି ଏକ ସମୃଦ୍ଧ ଗୌରବମୟ ପରମ୍ପରା । ଉତ୍କଳର ଗ୍ରାମୀଣ ଆଧ୍ୟାତ୍ମିକ ଆନ୍ଦୋଳନ ଓ ସାଂସ୍କୃତିକ ଚେତନା ପ୍ରବାହର ପ୍ରଧାନ କେନ୍ଦ୍ର ହୋଇପଡିଥିଲା ଭାଗବତ ଘର ଏବଂ ଭାଗବତ ପାଠ ।

ଜାତୀୟ ସ୍ତରରେ ଅନେକ କ୍ଷେତ୍ରରେ ଓଡିଶା ମାନଦଣ୍ଡ ସୃଷ୍ଟି କରିଛି । ଓଡିଶାର ମଡେଲ୍ ବିଶ୍ୱରେ ମାନଦଣ୍ଡ ସୃଷ୍ଟି କରି ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରଶଂସିତ ହେଉଛି । ଦାରିଦ୍ର ଦୂରୀକରଣ ଯୋଜନାର ସଫଳ ରୂପାୟନ ହେଉ କିମ୍ବା ଜନଜାତି ଏବଂ ମହିଳାଙ୍କୁ ବିକାଶ ପ୍ରକ୍ରିୟାରେ ଅନ୍ତର୍ଭୂକ୍ତ କରିବା କାର୍ଯ୍ୟକ୍ରମ, ଦୁର୍ନିତୀ ବିରୋଧରେ ସଂଗ୍ରାମ କିମ୍ବା ଜନସାଧାରଣଙ୍କୁ ସବୁ ବର୍ଗରେ ସଶକ୍ତ କରିବାର ଉଦ୍ୟମ, ସବୁଥିରେ ଓଡିଶାର ଦକ୍ଷତା ସ୍ମରଣୀୟ ।

ଲକ୍ଷ୍ନୌ, ଉତ୍ତର ପ୍ରଦେଶ

Download Magazine from www.aahwaan.com

ମୂଲ୍ୟ ଏବଂ ଆଧ୍ୟାତ୍ମିକତାର ବିକାଶ

ଡ: ସୁଧାଂଶୁ ଶେଖର ମିଶ୍ର

ଦିନକୁ ଦିନ ମଣିଷ ସମାଜରେ ଭ୍ରଷ୍ଟାଚାର ଓ ଦୁଷ୍କର୍ମ ବୃଦ୍ଧି ପାଇଚାଲିଛି । ଏଥିରୁ ଅନୁମେୟ ଯେ ପ୍ରଚଳିତ ବିଧି ବିଧାନ ମନୁଷ୍ୟକୁ ଅସତ ପଥରୁ ନିବୃତ୍ତ କରିବା ପାଇଁ ଅସମର୍ଥ । ଅନେକ ଧାର୍ମିକ ଓ ସାମାଜିକ ଅନୁଷ୍ଠାନ ମଧ୍ୟ ଏକ ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନରେ ସମର୍ଥ ହୋଇପାରି ନାହାନ୍ତି । ସେଥିପାଇଁ ବିଭିନ୍ନ ଆୟୋଗ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଚଳନ ପାଇଁ ପ୍ରସ୍ତାବ ଦେଇଛନ୍ତି । କିନ୍ତୁ ରାଜନୈତିକ କାରଣରୁ ସରକାର ସେମାନଙ୍କ ପ୍ରସ୍ତାବଗୁଡିକୁ ଲାଗୁ କରିବା ପାଇଁ ସମର୍ଥ ହୋଇପାରି ନାହାନ୍ତି । ସରକାରରେ ଥିବା ରାଜନୈତିକ ଦଳମାନଙ୍କ ତୁଷ୍ଟୀକରଣ ନୀତି ମାନବୀୟ ମୂଲ୍ୟବୋଧ ଅବକ୍ଷୟ ପାଇଁ ଇନ୍ଧନ ତୁଲ୍ୟ କାମ କରୁଛି । ଏକ ସୁସ୍ଥ ଓ ଆଦର୍ଶ ସମାଜ ଗଠନ ପାଇଁ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଆଧ୍ୟାତ୍ମିକତାର ବିକାଶ କରିବା ଅପରିହାର୍ଯ୍ୟ । ଏଥିପାଇଁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଏକମାତ୍ର ବିକଳ୍ପ ।

ଆଧ୍ୟାତ୍ମିକତାର ବ୍ୟବହାରିକ ପ୍ରୟୋଗ ଦ୍ୱାରା ମୂଲ୍ୟ ଗୁଡିକ ଆମ ଜୀବନରେ ପ୍ରତ୍ୟକ୍ଷ୍ୟ ଭାବରେ ପ୍ରଭାବ ପକାଇ ଥାଏ । ନୈତିକ ସିଦ୍ଧାନ୍ତ ଏବଂ ମୂଲ୍ୟଗୁଡିକୁ ଜଣେ ଯେତେବେଳେ ନିଜ ଜୀବନରେ ପ୍ରଦର୍ଶିତ କରେ, ସେତେବେଳେ ସେ ସଫଳତାର ସର୍ବୋତ୍ତମ ପରିସ୍ଥିତି ନିର୍ମାଣ କରିଥାଏ । ଜଣେ ବ୍ୟକ୍ତିର କଥା ଓ କର୍ମରେ ଯଦି ଅନ୍ତର ନ ରହେ ତେବେ ଲୋକେ ତାଙ୍କୁ ବିଶ୍ୱାସ କରିଥାନ୍ତି । ଏପରି ବ୍ୟକ୍ତି ଲୋକମାନଙ୍କ ସହିତ ନୀତି ପୂର୍ବକ ଆଦରର ସହିତ ବ୍ୟବହାର କରନ୍ତି । ତାଙ୍କର ବୃତ୍ତି ତାଙ୍କର ସିଦ୍ଧାନ୍ତକୁ ପ୍ରକଟ କରେ ।

Download Magazine from www.aahwaan.com

ଶ୍ରେଣୀ ପ୍ରକୋଷ୍ଠ ଓ ସଭାଗୃହରେ କେବଳ ଭାଷଣ ଦେଇ ଦେଲେ ଶ୍ରୋତାର ବୃତ୍ତିରେ ପରିବର୍ତ୍ତନ ହୁଏ ନାହିଁ । ଶିକ୍ଷକ ବା ବକ୍ତା ସ୍ୱୟଂ ମୂଲ୍ୟନିଷ୍ଠ ନହେଲେ ତାଙ୍କର ବକ୍ତବ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣାପ୍ରଦ ହୁଏ ନାହିଁ । ପ୍ରତ୍ୟେକ ବ୍ୟକ୍ତି ବାତାବରଣ ପ୍ରକମ୍ପନ ଏବଂ ପର୍ଯ୍ୟାବରଣ ପ୍ରତି ସମ୍ବେଦନଶୀଳ ଥାଆନ୍ତି । ଯଦି ବାତାବରଣ ଶାନ୍ତି ଓ ଅନୁଶାସିତ ନୁହେଁ ତେବେ ଯେତେ ଭଲ କଥା କହିଲେ ମଧ୍ୟ ତା'ର ପ୍ରଭାବ ପଡେ ନାହିଁ । ବର୍ତ୍ତମାନ ଶିକ୍ଷା ପ୍ରଣାଳୀ ପ୍ରତିସ୍ପର୍ଦ୍ଧାମୂଳକ । କେତେକ ଶିକ୍ଷାବିତ୍ ଭାବନ୍ତି ଯେ ଉତ୍କୃଷ୍ଟ ପରିଣାମ ପାଇଁ ଏହା ସର୍ବୋତ୍ତମ । ଅନୁଭବରୁ ଜଣାଯାଏ ଯେ ଏହା ସର୍ବଦା ଉପଯୋଗିତା ଉଦ୍ଦୀପକ ସିଦ୍ଧ ହୁଏ ନାହିଁ । ପ୍ରତିସ୍ପର୍ଦ୍ଧାମୂଳକ ଶିକ୍ଷା ପ୍ରଣାଳୀରେ କିଛି ଲୋକଙ୍କ ଅନୁଚିତ ଲାଭ ପ୍ରାପ୍ତିର ସମ୍ଭାବନାକୁ ଏଡାଇ ହେବ ନାହିଁ । ଏପରି କ୍ଷେତ୍ରରେ ଅନାଚାର ଓ ଅମାନବୀୟ ବାତାବରଣ ସୃଷ୍ଟି ହୋଇଥାଏ ।

ମୂଲ୍ୟ ଓ ଆଧ୍ୟାତ୍ମିକତା ବିକାଶ ପାଇଁ ଏକ ପ୍ରେରକ ପାଠ୍ୟକ୍ରମ ଆବଶ୍ୟକ । ଏହି ପାଠ୍ୟକ୍ରମ ଏପରି ହେବା ଉଚିତ ଯଦ୍ଦ୍ୱାରା ସୌହାର୍ଦ୍ଦ, ସଙ୍ଗତି ଓ ନେତୃତ୍ୱର ବାତାବରଣ ସୃଷ୍ଟି ହେବ । ପାଠ୍ୟକ୍ରମ ପ୍ରାସଙ୍ଗିକ, ସୁବ୍ୟବସ୍ଥିତ, ବିଚାରୋତ୍ତେଜକ ଏବଂ ଲାଭପ୍ରଦ ହେଲେ ଏଥିପ୍ରତି ବିଦ୍ୟାର୍ଥୀର ଆକର୍ଷଣ ବୃଦ୍ଧି ହୋଇଥାଏ । ଉପଯୁକ୍ତ ପରିଣାମ ପାଇଁ ଉଭୟ ପ୍ରଶିକ୍ଷଣ ଓ ବିଦ୍ୟାର୍ଥୀ ମଧ୍ୟରେ ପରସ୍ପର ଆଦରଭାବ ଓ ପ୍ରେରକ ଚର୍ଚ୍ଚା ଆବଶ୍ୟକ । କୌଣସି ଶୈକ୍ଷଣିକ କାର୍ଯ୍ୟକ୍ରମର ସଫଳତା ପାଇଁ ଶିକ୍ଷକ ଏବଂ ଛାତ୍ର ମଧ୍ୟରେ ସକାରାତ୍ମକ ପରିଚର୍ଚ୍ଚା ଅତ୍ୟନ୍ତ ଆବଶ୍ୟକ । ଏହା ଆଧ୍ୟାତ୍ମିକ ଚେତନା ବିକାଶ ପାଇଁ ମାର୍ଗ ପ୍ରଶସ୍ତ କରିଥାଏ । ଯଦି ଜଣେ କେବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ମୂଲ୍ୟବୋଧ ଭିତ୍ତିକ ପାଠ୍ୟକ୍ରମ ଅଧ୍ୟୟନ କରେ ତେବେ ତାର ଜୀବନରେ ମୂଲ୍ୟଗୁଡିକର ବିକାଶ ସମ୍ଭବ ନୁହେଁ । ଏହା ତା'ର ମନରେ

Download Magazine from www.aahwaan.com

ନକାରାତ୍ମକ ବୃତ୍ତି ଉତ୍ପନ୍ନ କରି ତା'ର ଆଧ୍ୟାତ୍ମିକ ଚେତନା ବିକାଶରେ ବାଧା ସୃଷ୍ଟି କରିଥାଏ । ଏଠାରେ ଏକ ଉଦାହରଣ ଦେବା ପ୍ରାସଙ୍ଗିକ ମନେ ହୁଏ । ସଂଯମ ଏକ ମୂଲ୍ୟ । କିନ୍ତୁ ଅତ୍ୟଧିକ ସଂଯମାଚରଣ ସ୍ୱ ପ୍ରତି କରାଯାଉଥିବା ଏକ ଅତ୍ୟାଚାର ହୋଇଯାଏ । ମୂଲ୍ୟ କେଉଁ ବିନ୍ଦୁରେ ଉପନୀତ ହୋଇ ନକାରାତ୍ମକ ବୃତ୍ତିରେ ପରିବର୍ତ୍ତନ ହୋଇଯାଏ, ତାହା ବୁଝିବା ପାଇଁ ସୂକ୍ଷ୍ମ ଭାବରେ ବିଚାର କରିବା ଦରକାର ।

ଜଣକର କଥା ଓ କାର୍ଯ୍ୟରେ ସମାନତା ନ ରହିଲେ ତା'ର ଅଭିବ୍ୟକ୍ତିରେ ନକାରାତ୍ମକତା ପରିସ୍ଫୁଟ ହୁଏ । ଏଭଳି ବ୍ୟକ୍ତି ଯଦି ନୈତିକତା ଉପରେ ଦୀର୍ଘ ଭାଷଣ ଦିଅନ୍ତି ତେବେ ଶ୍ରୋତାଗଣ ହାଇ ମାରିବା ଆରମ୍ଭ କରନ୍ତି, ହାତଗୋଡ ହଲଚଲ କରୁଥାନ୍ତି କିମ୍ବା ନୋଟଖାତାରେ କିଛି ନିରର୍ଥକ ଲେଖିବା ପ୍ରାରମ୍ଭ କରିଦିଅନ୍ତି । କାରଣ ସେମାନଙ୍କ ମନ-ମସ୍ତିଷ୍କ ସେଠାରେ ନଥାଏ, ବହୁ ଦୂରରେ ବିଚରଣ କରୁଥାଏ । ଏହାର କାରଣ ହେଲା, ସେମାନଙ୍କ ପ୍ରଜ୍ଞା ଶକ୍ତି ଓ ବିବେକ ସେମାନଙ୍କୁ ସୂକ୍ଷ୍ମ ଭାବରେ ସୂଚନା ଦିଏ ଯେ ବକ୍ତାଙ୍କ ଶବ୍ଦ ଏବଂ ଆଚରଣରେ ବହୁତ ଅନ୍ତର ରହିଛି । ସେମାନେ କେବଳ ବିନମ୍ରତା, ସୌଜନ୍ୟ ବା ବ୍ୟକ୍ତିଗତ ବାଧ୍ୟବାଧକତା ହେତୁ ନୈତିକତା ଉପରେ ଦିଆଯାଉଥିବା ଏହି ଦୀର୍ଘ ଭାଷଣ ଶୁଣିବା ପାଇଁ ସଭାଗୃହ ବା ଶ୍ରେଣୀ ଗୃହରେ ବସି ରହନ୍ତି । ସବୁଠାରୁ ବଡ ବିସଙ୍ଗତି ହେଉଛି ଯେ, ଯେଉଁମାନଙ୍କ ପାଇଁ ନୈତିକତା ଆବଶ୍ୟକ ସେମାନେ ଶୁଣିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଅନ୍ୟପକ୍ଷରେ ଯେଉଁମାନଙ୍କ ଚାରିତ୍ରିକ ଦୁର୍ବଳତା ନାହିଁ ଓ ନିଜ ପ୍ରଗତି ପାଇଁ ସତ ପ୍ରଯତ୍ନଶୀଳ ସେମାନେ ଶୁଣିବାକୁ ବାଧ୍ୟ ହୁଅନ୍ତି । ଏପରି ଲୋକେ ନୈତିକତାକୁ ନିଜ ସୁବିଧାନୁସାରେ ପରିବର୍ତ୍ତନ କରିଥାନ୍ତି ଏବଂ ଅରୁଚି ପ୍ରଦର୍ଶନ କରନ୍ତି । ସୂକ୍ଷ୍ମତା ଅନୁଭବ ମହତ୍ତ୍ୱପୂର୍ଣ୍ଣ ଅଟେ । କିନ୍ତୁ ଅତ୍ୟଧିକ ସମ୍ବେଦନଶୀଳତା ମଧ୍ୟ ଠିକ୍ ନୁହେଁ । ଯଦ୍ୱାରା ବ୍ୟକ୍ତି

Download Magazine from www.aahwaan.com

ଭାବପ୍ରବଣ ହୋଇଯାଏ । ସମ୍ବେଦନଶୀଳତାର ସମ୍ବନ୍ଧ ଅନ୍ତର୍ଜ୍ଞାନ ସହିତ ହେବା ଉଚିତ । ଏହାଦ୍ୱାରା ଜଣେ ସତ୍ୟର ସାକ୍ଷାତକାର କରିପାରିବ ।

କଠୋର ବାହ୍ୟ ଅନୁଶାସନ ଦ୍ୱାରା ଆତ୍ମା ଉପରେ ପ୍ରତିକୂଳ ପ୍ରଭାବ ପଡେ । ଏହାଦ୍ୱାରା ବ୍ୟକ୍ତିର ସୂକ୍ଷ୍ମ ମାନସିକ ଶକ୍ତିଗୁଡିକର ବିକାଶ ବାଧାପ୍ରାପ୍ତ ହୁଏ । ତେଣୁ ବିଦ୍ୟାର୍ଥୀ ବା ପୁରୁଷାର୍ଥୀ କୌଣସି ବାଧ୍ୟବାଧକତା ବଶତଃ ପୁରୁଷାର୍ଥ କଲେ ତଦ୍ଦ୍ୱାରା କୌଣସି ଲାଭ ମିଳେ ନାହିଁ । ତେଣୁ ଶିଖିବାର ଆଗ୍ରହ ସୃଷ୍ଟି କରିବାକୁ ପଡିବ । ଆଗ୍ରହ ପୂର୍ବକ କରୁଥିବା କାର୍ଯ୍ୟ ସହଜ ମନେ ହୁଏ ଓ ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପ୍ରାପ୍ତ ହୁଏ ।

ମୂଲ୍ୟ ଏବଂ ଆଧ୍ୟାତ୍ମିକତାର ବିକାଶ ହେଲେ ନେତୃତ୍ୱ ଗୁଣ ଅଭିବ୍ୟକ୍ତ ହୁଏ । କାରଣ ନେତୃତ୍ୱ ବ୍ୟାବହାରିକ ଜୀବନରେ ମୂଲ୍ୟଗୁଡିକର ଅଭିବ୍ୟକ୍ତି, ଯାହା ଅନ୍ୟମାନେ ଅନୁକରଣ କରିବାକୁ ପ୍ରେରଣା ଲାଭ କରନ୍ତି । ଶ୍ରେଷ୍ଠ ଓ ଆଦର୍ଶ ନେତୃତ୍ୱକୁ ଅଧ୍ୟାତ୍ମଠାରୁ ପୃଥକ କରାଯାଇ ପାରିବ ନାହିଁ । ଜଣେ ଶ୍ରେଷ୍ଠ ନେତା ଗମ୍ଭୀର ଚିନ୍ତନ ଦ୍ୱାରା ସୂଚନାଗୁଡିକୁ ନିଜ ଅନ୍ତର୍ଦୃଷ୍ଟି ଅନୁରୂପ ପରିବର୍ତ୍ତନ କରି ତଦନୁରୂପ କାର୍ଯ୍ୟ କରନ୍ତି । ସେ ନିଜକୁ ଠିକ୍ ଭାବରେ ଚିହ୍ନିଥାନ୍ତି । ମୂଲ୍ୟ ଆଧାରିତ ନେତୃତ୍ୱ ମାନବୀୟ ସମ୍ବନ୍ଧକୁ ଉଦାରତା ସମ୍ପନ୍ନ ଓ ସଶକ୍ତ କରିଥାଏ । ଜଣେ ଆଦର୍ଶ ସ୍ଥାନୀୟ ନେତା ଆନ୍ତରିକ ମୂଲ୍ୟଗୁଡିକୁ ସ୍ୱୀୟ ଆଚରଣ ଦ୍ୱାରା ପ୍ରଦର୍ଶନ କରନ୍ତି । ଏହିପରି ଆଦର୍ଶ ନେତୃତ୍ୱ ସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ଅନ୍ୟମାନେ ସହଜରେ ପ୍ରଭାବିତ ହୁଅନ୍ତି ଏବଂ ବିଶ୍ୱାସ ପୂର୍ବକ ମୂଲ୍ୟଗୁଡିକୁ ନିଜ ଆଚରଣରେ ଧାରଣ କରିପାରନ୍ତି ।

ମୂଲ୍ୟ ଏବଂ ଆଧ୍ୟାତ୍ମିକତା ପ୍ରତି ପ୍ରତିବଦ୍ଧତା ବିନା ଏହା ଆଚରଣରେ ପ୍ରତିଫଳିତ ହୁଏ ନାହିଁ । ପ୍ରତିବଦ୍ଧତାର ଅର୍ଥ ହେଉଛି ମୂଲ୍ୟ ଏବଂ ଆଧ୍ୟାତ୍ମିକତା ସମ୍ବନ୍ଧରେ ପ୍ରାପ୍ତ ଜ୍ଞାନକୁ ନିୟମିତ, ନିରବଚ୍ଛିନ୍ନ ଓ ନିରଳସ ଭାବରେ ଅଭ୍ୟାସ କରିବା । ଏହାଦ୍ୱାରା ଜଣେ ଦୈନନ୍ଦିନ

Download Magazine from www.aahwaan.com

ଜୀବନରେ ଆସୁଥିବା ପ୍ରତ୍ୟେକ ବାହ୍ୟ ଆହ୍ୱାନ ଏବଂ ସମସ୍ୟାଗୁଡିକର ସଫଳତା ପୂର୍ବକ ସମ୍ମୁଖୀନ ହୋଇପାରିବ । ବାଧ୍ୟବାଧକତା ଓ ଦଣ୍ଡ ବିଧାନ ଦ୍ୱାରା ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ସୁଫଳ ପ୍ରଦାନ କରି ନଥାଏ । ଅଧ୍ୟୟନ ଦ୍ୱାରା ଜଣାଯାଇଛି ଯେ ଦଣ୍ଡ, ଧମକ, ବଳପ୍ରୟୋଗ, ଉତ୍ପୀଡନ, ଶିକ୍ଷକଙ୍କ ମନମୁଖୀ ଦୃଷ୍ଟିକୋଣ ଏବଂ ଅପମାନିତ କରୁଥିବା ବୃତ୍ତି ଉପରେ ଆଧାରିତ ଶିକ୍ଷା ବିଦ୍ୟାର୍ଥୀ ମଧ୍ୟରେ ହୀନଭାବନା, ଅପରାଧ, ଅନୁଶାସନହୀନତା, ପରିବାର ଓ ସମାଜରେ ବିଭାଜନ ଆଦି ମନୋ ବୈଜ୍ଞାନିକ ସମସ୍ୟାଗୁଡିକୁ ଜନ୍ମ ଦେଇଥାଏ । ତେଣୁ ଏପରି ଶିକ୍ଷା ପଦ୍ଧତି ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ପରିପନ୍ଥୀ ।

ମାନବୀୟ ସମ୍ବନ୍ଧରେ ଉତ୍କୃଷ୍ଟତା ପାଇଁ ବ୍ୟକ୍ତିଗତ ଅନୁଶାସନ ନିମନ୍ତେ ସୀମାରେଖା ନିର୍ଦ୍ଧାରଣ କରିବା ଆବଶ୍ୟକ । ସମାଜରେ ଦେଖାଯାଉଥିବା ବିଭିନ୍ନ ନକାରାତ୍ମକ କାର୍ଯ୍ୟକଳାପର ସୂକ୍ଷ୍ମ ଅଧ୍ୟୟନ ପୂର୍ବକ ସଂପୃକ୍ତ ବ୍ୟକ୍ତିମାନଙ୍କ ସହିତ ସକାରାତ୍ମକ ଆଲୋଚନା କରିବା ଉଚିତ । କେଉଁ ପ୍ରବୃତ୍ତି ବା ପରିସ୍ଥିତି ସେହି ବ୍ୟକ୍ତିଙ୍କୁ ସମାଜ ବିରୋଧୀ କାର୍ଯ୍ୟ ପାଇଁ ପ୍ରେରିତ କରିଥିଲା ତାହା ତାଙ୍କଠାରୁ ନଶୁଣିବା ପର୍ଯ୍ୟନ୍ତ ତାଙ୍କୁ ସଠିକ ମାର୍ଗଦର୍ଶନ ପ୍ରଦାନ କରାଯାଇପାରିବ ନାହିଁ । ସ୍ୱୀକାରୋକ୍ତି ଦ୍ୱାରା ସଂଶୋଧନର ମାର୍ଗ ପ୍ରଶସ୍ତ ହୋଇଥାଏ । ଧ୍ୟାନ ଏବଂ ମନୋବୈଜ୍ଞାନିକ ଉପର ଦ୍ୱାରା ସେହି ବ୍ୟକ୍ତିଙ୍କ ଆତ୍ମବିଶ୍ୱାସ ଜାଗ୍ରତ କରାଇ ପାରିଲେ ସେ ମଧ୍ୟ ସମାଜ ପାଇଁ ଉପଯୋଗୀ ହୋଇପାରନ୍ତି । ଲୋକନାୟକ ଜୟପ୍ରକାଶଙ୍କ ଉଦ୍ୟମରେ ଅନେକ ଦସ୍ୟୁ ହୃଦୟରେ ଦେବତ୍ୱର ସଞ୍ଚାର ହୋଇଥିଲା । ସେଥିମଧ୍ୟରୁ ଚମ୍ବଲର ଆତଙ୍କ ପଞ୍ଚମ ସିଂ ଅନ୍ୟତମ । ରାଜଯୋଗ ଅଭ୍ୟାସ ଦ୍ୱାରା ତାଙ୍କ ମଧ୍ୟରେ ଅଲୌକିକ ପରିବର୍ତ୍ତନ ଆସିଥିଲା ଓ ସରକାର ତାଙ୍କୁ ଆଜୀବନ କାରାବାସରୁ ମୁକ୍ତ କରିଥିଲେ । ସେ ତାଙ୍କ ଅନୁଯାୟୀଙ୍କ ସହ ଆଜି ସମ୍ମାନିତ ଜୀବନ

Download Magazine from www.aahwaan.com

ଯାପନ କରୁଛନ୍ତି । ନିୟମିତ ଯୋଗାଭ୍ୟାସ ଦ୍ୱାରା ତୀବ୍ର ଆଧ୍ୟାତ୍ମିକ ବିକାଶ ହୋଇଥାଏ । ଜ୍ଞାନର ଅଧ୍ୟୟନ, ମନନ-ଚିନ୍ତନ ଓ ଆଲୋଚନା ଏହି ବିକାଶର ଧାରାକୁ ଅବ୍ୟାହତ ରଖେ । ଯୋଗ୍ୟାଭ୍ୟାସ ଦ୍ୱାରା ଅନାସକ୍ତ ଭାବରେ ପରିସ୍ଥିତିକୁ ଆକଳନ କରିବା କ୍ଷମତା ପ୍ରାପ୍ତ ହୁଏ । ଅନ୍ୟ ଅର୍ଥରେ ତାଙ୍କର ନିର୍ଣ୍ଣୟ ଶକ୍ତି ବୃଦ୍ଧି ପାଏ ଓ ସେ ମନର ଭାବର ପ୍ରଭାବରୁ ଉର୍ଦ୍ଧ୍ୱକୁ ଉଠି ତଥ୍ୟ ଆଧାରରେ ନିର୍ଣ୍ଣୟ ନେବାକୁ ସକ୍ଷମ ହୋଇପାରନ୍ତି । ସେ ପୁରୁଣା ଅଭ୍ୟାସ ଓ ପୂର୍ବ ଧାରଣାରୁ ମୁକ୍ତ ହୋଇ ସ୍ୱପରିବର୍ତ୍ତନ ଦ୍ୱାରା ବିଶ୍ୱ ପରିବର୍ତ୍ତନର ସତ୍ୟତାକୁ ଅନୁଭବ କରିଥାନ୍ତି ।

ସମ୍ପାଦକ, ଚେତନା ପ୍ରବାହ

Download Magazine from www.aahwaan.com

ଉତ୍କଳ ଦିବସ

ନୃସିଂହ ଚରଣ ବେହେରା

ଅପ୍ରେଲ ମାସର ଏକ ତାରିଖକୁ ଉତ୍କଳ ଦିବସ ଅବା ଓଡିଶା ଦିବସ ରୂପେ ପାଳନ କରାଯାଉଛି । ୧୯୩୬ ମସିହାର ଏହି ଦିନରେ ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ ରୂପେ ଗଠିତ ହୋଇଥିଲା । ଆମର ଏଇ ଓଡିଶା ରାଜ୍ୟ । ଯାହାର ଅନ୍ୟନାମ ହେଏଛି ଉତ୍କଳ ଅବା କଳିଙ୍ଗ । ଏହି ଭୂଖଣ୍ଡରେ ଅତୀତରେ ଗଙ୍ଗବଂଶ, ସୂର୍ଯ୍ୟବଂଶ, ମୋଗଲ, ମରହଟ୍ଟା, ବ୍ରିଟିଶ୍ ମାନେ ଶାସନ କରିଛନ୍ତି । ଇଂରେଜ ମାନଙ୍କ ଶାସନ କାଳରେ ଓଡିଶାକୁ ଭାଗ ଭାଗ କରି ଅନ୍ୟାନ୍ୟ ରାଜ୍ୟ ସହିତ ରଖା ଯାଇଥିଲା । ବୀର ଓଡିଆ ଜାତିର ଜାତୀୟତାକୁ ଲୋପ କରି ଏକ ଗୋଲାମ ସଂସ୍କୃତି ସୃଷ୍ଟି କରିବା ପାଇଁ ଇଂରେଜମାନେ ଦକ୍ଷିଣ ଓଡିଶାକୁ ତତ୍କାଳୀନ ମାନ୍ଦ୍ରାଜ ପ୍ରଦେଶରେ, ପଶ୍ଚିମ ଓଡିଶାର ସମ୍ବଲପୁର, ଫୁଲଝର, ସାରଙ୍ଗଗଡ, ଶକ୍ତି, ରାୟଗଡ ପ୍ରଭୃତି ଅଞ୍ଚଳକୁ ମଧ୍ୟପ୍ରଦେଶରେ, ସିଂହଭୂମି ଓ ଛୋଟ ନାଗପୁର ଆଦି ଅଞ୍ଚଳକୁ ବିହାର ଓ ବଙ୍ଗଳା ସହିତ ରଖିଥିଲେ । ସେତେବେଳେ ବିପଦ ଦେଖା ଦେଇଥିଲା ଓଡିଶା ଭାଷାର ସୁରକ୍ଷା କ୍ଷେତ୍ରରେ । ଏପରିକି "ଓଡିଆ ଏକଟା ଭାଷା ନୁଁ ଏ" ବୋଲି କହିସାରିଥିଲେ କାନ୍ତିଲାଲ୍ ଭଟ୍ଟାଚାର୍ଯ୍ୟ ନାମ୍ନୀ ଜଣେ ବଙ୍ଗାଳୀ ସ୍କୁଲ ଶିକ୍ଷକ ।

୧୯୩୬ ଅପ୍ରେଲ୍ ପହିଲାରେ ଓଡିଶା ବିହାର ପ୍ରଦେଶରୁ ମୁକ୍ତି ପାଇ ଗଠିତ ହେଲା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପରେ । ମାତ୍ର ତତ୍କାଳୀନ ଇଂରେଜ ସରକାର କୂଟନୀତି ସହିତ ସେ ସମୟର କଂଗ୍ରେସ ସରକାରଙ୍କ ଦୁର୍ବଳ ନୀତି ଯୋଗୁଁ ସିଂହଭୂମି, ମେଦିନୀପୁର, ଫୁଲଝର, ସାରଙ୍ଗଗଡ, ଶକ୍ତି, ରାୟଗଡ, ବିନ୍ଦ୍ରା, ନୂଆଗଡ, ଇଛାପୁର, ମଂଜୁଷା, ଟେକାଲି, ଷଢେଇକଳା

Download Magazine from www.aahwaan.com

ଓ ଖରସୁଆଁ ପରି କେତେକ ଦୁର୍ବଳ ଅଞ୍ଚଳ ସବୁଦିନ ପାଇଁ ବିଚ୍ଛିନ୍ନ ହୋଇଗଲା ଓଡିଶାରୁ । ଦେଶ ସ୍ୱାଧୀନ ହେଲାପରେ ବହୁ ଗୁଣୀଜନ ଏପରିକି ଡଃ.ରାଜେନ୍ଦ୍ର ପ୍ରସାଦ ମଧ୍ୟ ବାହାରି ପାରିଲେ ନାହିଁ ଆଞ୍ଚଳିକ ସଂକୀର୍ଣ୍ଣତାରୁ । କୋରାପୁଟ, ପୁରୀ, ଗଞ୍ଜାମ, କଟକ ବାଲେଶ୍ୱର ଓ ସମ୍ବଲପୁର । ଏହି ଛଅଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା ସ୍ୱତନ୍ତ୍ର ଓଡିଶା ପ୍ରଦେଶ । ୧୯୪୮ରେ ଗଡଜାତ ମିଶ୍ରଣ ପରେ ସମୁଦାୟ ୧୩ଟି ଜିଲ୍ଲାକୁ ନେଇ ଓଡିଶା ପ୍ରଦେଶ ଗଠିତ ହେଲା । ପରବର୍ତ୍ତୀ ସମୟରେ ଅବଶ୍ୟ ସେହି ୧୩ଟି ଜିଲ୍ଲାକୁ ପ୍ରଶାସନିକ ସୁବିଧା ପାଇଁ ୩୦ଟି ଜିଲ୍ଲାରେ ପରିଣତ କରାଯାଇଛି । ପୁନଶ୍ଚ ଇଂରେଜ ମାନଙ୍କର ଇଂରାଜୀ ଭାଷାରେ ଆମ ମାତୃଭୂମି ଏବଂ ମାତୃଭାଷାକୁ ଓରିଆ ଲେଖିବାର ଅସଙ୍ଗତିକୁ ଦୂର କରିବାପାଇଁ ସ୍ୱତନ୍ତ୍ର ପ୍ରଦେଶ ହେବାର ୭୩ ବର୍ଷ ପର୍ଯ୍ୟନ୍ତ ଉଦ୍ୟମ କରିବାକୁ ପଡିଲା । ପରିଶେଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଇଂରାଜୀ ଭାଷାରେ ଓଡିଶାକୁ Odisha ଏବଂ ଓଡିଆ ଭାଷାକୁ Odia ଭାବେ ଲେଖାଯାଇ ପାରିଲା ।

ଓଡିଆ ଜାତି ଓ ଓଡିଆ ଭାଷାର ବର୍ତ୍ତମାନ ଅବସ୍ଥା ତା' ନ ହୋଇଥିଲେ କ'ଣ ହୋଇଥାନ୍ତା ତାହା କହିହେବ ନାହିଁ । କାରଣ ଉତ୍କଳ ବା ଓଡିଶାର ସ୍ଥିତି ସ୍ୱତନ୍ତ୍ରତା ଆଗକୁ ସେମିତି କିଛି ନଥିଲା । ତେବେ ଏ ଜାତିର କର୍ଣ୍ଣଧାର ଜାତୀୟ ବୀର ଓଡିଶାର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୂସୁଦନ ଦାସଙ୍କ ପ୍ରଚେଷ୍ଟାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହୋଇପାରିଥିଲା । ମଧୁବାବୁଙ୍କ କଥାରେ ଏପରି ଏକ ଯାଦୁକାରୀ ଶକ୍ତି ଥିଲା ଯାହା ଶୁଣିଲା ମାତ୍ରେ ମନ ଭିତରେ ଭାସି ଉଠେ ଏକ ଦାମ୍ଭିକ ଓ ତେଜିୟାନ୍ ଅଭିଜାତ ବ୍ୟକ୍ତିତ୍ୱ, ସ୍ୱାଭିମାନ ଓ ଆତ୍ମସମ୍ମାନର ଏକ ଉଜ୍ଜ୍ୱଳ ଅଗ୍ନିଶିକ୍ଷା ।

ଏ ଉତ୍କଳମାତା ବୀର ପ୍ରସବିନୀ । ଯୁଗେ ଯୁଗେ ସବୁଜିମା, ଶସ୍ୟ ଶ୍ୟାମଳା ଓ

Download Magazine from www.aahwaan.com

ସୌନ୍ଦର୍ଯ୍ୟରେ ରୁଦ୍ଧିମନ୍ତ । ସେଇ ଜନନୀ କୋଳରେ ଜନମି ମଧୁବାବୁ ଏ ଜାତିର ପ୍ରାଣ କେନ୍ଦ୍ର । ତାଙ୍କରି ଉଦ୍ଦେଶ୍ୟରେ କବି ନନ୍ଦ କିଶୋର ଲେଖିଥିଲେ, "ଯେତେ କାଳଥିବ ଓଡିଆ ଜାତି ଇତିହାସରେ ତୁମରି ନାମ ଅଙ୍କିତ ହୋଇ ରହିଥିବ ହେମମୟ ଅକ୍ଷରରେ" । ସେ ଥିଲେ ଏ ମାଟିର ଜଣେ ଜ୍ଞାନୀ, ମାନୀ, ବୁଦ୍ଧିଜୀବି ଓ ପଣ୍ଡିତ । ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ତାଙ୍କର ଥିଲା ଗଭୀର ଅନୁରାଗ । ତାଙ୍କର ପ୍ରଚେଷ୍ଟା ଆଉ ପ୍ରଗାଢ ଅଧ୍ୟବସାୟ ଫଳରେ ସ୍ୱତନ୍ତ୍ର ଓଡିଶା ଗଠନ ହୋଇପାରିଲା । ସତ୍ୟଭାମାପୁର ପରି ଏକ ଅଖ୍ୟାତ ପଲ୍ଲୀରେ ଜନ୍ମ ଏବଂ ଶିକ୍ଷା ଆରମ୍ଭ ଗାଁ ଚାଟଶାଳୀରୁ । ନାନା କଷ୍ଟ ସହି ପାଠ ପଢି ଶେଷରେ ଜଣେ ବିଖ୍ୟାତ ଓକିଲ ହୋଇ ପାରିଥିଲେ । ହେଲେ ଓକିଲ ହିସାବରେ ସେ ଯେତିକି ଖ୍ୟାତି ଏବଂ ପ୍ରଶଂସା ପାଇଛନ୍ତି ତା'ଠାରୁ ଅଧିକା ପାଇଚନ୍ତି ଦେଶ ଓ ଜାତିର ସେବକ ହିସାବରେ । ଆବାଲ୍ୟରୁ ନିର୍ଭୀକ, ସ୍ପଷ୍ଟବାଦୀ, ସ୍ୱାଧୀନଚେତା ତଥା ଉଦାର ହୃଦୟ ବିଶିଷ୍ଟ ଜଣେ କର୍ମଯୋଗୀ, ଶିଳ୍ପୋଦ୍ୟୋଗୀ । ସେ ବଳିଷ୍ଠ ପଦକ୍ଷେପ ନେଇଥିଲେ ଓଡିଶାର ଶିଳ୍ପ ପ୍ରସାର କ୍ଷେତ୍ରରେ । ଚାଟଶାଳୀ ପାଠ ପରେ ସେ କଟକର ସରକାରୀ ଜିଲ୍ଲା ଇଂରାଜୀ ସ୍କୁଲରେ ପାଠ ପଢିଥିଲେ । ସେତେବେଳେ ଓଡିଆମାନେ ବିଦେଶୀୟ ଜୀବନ ଯାପନ କରିବାକୁ କୁଣ୍ଠାବୋଧ କରୁଥିବାରୁ ବଙ୍ଗାଳୀମାନେ ଘୃଣା କରୁଥିଲେ ଓଡିଆଙ୍କୁ । ମଧୁସୂଦନ ମଧ୍ୟ ସେଥିରୁ ମଧ୍ୟ ବାଦ୍ ଯାଇନଥିଲେ । ଏହାହିଁ ଥିଲା ତାଙ୍କ ମନରେ ଉତ୍କଳୀୟ ଜାତୀୟତା ଗଠନ କରିବାର ଫଳପ୍ରଦ କାରଣ । ସେଥିପାଇଁ ଷୋହଳ ବର୍ଷ ବୟସରେ ସେ କଲିକତା ଯାଇ ଶିକ୍ଷାଲାଭ କରିଥିଲେ । ସେ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ଅନାଟନ ଦୂର କରିବା ପାଇଁ ଖ୍ରୀଷ୍ଟଧର୍ମକୁ ଗ୍ରହଣ କରିଥିଲେ । ନିଜର ଶିକ୍ଷା ସମାପନ କରି ଓକିଲାତି କରିଥିଲେ । କିନ୍ତୁ ସେ କେବେବି ତାଙ୍କ ଆଦର୍ଶରୁ ବିଚ୍ୟୁତ ହୋଇନାହାନ୍ତି । ଓଡିଆ ଜାତିପାଇଁ ସେ ଯେପରି

Download Magazine from www.aahwaan.com

ନିଃସ୍ୱାର୍ଥପର ଭାବେ ସଂଗ୍ରାମ କରିଥିଲେ ତାହା ଅନ୍ୟ କେଉଁ ଜାତୀୟ ବୀରଙ୍କଠାରେ ବିରଳ ।

ମାତୃଭୂମି ଏବଂ ମାତୃଭାଷାର ଉନ୍ନତି ବିନା ଓଡିଆ ଜାତିର ଉନ୍ନତି ଅସମ୍ଭବ ବୋଲି ସେ ହୃଦୟଙ୍ଗମ କରି ଉତ୍କଳୀୟ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ ୧୯୦୩ ମସିହାରେ । ତାଙ୍କର ଏକମାତ୍ର ଲକ୍ଷ୍ୟଥିଲା ଉତ୍କଳର ସଂଗଠନ ଏବଂ ଓଡିଆମାନଙ୍କୁ ଏକ ଶାସନଧୀନ କରିବା । ତେଣୁ ଅକ୍ଟୋବର ୨୫, ୧୯୦୩ରେ ସେ କଟକର କନିକା ରାଜବାଟୀରେ ପ୍ରାରମ୍ଭିକ ଅଧିବେସନ ଡକାଇଥିଲେ । ଉତ୍କଳ ସମ୍ମିଳନୀ ଗଠନ କରି, ପ୍ରାକୃତିକ ଉତ୍କଳର ଏକତ୍ରୀକରଣ, ଉତ୍କଳର କୃଷି ବାଣିଜ୍ୟ ଓ ଶିଳ୍ପର ଉନ୍ନିତି ସାଧନ ଏବଂ ଉତ୍କଳର ଶିକ୍ଷା ଏବଂ ସାହିତ୍ୟର ପ୍ରଚାର ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ ।

ମଧୁବାବୁଙ୍କ ପରି ଉତ୍କଳମଣି ଗୋପବନ୍ଧୁଙ୍କର ଜୀବନ ଦର୍ଶନ ଥିଲା ନବ ଓଡିଶା ଗଠନ । ଛିନ୍ନ ବିଛନ୍ନ ହୋଇ ରହିଥିବା ଓଡିଆ ଅଞ୍ଚଳକୁ ଏକାଠି କରିବା ଉଦ୍ଦେଶ୍ୟରେ ଉତ୍କଳ ସମ୍ମିଳନୀର ସେ ଥିଲେ ଅନ୍ୟତମ କର୍ଣ୍ଣଧାର । ସେ ବିଚ୍ଛିନ୍ନାଞ୍ଚଳରେ ଓଡିଆ ଭାଷା ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବରୁ ସେ ସିନା ଇହଲୀଳା ସମ୍ବରଣ କଲେ ହେଲେ ସୁପ୍ତପ୍ରାୟ ଓଡିଆଙ୍କୁ ଜାଗ୍ରତ ଓ କ୍ରୀୟାଶୀଳ କରିବା ପାଇଁ ସତ ସିଂହାର ବଳ ସୃଷ୍ଟି କରିବା ପାଇଁ ସେ ଲେଖନୀ ଚାଳନା କରି ଜାତୀୟ କବି ହୋଇ ପାରିଥିଲେ । ସେ ଉତ୍କଳ ସମ୍ମିଳନୀର ମହତ୍ ଉଦ୍ଦେଶ୍ୟ ସମ୍ବନ୍ଧରେ ଲେଖିଛନ୍ତି ।

"ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ,
ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ ଡେଇଁ ପଡି ସିନ୍ଧୁ ନୀରେ ।"

ଓଡିଆ ଜାତିକୁ ଆଗେଇ ନେବାର ସେ ଯେଉଁ ଆଶା ପୋଷଣ କରିଥିଲେ ସେଥିପାଇଁ

Download Magazine from www.aahwaan.com

ସେ ବ୍ୟକ୍ତିଗତ ସ୍ୱାର୍ଥକୁ ଗୌଣ କରି ଜାତିଗତ ସ୍ୱାର୍ଥକୁ ମୁଖ୍ୟସ୍ଥାନ ଦେଇଥିଲେ । ସେଥିପାଇଁ ସେ କହିଛନ୍ତି –

"ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର ସ୍ୱାର୍ଥକୁ ଦିଅ ଆହୁତି,
ସ୍ୱାର୍ଥ ମେଧ ଯଜ୍ଞେ ଚାରିଆଡେ ନାଚ ଛାତିରେ ମିଶାଇ ଛାତି ।"

ଉତ୍କଳର କୋଣାର୍କ, ଶ୍ରୀ ଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିରର ଅପୂର୍ବ କାରୁକାର୍ଯ୍ୟକୁ ନେଇ ଗର୍ବ କରୁଥିଲେ ମଧୁବାବୁ । ସେ ଶିଳ୍ପର ପ୍ରସାର ପାଇଁ ଉତ୍କଳ ଟ୍ୟାନେରୀ, ଓଡିଶା ଆର୍ଟ ୱାର୍କସ୍ ଗଠନ କରିଥିଲେ ଯାହା ବିଶ୍ୱ ବଜାରରେ ଚହଳ ସୃଷ୍ଟି କରିଥିଲା । ମଧୁବାବୁଙ୍କ ଆମନ୍ତ୍ରଣ କ୍ରମେ ୧୯-୦୮-୧୯୨୫ରେ ମହାତ୍ମାଗାନ୍ଧୀ ତାଙ୍କ ଓଡିଶା ଗ୍ରସ୍ତ ସମୟରେ ଉତ୍କଳ ଟ୍ୟାନେରୀ ବୁଲି ଦେଖିଥିଲେ । ଓଡିଆମାନେ ଖଟନ୍ତୁ ଆଉ ମଥା ଉପରକୁ କରି ସୁଖରେ ଚଳନ୍ତୁ ଥିଲା ତାଙ୍କର ଉଦ୍ଦେଶ୍ୟ ।

ମାତୃଭାଷାର ମର୍ଯ୍ୟାଦା ମାତୃଭୂମି ସହିତ ଓତଃପ୍ରୋତ ଭାବେ ଜଡିତ । ମାତୃଭାଷାର ତାଜାପଣ ସବୁଠୁ ଅଧିକ । ମାତୃଭାଷାର ଜନ୍ମ ନିଜ ଅନ୍ତରର ଶିରା ପ୍ରଶିରାରୁ । ତାହା ଜୀବନ୍ତ ଏବଂ ପ୍ରାଣସ୍ପର୍ଶୀ । ସୁତରାଂ ମାତୃଭାଷାର ଉନ୍ନତି ବିନା ଦେଶର ତଥା ଜାତିର ଉନ୍ନତି ଅସମ୍ଭବ । ଭାଷାବିତ ଡାକ୍ତର ଆଶୁତୋଷ ମୁଖାର୍ଜି ଯଥାର୍ଥରେ କହିଛନ୍ତି "ପ୍ରକୃତ ଜ୍ଞାନ ଲାଭ ବିଦେଶୀ ଭାଷା ଦ୍ୱାରା ହୁଏନାହିଁ । ମାତୃଭାଷା ଅଧ୍ୟୟନ ହିଁ ବଳିଷ୍ଠ ମାଧ୍ୟମ ।" ସେଥିପାଇଁ ମଧୁବାବୁ ଆଜୀବନ ଓଡିଶା ଏବଂ ଓଡିଆଙ୍କ ଉନ୍ନତି ବିଷୟରେ ଚିନ୍ତା କରୁଥିଲେ ।

ମଧୁବାବୁଙ୍କ ଶେଷଜୀବନ ଦୁଃଖମୟ । ଋଣଭାର ଏବଂ ଅର୍ଥାଭାବ ଭିତରେ ସେ କାଳାତିପାତ କରିଥିଲେ । ଉତ୍କଳମାତାର ସମ୍ମାନ ପାଇଁ ମଧୁବାବୁ ନିଜର ସମସ୍ତ ସ୍ଥାବର

Download Magazine from www.aahwaan.com

ଅସ୍ଥାବର ସମ୍ପତ୍ତିକୁ ବିକିଦେଇ ସର୍ବସ୍ୱାନ୍ତ ହୋଇଯାଇଥିଲେ । ଆଉ ସେତେବେଳେ ତାଙ୍କୁ ଆର୍ଥିକ ସହାୟତାର ହାତ ବଢାଇଥିଲେ ପ୍ରଖ୍ୟାତ ସମାଜସେବୀ ଓ ଜାତୀୟତାବାଦୀ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଆଧୁନିକ ଓଡିଶାର ଅନ୍ୟତମ ନିର୍ମାତା ବିଜୁ ପଟ୍ଟନାୟକଙ୍କ ପିତା । ତାଙ୍କରି ପ୍ରେରଣାରେ ଉଦବୁଦ୍ଧ ହୋଇ ବିଜୁବାବୁ ଉତ୍କଳର କଳିଙ୍ଗ ନାମରେ ତାଙ୍କର ସବୁ କାର୍ଯ୍ୟ କରୁଥିଲେ ।

ଓଡିଶା ଏକ ଶାନ୍ତିପ୍ରିୟ ରାଜ୍ୟ । ପ୍ରତ୍ୟେକ କ୍ଷେତ୍ରରେ ଓଡିଶା ଆଜି ବିଶ୍ୱରେ ପରିଚିତ । ଏହାର ଭାଷା ଓଡିଆ, ଯାହା ସବୁ ଭାଷାଠୁ ବଢିଆ ଏବଂ ଅତି ପୁରାତନ ଭାଷା ଭାବରେ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଛି । ଆମେ ଉତ୍କଳଦିବସ ପାଳନ କରୁଛେ ସତ ହେଲେ ଦୁଃଖ ଲାଗେ ଯେ ଓଡିଆ ପିଲାଙ୍କୁ ଓଡିଆ ପଢିବା ମନା । ଗାଁ ହେଉକି ସହର ସବୁଆଡେ ଇଂରାଜୀ ମାଧ୍ୟମ ଶିକ୍ଷାଶାଳ । ଆମେ ଭୁଲି ଯାଉଛେ ସାବତ ମା' କେବେହେଲେ ମା' ସହିତ ସମାନ ହୋଇ ପାରିବନାହିଁ । ଅନ୍ୟଭାଷା ଶିଖିବାରେ ବାଧା ନାହିଁ ମାତ୍ର ମାତୃଭାଷାକୁ ହତାଦର କରିବା ଅନ୍ୟାୟ । ଉତ୍କଳ ଦିବସ ପାଳନ ଅବସରରେ ଆସ ଆମେ ସମସ୍ତେ ଏକାଠି ମିଶି ମାତୃଭୂମି ଓ ମାତୃଭାଷାର ସମ୍ମାନ ରକ୍ଷାପାଇଁ ସଂକଳ୍ପ ନେବା ।

"ବନ୍ଦେ ଉତ୍କଳ ଜନନୀ"

୨୧୭, ୟୁନିଟ - ୯ (ଫ୍ଲାଟ), ବାୟାବାବା ମଠ ଲେନ,

ଭୁବନେଶ୍ୱର-୨୨

ଭ୍ରାମ୍ୟଭାଷ : ୯୦୯୦୪୫୯୭୪୫

Download Magazine from www.aahwaan.com

ପଣା କେତେ ଆପଣା !

ଡ: ସୁଲଗ୍ନା ମହାନ୍ତି

ପଣା ସଂକ୍ରାନ୍ତିର ଅନୁଚିନ୍ତା [ପଣା : କେତେ ଆପଣା ?]

ଗତବର୍ଷର କଥା । ପଣା ସଂକ୍ରାନ୍ତି । ଛୁଟିଦିନ । ଏକା ସାଙ୍ଗରେ ପଣା ସଂକ୍ରାନ୍ତି ପାଳିବାପାଇଁ ଓଡ଼ିଆ ବାନ୍ଧବୀ ଜଣେ ଆମନ୍ତ୍ରଣ କଲେ । ତାଙ୍କ ଘରେ ବସିଛୁ । ଗପୁଛୁ । ବାନ୍ଧବୀ ବଢିଆ ବେଲପଣା ଆଣିକି ଦେଲେ । ମନଭରି ପିଆ ହେଲା । ଆହା ବେଲ ଆଉ ଗୋଲ ମରିଚର କି ଅପୂର୍ବ ବାସ୍ନା !! ପଣା ସଂକ୍ରାନ୍ତି ପାଳିବା ସାର୍ଥକ ହେଇଗଲା । କିନ୍ତୁ ବାନ୍ଧବୀଙ୍କ କୁନି ପୁଅଟିକୁ ଯେତେ ବାଧ୍ୟ କଲେ ବି ସେ ପଣା ପିଇଲାନି । ଆଜିକାଲିକା ଛୁଆ । ସେ କଣ ମାନିବ ଏଗୁଡା ! ବୋଧହୁଏ ଆମ ପିଢୀ ହିଁ ଶେଷ ପିଢୀ ଯିଏ ନିଜ ସଂସ୍କୃତିକୁ ବଞ୍ଚେଇ ରଖିଛି !

ଓଡିଶା ବାହାରେ ରହି ନିଜ ସଂସ୍କୃତିର କୌଣସି ପର୍ବକୁ ପାଳନ କଲେ ଭାରି ଗର୍ବ ଅନୁଭବ ହୁଏ । ସେଇ ଗର୍ବଟା ଆଉରି ଜୋରରେ ଅନୁଭବ ହୁଏ ଯେତେବେଳେ ସେଇ ପର୍ବ ପାଳନ କଲାବେଳକୁ ଯେଉଁମାନେ ତାକୁ ପାଳନ ନ କରନ୍ତି ତାଙ୍କ ବିରୁଦ୍ଧରେ ଭାଷଣ ଦେଉ । ନିଜକୁ ଭାରି ବଡ ମନ ହୁଏ । ସେମିତି ଆମର ବି ପଣା ସଂକ୍ରାନ୍ତି ଉପରେ ବହୁତ ଚର୍ଚ୍ଚା ଚାଲିଲା । କେବେ ଆରମ୍ଭ ହେଲା, କାହିଁକି ଆରମ୍ଭ ହେଲା, ଓଡ଼ିଆ ନୂଆବର୍ଷର ମହତ୍ତ୍ୱ କଣ ଇତ୍ୟାଦି ଇତ୍ୟାଦି । ତାପରେ ପୁଣି କଥା ହେଲୁ କେମିତି ଓଡ଼ିଆ ଲୋକେ ଧୀରେ ଧୀରେ ନିଜ ସଂସ୍କୃତି ଭୁଲିବାରେ ଲାଗିଛନ୍ତି । ଓଡ଼ିଆ ନୂଆବର୍ଷ ବୋଲି କିଛି ଅଛି ବୋଲି ଭୁଲି ଯାଉଛନ୍ତି । କେମିତି ପାଶ୍ଚାତ୍ୟ ସଭ୍ୟତା ଆମକୁ ପୁରାପୁରି ଅନ୍ଧ କରି ସାରିଲାଣି ଇତ୍ୟାଦି

Download Magazine from www.aahwaan.com

ଇତ୍ୟାଦି ।

ପଣା ପିଇସାରି ବସିକି କଥା ହଉଛୁ ଦେଖିଲୁ ବାନ୍ଧବୀଙ୍କ କୁନି ପୁଅଟି ଗୋଟିଏ ଛୋଟିଆ ବୋତଲରେ ପାଣି ନେଇ ବାହାରକୁ ଯାଉଛି । ପୁଣି ଫେରୁଛି । ପୁଣି ପାଣି ନେଉଛି । ବାନ୍ଧବୀ ରାଗିଗଲେ । ପୁଅ ବାହାରେ ଥିଲା ସେ ମୋ ଆଗରେ ପୁଅକୁ ଗାଳିଦେଲେ ଏମିତି ପାଣି ନଷ୍ଟ କରୁଥିବାରୁ । କହିଲେ ଏମିତିରେ ତ ପାଣିର ଯେଉଁ ଅସୁବିଧା ତା ଉପରେ ଯ୍ୟାର ଏମିତି ପାଣି ନଷ୍ଟ । କେମିତି ଚଳିବ ମଣିଷ । ତାମିଲନାଡୁରେ ପାଣିର ଘୋର ଅଭାବ । ଯେବେ ସହର ଭିତର ଦେଇ ମୁଁ ଯାଏ ସକାଳୁ ଆଉ ସନ୍ଧ୍ୟାରେ ଦେଖେ ବାଲଟି ଆଉ ଗରା ଗୁଡିକର ଧାଡି ମ୍ୟୁନ୍‌ସିପାଲଟି ପାଇପ୍ ସାମ୍ନାରେ । ୮ ନଭେମ୍ବର ପରେ ATM ଆଗରେ ଆଉ Jio Sim ପାଇଁ ଦୋକାନ ଆଗରେ ଯେଉଁ ଧାଡି ତାର ପାଞ୍ଚଗୁଣ ଲମ୍ବା ଧାଡି ପାଣିପାଇଁ ଏଠି । ତେଣୁ ବାନ୍ଧବୀଙ୍କ ଦୁଃଖ ମୁଁ ବୁଝିପାରିଲି ।

ଇତିମଧ୍ୟରେ ତାଙ୍କ କୁନି ପୁଅ ଘର ଭିତରକୁ ଫେରିଲା । ବାନ୍ଧବୀ ପୁଅ ଉପରେ ପାଟି କରିଉଠିଲେ । ପୁଅ କହିଲା, “ମାମା ମୁଁ ପାଣି ନଷ୍ଟ କରୁନି । ଆସ ଦେଖିବ ।” ଆମେ ଦୁଇଜଣ ବାହାରକୁ ଗଲୁ । ଦେଖିଲୁ ଘର ଦାଣ୍ଡରେ କେତେଗୁଡିଏ ନଡ଼ିଆ ଖୋଳରେ ପାଣି ଭର୍ତ୍ତି କରିଛି ଛୁଆଟି । ଛୁଆଟି ପୁଣି କହିଉଠିଲା, “ମାମା, ସ୍କୁଲରେ ମିସ୍ କହିଛନ୍ତି ଗରମରେ ଚଢ଼େଇଗୁଡା ପାଣି ନ ପାଇ ମରିଯାଉଛନ୍ତି । ସେଥିପାଇଁ ତାଙ୍କୁ ଆମେ ପାଣି ଦବାକଥା । ମୁଁ ତାଙ୍କୁ ପାଣି ଦେଉଛି ଏଠି ।” ସତକୁ ସତ ସେତେବେଳକୁ ଛୋଟ ଚଢ଼େଇଟିଏ ଉଡ଼ିଆସି ସେଠି ବସିଲା ଆଉ ନଡ଼ିଆ ଖୋଳରୁ ପାଣି ପିଇଲା । ମୁଁ ଆଉ ମୋ ବାନ୍ଧବୀ ପରସ୍ପରକୁ ଦେଖିଲୁ । ଆଉ କିଛି କହିବାକୁ ବାକି ନଥିଲା ।

ମୁଁ ଘରକୁ ଫେରିଲି । କିନ୍ତୁ ଘଟଣାଟିକୁ ଭୁଲି ପାରିଲିନି । କାହିଁକି କେଜାଣି ଘଟଣାଟି

Download Magazine from www.aahwaan.com

ମୋ ଆଖି ସାମ୍ନାରେ ଖାଲି ନାଚି ଉଠୁଥିଲା । କୁନି ପୁଅ ଆଉ ଚଢ଼େଇଟି । କେଜାଣି କାହିଁକି ଓଡିଶା ବାହାରେ ପଣା ସଂକ୍ରାନ୍ତି ପାଳିବାର ସବୁ ଗର୍ବ କୁଆଡେ ଉଭେଇ ଯାଇଥିଲା । ଭାବୁଥିଲି ପଣା ସଂକ୍ରାନ୍ତିକୁ ନେଇ ଏତେ ଗର୍ବ କରୁଥିବା ମଣିଷ ଆମେ କଣ କେବେ ସତରେ ଭାବିଛନ୍ତି ଯ୍ୟାକୁ ପାଳିବାର ଉଦ୍ଦେଶ୍ୟ ? ? ଆଉରି ବି ଭାବୁଥିଲି ଆଜି ସତରେ କିଏ ପାଳିଲା ପଣା ସଂକ୍ରାନ୍ତି । ବେଲପଣା ପିଇ ହାକୁଟି ମାରୁଥିବା ଆମେ ଉଚ୍ଚଶିକ୍ଷିତ ଯୁବପିଢ଼ି ନା ଚଢ଼େଇକୁ ପାଣି ପିଅଉଥିବା ସେ କୁନି ପୁଅଟି ? ?

ଏପ୍ରିଲ ୧୪ । ବିଷୁବ ସଂକ୍ରାନ୍ତି, ଓଡ଼ିଆ ନୂଆବର୍ଷ, ହନୁମାନଙ୍କ ଜନ୍ମଦିନ । ଆସାମରେ ବିହୁ, ପଶ୍ଚିମବଙ୍ଗରେ ପୋଇଲା ବୈଶାଖ, କେରଳରେ ବିଶୁ, ତାମିଲନାଡୁରେ ପୁତଣ୍ଡୁ । କିନ୍ତୁ କାହିଁକି ଆମ ଓଡିଶାରେ ଏଇଟା ପଣାସଂକ୍ରାନ୍ତି ବି ? କଣ ଦରକାର ପଣା ପିଇବା ? ନା କିଛି ଦରକାର ନାହିଁ ପଣା ପିଇବା ! କିନ୍ତୁ ହଁ ! ବହୁତ ଦରକାର ଅଛି କାହାକୁ ପଣା ପିଏଇବା ! ପଣା କଥା ଆସିଲେ ସେ ମନେପକେଇ ଦିଏ ବୈଶାଖ ମାସର କଥା । ଆଉ ବି ମନେ ପକେଇଦିଏ ବିତିଲା ଦିନର ପଥିକଙ୍କ କଥା, ଆମ ବାଟୋଇ ଭାଇଙ୍କ କଥା । ଉଦୁଉଦିଆ ଖରାଦିନ ଦିପହର । ଚାଲିଛନ୍ତି ସେମାନେ । ଖରାଦିନ । ତଣ୍ଟି ଶୁଖିଯାଉଛି । ସୂର୍ଯ୍ୟ ମୁଣ୍ଡ ଉପରେ । ଅଂଶୁଘାତ ହେଇଯିବ କି ଆଉ ? ଆଉ ସେତେବେଳକୁ ଓଡ଼ିଆ ପୁଅ ବଢ଼େଇ ଦଉଛି ପଣା, ସର୍ବତ, ଥଣ୍ଡାପାଣି ତାଙ୍କ ହାତକୁ । ସ୍ଥାନେ ସ୍ଥାନେ ଜଳଛତ୍ର । ଆଉ ତାଆରି ଭିତ୍ତିଭୂମି ହେଲା ପଣା ସଂକ୍ରାନ୍ତି । ସେଇଟା ହିଁ ହେଲା ଆମ ସଂସ୍କୃତି, ସେଇଟା ହେଲା ଆମ ପରମ୍ପରା ।

କିନ୍ତୁ କେତେ ମନେଅଛି ଆମକୁ ଆମ ପରମ୍ପରା ? ? ଶିବଙ୍କ ଉପରେ ଦୁଇ ଲିଟର କ୍ଷୀର ତ ଆମେ ଢାଳିଦେଲେ ହେଲେ ଦିନ ଦିପହରେ ଆମ ଏସି କି କୁଲର୍ ଠିକ୍ କରିବାକୁ

Download Magazine from www.aahwaan.com

ଆସିଥିବା ଲୋକକୁ ଥଣ୍ଡାପାଣି ଗ୍ଲାସେ ଦେଲେ କି ? ସାଙ୍ଗସାଥୀଙ୍କୁ ଡାକି ଭାଙ୍ଗପଣା ତିଆରି କରି ନାଚକୁଦ ତ କରିଦେଲେ କିନ୍ତୁ ହାଡ଼ଭଙ୍ଗା ଶୀତରାତିରେ ଆପାର୍ଟମେଣ୍ଟ ଜଗୁଥିବା ସିକ୍ୟୁରିଟି ଗାର୍ଡକୁ ଚା କପେ ଯାଚିଲେ କି ଆମେ ? ଘରକୁ ଆସିଥିବା ଦାମୀ କୁଣିଆକୁ କୋଲ୍‌ଦ ଡ୍ରିଂକ୍ସ ତ ଯାଚିଲେ ହେଲେ ଶୋଷିଲା ଚଢେଇ କି ବୁଲା କୁକୁରପାଇଁ ପାଣି ଟିକିଏ ରଖିଲେ କି ଆମେ ନିଜ ଘର ସାମ୍ନାରେ ? ?

ଯଦି ଏହାର ଉତ୍ତର ନା ତାହେଲେ ଆସନ୍ତୁ ବନ୍ଦ କରିଦେବା ଆମ ପଣା ସଂକ୍ରାନ୍ତି । ବନ୍ଦ କରିଦେବା ମିଛ ଲୋକ ଦେଖାଆଣି । ବନ୍ଦ କରିଦେବା ଏଇ ଫାର୍ସ । ଦେବପୂଜା ଚାଲିଛି ଚାଲିଥିବ । ଆମେ ନ କଲେ ଆଉ କିଏ କରିବ । ପୁଣ୍ୟ କମେଇବାକୁ ଲୋକଙ୍କ ଅଭାବ ନାହିଁ । ହେଲେ ଜନପୂଜା ? ସକଳ ଘଟେ ଯେ ନାରାୟଣ ! ! ତାଙ୍କ ପୂଜା କିଏ କରିବ ? କିଏ ବୁଝିବ ମୂକ ଜୀବର ମନକଥା ?

ମୁଁ ଭାବୁଛି ବୋଧେ ସେଇ କୁନି ପିଲା କରିବ । ତା କୁନିକୁନି ସାଙ୍ଗମାନେ କରିବେ । ନିରୀହ ଜୀବଙ୍କ ଦୁଃଖ ବୁଝିବେ । ତାଙ୍କ ଦୁଃଖ ଦୂର କରିବେ । ଆଉ ଆମେ ବଡମାନେ ମିଛ ସଂସ୍କୃତିର ଦ୍ୱାହିଦେଇ ଆଉ ଟିକିଏ ମଜା ମଜଲିସ କରିଦେବା । ପିଲାଙ୍କୁ ଆମ ସଂସ୍କୃତି ଆଉ ଆମ ପରମ୍ପରା ସାଙ୍ଗରେ ପରିଚିତ କରେଇବା ପ୍ରତି ପିତାମାତାଙ୍କ କର୍ତ୍ତବ୍ୟ କିନ୍ତୁ ତାଠୁ ବଡ କର୍ତ୍ତବ୍ୟ ସେଇ ସଂସ୍କୃତି ପଛରେ ନିହିତଥିବା ସତ୍ୟ ସାଙ୍ଗରେ ତାଙ୍କୁ ପରିଚିତ କରେଇବା ।

କିନ୍ତୁ ଦୁଃଖର କଥା ଆଜିର ସେଇ ସ୍ମାର୍ଟ ଫୋନ ଛୁଆ ଆମକୁ ପରିଚିତ କରଉଛନ୍ତି ଆମ ପରମ୍ପରାର ପ୍ରାଚୀନ ସତ୍ୟ ସାଙ୍ଗରେ । ଆଉ ଆମେ ବଡ଼ମାନେ ତାଙ୍କୁ ନିଜ ସଂସ୍କୃତିକୁ ଭୁଲି ଯାଉଥିବାର ଅପବାଦ ଦେଇ ନିଜେ ଠେକା ଭିଡ଼ିଛୁ ସଂସ୍କୃତିକୁ ବଞ୍ଚେଇ ରଖିବାର । ଆଉ ଏଇଟା ଆଉରି ଦୁଃଖର ବିଷୟ ଯେ ଆମର ସେଇ ସଂସ୍କୃତି ଆଉ ପରମ୍ପରା କେବଳ

Download Magazine from www.aahwaan.com

ଫେସବୁକ ଆଉ ହ୍ୱାଟ୍‌ସଆପରେ "Happy Panaa Sankranti" ଲେଖିବାରେ ହିଁ ସୀମିତ ରହିଯାଇଛି । ତେଣୁ ଏଥର ପଣା ସଂକ୍ରାନ୍ତିରେ ନିଜ ଲୋକକୁ ଉପରଠାଉରିଆ ଶୁଭେଚ୍ଛା ବାର୍ତ୍ତା ପଛେ ନ ଯାଉ କିନ୍ତୁ କେଉଁଠି ଗୋଟେ ଶୋଷିଲା ଲୋକର ଶୋଷ ମେଣ୍ଟୁ । ଶୋଷିଲା ପ୍ରାଣୀ ପାଣି ମୁନ୍ଦେ ପାଉ ଆଉ ବଦଳରେ ଢ଼ାଳି ଦେଉ ଦୁଇ ବୁନ୍ଦା ହସ ଆଉ ଗୋଟିଏ ବୁନ୍ଦା ଆଶୀର୍ବାଦ ! !

ସହକାରୀ ଅଧ୍ୟାପକ, ଅମୃତା ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ

ଅମୃତା ବିଶ୍ୱବିଦ୍ୟାଳୟ, କୋଇମ୍ବାଟୁର୍, ତାମିଲ୍‌ନାଡୁ

ଭ୍ରାମ୍ୟଭାଷ : ୦୭୭୪୯୯୯୫୩୬୬

ଇମେଲ୍ : sulagna2008@gmail.com

Download Magazine from www.aahwaan.com

ଦଣ୍ଡନାଚ : ଅନନ୍ୟ ଲୋକ ପରମ୍ପରା

✍ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବସନ୍ତ ଋତୁର ଶେଷ ଓ ଗ୍ରୀଷ୍ମ ଋତୁର ଆଦ୍ୟରେ ଗଞ୍ଜାମର ପୁରପଲ୍ଲୀରେ ଅତ୍ୟଧିକ ମାତ୍ରାରେ ଢୋଲ ଓ ତୁରୀର ଶବ୍ଦ ଗୁଞ୍ଜରିତ ହୋଇଥାଏ ଏବଂ ଏହି ସମୟରେ ସମୁଦାୟ ଜିଲ୍ଲାରେ ଦଳ ଦଳ ହଳଦିଆ ଓ ଲୋହିତ ବସ୍ତ୍ର ଧାରଣ କରି ହାତରେ ବାନା ଓ ଅନ୍ୟାନ୍ୟ ଆନୁସଙ୍ଗିକ ଉପକରଣ ଧରି ଅନେକ ବ୍ୟକ୍ତିଙ୍କ ସ୍ୱଚ୍ଛନ୍ଦ ବିଚରଣ ଦେଖିବାକୁ ମିଳେ । ଭକ୍ତିର ଏକ ବିରଳ ତଥା ଅନନ୍ୟ ପରମ୍ପରା ଦଣ୍ଡନାଚ କେବଳ ଗଞ୍ଜାମ ନୁହେଁ ବରଂ ରାଜ୍ୟର ଅନେକ ଜିଲ୍ଲା ଯଥା ଗଜପତି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧାରେ ମଧ୍ୟ ଦେଖିବାକୁ ମିଳିଥାଏ । ତେରଦିନ, ଷୋହଳ, ଅଠର ଏବଂ ଏକୋଇଶି ଦିନ ପର୍ଯ୍ୟନ୍ତ ନିଷ୍ଠାର ସହିତ ଅନେକ ବାଧାବିଘ୍ନକୁ ସମ୍ମୁଖୀନ ହୋଇ ଭଗବତୀଙ୍କ ଶରଣରେ ନିଜ ଭକ୍ତିର ନିଦର୍ଶନ କରାଇବା ଏହି ଲୋକ ପରମ୍ପରାର ଏକ ଅଦ୍ଭୁତ ଅଂଶ । ଏହି ନାଚରେ ଅଂଶ ଗ୍ରହଣ କଲେ ନିଜର ମନୋସ୍କାମନା ଅବଶ୍ୟ ପୂର୍ଣ୍ଣ ହୋଇଥାଏ ବୋଲି ଧାରଣା ରହିଥିବା ହେତୁ ଆଧୁନିକ ଯୁଗରେ ମଧ୍ୟ ଏହି ପରମ୍ପରା ମଳିନ ହୋଇନାହିଁ । ଏହି ଲୋକପରମ୍ପରା ଯେ କେବଳ ଭକ୍ତିର ଏକ ଅତି କଷ୍ଟଦାୟକ ନିଦର୍ଶନ ତାହା ନୁହେଁ, ବରଂ ଏହା ସହ ଜଡ଼ିତ ଅନେକ ଲୋକନୃତ୍ୟ ଏବଂ ଉପସ୍ଥାପନ ଶୈଳୀ ଗଞ୍ଜାମ ଜିଲ୍ଲାର ସମୃଦ୍ଧ ଲୋକନୃତ୍ୟ ପରମ୍ପରାକୁ ମଧ୍ୟ ପରିଚୟ କରାଇ ଥାଏ ।

ଦଣ୍ଡନାଚରେ କଣ ହୁଏ ?

ଚୈତ୍ରପୂର୍ଣ୍ଣିମା ଠାରୁ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ପର୍ବ ପାଳନ ହୁଏ । ସାଧାରଣତଃ

Download Magazine from www.aahwaan.com

ଏହା ଏକୋଇଶି ଦିନ ବ୍ୟାପୀ ହୋଇଥାଏ କିନ୍ତୁ ଅନେକ ସ୍ଥାନରେ ଏହା ୧୩, ୧୬ କିମ୍ବା ୧୮ ଦିନ ପାଇଁ ମଧ୍ୟ ହୁଏ ।

ଗାଁ ପାଖରେ ଥିବା ଠାକୁରାଣୀ ମନ୍ଦିରରେ କାମନା ଘର ସ୍ଥାପନା କରାଯାଏ । ଏହି ଘରୁ ପୂର୍ଣ୍ଣ କୁମ୍ଭ ବାହାରିଥାଏ, ଯାହାକୁ କାମନା ଘଟ ବୋଲି ମଧ୍ୟ କୁହାଯାଏ । ଦଣ୍ଡନାଚ ସମାପନ ପରେ ଏହି ଘଟର ଜଳକୁ ବିସର୍ଜନ କରାଯାଏ ।

ଦଣ୍ଡନାଚ ଦଳରେ ଅନ୍ୟୂନ ତେରଜଣ ମୁଖ୍ୟ ଭୋକ୍ତା ଏବଂ ଅନ୍ୟ କେତେଜଣ ଉପଭୋକ୍ତା ରହିଥାନ୍ତି । ଦୁଇଜଣ ଭୋକ୍ତା କାମନାଘର ଅଗ୍ନିକୁ ଜଗିଥାନ୍ତି । ଅନ୍ୟ ଭୋକ୍ତା ସେଇ ଅଗ୍ନିକୁ ଚମ୍ପାବରରେ ସଂଯୋଗକରି ଦଣ୍ଡନାଚରେ ବୁଲୁଥିବା ବେଳେ, ଦୁଇଜଣ ଅଗ୍ନିଘଡ଼ିରେ ସଂଯୋଗ କରି ଖେଳରେ ଅଂଶ ଗ୍ରହଣ କରନ୍ତି । ଜଣେ ଭୋକ୍ତା ମାଟି ହାଣ୍ଡିରେ ଝୁଣା ଧରିଥିବା ବେଳେ ଦୁଇଜଣ ଭୋକ୍ତା ଶିବ ପ୍ରତିମା ଓ ଗୌରୀବ୍ରତ ଧାରଣ କରନ୍ତି । ଏମାନଙ୍କ ବ୍ୟତୀତ ଅନ୍ୟମାନେ ବାଦକ, ବୀଣାକାର, ଚଢ଼େୟା ଓ ପ୍ରଭାନାଚ ଆଦି କାର୍ଯ୍ୟ ସମ୍ଭାଳିଥାନ୍ତି ।

ଭକ୍ତମାନେ ମାନସିକ ପୂରଣ ହେବା ଆଶାରେ ଦଣ୍ଡନାଚରେ ଅଂଶ ଗ୍ରହଣ କରିଥାନ୍ତି । ଦୂରାରୋଗ୍ୟ ବ୍ୟଧିରୁ ତ୍ରାହି ପାଇବା, ମନୋସ୍କାମନା ପୂରଣ କରିପାଇବା ଆଶାରେ ଲୋକମାନେ ଦଣ୍ଡ ନାଚରେ ଭାଗ ନିଅନ୍ତି ।

ଦଣ୍ଡନାଚ ଆରମ୍ଭ ହେବା ପୂର୍ବରାତ୍ରୀରେ ସମସ୍ତ ଦଣ୍ଡୁଆ ବା ଭୋକ୍ତା ଗାଁ ଠାକୁରାଣୀ ମନ୍ଦିର ସନ୍ନିକଟସ୍ଥ କାମନା ଗୃହ ନିକଟରେ ଏକତ୍ରିତ ହୁଅନ୍ତି । ସେଠାରୁ ସମସ୍ତଙ୍କୁ ଦଣ୍ଡୁଆ ବୋଲି କୁହାଯାଏ । ସେହି ରାତ୍ରୀରେ ମନ୍ଦିରରେ ହୋମକର୍ମ ଓ ଘୃତଯଜ୍ଞର ଆୟୋଜନ

Download Magazine from www.aahwaan.com

କରାଯାଏ । ଏହାପରେ ଦଣ୍ଡୁଆମାନେ ପାରମ୍ପରିକ ରୀତିରେ ଦଣ୍ଡ ଆଣନ୍ତି । ସମସ୍ତେ ପଇତା ପିନ୍ଧିବା ପରେ ଦୁଇଟି ବାଉଁଶ କାଠିକୁ ଘଷି ଅଗ୍ନିଜାତ କରନ୍ତି, ଏହାକୁ ଶିବାଗ୍ନୀ କୁହାଯାଏ । ଏହି ଅଗ୍ନିକୁ ପାଳର ତିଆରି ଚମ୍ପାବରରେ ରୋପଣ କରାଯାଏ ଏବଂ ଏହା ଦଣ୍ଡନାଚ ସମାପନ ହେବାପର୍ଯ୍ୟନ୍ତ ରଖାଯାଏ । ମା କାଳୀଙ୍କ ଚିତ୍ର, ଶିବଙ୍କ ପ୍ରତୀକ ନାଗମୂର୍ତ୍ତି, ମୟୂରପୁଚ୍ଛ, ପତାକା ଆଦି ପୂଜାପରେ ଦଣ୍ଡନାଚ ଆରମ୍ଭ ହୁଏ । ପ୍ରଥମ ଦିନ କାମନା ମନ୍ଦିର ସମ୍ମୁଖରେ ଦଣ୍ଡ ହୁଏ । ତା'ପରେ ନିମନ୍ତ୍ରଣ ଅନୁସାରେ ବିଭିନ୍ନ ଗ୍ରାମ ବା ସହରକୁ ଯାଇ ଦଣ୍ଡନାଚ କରାଯାଏ ।

ଦଣ୍ଡନାଚ କରାଇବା ପାଇଁ ମାନସିକଧାରୀ ବ୍ୟକ୍ତି ବିଶେଷ ବିଭିନ୍ନ ମନ୍ଦିରରେ ଆଗରୁ ନିମନ୍ତ୍ରଣ ଦେଇଥାନ୍ତି ଏବଂ ଦଣ୍ଡନାଚ ହେବାପୂର୍ବରୁ ଯେତେଦିନ ଦଣ୍ଡନାଚ ହେବ ସେତେଦିନର ସ୍ଥାନ ବିବରଣୀ ପ୍ରକାଶିତ ହୋଇଥାଏ । ପ୍ରତିଦିନ ପ୍ରାତଃ କାଳରେ ଦଣ୍ଡୁଆ ମାନେ ଖାଲି ପାଦରେ ଚାଲି ଚାଲି ଭକ୍ତଙ୍କ ଗାଁକୁ ଯାଇ ତାଙ୍କର ଆତିଥ୍ୟତା ଗ୍ରହଣ କରିଥାନ୍ତି । ଭକ୍ତଙ୍କ ପରିବାରର ମହିଳାମାନେ ଦଣ୍ଡୁଆ ମାନଙ୍କ ପାଦରେ ଅଳତା ଲଗାଇ ମା କାଳୀଙ୍କ ବନ୍ଦାପନା କରନ୍ତି । ଦଣ୍ଡନାଚ ପାଇଁ ସମସ୍ତ ଖର୍ଚ୍ଚ ମାନସିକଧାରୀ ଗୃହକର୍ତ୍ତାଙ୍କୁ ବହନ କରିବାକୁ ପଡ଼ିଥାଏ ।

ଏହାପରେ ଭକ୍ତଙ୍କ ଘର ସମ୍ମୁଖରେ ଥିବା ଖୋଲା ସ୍ଥାନରେ ଦଣ୍ଡୁଆମାନେ ମା କାଳୀ ମନ୍ଦିରରୁ ଅଣାଯାଇଥିବା ପ୍ରତୀକ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଉପକରଣ ସବୁ ସ୍ଥାପନା କରାଇ

Download Magazine from www.aahwaan.com

ପୂଜା ଆରମ୍ଭ କରାଯାଏ । ମୁଖ୍ୟ ବା ପାଟ ଦଣ୍ଡୁଆ ପୂଜାବିଧି ଆରମ୍ଭ କରିବାପରେ ନିର୍ଦ୍ଦେଶ ଦିଅନ୍ତି ଏବଂ ଦଣ୍ଡୁଆ ମାନେ ଟାଣ ଖରାରେ ଧୁଳିଦଣ୍ଡ କରନ୍ତି । ଏହି ସମୟରେ ଉପସ୍ଥିତ ଦର୍ଶକ ମାନଙ୍କୁ ଆମୋଦିତ କରିବାପାଇଁ ଦଣ୍ଡୁଆ ମାନେ ଅନେକ ଲୋକ ପ୍ରଥାକୁ ନୃତ୍ୟ ଏବଂ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପନ କରନ୍ତି । ଏହି ସମୟରେ ଓଡ଼ିଶାର ଚାଷବାସର ପରମ୍ପରାକୁ ନେଇ ଅନେକ ବ୍ୟଙ୍ଗ ପରିବେଷଣ କରାଯାଏ । ଚାଷ କରିବା ବିଧି, ଚଷା ପାଇଁ ବିଲକୁ ଘୋଟଣା ନେଇ ଯିବା, ମନ୍ଦିର ନିର୍ମାଣ କରିବା, ହଳ ଚଳାଇବା, ଲୁଗା ବୁଣିବା, ହଳଦୀ ବାଟିବା, କୂଅ ଖୋଳିବା ଇତ୍ୟାଦି ଦୃଶ୍ୟକୁ ଟାହିଟାପରା ଦ୍ୱାରା ପରିବେଷଣ କରାହୁଏ ଯାହା ଦେଖିବାକୁ ଆମୋଦକର ହୋଇଥାଏ । ଏହାପରେ ସବୁ ଦଣ୍ଡୁଆମାନେ ଦାଣ୍ଡରେ ଧାଡ଼ିରେ ଶୋଇ ରହନ୍ତି ଏବଂ ସେମାନଙ୍କ ଉପରେ କାଠ ଦଣ୍ଡ ପକାଯାଇ ନଡ଼ିଆ ଭଙ୍ଗାଯାଏ ।

ଧୁଳିଦଣ୍ଡ ସମାପନ ହେବାପରେ ଦଣ୍ଡୁଆମାନେ ପାଣି ଦଣ୍ଡ କରିବାପାଇଁ ନିକଟସ୍ଥ ଜଳାଶୟକୁ ଯାତ୍ରା କରନ୍ତି । ସେଠାରେ ଦଣ୍ଡୁଆମାନେ ଛଅ ଆଙ୍ଗୁଳିଲମ୍ବ ଆମ୍ବଡ଼ାଳ

Download Magazine from www.aahwaan.com

ଦାନ୍ତକାଠିରେ ଦାନ୍ତ ସଫା କରି ପାଣିରେ ତେରଥର ବୁଡ଼ ଦିଅନ୍ତି ଏବଂ ଜଳରେ ଅଧା ବୁଡ଼ି ରହି ଦଣ୍ଡ ପ୍ରଦର୍ଶନ କରନ୍ତି । ସେଠାରେ ମା'ଙ୍କର ଆଳତୀ ହୁଏ । ଭକ୍ତମାନେ ଆଣିଥିବା ଭୋଗସାମଗ୍ରୀକୁ ପୂଜା କରାଯାଇ ଲିଆପଣା ସେବନ କରାଯାଏ ଏବଂ ଏହାପରେ ପାଳରେ ନିର୍ମିତ ଦୁଇଟି ବିଶେଷ ଆକାରର ମସାଲରେ ଅଗ୍ନିସଂଯୋଗ କରି ଝୁଣାଦ୍ୱାରା ଅଗ୍ନିଖେଳ କରାଯାଏ ଏବଂ ଦଣ୍ଡ ସମାପନ କରି ଦଣ୍ଡୁଆ ମାନେ ପୂର୍ବ ସ୍ଥାନକୁ ଫେରି ଆସନ୍ତି ।

ସନ୍ଧ୍ୟା ସମୟରେ ମା'ଙ୍କର ଆଳତୀ ହୁଏ । ଏହା ଦେଖିବାପାଇଁ ଆଖପାଖର ଅସଂଖ୍ୟ ଲୋକ ଜମା ହୋଇଥାନ୍ତି । ଏହାପରେ ଦଣ୍ଡୁଆମାନଙ୍କୁ ନବାତ ପଣା ପିଇବାକୁ ଦିଆଯାଏ । ଏବଂ ନବାତ ମିଶ୍ରିତ ଲିଆ ପ୍ରସାଦ ଭାବରେ ସେମାନେ ଗ୍ରହଣ କରନ୍ତି । ସନ୍ଧ୍ୟା ଆଳତୀ ସରିବାପରେ ଦଣ୍ଡୁଆମାନଙ୍କ ରାତ୍ରୀ ଭୋଜନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ । ଦଣ୍ଡୁଆମାନେ ଦିନରେ ମାତ୍ର ଥରୁଟିଏ ଭୋଜନ କରନ୍ତି ଏବଂ ସେଥିରେ ସେମାନେ କେବଳ ଅରୁଆନ୍ନ ଏବଂ ଡାଲମା ଖାଆନ୍ତି । ଅକଟା, ଅବଟା ଓ ଅଫୁଟା ଉପାୟରେ ରୋଷେଇ ହୁଏ । ଅର୍ଥାତ ରୋଷେଇରେ ବ୍ୟବହୃତ ପରିବାକୁ କଟା ଯାଏ ନାହିଁ କିମ୍ବା ମସଲା ଆଦି ବଟା ଯାଏ ନାହିଁ । ବିନା ପିଆଜ ରସୁଣରେ ଶୁଦ୍ଧପୂତ ଭାବରେ ଏହା ରୋଷେଇ ହୁଏ । ଏହାର ସ୍ୱାଦ ଖାଇବା ଲୋକ ହିଁ ଜାଣିପାରେ ।

ବିଳମ୍ବିତ ରାତ୍ରୀରେ ଦଣ୍ଡୁଆମାନେ ଭୋଜନ ଗ୍ରହଣ କରନ୍ତି । ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ହିଁ ସେମାନଙ୍କୁ ଭୋଜନ ଗ୍ରହଣ କରିବାକୁ ହୁଏ । ଏହି ସମୟରେ ଢୋଲ ଓ ତୁରୀ ଆଦିକୁ ବଜା ଯାଇଥାଏ । କାରଣ ଦଣ୍ଡୁଆ ମାନେ ଭୋଜନ କରୁଥିବା ସମୟରେ ଯଦି କୌଣସି ପ୍ରକାର ପଶୁପକ୍ଷୀଙ୍କ ଶବ୍ଦ ଶୁଣାଯାଏ ତା ହେଲେ ଭୋଜନ ସେତିକିରେ ହିଁ ସମାପନ କରିବାକୁ ହୁଏ । ଭୋଜନ କରୁଥିବା ସମୟରେ 'କାଳରୁଦ୍ରମଣୀଙ୍କୁ ଭଜ ହେ' ବୋଲି ଡାକ

Download Magazine from www.aahwaan.com

ଦେଇ ଦେଇ ପ୍ରସାଦ ସେବନ କରନ୍ତି । ଯେଉଁ ଭକ୍ତଙ୍କ ନିମନ୍ତ୍ରଣରେ ଏହି ଦଣ୍ଡନାଚ ଆୟୋଜିତ ହୁଏ ତାଙ୍କର ପରିବାର ଲୋକମାନେ ମଧ୍ୟ ଏହି ପ୍ରସାଦ ସେବନ କରନ୍ତି ।

ଦଣ୍ଡୁଆମାନେ ରାତ୍ରୀ ଭୋଜନ ସାରିବାପରେ ବିଳମ୍ବିତ ରାତ୍ରୀରେ ଭକ୍ତଙ୍କ ଘର ସମ୍ମୁଖରେ ଅଗ୍ନିଦଣ୍ଡ କରାଯାଏ । ମାନସିକଧାରୀ ଭକ୍ତଙ୍କ ଗୃହ ସମ୍ମୁଖରେ ପାଟଦଣ୍ଡୁଆଙ୍କ ନିର୍ଦ୍ଦେଶରେ ଜଣେ ଦଣ୍ଡୁଆଙ୍କୁ କଳା ପୋଷାକ ପିନ୍ଧାଇ ଦିଆଯାଏ । ମୁଣ୍ଡରେ କଳାକନା ବାନ୍ଧି, ରକ୍ତସିନ୍ଦୁର ଚିତା ଲଗାଇ କାଳୀପ୍ରଭା ଧାରଣ କରାଯାଏ । ଏହାପରେ ଭକ୍ତ ଉପରେ କାଳୀ ଠାକୁରାଣୀ ପ୍ରବେଶ କରନ୍ତି ଏବଂ ସେହି ଭକ୍ତଙ୍କ ଉଦ୍ଦଣ୍ଡ ନୃତ୍ୟ ମନରେ ଭୟ ସଂଚାର କରାଏ ତେଣୁ ଏହି ସମୟରେ ଛୋଟ ଛୋଟ ଶିଶୁମାନଙ୍କୁ ରହିବାକୁ ବାରଣ କରାଯାଏ । ଏହା ଅତ୍ୟନ୍ତ ଭୟଙ୍କର ବୋଲି ଅନେକେ ମତ ଦିଅନ୍ତି । ଝୁଣା, ଢୋଲ, ତୁରୀ, ଘଣ୍ଟ ଶବ୍ଦରେ କାଳୀଙ୍କୁ ପ୍ରସନ୍ନ କରାଯାଏ । ଏହା ସମାପ୍ତ ହେବାପରେ ପାଟ ଦଣ୍ଡୁଆ ମଞ୍ଚ ଉପରକୁ ଆସି ଈଶ୍ୱରପାର୍ବତୀଙ୍କ ଗୁଣଗାନ କରିବାପରେ ଶିବପାର୍ବତୀ ଆସନ୍ତି । ଚଢ଼େୟା ପୂଜାରେ ଶିବପାର୍ବତୀ ସନ୍ତୁଷ୍ଟ ହୁଅନ୍ତି । ଚଢ଼େୟାକୁ ପଶୁପକ୍ଷୀ ଶିକାର କରିବାକୁ ଅନୁମତି ଦିଅନ୍ତି । କିନ୍ତୁ ଶୁଆଶାରୀ, କପୋତ, ପାରା ଓ ମୟୂରକୁ ନ ମାରିବାପାଇଁ ନିର୍ଦ୍ଦେଶ ଦିଅନ୍ତି । ଏହା ନ ମାନିଲେ ସର୍ପାଘାତରେ ପ୍ରାଣ ଯିବ ବୋଲି ଜଣାଇ ଦିଅନ୍ତି । କିନ୍ତୁ ଚଢ଼େୟା ଛଢ଼େୟାଣୀର ଅନୁରୋଧରେ କପୋତ ଶୀକାର କରେ ଏବଂ ଅଭିଶାପ ସ୍ୱରୂପ ସର୍ପାଘାତର ଶିକାର ହୁଏ । ଏହାପରେ ଚଢ଼େୟାଣୀ ଶିବଙ୍କୁ ପ୍ରାର୍ଥନା କରେ ଏବଂ ଶିବ ପ୍ରସନ୍ନ ହୋଇ ଚଢ଼େୟାର ଜୀବଦାନ କରନ୍ତି । ଏହାପରେ ନାଟ ଦଣ୍ଡୁଆ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଲୋକ ନୃତ୍ୟ ଏବଂ ଅନେକ ପୌରାଣିକ ନୃତ୍ୟ ପରିବେଷଣ କରାଯାଏ । ପରେ ପରେ ସାମାଜିକ ବିଷୟଧର୍ମୀ କିମ୍ବା ପୌରାଣିକ ବିଷୟଧର୍ମୀ ନାଟକ ମଞ୍ଚସ୍ଥ ହୁଏ । ଏହି ନାଟକ ସମାପ୍ତ ହେଉ

Download Magazine from www.aahwaan.com

ହେଉ ସକାଳ ହୋଇଯାଏ ଏବଂ ପୁଣି ଥରେ ଦଣ୍ଡୁଆ ମାନେ ନିଜର ପରବର୍ତ୍ତୀ ସ୍ଥାନକୁ ଯାତ୍ରା କରିବା ଆରମ୍ଭ କରିଦିଅନ୍ତି ।

ଦଣ୍ଡନାଚରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଦଣ୍ଡୁଆ / ଭକ୍ତ ବା ଭୋକ୍ତା କୁହାଯାଏ ଏବଂ ମୁଖ୍ୟ ଦଣ୍ଡୁଆଙ୍କୁ ପାଟ ଦଣ୍ଡୁଆ କୁହାଯାଏ । ପାରମ୍ପରିକ ଭାବରେ ଦଣ୍ଡୁଆମାନଙ୍କୁ ଋଷିପୁତ୍ର ବୋଲି ସମ୍ବୋଧନ ମଧ୍ୟ କରାଯାଏ । ଏହା ଏହି ଦଣ୍ଡନାଚର ଇତିହାସ ବିଷୟରେ ଜାଣିଲେ ବୁଝିହୁଏ । ଦଣ୍ଡୁଆଙ୍କ ପରିବାରରେ ଦଣ୍ଡନାଚ ଚାଲିଥିବା ପର୍ଯ୍ୟନ୍ତ ନିରାମିଷ ଏବଂ ବିନା ପିଆଜ ରସୁଣରେ ଖାଦ୍ୟ ଖାଇବାକୁ ହୁଏ । ଯଦି ଦଣ୍ଡୁଆ ବିବାହିତ ହୋଇଥାନ୍ତି ତା ହେଲେ ତାଙ୍କ ପତ୍ନୀଙ୍କୁ ମଧ୍ୟ ଦିନରେ କେବଳ ଥରୁଟିଏ ଭୋଜନ କରିବାକୁ ହୁଏ । ଏବଂ ଦଣ୍ଡନାଚ ସମାପନ ନ ହେବା ଯାଏଁ ପରିବାର ଲୋକ ଘର ବାହାରେ ଖାଦ୍ୟ ଗ୍ରହଣ କରନ୍ତି ନାହିଁ ।

ଦଣ୍ଡନାଚ କାହିଁକି କରାଯାଏ ?

ଦଣ୍ଡନାଚର ଉଦ୍ଦେଶ୍ୟ ମହାନ । ଗଞ୍ଜାମ ଜିଲ୍ଲାରେ ଦଣ୍ଡନାଚ ସମ୍ଭବତଃ ବିଗତ ଚାରି ଶତାବ୍ଦୀ ଧରି ପ୍ରଚଳିତ ହୋଇଛି । କିଛି ଐତିହାସିକଙ୍କ ମତରେ ଦଣ୍ଡନାଚ ଗଞ୍ଜାମ ଜିଲ୍ଲା ଘୁମୁସର ଅଞ୍ଚଳ ଅଧୀନସ୍ଥ କୁଲାଡ଼ ଅଞ୍ଚଳରେ ହୋଇଥିଲା । ପରେ ଏହା ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଥିଲା ।

ଏହାର ନାମକରଣକୁ ନେଇ ଅନେକ ପ୍ରକାରର ଧାରଣା ରହିଛି । ପ୍ରଥମତଃ ଏହି ପ୍ରଥାରେ ଭକ୍ତ ନିଜକୁ ନାନା ପ୍ରକାରର ଶାରୀରିକ ଯାତନା ଦେଇ ବା ଦଣ୍ଡ ଦେଇ ମା'ଙ୍କୁ ପ୍ରସନ୍ନ କରିବାର ପ୍ରଚେଷ୍ଟା କରୁଥିବା ହେତୁ ଏହାକୁ ଦଣ୍ଡନାଚ ବୋଲି କୁହାଯାଇପାରେ । ଅନ୍ୟ ଏକ ମତବାଦରେ ଦଣ୍ଡନାଚ ସମୟରେ ଗୃହ ସମ୍ମୁଖରେ ଶିବ ଓ କାଳୀଙ୍କ ପ୍ରତୀକ

Download Magazine from www.aahwaan.com

ସ୍ୱରୂପ ଦୁଇଟି ଦଣ୍ଡ ପୋତା ଯାଉଥିବାରୁ ଏହାକୁ ଦଣ୍ଡନାଚ ବୋଲି ମଧ୍ୟ କୁହାଯାଉଥିବ ।

ଏହି ପ୍ରଥାଦ୍ୱାରା ସମାଜରେ ତଥା ଗ୍ରାମବାସୀଙ୍କ ମନରେ ଥିବା ଅନ୍ଧବିଶ୍ୱାସ, କୁବିଶ୍ୱାସ ଆଦିକୁ ଦୂର କରିବା, ଜାତି ପ୍ରଥାକୁ ଦୂର କରିବା, ସମସ୍ତଙ୍କ ମଧ୍ୟରେ ଭାତୃତ୍ୱ ଓ ସ୍ନେହ ବୃଦ୍ଧି କରିବା, ଭକ୍ତି ଓ ବିଶ୍ୱାସଦ୍ୱାରା ସାମାଜିକ ଶୃଙ୍ଖଳା ବଜାୟ ରଖିବା ଏବଂ ସର୍ବୋପରି ସମାଜମଙ୍ଗଳ ପାଇଁ କାର୍ଯ୍ୟ କରିବା ଭଳି ଅନେକ ଲକ୍ଷ୍ୟ ରହିଥାଏ । ଦଣ୍ଡନାଚରେ ଅଂଶଗ୍ରହଣ କରୁଥିବା ଭକ୍ତଙ୍କ ମଧ୍ୟରେ ଜାତିଆଣ ମନୋଭାବ ଦେଖାଯାଏ ନାହିଁ, ସମସ୍ତେ ଏକାକାର ହୋଇ ଭକ୍ତିର ସହ ନିଜ କର୍ତ୍ତବ୍ୟ ପାଳକ କରନ୍ତି । ସାତ୍ତ୍ୱିକ ଭୋଜନ, ସଂଯମତା ରକ୍ଷା ତଥା ଶୃଙ୍ଖଳାଜ୍ଞାନ ଦୃଷ୍ଟିରୁ ଏହା ଏକ ଅନନ୍ୟ ତଥା ମହାନ ପରମ୍ପରା ବୋଲି କୁହାଯାଇପାରେ ।

ବର୍ଷାଋତୁର ଆଗମନ ପୂର୍ବରୁ ଚାଷୀମାନେ ନିଜକୁ ପ୍ରସ୍ତୁତ କରିବା ହେତୁ ଏହି ଦଣ୍ଡନାଚର ପରିକଳ୍ପନା କରିଥାଇ ପାରନ୍ତି ବୋଲି ଅନେକେ ମତ ଦିଅନ୍ତି । ବର୍ଷାଦିନ ଆସିବା ପୂର୍ବରୁ ନିଜ ଶରୀରକୁ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଖାପଖୁଆଇ, ଶକ୍ତିବୃଦ୍ଧି କରିବା ଉଦ୍ଦେଶ୍ୟରେ ମଧ୍ୟ ଏହା ହୋଇଥାଇପାରେ ।

ପୁରାଣରେ ଦଣ୍ଡନାଚର ମହାତ୍ମ୍ୟ

ସତ୍ୟଯୁଗରେ ବ୍ରହ୍ମାଙ୍କର ପାଞ୍ଚପୁତ୍ର ମରିଚୀ, ପୁଲହ୍, ପୁଲସ୍ତ୍ୟ, କ୍ରତୁ ଓ ଅଙ୍ଗିରା, ଇନ୍ଦ୍ରଙ୍କ ପାଞ୍ଚପୁତ୍ର ଜୟନ୍ତ, ପାକଶାସ୍ତ୍ରୀ, ସୁବସ୍ତ୍ର, ସୂରସେନ, ଗାନ୍ଧର୍ବସେନ ଓ କୁବେରଙ୍କ ତିନିପୁତ୍ର ନଳ, ମଣିଭଦ୍ର ଓ କୁବେର ନିଜ ନିଜ ଶିକ୍ଷା ସମାପନ କରି ଘରକୁ ଫେରୁଥିବା ବାଟରେ ଋଷିପୁତ୍ର କ୍ରତୁ ପିତୃଲୋକକୁ ଜଳଦାନ କରୁଥିବା ଦେଖି ଅଟ୍ଟହାସ୍ୟ କରିଥିଲେ । ଏଥିରେ କ୍ରୋଧିତ ହୋଇ ଋଷି ସେମାନଙ୍କୁ କୁଷ୍ଠ ରୋଗ ହେବାପାଇଁ ଅଭିଶାପ ଦେଇଥିଲେ । ଅଭିଶପ୍ତ

Download Magazine from www.aahwaan.com

ପୁତ୍ରମାନେ ନିଜ ଘରେ ଏହି ବିଷୟରେ ଜଣାଇବା ପରେ ବ୍ରହ୍ମା, ଇନ୍ଦ୍ର ଓ କୁବେର ମହାମୂନୀଙ୍କ ଆଶ୍ରମରେ ପହଞ୍ଚି ଅଭିଶାପ ଫେରାଇ ନେବାପାଇଁ ନିବେଦନ କରିଥିଲେ । ଅଭିଶାପ ଫେରାଇ ନେଇ ହେବନାହିଁ ଏବଂ ଏହାର ବିହିତ ପ୍ରତିକାର କେବଳ ମହାଦେବ ଶିବ ହିଁ କରିପାରିବେ ବୋଲି ସେ ସୂଚନା ଦେଇଥିଲେ । ତା'ପରେ ତେରଜଣ କୁମର ଶିବଙ୍କ ଶରଣାଗତ ହୋଇଥିଲେ । ଶିବ ସମସ୍ତ କଥା ଶୁଣିବା ପରେ କହିଥିଲେ ଯେ ଯଦି ତେରଜଣ କୁମର ତେରଦିନ ପର୍ଯ୍ୟନ୍ତ ମା ରୁଦ୍ରକାଳୀଙ୍କୁ ପୂଜାକରି ଦଣ୍ଡବ୍ରତ ପାଳନ କରିବେ ତା ହେଲେ ସେମାନେ ଅଭିଶାପମୁକ୍ତ ହୋଇପାରିବେ । ଏହା ଶୁଣି କୁମରମାନେ ନିଷ୍ଠାର ସହ ଦଣ୍ଡବ୍ରତ ପାଳନ କରିଥିଲେ ଏବଂ ନିଜର ଅଭିଶାପରୁ ମୁକ୍ତି ପାଇଥିଲେ ।

ଅନ୍ୟ ଏକ ପ୍ରବାଦ ଅନୁଯାୟୀ ତ୍ରେତୟା ଯୁଗରେ ତରଣୀ ନାମକ ଜଣେ ଋଷିଙ୍କ ଚଉଦଜଣ ଉଦ୍ଧତ ପୁଅ ନିରୀହ ଲୋକଙ୍କୁ ଅକଥନୀୟ ଅତ୍ୟାଚାର ଦେଉଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଅଭକ୍ଷ ଭକ୍ଷଣ କରି ପ୍ରାଣ ହରାଇବା ଦେଖି ବ୍ରହ୍ମା ସମସ୍ତ ଋଷିପୁତ୍ରଙ୍କୁ ଉଇହୁଙ୍କାରେ ପରିଣତ ହେବାର ଅଭିଶାପ ଦେଇଥିଲେ । ଏହି ଅଭିଶାପରୁ ମୁକ୍ତି ପାଇବା ପାଇଁ ଋଷିପୁତ୍ରମାନେ ବିଭିନ୍ନ ଦଣ୍ଡ ପାଳନ କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିଥିଲେ ।

ହୁଏତ ଏଇଥିପାଇଁ ଦଣ୍ଡନାଚ ପରିବେଷଣ ସମୟରେ ଦଣ୍ଡୁଆ ମାନଙ୍କୁ କହନ୍ତି, "ହେ ଋଷିପୁତ୍ରେ ! ଅଇଲେ ହର, ଦେଇଗଲେ ବର, ଅନ୍ୟସେବା ଛାଡ଼ି ଏହି ସେବାକର । ଏ ସେବାକଲେ କି ଫଳ ପାଏ, ଉଷୁନାଧାନ ଗଜା ହୁଏ, ଶୁଖିଲା କାଠ କଞ୍ଚା ହୁଏ, ଭଜାମୁଗ ଗଜା ହୁଏ, ଜ୍ୱର ରୋଗ ଭଲ ହୁଏ ଇତ୍ୟାଦି ।" ଏହି ଦଣ୍ଡନାଚ ସମୟରେ ସମସ୍ତ ଦଣ୍ଡୁଆ ଋଷିପୁତ୍ର ମାନଙ୍କ ଭଳି ବୈରାଗ୍ୟ ଜୀବନଯାପନ କରିବା ଅନିବାର୍ଯ୍ୟ ହୋଇଥାଏ ।

ଅତୀତରେ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରସାର ଘଟିଥିଲା କିନ୍ତୁ ଓଡ଼ିଶାରେ ସୋମବଂଶୀୟ

Download Magazine from www.aahwaan.com

ଶାସନ କାଳରେ ବୌଦ୍ଧଧର୍ମକୁ ଅଧିକ ପ୍ରୋତ୍ସାହନ ମିଳିଲା ନାହିଁ ଏବଂ ଶୈବଶାକ୍ତ ଧାର୍ମିକ ପରମ୍ପରାର ପ୍ରଚଳନ ହୋଇଥିଲା । ସମ୍ଭବତଃ ଏହି ଦଣ୍ଡନାଚ ମଧ୍ୟ ସେହି ପରମ୍ପରାର ଅଂଶ ହୋଇଥାଇପାରେ ବୋଲି ଲେଖକଙ୍କ ମତ ।

ଆଜିକାଲି ଦଣ୍ଡନାଚରେ ରାତ୍ରୀରେ ପରିବେଷଣ ହେଉଥିବା ନାଟକକୁ ଅପେରାରେ ପରିବର୍ତ୍ତନ କରାଯାଇଛି । ସମୟୋପଯୋଗୀ ପଦକ୍ଷେପ ସ୍ୱରୂପ ଅତ୍ୟାଧୁନିକ ଆଲୋକ ଓ ଶବ୍ଦର ବ୍ୟବହାର କରାଯାଉଛି । କିନ୍ତୁ କିଛି କିଛି ସ୍ଥାନରେ ଏଥିରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଯାଉଛି ବୋଲି ଅଭିଯୋଗ ହେଉଛି । ଦଣ୍ଡନାଚରେ କେବଳ ରାତ୍ରୀକାଳୀନ ନାଚ ପାଇଁ ଅଲଗା ଦଳ ରହୁଛନ୍ତି । ବହୁମୂଲ୍ୟ ବିନିମୟରେ ଅତ୍ୟାଧୁନିକ ବ୍ୟବସ୍ଥାରେ ଦଣ୍ଡନାଚ କରାଯାଉଛି ।

ସମାଜରେ ଭାତୃତ୍ୱ ଓ ବନ୍ଧୁତ୍ୱ ଭାବର ବିସ୍ତାର ପାଇଁ ଏହି ପରମ୍ପରା ଅତ୍ୟନ୍ତ ଯୁଗୋପଯୋଗୀ । ଯେତେଦିନ ଯାଏଁ ମନୁଷ୍ୟ ମନରୁ ମୃତ୍ୟୁର ଭୟ ଯାଇନାହିଁ, ସେତେଦିନ ଯାଏଁ ବିଭିନ୍ନ ଉପାୟରେ ଲୋକମାନେ ଭଗବତବାଦକୁ ପ୍ରୋତ୍ସାହିତ କରିବେ । ଏବଂ ସେତେଦିନ ଯାଏଁ ଗଞ୍ଜାମର ଏହି ଅନନ୍ୟ ପରମ୍ପରା ବଞ୍ଚି ରହିବ ।

ବୀମା ନଗର, ବ୍ରହ୍ମପୁର

୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫

Download Magazine from www.aahwaan.com

ଦଣ୍ଡଯାତ୍ରା

ସନ୍ତୋଷ ପଟ୍ଟନାୟକ

ଦଣ୍ଡନାଚ ଓଡ଼ିଶାର ଏକ ପ୍ରାଚୀନ ଓ ପାରମ୍ପରିକ ନାଚ । ଏହା ଗଞ୍ଜାମ ଜିଲ୍ଲାର ଏକ ଲୋକ ପର୍ବ । ଏହା ଗ୍ରାମାଞ୍ଚଳରେ ଏହା କାମନା ଦଣ୍ଡ ବା ଦଣ୍ଡଯାତ୍ରା ନାମରେ ପରିଚିତ । ଏହି ନୃତ୍ୟଧର୍ମୀୟ ଧାରଣା ଏବଂ ଈଶ୍ୱର ବିଶ୍ୱାସ ଉପରେ ପ୍ରତିଷ୍ଠିତ । ନାଟକର ସୃଷ୍ଟି କେବେ ଓ କିଭଳି ହେଲା ତାହା ରହସ୍ୟମୟ । ତେବେ ଆଧୁନିକ ନାଟକ ସୃଷ୍ଟିର ବହୁ ପୂର୍ବରୁ ଲୋକନାଟକ ଗୁଡିକ ସୃଷ୍ଟିହୋଇଥିବା ବିଷୟକୁ ଅସ୍ୱୀକାର କରାଯାଇ ନପାରେ । କାରଣ ବେଦ, ଭରତମୁନିଙ୍କ ନାଟ୍ୟଶାସ୍ତ୍ର, ବୌଦ୍ଧ ନିକାୟ, ପାଣିନି, କୃଶାଶ୍ୱ ଓ ବିଭିନ୍ନ ପୌରାଣିକ ଗ୍ରନ୍ଥରୁ ଲୋକନାଟକ ସମ୍ପର୍କରେ ସଂକେତ ମିଳିଥାଏ । ଲୋକନାଟକ ଗୁଡିକର ବର୍ହିଲକ୍ଷ୍ୟ ଓ ଅନ୍ତର୍ଲକ୍ଷ୍ୟ ହେଉଛି ଶିକ୍ଷା ପ୍ରଦାନ । ଜନଜୀବନର କାହାଣୀକୁ ବା ଲୋକବୃତ୍ତକୁ ବିଶ୍ୱସ୍ତ ଭାବେ ଉପସ୍ଥାପିତ କରିବା ଲୋକନାଟକର ଅନ୍ୟ ଏକ ଲକ୍ଷ୍ୟ । ନାଟକ ହେଉଛି ଦୃଶ୍ୟକାବ୍ୟ ଓ କାବ୍ୟ ମାନଙ୍କ ମଧ୍ୟରେ ଶ୍ରେଷ୍ଠ । ନାଟକର ସ୍ରଷ୍ଟା ନାଟ୍ୟ ଶିଳ୍ପିର ମାୟାଜାଲ ବିସ୍ତାର କରି ଦର୍ଶକର ଚିତ୍ତ ବିନୋଦନ ସହିତ ସତ୍ୟ, ଶିବ ଓ ମଙ୍ଗଳର ଜୟଗାନ ପାଇଁ ଆହ୍ୱାନ ଦେଇଥାନ୍ତି । ଲୋକ ନାଟକର ସୃଷ୍ଟି ଉତ୍ସ ସମ୍ପର୍କରେ କେତେଗୁଡିଏ ତଥ୍ୟ ହେଲା । ସେଗୁଡିକ ହେଲା: ୧-ପ୍ରକୃତି ପ୍ରଭାବ, ୨-ଧର୍ମ ଚିନ୍ତନ, ୩-କୃଷି ସଭ୍ୟତା, ୪-ସାମରିକ ପରମ୍ପରା, ୫- କାରୁକଳା, ୬-ଆଦିବାସୀ ଓ ଓଡ଼ିଶୀ ନୃତ୍ୟ । ବୈଦିକ ଯୁଗରେ ଲୋକ ନାଟକର ଉଦ୍ଭବ ହୋଇଥିଲେ ମଧ୍ୟ ଏବେ ଏ ଗୁଡିକ ଲୋକ ସମାଜରେ ମୁମୂର୍ଷ ଅବସ୍ଥାରେ କେବଳ ବଞ୍ଚି ରହିଛନ୍ତି । ଏ ଗୁଡିକର ପୁନରୋଦ୍ଧାର ପାଇଁ ଏବେ ଅବଶ୍ୟ ସମଗ୍ର ବିଶ୍ୱ

Download Magazine from www.aahwaan.com

ଚଳଚଞ୍ଚଳ ହୋଇପଡ଼ିଛି । ସମଗ୍ର ବିଶ୍ୱରେ ବିଭିନ୍ନ ପ୍ରକାର ଲୋକନାଟକ ପ୍ରଚଳିତ । ଚୀନ୍, ଆମେରିକା, ଲୋହିତ ଭାରତୀୟ, ଆଫ୍ରିକାର ଆଦିବାସୀ, ୟୁରୋପର ଅନୁନ୍ନତ ଅଞ୍ଚଳ ତଥା ଭାରତର ବିଭିନ୍ନ ପ୍ରଦେଶରେ ଭଳି ଭଳି ଲୋକନାଟ୍ୟର ପ୍ରଚଳନ ଦେଖିବାକୁ ମିଳେ । ସେହିଭଳି ଓଡ଼ିଶାରେ ମଧ୍ୟ ବିଭିନ୍ନ ଲୋକନାଟକ ମଧ୍ୟରୁ ଦଣ୍ଡନାଟ ଏକ ପ୍ରଭାବଶାଳୀ ଶାଖା ।

ରୋଗ ନିବାରଣ, ପାରିବାରିକ କଷ୍ଟ ଦୂରୀକରଣ, କୃଷିର ଉନ୍ନତି ବା ମନୋକାମନା ପୂର୍ତ୍ତିର ଫଳ ସ୍ୱରୂପ ଶରୀରକୁ କଷ୍ଟ ଦେଇ ୧୩, ୧୮ ବା ୨୧ ଦିନ ପର୍ଯ୍ୟନ୍ତ ମା' ଦଣ୍ଡକାଳୀ ଓ ରୁଦ୍ର ମହାଦେବଙ୍କୁ ଧ୍ୟାନ କରି ଚୈତ୍ରମାସ ପୂର୍ଣ୍ଣିମା ପରଠାରୁ ଭକ୍ତମାନେ ରହିଥାନ୍ତି । ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ଦଣ୍ଡଦଳ ମାନସିକଧାରୀ ଭକ୍ତମାନଙ୍କ ଗୃହ ସମ୍ମୁଖରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଘୁମୁସର ଅଞ୍ଚଳର କୁଲାଗଡ଼ରୁ ଆରମ୍ଭ ହୋଇଥିବା ଦଣ୍ଡନାଟ ପରବର୍ତ୍ତି ସମୟରେ ଗଞ୍ଜାମର ଅନ୍ୟାନ୍ୟ ଅଞ୍ଚଳ ବିଶେଷକରି ଶକ୍ତିପୀଠ ଗୁଡ଼ିକୁ ବ୍ୟାପିଥିବାର ଜଣାପଡ଼େ । "ହେ ଋଷିପୁତ୍ରେ ! ଅଇଲେ ହର, ଦେଇଗଲେ ବର । ଅନ୍ୟ ସେବା ଛାଡ଼ି ଏ ସେବା କର । ଏ ସେବା କଲେ କି ଫଳ ପାଏ । ଉଷୁନାଧାନ ଗଜା ହୁଏ । ଶୁଖିଲା କାଠ କଞ୍ଚା ହୁଏ । ଭଜାମୁଗ ଗଜା ହୁଏ । ଅପୁତ୍ରିକ ପୁତ୍ରଦାନ ପାଏ । ଅନ୍ଧ ଚକ୍ଷୁଦାନ ପାଏ । ଜରାରୋଗ ଭଲ ହୁଏ ।" ବୋଲି ବାଣୀକାର ଗାଇ ଦଣ୍ଡନାଟ ଆରମ୍ଭ କରିଥାଏ । ପାରମ୍ପରିକ ବିଧି ଅନୁସାରେ ୨୧ ଦିନ ପର୍ଯ୍ୟନ୍ତ ଆମିଷ, ମଦ୍ୟ, ନାରୀସଂସର୍ଗ ପରିହାରର ସଂକଳ୍ପ କରି ୧୩ ଜଣ ଦଣ୍ଡୁଆ ବା ଭୋକ୍ତା ଗେରୁଆ ବସ୍ତ୍ର ପିନ୍ଧି କାମନା ମନ୍ଦିର ପୀଠରେ ଯାତ୍ରା ଆରମ୍ଭ ଦିନର ମଧ୍ୟରାତ୍ରରେ ଏକାଠି ହୁଅନ୍ତି । କାମନା ଘଟ ସ୍ଥାପିତ ହୁଏ ଓ ତା ପରେ ଦୁଇଟି ବେତକୁ ଶିବ ଓ ଗୌରୀଙ୍କ ପ୍ରତୀକରୂପେ ସ୍ଥାପନ କରାଯାଏ । ଦଳର ମୁଖ୍ୟ ପାଟ ଦଣ୍ଡୁଆ ଓ ଅନ୍ୟ

Download Magazine from www.aahwaan.com

ଦଣ୍ଡୁଆମାନେ ଉପବୀତ ଧାରଣ ପୂର୍ବକ ବାଉଁଶକାଠକୁ ଘର୍ଷଣ କରି ଶିବାଗ୍ନି ବାହାର କରନ୍ତି ଓ ଏଥିରେ ନଡ଼ାରେ ତିଆରି ଚମ୍ପାବରକୁ ପ୍ରଜ୍ୱଳିତ କରାଯାଏ ଯାହା ୧୩ ଦିନ ପର୍ଯ୍ୟନ୍ତ ଜଳି ରୁହେ । କାଳୀଙ୍କ ଚିତ୍ରପଟ, ମହାଦେବଙ୍କ ପ୍ରତୀକ ନାଗ ମୂର୍ତ୍ତି, ମୟୁରପୁଚ୍ଛ, ପତାକା ପୂଜାପରେ ଦଣ୍ଡନାଟ ଆରମ୍ଭ ହୁଏ । ଢୋଲ, ମହୁରୀ, ସାହାନାଇ, ଘଣ୍ଟ, ଶଙ୍ଖ, କାହାଳୀ, ଝାଞ୍ଜ, ଘୁଙ୍ଗୁର, ଘାଗୁଡ଼ି, ଦାସକାଠି, ରାମତାଳି, ଘୁଡୁକୀ, ଖଞ୍ଜଣୀ ପ୍ରଭୃତି ପାରମ୍ପାରିକ ବାଦ୍ୟର ତାଳେ ତାଳେ ଦଣ୍ଡନାଟ ପ୍ରଥମେ କାମନା ମନ୍ଦିର ପରିସରରେ ଆରମ୍ଭ ହୋଇ ପରେ ମାନସିକଧାରୀ ଭକ୍ତମାନଙ୍କ ଗୃହ ସମ୍ମୁଖରେ ଅନୁଷ୍ଠିତ ହୋଇଥାଏ । ଧୂଳିଦଣ୍ଡ, ପାଣିଦଣ୍ଡ ଏବଂ ସୁଆଙ୍ଗ ଏହି ତିନି କ୍ରମରେ ଦଣ୍ଡନାଟ ପ୍ରଦର୍ଶିତ ହୁଏ ।

Download Magazine from www.aahwaan.com

ଘଣ୍ଟ ପାଟୁଆ : ଏକ ନିଆରା ପରମ୍ପରା

ପ୍ରତିଭା ପ୍ରିୟଦର୍ଶିନୀ

ଓଡିଶା ବା ପୁରୁଷୋତ୍ତମ କ୍ଷେତ୍ର ବହୁକାଳ ଧରି ଶକ୍ତି ଆରାଧନା ଓ ତନ୍ତ୍ର ସାଧନାର ଏକ ଉତ୍କୃଷ୍ଟ ପୀଠ ଭାବରେ ପ୍ରସିଦ୍ଧି ଲାଭ କରିଥିଲା । ଯାହାର ପ୍ରମାଣ ସ୍ୱରୂପ ଆଜି ମଧ୍ୟ ଓଡିଶାର ପ୍ରତ୍ୟେକ ଗ୍ରାମରେ ଗ୍ରାମଦେବତୀ ଓ ସହର ମାନଙ୍କରେ ଅଧିଷ୍ଠାତ୍ରୀ 'ଦେବୀ' ପୂଜା ପାଉଛନ୍ତି । ଉତ୍କଳୀୟ ଆଧ୍ୟାତ୍ମରେ ଶକ୍ତି ଉପାସନା ଖୁବ ପୁରାତନ ଓ ପ୍ରଚଳିତ ପରମ୍ପରା । ଓଡିଶାର କୋଣ ଅନୁକୋଣରେ ଅନେକ ସିଦ୍ଧ ଦେବୀପୀଠ ମାନ ରହିଛି, ଯାହାର ମାହାତ୍ମ୍ୟକୁ ଓଡିଆ ମାନେ ବିଶେଷ ଆସ୍ଥା ଓ ଶ୍ରଦ୍ଧାର କେନ୍ଦ୍ର ଭାବରେ ମାନ୍ୟ କରନ୍ତି । ସେଗୁଡିକ ମଧ୍ୟରେ ବାଣପୁରର ମା ଭଗବତୀ, ଝଙ୍କଡର ମା ଶାରଳା, କାକଟପୁର ର ମା ମଙ୍ଗଳା, ବାଙ୍କୀର ମା ଚର୍ଚ୍ଚିକା, ଯାଜପୁର ର ମା ବିରଜା, କୋଣାର୍କର ମା ରାମଚଣ୍ଡୀ, ତାଳଚେର ର ମା ହିଙ୍ଗୁଳା, ସମ୍ବଲପୁର ର ମା ସମଲେଶ୍ୱରୀ, ଭୁବନେଶ୍ୱରର ମା ଗୌରୀ, କଟକ ଅଧିଷ୍ଠାତ୍ରୀ ମା ଚଣ୍ଡୀ ଓ ଶ୍ରୀକ୍ଷେତ୍ର ପୀଠାଧିଶ୍ୱରୀ ମା ବିମାଳଙ୍କ କ୍ଷେତ୍ର ପ୍ରମୂଖ । ଏତଦ୍ଭିନ୍ନ ମାଣିକେଶ୍ୱରୀ, କିଚକେଶ୍ୱରୀ, ଘଟଗାଁ ତାରିଣୀ, ବ୍ରହ୍ମପୁରର ମା ବୁଢୀ ଠାକୁରାଣୀ, ଭଟ୍ଟାରିକା, ତାରାତାରିଣୀ, ଭୈରବୀ, ମା ମାଝିଘରିଆଣୀ ଇତ୍ୟାଦି ଅନେକ ପ୍ରସିଦ୍ଧ ଶକ୍ତି ଉପାସନା ପୀଠ ଓଡିଶାର କୋଣ ଅନୁକୋଣରେ ରହିଛି । ଏହି ସମସ୍ତ ପୀଠ ଓ ଗାଁ ଗାଁ ରେ ଥିବା ଗ୍ରାମଦେବତୀ ଙ୍କ ପାଖରେ ଧର୍ମବିଶ୍ୱାସୀ

Download Magazine from www.aahwaan.com

ଓଡିଆ ମାନେ ବର୍ଷ ତମାମ ନିଜ ସୁଖଦୁଃଖ ଲାଗି ଆଶୀର୍ବାଦ ନେବା ଓ ଧନ୍ୟବାଦ ଦେବା ପାଇଁ ପହଞ୍ଚିଥାନ୍ତି । ତେବେ ବର୍ଷରେ କିଛିଦିନ ପାଇଁ ପରମ କଲ୍ୟାଣମୟୀ, ସନ୍ତାନବତ୍ସଳା ମା ନିଜେ ଘଟ ପ୍ରତିମା ରୂପରେ ବିଜେ ହୁଅନ୍ତି ଓ ଘର କୁ ଘର, ଗ୍ରାମ-ନଗର ବୁଲି ସନ୍ତାନର ଭଲମନ୍ଦ ବୁଝନ୍ତି । ମାତୃକୃପାର ଏମିତି ଏକ ନିଆରା ପରମ୍ପରା ହେଉଛନ୍ତି ଘଣ୍ଟ ପାଟୁଆ ପରିକ୍ରମା ।

ଚୈତ୍ର ମାସର ପ୍ରବେଶ ସହିତ ଫଗୁଣ ଧିରେ ଧିରେ ଧରାପୃଷ୍ଠରୁ ମେଲାଣି ନେବାକୁ ପ୍ରସ୍ତୁତ ହୁଏ । ଖରା କ୍ରମଶଃ ଟାଣ ହେଉଥାଏ । ଏତିକିବେଳେ ଉପକୂଳ ଓଡିଶାର ପୁରପଲ୍ଲୀରେ ତାତିଲା ମଧ୍ୟାହ୍ନ ଓ କ୍ଳାନ୍ତ ଅପରାହ୍ନରେ ହଠାତ୍ ଗୁଞ୍ଜରି ଉଠେ ଘଣ୍ଟ ଓ ଢୋଲର ଏକ ଲୟବଦ୍ଧ ଯୁଗଳବନ୍ଦୀ । ସେ ସମ୍ମୋହନୀ ନାଦ ରେ ଶ୍ରଦ୍ଧାଳୁ ମନ ସହଜେ ଉଚ୍ଚାଟ ହୁଏ ଘର ଭିତରୁ ବାହାରି ଆସିବାକୁ । ମୁଣ୍ଡରେ ମା' ଙ୍କ ସୁସଜ୍ଜିତ ଘଟ ମୁଣ୍ଡାଇ କୃଷ୍ଣ ବସ୍ତ୍ର ପରିହିତ ପାଟୁଆ ଘଣ୍ଟ ଓ ଢୋଲ ବଜାଇ ବୁଲୁଥାନ୍ତି ଗାଁ ରୁ ଗାଁ, ଘର କୁ ଘର ।

ମୂଖ୍ୟତଃ ମା ଚର୍ଚ୍ଚିକା, ମଙ୍ଗଳା, ଶାରଳା, ହିଙ୍ଗୁଳା, ଚଣ୍ଡୀ ଓ ଭଗବତୀ ଙ୍କ ଘଟ ଭ୍ରମଣ ପାଇଁ ଆସନ୍ତି । ଚୈତ୍ର ମାସରେ ମା ଙ୍କ ନିର୍ଦ୍ଦିଷ୍ଟ ଘଟ (ଯାହାକି ଶତାଧିକ ବର୍ଷ ଧରି ପ୍ରଚଳିତ) କୁ ନିକଟସ୍ଥ ନଦୀକୁ ନେଇ ବିଧିପୂର୍ବକ ଯଥାରୀତି ପ୍ରାଣପ୍ରତିଷ୍ଠା କରାଯାଏ । ଏହି ପ୍ରାଣ ପ୍ରତିଷ୍ଠିତ ପିତଳ ଘଟ ଟିକୁ ପ୍ରାୟ ଦୁଇ ଫୁଟ ଉଚ୍ଚ ଏକ କାଠଦଣ୍ଡ (ଯାହାର ତଳ ଓ ଉପର ଅଂଶକୁ ଏପରି ଭାବରେ ନିର୍ମାଣ କରାଯାଇଥାଏ ଯେମିତି ତଳ ଭାଗକୁ ମୁଣ୍ଡରେ ଥୋଇହେବ ଏବଂ ଉପର ଭାଗରେ ଘଟକୁ

Download Magazine from www.aahwaan.com

ଭଲଭାବରେ ସନ୍ତୁଳିତ କରି ରଖିହେବ) ଉପରେ ଚିକିଟା ମାଟି ସାହାଯ୍ୟରେ ଥାପି ଦିଆଯାଏ । ଯଦ୍ୱାରା ଘଟଟି ସେହି ଦଣ୍ଡ ଉପରେ ଦୃଢ ଏବଂ ସ୍ଥିର ହୋଇ ରହିବ । ପରେ ଘଟକୁ ସୁନ୍ଦର ଭାବରେ ସଜାଯାଏ । କଦଳୀ ପଟୁଆ ରେ ଗୁନ୍ଥା ହୋଇଥିବା ମନ୍ଦାର ମାଳ, ଖଡିକାରେ ଗୁନ୍ଥା ହୋଇଥିବା ବିଭିନ୍ନ ରଙ୍ଗର କନିଅର ଫୁଲ ଓ ଚମ୍ପା କଢି, ହଳଦୀ, ସିନ୍ଦୁର,କଉଡି ଓ ରଙ୍ଗ ବେରଙ୍ଗ କେରି କେରି ସୂତାରେ ଚମତ୍କାର ଦେଖାଯାଏ ଦେବୀ ମା' ଙ୍କ ଘଟ । ଘଟର ତିନୋଟି ମୁହଁଥାଏ । ସମସ୍ତ ମୁହଁକୁ ସୁନ୍ଦର ଭାବେ ସଜେଇ ଦେବା ପରେ ଘଣ୍ଟ ଓ ଢୋଲର ତାଳେ ତାଳେ ଭକ୍ତ ମାନଙ୍କ ଜୟଘୋଷ ମଧ୍ୟରେ ଘଟ ପୀଠାଧିଶ୍ୱରୀ ମା ଙ୍କ ମନ୍ଦିର ରୁ ଆଙ୍କାମାଳ ନେଇ ନଗରାଟନ ପାଇଁ ବାହାରେ ।

ଘଟ ଧରି ଦୁଇ ବା ଚାରିଜଣ ପାଟୁଆ ଯାଆନ୍ତି । ପାଟୁଆ ମାନେ ବ୍ରାହ୍ମଣ ଭିନ୍ନ ଅନ୍ୟ ଜାତିର ହୋଇଥାନ୍ତି । ଏମିତି ବି ଓଡିଶାର ଅଧିକାଂଶ ଦେବୀପୀଠରେ ପୂଜକ ବ୍ରାହ୍ମଣ ନହୋଇ ଅନ୍ୟ ଜାତିର ହୋଇଥାନ୍ତି । କେତେକ ସ୍ଥାନରେ ଶୁଦ୍ର ମାନେ ଦେବୀଙ୍କ ନୀତି କାନ୍ତି କରିଥାନ୍ତି । ଏଥିରୁ ସହଜେ ବୁଝିହୁଏ ଯେ ଉତ୍କଳୀୟ ଜନଜୀବନ ଓ ସାମାଜିକ ସଂରଚନାରେ ଜାତିପ୍ରଥା ସେଭଳି ଉତ୍କଟ ଓ ଅମାନବୀୟ ରହିନାହିଁ । ପାଟୁଆ ମାନଙ୍କ ବେଶଭୂଷା ମଧ୍ୟ ସ୍ୱତନ୍ତ୍ର । ସେମାନେ ପୁରୁଷ ହେଲେ ବି ନାରୀ ମାନଙ୍କ ଭଳି ବେଶ ପରିପାଟୀ ଧାରଣ କରନ୍ତି । ଅଣ୍ଟାରୁ ପାଦ ଯାଏଁ ଲମ୍ବିଥାଏ କଳା ରଙ୍ଗର ଖୁବ୍ ଘେରଥିବା ଘାଗରା (skirt) ଟିଏ ଏବଂ ଉପରକୁ କଳା ରଙ୍ଗର ଜାମା । ଉଭୟରେ ନାଲି, ହଳଦିଆ ରଙ୍ଗର ଧାରି କିମ୍ବା ସ୍ଥଳ ବିଶେଷରେ ଚୁମୁକି କିମ୍ବା ଅନ୍ୟ ଚିକିମିକି

Download Magazine from www.aahwaan.com

ଜରି ରେ କିଛି କାମ ହୋଇଥାଏ । ମଥାକୁ ଢାଙ୍କି ବନ୍ଧା ହୋଇଥାଏ ଆଉ ଖଣ୍ଡେ ବଡ କଳା କପଡା ଯାହାର ଦୁଇ କାନି ପାଟୁଆଙ୍କ ହାତ ବଳା କିମ୍ବା ଆଙ୍ଗୁଳିରେ ବନ୍ଧା ହୋଇଥାଏ । ତେବେ ସମଗ୍ର ଯାତ୍ରାକାଳ ଖାଲିପାଦରେ ବିତାଇଥାନ୍ତି ଏମାନେ, ଏଥିରୁ ଅନୁଭବ କରିହୁଏ ସେମାନଙ୍କ ନିଷ୍ଠା ।

ପାଟୁଆ ମାନେ କେବଳ ପାଦରେ ଚାଲି ଚାଲି ଘଟ ମୁଣ୍ଡାଇ ବୁଲନ୍ତି । ଉଦୁଉଦିଆ ଦ୍ୱିପ୍ରହରେ ଘଣ୍ଟ ବଜାଇ ଲୋକମାନଙ୍କୁ ମା ଆଗମନୀର ସୂଚନା ଦିଅନ୍ତି । ସାହିର ମଝାମଝି ମାଟି ଦାଣ୍ଡକୁ ଲିପିଦେଇ ମା ଲାଗି ଆସ୍ଥାନ ପ୍ରସ୍ତୁତ କରିଦିଅନ୍ତି ଓଡିଆ ଗୃହିଣୀ । ସେଇଠି ମଥାରୁ ଓହ୍ଲାଇ ଧରିତ୍ରୀ ବୁକୁରେ ଦଣ୍ଡାୟମାନ ହୁଏ ଘଟ । ଅହରହ ବାଜୁଥାଏ ଘଣ୍ଟ ଆଉ ଢୋଲ । ନିଜ ସାଧ୍ୟ ମୁତାବକ ଭୋଗ ଧରି ଉପସ୍ଥିତ ହୁଅନ୍ତି ଗ୍ରାମବାସୀ । ତତ୍ ପରେ ପାଟୁଆ ଆରମ୍ଭ କରନ୍ତି ପାରମ୍ପାରିକ ଘଣ୍ଟ ପାଟୁଆ ନୃତ୍ୟ । ମା ର ଘଟକୁ ମୁଣ୍ଡରେ ସନ୍ତୁଳିତ ଭାବରେ ଧରି ଧ୍ୱନିର ତାଳେ ତାଳେ ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀ ପ୍ରଦର୍ଶନ କରନ୍ତି । ଅନେକ ଦୁଃସାହସିକ କୌଶଳ କରି ଦେଖାନ୍ତି । କେତେବେଳେ ରଣପା ପିନ୍ଧି ଚାଲନ୍ତି ତ କେବେପୁଣି ଦୁଇ ଖୁଣ୍ଟରେ ବନ୍ଧା ଦଉଡି ଉପରେ ବିନା କୌଣସି ସାହାରା ରେ ଚାଲନ୍ତି । ଏସବୁ ଆଧୁନିକ ବୁଦ୍ଧିକୁ ଆକ୍ରୋବାଟିକ ଭଳି ଲାଗୁଥିଲେ ମଧ୍ୟ ଏହା ପ୍ରକୃତ ପକ୍ଷେ ଯୋଗ । ଖୁବ ସାଧନା କରି ପାଟୁଆ ମାନେ ଏସବୁ ଯୋଗିକ କ୍ରିୟାରେ ପାରଙ୍ଗମ ହୋଇ ପାରିଛନ୍ତି । ତେବେ ସର୍ବୋପରି ଥାଏ ଜଗତଜନନୀ ମା ଙ୍କ ପ୍ରତି ଗଭୀର ଆସ୍ଥା, ଅଖଣ୍ଡ ବିଶ୍ୱାସ ଓ ସମ୍ପୂର୍ଣ୍ଣ ସମର୍ପଣ ର ଭାବ । ଏକ ଉଲ୍ଲେଖନୀୟ ବ୍ୟତିକ୍ରମ ହେଉଛି, ଏହି ନୃତ୍ୟ ପାଇଁ କୌଣସି ପ୍ରକାର ଗୀତ, ଭଜନ, ଜଣାଣ ଇତ୍ୟାଦି ଗାନ କରାଯାଏ ନାହିଁ । ସମସ୍ତ କ୍ରିୟା କେବଳ ଢୋଲର ଥାପ ଏବଂ ଘଣ୍ଟର ଧ୍ୱନି ତାଳେ ତାଳେ ହୁଏ । ନୃତ୍ୟ ସରିବା ପରେ ସମସ୍ତ ଭୋଗକୁ ଏକତ୍ର ମିଶାଇ ପଣା

Download Magazine from www.aahwaan.com

ପ୍ରସ୍ତୁତ କରି ମା ଙ୍କୁ ଅର୍ପଣ କରାଯାଏ । ସେହି ପଣାକୁ ପ୍ରସାଦ ଭାବେ, ମା ଙ୍କ ସିନ୍ଦୁର ସହିତ ସମବେତ ଜନତାଙ୍କୁ ବାଣ୍ଟି ଦିଆଯଏ । ଶେଷରେ ନିଜ କ୍ଷମତା ଓ ଶ୍ରଦ୍ଧା ଅନୁସାରେ ଚାଉଳ, ଡାଲି, ପନିପରିବା କିମ୍ବା ଟଙ୍କା, ଦକ୍ଷିଣା ଆକାରରେ ଦେଇ ଘଟକୁ ମେଲାଣି ଦିଆଯାଏ । ଏହି ଘଟ ପରିକ୍ରମା ପଣା ସଙ୍କ୍ରାନ୍ତି ବା ମହାବିଷୁବ ସଙ୍କ୍ରାନ୍ତି ଯାଏଁ ଚାଲେ ।

କ୍ରମଶଃ ଏହି ପରମ୍ପରାର ପରିଧି ସଂକୁଚିତ ହେବାରେ ଲାଗିଛି । ପାଟୁଆ ହେବାପାଇଁ ନିଷ୍ଠା ଓ ଆଗ୍ରହର ଅଭାବ ସହିତ ଜନତାଙ୍କ ଉଦାସୀନତା ଏହାର ମୂଖ୍ୟ କାରଣ । ସହରର ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରୁ ନିର୍ଘାତ ଖରାବେଳେ ମା ର ଘଟ ଅବା ଘଟ ମୁଣ୍ଡାଉ ଥିବା ପାଟୁଆଙ୍କ ଅଭ୍ୟର୍ଥନା ପାଇଁ ଆଗ୍ରହ କମିଯାଇଛି । ମା ଲାଗି ଆସ୍ଥାନ ସଜାଡି ପାଟୁଆଙ୍କ ଅସାମାନ୍ୟ କଳା ଦକ୍ଷତା ଦେଖିବା ବଦଳରେ ତାଙ୍କ ହାତରେ ପଲିଥିନରେ ଭରି କିଛି ଫଳମୂଳ, ଧୂପ, ଆଉ କିଛି ଟଙ୍କା ବଢାଇଦେବାକୁ ସହଜ ମଣୁଛି ଆଜିର ଓଡିଆ । ଫଳତଃ ଯୋଗ,ଆଧ୍ୟାତ୍ମ, କଳା ଓ ସଂସ୍କୃତି ତଥା ଲୟବଦ୍ଧ ସଙ୍ଗୀତର ସମାଗମ କରୁଥିବା ଏହି ନିଆରା ପରମ୍ପରା କିଛି ବର୍ଷ ଭିତରେ ବିଲୁପ୍ତ ହୋଇଯିବା ଅସମ୍ଭବ ବା ଅତ୍ୟୁକ୍ତି ହେବ ନାହି ।

ମା'ଙ୍କ ଅପାର କରୁଣାରୁ ଓଡିଆ ମାନଙ୍କ ମନରେ ପୁଣିଥରେ ଆଧ୍ୟାତ୍ମର ଉଦ୍ବେଳନ ହେଉ । ଆମ ଧର୍ମ, ସଂସ୍କୃତି ଓ ପରମ୍ପରା ପ୍ରତି ଆମ ରୁଚି ହିଁ ଉତ୍ତରପିଢି ପାଇଁ ଏସବୁକୁ ସଂରକ୍ଷିତ କରି ରଖିପାରିବା । ଏଭଳି ବୁଦ୍ଧି ଅଭିରୁଚି ଆମ ମାନଙ୍କ ଭିତରେ ବୃଦ୍ଧିପାଉ । ସଭିଏଁ ମାତୃକୃପା ପ୍ରାପ୍ତ ହୁଅନ୍ତୁ ।

ଲିଙ୍କ୍ ରୋଡ଼, କଟକ

Download Magazine from www.aahwaan.com

ସାମାଜିକ ସମାନତାର ପର୍ବ ଦଣ୍ଡନାଚ

ସନତ ପଣ୍ଡା

ଭାରତୀୟ ସଂସ୍କୃତି ଏକ ବିବିଧତାରେ ପରିପୂର୍ଣ୍ଣ ସଂସ୍କୃତି ବୋଲି ସାରା ବିଶ୍ୱ ବିଦିତ । ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ବିସ୍ତୃତ ଭାରତ ଭୂଖଣ୍ଡ କେବଳ ଭୌଗଳିକ ବିବିଧତା ପ୍ରକାଶ କରେନି ବରଂ ସାମାଜିକ, ଆର୍ଥିକ, ସାଂସ୍କୃତିକ ସର୍ବୋପରି ବ୍ୟବହାର ଓ ଚାଲିଚଳନ ମଧ୍ୟ ପରସ୍ପର ଠାରୁ ଅନେକ ଭିନ୍ନ ହେବାର ଦେଖାଯାଏ । ଏତେ ବିବିଧତା ସତ୍ତ୍ୱେ ଏ ଦେଶର ଆତ୍ମା ଏକ, ଚିନ୍ତନ ଏକ ଆଉ ମାନବିକ ମୂଲ୍ୟବୋଧ ବି ଏକ । ସେଥିପାଇଁ ଏଇ ମାଟିରୁ ଉଦ୍‌ଘୋଷ ହୋଇଛି ବସୁଧୈବ କୁଟୁମ୍ବକମ୍ । କେବଳ ଗୋଟିଏ ଅଞ୍ଚଳର ନୁହେଁ, ଭୌଗଳିକ ପରିବେଷ୍ଟନି ନୁହେଁ ବରଂ ବ୍ରହ୍ମାଣ୍ଡର ସମସ୍ତ ଜୀବଙ୍କୁ ଏକ କୁଟୁମ୍ବ ମନେକରି ସମସ୍ତଙ୍କ ସୁଖ, ସମୃଦ୍ଧି, ନିରାମୟ କାମନା କରି କୁହାଯାଇଛି ସର୍ବେ ଭବନ୍ତୁ ସୁଖୀନ୍ଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଷ୍ୟନ୍ତୁ ମା କଶ୍ଚିତ ଦୁଃଖ ଭାଗଭବେତ ।

ଭାରତୀୟ ପରମ୍ପରା ଏହି ମହାନ ଉଦ୍‌ଘୋଷ ପ୍ରତ୍ୟେକ ଲୋକଙ୍କୁ ନିଜ ନିଜ ଭାଷା, ସାହିତ୍ୟ, ସଂସ୍କୃତି ମାଧ୍ୟମରେ ଶିଖାଇବା (ପ୍ରତିପାଦିତ କରିବା)ର ଯଥେଷ୍ଟ ପ୍ରଚେଷ୍ଟା କରାଯାଇଛି । ଏଣୁ ସମସ୍ତ ଭାରତୀୟ ସାହିତ୍ୟ କଳା, ସଂସ୍କୃତିର ନିଦର୍ଶନ ଏକ । ଏହି କ୍ରମରେ ଆମ କଳିଙ୍ଗ ଭୂମିର ସାହିତ୍ୟ ସଂସ୍କୃତି କଥା ବିଚାର କରାଯାଉ । କଳିଙ୍ଗ, ଉତ୍କଳ ବା ଓଡ଼ିଶା ବୋଲାଉଥିବା ଏହି ପ୍ରଦେଶ, କାହିଁ କେଉଁ ଅନାଦି କାଳରୁ ନିଜର ଉପସ୍ଥିତି ଜାହିର କରିଆସିଛି । ଅତୀତ ଓ ମଧ୍ୟ ଇତିହାସ ଏହାର ଗାରିମାମୟ ରହିଥିଲେ ହେଁ ଆଧୁନିକ ଇତିହାସ ବେଶ ସୁଖଦ ନୁହେଁ । ପଞ୍ଚଦଶ ଶତାବ୍ଦୀରେ ଓଡ଼ିଶା ତାହାର

Download Magazine from www.aahwaan.com

ସାର୍ବଭୌମତ୍ୱ ହରାଇ ବଙ୍ଗ ନବାବଙ୍କ ଅଧୀନ ହେଲା । ଓଡ଼ିଶାର ଗଜପତି ମୁକୁନ୍ଦଦେବ ବଙ୍ଗ ନବାବଙ୍କ ସନ୍ଧିପୂର୍ବକ ଓଡ଼ିଶାର କେନ୍ଦ୍ର ଉତ୍ତରାଞ୍ଚଳ ଅଞ୍ଚଳର କର ସଂଗ୍ରହ ଭାର ମୁସଲ୍‌ମାନଙ୍କୁ ଓ ପଶ୍ଚିମାଞ୍ଚଳର କର ସଂଗ୍ରହ ଭାର ମରହଟ୍ଟା ମାନଙ୍କୁ ପ୍ରଦାନ କରିଥିଲେ ।

ଜନଶ୍ରୁତି କହେ ଓଡ଼ିଆ ପୁଅ କଳାଚାନ୍ଦର ସାହାସିକତା ପ୍ରତି ବଙ୍ଗ ନବାବଙ୍କ କନ୍ୟା ଆକର୍ଷିତ ହୋଇ ତାକୁ ବିବାହ କରିବା ପରେ ତାକୁ ମୁସଲ୍‌ମାନ୍ ହେବାକୁ ବାଧ୍ୟ କରିଥିଲା । କିଛିଦିନ ପରେ ସେ ନିଜ ଭୁଲ୍ ବୁଝିପାରି ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ ନିମନ୍ତେ ଆଗ୍ରହ ପ୍ରକାଶ କରନ୍ତେ ତତ୍କାଳୀନ ଧର୍ମପଣ୍ଡା ମାନେ ତାକୁ ହିନ୍ଦୁଧର୍ମରେ ପୁନ୍ଃ ସାମିଲ୍ କରିବାର ବିରୋଧ କଲେ । ଫଳରେ ପ୍ରତିଶୋଧ ପରାୟଣ କଳାଚାନ୍ଦ ପାଲଟିଲା କଳାପାହାଡ଼ । ମୁସଲ୍‌ମାନ୍ ଧର୍ମର ଧ୍ୱଜାବାହକ ତଥା ବଙ୍ଗ ସୁଲ୍‌ତାନ୍‌ଙ୍କ ସେନାପତି ଭାବରେ ଓଡ଼ିଶା ଆକ୍ରମଣ କରି ଅନେକ ମନ୍ଦିରକୁ ଧ୍ୱସ୍ତ ବିଧ୍ୱସ୍ତ କଲା । ହିନ୍ଦୁ ସମାଜକୁ ଅପମାନିତ କରିବାକୁ ଯାଇ ଓଡ଼ିଆର ଠାକୁର ଶ୍ରୀ ଜଗନ୍ନାଥଙ୍କୁ ଗୋରୁ ଚର୍ମରେ ବାନ୍ଧି ଘୋଷାଡ଼ି ଘେଷାଡ଼ି ନେବାର ମାର୍ମିକ କାହାଣୀ ପ୍ରତ୍ୟେକଙ୍କ ଲୋମ ଶିହରଣ କରେ । ଏଭଳି ଏକ ଦୁର୍ଦ୍ଦିନରେ ଭୀତତ୍ରସ୍ତ ଓଡ଼ିଆ ମନରେ ପୁଣିଥରେ ସାହସ ଭରିଦେବାକୁ ଦଣ୍ଡନୃତ୍ୟର ସର୍ଜନା ହେବାକଥା ମଧ୍ୟ ସମାଜଶାସ୍ତ୍ରୀମାନେ ଆଲୋଚନା କରନ୍ତି । ସ୍ୱୟଂ ଶିବ ଓ ଶିବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିନ୍ଦୁ ସମାଜ ମଧ୍ୟରେ ସାମାଜିକ ସାମ୍ୟତା ତଥା ଐକ୍ୟଭାବ ଭରିଦେବା ପାଇଁ ଦଣ୍ଡ କାମନା ମଧ୍ୟରେ ଋଷିପୁତ୍ର ଉପାଖ୍ୟାନ ଏକ ବିରଳ ଉପାଖ୍ୟାନ ।

ତତ୍କାଳୀନ ସମାଜର ସଂରଚନାକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ହିନ୍ଦୁ ସମାଜ ନିଜର ଜାତିଗତ ବୃତ୍ତିକୁ ନେଇ ବହୁଦା ବିଭକ୍ତ ହେବା ଫଳରେ ନିଜର ଐକ୍ୟଭାବ ହରାଇ ବସିଥିଲା । ବ୍ରାହ୍ମଣମାନେ ନିଜକୁ ସର୍ବେସର୍ବା ମନେ କରି ଅନ୍ୟକର୍ମରେ ନିୟୋଜିତ ସମାଜକୁ

Download Magazine from www.aahwaan.com

ନିଜର ସର୍ବସ୍ୱ ମନେକଲେ । ଫଳରେ ପ୍ରତ୍ୟେକଙ୍କ ବୃତ୍ତିଗତ ଭାବନାରେ ସେବା ଭାବ ନ ରହି ବିଦ୍ୱେଷ ବଢ଼ିବାର ଦେଖାଗଲା । ଏହି ବିଦ୍ୱେଷ ହିଁ ପରବର୍ତ୍ତି କାଳରେ ମତାନ୍ତର ଓ ମନାନ୍ତରରେ ପରିବର୍ତ୍ତିତ ହୋଇ ସାମାଜିକ ବ୍ୟବସ୍ଥାକୁ ଦୁର୍ବଳରୁ ଦୁର୍ବଳତର କରିଦେଇଥିଲା । ଏଣୁ ତତ୍କାଳୀନ ସମାଜଶାସ୍ତ୍ରୀ ଗଣ ଦଣ୍ଡ ବିନ୍ୟାସକୁ ସ୍ୱୟଂ ସ୍ୱୟଂଭୂଙ୍କ ସେବା ଦର୍ଶାଇ ଜାତି, ବର୍ଣ୍ଣ, ଗୋତ୍ର ନିର୍ବିଶେଷରେ ସମସ୍ତଙ୍କ ଏକମନ୍ତ୍ର(ଋଷିପୁତ୍ର)ରେ ଦୀକ୍ଷିତ କରାଇ ଏହାକୁ ଏକ ସାମାଜିକ ସ୍ୱୀକୃତି ପ୍ରଦାନ୍ କରିବାରେ ସମର୍ଥ ହୋଇଥିଲେ ।

ଦଣ୍ଡନାଟ ଯଦିଓ ସାରା ଓଡ଼ିଶାରେ ପ୍ରଚଳିତ ତଥାପି ଏହା ଦକ୍ଷିଣ ଓଡ଼ିଶାରେ ବେଶ୍ ପ୍ରଚଳିତ । ନୟାଗଡ଼, ପୁରୀ, ଗଜପତି, ବୌଦ୍ଧ, କନ୍ଧମାଳ ତଥା କୋରାପୁଟ ଅଞ୍ଚଳରେ ଦେଖାଯାଇଥାଏ । ଆଞ୍ଚଳିକ ସ୍ତରରେ ନୀତି ନିୟମ ପରିପାଟୀରେ ଏମାନଙ୍କ ମଧ୍ୟରେ କିଛି ପାର୍ଥକ୍ୟ ଦେଖା ଯାଉଥିଲେ ମଧ୍ୟ କଳାପାହାଡ଼ ରୂପକ ଭୟର ଦ୍ୱାହିରେ ସର୍ବଶକ୍ତିମାନଙ୍କ ଆହ୍ୱାନ ପୂର୍ବକ ସାହସ ପ୍ରଦାନ କରିବା, ସମାଜ ତଥା ସାମାଜିକ କାର୍ଯ୍ୟ ନିମନ୍ତେ ସମର୍ପିତ ହେବା, ଅନ୍ୟର ବୃତ୍ତିକୁ ସମ୍ମାନ ଦେବା ଭଳି ଚିନ୍ତନ ସମସ୍ତଙ୍କ ପ୍ରାୟ ସମାନ କହିଲେ ଚଳେ ।

ଦଣ୍ଡ ମଧ୍ୟରେ ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ, ଶ୍ରମଦଣ୍ଡ ତଥା ସେବାଭଳି ଅନେକ କାର୍ଯ୍ୟ କରିବାକୁ ପଡ଼ିଥାଏ ଜଣେ ବ୍ରତଧାରୀଙ୍କୁ । ଦଣ୍ଡ ମନାସି ଦଳରେ ଯୋଗଦେବା ମାତ୍ରେ ଜଣେ ମାନବ ଯେକୌଣସି ସ୍ତରରେ ହେଉ ନା କାହିଁକି ତାକୁ ତା'ର ବେଶ, ପୋଷାକ, ଜୀବନ ପରିପାଟୀ ତଥା ଚାଲିଚଳଣି ଓ ଜୀବନଶୈଳୀକୁ ଅନ୍ୟମାନଙ୍କୁ ସହ ଏକାକାର କରିବାକୁ ହୁଏ । ପୀତ-ଲୋହିତ ପୋଷାକ ତ୍ୟାଗ ଭାବକୁ ଦର୍ଶାଉଥିବା ବେଳେ ଗେରୁଆ ଯୋଡ଼ା ତାର ସାହାସକୁ ପରିବର୍ଦ୍ଧିତ କରେ । ପ୍ରଥମ ସଂସ୍କାରରେ ସମସ୍ତେ ପଇତା ପିନ୍ଧି ଦୀକ୍ଷା ଗ୍ରହଣ କରନ୍ତି । ଏହାପରେ ଯୋଡ଼ା ପିନ୍ଧି ଏକାକୀ ଭାବେ ନିଜ ପରିଚୟ ତ୍ୟାଗ କରି କେବଳ

Download Magazine from www.aahwaan.com

ଋଷିପୁତ୍ର ବୋଲାନ୍ତି । ନିଜେ ନିଜର ପଦ ପଦବୀ, ଗୁଣ ଗାରିମା ତଥା ଆତ୍ମଭିମାନ ତ୍ୟାଗପୂର୍ବକ ଧର୍ମଧ୍ୱଜା ଧରି ଗାଁ ଗାଁ ବୁଲି ଲୋକଙ୍କ ମନରେ ସାହାସ ଭରିବା ସହ କଳାପାହାଡ଼ର ଆତଙ୍କକୁ ସ୍ମରଣ କରାଇଥାନ୍ତି ଯେ "ଇତି ଧର୍ମ ରକ୍ଷତି ରକ୍ଷକଃ" । ଏଣୁ ସମସ୍ତେ ନିଜ ନିଜର ଧର୍ମରକ୍ଷା କରିବା ଉଚିତ୍ । ଏହିକ୍ରମରେ ଦଳର ଗାଁ ଗାଁ ପରିଭ୍ରମଣକୁ ଜନଶକ୍ତିରେ ରୂପାନ୍ତରିତ କରିବା ପାଇଁ ପ୍ରତି ଯୋଜକଙ୍କ ଘରଦାଣ୍ଡରେ ଦଣ୍ଡ କାମନା ପ୍ରସ୍ତୁତ କରି ଲୋକଙ୍କୁ ସଚେତନତା କରାଇଥାନ୍ତି । ପ୍ରଦର୍ଶନରେ ମିଳୁଥିବା କଷ୍ଟ ଆତ୍ମସ୍ୱାଭିମାନ ତଥା ସମାଜ ରକ୍ଷା ପାଇଁ ଢ଼େର ଶ୍ରେଷ୍ଠ ପ୍ରତିପାଦିତ କରିଥାନ୍ତି ଦଣ୍ଡୁଆଗଣ ।

ସାମାଜିକ ବିନ୍ୟାସ ଦୃଷ୍ଟିକୋଣରୁ ଦଣ୍ଡପର୍ବରେ କୃଷିକୁ ପ୍ରାଧାନ୍ୟ ଦିଆଯାଇଛି । ଦଣ୍ଡ ସମୟରେ କୃଷି କର୍ମାଣି ଓ କୃଷକର ଜୀବନ୍ ଶୈଳୀକୁ ନିଛକ ଗାଁ ଦାଣ୍ଡ ଭାଷାରେ (କଥିତ) ଉପସ୍ଥାପନ କରିଥାନ୍ତି ଦଣ୍ଡୁଆଗଣ । ଜଣେ କୃଷକର ପାରିବାରିକ ଜୀବନ ସହ ସାମାଜିକ ସଚେତନତାର ଅଭାବ ଫଳରେ ସେ ବହୁପତ୍ନିକ ହେବା, ଅଧିକ ସନ୍ତାନସନ୍ତତିର ଜନକ ବୋଲାଇବା ଅଧିକ ପରିଶ୍ରମ କଲେ ସୁଦ୍ଧା ତା'ର ଗୁଜୁରାଣ ନ ମେଣ୍ଟିବା ଭଳି ଅନେକ ଚିତ୍ରକୁ ଧୂଳିଦଣ୍ଡ ସମୟରେ ମଜା ଢଙ୍ଗରେ ପ୍ରଦର୍ଶିତ କରାଯାଇଥାଏ । ଏସବୁ ସତ୍ତ୍ୱେ ସେ (କୃଷକ) କିପରି ଭଗବତ ବିଶ୍ୱାସୀ ସାଜି ନିଜ ମା', ମାଟିର ସମ୍ମାନ ପାଇଁ ପରିଶ୍ରମ କରେ ତାହା ପ୍ରଦର୍ଶିତ କରାଯାଉଥିବା ବେଳେ ରାତ୍ର ସମୟର ପରିବେଷଣରେ ଦଣ୍ଡ କାମନା ଏକ ବିଶେଷ ଆଲେଖ୍ୟ । ସାମାଜିକ ସମରସତାରେ ଏହା ଭରପୂର । ମଣିଷ ଓ ପ୍ରକୃତି ପରସ୍ପର ଯେ ପରିପୂରକ ଏକଥାକୁ ବିଭିନ୍ନ ଚରିତ୍ର ମାଧ୍ୟମରେ ଦର୍ଶାଯାଇଥାଏ । ଚଢେୟାର ଚଢେଇ ଧରାକୁ ଶିବାଙ୍କା (ପ୍ରକୃତି)ର ବିରୋଧ ଦର୍ଶାଇ ଜୀବିକାର୍ଜନ ନିମନ୍ତେ ଶ୍ରମ କରିବା ପାଇଁ ଉପଦେଶ ଦେଇଥାନ୍ତି । କିନ୍ତୁ ଚଢେୟା ନିଜ ଆତ୍ମଭିମାନ ପୂର୍ବକ ପ୍ରକୃତିର ବିରୁଦ୍ଧରେ ନିଜ

Download Magazine from www.aahwaan.com

ଜୀବିକାକୁ ଚାଲୁରଖେ । ସମାଜରେ ରହୁଥିବା ଅନ୍ୟାନ୍ୟ ପେଶାଦାରଙ୍କ ସହଚର୍ଯ୍ୟ, ସହଯୋଗ ଓ ପରାମର୍ଶକୁ ନାଟକୀୟ ଢଙ୍ଗରେ ପ୍ରଦର୍ଶନ କରାଯାଇ ସାମାଜିକ ସମରସତାର ନିଦର୍ଶନ ପ୍ରତିପାଦିତ କରାଯାଏ । ପ୍ରତ୍ୟେକ ବ୍ୟକ୍ତି (ପେଶାଦାର) ନିଜ ନିଜ ବୃତ୍ତିରେ କୁଟୁମ୍ବ ପୋଷିବା ବେଳେ ପ୍ରକୃତି ପ୍ରତି କିପରି ଉତ୍ତରଦାୟୀ ରହିବାକୁ ହେବ ଏହାହିଁ ଈଶ୍ୱରଙ୍କ ସେବା ଓ ଜୀବ ଦୟା ବୋଲି କାମନା କହି ରଖେ ।

ଏସବୁକୁ ସୂକ୍ଷ୍ମାତିସୂକ୍ଷ୍ମ ଧାରାରେ ଆଲୋଚନା କରାଯାଇ ପାରେ । ତେବେ ପରିଶେଷରେ ବୀଣାକାର ଚରିତ୍ରରେ ଦଣ୍ଡୁଆମାନେ ଗୃହକର୍ତ୍ତାଙ୍କ ସୁଖ, ଶାନ୍ତି କାମନା ପୂର୍ବକ ସାମାଜିକ ଉତ୍ତରଦାୟିତ୍ୱକୁ ତୁଲାଇବାକୁ ଈଶ୍ୱର ବୁଦ୍ଧି, ବିବେକ ପ୍ରଦାନ କରନ୍ତୁ ବୋଲି କାମନା ମନାସିଥା'ନ୍ତି । ଏଣୁ ସାମାଜିକ ସାମ୍ୟତାର ଅନନ୍ୟ ନିଦର୍ଶନ ଭାବେ 'ଦଣ୍ଡଯାତ୍ରା' ବିଶେଷ ମହତ୍ତ୍ୱ ରଖେ ।

Download Magazine from www.aahwaan.com

ଏକବିଂଶ ଶତାବ୍ଦୀରେ ଜଗନ୍ନାଥ ସଂସ୍କୃତି

ଗୁପ୍ତେଶ୍ୱର ମହାପାତ୍ର

ଆଧ୍ୟାତ୍ମିକତାର ଇତିହାସକୁ ଅନୁଧ୍ୟାନ କଲେ ଜଣାପଡେ ଯେ, ଏହା ପ୍ରତୀକାତ୍ମକ ସଂରଚନାରେ (symbolism) ଭରପୂର । ପ୍ରତ୍ୟେକ ବସ୍ତୁ, ଚିହ୍ନ ଓ ରଙ୍ଗର କିଛି ମାହାତ୍ମ୍ୟ ଥାଏ । ଏହାର ବହୁତ କିଛି ଅର୍ଥ ବାହାର କରାଯାଇପାରେ, ଯାହା ଐତିହାସିକ ଓ ପୌରାଣିକ ଦୃଷ୍ଟିକୋଣରୁ ସଠିକ ନ ହୋଇପାରେ । ଏହି ପ୍ରବନ୍ଧରେ ଏହିପରି ଏକ ଉଦ୍ୟମ କରାଯାଇଛି, ଏକବିଂଶ ଶତାବ୍ଦୀରେ ଜଗନ୍ନାଥ ସଂସ୍କୃତିର ପ୍ରଜୁଯ୍ୟତାକୁ ପ୍ରତିପାଦନ କରିବା ପାଇଁ ।

ସର୍ବ ପ୍ରଥମେ ଡାହୁକ ବୋଲି । ଏହି ପ୍ରଥାଟି ସମସ୍ତଂକୁ ଅବାନ୍ତର ଲାଗିବା ସ୍ୱାଭାବିକ । ଭଗବାନଂକ ସାମ୍ନାରେ ଅଶାଳୀନ ଭାଷାର ପ୍ରୟୋଗ ଅସମ୍ମାନଜନକ । କିନ୍ତୁ ଯଦି ଅନ୍ୟ ଦିଗରୁ ବିଚାର କରିବା ତା ହେଲେ ଏହା ଏକ ମହତ ବାର୍ତ୍ତ ପ୍ରଦାନ କରୁଛି । ଆଜିର ସମାଜରେ ଭଗବାନ ଓ ଧର୍ମ ପ୍ରତି ସାମାନ୍ୟ ଆକ୍ଷେପ ବା କଟାକ୍ଷ ଧର୍ମଯୁଦ୍ଧ ବା ଜିହାଦର ବାତାବରଣ ସୃଷ୍ଟି କରୁଛି । ଏପରି ସ୍ଥିତିରେ ଡାହୁକ ବୋଲି ଏକ ମହାନ ବାର୍ତ୍ତା ଦେଉଛି ଯେ, ଭଗବାନ ନିଜ ସନ୍ତାନର କୌଣସି ବକ୍ତବ୍ୟରେ ଅପମାନିତ ହୁଅନ୍ତି ନାହିଁ । ବରଂ ଡାହୁକକୁ ଭଗବାନଙ୍କ ରଥରେ ସ୍ଥାନ ଦିଆଯାଇଛି ଆମ ସଂସ୍କୃତିରେ । ଏହାର ଅର୍ଥ ହେଉଛି ସମାଲୋଚନାକୁ ସମ୍ମାନ ଦେଲେ ହିଁ ସମାଜର ଉନ୍ନତି ସାଧିତ ହୁଏ ।

ଦ୍ୱିତୀୟତଃ, ଆମ ତ୍ରିମୂର୍ତ୍ତି ଭଗବାନଙ୍କ ମଧ୍ୟରୁ ପ୍ରଭୁ ଜଗନ୍ନାଥ କଳା, ପ୍ରଭୁ ବଳଭଦ୍ର ଧଳା ଓ ଦେବୀ ସୁଭଦ୍ରା ହଳଦିଆ ରଙ୍ଗର । ଏଥିରୁ ଆମେ ଏହି ଶିକ୍ଷାଗ୍ରହଣ କରିପାରିବା

Download Magazine from www.aahwaan.com

ଯେ, ରଙ୍ଗ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାଇ ଓ ଭଉଣୀ । ଏକବିଂଶ ଶତାବ୍ଦୀରେ ବର୍ଣ୍ଣବିଦ୍ୱେଷକୁ ଲଢିବା ପାଇଁ ଏହା ଏକ ଶକ୍ତିଶାଳୀ ବୈଚାରିକ ଅସ୍ତ୍ର ହୋଇପାରିବ ।

ତୃତୀୟତଃ, ତ୍ରିମୂର୍ତ୍ତିଂକ ଅସଂପୁର୍ଣ୍ଣ ଶରୀର । ଏହା ପଛରେ ବିଶ୍ୱକର୍ମା- ଇନ୍ଦ୍ରଦ୍ୟୁମ୍ନ କିମ୍ବଦନ୍ତୀ ଅଛି, କିନ୍ତୁ ଥରେ ଭାବି ଦେଖନ୍ତୁ, ଯଦି ଭଗବାନଙ୍କ ଇଚ୍ଛା ବିରୁଦ୍ଧରେ ପତ୍ରଟିଏ ହଲି ପାରିବନି, ତା ହେଲେ କଣ ଭଗବାନଙ୍କ ଅସଂପୁର୍ଣ୍ଣ ଶରୀର ଭଗବାନଙ୍କ ଇଚ୍ଛା ବିରୁଦ୍ଧରେ ହୋଇଥିବ । ଭଗବାନ ବୋଧେ ହୁଏ ଜାଣିଶୁଣି ଏପରି ଚାଁହୁଥିଲେ । ଏଥିରୁ ଆମେ ଦୁଇଟି ବାର୍ତ୍ତା ପାଉଛେ । ପ୍ରଥମତଃ ଆମ ଭଗବାନ ଶାନ୍ତିପ୍ରେମୀ, ତେଣୁ ସେ ଅନ୍ୟ ଦେବଦେବୀଙ୍କ ଭଳି ଅସ୍ତ୍ରଶସ୍ତ୍ର ଧରିବାକୁ ଚାହାନ୍ତିନି । ସଂପୁର୍ଣ୍ଣ ଶରୀରରେ ଭକ୍ତମାନେ ଭବିଷ୍ୟତରେ ଅସ୍ତ୍ର ଧରେଇ ଦେଇପାରିଥାନ୍ତେ । ତେଣୁ ସେ ନିଜକୁ ହିଁ ଅସଂପୁର୍ଣ୍ଣ ରଖିଦେଲେ । ଏହାର ଅନ୍ୟ ଅର୍ଥଟି ଏହା ହୋଇପାରେ ଯେ, ଯେଉଁମାନେ ଶାରୀରକ ଭାବେ ଅସଂପୁର୍ଣ୍ଣ ବା ଦିବ୍ୟାଂଗ, ସେମାନେ ଭଗବାନଙ୍କର ଅଂଶ । ସେମାନଙ୍କ ପ୍ରତି ସମ୍ବେଦନଶୀଳତା ଜାଗ୍ରତ କରିବା ପାଇଁ ଭଗବାନ ନିଜକୁ ହିଁ ଅସଂପୁର୍ଣ୍ଣ ରଖିଦେଲେ ।

ଚତୁର୍ଥତଃ, ଆମ ଭଗବାନ ବାହନରେ ନ ବସି ଭକ୍ତମାନଙ୍କ ଗହଣରେ ଓ ଭକ୍ତମାନଙ୍କ ଦ୍ୱାରା ବୋହି ହୋଇଯାନ୍ତି । ଭକ୍ତ ଓ ଭଗବାନ ପରସ୍ପରର ପରିପୂରକ । ସମାଜବାଦର ଏହା ସର୍ବୋଚ୍ଚ ଉଦାହରଣ ।

ପଞ୍ଚମତଃ, ପ୍ରତି ଓଡିଆ ଘରେ ପଢାଯାଉଥିବା ଲକ୍ଷ୍ମୀପୁରାଣ, ଜାତିପ୍ରଥାର ଘୋର ବିରୋଧୀ ଓ ନାରୀ ସଶକ୍ତିକରଣର ଏକ ଚରମ ଉଦାହରଣ । ଲକ୍ଷ୍ମୀପୁରାଣରେ କୁହାଯାଇଛି ଯେ, "ହାଡି ହସ୍ତୁ ବ୍ରାହ୍ମଣ ଛଡାଇ ଖାଇବ ।" ଭାରତୀୟମାନଙ୍କ ମଧ୍ୟରେ ବହୁ ପ୍ରଚଳିତ ଅଇଁଠା ପ୍ରଥାକୁ ମଧ୍ୟ ଏହା ପ୍ରତ୍ୟାଖ୍ୟାନ କରୁଛି । ପ୍ରଭୁ ଜଗନ୍ନାଥ ଜଗତର ସ୍ୱାମୀ

Download Magazine from www.aahwaan.com

ହୋଇମଧ୍ୟ ପତ୍ନୀଙ୍କୁ ଅସମ୍ମାନ କରିବାରୁ ଅନ୍ନହୀନ ପାଲଟିଛନ୍ତି । ଏହା ନାରୀ ସଶକ୍ତିକରଣର ସର୍ବଶ୍ରେଷ୍ଠ ପୌରାଣିକ ଆଖ୍ୟାନ ।

ଏହିସବୁ ଦୃଷ୍ଟିକୋଣରୁ ଦେଖିଲେ ଜଣାଯାଏ ଯେ, ବର୍ତ୍ତମାନ ପୃଥିବୀରେ ଥିବା ସବୁ ସମସ୍ୟାର ସମାଧାନ ରହିଛି ଜଗନ୍ନାଥ ସଂସ୍କୃତିରେ ଓ ସମଗ୍ର ବିଶ୍ୱ ଏହାକୁ ଆଦରିବାର ଆବଶ୍ୟକତା ରହିଛି ।

ଜୟ ଜଗନ୍ନାଥ ।

ପାରଳାଖେମୁଣ୍ଡି

Email : guptes.star@gmail.com

Ph : 8984621370

Download Magazine from www.aahwaan.com

ହେମନ୍ତ ରାଉତଙ୍କ ଗୀତିକବିତା

ଅଧ୍ୟାପିକା ରଞ୍ଜିତା ପାତ୍ର

ପବିତ୍ର ପ୍ରେମର ଜୀବନ୍ତ ଭାସ୍କର୍ଯ୍ୟ 'ହେମନ୍ତ ରାଉତଙ୍କ ଗୀତିକବିତା' ସଂକଳନ

ଓଡ଼ିଆ ଗୀତିକବିତା ସୃଜନ ପୃଥିବୀରେ କବି ହେମନ୍ତ କୁମାର ରାଉତ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ପ୍ରକୃତି ପ୍ରେମୀ ଭାବରେ ସେ ଯେତିକି ପରିଚିତ, କବିତା ଲେଖିବା ପାଇଁ ସେତିକି ଲୋକପ୍ରିୟ । କେବଳ ଲୋକପ୍ରିୟତାର ମାପକାଠିରେ ନୁହେଁ, ବ୍ୟକ୍ତି ହୃଦୟର ମାପକାଠିରେ ସେ ଜଣେ ଅନନ୍ୟ ମଣିଷ । ତାଙ୍କର ସମସ୍ତ କବିତା ସଂକଳନରେ ମାଟି, ଗାଁ, ପ୍ରକୃତି, ପ୍ରେମ ଯେପରି ଭାବରେ ପ୍ରତିଫଳିତ ହୋଇଛି, ତାହା ମଧ୍ୟ ଆଲୋଚ୍ୟ 'ହେମନ୍ତ ରାଉତଙ୍କ ଗୀତିକବିତା' ସଂକଳନରେ ପ୍ରତିବିମ୍ବିତ । କବିତା ସଂକଳନର ଉତ୍ସର୍ଗରେ କବି ପ୍ରକୃତିକୁ ବନ୍ଦନା କରିବାକୁ ଭୁଲି ନାହାନ୍ତି;

"ସ୍ମୃତିର କୁହୁଡ଼ିରେ ଅହର
ଉବୁଟୁବୁ ହେଉଥିବା
ନୀଳତାରା ମାନଙ୍କୁ..."

ନୀଳ ତାରାମାନଙ୍କୁ କବିତା ସଂକଳନଟି ଉତ୍ସର୍ଗ କରି କବି ହେମନ୍ତ ପ୍ରକୃତି ପ୍ରେମର ପ୍ରେମିକପଣ ଜାହିର କରିଛନ୍ତି । ଏହି କବିତା ସଂକଳନଟି ତାଙ୍କର ଗୀତିକବିତା ସଂକଳନ କ୍ରମର, ତୃତୀୟ ସ୍ଥାନ ଅଧିକାର କରେ । ଏଥିରେ ସ୍ଥାନିତ କବିତା ବହୁ ପତ୍ରପତ୍ରିକାର ସ୍ଥାନ ମଣ୍ଡନ କରିଛି । ୨୦୦୮ ମସିହାରେ ପୁସ୍ତକ ଆକାରରେ ଆତ୍ମପ୍ରକାଶ ହୁଏ । 'ଅପୂର୍ବା' ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇ ଲୋକପ୍ରିୟତାର ଶୀର୍ଷ ସ୍ଥାନ ଅଧିକାର କରିଛି ।

Download Magazine from www.aahwaan.com

ସଂକଳନରେ ଅନେକ ସୁନିର୍ବାଚିତ କବିତା ପ୍ରକାଶିତ ହୋଇଛି ।

'ହେମନ୍ତ ରାଉତଙ୍କ ଗୀତିକବିତା' ସଂକଳନର ପ୍ରଥମ କବିତା 'ତାରା ଫୁଲଟିଏ ହୋଇ ଚାହିଁ ବସିଥିବି' । ଉକ୍ତ କବିତାରେ କବି ନିଜକୁ ପ୍ରକୃତି ପୁରୁଷ ରୂପେ ଚିତ୍ରଣ କରିଛନ୍ତି । ଆକାଶ ନଈର ସେପାରେ ବସି ପ୍ରକୃତି ପ୍ରେମିକାକୁ ଝୁରି ହୋଇଛନ୍ତି । କେତେବେଳେ ଜହ୍ନ ହୋଇ ତ କେତେବେଳେ ବଗିଚାର ଫୁଲଟିଏ ହୋଇ ପ୍ରକୃତି ପ୍ରିୟାକୁ ଅପେକ୍ଷା ରଖିବେ ବୋଲି କବି ଗାଇ ଉଠିଛନ୍ତି;

"ତାରାଟିଏ ହୋଇ ଚାହିଁ ବସିଥିବି
ଏଇ ତିମିରିତ ତୀରେ
କେତେ ଯେ ବରଷ ବହି ଯାଇଥିବ
ଫେରିବନି କୁହ ଥରେ ।
X X X X
ଜହ୍ନ ବଗିଚାରେ ଫୁଲଟିଏ ହୋଇ
ଗନ୍ଧ ଦେବି ମୁଁ ଭରି
ଜଳିଯାଏ ଯେବେ ପାଉଁଶର ରେଣୁ
ତୁମପରେ ଯିବି ଝରି ।" (ପୃ - ୯)

ସଂକଳନସ୍ଥ ଅଧିକାଂଶ କବିତାରେ ପ୍ରକୃତି ପୁରୁଷଙ୍କ ପ୍ରକୃତି ପ୍ରତି ପ୍ରେମବ୍ୟାକୁଳତା ପ୍ରକାଶ ପାଇଛି । କେତେବେଳେ ହୃଦୟର କାଗଜରେ ଚିଠି ଲେଖିଛନ୍ତି ତ କେତେବେଳେ ଘାସଫୁଲ ହେବାପାଇଁ ମନ ବଳାଇଛନ୍ତି । ଜୀବନରେ ଅନେକ ସମୟ ପ୍ରକୃତି ପ୍ରେମିକାକୁ ପାଇବା ପାଇଁ ଲୁହ ଗଡ଼ାଇଛନ୍ତି । ପ୍ରକୃତି ପ୍ରିୟାକୁ କେବେ କେବେ ଆକାଶରେ ଖୋଜିଛନ୍ତି ତ

Download Magazine from www.aahwaan.com

କେତେବେଳେ ମେଘ ମଧ୍ୟରେ ଖୋଜିଛନ୍ତି । ସମୟ ସୁଅରେ ଭାସି ଯାଇଛନ୍ତି କବି । ମାତ୍ର ପ୍ରକୃତି ପ୍ରେମିକାକୁ ଖୋଜିବା ଶେଷ ହୋଇନାହିଁ । କବିଙ୍କର ଆଶା ବାରମ୍ବାର ନିରାଶା ହୋଇଛି । ବାରମ୍ବାର ନିରାଶ ହୋଇ ଗୀତିକବିତା ଗାନ କରିଛନ୍ତି । କବିତା ମଧ୍ୟରେ ହଜିଯିବା ପାଇଁ ଚାହିଁଛନ୍ତି କବି ହେମନ୍ତ । 'ତୁମଠାରୁ ଯିବି ହଜି', 'କିଛି ତ ପାରୁନି କହି', 'ହୃଦ କାଗଜରେ ଲେଖିଦେଲି ଥରେ', 'ତୁମ ସୁନ୍ଦର ମୁହଁ କେମିତି ପାରିବି ଭୁଲି' ଆଦି କବିତାରେ କବି ହେମନ୍ତଙ୍କ ଅକୁହା ଅଲିଭା ସ୍ମୃତି ବିଚ୍ଛିନ୍ନ ହୋଇପଡ଼ିଛି ।

"ସାଗର ପରି ମୁଁ ନୀଳ ଗରଳରେ
ସେଇ ଦିନୁ ଜଳୁଥାଇ
ବାର ବାର ଆସି ଢେଉ ହୋଇ ଯେବେ
ତା'ପାଦ ଦେବାକୁ ଛୁଇଁ " (ପୃ-୧୧)

X X X X

ହୃଦ କାଗଜରେ ଲେଖିଥିଲି ଥରେ
ଜଣକର ପରିଚୟ
ଜନମେ ଜନମେ ସେଇ ଥିଲା ମୋର
ଜୀବନେ ସବୁଠୁ ପ୍ରିୟ ।" (ପୃ - ୧୨)

X X X X

"ସେଇ ଲୁହ ସବୁ ସ୍ମୃତି ହୋଇ ଆସି
ସାଜେ ନୀଳ ପ୍ରଜାପତି
ଡେଣାର ରେଣୁରେ ବଣା ହୋଇ ମୁଁ ଯେ

Download Magazine from www.aahwaan.com

ଭୁଲିଯାଏ ଦିନରାତି,

ଲୁହ ଭିଜା ତୁମ ସୁନ୍ଦର ମୁହଁ କେମିତି

ପାରିବି ଭୁଲି ।" (ପୃ - ୧୩)

କବି ହେମନ୍ତଙ୍କ ଭାବ ଚେତନା ଅନନ୍ତ ଆକାଶକୁ ଉର୍ଦ୍ଧ୍ୱଗାମୀ ହୋଇଛି । 'ଭସା ବାଦଲ ମୁଁ ଭାସି ଭାସି ଚାଲେ' କବିତାରେ ଆପଣା ହୃଦୟର ଦୁର୍ବଳତାକୁ ଭିନ୍ନ ଢଙ୍ଗରେ ପ୍ରକାଶ କରିଛନ୍ତି । ପ୍ରକୃତି ସ୍ୱରୂପା ପ୍ରେମିକାକୁ ପାଇବା ପାଇଁ ବହୁବାର ଆକାଶରେ ଉଡ଼ିଛନ୍ତି, ମେଘରେ ଭାସିଛନ୍ତି, ଲୁହରେ ଲୋଟିଛନ୍ତି । କେବେ ପୁଣି ଘାସ ଫୁଲରେ ଶବ୍ଦ ସଜାଇଛନ୍ତି । କବି ସ୍ୱପ୍ନରାଇଜରେ ଘୁରି ଘୁରି ଗାଇ ଉଠିଛନ୍ତି;

"ଭସା ବାଦଲ ମୁଁ ଭାସି ଭାସି ଚାଲେ

ଦିଶୁନି କୂଳ କିନାରା

ଲୁହ ସବୁ ମୋର ଦୂର ଆକାଶରେ

ଅସରନ୍ତି ଟିକି ତାରା...

X X X X

ଲୁହରେ ଲେଖିଛି ମାଟିର କାଗଜେ

ନୀଳ ଦୁଃଖ କବିତାର

ଘାସଫୁଲର ଏ ଶବ୍ଦ ସଜାଇ

ହଜିଅଛି ବହୁବାର

ସପନେ ତୁମକୁ ଗୋପନେ ଭିଜାଇ

ଖୋଜୁଛି ଦୁନିଆ ସାରା ।" (ପୃ - ୧୭)

Download Magazine from www.aahwaan.com

ଜୀବନ ଆଉ ମରଣ ମଧ୍ୟରେ କବି ପ୍ରକୃତି ପ୍ରେମିକାକୁ ଖୋଜୁଛନ୍ତି । ପ୍ରକୃତି ପ୍ରେମିକାର ସ୍ପର୍ଶ ପାଇବା ପାଇଁ ବାରମ୍ବାର ସପନ ଦେଖିବାରେ ବ୍ୟସ୍ତ । କବି ଭୁଲି ପାରୁନାହାନ୍ତି ପ୍ରକୃତିର ସ୍ପର୍ଶକୁ । ତେଣୁ ସପନରେ, ଗୋପନରେ, ଲୁହରେ, ଭାସିଯିବା ପାଇଁ ଚାହିଁଛନ୍ତି । ସାରା ଜୀବନ କବି ଜଳିଛନ୍ତି । ଦେହଟି ସିନା ପାଉଁଶ ହୋଇନାହିଁ ମନଟି କିନ୍ତୁ ମରିଯାଇଛି । ସେ ସବୁ ଅନୁଭବର ଜ୍ୱଳନକୁ କବିତାରେ ପ୍ରକାଶ କରିପାରୁ ନଥିବାର ସ୍ୱୀକାରୋକ୍ତି ଟାଣିଛନ୍ତି ।

"ସାରା ଜୀବନ ମୁଁ କେତେ ଯେ ଜଳିଛି
ଏ ଜଳିବା କେବେ ଶେଷ
ଅତି ଅସହନ ଜୀବନ ଜ୍ୱଳନ
ଭାଷାହୀନ ଅବଶୋଷ ।" (ପୃ-୨୪)

କବି ନିଜର କୋହଭରା ଅନୁଭବକୁ ଛାତିତଳେ ଚାପି ରଖିଛନ୍ତି । ଆକାଶର ଲୁହରେ ବହୁଦିନ ଠାରୁ ଭିଜୁଛନ୍ତି, ତଥାପି ଆଶା ଛାଡ଼ି ନାହାନ୍ତି । କେବଳ ସେହି ଆଶା ଟିକକ ପାଇଁ କବି ବଞ୍ଚିଛନ୍ତି । କେତେବେଳେ ମେଘ ମଧ୍ୟରେ ପ୍ରକୃତି ପ୍ରେମିକାକୁ ଖୋଜୁଛନ୍ତି ତ କେତେବେଳେ କାଗଜ ଛାତିରେ ପୁଣି କେତେବେଳେ ଧୂଳି ଧରଣୀରେ ପ୍ରକୃତି ପ୍ରେମିକାକୁ ତୋଳି ଧରିବାର ପ୍ରୟାସ କରିଛନ୍ତି । କବିଙ୍କର ଏହି ଭାବନା 'ଆକାଶ ଲୁହରେ ସେଦିନ ଭିଜିଛି', 'ଆକାଶରେ ବଞ୍ଚିଛି ମୁହିଁ', 'ତାରାଫୁଲ ଯିବି ଛୁଇଁ', 'ଛାତିର କାଗଜେ ଗୋପନ ରଖିଛି', 'ଧୁଳୀ ଧରଣୀରେ ତୁମକୁ ଚାହିଁଛି', 'ବେଦନା ନେଇ ମୁଁ କେତେ କାଳ ଆଉ', 'ତଥାପି ପାରିବିନି ଭୁଲି ଆଉ', 'ଅଦେଖା ଲୁହ ମୋ କେହି ଦେଖିନାହିଁ ଆଦି କବିତାରେ ପ୍ରତିଫଳିତ ହୋଇଛି ।

Download Magazine from www.aahwaan.com

କବି ହେମନ୍ତ ଜୀବନ ଯନ୍ତ୍ରଣାର ନୀଳଢେଉକୁ ବାରମ୍ବାର ଖୋଜୁଛନ୍ତି । ଅନେକ ଆଶା ନିରାଶା ହେଲେ ମଧ୍ୟ ବିଶ୍ୱାସଟିକୁ ହରେଇ ନାହାନ୍ତି । ମୃତ୍ୟୁପରେ ପାଉଁଶ ହୋଇଗଲେ ହେଁ ପ୍ରକୃତି ପ୍ରେମିକାକୁ କୋଳେଇ ନେବେ ବୋଲି ଆଶା ପ୍ରକଟ କରିଛନ୍ତି ।

"ଯେବେ ଜଳିଯିବ ପାଉଁଶକୁ ମୋର
ଆଦରରେ ତୋଳି ନେବ
କବର ଯଦି ମୁଁ ନେବି ସେଇଦିନ
ମୁଠେଁ ମାଟି ଦେଇଦେବ ।" (ପୃ - ୯୩)

ବାସ୍ତବରେ କବି ହେମନ୍ତ ଜୀବନ ଆଉ ମରଣରେ ପ୍ରକୃତି ପ୍ରେମିକାକୁ ଛାଡ଼ିପାରିବେ ନାହିଁ । ଏହାହିଁ ପ୍ରତିପାଦିତ ହୋଇଛି 'ହେମନ୍ତ ରାଉତଙ୍କ ଗୀତିକବିତା' ସଂକଳନରେ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା
ମୟୁରଭଞ୍ଜ, ଓଡ଼ିଶା
ଭ୍ରାମ୍ୟଭାଷ : ୮୨୪୯୭୮୧୨୪୫

Download Magazine from www.aahwaan.com

ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ନୈତିକ ଶିକ୍ଷା

ପ୍ରବୀଣ କୁମାର କବି

ସାମ୍ପ୍ରତିକ ଶିକ୍ଷାବ୍ୟବସ୍ଥାରେ ନୈତିକ ଶିକ୍ଷାର ମୂଲ୍ୟବୋଧ

ମନୁଷ୍ୟର ମାନସିକ, ଭୌତିକ ଏବଂ ଚେତାନାତ୍ମକ ବିକାଶପାଇଁ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଶିକ୍ଷା ଏକ ଏପରି ସାଧନ ଅଟେ ଯାହା ମନୁଷ୍ୟକୁ ଅନ୍ୟ ପ୍ରାଣୀମାନଙ୍କଠାରୁ ଭିନ୍ନ ଏବଂ ଶ୍ରେଷ୍ଠ କରି ଗଢ଼ି ତୋଳିଥାଏ ।

ଶିକ୍ଷା ରହିତ ମନୁଷ୍ୟ ପଶୁସହିତ ସମାନ ହୋଇଥାଏ ।

ଶିକ୍ଷା ମନୁଷ୍ୟକୁ ଏକ ସାମାଜିକ ପ୍ରାଣୀଭାବେ ଗଢ଼ିତୋଳିବା ସହିତ ତା'ର ସର୍ବାଙ୍ଗୀନ ଉନ୍ନତି ସାଧନ କରିଥାଏ ।

ଶିକ୍ଷା ମନୁଷ୍ୟକୁ ମାନବିକ ମୂଲ୍ୟବୋଧର ଜ୍ଞାନ ଦେଇଥାଏ ଏବଂ ତାକୁ ସବୁ ପରିସ୍ଥିତି ଏବଂ ପରିବେଶରେ ଖାପଖୁଆଇ ଚାଲିବା ଶିଖେଇଥାଏ ।

ସାମ୍ପ୍ରତିକ ସମାଜରେ ଶିକ୍ଷାକ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଉଥିବାର ଦେଖାଯାଉଛି । ଗତ ଦୁଇଦଶନ୍ଧି ଧରି ଶିକ୍ଷାକ୍ଷେତ୍ରରେ ବିଜ୍ଞାନର ଅଭିବୃଦ୍ଧି ହେବା ସହ ବୈଷୟିକ ଜ୍ଞାନକୌଶଳ ବୃଦ୍ଧି ଘଟିଛି । ମନୁଷ୍ୟ ପୁସ୍ତକମନସ୍କ ନହୋଇ କମ୍ପ୍ୟୁଟରମନସ୍କ ହୋଇଛି ।

ଶିକ୍ଷାନୁଷ୍ଠାନମାନଙ୍କରେ black board ଛାଡି smart board ପଢ଼ା ଆରମ୍ଭ ହେଲାଣି । E-learning ସାହାଯ୍ୟରେ ଛାତ୍ରଛାତ୍ରୀମାନେ ଯେକୌଣସି ସ୍ଥାନରେ ଥାଇ ମଧ୍ୟ ଉଚ୍ଚମାନର

Download Magazine from www.aahwaan.com

ଜ୍ଞାନକୌଶଳ ଓ ଶିକ୍ଷା ପାଇପାରୁଛନ୍ତି ।

ଏବେ hardcopyର ଯୁଗଗଲାଣି, softcopyର ଯୁଗ ହେଲାଣି । ଗୋଟିଏ ପଟରେ ଶିକ୍ଷାନୁଷ୍ଠାନ ମାନଙ୍କରେ ବୈଜ୍ଞାନିକ ଜ୍ଞାନକୌଶଳ ମାଧ୍ୟମରେ ଶିକ୍ଷାବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ଶିକ୍ଷା ସୁଦୂରପ୍ରସାରି ହୋଇପାରିଛି କିନ୍ତୁ ଅନ୍ୟପଟେ ଛାତ୍ର ବିଶୃଙ୍ଖଳା ବୃଦ୍ଧି ପାଇଛି । ଅନୁଶାସନ ରହିତ ଛାତ୍ରଛାତ୍ରୀମାନେ କୁସଙ୍ଗର ବ୍ରତୀ ହେଉଛନ୍ତି । ଏହାର କାରଣ ଅନେକାଂଶରେ ଅସ୍ପଷ୍ଟ । ଏହାର ଏକ କାରଣ ହେଉଛି ନୈତିକ ଶିକ୍ଷାର ଅଭାବ । ଆଜି ଆମ ଶିକ୍ଷାବ୍ୟବସ୍ଥାରେ ନୂତନ ବୈଜ୍ଞାନିକ ସମ୍ମତ ତଥ୍ୟ ରଖାଯାଉଛି ସତ ହେଲେ ଠିକ୍ ଅନ୍ୟପଟରେ ପାଠ୍ୟଖସଡ଼ାର ନୈତିକଶିକ୍ଷା ସମ୍ବନ୍ଧୀୟ ବିଷୟ ଏବଂ କାର୍ଯପ୍ରଣାଳୀ କିଛିକାଂଶରେ କମ ହୋଇଥିବାର ମଧ୍ୟ ପରିଲିଖିତ ହେଉଛି । ତେବେ ଏଠାରେ ପ୍ରଶ୍ନ ଆସେ ନୈତିକ ଶିକ୍ଷା କଣ ? ଏବଂ ଶିକ୍ଷାକ୍ଷେତ୍ରରେ ଏହାର ଆବଶ୍ୟକତା କଣ ?

ପାଠକେ ଶିକ୍ଷା ବାସ୍ତବରେ ଦୁଇ ପ୍ରକାରର । ଗୋଟିଏ ବୈଷୟିକ ଶିକ୍ଷା ଅନ୍ୟଟି ନୈତିକ ଶିକ୍ଷା । ବୈଷୟିକ ଶିକ୍ଷା ବିଷୟଭିତ୍ତିକ ଶିକ୍ଷାକୁ ବୁଝାଏ ଯାହା ଛାତ୍ରଛାତ୍ରୀମାନଙ୍କୁ ବିଷୟ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରିଥାଏ, ତାଙ୍କୁ ସ୍ୱାବଲମ୍ବୀ କରାଏ କିନ୍ତୁ ନୈତିକ ଶିକ୍ଷା କହିଲେ ଆମେ ନୀତିଗତ ଓ ଆଦର୍ଶଭିତ୍ତିକ ଶିକ୍ଷାକୁ ବୁଝାଏ ଯାହା ମନୁଷ୍ୟକୁ ନୀତି, ଆଦର୍ଶବାଦ, ସ୍ୱାଭିମାନ ଶିଖାଏ, ତାଙ୍କୁ ସମାଯ୍ୟାନୁବର୍ତୀ କରେ, ବାସ୍ତବ ଆଧ୍ୟାତ୍ମିକ ସମ୍ପର୍କରେ ଅବଗତ କରାଏ ।

କିନ୍ତୁ ସାମ୍ପ୍ରତିକ ଶିକ୍ଷାବ୍ୟବସ୍ଥାରେ ନୈତିକ ଶିକ୍ଷାକୁ ସେତେଟା ଗୁରୁତ୍ୱ ଦିଆଯାଉ ନାହିଁ । ପାଠ୍ୟଖସଡ଼ାରେ ଅତି ସ୍ୱଳ୍ପ ନୈତିକ ଶିକ୍ଷାଭିତ୍ତିକ ବିଷୟ ଦେଖିବାକୁ ମିଳୁଛି ଏବଂ ଅତ୍ୟଧିକ ସରକାରୀ କାର୍ଯ୍ୟଭାର ହେଉ ବା ମାନସିକତାର ଅଭାବରୁ ହେଉ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ

Download Magazine from www.aahwaan.com

ମଧ୍ୟ ଏଥିପ୍ରତି ସେତେଟା ଦୃଷ୍ଟି ଦେଉନାହାନ୍ତି ।

ଯାହାଫଳରେ ଛାତ୍ରଛାତ୍ରୀମାନେ ସ୍ୱାବଲମ୍ବୀ ହେଇପାରୁଛନ୍ତି ସତ ହେଲେ ସଂସ୍କାର ରହିତ, ନୀତି ଆଦର୍ଶବିହୀନ ହୋଇପଡୁଛନ୍ତି । ଯାହାଫଳରେ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ଫଳବତି ହୋଇ ପାରୁନାହିଁ ।

ତେଣୁ ସାମ୍ପ୍ରତିକ କଳୁଷିତ ସମାଜରେ ଏବଂ ଯନ୍ତ୍ରଚାଳିତ ଶିକ୍ଷାବ୍ୟବସ୍ଥାରେ ଛାତ୍ରଛାତ୍ରୀମାନଙ୍କୁ ସଂସ୍କାରିତ ଏବଂ ସାମଜିକ ପରାୟଣ କରିବାପାଇଁ ବୈଷୟିକ ଜ୍ଞାନକୌଶଳ ସହିତ ନୈତିକଶିକ୍ଷାକୁ ଗୁରୁତ୍ୱଦେବା ଅନିବାର୍ଯ୍ୟ ହୋଇପଡିଛି ।

ସମ୍ପାଦକ, ବଣମଲ୍ଲି

ଅଧ୍ୟାପକ, ଉଦ୍ଭିଦବିଜ୍ଞାନ ବିଭାଗ,

ପତିତପାବନ ମହାବିଦ୍ୟାଳୟ

ଆନନ୍ଦପୁର, କେନ୍ଦୁଝର

prabinkabi94@gmail.com

7609077023

Download Magazine from www.aahwaan.com

ନାରୀ ଓ ଲଜ୍ଜା

ଦମୟନ୍ତୀ ଜେନା

ନାରୀ ଓ ଲଜ୍ଜା :ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି

ଲଜ୍ଜା ଏକ ଏଭଳି ଗୁଣ ଯାହା ନାରୀର ସଜ୍ଜାକୁ ପୂର୍ଣ୍ଣ କରେ । ଲଜ୍ଜା ବିନା ନାରୀ, ନାରୀ ପଦବାଚ୍ୟ ନୁହେଁ । ଏଣୁ ଲଜ୍ଜାକୁ ନାରୀର ଆଭୁଷଣ ବୋଲି କୁହାଯାଏ । ଯେଉଁ ନାରୀଟି ଲଜ୍ଜାହୀନ ସେ ଉଦ୍ଦଣ୍ଡି ନାମରେ ନାମିତ ଅଥବା ବେଶ୍ୟା ଭାବେ ପରିଚିତ । ସାଧାରଣତଃ ନାରୀଟିଏ ସରଳ, ବିନମ୍ର, ସହିଷ୍ଣୁ, ଚତୁର, କର୍ମବୀର ଓ ଲଜ୍ୟାଶୀଳ ହେଲେ ତାକୁ ସର୍ବଗୁଣସମ୍ପନ୍ନା ବୋଲି କହନ୍ତି ।

ଏହି ଦୁର୍ବଳତାର ସୁଯୋଗ ନେଇ କିଛି ମଣିଷ ନାରୀଟିଏ ଉପରେ କରନ୍ତି ଅତ୍ୟାଚାର ଓ ଶୋଷଣ ଭଳି ଜଘନ୍ୟ ଅପରାଧ । ଯଦି ଏହି ଘଟଣା ଘରର କୋଣସି ସଦସ୍ୟଙ୍କ ଦ୍ୱାରା ହୁଏ, ତା'ହେଲେ ଲୋକଲଜ୍ଜା ଭୟରେ ସେହି କାନ୍ଥ ମଧ୍ୟରେ କଥାଟି ଦବିଯାଏ । ଯଦି କୋଣସି ବେସରକାରୀ କାର୍ଯ୍ୟନୁଷ୍ଠାନରେ ହୁଏ ତା' ହେଲେ ସେହି ସ୍ଥାନ ଛାଡି ଅନ୍ୟ କୋଣସି କାର୍ଯ୍ୟରେ ଯୋଗଦିଏ । ଯଦି କୋଣସି ସରକାରୀ କାର୍ଯ୍ୟନୁଷ୍ଠାନରେ ହୁଏ ତା' ହେଲେ ସେ ମୁଣ୍ଡପୋତି ସହିବାକୁ ବାଧ୍ୟ ହୁଏ ଅଥବା ଆତ୍ମହତ୍ୟା କରେ । ସମାଜର ଅଧିକାଂଶ ମହିଳା କୋଣସି ନ କୋଣସି କ୍ଷେତ୍ରରେ ଶାରୀରିକ ଶୋଷଣ ଭୋଗିଥାନ୍ତି । କିଛି ଲୋକଲୋଚନକୁ ଆସେ, ଆଉ କିଛି କଥା ଆସିବା ପୂର୍ବରୁ ଦବିଯାଇଥାଏ ।

ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ଆମ ଦେଶ ଶିକ୍ଷାରେ ବୈଷୟିକ ଜ୍ଞାନ କୌଶଳରେ, ପରିବହନ, କୃଷି, ପ୍ରତିରକ୍ଷା ବ୍ୟବସ୍ଥା ତଥା ଯୁଦ୍ଧକ୍ଷେତ୍ରରେ, ସ୍ୱାକ୍ଷରତାରେ, ଆର୍ଥିକ ସମ୍ବଳରେ, ଭାଷାରେ ସ୍ୱାସ୍ଥ୍ୟରେ ଅନ୍ୟ ଦେଶ ଅପେକ୍ଷା ଅନେକ ଆଗୁଆ ହୋଇଛି ସତ କିନ୍ତୁ ଗୋଟିଏ ନାରୀକୁ ସୁରକ୍ଷା ଦେବାରେ ଅଛି ଅନେକ ପଛୁଆ, ଏହା କେବଳ ଗୋଟିଏ

Download Magazine from www.aahwaan.com

ନାରୀଟିଏ ହିଁ ଅନୁଭବ କରିପାରିବ । ଇଂରେଜ ମାନଙ୍କଠୁ ଦେଶ ସ୍ୱାଧୀନତା ପାଇଛି ସତ କିନ୍ତୁ ମହିଳାମାନେ ଆଜି ବି ପରାଧିନ । କାରଣ ଜୀବନ କାଳ ଭିତରେ ଅଧିକାଂଶ ମହିଳା ଏଭଳି ଅନେକ ଇଚ୍ଛା ବିରୋଧୀ କାର୍ଯ୍ୟ କରନ୍ତି ଯାହା ଏକ ଆଲୋଚ୍ୟର ବିଷୟବସ୍ତୁ ।

ଏପରି ଅନେକ ମହିଳା ନିର୍ଯ୍ୟାତନା ସହ୍ୟ କରି ଲଜ୍ଜାର ବଶବର୍ତ୍ତୀ ହୋଇ ମୁଣ୍ଡପାତି ଚୁପ୍ ରୁହନ୍ତି । ଆଉ ଯେଉଁମାନେ ଲଜ୍ଜା ଛାଡି ନ୍ୟାୟ ପାଇବା ଆଶାରେ ଆଇନ୍ ର ଆଶ୍ରୟ ନିୟନ୍ତି, ନ୍ୟାୟ ମିଳିବା ତ ଦୁରେ ଥାଉ ସେମାନେ ମୃତ୍ୟୁକୁ ଆପଣାନ୍ତି ।

ବହୁଚର୍ଚ୍ଚିତ ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନଙ୍କ ହତ୍ୟାକାଣ୍ଡ ହେଉ ଅଥବା କୁନ୍ଦୁଲି ପୀଡ଼ିତାଙ୍କ କଥା ସିଧାସଳଖ ଆମର ନ୍ୟାୟିକ ବ୍ୟବସ୍ଥାକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ଭାରତୀୟ ପିଙ୍ଗଳକୋଡର ଧାରା ଉପଧାରାକୁ ଅତିକ୍ରମ କରି ଅପରାଧୀ ଠାବ କଲାବେଳକୁ ଘଟୁଛି ଅନେକ ବିଳମ୍ବ । ପ୍ରମାଣ ଅଭାବରୁ ବେଳେବେଳେ ଅପରାଧୀ ଆଇନ ହାତରୁ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି ।

ସରକାରଙ୍କୁ ବିନମ୍ର ନିବେଦନ କି ଯେ ଏଭଳି ଅବଳା, ଚପଳା, ଦଳିତ ମହିଳାମାନଙ୍କୁ ସୁରକ୍ଷା ଓ ନ୍ୟାୟ ଦେବା ପାଇଁ ଚିନ୍ତା କରନ୍ତୁ । ଆମ ଆଇନ୍ ବ୍ୟବସ୍ଥାକୁ କେତେକାଂଶରେ ପରିବର୍ତ୍ତନ କରି ଦୃଷ୍ଟାନ୍ତ ମୂଳକ ଦଣ୍ଡର ବ୍ୟବସ୍ଥା କରାଗଲେ, ଅପରାଧ ଘଟାଇବା ପୂର୍ବରୁ ଅପରାଧୀ ଅନ୍ତତଃ ଦୁଇ ଥର ଚିନ୍ତା କରିବାକୁ ବାଧ୍ୟ ହୁଅନ୍ତା ।

ଶୋଷିତ ମହିଳାଙ୍କୁ ବାରମ୍ବାର ପ୍ରଶ୍ନ ପଚାରି ମାନସିକ ଅବସ୍ରାଦଗ୍ରସ୍ତ କରାଇବା କେତେ ଯୁକ୍ତି ଯୁକ୍ତ ଏହା ଆପଣମାନେ ବିଚାର କରନ୍ତୁ ।

ବର୍ତ୍ତମାନ କୁହନ୍ତୁ ମହିଳା ଜଣକ ଏହି ଶୋଷଣକୁ ସହି, ଭୁଲିଯାଇ ପୁନର୍ବାର ନୂତନ ଭାବେ ଜୀବନ ସହ ସଂଗ୍ରାମ କରି ବଂଚିବା ଠିକ୍ ହେବ । 'ନା' ଆଇନ୍ ର ସହାୟତା ନେଇ ଦୋଷୀକୁ ଦଣ୍ଡ ଦେବା ଅଥବା କଥା ଲୋକଲୋଚନକୁ ଆଣି ପରିଶେଷରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବା ଠିକ୍ ହେବ ।

Download Magazine from www.aahwaan.com

ଟାଇପ୍ ରାଇଟରର ଜନ୍ମକଥା

ଶ୍ରୀ ବୈକୁଣ୍ଠନାଥ ଖଟୁଆ

ଟାଇପ୍ ରାଇଟର୍ ଲୋକମାନଙ୍କ ଉପକାରରେ କେତେ ଯେ ଲାଗିଛି ତାର କଳନା କିଏ କରିବ ? କେତେ ଯୁଦ୍ଧ ଓ ଘନଘଟା ଘଟେଇଛି ତାର ହିସାବ କିଏ ରଖିଛି । ଭାରତ ଯେତେବେଳେ ବିଭଜନ ହେଲା ଗଭର୍ଣ୍ଣର ଜନେରାଲ, ବେଭାଲଙ୍କୁ ବଦଳି କରାଗଲା । ତାଙ୍କ ସ୍ଥାନରେ ମାଉଣ୍ଟବେଟନ୍ ଆସିଲେ । ମାଉଣ୍ଟବେଟେନ୍ ଯେଉଁ ପ୍ରସ୍ତାବ ଦେଇଥିଲେ ସେଥିରେ ଥିଲା କାଶ୍ମୀର ପଞ୍ଜାବ ରାଜସ୍ଥାନ ଗୋଟିଏ ପାଖରେ ଆଉ ଦକ୍ଷିଣ ଭାରତ ଗୋଟିଏ ପାଖରେ । ପୂର୍ବ-ପାକିସ୍ଥାନ ଓ ପଶ୍ଚିମ-ପାକିସ୍ଥାନକୁ ସଂଯୋଗ କରିବା ପାଇଁ ଗଙ୍ଗାନଦୀ କୂଳେ କୂଳେ ଗୋଟିଏ କରିଡ଼ୋର କରାଯିବାର ପ୍ରସ୍ଥାବ ବ୍ରିଟିଶ ସରକାରଙ୍କୁ ମାଉଣ୍ଟବେଟେନ୍ ଦେଇଥିଲେ । ଏହା ପୂର୍ବ-ପାକିସ୍ଥାନ ଓ ପଶ୍ଚିମ-ପାକିସ୍ଥାନକୁ ସଂଯୋଗ ସ୍ଥାପନ କରିପାରିଥାନ୍ତା । ମାଉଣ୍ଟବେଟନ୍ ସିମଳାରେ ଥାଆନ୍ତି । ତାଙ୍କୁ ନେହେରୁ ଦେଖାକଲେ । ମାଉଣ୍ଟବେଟେନ୍ କହିଲେ - ମୁଁ ତ ପ୍ରସ୍ତାବ ପଠାଇ ସାରିଛି ଆଉ କିଛି କରିପାରିବି ନାହିଁ । ଚିଠି ଡାକରେ ଯାଇଛି । ନେହେରୁ ପୁଣି ଏହି କରିଡ଼ୋରର ଅନାବଶ୍ୟକତା ବୁଝାଇବାରୁ ବେଟେନ୍ ରାଜିହେଲେ । ନେହେରୁ ଟାଇପିଷ୍ଟକୁ ଡ଼ାକାଇ ଗୋଟିଏ ନୋଟ୍ ପ୍ରସ୍ତୁତ କଲେ ଓ ବେଟେନ୍‌ଙ୍କୁ ଦେଲେ । ସେ ରିପୋର୍ଟ କରେକ୍ସନ୍ କରି ଟାଇପ୍‌କରି ମାଉଣ୍ଟବେଟନ୍ ସ୍ୱତନ୍ତ୍ର ବିମାନ ଯୋଗେ ଶ୍ରମିକ ଦଳର ପ୍ରଧାନମନ୍ତ୍ରୀ ଅଟିଲିଙ୍କୁ ଦେଲେ । ବେଟେନ୍ ମୂଳ ପ୍ରସ୍ତାବକୁ ପରିବର୍ତ୍ତନ କରି ନୂଆ ପ୍ରସ୍ତାବ ଦେଲେ । ପାକିସ୍ଥାନ ଅଲଗା ଅଲଗା ରହିଲା । ଏଇ ଥିଲା ଟାଇପ୍ ରାଇଟରର କରାମତି । ଏଇ ଟାଇପ୍ ରାଇଟର କେତେ ନିଯୁକ୍ତି କେତେ ମାମଲା

Download Magazine from www.aahwaan.com

ବିଚାର କରିଛି, କେତେ ଫାଶି ପାଇଛନ୍ତି ତାର ହିସାବ କିଏ ରଖିଛି ? କେତେ ଇତିହାସକୁ ସାଇତି ରଖିଛି ତାହା କିଏ କଳନା କରିପାରିବ ? ଟାଇପ୍ ରାଇଟର ଉଦ୍ଭାବନ ୧୭୧୪ ଓ ଏହାର ଅସ୍ତମ୍ଭିତ କାଳ ବୋଧହୁଏ ୧୯୯୫ରୁ ଆରମ୍ଭ ହୋଇ ୨୦୦୦ ମସିହାରେ କବର ଦିଆଗଲା । ୨୦୦୩-୦୪ ଏହାକୁ ଟେବୁଲ୍ ଉପରୁ ହଟାଇ ଦିଆଯାଇ ତା'ବଦଳରେ କମ୍ପ୍ୟୁଟର ଥୁଆଗଲା ଏହା ସହିତ ନେଟ୍ (ଇଣ୍ଟରନେଟ୍) ସଂଯୋଗ କରାଗଲ । ଶେଷରେ ୨୦୧୧ରେ ଗୋଦରେଜ୍ କମ୍ପାନୀ ଏହାକୁ ମୃତ ଘୋଷଣା କଲା ।

ଏହାର ଇତିହାସ ଅତି ପୁରୁଣା । ୧୭୧୪ ମସିହାରେ ବ୍ରିଟେନରେ ହେନେରୀ ମିଲ୍ ବୃତ୍ତିରେ ଜଣେ ଇଞ୍ଜିନିୟର ଏହାର ଗୋଟିଏ ମଡ଼େଲ ପ୍ରସ୍ତୁତ କଲେ । ତାଙ୍କର ଜନ୍ମ ୧୬୮୩ ଓ ମୃତ୍ୟୁ ୧୭୭୧ । ସେ ୧୭୨୦ରେ ୱାଟର ୱାର୍କସ୍ କମ୍ପାନୀରେ ଚାକିରି ଆରମ୍ଭ କରିଥିଲେ । ସେ ଅବିବାହିତ ଥିଲେ । ପ୍ରଥମେ ବହିରେ ପୃଷ୍ଠା ନମ୍ବରିଂ କରିବା ପାଇଁ ଗୋଟିଏ ମେସିନ ବାହାର କଲେ । ଏହା ହେଉଛି ଟାଇପ୍ ମେସିନ୍‌ର ଆଦ୍ୟାବସ୍ଥା । ଏହା ଥିଲା ଆମେ ଯେମିତି କାଗଜ ଉପରେ କାର୍ବନ ପକାଇ କଲମରେ ଲେଖୁଛେ ସେହିପରି ଅବସ୍ଥା ଥିଲା ଖାଲି କାଗଜ ଉପରେ ଅକ୍ଷର ପିଟି ହେଉଥିଲା । ଏହା ମଧ୍ୟ ଛିଡ଼ା ହୋଇ କାମ କରିବାକୁ ପଡୁଥିଲା । ଏଥିରେ ଗୋଟିଏ ଗୋଟିଏ ଅକ୍ଷର ଛାପା ଯାଉଥିଲା । ଏହି ଟାଇପ୍ ରାଇଟର ପିନିଅନ ଓ ଲିଭରଦ୍ୱାରା କାମ କରେ । ଏହାପରେ ଭେନିୟର କାଉଣ୍ଟ- ୧୭୬୦, ସୁଇସ୍ ଜାକ୍ୟୁଏ - ୧୭୮୦, ଫ୍ରେଞ୍ଚମେନ୍ ପଞ୍ଜରନ ୧୭୮୪, ଇଟାଲିଆନ ପେଟ୍ରୋ କାଉଣ୍ଟି ୧୮୨୩ରେ ଟାଇପ୍ ରାଇଟରର ବହୁତ ଉନ୍ନତି କଲେ ।

୧୮୦୮ ମସିହାର କଥା । ଇଟାଲିରେ ଜନ୍ମିତ ପେଲେଗ୍ରିନେ ଟୁରୀ ଗୋଟିଏ ନୂଆ ମଡ଼େଲ ବାହାର କଲେ । କିନ୍ତୁ ଲେଖି ଅନ୍ୟକୁ ଜଣାଇବାରେ ତାଙ୍କର ଅନେକ ଆଗ୍ରହ ଥିଲା । କିନ୍ତୁ ସେ ଜଣେ ପ୍ରେମିକ ଥିଲେ । ନିଜର ଲେଖାକୁ ପ୍ରେମିକା ପାଖରେ ପହଞ୍ଚାଇବା

Download Magazine from www.aahwaan.com

ପାଇଁ ତାଙ୍କର ଅନେକ ଆଗ୍ରହ ଥିଲା । ସେ କାରୋଲିନା ଫାଣ୍ଟୋନି ଦା ଫିଭିଜାନୋଙ୍କୁ ଭଲ ପାଉଥିଲେ । ସେ ଦେଖିବାକୁ ସୁନ୍ଦର ଥିଲେ । ତେଣୁ ସେ ତାକୁ ଭଲପାଉଥିଲେ । କିନ୍ତୁ ସେହି ପ୍ରେମିକା ଅନ୍ଧୁଣୀ ଥିଲା । ହେଲେ ସେ ଥିଲେ ଅନେକ ଦୂରରେ । ତାଙ୍କ ପାଖକୁ କିପରି ଲେଖି ପଠାଇବେ । ଏମିତି ସେ ଚିନ୍ତା କରି ବସିଲେ କେମିତି ଲେଖି ପ୍ରେମିକା ପାଖକୁ ଚିଠି ପଠାଇବେ । ସେତେବେଳକୁ ଗୁଟେନବର୍ଗ ଛାପାଖାନା ବାହାର କରି ସାରିଥିଲେ । ସେ ଦେଖିଲେ ଛାପାଖାନରେ ଅକ୍ଷରରେ କାଗଜ ଛାପିହୋଇ ପ୍ରିଂଟି ହୋଇପାରୁଛି । ଆଉ ମିଲ୍ ମଧ୍ୟ ଗୋଟିଏ ପ୍ରକାର ଟାଇପ୍ ମେସିନ୍ ବାହାର କରିଥିଲେ । କ'ଣ କଲେ ଅକ୍ଷରଗୁଡ଼ିକ ଗୋଟିଏ ଜାଗାରେ ପିଟିହେଲ ଲେଖି ହୋଇପାରିବ । ଏଇ କଥାକୁ ବିଚାରକରି ସେ ନୂତନ ଧରଣର ଟାଇପ୍ ରାଇଟର ନିର୍ମାଣ କରିବାକୁ ମନସ୍ତ କଲେ । ସେହି ଜ୍ଞାନକୁ ଆଧାର କରି ଗୋଟିଏ ଛୋଟିଆ ବକ୍ସ ଭଳିଆ ଯନ୍ତ୍ରଟିଏ ବାହାର କଲେ । ସେ ଏଥିରେ କାଠ ରୋଲର ଓ ରିବନ୍ ସଂଯୋଗ କଲେ । ଏହି ଯନ୍ତ୍ର ସେତେ ବିକାଶ ଲାଭ କରି ପାରିନଥିଲା । ବ୍ୟବସାୟିକ ଭିତିରେ ଏହା ଚାଲୁ ନଥିଲା । ଅନ୍ଧୁଣୀ ପ୍ରେମିକା ପାଖକୁ ଚିଠି ଲେଖିପାରିଲେ । ହାତ ଲେଖାଠାରୁ ଏହା ସୁନ୍ଦର ଥିଲା । ହେଲେ ପ୍ରେମିକା ପାଖକୁ ଚିଠି ଲେଖାରୁ ଏହା ସରକାରୀ କଳରେ ଆଉ ବ୍ୟବସାୟ ପ୍ରତିଷ୍ଠାନରେ ବ୍ୟବହାର ହେଲା । କିନ୍ତୁ ଏହି ଦୁଇ ପ୍ରେମିକ ଜଣେ ଅନ୍ୟ ଜଣକୁ ବାହାହୋଇ ନଥିଲେ । ସେଇ ପ୍ରେମରେ ପ୍ରେମରେ ତାଙ୍କର ଜୀବନ କଟିଗଲା କିନ୍ତୁ ଟାଇପ୍ ରାଇଟର ବାହାର କରିବାରେ ତାଙ୍କର ନାଁ ରହିଗଲା ।

ଆମେରିକାର ନାଗରିକ ଉଇଲିୟମ ଅଷ୍ଟିନ୍ ବର୍ଟ ୧୮୨୯ ମସିହାରେ ଗୋଟିଏ ମେସିନ୍ ବାହାର କଲେ ଯାହା ପ୍ରକୃତରେ ଟାଇପ୍ ରାଇଟରର ଭଳି କାମ କଲା । ସେ ମଧ୍ୟ ଟୁରୀଙ୍କ ପେଟେଣ୍ଟ କ୍ରୟକରି ନେଇଥିଲେ । ବାର୍ଟଙ୍କ ଟାଇପ୍ ରାଇଟର ଫୋର ରନର କାମ କରୁଥିଲା । ଫୋର ରନର ମାନେ ଏହା ଟାଇପ କଲେ ପିନିଅନ ଦ୍ୱାରା ଆଗକୁ ଆଗକୁ

Download Magazine from www.aahwaan.com

ଯାଉଥିଲା । ବାର୍ଟ ମିଚିଗାନରେ ଜଣେ ସରକାରୀ ସର୍ଭେୟର ଥିଲେ । କେଉଁ ଜାଗାରେ କି କି ଖଣିଜ ପଦାର୍ଥ ଅଛି ସେ ଜାଣିପାରୁଥିଲେ । ସେ ମଧ୍ୟ କମ୍ପାସ ବାହାର କରିଥିଲେ । ସେ ମଧ୍ୟ ଜଣେ ରିପୋର୍ଟର, କବି ଓ ଜଣେ ଉଦ୍ଭାବକ ଥିଲେ । ଆଣ୍ଡ୍ରୁ ଜାକସନ ଆମେରିକାର ରାଷ୍ଟ୍ରପତି, ବାର୍ଟଙ୍କ ଦକ୍ଷତାରେ ଖୁସି ହୋଇ ତଙ୍କୁ ପ୍ରମାଣ ପତ୍ର ଦେଇଥିଲ । ଏହା ଭିତରେ ବାର୍କଙ୍କ ମେସିନ୍‌କୁ ଆଧାର କରି ଅନେକ ମେସିନ୍ ବାହାରିଲା ସେଗୁଡ଼ିକ ହେଲା – ପ୍ରୋଜେନ ମେସିନ୍ ୧୮୩୩ (ଫ୍ରଟ ଷ୍ଟ୍ରାକିଂ), ଟୁରବରମେସିନ୍ - ୧୮୪୩, ଫାକଲ୍ଟ ମେସିନ୍ ୧୮୪୩ ଏଡ଼ ମେସିନ୍ - ୧୮୫୦, ଫେୟାରବ୍ୟାଙ୍କ ମେସିନ୍ - ୧୮୫୦, ଯୋନସ୍ ମେସିନ୍ - ୧୮୫୦, ହ୍ୟୁଗସ୍ ମେସିନ୍ - ୧୮୫୧, ଯୋନସ୍ ଟାଇପୋଗ୍ରାଫର - ୧୮୫୨, ଥୋମାସ୍ ଟାଇପୋଗ୍ରାଫ - ୧୮୫୪, ବେଚ୍ ଟାଇପ୍ ରାଇଟର - ୧୮୫୬, ଫ୍ରାନ୍‌ସ୍ସିସ୍ ଟାଇପ୍ ରାଇଟର - ୧୮୫୭, ହେନସ୍ନ ମେସିନ - ୧୮୬୫, ଲିଭରମୋର ପ୍ରିଂଟି ଡିଭାଇସ୍ - ୧୮୬୩, ପିଲିର ରାଇଟିଂ ମେସିନ୍ - ୧୮୬୬ ଏବଂ ସୋଲ୍ସ ଗ୍ଲିଡ଼େନ ଟାଇପ୍ ରାଇଟର - ୧୮୬୭ । ଏହା ପରେ ଥୋମାସ୍ ଆଲଭା ଏଡ଼ିସନ୍ ୧୮୭୨ରେ ଇଲେକ୍ଟ୍ରୋନିକ୍ ଟାଇପ୍ ରାଇଟର ବାହାର କଲ । ୧୮୨୯ ମସିହାରୁ ଯେଉଁ ସବୁ ଟାଇପ୍ ରାଇଟର ବାହାରିଲା ସେ ସବୁ ସେଇ ବାର୍ଟଙ୍କ ମଡ଼େଲରୁ ଟିକିଏ ଉନ୍ନତ ଧରଣର ଥିଲା । ଏହା ୧୮୨୯ରୁ ସେମିତି ୧୮୬୭ ପର୍ଯ୍ୟନ୍ତ ଚାଲିଲା । ବିଭିନ୍ନ ଲୋକ ବିଭିନ୍ନ ପ୍ରକାରର ତିଆରି କରି ବିକ୍ରି କରୁଥିଲେ । ଏହାର ଯନ୍ତ୍ରାଂଶ ବିଭିନ୍ନ ସମୟରେ ବାହାରିଛି । ଏହାର କ୍ୟାରେଜ୍ ସ୍ପ୍ରିଙ୍ଗ (Carrage Spring)- ୧୭୦୬ ପ୍ରଥମେ ମିଲଙ୍କ ସମୟରେ ବାହାରିଥିଲା, ରିବନ (Ribbon) ଟୁରୀଙ୍କ ସମୟରେ, ଲିଭର ସିଷ୍ଟମ (Lever System)- ବାର୍ଟଙ୍କ ସମୟରେ, ପ୍ରିଂଟି ରୋଲର(ବାର) Printing Roller Bar - ଟୁରୀଙ୍କ ସମୟରେ, କି-ବୋର୍ଡ଼ (Key Board) - ୧୮୭୩, ଅଗପଟୁ ଛାପିବା (Front Striking) - ୧୮୯୫, ଛୋଟ ବଡ଼ ଅକ୍ଷର (Capital and Small Letter)- ୧୯୧୦,

Download Magazine from www.aahwaan.com

(Four row Key Board) ୪ ଥାକିଆ କି-ବୋର୍ଡ଼ -୧୯୧୯, ଫୋର ରନର (Fore Runner) - ବାର୍ଟ, QUERTY Key Board -୧୮୭୩ .

୧୮୬୮ରେ ଟାଇପ୍ ରାଇଟର ଖ୍ରୀଷ୍ଟଫର ଲାଥାମ୍ ସୋଲସ୍ ବାହାର କରିବାରୁ ଲେଖା ଛପା କାମ ସହଜ ହୋଇଗଲା । ସୋଲସ୍ ବୃତ୍ତିରେ ଜଣେ ରିପୋର୍ଟର ଥିଲେ । ଟାଇପ୍ରାଇଟର ଉଦ୍ଭାବନ ପଛରେ ଗୋଟାଏ ମଜା ଗପ ଅଛି । ଥରେ ସୋଲସ୍ ଟେଲିଗ୍ରାଫ କମ୍ପାନୀ ଅଫିସକୁ ଯାଇଥିଲେ । ସେଠାରେ ଗୋଟିଏ ଲେଖାର କପି କରିବା ପାଇଁ ଜଣଙ୍କୁ କାର୍ବନ ଖଣ୍ଡେ ମାଗିଲେ । ସେ ମନାକରି କହିଲା – କାଲି ଯଦି ମୁଁ ତୁମକୁ ଏଠାରେ ଦେଖେ ତାହେଲେ କଥା ଅଲଗା ହେବ । ଆଉ ଏଠାକୁ କେବେ ଆସିବାକୁ ସାହାସ କରିବନି । ସେହିକଥାକୁ ମନରେ ଧରି ସୋଲସ୍ ଟାଇପ୍ ରାଇଟର ବାହାର କଲେ । ଛାପାକଳ ଉଦ୍ଭାବନ ପରେ ଟାଇପ୍ ରାଇଟର ଏକ ଚଳନ୍ତି ଛାପାଖାନର କାର୍ଯ୍ୟ ଆରମ୍ଭ କଲା । ଏହି ଟାଇପ୍ ରାଇଟରରେ ମାର୍କସ୍ ଟ୍ୱାନିଙ୍କର ପ୍ରଥମ ନଭେଲ ଟମ ସାଞ୍ଜର ବହି ଟାଇପ୍ ରାଇଟରେ ପ୍ରସ୍ତୁତ କରାଯାଇଥିଲା । ଏହି ଥୁଆ-ହେବା-ଟାଇପ୍ରାଇଟର ବଦଳରେ ଏକ ଚଳନ୍ତି ଟାଇପ୍ ରାଇଟର (ପୋର୍ଟେବୁଲ୍) ଟାଇପ୍ ରାଇଟର ବାହାରିଲା । ଏହାକୁ ଗୋଟିଏ ବାକ୍ସରେ ରଖି ହାତରେ ଧରି ବିଭିନ୍ନ ଜାଗାକୁ ଯାଇ ସେଠାରେ ଚିଠିପତ୍ର ଟାଇପ୍ କରି ମଧ୍ୟ ପ୍ରଦାନ କରାଯାଉଥିଲା । ବଡ଼ ବଡ଼ ଅଫିସରମାନେ ଇନ୍‌ସପେକ୍ସନରେ ଗଲେ ଷ୍ଟେନୋମାନେ ଏହି ପୋର୍ଟେବୁଲ୍ ଟାଇପ୍ ରାଇଟର ନେଇ ଅଫିସର ମାନଙ୍କ ସାଙ୍ଗରେ ଯାଉଥିଲେ । ଆଜି ଏହାର ଆବଶ୍ୟକତା ନାହିଁ । ନେଟରେ ଲେଖାଲେଖି ଚାଲିଲାଣି । ଏହା ଦେଖିବାକୁ ଅତି ଛୋଟ । ଠିକ୍ ଆଜିର ଲାପଟପ୍ ପରି । ଆଉ ସେ ଯେଉଁ କି-ବୋର୍ଡ଼ ବାହାର କରିଥିଲେ ଏବେ ବର୍ତ୍ତମାନ ସୁଦ୍ଧା କମ୍ପ୍ୟୁଟରରେ ମୋବାଇଲ୍ ଫୋନ୍‌ରେ ମଧ୍ୟ ବ୍ୟବହାର ହେଉଛି । ଟାଇପ୍ ରାଇଟର ବ୍ୟାକ ସ୍ପେସ୍ ଓ ଫରୱାର୍ଡ଼ ଏବେ ମଧ୍ୟ କମ୍ପ୍ୟୁଟରରେ କାମ କରୁଛି । ଟାଇପ୍

Download Magazine from www.aahwaan.com

ରାଇଟରର କ୍ୟାରେଜ୍ ମଧ୍ୟ ଆଜି କମ୍ପ୍ୟୁଟରର ଏଂଟରର (Enter) କାମ କରୁଛି ।

୧୮୭୩ ମସିହାରେ ସୋଲସ୍ ଟାଇପ୍ ରାଇଟରର୍ସ ପେଟେଂଟ ରେମିଙ୍ଗିଟନ ଆର୍ମସ୍ କମ୍ପାନୀକୁ ବିକ୍ରି କରିଦେଲେ । ଏହାପରେ ଏହି କମ୍ପାନୀର ନାମ ଇ.ରେମିଙ୍ଗିଟନ ଆଣ୍ଡ ସନ୍ସ ହେଲା । ୧୮୮୬ ମସିହାରେ ରେମିଙ୍ଗିଟନ କମ୍ପାନୀ ଏହାର ସ୍ୱତ୍ତ୍ୱ ରେମିଙ୍ଗିଟନ ର୍ଯ୍ୟାଣ୍ଡ କମ୍ପାନୀକୁ ବିକ୍ରି କରିଦେଲା । ପରେ ଏହା ସ୍ପେରୀ ର୍ଯ୍ୟାଣ୍ଡରେ ପରିଣତ ହେଲା । ୧୯୯୫ ମସିହାରେ ରେମିଙ୍ଗିଟନ କମ୍ପାନୀ ବନ୍ଦ ହୋଇଗଲା । ଏହା ଥିଲା ଏକ ଯୁଗାନ୍ତକାରୀ ପଦକ୍ଷେପ । ଆଜି ତାହା ଅକାମି ହୋଇଗଲା । ଅଲୋଡା ହୋଇଗଲା । ମାଟିରେ ପରିଣତ ହୋଇଗଲା ।

ଏହି ଟାଇପ୍ରାଇଟର ଦୀର୍ଘ ୨୦୦ ବର୍ଷ କାଳ ଲୋକମାନଙ୍କର ସେବାରେ ଲାଗିଲା ଶେଷରେ ଏହାର ବିଭିନ୍ନ ପ୍ରକାରର ଟାଇପ୍ ରାଇଟର ବାହାରିଲା । ଗୋଦରେଜ କମ୍ପାନୀ ମଧ୍ୟ ଟାଇପ୍ ରାଇଟର ବାହାର କରିଥିଲା । ୨୦୧୧ ମସିହାର ଏହାର ନିର୍ମାତା ଗୋଦରେଜ୍ କମ୍ପାନୀ ଏହାକୁ ମୃତ ଘୋଷଣା କଲେ । ଏହା ପୂର୍ବରୁ ରେମିଙ୍ଗଟନ୍ କମ୍ପାନୀ ଏହାର ଉତ୍ପାଦନ ୧୯୯୫ ମସିହାରୁ ବନ୍ଦ କରିଦେଇଥିଲା । ଟାଇପ୍ ରାଇଟର ବ୍ୟବହାର ଯୋଗୁଁ ଶାସନକ୍ଷେତ୍ରରେ କପି କରିବା ସହଜରୁ ସହଜତର ହୋଇଗଲା । ଯଦିଓ ଆଜି ଶାସନ କ୍ଷେତ୍ରରେ ପ୍ରଶାସକ କିରାଣୀ ମୁଦ୍ରାକାର କ୍ଷିପ୍ର ଲିପିକାର ନହେଲେ ଶାସନ କଳ ଚାଲୁନି ।

ଯେତେବେଳେ କମ୍ପ୍ୟୁଟର ବାହାରିଲା କମ୍ପ୍ୟୁଟର ଟାଇପ୍ କପିକୁ କୋର୍ଟରେ ଗ୍ରହଣ କଲେନି ସେମାନେ ଟାଇପ୍ ରାଇଟର କପିରେ କାଉଣ୍ଟର ଦେବାକୁ ଚାହିଁଲେ ସେମାନେ କହିଲେ କମ୍ପ୍ୟୁଟର କପି ବେଶି ଦିନ ରହିବ ନାହିଁ ଏହା ସମୟକ୍ରମେ କାଳି ଲିଭି ଯିବ । କିନ୍ତୁ ଏହି ଭ୍ରମଧାରଣା ସମୟକ୍ରମେ ବଦଳିଗଲା । ବର୍ତମାନ କୋର୍ଟରେ କମ୍ପ୍ୟୁଟର କପି ବ୍ୟବହାର ହେଉଛି । ଇଂରେଜମାନେ ୧୮୦୩ ଖ୍ରୀ.ରେ ଓଡ଼ିଶା ଦଖଲ କଲାପରେ ଯେଉଁ ଚିଠିପତ୍ର

Download Magazine from www.aahwaan.com

ଆଦାନପ୍ରଦାନ କରୁଥିଲେ ସେ ସବୁ ହାତ ଲେଖା ଚିଠି ତାକୁ ପଢ଼ିବା କଷ୍ଟକର ଥିଲା । ଏଗୁଡ଼ାକର କପି ଷ୍ଟେଟ ଆର୍କାଇଭିସରେ ରହିଛି । କାରଣ ୧୮୬୮ରେ ଟାଇପ୍ ରାଇଟର ବ୍ୟବସାୟିକ ଭିତିରେ ବିକ୍ରିହେଲା ଓ ଏହା ପ୍ରଚଳନ ହେଲା । ୧୮୦୩ ମସିହା ବେଳକୁ ଚାର୍ଲସ୍ ଗ୍ରୁମ୍ ଓ ଜେମ୍ସ ପେଗ୍ସ ରଥ ଯାତ୍ରା ଉପରେ ଯେଉଁ ରିପୋର୍ଟ ଲେଖିଥିଲେ ସେଗୁଡ଼ାକ ହାତଲେଖା ଚିଠି । ଛାପା ବାହାରିଲାଣି କିନ୍ତୁ ସରକାରୀ କଳରେ ବ୍ୟବହାର କରିବା ସହଜ ନଥିଲା । ୧୮୧୪ରେ ପ୍ରଥମେ କଲିକତାରେ ଛାପାଖାନା ସ୍ଥାପନ କରାଗଲା । ପରେ ଓଡ଼ିଶାକୁ ୧୮୨୨ରେ ଖ୍ରୀଷ୍ଟିଆନମାନେ ଛାପାକଳ ସ୍ଥାପନ କରି ତାଙ୍କ ବାଇବେଲ (ଓଲ୍ଡ ଟେଷ୍ଟାମେଂଟ) ଛାପିଥିଲେ । ୧୮୬୫ ଗୌରୀଶଙ୍କର ରାୟ ଓ କେତେକ ଜମିଦାରଙ୍କ ଅଂଶଧନ ସହାୟତାରେ କଟକ ପ୍ରିଂଟିଂ କମ୍ପନୀ ଖୋଲିଲେ । ସେଥିରେ ଉତ୍କଳ ଦୀପିକା ଛାପିଲେ । ୧୮୮୦ରେ ଫକୀରମୋହନ ସେନାପତି ଉତ୍କଳ ସମ୍ବାଦ ବାହିନି ଛାପିଲେ । ପରେ ଆମର ତାଳପତ୍ର ପୋଥିରୁ ରାମାୟଣ ମହାଭାରତ ବୈଦେହୀଶ ବିଳାଶ ଓଡ଼ିଆ ଭାଗବତ ଛପାହେଲା ।

ଏହା ଥିଲା ଟାଇପ୍ରାଇଟରର ଯୁଗାନ୍ତକାରୀ ଇତିହାସ । ଆଜି ଅଲୋଡ଼ା, ଅଦରକାରୀ, ମୃତ ବୋଲି ଘୋଷଣା କରାଯାଇଛି । ହେଲେ ଏହାରି ଭିତିଭୂମି ଉପରେ କମ୍ପ୍ୟୁଟର ପ୍ରତିଷ୍ଠିତ । ଏହା ଥିଲା ପ୍ରେମ ଆଉ ସମ୍ପର୍କରୁ ସୃଷ୍ଟି ।

ଏଲ୍-୨୪୨/ଫେଜ-୧,ଡୁମୁଡୁମା ହା.ବୋ. ଭୁବନେଶ୍ୱର-୧୯
(ମୋ-୯୭୭୭୧ ୪୩୪୮୫)

Download Magazine from www.aahwaan.com

ବନ୍ଦେ ଉତ୍କଳ ଜନନୀ

ସିପ୍ରା ନାମତା (ନମ୍ରତା)

ସାଧାରଣତଃ ନିଜକୁ ଜଣେ ଓଡ଼ିଆ ବୋଲି ପରିଚୟ ଦେବାବେଳେ ଓଡ଼ିଆଭାଷୀ ଜଣକର ଛାତି ଚଉଡ଼ା ହୋଇଯାଏ । ଗର୍ବ ଓ ଗୌରବରେ ଫୁଲି ଉଠିଥାଏ । କାରଣ ଓଡ଼ିଶାର ଭାଷା ସାହିତ୍ୟ, ଐତିହ୍ୟ, କଳା ସଂସ୍କୃତି, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ, ଚାରୁଶିଳ୍ପକଳା, ଲୋକସାହିତ୍ୟ, ଖାଦ୍ୟପେୟ ଓ ପର୍ବପର୍ବାଣୀ ଇତ୍ୟାଦି ମହାନ । ଭାଷା ସାହିତ୍ୟ ସବୁଠାରୁ ପ୍ରାଚୀନତମ । ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଢ଼ିବାରେ ଓଡ଼ିଶା ପ୍ରଥମ । ଇଂରେଜ ଶାସନାଧୀନ ଥିବାସମୟରେ ଓଡ଼ିଶା କେତେବେଳେ ବଙ୍ଗ, ବିହାର, ଛତିଶଗଡ଼ ଡିଭିଜନ ସହ ଗୌଣ ରୂପେ ରହି ହିନ୍ଦୀ, ତେଲେଗୁ, ବଙ୍ଗଳା ଭାଷାର ଚାପରେ ଅତିଷ୍ଠ ହୋଇ ପ୍ରଥମେ ଏକ ଶାସନାଧୀନ ଅଞ୍ଚଳ ହେବାର ଦାବୀଟି ଶେଷରେ ସ୍ୱତନ୍ତ୍ରପ୍ରଦେଶ ଗଠନ ଦାବୀରେ ପରିଣତ ହେଲା ଏବଂ ପରିଶେଷରେ ବହୁ ବାଧାବିଘ୍ନ ସହ ବିଭିନ୍ନ ସମୟରେ ବିଭିନ୍ନ କମିସନଙ୍କ ରାୟକୁ ପ୍ରତୀକ୍ଷା କରି କରି ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଲା । ସେହିଦିନଠାରୁ ଆମେ ସମସ୍ତେ ଏପ୍ରିଲ ପହିଲାରେ ଉତ୍କଳଦିବସ ପାଳନ କରୁଛୁ । ଏହି ଦିବସ ପାଳନ କରିବାର ଯଥାର୍ଥତା କ'ଣ କେବଳ ଆମର ପୂର୍ବପୁରୁଷଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଆଉ ସଗର୍ବେ କହିବା 'ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ !' କିନ୍ତୁ ସେଇ ଭାଷାଟି ଆଜି କେଉଁଠି ତାହା ପର୍ଯ୍ୟାଲୋଚନା କରିବାର ସମୟ ଏବେ ଉପସ୍ଥିତ ।

ଆଜି ଓଡ଼ିଆ ଭାଷା ସଙ୍କଟରେ । ନଭେମ୍ବର ୯, ୨୦୧୦ରେ ଭାରତ ସରକାର

Download Magazine from www.aahwaan.com

orissaକୁ odisha ଏବଂ oriyaକୁ odiaରେ ରୂପାନ୍ତରିତ କଲେ । ଫେବୃୟାରୀ ମାସ ୨୦୧୪ ମସିହାରେ ଓଡ଼ିଆକୁ ସମ୍ବିଧାନ ସ୍ୱୀକୃତ ୨୨ଟି ଭାଷା ଭିତରୁ ମିଳିଲା ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା । ଯେଉଁମାନେ ହୀନଚକ୍ରାନ୍ତ କରି ଓଡ଼ିଆକୁ ଲୁପ୍ତ କରିବାକୁ ବସିଥିଲେ ସେମାନଙ୍କ ମୁହଁ ଲଜ୍ଜାବନତ । ଓଡ଼ିଶାରେ ଅଧୁନା ଓଡ଼ିଆ ସରକାରୀ ଭାଷା ରୂପେ ଗୃହୀତ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ସମୃଦ୍ଧ କିନ୍ତୁ ଦୀର୍ଘ ଦଶନ୍ଧି ଦଶନ୍ଧି ବିତିଗଲେ ମଧ୍ୟ ଓଡ଼ିଶାର ସୀମାନ୍ତ ଅଞ୍ଚଳ ଓ ବିଚ୍ଛିନ୍ନାଞ୍ଚଳ ଗୁଡ଼ିକରେ ଓଡ଼ିଆର ବାସ୍ତବ ରୂପ କିପରି ତାହା ଅନୁସନ୍ଧାନ କଲେ କିଛି ଆନନ୍ଦ ଅନୁଭବ କରିବା କଷ୍ଟକର ମନେହୁଏ । ପଡ଼ୋଶୀ ରାଜ୍ୟର ଭାଷା ପ୍ରଭାବରେ ରାଜ୍ୟ ସୀମାନ୍ତ ଅଞ୍ଚଳର ଭାଷା ପ୍ରଭାବିତ । ସୀମାନ୍ତରେ ଥିବା ଓଡ଼ିଆ ମାନେ ସେମାନଙ୍କର ଓଡ଼ିଆ ହିସାବରେ ଏବଂ ଓଡ଼ିଶା ରାଜ୍ୟର ବାସିନ୍ଦା ଭାବରେ ଓଡ଼ିଶା ଠାରୁ ଯେଉଁ ସୁବିଧା ସୁଯୋଗ ପାଇବା କଥା ସେଥିରୁ ସେମାନେ ବଞ୍ଚିତ । ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ସୀମାନ୍ତ ଗାଁ ଗୁଡ଼ିକରେ ସୀମା ସେପଟ ଓ ଏପଟ ଅଞ୍ଚଳର ବିକାଶ ଏହାର ପ୍ରମାଣ ଦେଇଥାଏ । କେଉଁଠାରେ ଭାଷାର ପ୍ରଭାବରେ ଓଡ଼ିଆଟିଏ ତା'ର ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଆପ୍ରାଣ ଉଦ୍ୟମ କରୁଥିବା ବେଳେ ନାନା ସମସ୍ୟାର ସମ୍ମୁଖୀନ ହୁଏ ତ କେତେବେଳେ ସୀମା ସରହଦକୁ ନେଇ ବିଭିନ୍ନ ଜଞ୍ଜାଳରେ ଘାଣ୍ଟି ହୋଇଥାଏ । ପାଠ ପଢ଼ିବାକୁ କେଉଁଠାରେ ପାଠ୍ୟ ପୁସ୍ତକର ଅଭାବ, ଶିକ୍ଷକର ଅଭାବ । ସେମାନେ ଓଡ଼ିଆ ହୋଇ ଓଡ଼ିଶାର ଅଙ୍ଗ ରୂପେ ରହିବାକୁ ପସନ୍ଦ କରୁଥିଲେ ମଧ୍ୟ ତାଙ୍କ ହାତ ଧରି ଆଗେଇ ନେଇଯିବାକୁ କେହି ନାହାନ୍ତି ରାୟଗଡା, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଇତ୍ୟାଦି ଅଞ୍ଚଳରେ ପଡ଼ୋଶୀଙ୍କ ପ୍ରାଦୁର୍ଭାବରେ ଅସ୍ତବ୍ୟସ୍ତ । ସେଇ ଏକା ପ୍ରକାର ସମସ୍ୟା ସେମାନଙ୍କୁ ହତୋତ୍ସାହ କରୁଛି । ସରକାରୀ ସ୍ତରରେ ସେମାନେ କେତେ ସୁବିଧା ସୁଯୋଗ ପାଇଛନ୍ତି

Download Magazine from www.aahwaan.com

ତାହା ପ୍ରକୃତରେ ଦୁଃଖଦାୟୀ । ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନ ଅନେକ ଦୁଃଖଦ । ସେମାନେ ପୂର୍ଣ୍ଣମାତ୍ରାରେ କୌଣସି ଗୋଟିଏ ରାଜ୍ୟର ସମବେଦନା ପାଉନାହାନ୍ତି । କିଛି ରାଜ୍ୟ ଓଡ଼ିଶାର ସୀମାନ୍ତରେ ଥିବା ଗ୍ରାମାଞ୍ଚଳକୁ ଅନୈତିକ ଦଖଲ କରିବାକୁ ପଛେଇ ନାହାନ୍ତି । ପକ୍କା ଘର, ପକ୍କା ରାସ୍ତା, ବିଜୁଳିବତୀ, ରାସନକାର୍ଡ଼ ସ୍କୁଲ ଓ କଲେଜ ଇତ୍ୟାଦି କରି ଓଡ଼ିଆ ଅଞ୍ଚଳ ଗୁଡ଼ିକୁ ପ୍ରଲୋଭିତ କରିବାକୁ ପଛାଉନାହାନ୍ତି । ତେଣୁ ଏସବୁ ଅଞ୍ଚଳ ଦୀର୍ଘ ଆଠ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଯେମିତି ଥିଲେ ସେହିପରି ହିଁ ରହିଛନ୍ତି ।

ପାଠ୍ୟ ପୁସ୍ତକର ଅଭାବ, ଶିକ୍ଷକର ଅଭାବ, ଅର୍ଥନୀତି ଓ ସରକାରୀ ଅସହଯୋଗରୁ କ୍ରମେ ଉତ୍ତୀର୍ଣ୍ଣ ହେଲେ ଯାଇ ଆମର ସମ୍ପୂର୍ଣ୍ଣ ସ୍ୱାଧୀନତର ମୂଲ୍ୟବୃଦ୍ଧି ହେବ । କେବଳ ଆଇନରେ ପରିଣତ କଲେ ହେବନାହିଁ, ତାହା ପ୍ରତି ଜନମାନସରେ ଛାପ ହୋଇ ରହିବା ଆବଶ୍ୟକ । ଭାଷାକୁ ଉଜ୍ଜୀବିତ କରିବା ପାଇଁ ସରକାରୀ ଓ ବେସରକାରୀ ଉଭୟ ସ୍ତରରେ ପଦକ୍ଷେପ ନେଇ ଗୋଟିଏ ଜାତିର ଟେକ ବା ପଣ ଜାତୀୟସ୍ତରରେ ରଖିପାରିବା ହେଉଛି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ । ଏ ହେଲା ସୀମାନ୍ତରେ ଓଡ଼ିଆ ଭାଷାଭାଷୀ ସମ୍ମୁଖୀନ ହେଉଥିବା ଦୁଃଖ । କିନ୍ତୁ ଓଡ଼ିଆ ଭାଷାଭାଷୀ ରହୁଥିବା ବିଚ୍ଛିନ୍ନାଞ୍ଚଳ ହୋଇ ରହିଯାଇଥିବା ପୂର୍ବ ସିଂହଭୂମ, ମେଦିନୀପୁର ଏବଂ ତଦନ୍ତର୍ଗତ କଣ୍ଟାଇ ସବ୍-ଡିଭିଜନ, କେଶପୁର, ଦାନ୍ତନ, ଗୋପିବଲ୍ଲଭପୁର, ଝାଡ଼ଗ୍ରାମ, ନାରାଣଗଡ଼, ଏଗ୍ରା, ରାମନଗର, ପଟ୍ଟାସପୁର, ନୂଆବସାଣ ଇତ୍ୟାଦି ଅଞ୍ଚଳରେ ଓଡ଼ିଆମାନେ ଏବଂ ଷଢ଼େଇକଳା ଓ ଖରସୁଆଁ ଦୁଇଟି ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟର ଓଡ଼ିଆମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଥିବାର କାରଣ ଏକାଧିକ । ଏଇ ଭାଷା ଓ ଜାତିକୁ ବଞ୍ଚେଇ ରଖିବା ପାଇଁ ଆମର ପୂର୍ବପୁରୁଷମାନେ ଯେଉଁ

Download Magazine from www.aahwaan.com

ଅକ୍ଳାନ୍ତ ପରିଶ୍ରମ, ତ୍ୟାଗ, ନିଷ୍ଠା ଓ ସାଧନାରେ ବ୍ରତୀ ଥିଲେ ସେ ସବୁକୁ ଅକ୍ଷୁର୍ଣ୍ଣ ରଖିବା ଏ ଯୁଗରେ ଯୁବପିଢ଼ୀଙ୍କର ଉତ୍ତର ଦାୟିତ୍ୱ । ଭାଷା ଆନ୍ଦୋଳନର ଇତିହାସରେ ଗୋପବନ୍ଧୁ ଦାସ, ଗୋଦାବରୀଶ ମିଶ୍ରଙ୍କ ଅକ୍ଳାନ୍ତ ଚେଷ୍ଟା ଫଳରେ ସିଂହଭୂମରେ ଓଡ଼ିଆ ବିଦ୍ୟାଳୟ ସ୍ଥାପନ ହୋଇଥିଲା । ସେଥିରେ ତାଙ୍କୁ ସହଯୋଗ ଦେଇଥିଲେ ଗତିକୃଷ୍ଣ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଭଗବାନ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ମଦନମୋହନ ଷଡ଼ଙ୍ଗୀ, କାହ୍ନୁ କିଶୋର ପାଣି, ଅନନ୍ତ ମିଶ୍ର ପ୍ରଭୃତି । ସେହିପରି ମେଦିନିପୁରରେ ଓଡ଼ିଆର ପ୍ରଚାର ପାଇଁ ଲକ୍ଷ୍ମୀ ନାରାୟଣ ସାହୁ, ଭୁବନାନନ୍ଦ ଦାସ, ଭାଗବତଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଭୂୟାଁ, ବିଶ୍ୱନାଥ ଦାସ ପ୍ରଭୃତି ପ୍ରମୁଖ ରୂପେ ଅଂଶଗ୍ରହଣ କରିଥିଲେ । ସେମାନେ ଓଡ଼ିଆ ଭାଷାର ଏକ ଅଂଶ ରୂପେ ପରିଗଣିତ ।

ଇତିହାସରେ କିଛି ଛଳନା, କୂଟନୀତି ଓ ପ୍ରବଞ୍ଚନାର ଶିକାର ହୋଇ ବିଚ୍ଛିନ୍ନାଞ୍ଚଳ ହୋଇ ରହିଗଲେ ସତ କିନ୍ତୁ ସେଇ ଓଡ଼ିଆ ସଂସ୍କୃତିରେ ଆଜିପର୍ଯ୍ୟନ୍ତ ପ୍ରବାହମାନ ହେଉଛନ୍ତି । ଓଡ଼ିଆଭାଷୀ ବିଚ୍ଛିର୍ନ୍ନାଞ୍ଚଳ କହିବାକୁ ଲଜ୍ଜା ଲାଗେ ଏଇ ଓଡ଼ିଶା ମାଟିରେ ଆମେ କଟା ଅଙ୍ଗ ରୂପେ ପଡ଼ି ରହିଛୁ । ସ୍ୱପ୍ନ ଦେଖିବାକୁ ଓ ତାହା ପୂରଣ କରିବାକୁ ସମସ୍ତେ ସୁଖ ପାଆନ୍ତି ତେଣୁ ସେମାନଙ୍କ ସ୍ୱପ୍ନକୁ ପୂରଣ କରିବା ଆମମାନଙ୍କର ନୈତିକ ଦାୟିତ୍ୱ ମଧ୍ୟ । ତେଣୁ ସାମଗ୍ରୀକ ଭାବେ ଓଡ଼ିଆ ଭାଷାଭାଷୀଙ୍କର ସର୍ବତୋଭାବେ ଉନ୍ନତି ହେଲେ ଯାଇ ଗୋଟିଏ ଜାତିର ମର୍ଯାଦା ବୃଦ୍ଧି ପାଇବ । ଏବଂ ସକଳେ ମିଶି ଏକ ସ୍ୱରରେ ଉତ୍କଳ ମାତାର ବନ୍ଦନା ଗାଇବା 'ବନ୍ଦେ ଉତ୍କଳ ଜନନୀ .....'

ବାରିପଦା ।

Download Magazine from www.aahwaan.com

ଜାତୀୟ ଅଗ୍ନିଶମ ଦିବସ

ଶ୍ରୀ ରମା କାନ୍ତ ମିଶ୍ର

୧୪ ଏପ୍ରିଲ ଜାତୀୟ ଅଗ୍ନିଶମ ଦିବସ ଉପଲକ୍ଷେ

ଅଗ୍ନି ଓ ଏହାର ଉପଶମ

"ହେ ଅଗ୍ନି ତୁମ୍ଭେ ଆମ୍ଭଙ୍କୁ ଶକ୍ତିଶାଳୀ ହେବାପାଇଁ ସହାୟକ ହୁଅ । ଆମ୍ଭର ପାପନାଶ କର । ଆମ୍ଭେ ତୁମ୍ଭ ନିକଟରେ ନତମସ୍ତକ ହେଉଛୁ ।"

-ଋଗ୍‌ବେଦ

ଅଗ୍ନି ଆମର ଚିର ସାଥି । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅଗ୍ନି ଆମର ଆବଶ୍ୟକତା । ଅଗ୍ନି ଆମର ଦୈନନ୍ଦିନ ଜୀବନରେ ଅତ୍ୟନ୍ତ ସହାୟକ । ସକାଳୁ ଉଠି ଚୁଲା ଲଗାଇ ଚା ବନାଇବା ଠାରୁ ଆରମ୍ଭ କରି, ଦୈନନ୍ଦିନ ଖାଦ୍ୟ ସାମଗ୍ରୀର ପ୍ରସ୍ତୁତି, ପୂଜା ପାଠ ସମୟରେ ହୋମ, ବାହା ବ୍ରତ ଘରେ ବାଣ ଓ ସାଂସ୍କୃତିକ ଉତ୍ସବ ସମୟରେ ମଧ୍ୟ ଆମେ ଅଗ୍ନି ଉପରେ ନିର୍ଭର କରିଥାଉ । ତେଣୁ ଆମେ ଏହାକୁ ଅଗ୍ନି ଦେବତାର ଆଖ୍ୟା ଦେଇଥାଉ । ମାତ୍ର ଆମର ଏହି ଅତ୍ୟନ୍ତ ଆପଣାର ବନ୍ଧୁ ବେଳେ ବେଳେ ପରମ ଶତ୍ରୁତାର ପରିଚୟ ମଧ୍ୟ ଦେଇଥାଏ, ଏବଂ ଖୁବ୍ କମ ସମୟ ମଧ୍ୟରେ ଆମର ସବୁ ଜିନିଷକୁ ଜାଳି ପୋଡି ଭସ୍ମ କରି ଦେଇଥାଏ ।



THE FIRE TRIANGLE

Download Magazine from www.aahwaan.com

ଅଗ୍ନି ତ୍ରିଭୁଜ

ଅଗ୍ନି କଣ ଓ କିପରି ହୁଏ ଏହାର ସୃଷ୍ଟି :

ଅଗ୍ନି ବା ଚଳନ୍ତି ଭାଷାରେ ନିଆଁ ଏକ ରାସାୟନିକ ପ୍ରକ୍ରିୟା । ସାଧାରଣତଃ ଏହା ଉତ୍ତାପ, ଦହନିୟ ବସ୍ତୁ ଏବଂ ଅମ୍ଳଜାନର ଏକ ନିର୍ଭରଯୋଗ୍ୟ ମିଶ୍ରଣରୁ ପ୍ରସ୍ତୁତ ହୋଇଥାଏ । ତେଣୁ ନିଆଁ ଲାଗିଲେ ଉପରୋକ୍ତ ତିନୋଟି ବସ୍ତୁରୁ ଗୋଟିକୁ ବାହାର କରିଦେଲେ ନିଆଁ ଆପେ ଆପେ ଲିଭିଯାଏ ।

ଆବହମାନ କାଳରୁ ଅଗ୍ନି ଆମର ସହାୟକ । ଆମେ ଅଗ୍ନିକୁ ପୂଜା କରୁ । ଯଦିଓ ପ୍ରତ୍ୟେକ ଅଗ୍ନିରୁ ଉତ୍ତାପ ସୃଷ୍ଟି ହୁଏ, କିନ୍ତୁ ପ୍ରତ୍ୟେକ ଅଗ୍ନି ଏକ ପ୍ରକାର ନୁହେଁ; ବା ତାକୁ ନିର୍ବାପନ କରିବା ପାଇଁ ମଧ୍ୟ ଏକା ପ୍ରକାର ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର କରାଯାଏ ନାହିଁ । ଏଣୁ ସଭିଙ୍କୁ ଅଗ୍ନିର ପ୍ରକାରକୁ ଚିହ୍ନିବାକୁ ହେବ ଏବଂ ତା ପାଇଁ ଉପଯୁକ୍ତ ପ୍ରକାରର ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଶିଖିବାକୁ ହେବ । ମନେ ରଖନ୍ତୁ ଜଳୁଥିବା ଖଣ୍ଡିଏ ସିଗାରେଟ ମଧ୍ୟ ଧ୍ୱଂସର କାରଣ ହୋଇପାରେ ।

ନିଆଁ କିପରି ଲିଭି ଥାଏ :

ସାଧାରଣତଃ ନିମ୍ନଲିଖିତ ପ୍ରକ୍ରିୟା ଦ୍ୱାରା ନିଆଁକୁ ଅତି ସହଜରେ ଲିଭାଯାଇପାରେ :-

୧. ଉତ୍ତାପକୁ ଦୂର କରି : ଜଳ କିମ୍ବା କୌଣସି ଥଣ୍ଡା ପଦାର୍ଥକୁ ଉତ୍ତାପ ଉପରେ ପ୍ରୟୋଗ କରି ।

୨. ଦହନୀୟ ବସ୍ତୁକୁ ହଟାଇ ଦେଇ : ଭାଲଭ୍ ବା ପାଇପ ଲାଇନକୁ ବନ୍ଦ କରି ବା ଦହନୀୟ ବସ୍ତୁକୁ ନିଆଁ ଠାରୁ ଅଲଗା କରି ।

୩. ଅମ୍ଳଜାନକୁ ହଟାଇ ଦେଇ : ନିଆଁ ଉପରେ ଫେଣ (ଫୋମ), ବାଲି, ବା କାର୍ବନ ଡାଇ ଅକ୍ସାଇଡ ପକାଇ ତା ଉପରେ ଗୋଟିଏ କମ୍ବଳ ଭଳି ଆସ୍ତରଣ ସୃଷ୍ଟିକରି ।

Download Magazine from www.aahwaan.com

୪. ପ୍ରକ୍ରିୟାକୁ ବନ୍ଦ କରି : ଶୁଖିଲା ପାଉଡର ବା ସିଜ୍ ଫାୟାର ବ୍ୟବହାର କରି ।

ଭାରତୀୟ ମାନଦଣ୍ଡ ଅନୁଯାୟୀ ନିଆଁକୁ ୫ ଭାଗରେ ବିଭକ୍ତ କରାଯାଇଛି । ନିମ୍ନରେ ସେମାଙ୍କର ବିଶେଷ ବିବରଣୀ ଦିଆଯାଇଛି :

ନିଆଁର ଶ୍ରେଣୀ କେଉଁ ପ୍ରକାରର ନିଆଁ

କ (ଏ) କାଗଜ, କାଠ, କନା, ଓ ଫାଇବର ଇତ୍ୟାଦି ।

ଖ (ବି) ତୈଳ ଜାତୀୟ ପଦାର୍ଥ ଯଥା : ପେଣ୍ଟ, ଗ୍ରୀସ୍, ପେଟ୍ରୋଲ, ଡିଜେଲ, କିରାସିନ ଇତ୍ୟାଦି ।

ଗ (ସି) ଚାପ ଜନିତ ଗ୍ୟାସିୟ ପଦାର୍ଥ ଯଥା : କୁକିଙ୍ଗ ଗ୍ୟାସ, ଡି. ଏ. ଗ୍ୟାସ ଇତ୍ୟାଦି ।

ଘ (ଡି) ଧାତୁ ଜନିତ ନିଆଁ ଯଥା : ମାଗ୍ନେସିଅମ୍, ଟିଟାନିୟମ୍, ଲିଥିୟମ୍, ଫସଫୋରସ୍, ଓ ଆଲୁମିନିଅମ୍ ପାଉଡର ଇତ୍ୟାଦି ।

ଙ୍ଗ (ଇ) ଇଲେକ୍ଟ୍ରିକାଲ ନିଆଁ ଯଥା : ସର୍ଟ ସର୍କିଟ ବା ଫ୍ଲାସିଙ୍ଗ ଦ୍ୱାରା ହେଉଥିବା ନିଆଁ ।

ଉପରୋକ୍ତ ନିଆଁ ସବୁକୁ ଲିଭାଇବା ପାଇଁ ଭିନ୍ନ ଭିନ୍ନ ପ୍ରକାରର ପୋର୍ଟେବଲ୍ ନିଆଁ ଲିଭାଇବା ସିଲେଣ୍ଡର ମାନ ବ୍ୟବହାର କରାଯାଇଥାଏ ।

Download Magazine from www.aahwaan.com

ବିଭିନ୍ନ ପ୍ରକାରର ନିଆଁ ଲିଭାଇବା ଉପକରଣ :

୧. ସୋଡ଼ା ଏସିଡ ଅଗ୍ନି ନିର୍ବାପକ ଯନ୍ତ୍ର :

ଏହା ୯ ଲିଟର କ୍ଷମତା ବିଶିଷ୍ଟ ଗୋଟିଏ ସିଲିଣ୍ଡର । ଏହାକୁ କେବଳ 'କ' ଶ୍ରେଣୀ ନିଆଁରେ ବ୍ୟବହାର କରାଯାଇଥାଏ । ଏହା ୬ ମିଟର ଦୂରତାକୁ ୬୦ ସେକଣ୍ଡ ପାଇଁ ପାଣି ଫିଙ୍ଗି ଥାଏ । ବ୍ୟବହାର କରିବା ପ୍ରଣାଳୀ : ନିଆଁ ଲାଗିବାର ଜାଣିଲେ ପ୍ରଥମେ ସିଲିଣ୍ଡରକୁ ଧରି ଭଲ ଭାବରେ ହଲାଇ ଦିଅନ୍ତୁ ଓ ଉପରର ପ୍ଲାନଜର୍‌କୁ ତଳେ ପିଟି ଓଲଟାଇ ଧରି ନଜଲ୍‌କୁ ନିଆଁ ପାଖରେ ଦେଖାନ୍ତୁ । ପରେ ବାମରୁ ଡାହାଣ ଓ ଡାହାଣରୁ ବାମ ପାଣିର ସ୍ରୋତକୁ ଦେଖାନ୍ତୁ । ଏହା ଉତ୍ତାପକୁ କାଟିବା ଫଳରେ ନିଆଁ ଲିଭିଯାଏ । ନିମ୍ନ ରେ ସୋଡ଼ା ଏସିଡ୍ ଅଗ୍ନି ନିର୍ବାପକ ଯନ୍ତ୍ରର ଚିତ୍ର ଦିଆଯାଇଛି ।



Soda-acid extinguisher

ସୋଡ଼ା ଏସିଡ ଅଗ୍ନି ନିର୍ବାପକ ଯନ୍ତ୍ର

୨ . ଫୋମ୍ କମ୍ପାଉଣ୍ଡ ଏକ୍ସଟିନଗୁଇସ୍‌ର ବା ଅଗ୍ନି ନିର୍ବାପକ ଯନ୍ତ୍ର :

Download Magazine from www.aahwaan.com

ଏହା ମାତ୍ର ୯ ଲିଟର କ୍ଷମତା ବିଶିଷ୍ଟ ସିଲିଣ୍ଡର । ଏହାକୁ କେବଳ 'ଖ' ଶ୍ରେଣୀ ନିଆଁରେ ବ୍ୟବହାର କରାଯାଇଥାଏ । ଏହା ୬ ମିଟର ଦୂରତ୍ୱକୁ ପୁରା ୩୬ ସେକଣ୍ଡ ପର୍ଯ୍ୟନ୍ତ ଫେଣ ଫୋପାଡ଼ି ଥାଏ ।

ବ୍ୟବହାର କରିବା ବିଧି : କୌଣସି ତୈଳ ଜାତୀୟ ପଦାର୍ଥରେ ନିଆଁ ଲାଗିଲେ ସିଲିଣ୍ଡରର ନଜଲ୍‌କୁ ସଫା କରି ଏହାର ଉପର ନବ୍‌କୁ ଉପରକୁ ଉଠାନ୍ତୁ, ତାପରେ ସିଲିଣ୍ଡରକୁ ଓଲଟାଇ ତେଲ ପାତ୍ରର ଗୋଟିଏ କୋଣକୁ ପ୍ରୟୋଗ କରନ୍ତୁ । ଫୋମ୍ ତେଲ ଉପରେ ଗୋଟିଏ କମ୍ବଳ ପରି ଆସ୍ତରଣ ସୃଷ୍ଟି କରେ ଓ ନିଆଁକୁ ଲିଭାଇ ଦିଏ । ଏହା ନିଆଁକୁ ଅମ୍ଳଜାନ ଦେବା ବନ୍ଦ କରିଥାଏ ଫଳରେ ନିଆଁ ଲିଭିଯାଏ । ନିମ୍ନରେ ଫୋମ୍ କମ୍ପାଉଣ୍ଡ ଏକ୍ସଟିନଗୁଇସ୍‌ର ଚିତ୍ର ପ୍ରଦାନ କରାଯାଇଅଛି ।



Foam fire extinguishers—chemical foam



Foam fire extinguishers—mechanical foam

ଫୋମ କମ୍ପାଉଣ୍ଡ ଏକ୍ସଟିନଗୁଇସର ବା ଅଗ୍ନି ନିର୍ବାପକ ଯନ୍ତ୍ର

<u>୩ . ଡ୍ରାଇ କେମିକାଲ ପାଉଡର ଅଗ୍ନି ନିର୍ବାପକ ଯନ୍ତ୍ର :</u>

ଏହା ଗ୍ୟାସ୍ ଜନିତ ନିଆଁ, ପେଟ୍ରୋଲିୟମ୍ ଜନିତ ନିଆଁ, ଓ ବିଦ୍ୟୁତ ଜନିତ ନିଆଁ ଲାଗି

Download Magazine from www.aahwaan.com

ବ୍ୟବହୃତ ହୋଇଥାଏ । ଏହା ୧ କେ .ଜି ଠାରୁ ଆରମ୍ଭ କରି ୪ କେ.ଜି ପର୍ଯ୍ୟନ୍ତ କ୍ଷମତା ବିଶିଷ୍ଟ ହୋଇଥାଏ ।

ବ୍ୟବହାର କରିବା ବିଧି : ନିଆଁ ଲାଗିଲେ ସିଲିଣ୍ଡରକୁ ଆଣି ପ୍ରଥମେ ସୁରକ୍ଷା କ୍ଲିପ୍‌କୁ ଖୋଲି ଏହାର ନବ୍‌କୁ ପିଟନ୍ତୁ । ଏଥିରୁ ନିର୍ଗତ ନଳୀକୁ ୫ ରୁ ୬ ଫୁଟ ଦୂରତାରେ ରଖି ନିଆଁକୁ ଦେଖାନ୍ତୁ । ଏହାର ପ୍ରେସର୍ ଯୋଗୁ ନିଆଁର ଅମ୍ଳଜାନକୁ ଏହା ବିଚ୍ଛିନ୍ନ କରିଥାଏ, ଫଳରେ ନିଆଁ ଲିଭିଯାଏ । ନିମ୍ନରେ ଡ୍ରାଇ କେମିକାଲ ପାଉଡର୍ ଏକ୍ସଟିନ୍‌ଗ୍ୱିସର୍‌ର ଚିତ୍ର ଦିଆଯାଇଅଛି ।



ଡ୍ରାଇ କେମିକାଲ ପାଉଡର ଅଗ୍ନି ନିର୍ବାପକ ଯନ୍ତ୍ର

<u>୪. କାର୍ବନ ଡାଇ ଅକ୍ସାଇଡ (ଅଙ୍ଗାରକାମ୍ଳ) ଅଗ୍ନି ନିର୍ବାପକ ଯନ୍ତ୍ର :</u>

ଏହା ତୈଳ ଜାତୀୟ ନିଆଁ, ଗ୍ୟାସ ଜାତୀୟ ନିଆଁ, ଓ ଇଲେକ୍ଟ୍ରିକାଲ୍ ଜାତୀୟ ନିଆଁରେ ବ୍ୟବହୃତ ହୋଇଥାଏ । ସାଧାରଣତଃ ଏହା କେମିକାଲ ଓ ଧାତୁ ଜନିତ ନିଆଁ ସବୁରେ ବ୍ୟବହାର କରାଯାଏ ।

ବ୍ୟବହାର କରିବା ବିଧି : ପ୍ରଥମେ ସୁରକ୍ଷା ନବ୍‌କୁ ଖୋଲନ୍ତୁ ଓ ଭାଲବ୍‌କୁ ଧୀରେ ଖୋଲି

Download Magazine from www.aahwaan.com

ନିଆଁକୁ ଦେଖାନ୍ତୁ । ପରେ ଯେତିକି ପ୍ରେସର ଦରକାର ସେତିକି ଦିଅନ୍ତୁ । ଯେହେତୁ ଅଙ୍ଗାରକାମ୍ଳ ଦହନୀୟ ନୁହେଁ ଏହା ଅମ୍ଳଜାନକୁ କାଟିଥାଏ ଫଳରେ ନିଆଁ ଲିଭିଯାଏ । ନିମ୍ନରେ କାର୍ବନ ଡାଇ ଆକ୍ସାଇଡ୍ ଏକ୍ସଟିନ୍ଗୁଇସ୍‌ର ଚିତ୍ର ଦିଆଯାଇଅଛି ।



କାର୍ବନ ଡାଇ ଅକ୍ସାଇଡ (ଅଙ୍ଗାରକାମ୍ଳ) ଅଗ୍ନି ନିର୍ବାପକ ଯନ୍ତ୍ର

ଭି.ଆଇ.ଏମ. - ୨୬୮

ଶୈଳଶ୍ରୀ ବିହାର

ଭୁବନେଶ୍ୱର - ୭୫୧୦୨୧

ମୋବାଇଲ୍ - ୯୯୩୭୨୬୮୦୧୨

Download Magazine from www.aahwaan.com

ହିନ୍ଦୁଶବ୍ଦର ଐତିହାସିକ ତଥ୍ୟ

ବାଲ୍ମିକୀ ନାୟକ

ବର୍ତ୍ତମାନ ଭାରତରେ ହିନ୍ଦୁ ଶବ୍ଦକୁ ନେଇ ଅନେକ ପ୍ରକାର ବାଦ-ବିବାଦ ଚାଲିଛି । ହିନ୍ଦୁ ଏକ ଧର୍ମ ଓ ତା'ର ସଂସ୍କୃତି ହେଉଛି ହିନ୍ଦୁ ସଂସ୍କୃତି ବୋଲି ବହୁଳ ଭାବରେ ପ୍ରଚାର ଚାଲିଛି । ଆମର ହିନ୍ଦୁ ଧର୍ମ ଓ ହିନ୍ଦୁ ସଂସ୍କୃତି ବର୍ତ୍ତମାନ ଧ୍ୱଂସ ହେବାକୁ ଯାଉଥିବା କଥା ମଧ୍ୟ ପ୍ରଚାର ହେଉଛି । ଏହାକୁ ସାଧାରଣ ଲୋକ ନିଜର ଅସ୍ମିତାର ପ୍ରଶ୍ନ ଭାବରେ ମଧ୍ୟ ନେଉଛନ୍ତି । କିନ୍ତୁ ଆମ ଦେଶର ବିଦ୍ୱାନ ଓ ପଣ୍ଡିତମାନେ ମାନିଲେଣି ଯେ ହିନ୍ଦୁ ଏକ ଧର୍ମ ନୁହେଁ ବରଂ ଏହା ଏକ ଜୀବନପଦ୍ଧତି । ଆସନ୍ତୁ ଦେଖିବା ହିନ୍ଦୁ ଶବ୍ଦର ଅର୍ଥ ଓ ଆରମ୍ଭର ଇତିହାସ । ପ୍ରଥମେ ଆମେ ଦେଖିବା ଆମର ସର୍ବମାନ୍ୟ ଧର୍ମଗ୍ରନ୍ଥ ମାନଙ୍କରେ କେଉଁଠି ହିନ୍ଦୁ ଶବ୍ଦଟି ଅଛି । ସତକଥା ହେଉଛି - କେଉଁଠି ମଧ୍ୟ ନାହିଁ । ବେଦ, ଉପନିଷଦ, ମନୁସଂହିତା, ରାମାୟଣ, ମହାଭାରତ, ଗୀତା, ଭାଗବତ ଓ ଅନ୍ୟାନ୍ୟ ପୁରାଣରେ ହିନ୍ଦୁ ଶବ୍ଦର ଉଲ୍ଲେଖ ନାହିଁ । ଧର୍ମଶାସ୍ତ୍ର ମାନଙ୍କରେ ଆର୍ଯ୍ୟ ଶବ୍ଦର ବହୁଳ ବ୍ୟବହାର ହୋଇଛି । ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କୁ ଆର୍ଯ୍ୟପୁତ୍ର, ମହାଭାରତର ସମସ୍ତ ମହାନାୟକ ମାନଙ୍କୁ (କେବଳ କୃଷ୍ଣଙ୍କ ବ୍ୟତୀତ) ଆର୍ଯ୍ୟ ବୋଲି ସମ୍ବୋଧିତ କରାଯାଇଛି । ଅର୍ଥାତ ସେତେବେଳେ ହିନ୍ଦୁ ନୁହେଁ ଆର୍ଯ୍ୟବର୍ତ୍ତ ଧର୍ମ ଥିଲା ।

ଏଇଠି ପ୍ରଶ୍ନ ଉଠୁଛି - ପୌରାଣିକ ଧର୍ମଗ୍ରନ୍ଥ ମାନଙ୍କରେ ବିଭିନ୍ନ ଦେବାଦେବୀ, ମାନବ-ଦାନବ, ପଶୁ-ପକ୍ଷୀ, ଆକାଶ, ପାତାଳ, ସ୍ୱର୍ଗ, ନର୍କ, ଆତ୍ମା, ପରମାତ୍ମା ଇତ୍ୟାଦି ବିଷୟରେ ଅନେକ କିଛି ଲେଖାଯାଇଛି କିନ୍ତୁ ଏହି ଧର୍ମର ନାମ ହିନ୍ଦୁଧର୍ମ ବୋଲି ଲେଖାଯାଇ ନାହିଁ

Download Magazine from www.aahwaan.com

କାହିଁକି ? ତେଣୁ ପ୍ରଶ୍ନ ଉଠୁଛି - ଆମ ଧର୍ମର ନାମ ହିନ୍ଦୁଧର୍ମ ହେଲା କିପରି ?

ଇତିହାସ ଅନୁସାରେ ଗତ ୧୦୩୦ ମସିହାରେ ଯେତେବେଳେ ମହମ୍ମଦ ଗଜନୀ ଭାରତକୁ ଆସିଥିଲା, ତା' ସହିତ ପାର୍ଶୀ ଐତିହାସିକ 'ଅଲବେସୁନି' ମଧ୍ୟ ଆସିଥିଲା । ସେ ସମୟରେ ଭାରତୀୟ ଲୋକମାନଙ୍କ ଦେହର କଳା ରଙ୍ଗ, ସେମାନଙ୍କର ରହଣୀ ଶୈଳୀ ଓ ଜାତିପ୍ରଥା ଯୋଗୁଁ ପରସ୍ପର ପ୍ରତି ହେଉଥିବା ଅସଭ୍ୟ ବ୍ୟବହାର ଦେଖି, ସେମାନଙ୍କୁ ପ୍ରଥମେ ହିନ୍ଦୁ ଲୋକ ବୋଲି ସମ୍ବୋଧନ କରିଥିଲା । ହିନ୍ଦୁ ଶବ୍ଦ ପାର୍ଶୀ ଭାଷାକୋଷ 'ଗୟାଶୂଲସୌଗାତ'ରୁ ଆସିଛି । ଯାହାର ଶାବ୍ଦିକ ଅର୍ଥ ହେଉଛି - ଚୋର, ଡାକୁ, ରାହାଜାନୀ, କଳା, ଗୋଲାମ, କାଫେର୍, ଅସଭ୍ୟ । ହିନ୍ଦୁ ଶବ୍ଦର ଅର୍ଥ ଆରବୀ ଓ ଉର୍ଦ୍ଦୁ ଭାଷାକୋଷରେ ମଧ୍ୟ ଏକାଭଳି ଲେଖା ହୋଇଛି । ସେତେବେଳେ ମୋଗଲମାନଙ୍କର ଭାରତୀୟ ଲୋକମାନଙ୍କ ପ୍ରତି ଥିବା ଘୃଣ୍ୟ ତଥା ନିକୃଷ୍ଟ ମନୋଭାବର ଏହା ହେଉଛି ଜ୍ୱଳନ୍ତ ଉଦାହରଣ । ହିନ୍ଦୁ ଶବ୍ଦ ଏକ ଅପମାନସୂଚକ ଗାଳି ବୋଲି ଅପ୍ରିୟ ସତ୍ୟକୁ ନ ମାନିବା ପାଇଁ କେତେକ ପଣ୍ଡିତ ଯୁକ୍ତି କରି କହିଲେ - ସିନ୍ଧୁ ନଦୀ କୂଳରେ ବସବାସ କରୁଥିବା ଲୋକମାନଙ୍କୁ ସେମାନେ ସିନ୍ଧୁ ପରିବର୍ତ୍ତେ ହିନ୍ଦୁ ବୋଲି କହିଲେ, କାରଣ ସେମାନେ 'ସ' କୁ 'ହ' ଉଚ୍ଚାରଣ କରୁଥିବାରୁ ହିନ୍ଦୁ କହିଲେ । ଏହି ଯୁକ୍ତି ଆଦୌ ଠିକ୍ ନୁହେଁ । କାରଣ ତାଙ୍କ ଭାଷାକୋଷରେ ଅସଂଖ୍ୟ 'ସ' ଜଡ଼ିତ ଶବ୍ଦ ରହିଛି । ପାର୍ଶୀକୁ 'ପାରହି', ମୁସଲମାନଙ୍କୁ 'ମୁହଲମାନ', ଶରୀୟତକୁ ହରୀୟତ, ମସଜିଦକୁ ମହଜିଦ୍, ସିନ୍ଧୁ ଘାଟିକୁ ହିନ୍ଦୁ ଘାଟି କହିନାହାନ୍ତି କାହିଁକି ?

ଅନ୍ୟ ଏକ ଉଦାହରଣ:-

ସେତେବେଳେ ବ୍ରାହ୍ମଣ ସମାଜ ନିଜକୁ ହିନ୍ଦୁ ବୋଲି ମଧ୍ୟ ମାନୁନଥିଲେ । ଏହାର

Download Magazine from www.aahwaan.com

ପ୍ରମାଣ - ଆର୍ଯ୍ୟ ଧର୍ମର ପ୍ରବର୍ତ୍ତକ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଲେଖିଲେ - "ହିନ୍ଦୁ ଶବ୍ଦ ସଂସ୍କୃତ ଶବ୍ଦ ନୁହେଁ । ଏହା ମୋଗଲମାନଙ୍କ ଦ୍ୱାରା ଦିଆଯାଇଥିବା ଏକ ଅପମାନସୂଚକ ଗାଳି । ଏଥିପାଇଁ ଆମେ ନିଜକୁ ହିନ୍ଦୁ କହିବା ଉଚିତ ନୁହେଁ । ଆମେ ଆର୍ଯ୍ୟ ଓ ଆମର ଧର୍ମ ହେଉଛି ଆର୍ଯ୍ୟବର୍ତ୍ତ ଧର୍ମ । ଆମେ ନିଜକୁ ଆର୍ଯ୍ୟ ବୋଲି କହିବା ଉଚିତ ।" ସେ ନିଜେ ନୈଷ୍ଠିକ ବ୍ରାହ୍ମଣ ହୋଇମଧ୍ୟ ନିଜକୁ ହିନ୍ଦୁ ବୋଲି ସ୍ୱୀକାର କରିନଥିଲେ ।

ଦ୍ୱିତୀୟ ଉଦାହରଣ:-

ଇତିହାସ କହୁଛି । ଯେତେବେଳେ ମୋଗଲମାନଙ୍କ ଦ୍ୱାରା ଭାରତୀୟ ଅଣମୁସଲମାନ ଏବଂ ହିନ୍ଦୁ ଲୋକମାନଙ୍କ ଉପରେ ଜିଜିଆ କର ଲାଗୁହେଲା, ସେତେବେଳେ ବ୍ରାହ୍ମଣ ସମାଜ ଜିଜିଆ କର ଦେବାକୁ ମନାକଲେ, ସେମାନେ ଯୁକ୍ତି କଲେ ଯେ, ଆମେ ହିନ୍ଦୁ ନୁହଁ, ଆମେ ମଧ୍ୟ ତୁମ ମାନଙ୍କ ଭଳି ବିଦେଶୀ ଲୋକ । ଆମେ ଆର୍ଯ୍ୟ ଶାସକ ଭାବେ ତୁମ ମାନଙ୍କଠାରୁ ବହୁ ଆଗରୁ ଏଠାକୁ ଆସିଛୁ । ତେଣୁ ଆମେ ଜିଜିଆ କର ଦେବୁନାହିଁ । ମୋଗଲ ଶାସକ ଏହାକୁ ମାନି ସେମାନଙ୍କୁ ଜିଜିଆ କରରୁ ମୁକ୍ତ ରଖିଥିଲେ ।

ମୋଗଲମାନଙ୍କ ଶାସନ ସମାପ୍ତ ହେବାପରେ, ଇଂରେଜମାନଙ୍କ ଶାସନ କାଳରେ ୧୯୨୦ ମସିହାରେ ବ୍ରାହ୍ମଣ ମାନେ ପ୍ରଥମେ ନିଜକୁ ହିନ୍ଦୁ ବୋଲି ଘୋଷଣା କଲେ । ଆସ ଆମେ ଗର୍ବର ସହ କହିବା 'ଆମେ ହିନ୍ଦୁ' । ସେମାନେ ସେତେବେଳେ ହୁଏତ ହିନ୍ଦୁ ଶବ୍ଦର ପ୍ରକୃତ ଅର୍ଥ ବୁଝି ପାରିନଥିଲେ କିମ୍ବା ସିନ୍ଧୁ ଘାଟି କୂଳରେ ବସବାସ କରୁଥିବା ଆର୍ଯ୍ୟ ମାନଙ୍କ ପାଇଁ ବ୍ୟବହାର ହୋଇଥିବା ଏକ ଅପଭ୍ରଂଶ ଶବ୍ଦ ହିନ୍ଦୁ ଭାବି ଏହାକୁ ସ୍ୱୀକାର କରିଥିଲେ ଜାଣିବା କଷ୍ଟ । ମଜା କଥା ହେଉଛି - ମୁଁ ବ୍ରାହ୍ମଣ, ମୁଁ କରଣ, ମୁଁ ଖଣ୍ଡାୟତ, ମୁଁ ବଢ଼େଇ, ମୁଁ ଧୋବା, ମୁଁ ବାରିକ, ହାଡ଼ି, ପାଣ ବୋଲି ଉତ୍ତର ଦେଉଛନ୍ତି । କେହି କହୁନାହାନ୍ତି ମୁଁ ଜଣେ

Download Magazine from www.aahwaan.com

ହିନ୍ଦୁ ଜାତିର ଲୋକ । ସେହି ପ୍ରଶ୍ନ ଅନ୍ୟ ଧର୍ମର ଲୋକଙ୍କୁ ପଚାରିଲେ ସେମାନେ ନିଜର ପରିଚୟ ବୌଦ୍ଧ, ପାର୍ଶୀ, ଜୈନ, ମୁସଲମାନ କିମ୍ବା ଖ୍ରୀଷ୍ଟିୟାନ ବୋଲି ଉତ୍ତର ଦିଅନ୍ତି । କାରଣ ସେମାନଙ୍କର କୌଣସି ଜାତି ନାହିଁ ।

ଏଇଠି ଆଉ ଗୋଟିଏ ବିଚାରଯୋଗ୍ୟ ତଥ୍ୟ ହେଉଛି - ପୁରାତନ କାଳରେ ଏହି ଦେଶର ଜଣେ ଭରତ ନାମକ ରାଜାଙ୍କ ନାମରେ ଦେହର ନାମ ଭାରତବର୍ଷ ଦିଆଯାଇଥିଲା । ଏବେ ବି ଆମେ ସମସ୍ତେ ଭାରତୀୟ ବୋଲି କହୁଛନ୍ତି । ପୁଣି ଦେଶର ନାମ 'ହିନ୍ଦୁସ୍ଥାନ' କିମ୍ବା 'ଇଣ୍ଡିଆ' ବୋଲି କହୁଛନ୍ତି କାହିଁକି ? ଆମେ 'ହିନ୍ଦୁସ୍ଥାନୀ' କିମ୍ବା 'ଇଣ୍ଡିଆନ୍' କାହିଁକି କହୁଛନ୍ତି ? ଇଣ୍ଡିଆ ଶବ୍ଦର ଅର୍ଥ ଇନ୍ଦୁ ନଦୀ (ସିନ୍ଧୁ ନଦୀ) ନାମରୁ ସୃଷ୍ଟି ହୋଇଛି ବୋଲି ଯୁକ୍ତି କରୁଛନ୍ତି । କେତେବେଳେ ସିନ୍ଧୁ ଅପଭ୍ରଂଶ ହୋଇ ହିନ୍ଦୁ ହୋଇ ଯାଉଛି ତ କେବେ ଇନ୍ଦୁରୁ ଇଣ୍ଡିଆ ହୋଇ ଯାଉଛି । ଇତିହାସ କହୁଛି - ଇଣ୍ଡିଆ ଶବ୍ଦ ଆମେରିକା ଲୋକମାନେ ବ୍ୟବହାର କରିଛନ୍ତି । ପରିତାପର ବିଷୟ ହେଉଛି ଏହି ଦୁଇଟି ଯାକ ଶବ୍ଦ ବିଦେଶୀ । ଆମ ଦେଶର ଦେଶୀ ଶବ୍ଦ ଭାରତ କାହିଁ ? ବିଦେଶୀ ଧର୍ମ ଓ ବିଦେଶୀ ସଂସ୍କୃତିକୁ ଆକଣ୍ଠ ଘୃଣା କରୁଥିବା ଆମ ଦେଶର ମହାମହିମ ଧର୍ମଗୁରୁ ଓ ରାଜନେତାମାନେ ଏହି ଦୁଇଟି ଶବ୍ଦକୁ ଦେଶରୁ ବହିଷ୍କାର କରିବାକୁ ସାହାସ କରି ପାରୁନାହାନ୍ତି କାହିଁକି ? ଆମ ଦେଶର ଅନେକ ରାଜ୍ୟର ତଥା ସ୍ଥାନର ନାମ ତ ପରିବର୍ତ୍ତନ ହୋଇପାରୁଛି । ଦେଶର ପରିବର୍ତ୍ତନ ହୋଇପାରିବ ନାହିଁ କାହିଁକି ? ଦ୍ୱିତୀୟରେ - ୧୯୦୦ ଶତାବ୍ଦୀର ଅକ୍ସଫୋର୍ଡ୍ ଭାଷାକୋଷର ପୃଷ୍ଠା ୭୮୯ରେ ଇଣ୍ଡିଆର ଅର୍ଥ, 'Poor, Old Fashioned, Criminal People' ବୋଲି ଲେଖା ଅଛି । ଏଇଟା ବି ଆମପାଇଁ ଅପମାନସୂଚକ ଗାଳି । ଏହା ଯଦି ସତ, ତେବେ ଆମ ଦେଶର ନାମକୁ ପରିବର୍ତ୍ତନ କରି, ଭାରତ କିମ୍ବା ଭାରତବର୍ଷ ଲେଖିଲେ

Download Magazine from www.aahwaan.com

ଅସୁବିଧା କଣ ହେବ ?

ଏଇଠି ପ୍ରଶ୍ନ ଉଠୁଛି - ବିଦେଶରୁ ଆସିଥିବା ବ୍ରାହ୍ମଣମାନେ ଯଦି ଆର୍ଯ୍ୟ ଏବଂ ଏଠିକା ଅଧିବାସୀ ଯଦି ମୂଳନିବାସୀ କିମ୍ବା ଦ୍ରାବିଡ଼ ତେବେ ହିନ୍ଦୁ କିଏ? ମୋଗଲ ଏବଂ ଇଂରେଜମାନଙ୍କ ଦ୍ୱାରା ଦିଆଯାଇଥିବା ଗାଳି ଗୁଡ଼ିକୁ ଯଦି ଆମେ ତିରସ୍କାର ନ କରି ସ୍ୱୀକାର କରିବା, ଗୋଲାମ ଓ ଗରିବ ଶବ୍ଦକୁ ନିଜ କପାଳରେ ଚନ୍ଦନ ଟୀକା ଭଳି ଲଗେଇ ଗର୍ବ ଅନୁଭବ କରିବା ତେବେ ଦୁନିଆ ଆମ ଉପରେ ହସିବ କି ନାହିଁ? ଆମ ଦେଶବାସୀଙ୍କ ସ୍ୱାଭିମାନ କୁଆଡେ ଗଲା ?

ପରିତାପର ବିଷୟ ହେଉଛି ଯେ ଆଜିର ସମୟରେ ହିନ୍ଦୁ ଶବ୍ଦର ଅସଲ ଅର୍ଥ ଜାଣିନଥିବା ଲୋକମାନେ ହିନ୍ଦୁ ଧର୍ମର ରକ୍ଷକ ସାଜି ଅଣହିନ୍ଦୁ ଏବଂ ହେତୁବାଦୀ ମାନଙ୍କ ପ୍ରତି ତୀବ୍ର ଅସହିଷ୍ଣୁ ପ୍ରଦର୍ଶନ କରୁଛନ୍ତି । ସେମାନେ ଶାନ୍ତ ଚିତ୍ତରେ ବସି ନିଜକୁ ଏହି ପ୍ରଶ୍ନ କରିବା ଉଚିତ ଯେ ମୁଁ ଯଦି ହିନ୍ଦୁ ନୁହେଁ ତେବେ ତଥାକଥିତ ହିନ୍ଦୁ ଧର୍ମ ପ୍ରତି ଏତେ ସମ୍ବେଦନଶୀଳ କାହିଁକି ?

ଉପରୋକ୍ତ ସମସ୍ତ ତଥ୍ୟ ଗୁଡ଼ିକରେ ଯଦି କିଛି ଭୁଲ ବା ତ୍ରୁଟି ଥାଏ, ଆମର ପ୍ରିୟ ସୁଧୀ ପାଠକମାନଙ୍କୁ ବିନିତ ଅନୁରୋଧ ଭୁଲ ସୁଧାରିବା ପାଇଁ ଉପଯୁକ୍ତ ପ୍ରମାଣ ସହ ମୋତେ ସାହାଯ୍ୟ କରନ୍ତୁ ।

ବେଙ୍ଗାଲୁରୁ, କର୍ଣ୍ଣାଟକ

ଭ୍ରାମ୍ୟଭାଷ : ୯୪୮୨୦୧୬୨୬୦

ଇମେଲ୍ : balmikinayak@gmail.com

Download Magazine from www.aahwaan.com

ଗଳ୍ପସ୍ପର୍ଦ୍ଧା ବିଭାଗ

Download Magazine from www.aahwaan.com

ପ୍ରତିଶୋଧ

ଅରୁଣ କୁମାର ପାତ୍ର

ଅନେକ ଦିନ ତଳର କଥା । ମୁଁ ଯେତେବେଳେ ବଉଦରେ ଶିକ୍ଷକତା ଟ୍ରେନିଂ ନେଉଥିଲି, ମୋର ଜଣେ ପ୍ରିୟ ବନ୍ଧୁ ଥିଲେ, ତାଙ୍କ ନାମ ସଞ୍ଜୟ । ସଞ୍ଜୟ ଟିଚର୍ସ ଟ୍ରେନିଂରେ କିରାଣୀ ଭାବରେ କାମ କରୁଥିଲେ । ସେ ବଉଦରେ ଏକ ଭଡ଼ାଟିଆ ଘରେ ରହୁଥିଲେ । ଯେହେତୁ ମୁଁ ଟ୍ରେନିଂ ନେଉଥିଲି, ତେଣୁ ତାଙ୍କ ସହ ସବୁଦିନେ ଅଫିସରେ ଦେଖାସାକ୍ଷାତ ହୁଏ । ପ୍ରଥମ ଦେଖାରୁ ହିଁ ସେ ମୋତେ ସାହାଯ୍ୟ କରିଥିଲେ । ତାଙ୍କର ବିଶେଷ ରୁଚି ଥିଲା କବିତା, ଉପନ୍ୟାସ ଓ ଗଳ୍ପ ପଢ଼ିବା ।

ଅନେକ ଦିନ ବନ୍ଧୁତା ପରେ ଆମ ଦୁହିଁଙ୍କ ସମ୍ପର୍କର ସେତୁ ମଜବୁତ୍ ହେବାକୁ ଲାଗିଲା । ସଞ୍ଜୟ ବେଳେବେଳେ ମୋତେ ଦେଖା କରିବାକୁ ହଷ୍ଟେଲକୁ ମଧ୍ୟ ଆସେ । ମୁଁ ମଧ୍ୟ କୌଣସି ଅଫିସ୍ କାମରେ ତାଙ୍କର ସହଯୋଗ ପାଇଁ ତାଙ୍କ ଘରକୁ ଯାଇଥାଏ । ଆମେ ଦୁଇ ବନ୍ଧୁ ଦିନେ ସଂଧ୍ୟାବେଳେ ମହାନଦୀ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଦେଖିବା ପାଇଁ ମହାନଦୀ କୂଳକୁ ଯାଇଥିଲୁ । ସେଠାରେ ଅନେକ ସମୟ ବସି ଗପ, ମଉଜ ମଜଲିସ୍ କରିଥିଲୁ । ସେ ସମୟରେ ସଞ୍ଜୟ ତା'ର ହୃଦୟର ଅନେକ ଅକୁହା କଥା କହିବାକୁ ଲାଗିଲେ । ସେ ମୋ' ସହ ଏପରି ମିଶି ଯାଇଥିଲା ଯେ ମୋତେ ଟ୍ରେନିଂ ସ୍କୁଲରେ ଦିନେ ନ ଦେଖିଲେ ବାରମ୍ବାର ଫୋନ୍ କରୁଥାଏ । ଫୋନ୍ ପାଇ ମୁଁ ତା' ପାଖକୁ ଗଲାପରେ କୁହେ ବନ୍ଧୁ ତୁମକୁ ନଦେଖିଲେ ମୋତେ ଅଦୌ ଭଲ ଲାଗେନା । ତେଣୁ ଫୋନ୍ କରିଥିଲି । ଯାହା ହେଉ ତୁମେ ଆସିଗଲ ।

ଦିନକର ଘଟଣା, ଦୁହେଁ ମହାନଦୀ କୂଳରେ ବସିଥିଲୁ ସେ ମୋତେ ବଉଦ ଅଞ୍ଚଳର

Download Magazine from www.aahwaan.com

ଏକ ଦୁଃଖଦ କାହାଣୀ ବର୍ଣ୍ଣନା କରିବାକୁ ଲାଗିଲେ । ଗପ ହେଲେ ବି କାହାଣୀଟି ସତ । ତେଣୁ ମନ ଦେଇ ଶୁଣ ।

ସେ ସମୟରେ ବିଳାସପୁର ନିକଟରେ ଜଣେ ଇଂଜିନିୟର ରହୁଥିଲେ । ତାଙ୍କ ନାମ ବିନୟ ମହାପାତ୍ର । ବିନୟ ସେ ଅଞ୍ଚଳରେ ବେଶ୍ ଜଣାଶୁଣା । ସେ ଜଣେ ନିର୍ଭୀକ, ସଚ୍ଚୋଟ ଓ ନିଷ୍ଠାପର ବ୍ୟକ୍ତି ଥିଲେ । ତାଙ୍କ ସ୍ତ୍ରୀ ମିନୁ । ଦେଖିବାକୁ ଭାରୀ ସୁନ୍ଦରୀ । ସୁନ୍ଦରୀ କହିଲେ ଚଳିବନି, ସେ' ତ ଗୋଟିଏ ଚାଉଳରେ ଗଢ଼ା । ପାଖ ପଡ଼ୋଶୀଙ୍କ ନଜରରେ ଦୁହେଁ ଆଦର୍ଶ ଦମ୍ପତି ଥିଲେ । ସେ ଦୁହିଁଙ୍କ ଔରସରୁ ଜାତ ହୋଇଥିଲା କୁନା । ଦୁହିଁଙ୍କ ଭିତରେ ସ୍ନେହ, ପ୍ରେମ ଭରପୁର ଥିଲା । କୁନା ତାଙ୍କର ଏକମାତ୍ର ଗେହ୍ଲା ପୁଅ । ସେ ବି ଦେଖିବାକୁ ଖୁବ୍ ସୁନ୍ଦର । ମୁଁ କହିଲି – ବାପା, ମା ଦେଖିବାକୁ ଯେପରି ସୁନ୍ଦର, ପୁଅ ସୁନ୍ଦର ନ ହୋଇ ଯିବ କୁଆଡ଼େ ?

ବିନୟର ସଚ୍ଚୋଟ ପଣିଆ ସକାଶେ ଇଂଜିନିୟର ହୋଇ ମଧ୍ୟ ତାଙ୍କର ପାଖରେ ସେଭଳି କିଛି ମୋଟା ଅଙ୍କର ସମ୍ପତ୍ତି ନଥିଲା, କେବେଳ ଥିଲା, ବ୍ୟାଙ୍କରେ କିଛି ଲକ୍ଷ ଜମା ଟଙ୍କା । ନିଜର ଦରମା ତଥା ବ୍ୟାଙ୍କରେ ଜମାଥିବା ସୁଧ ଟଙ୍କାରେ ତା'ର ପରିବାରର ଗୁଜୁରାଣ ମେଣ୍ଟାଉଥିଲା । ବିନୟକୁ କ୍ୱାଟର୍ସ୍ ମିଳିଥିଲେ ମଧ୍ୟ ସେ ସେଠାରେ ରହୁନଥିଲା । ସେ ନିଜ ଘର ବିଳାସପୁରରେ ରହୁଥିଲା ।

କୁନା ଗୋଟେ ବୋଲି ପୁଅ ହୋଇଥିବାରୁ ବିନୟ ଓ ମିନୁ ତା'ର କୌଣସିଥିରେ ଅଭାବ ପରିଲକ୍ଷିତ ହେବାକୁ ଦେଉନଥିଲେ । ପୁଅ ସେତେବେଳେ ଯାହା ଇଚ୍ଛା କରୁଥିଲା ତାହାକୁ ଆଣି ବିନୟ ଯୋଗାଇ ଦେଉଥିଲେ । କୁନାର ବୟସ ବୋଧେ ୮ ବର୍ଷ ହେବ ତେଣୁ ତା'ର ହିତାହିତ ଜ୍ଞାନ ନଥିଲା । ସେ ଥିଲା ଚଞ୍ଚଳ ପ୍ରକୃତିର । ସେ ସର୍ବଦା ଖେଳକୁଦରେ

Download Magazine from www.aahwaan.com

ମନୋନିବେଶ କରୁଥିଲା । ପାଠପଢ଼ାରେ ସେ ଅତ୍ୟନ୍ତ ଦୁର୍ବଳ ଥିଲା ।

ବିନୟ ଓ ମିନୁ ଅନେକ ସ୍ୱପ୍ନ ଦେଖୁଥାନ୍ତି ତାଙ୍କ ପୁଅକୁ ନେଇ । ପୁଅ ବଡ଼ ହେଲେ ବଡ଼ ଚାକିରୀ କରିବ ଏବଂ ସମାଜରେ ତାଙ୍କ ସମ୍ମାନ ବଢ଼ାଇବ । ବିନୟର ଇଚ୍ଛା ପୁଅକୁ ଡାକ୍ତରୀ ପଢ଼ାଇବ । ବାପା ମାଆଙ୍କ ଅତିଶୟ ସ୍ନେହ, ପ୍ରେମ ତାକୁ ପାଠ ପଢ଼ାରେ ଦୁର୍ବଳ କରିଦେଇଥାଏ ।

ହଠାତ୍ ଦିନେ ଘରେ ପୁଅକୁ ନ ପାଇ ବିନୟ ମିନୁକୁ ପଚାରିଲା – "କୁନା କାହିଁ? ଦେଖାଯାଉନି" ସବୁ ଘର ବୁଲି ଦେଇ ପଚାରୁଥିଲା ବିନୟ । ଅଫିସରୁ ଫେରିବା ପରେ ନିଜର ଏକ ମାତ୍ର ଗେହ୍ଲା ପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଭଲ ଲାଗେନି । ରୋଷେଇ ଘରୁ କହୁଥିଲା ମିନୁ, "ଦେଖୁନ ! ଏଇଠି କୋଉଠି ଖେଳୁଥିବ ? ବାହାରେ ଯାଇ ଦେଖ ।"

କିଛି ସମୟ ପରେ ବିନୟର ଉଚ୍ଚସ୍ୱରରେ ଘର କମ୍ପି ଉଠୁଥିଲା । "ବାରମ୍ବାର ମନା କରିଲି ପିଲାକୁ ବାହାରକୁ ପଠାଅନି । ସୋସାଇଟିରେ ବାଜେ ପିଲାଙ୍କ ସହିତ ମିଶି ବାଲି ଖେଳୁଥିଲା । ଏଇୟା ସବୁ ଶିଖୁଛି ତୁମ ପୁଅ ? ଦେଖ ତା' ଦେହ .. ବାଲି ଧୂଳିରେ ଭର୍ତ୍ତି । ଦେହ ଖରାପ ହେଉ, ମୋତେ କହିବ ।"

ରୋଷେଇ ଘରୁ ବାହାରି ଆସୁ ଆସୁ ମିନୁ କହୁଥିଲା, "ଓହୋ, ପିଲାଟା ଟିକେ ଖେଳିଦେଲେ କ'ଣ ହୋଇଗଲା ? ତମେ ଖେଳୁ ନଥିଲ କି ? ଜନ୍ମରୁ ଏସି ରୁମରେ ବଢ଼ିଥିଲ ନା କ'ଣ ?

ରାଗରେ ତମ ତମ ହୋଇ ବିନୟ ଚାଲିଲା କୁନାର ଅନୁସନ୍ଧାନରେ । ଅନେକ ଚିହ୍ନାଜଣା ଜାଗା ଦେଖିସାରି କୁନାକୁ ନପାଇ ଫେରିଲା । ହତାଶ ହୋଇ ଘରକୁ । ଘରେ ମିନୁ

Download Magazine from www.aahwaan.com

ଚାହିଁ ରହିଥିଲା ସ୍ୱାମୀ ଓ ପୁତ୍ରର ଆଗମନକୁ ।

ସରୋଜ କୁନାର ସାଙ୍ଗ । ସରୋଜର ବାପା ଜଣେ କମ୍ୟୁନିଷ୍ଟ ନେତା । ରାଜନୀତିର ପଶାପାଲିରେ ସର୍ବସ୍ୱ ହରାଇ ଦେଇ ନିଜେ ଏହି ଦୁନିଆ ଛାଡ଼ି ଚାଲିଯାଇଥିଲେ ଆର ପାରିକୁ । ତେଣୁ ସରୋଜକୁ କୌଣସି କଥାରେ ତା'ର ମା' ଆକଟ କରିନଥାନ୍ତି । ସେଥିପାଇଁ ସରୋଜ ଲଗାମ୍ ଛଡ଼ା ହୋଇ ଯାଇଥାଏ ।

ସରୋଜ ଭାରି ଜିଦ୍ ଖୋର୍ । ସେ କୁନାର ପିଲାବେଳର ବନ୍ଧୁ । ଯାହା ମନରେ ଆସେ ସେଇୟା କରେ । ସରୋଜ ଆଖିରେ ସବୁ ଧନୀ ଲୋକମାନେ ଥିଲେ ବଦମାସ । ମନରେ ଭାବୁଥିଲା ସମାଜର ସବୁ ଧନୀ ଲୋକମାନଙ୍କ ଯୋଗୁଁ ହିଁ ଆମେ ଗରିବ ହୋଇ ରହିଛୁ । ଯଦି ତାଙ୍କର ସମସ୍ତ ସମ୍ପତ୍ତି ସବୁ ଗରିବ ଲୋକଙ୍କୁ ସମାନ ଭାବରେ ବାଣ୍ଟି ଦିଆଯାଆନ୍ତା ତେବେ ଆଉ ଧନୀ, ଗରିବ କେହି ରହି ନଥାନ୍ତେ । କମ୍ୟୁନିଷ୍ଟ ଚିନ୍ତଧାରାରେ ସେ ସମାଜରେ ଆଗକୁ ବଢ଼ିବାକୁ ଲାଗୁଥିଲା ।

କୁନା ସେ ଦିନ ଫେରିଥିଲା ଘରକୁ ରାତି ୯ଟାରେ । ବିନୟ ରାଗରେ ବ୍ରହ୍ମ ଚଣ୍ଡାଳ ହୋଇ ଘରେ ତା'ରି ଫେରିବା ବାଟକୁ ଅପେକ୍ଷା କରି ବସିଥିଲେ ।

ବିନୟ ପଚାରିଲେ କୁନାକୁ "କିରେ ଟୋକା ମୁଣ୍ଡକୁ ହାତ ପାଇଗଲାନା କ'ଣ ?" ରାତି ୯ଟା ପର୍ଯ୍ୟନ୍ତ ବାହାରେ ଖେଳୁଛୁ, ବୁଲାବୁଲି କରୁଛୁ" । କୁନା ନମ୍ର ଭାବରେ ଉତ୍ତର ଦେଲା – ସାଙ୍ଗ ଘରେ ରହିଯାଇଥିଲି । ହଉ, ଠିକ୍ ଅଛି ବିନୟ କହିଲେ । କିନ୍ତୁ ମନେରଖ, ଏମିତି ଭବିଷ୍ୟତରେ ଯେପରି ନହୁଏ, ଯଦି ହୁଏ ମୋର ମଲା ମୁହଁ ଦେଖିବୁ । ସେହି ଦିନ ଜାଣିବୁ ତୋର ବାପା ବିନୟର କଥା । ଲୋକ ଯେମିତି, କାମ ବି ସେମିତି ।

ମିନୁ ବାଥ ରୁମରୁ ବାହାରି ଆସି ବିନୟକୁ ବୁଝାଇବାକୁ ଲାଗିଲା । ତୁମେ କାହିଁକି

Download Magazine from www.aahwaan.com

ଏପରି ରାଗୁଛ ? ପୁଅ ଆମର ଛୋଟ ହୋଇଛି ବଡ଼ ହେଲେ ଆପେ ଆପେ ସବୁ କିଛି ବୁଝି ପାରିବ, ଏହି ସଂସାର ବିଷୟରେ । ସେ ପ୍ରଥମେ ବାହାରର ପରିବେଶକୁ ବୁଝୁ ତା'ପରେ ଦେଖାଯିବ ।

ଏମିତି ଦିନ ପରେ ଦିନ, ମାସ ପରେ ମାସ ଓ ବର୍ଷ ପରେ ବର୍ଷ ଅତିବାହିତ ହେବାକୁ ଲାଗିଲା । ଅମାବାସ୍ୟା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯେପରି ଚାନ୍ଦ ବନ ହେବାକୁ ଲାଗେ କୁନା ମଧ୍ୟ ସମୟ ଚକ୍ରରେ ବଡ଼ ହେବାକୁ ଲାଗିଲା । ଏପରିକି ଦଶମ ପାସ୍ କଲା । ଦଶମ ପାସ୍ କଲାପରେ ମିନୁ ବିନୟକୁ ଅନୁରୋଧ କରି କହିଲେ – ବିନୟ, ଆମ କୁନା ବଡ଼ ହୋଇଗଲା । ତା'ର ଭବିଷ୍ୟତ ବିଷୟରେ ଆମକୁ ଚିନ୍ତା କରିବାକୁ ପଡ଼ିବ ।

ବିନୟ କହିଲା – କୁନା ତ' ଦଶମରେ ଥାର୍ଡ କ୍ଲାସରେ ପାସ୍ କରିଛି ତେଣୁ ତାକୁ କେଉଁଠି, କେଉଁ କଲେଜରେ ସିଟ୍ ମିଳିବ ? ଦେଖିବା ଯଦି ହୁଏ ପ୍ରାଇଭେଟ୍ କଲେଜରେ ନାମ ଲେଖାଇ ଦେବା । ଘରେ ଥିଲେ ସିନା ବୁଲିବ, ଖେଳିବ । ସେଠାରେ ହଷ୍ଟେଲରେ ରହିବ ଅନ୍ୟର ତାଗିଦରେ କାଳେ ସୁଧୁରିଯିବ ।

କୁନାର ଏକ ପ୍ରାଇଭେଟ୍ କଲେଜରେ ନାମ ଲେଖାଇ ଦେଲାପରେ ସେ ହଷ୍ଟେଲରେ ରହି +୨ ଆର୍ଟସ ପଢ଼ିବ ବୋଲି ସ୍ଥିର କରିନେଇଥିଲା ବିନୟ । ପୁଅକୁ ନେଇ ମିନୁର ଆଖିରେ ଆଖିଏ ସ୍ୱପ୍ନ । ପୁଅ ବଡ଼ ହୋଇ ଚାକିରୀ କଲେ ତାଙ୍କର ବୃଦ୍ଧାବସ୍ଥାରେ ସାହା ହେବ ।

ଅପର ପକ୍ଷରେ, ସରୋଜ ମଧ୍ୟ ଦଶମ ଥାର୍ଡ ଡିଭିଜନରେ ପାସ୍ କରି ସେହି କଲେଜରେ ନାମ ଲେଖାଇବାକୁ ଗଲା କିଛି ଦିନପରେ, ବୋଧହୁଏ ଦୁଇ ବନ୍ଧୁ ଗୋଟିଏ କଲେଜରେ ପଢ଼ିବାକୁ ଆଗରୁ ମନସ୍ଥ କରିଥିଲେ ।

କୁନା କଲେଜ୍ ହଷ୍ଟେଲରେ ରହିବା ଦିନଠୁ ବିନୟର ଦେହ ଖରାପ ହେବାରେ

Download Magazine from www.aahwaan.com

ଲାଗିଲା । ତା'ଙ୍କର ବିପି ଏବଂ ସୁଗାର ଲେବଲ୍ ବଢ଼ିବାରେ ଲାଗିଲା । ସେ ସଦା ସର୍ବଦା ଚିନ୍ତାଗ୍ରସ୍ତ ରହୁଥିଲେ ।

ହଠାତ୍ ଦିନେ ରାତିରେ ଏକ ଦୁଃସ୍ୱପ୍ନ ଦେଖି ବିନୟ ପୁଅ କୁନା କଥା ଭାବି ଭାବି ଚିନ୍ତାଗ୍ରସ୍ତ ହୋଇ ପଡିଲେ । ଭାବିଲେ ମୋର ଭାଗ୍ୟରେ ଏପରି କୁଳାଙ୍ଗାର ପୁତ୍ର ଜନ୍ମ ଦେଲ ମହାପ୍ରଭୁ, ତା'ର ମଙ୍ଗଳ କାମନାକର କହି ହଠାତ୍ ବେଡ଼ରେ ଟଳି ପଡିଲେ । ଶେଜରୁ ଧଡ଼ ପଡ୍ କିନା ଉଠି ମିନୁ କହିଲା – କ'ଣ ହୋଇଛି ତୁମର ବିନୟ । ବିନୟ କିନ୍ତୁ ନିରୁତ୍ତର । ମିନୁ ଡ଼ାକ୍ତରଙ୍କୁ ଫୋନ୍ କଲା । ଡ଼ାକ୍ତର ବାବୁ ଆସିଲେ । ବିନୟର ସମସ୍ତ ଚେକ୍ ଅପ୍ ପରେ ଜଣାପଡିଲା ବିନୟ ଆଉ ଏହି ଇହ ଜଗତରେ ନାହାଁନ୍ତି ।

ଡ଼ାକ୍ତରଙ୍କ ପାଖକୁ ବିନୟର ମୃତ୍ୟୁ ଖବର ଶୁଣି ମିନୁ ଚେତା ଶୂନ୍ୟ ହୋଇଯାଇଥିଲା । କିଛି ସମୟ ପରେ ଡ଼ାକ୍ତର ବାବୁଙ୍କ ପ୍ରଚେଷ୍ଟାରେ ତା'ର ଚେତା ଫେରିଲା । ମିନୁ କାନ୍ଦିବାକୁ ଇଚ୍ଛା କରି ମଧ୍ୟ କାନ୍ଦି ପାରୁନଥିଲା । ତା'ର ଆଖିରୁ କେବଳ ଗଡ଼ି ଯାଉଥିଲା ଅଜସ୍ର ଅଶ୍ରୁ । କିନ୍ତୁ ସେ ବହୁତ ଚେଷ୍ଟା କରି ନିଜକୁ ସଂଯତ କରି ନେଇଥିଲା ।

କିଛି ସମୟ ପରେ ମିନୁ କୁନାର କଲେଜ୍ ହଷ୍ଟେଲକୁ ଫୋନ୍ କରି ପିତା ମୃତ୍ୟୁର ଖବର ଦେବାକୁ ଚାହୁଁଥିଲା କିନ୍ତୁ ଅନ୍ୟପଟୁ ଉତ୍ତର ଆସିଲା ତୁମର ପୁଅ କୁନା ଏବଂ ସଞ୍ଜୟ ଦୁହେଁ କଲେଜ ହଷ୍ଟେଲରୁ କୁଆଡ଼େ ବାହାରକୁ ଏସ୍କର୍ସନରେ ଯାଇଛନ୍ତି । ତେଣୁ ଆପଣଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ।

ଡ଼ାକ୍ତର ପୋଲିସକୁ ଫୋନ୍ କରି ଜଣାଇଲେ ବିନୟର ମୃତ୍ୟୁର ଖବର । ତେଣୁ ପୋଲିସ୍ ଆସି ବିନୟ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଲା । ପରେ ପରେ ବିନୟ ମୃତ୍ୟୁ ହୃଦ୍‌ଘାତ ଯୋଗୁଁ ହୋଇଥିଲା ବୋଲି ଡାକ୍ତର ରିପୋର୍ଟ ପ୍ରଦାନ କଲେ । ସେହି ରାତ୍ରିରେ

Download Magazine from www.aahwaan.com

ବିନୟର ଶବସତ୍କାର ହୋଇ ଯାଇଥିଲା । ତାହା ପରେ ଶ୍ରାଦ୍ଧ ହୋଇ ଯାଇଥିଲା ।

ଶ୍ରାଦ୍ଧର ବହୁତ ଦିନପରେ ଘରକୁ କୁନା ଆସିଥିଲା । ସେତେବେଳେ ରାତି ଅଧ ।

ଘର ଭିତରୁ ମିନୁ ପଚାରିଲା କିଏ ? ମୁଁ କୁନା । ମିନୁ ଦୁଆର ଖୋଲି ଦେଇଥିଲା । କହିଲା, ଏତେଦିନ ପରେ ତୋର ଘରକୁ ଆସିବା ପାଇଁ ସମୟ ହେଲା ?

କୁନା କୌଣସି ଉତ୍ତର ଦେଇନଥିଲା । ଘର ଭିତରକୁ ଚାଲି ଯାଇଥିଲା । ମାଆ ପଚାରିଲେ – ଏମିତି ଭାବରେ ଆମକୁ ଭୁଲିଯିବା ପାଇଁ ହୋଇଥାଏ । ଯଦି ଭୁଲି ଯାଇନଥିଲୁ, ତେବେ ତୋର ବାପା ଏମିତି ଭାବରେ ମରିଗଲେ କାହିଁକି ? ସେ ମରିବା ବେଳେ ଥରେ ଆସି ତାଙ୍କ ପାଖରେ ଠିଆ ହେଲୁ ନାହିଁ । ତୋର ବାପା ଏମିତି କ'ଣ ଦୋଷ କରିଥିଲେ ଯେ ମଲାବେଳେ ଟୋପାଏ ପାଣି ମଧ୍ୟ ପାଇଲେ ନାହିଁ ?

କୁନା କହିଲା, ମାଆ ମୁଁ ଜାଣି ପାରିନଥିଲି । ସେ କେବେ ମରିଗଲେ ? ତାଙ୍କର କ'ଣ ହୋଇଥିଲା ?

-ବର୍ତ୍ତମାନ ତାହା ପଚାରି ଲାଭ କ'ଣ ?

ମିନୁ ମନେ ମନେ ଅନେକ କଥା ଭାବୁଥିଲା । ବିନୟ ଯେତେବେଳେ ଜୀବିତ ଥିଲେ ସେତେବେଳେ ଏହି ଘରର ଅବସ୍ଥା ଭଲ ଥିଲା । କିନ୍ତୁ ତାହା ପରଠାରୁ ତାଙ୍କର ପୁଅ ଯେପରି ବିଗିଡି ଯାଇଥିଲା । ବାପା ବଞ୍ଚିଥିବା ସମୟରୁ ସେ ବିଗିଡି ଯାଇଥିଲା, କିନ୍ତୁ ବାପା ମରିଯିବା ପରେ ପୁଅ ଯେପରି ଆହୁରି ବିଗିଡି ଗଲା । ସାରା ଦିନ ସେ କେଉଁଠାରେ ଥାଏ, କେଉଁଠାରେ ଦିନରାତି ବିତାଇ ଥାଏ, ତାହା ଜାଣି ହୁଏ ନାହିଁ ।

ବହୁତ ଦିନ ଏମିତି ଭାବରେ ବିତି ଯାଇଥାଏ । ତାହା ପରେ ଗୋଟିଏ ମାସ ପରେ .. । ରାତ୍ରିର ତୃତୀୟ ପ୍ରହର । କେହି ଜଣେ ଆସି କୁନାକୁ ଡାକିଲା । ମାଆର ମନ । ସେହି

Download Magazine from www.aahwaan.com

ଡାକରା ଶୁଣି ନିଦ ଭାଙ୍ଗି ଯାଇଥିଲା । ପଚାରିଲା କିଏ ?

ମୁଁ ସରୋଜ ।

ମିନୁ ପୁଆର ଘର ଭିତରକୁ ଯାଇ ନିଦରୁ ଉଠାଇ କହିଲେ, ତୋତେ କିଏ ଡାକୁଛି । ଧଡପଡ଼ ହୋଇ ନିଦରୁ ଉଠିପଡ଼ି କୁନା କହିଲା – ସରୋଜ ଆସିଛି । ମୁଁ ତାହା ସହିତ ଯାଉଛି । ମୋର ଆସିବା ପାଇଁ ଡେରି ହେବ ।

ମାଆ ପଚାରିଲେ - ଯାଉଛୁ କେଉଁଆଡେ ? କେତେବେଳେ ଫେରିବୁ ? – ତାହା କିଛି କହିପାରିବି ନାହିଁ । ଏହା କହି ପୁଅ ଘରୁ ବାହାରକୁ ଚାଲିଯାଇଥିଲା ।

ତାହାପରେ କେତେଦିନ କେତେ ମାସ ବିତି ଯିବାପରେ ପୁଅ ଦିନେ ଫେରିଥିଲା । ମାଆ ପ୍ରତିଦିନ ପୁଅ ଫେରି ଆସିବ ବୋଲି ଅପେକ୍ଷା କରି ବସି ରହୁଥିଲା । ଗ୍ରୀଷ୍ମ ଯାଇ ଯେତେବେଳେ ବର୍ଷ ଋତୁ ଆସିଲା, ସେତେବେଳେ ମଧ୍ୟ ପୁଅ ଫେରି ଆସିନଥିଲା । ବର୍ଷା ଯାଇ ଶୀତ ଦିନ ଆସିଥିଲା । ଦିନେ ରାତିରେ ପୁଅ ଫେରିଆସି ଡାକିଲା – ମାଆ .. ମାଆ । ମାଆ ଧଡ଼ପଡ଼ ହୋଇ ଦୁଆର ଖୋଲି ଦେଖିଲା, ପ୍ରକୃତରେ ପୁଅ ଫେରିଆସିଛି । ମାଆ ପଚାରିଲେ - ଆରେ ଏତେ ଦିନ ହେଲା ଥିଲୁ କେଉଁଠାରେ । ଗୋଟାଏ ଖବର ମୋତେ ପଠାଇ ପାରିଥାଆନ୍ତୁ ।

ମା' ତୋ' ପ୍ରଶ୍ନର ଉତ୍ତର ଦେବା ପାଇଁ ମୋ' ପାଖରେ ସମୟ ନାହିଁ । ପୁଅ ତା' ହାତରେ କ'ଣ ଗୋଟିଏ ଜିନିଷ ବୋହି ଆଣିଥିଲା । ମାଆ ପଚାରିଲା - ଆରେ ତୋ' ହାତରେ ତାହା କ'ଣ ? ସେଥିରେ କ'ଣ ଅଛି ? – ତୁମର ଜାଣିବା ଦରକାର ନାହିଁ । ତୁମେ ଯାଅ ଶୋଇବ । ଏହା କହି ସେ ନିଜର ଘର ଭିତରକୁ ଯାଇ ଦୁଆର ବନ୍ଦ କରି ଦେଇଥିଲା ।

ମାଆର ମନରେ ସେହି ଦିନ ଠାରୁ ସନ୍ଦେହ ହୋଇଥିଲା । କିନ୍ତୁ କିଛି କହିନଥିଲେ ।

Download Magazine from www.aahwaan.com

ସକାଳ ହୋଇଥିଲା । ପୁଅ ନିଦରେ ଶୋଇଥିଲା । ତାହା ପରେ ଉଠି କହିଲା – ମାଆ ମୋତେ ଖାଇବା ପାଇଁ ଦିଅ । ବଡ ଭୋକ ହେଉଛି ।

ମାଆ ଖାଇବା ପାଇଁ ଦେଇଥିଲା । ପୁଅ ମାଆ କଥା ଭାବିଥାଉ କିମ୍ବା ନଥାଉ କିନ୍ତୁ, ମାଆ ପୁଅକୁ କେବେହେଲେ ଅବହେଳା କରି ପାରିବ ନାହିଁ । କିପରି ଘର ସଂସ୍କାର ଚାଲୁଛି, କିଏ ବଜାର ସଉଦା ଆଣି ଦେଉଛି, ଟଙ୍କା କେଉଁ ଠାରୁ ଆସୁଛି – ତାହା ଜାଣିବା ପାଇଁ ପୁଅର କୌଣସି ଦରକାର ହୁଏ ନାହିଁ । ସେ ଯେତେବେଳେ ଯାହା ମାଗିବ ତାହା ତାହାର ହାତ ପାଖରେ ପାଇଲେ ହେଲା । କିନ୍ତୁ ପରେ ଯେ କୁନା ଏମିତି ଅପଦାର୍ଥ ହେବ କିଏ ଜାଣିଥିଲା ?

ଯାହାହେଉ, ସେଦିନ ରାତିରେ କୁନା ଯେ ଫେରି ଆସିଥିଲା । ଆଉ କୌଣସି ଦିନ ସେ ଘରୁ ଦାଣ୍ଡକୁ ବାହାରି ନଥିଲା । ସାରା ଦିନ ଘର ଭିତରେ ରହି ସେ କ'ଣ କରେ, ତାହା ମାଆ ଜାଣି ପାରେ ନାହିଁ । ଦିନେ ମାଆ ପଚାରିଲେ - ଆରେ ତୁ ସାରା ଦିନ ଘରେ ବସି କ'ଣ କରିଥାଉ ? କୁନା କୁହେ – କିଛି ନୁହେଁ ।

- ତୋର ସେହି ସାଙ୍ଗ ତୋତେ ଆଉ ଡାକିବା ପାଇଁ ଆସୁନାହିଁ ?

- ସେ କାହିଁକି ଡାକିବା ପାଇଁ ଆସୁ ନାହିଁ ମୁଁ ଜାଣିବି କିପରି ?

ମାଆ ଭାବିଲେ, ବୋଧହୁଏ ଦୁଇ ବନ୍ଧୁଙ୍କ ଭିତରେ କୌଣସି କଳିକଜିଆ ହୋଇଛି । ତେଣୁ ଭଲ ହୋଇଛି । ଏଥର କୁନା ଘର ସଂସାର କାମ ଦେଖିବ । କିନ୍ତୁ ନା, ପୁଅ ଘରର କୌଣସି କାମ କରେ ନାହିଁ କିମ୍ବା ଘର ଭିତରୁ ବାହାରକୁ ବାହାରି ଆସେ ନାହିଁ । ସେ ଯେପରି ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ସେ କେବଳ ଖାଉଥିଲା ଓ ଶୋଇ ରହୁଥିଲା ।

ଦିନେ ହଠାତ୍ ମିନୁ ଉଠି ଆଶ୍ଚର୍ଯ୍ୟ ହୋଇ ଯାଇଥିଲା । ସେ ମଥାରେ ହାତଦେଇ

Download Magazine from www.aahwaan.com

ଚିତ୍କାର କରି ଉଠିଥିଲେ । ସେ ଡାକ୍ତରଙ୍କ ପାଖକୁ ଦୌଡ଼ି ଯାଇଥିଲା । ଡ଼ାକ୍ତର ଆସି ପରୀକ୍ଷା କରି କହିଲେ - ପୁଅକୁ କେହି ଆସି ହତ୍ୟା କରିସାରିଛି । ଡ଼ାକ୍ତର ପୋଲିସକୁ ଫୋନ୍ କରିଥିଲେ । ଖବର ପାଇ ପୁଲିସ୍ ଆସିଥିଲା । କୁନାର ଶବକୁ ପରୀକ୍ଷା କରି ମିନୁକୁ ପଚାରିଥିଲା - ଆପଣଙ୍କର କାହାକୁ ସନ୍ଦେହ ହୁଏ କି ?

- ହଁ ହୁଏ ।

- ସେ କିଏ ? ତାହାର ନାମ କ'ଣ ?

- ତାହାର ନାମ ମୁଁ ଜାଣି ନାହିଁ । ତେବେ ତାହାର ଜଣେ ବନ୍ଧୁ ବେଳେବେଳେ ଆସୁଥିଲା । ତେବେ କେତେ ମାସ ହେଲା ଆସୁନାହିଁ । ପୁଅ ଏକୁଟିଆ ଘର ଭିତରେ କେବଳ ଖାଇ ଶୋଇ ରହୁଥିଲା । କାହା ସହିତ ମିଶୁ ନଥିଲା । ତାହାର ବନ୍ଧୁ ଆସି ଡାକିଲେ ମଧ୍ୟ ସେ ଘର ଭିତରୁ ବାହାରୁ ନଥିଲା ।

- ତାହାର ଠିକଣା ଜାଣନ୍ତି ?

- ନା

- ଆପଣଙ୍କର ପୁଅର ଆଉ କୌଣସି ବନ୍ଧୁ ଥିଲେ ନା କେବଳ ସେହି ଗୋଟିଏ ବନ୍ଧୁ ଥିଲା ? ପୁଲିସ୍ ଆହୁରି କେତେ ପ୍ରଶ୍ନ ପଚାରି ମଧ୍ୟ କୌଣସି ସୂତ୍ର ଜାଣି ପାରିନଥିଲା । ତାହା ପରେ କୁନାର ଶବସତ୍କାର କରାଯାଇଥିଲା ।

ତାହାପରେ ବହୁତ ମାସ ବହୁତ ଦିନ ବିତିଯାଇଥିଲା । ମିନୁର ଯେପରି ଦିନେ କ'ଣ ସନ୍ଦେହ ହୋଇଥିଲା । ବହୁଦିନ ପୂର୍ବେ ଯେଉଁଦିନ ରାତି ଅଧ ସମୟରେ ଗୋଟିଏ ବଡ ଭାରି ବୋଝନେଇ ପୁଅ ଘରକୁ ଫେରି ଆସିଥିଲା, ସେହି ଜିନିଷ କ'ଣ ? ସେହି ବ୍ୟାଗ୍ ଭିତରେ କ'ଣ ଅଛି ।

Download Magazine from www.aahwaan.com

ସେଦିନ ଆଲମାରୀ ଖୋଲି ଦେଖିଲା ସେହି ଭାରି ବ୍ୟାଗ୍ ସେତେବେଳେ ମଧ୍ୟ ସେହିପରି ଭାବରେ ରହିଛି । ମିନୁ ତାହା ଖୋଲି ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା । ଦେଖିଲା ତାହାରି ଭିତରେ ସୁନା ଓ ହୀରର ଗହଣା ଅଛି । ମନେ ହୁଏ, କୋଡିଏ ପଚିଶ ଲକ୍ଷ ଟଙ୍କା ହେବ ତାହା ମୂଲ୍ୟ ।

ଏତେ ଗହଣା ? ଏତେ ଲକ୍ଷ ଟଙ୍କା, ଗହଣା ସୁନା ପାଇଲା କେଉଁ ଠାରୁ ? କେବେ କ'ଣ ସେ ଡକାୟତି କରିଛି ? ମିନୁର ମନେ ପଡିଲା, ଆଠ ନଅ ମାସ ପୂର୍ବେ ଜଣେ ଧନୀ ଲୋକ ଘରେ ଡକାୟତି ହେବା ଘଟଣା । ଖବର କାଗଜରେ ପଢ଼ିଥିଲା । କ'ଣ କୁନା ଏବଂ ତାହାର ବନ୍ଧୁ ସେହି ଡକାୟତ ?

ଗହଣା ଗୁଡ଼ିକ ଯେପରି ଭାବରେ ଥିଲା ସେହିପରି ଭାବରେ ରଖିଦେଇ ମିନୁ ଆଲମାରୀ ବନ୍ଦ କରି ଦେଇଥିଲା । କିନ୍ତୁ ହଠାତ୍ ମନକୁ ଗୋଟିଏ ବୁଦ୍ଧି ଆସିଥିଲା । ଦିନେ ଖବର କାଗଜରେ ମିନୁ ନାମରେ ଗୋଟିଏ ବିଜ୍ଞାପନ ପ୍ରକାଶ ପାଇଥିଲା । ସେ ଏହି ଘରକୁ ବିକ୍ରି କରିଦେବ । ସେହି ବିଜ୍ଞାପନ ଦେଖି ବହୁତ ଲୋକ ଆସିଥିଲେ । ପଚାରିଥିଲେ ଆପଣ ଏହି ଘର ବିକ୍ରି କରିଦେବେ ?

- ହଁ ମୋର ପୁଅ କୁନା ଯେତେବେଳେ ମରିଯାଇଛି, ସେତେବେଳେ ଏହି ଘର ରଖି ଆଉ ଲାଭ କ'ଣ ? ଏହି ଘର ରଖି ମୁଁ ଆଉ କ'ଣ କରିବି ? ଆଉ ମଧ୍ୟ କେତେ ଦିନ ମୁଁ ବଞ୍ଚିବି ? ତାହା ପୂର୍ବରୁ ଏହି ଘର ବିକ୍ରି କରିନେଇ ସେଇ ଟଙ୍କା ବ୍ୟାଙ୍କରେ ଜମା ରଖି ସେହି ସୁଧରେ ଜୀବନ ବିତାଇ ଦେବି ।

କିନ୍ତୁ ଏହି ଘରର ମୂଲ୍ୟ ଚାଳିଶି ଲକ୍ଷ ଟଙ୍କା ଶୁଣି ସମସ୍ତେ ଫେରି ଯାଉଥିଲେ । କିନ୍ତୁ ମିନୁ କହୁଥିଲା, ସେହି ଚାଳିଶି ଲକ୍ଷ ଟଙ୍କା ନପାଇଲେ ଏହି ଘର ବିକ୍ରି କରିବି ନାହିଁ ।

Download Magazine from www.aahwaan.com

ଦିନେ ଜଣେ ଗରାଖ ଆସିଲା । ତାହାର ବୟସ ପ୍ରାୟ କୁନାର ବୟସ ପରି । ସେ ମିନୁ ପାଖରୁ ଘରର ମୂଲ୍ୟ ଚାଳିଶି ଲକ୍ଷ ଟଙ୍କା ଶୁଣି କୌଣସି ମୂଲଚାଲ ନକରି ରାଜି ହୋଇଯାଇଥିଲା । କହିଲା, ମୁଁ ସେହି ଚାଳିଶି ଲକ୍ଷ ଟଙ୍କା ଦେବି । ତେବେ ଘର ଭିତର ଥରେ ଦେଖିବି । ମିନୁ କହିଲା, ହଁ ଚାଲ ଦେଖିବ ।

ଏହା କହି ମିନୁ ସେହି ପିଲାକୁ ନେଇ ସବୁଘର ବୁଲାଇ ଦେଖାଇଥିଲା । କହିଥିଲା – ଦେଖ, ଏହି ସେହି ଘର, ଯେଉଁ ଠାରେ ମୋର କୁନା ରହୁଥିଲା ।

ସେହି ଘର ଭିତରେ କୁନାର ସବୁ ଜିନିଷ ଥିଲା । ସେହି ଷ୍ଟିଲ୍ ଆଲମାରୀ ମଧ୍ୟ ଥିଲା, ଯାହା ଭିତରେ ପ୍ରାୟ କୋଡିଏ ପଚିଶି ଲକ୍ଷ ଟଙ୍କାର ଗହଣା ଥିଲା । ସେହି ଆଲମାରୀ ଆଡେ ସେହି ପିଲା ଜଣକ ବାରମ୍ବାର ଅନାଇ ଦେଖିଥିଲା । ପଚାରିଲା – ଏଗୁଡିକ ସବୁ ଆପଣଙ୍କର ପୁଅର ?

ମିନୁ କହିଲା, ହଁ । ପୁଅ ଯେପରି ଅବସ୍ଥାରେ ମରିଯାଇଛି, ଏ ଗୁଡିକ ଏବେ ସେହିପରି ଅବସ୍ଥାରେ ରହିଛି ।

ସେହିପିଲା ଜଣକ କହିଲା – ଠିକ୍ ଅଛି, ମୁଁ ଏହି ଘର କିଣିବି । ଏହି ଘର ମୋର ପସନ୍ଦ ହୋଇଛି । ଆପଣଙ୍କୁ ମୁଁ ଏହି ଘରର ମୂଲ୍ୟ ଚାଳିଶି ଲକ୍ଷ ଟଙ୍କା ଦେବି । ତେବେ ମାଉସୀ, ମୋର ଗୋଟିଏ ସର୍ତ୍ତ ଅଛି । ଏହି ଘର ସହିତ ମୋତେ ଏହି ଆଲମାରୀ ମଧ୍ୟ ଦେବେ । ଏହି ଆଲମାରୀ ଭିତରେ କ'ଣ ଅଛି, ତାହା ଆପଣ ଦେଖିଛନ୍ତି କି ?

ମିନୁ କହିଲା - ନା । ମୋର ସେହି ପୁଅ ଯେତେବେଳେ ମରିଯାଇଛି, ସେତେବେଳେ ତାହାର ଜିନିଷ ଦେଖି ମୁଁ ଆଉ କ'ଣ କରିବି ? ସେ ବଞ୍ଚିଥିବାବେଳେ ଯେପରି ଥିଲା, ଏବେ ସେହିପରି ଭାବରେ ରହିଛି । ମୁଁ ତାହା ଖୋଲି ଆଦୌ ଦେଖିନାହିଁ । ମିନୁ ଟିକିଏ ନିରବ ରହି

Download Magazine from www.aahwaan.com

କହିଲେ, ତାହା ଯାହା ହୋଇଥାଉ, ତୁମେ ଟିକିଏ ବସ । ତୁମ ପାଇଁ କଫି ନେଇ ଆସୁଛି ।

ମାତ୍ର କେତେ ସମୟ ପରେ ସେ କଫି ନେଇ ଆସିଲା । ସେହି ପିଲା ଜଣକ କଫି ପିଇଥିଲା । କିନ୍ତୁ ଆଶ୍ଚର୍ଯ୍ୟ କଥା, ସେହି କଫି ପିଇବା ମାତ୍ରେ ଅଜ୍ଞାନ ହୋଇ ଚେୟାର ଉପରୁ ତଳେ ପଡ଼ି ଯାଇଥିଲା ।

ମିନୁ ଚାଲି ଚାଲି ଯାଇ ପୋଲିସ୍ ଷ୍ଟେସନରେ ପହଞ୍ଚିଲା ।

ଥାନାର ପୁଲିସ୍ ଅଫିସର ପଚାରିଲେ – ତାହା ପରେ ?

ମିନୁ କହିଲା, ତାହାପରେ ସେହି ଶଇତାନ ପିଲାଟା ମରିଯାଇଥିଲା । ଥାନାର ଅଫିସର ପଚାରିଲେ – କାହିଁକି ଆପଣ ତାକୁ ହତ୍ୟା କଲେ ? ସେ କ'ଣ କଫି ପିଇ ମରିଯାଇଥିଲା ?

ମିନୁ କହିଲା – ସେ କଫିରେ ମୁଁ ବିଷ ମିଶାଇ ଦେଇଥିଲି । ମୁଁ ଜାଣିଥିଲି ସେହି କୋଡିଏ ପଚିଶି ଲକ୍ଷ ଟଙ୍କାର ଗହଣା ଲୋଭରେ କୁନାର ବନ୍ଧୁ ଆଦୌ ସମ୍ଭାଳି ହୋଇ ରହିପାରିବ ନାହିଁ । ମୁଁ ଯଦି ଘରର ମୂଲ୍ୟ ପଚାଶ ଲକ୍ଷ ଟଙ୍କା ତାକୁ ମାଗି ଥାଆନ୍ତି, ତାହା ମଧ୍ୟ ସେ ଦେଇ ଥାଆନ୍ତା । ସେହି ଟଙ୍କା ଲୋଭରେ ସେ ମୋର ପୁଅ କୁନାକୁ ହତ୍ୟା କରିଥିଲା । ମୋର ପୁଅ ମୁହଁରେ ତାହାର ନାମ ମୁଁ ବହୁତ ଥର ଶୁଣିଥିଲି ।

ତାହା ପରେ ଟିକିଏ ନୀରବ ରହି ମିନୁ ପୁଲିସ୍ ଅଫିସରଙ୍କୁ କହିଲା – ମୁଁ ସବୁ ଘଟଣା ଆପଣଙ୍କୁ କହିଲି । ସବୁ ଶୁଣି ଆପଣ ବର୍ତ୍ତମାନ ଯଦି ମୋତେ ଫାଶୀ ଦେବା ପାଇଁ ବ୍ୟବସ୍ଥା କରିବେ ତାହାହେଲେ ମୋର କୌଣସି ଅବଶୋଷ ନାହିଁ, କାହିଁକି ନା ମୁଁ ମୋ ପୁଅ କୁନାର ମୃତ୍ୟୁର ପ୍ରତିଶୋଧ ନେଇଛି ।

ଶିକ୍ଷକ, କେନ୍ଦୁପଦର, ଫୁଲବାଣୀ-୭୬୨୦୦୧

କନ୍ଧମାଳ ଜିଲ୍ଲା (ଓଡିଶା), ଭ୍ରାମ୍ୟଭାଷା : ୯୪୩୭୭୬୫୨୭୫

Download Magazine from www.aahwaan.com

ଶେଷ ପରୀକ୍ଷା

ବଲବନ୍ତ ସାହୁ

ସ୍କୁଲ ଜୀବନର ଶେଷ ପରୀକ୍ଷା, ଇତିହାସ ପରୀକ୍ଷା । ସେ ଦିନର ଶେଷ ଘଣ୍ଟି ଆଉ ଶେଷ ଶବ୍ଦ ପରର ଶେଷ ପୂର୍ଣ୍ଣଚ୍ଛେଦ । ସେଇ ପୂର୍ଣ୍ଣଚ୍ଛେଦରେ ବହୁତ କିଛି ଦୁଃଖ ଦୁର୍ଦ୍ଦଶାକୁ ଜାକିଜୁକି ରଖିଦେଇଥିଲା ମୁନି । ପଞ୍ଜୁରୀ ଭିତରର ଶାରୀଟେ ପରି କାହିଁ କେତେଦିନ ହେଲା ରହିଆସିଛି । ମଥା ପାତି କେତେ କଣ ସହି ଆସିଛି । ସ୍ୱାଧୀନ ଭାରତରେ ମଧ୍ୟ ପରାଧୀନର କଷ୍ଟ ସହ୍ୟ କରିଛି । ହେଲେ, ସେଥିରେ ମଧ୍ୟ ତାହାର ଦ୍ୱିଧା ନାହିଁ । କାଣିଚାଏ ବି ଦୁଃଖ ନାହିଁ । ଏବେ କିନ୍ତୁ ସେ ମୁକ୍ତ ଆକାଶର ଶାରୀ । ଏକଦମ୍ ଆଜାଦ୍ । ସ୍ୱ-ଇଚ୍ଛାରେ ଘୁରି ବୁଲିବ ଏଇ ରଙ୍ଗୀନ ଦୁନିଆର କୋଣ ଅନୁକୋଣକୁ । ତା'ପୁଣି ଏଇ ସ୍ୱାର୍ଥପର ଦୁନିଆ ଠାରୁ ଢେର ଉପରେ । ପାଖ ଟିଟିଲାଗଡ଼ର ଶିବ ମନ୍ଦିର, ପାର୍କ, ସହର ସାରା.... ।

ହୋଟେଲ ବାଲାର 'ଏଇ ନିଅ ଭଉଣୀ' ଡାକରେ ଅନ୍ତର୍ଧ୍ୟାନ ହୋଇଛି, ତା' ଭାବନା ଗୁଡାକ । ଟିକେ ଚମକି ଯାଇ ଦେଖିଛି । କେଉଁ ଗୋଟେ ଟେଷ୍ଟପେପର ପୃଷ୍ଠାରେ କିଛି ପକୁଡି ସହ ଗୋଟେ ବରା, ତା ଉପରେ ଗୋଟେ କଞ୍ଚା ଲଙ୍କା । ବାସ୍ ଏତିକିକୁ କୋଡିଏ ଟଙ୍କା । ଏତିକି ଠୁ ଆହୁରି ଅଧିକ କିଛି ଭାବି ପାରେନା ଆଗକୁ... । ଖାଇସାରି ଫେରିଆସିଛି ନିର୍ଦ୍ଧାରିତ ଗାଡି ନିକଟକୁ । ତା'ପରେ ସେଇ ଗାଡି ସାହାଯ୍ୟରେ ଗାଁ ଅଭିମୁଖେ ।

ସରଳ ନିଷ୍କପଟ ତଥା ଆଧୁନିକ ପେଣ୍ଟିଂରେ ଦର୍ଶାଯାଉଥିବା ପରି ଗାଁ, ଭୁଷଲାର୍ଡ ଅଭିମୁଖେ । ଦୀର୍ଘ କୋଡିଏ ମିନିଟର ଯାତ୍ରା । ତା'ପରେ ଆସିଛି ଗାଁ । ଗାଁ ମୁଣ୍ଡ ପ୍ରଥମରେ ହିଁ ଘର । କିଛି ଲତାର ଛନ୍ଦାଛନ୍ଦି, ତା ଉପରେ ଲାଲ ମାଟିର ପ୍ରଲେପରେ ନିର୍ମିତ ଘର । ଘରକୁ

Download Magazine from www.aahwaan.com

ପ୍ରବେଶ କରୁ କରୁ ଦେଖିଛି ଦୁଇ ଜଣ ଅତିଥି । ଆଇ.କାର୍ଡ ଓହ୍ଲେଇ ଦେଇ ପାଦ ଛୁଇଁଛି ଦୁହିଁଙ୍କ । ପାଚିଲା ବାଳ ଥିବା ଲୋକଠାରୁ, "ଅହି ସୁଲକ୍ଷଣୀ ହ ଲୋ ମାଆ.." ଶୁଣି ଆଶ୍ଚର୍ଯ୍ୟ ହେଉଥାଏ ମିନୁ । ପ୍ରଥମେ ପ୍ରଥମେ ସେ କିଛି ବୁଝି ପାରୁନଥାଏ । ଆସ୍ତେ ଆସ୍ତେ କିନ୍ତୁ ବୁଝିସାରିଥାଏ ଆମୂଳଚୂଳ । ବୁଝିବା ପରେ ପରେ ବହୁତ କାନ୍ଦେ, ବହୁତ ରାଗରୁଷା କରେ । ଶହ ଛାଡି ହଜାର ଥର ବାରଣ କରେ । ବାରମ୍ବାର କହିଥାଏ - ମୁଁ ବାହାହେବିନି... ମୁଁ ବାହାହେବିନି । ପୁଣି ଅଭିମାନ ସହ କହେ - ମୁଁ ମରିଯିବି ବରଂ ବାହା ହେବିନି ।

ଘର ଲୋକ । ଆଖପାଖର ବାହାର ଲୋକ । ପୁଣି ତାଙ୍କ ଘରକୁ ପ୍ରସ୍ତାବ ନେଇ ଆସିଥିବା ସେଇ ଦୁଇ ଲୋକ । ସମସ୍ତେ ଶୁଣନ୍ତି । ହେଲେ କେହିବି ବୁଝିପାରନ୍ତି ନାହିଁ ମିନୁର ମନକୁ । ନଖାଇ ନପିଇ ନିଜ ସହ ନିଜେ ରୋଷ କରି କାନ୍ଦିକାନ୍ଦି ଶୋଇପଡେ ସେ ଦିନରେ ।

ଲୋକେ କହନ୍ତି - "ଦିନର ଦୁଃଖଯାକକୁ ରାତି ଖାଇଯାଏ, ସେଥିପାଇଁ ରାତିହୁଏ ।" ଏ କି କଥା । ମିନୁର ତ ଦୁଃଖ କମିନାହିଁ । ବରଂ ରାତିଯାକରେ ଆହୁରି ଓଦା ସରସର ହୋଇଯାଏ । ମାଆ ନିର୍ଦ୍ଦେଶରେ ସକାଳୁ ସକାଳୁ ଦୁଇଟି ବ୍ୟାଗ ଧରି ବାହାରିବାକୁ ପଡିଥାଏ, ନାନି ଘରକୁ । ମିନୁ ପାଟିରେ ମନା କରିବାର ଶବ୍ଦ ନାହିଁ । ମାଆ କୁଆଡେ କହିଛନ୍ତି - "ନାନି ଠାରୁ ରୋଷେଇବାସ, ଚାଲିଚଳଣୀ, ଆଚାର ବ୍ୟବହାର ଶିଖିବୁ ।"

ଦଇବର ନିର୍ଦ୍ଦେଶ ଭାବି ମଥା ପାତି ସହିଯାଇଛି ମିନୁ । ସେ ଯାଇଛି । ଦଶ ଦିନରେ ରୋଷେଇବାସ ଶିଖିପାରିନି ବୋଲି ପନ୍ଦର ଦିନ ମଧ୍ୟ ରହିଛି ସେଠାରେ । ପନ୍ଦର ଦିନିଆ ସମର୍ କୋର୍ସ କଲା ପରି ଶିଖିଛି ସବୁ । ଆଚାର, ବ୍ୟବହାର, ଚାଲିଚଳଣୀ , ଘରକରଣା ଆଉ କେତେ କଣ । ଏହା ଭିତରେ ବାଦ ପଡିନି ଛୁଆ ଧରିବା ଆଉ କାନ୍ଦୁଥିବା ଛୁଆକୁ ବୁଝାଇବା ମଧ୍ୟ । ଏହା ସହ ଆଉ କିଛି କଥା ମଧ୍ୟ ଶିଖିଛି । ଯାହା ସବୁ କହିହୁଏ ନାହିଁ ।

Download Magazine from www.aahwaan.com

ତା'କୋର୍ସ ସରୁ ସରୁ ଫେରିଆସିଛି ଗାଁକୁ ।

ବସି ପଡିଛି ଚୁଲି ପାଖର ମାଟି ପିଣ୍ଡାରେ । ଅର୍ଦ୍ଧ-ପରିପକ୍ୱ ଭାବନାରେ ବିଶେଷ କିଛି ଭାବି ପାରୁନଥାଏ, ତା' ଦୁଃଖ ବ୍ୟତୀତ । "ଏଇ ନେ ଲୋ ମାଆ... ଖାଇଦେ ପକୁଡି ଦି'ଟା, କେତେ ଦିନ ଆଉ ଖାଇବୁ ଯେ.." ଶତ ପ୍ରତିଶତ ମାତୃତ୍ୱ ସହ ମାଆ । ମାଆଙ୍କ ଏଇ ଅଧକୁହା ବାକ୍ୟରେ ମଧ୍ୟ ବହୁତ କିଛି ବୁଝିପାରୁଥାଏ ମିନୁ ।

ଦୁଃଖଦ ଭାବନାରେ ଓଦା ସରସର ଥିଲେ ବି ମସ୍ତିଷ୍କର କେଉଁ ଗୋଟେ କୋଣରୁ ସାନ୍ତ୍ୱନା ଦେଉଛି ନିଜେ ନିଜକୁ । ଆଉ କହୁଛି - "ଏତେ ଡରୁଛୁ କାହିଁକି ? ସମୟ ଯାଇନି, ଏବେ ମଧ୍ୟ ସବୁକିଛି କରିପାରିବୁ । ହଁ ତୁ ପାରିବୁ ମିନୁ । ପାରିବୁ ।" ଏହା ଭିତରେ ମାଆ ଦେଇଥିବା ପକୁଡି ମଧ୍ୟ ସରିଥାଏ । ରହିଯାଇଥାଏ କେବଳ ତୈଳାକ୍ତ କାଗଜ । ମିନୁ ଦେଖେ । ତାଙ୍କ ବ୍ୟାକରଣ ବହିର ପୃଷ୍ଠାଟେ । ଯହିଁରେ ଲେଖା ହୋଇଛି -

" ଦରିଦ୍ରତା ପଙ୍କପୂର୍ଣ୍ଣ ମୋ ଜୀବନ ସାର

ଜଞ୍ଜାଳ ଜଳଦ ଜଳେ ଆବିଳ ଉଦର ।"

ବିଦ୍ୟାଳୟରେ ବୁଝି ପାରୁନଥିଲା ଏଇ ପଦକୁ । ହେଲେ ଆଜି ସେ ସମ୍ପୂର୍ଣ୍ଣ ବୁଝିପାରୁଛି ଏହାକୁ । ତା'ବୋଲି ତ ପଢି ସାରୁସାରୁ ଲୁହ ଦୁଇଧାର ଚରଣସ୍ପର୍ଶ କରିଗଲାଣି । ଏମିତି ଅନ୍ଧକାର ମଧ୍ୟରେ ବିତିଯାଇଛି ସେଇ ଦିନଟି । ମିନୁ କିଛି ଭାବି ପାରୁନଥାଏ । ସେ କଣ କରିବ ? ତଥାପି ସେ ନିଜକୁ ଆଶ୍ୱାସନା ଦେଇଛି । ଆଉ ଯୋଜନା କରିଛି ବରକୁ କହିବ । ସେ ନିଶ୍ଚିତ ବୁଝିବ । ତା' ଦୁଃଖ, ଦରଜ ଆଉ ବ୍ୟଥା କୁ... ।

ବିଶେଷ ସାଜସଜ୍ଜା କିଛି ନାହିଁ । ଘର ସାମ୍ନାରେ ଚାନ୍ଦୁଆଟିଏ । ତା' ଛାଇରେ ଝୋଟି ଟିଏ । ଝୋଟି ଉପରେ ମାଠିଆ ଓ ମାଠିଆ ଉପରେ ଆମ୍ବପତ୍ର ସହ କଳସ । ବର ଆସିଛି ।

Download Magazine from www.aahwaan.com

ହୁଳହୁଳିରେ ଶୁଣି ବସ୍ତି ଯାକ ଉଠୁଛି ପଡିଛି । ମିନୁର ସ୍ପନ୍ଦନ ବଢ଼ି ବଢ଼ି ଚାଲିଥାଏ । ଅଳ୍ପ କିଛି ସମୟର ବ୍ୟବଧାନ ପରେ ବିନା ଅନୁମତିରେ ଘରକୁ ପଶିଆସିଛି ବର ବିନୟ । ମିନୁ ମନରେ ସାମାନ୍ୟ ଲାଜ ସହ ଅଜସ୍ର ଡର । ବିନୟ ଆସି ବସି ପଡିଛି ତା'ସାମ୍ନାରେ । ମିନୁ ଦେଖୁଛି ତାକୁ । ବର ଦେଖୁଛି ମିନୁକୁ... । ଆଖି ଆଖିରେ ଭାବର ବନ୍ଧନ । କଥାବାର୍ତ୍ତା । ମିନୁ ମନେ ମନେ ସାହସ ଯୋଗାଡ଼ କରୁଥାଏ । ଆଉ ପଢିବାକୁ ଚେଷ୍ଟା କରୁଥାଏ ସେଇ ନୂଆ ଅତିଥିର ହୃଦୟକୁ । ତା ସାଙ୍ଗେ କିଛି ପ୍ରଶ୍ନ କରୁଥାଏ ନିଜକୁ । ସେ ତୋ ଦରଦ ବୁଝିବ ତ ? ବେଦରଦୀ ନୁହେଁ ତ ?

ମାଟିକାନ୍ଥରେ ଟଙ୍ଗା ହୋଇଥିବା ଘଣ୍ଟାର ମିନିଟ - କଣ୍ଟାର ଦୁଇ ତିନି ପାଦ ଗତି ପରେ ମିନୁ ହିଁ ଆଖି ଫେରାଇଛି ପ୍ରଥମେ । ଆଉ ସାହସ ଜୁଟାଇ କହିଦେଇଛି ନିଜ ମନର ମାଳ ମାଳ ବ୍ୟଥାକୁ.. ଦୁଃଖକୁ... ଦରଜକୁ... । ଏବେ ତାକୁ ଟିକିଏ ହାଲୁକା ମନେ ହେଉଥାଏ । ମିନୁର ଉତ୍ତର ନଦେଇ ହିଁ ଚାଲିଯାଇଛି ସେ ନୂଆ ଅତିଥି ବିନୟ । ମିନୁ ନଜରରେ ସେ ଭାବୁକଟେ ସାଜି । ନିସ୍ତବ୍ଧ ହୋଇ ।

କିଛି ସମୟପରେ ଖବର ଆସିଛି ବିବାହ ଭାଙ୍ଗିଗଲା । ମିନୁର ଖୁସି କହିଲେ ନସରେ । ହେଲେ ସେ ଖୁସି ହଠାତ ଭାଙ୍ଗିଯାଏ । ବାପାମାଆ ମଧ୍ୟରେ ଯୁକ୍ତିତର୍କ । କେହିବି କଥା ହେଉ ନାହାନ୍ତି ମିନୁ ସହିତ । ଆଖପାଖ ଲୋକେ ମଧ୍ୟରେ ଟୁପୁର୍ ଫୁସୁର୍ । ଗାଁ ଲୋକଠୁ କଥାଟା ଆସ୍ତେ ଆସ୍ତେ ପାଖ ଗାଁକୁ ଗଲାଣି । "ଅମୁକ ଘର ଝିଅର ମୁଦିପିନ୍ଧା ଦିନ ବର ମନାକରିଦେଲା, ଆହା.... । ବିଚରା କେତେ ଆଶାଟେ ବାନ୍ଧିଥିଲା ଭଲ ବନ୍ଧୁଟେ ବୋଲି । ଆଉ କଣ ବର ଆସିବେ ।" ଆଉ କେତେ କଣ । କେହି କେହି ତ ଆଉ କିଛି କିଛି ଯୋଡି କହିଦେଉଥାନ୍ତି । ମିନୁ ପାଇଁ ଅସହ୍ୟ ହୋଇ ପଡୁଥାଏ କଥା ସବୁ । କଥା ସବୁ ବଢ଼େଇ

Download Magazine from www.aahwaan.com

ଦେଉଥାଏ ମିନୁର ବ୍ୟଥା । ବାପାଙ୍କ ନାମରେ ଏତେ ସବୁ ସେ ଶୁଣିପାରୁନି । ପୁଣି ବାପାମାଆଙ୍କ ଦୁଃଖ, କୋହକୁ ସହ୍ୟ କରି ପାରୁନାହିଁ । ହଠାତ ରାମୁ ଦୋକାନକୁ ଯାଇଛି । ଆଉ ଫୋନ କରିଛି ବିନୟକୁ । ଆଉ ଅନୁରୋଧ କରିଛି ତାକୁ ବିବାହ କରିବାକୁ । ବିନୟ ପଟୁ ମଧ୍ୟ ସବୁଜ ସଙ୍କେତ ଆସିଛି । ଆଉଥରେ ଚାଲିଛି ସବୁକିଛି... । ପୂର୍ବ ପରି ସାଜସଜ୍ଜା.. । ଦେଖୁ ଦେଖୁ ସରି ଯାଇଛି ବାହାଘର । ମିନୁ ତା'ର ଆଶା, ଅଭିଳାଶକୁ ଭାଙ୍ଗି ଦେଇ ହୋଇଯାଇଛି ବନ୍ଧନ । ପବିତ୍ର ପ୍ରେମ ବନ୍ଧନରେ । ହୋଇ ଯାଇଛି ଗୋଟିଏ ହାତରୁ ଦୁଇହାତ ।

ସମୟର ଅନବରତ ଗତିରେ ଆଜି ମିନୁ ବହୁତ ଦୂରକୁ ଚାଲିଆସିଲାଣି । ଏହା ଭିତରେ ଏତେ ଦୁଃଖଦ ସ୍ମୃତି ହେଲାଣି ଯେ ତା' ଭାରସାମ୍ୟ ହରାଇ ଦେଉଛି । ଏହା ଭିତରେ ବହୁତ କିଛି ଦୁଃଖ ଯନ୍ତ୍ରଣା ସହିଛି । ବହୁତ କିଛି ହାରି ସାରିଛି । ଜମିବାଡ଼ି, ଘରଦ୍ୱାର, ସୁନାରୁପା କେତେ କଣ... । ଏହା ସହ ତିନି ତିନି ଥର ତା'ତିନି ପୁତ୍ରକୁ । ଏବେ ତା'ପାଖରେ କିଛି ନାହିଁ । କେବଳ ଅଛି କୁନା ଆଉ ତା'ସିନ୍ଦୁର । ଏଇନା ଆସି ଏଇ ଟିଟିଲାଗଡ଼ର ମାଳିବସ୍ତିରେ ରହୁଛି । ବିନୟ ପାଖ ଇଲେକ୍ଟ୍ରି ଅଫିସରେ କାମ କରେ । ସରକାରୀ ତ ନୁହଁ ତଥାପି ଲାଗିଛି । ମାସିକ ଚବିଶ ଶହ ତାର ଦରମା ।

"କୁନା କାହିଁ ? ଦେଖାଯାଉନି", ସବୁ ଘର ବୁଲି ଦେଇ ପଚାରୁଥିଲା ବିନୟ । ଅଫିସରୁ ଫେରିବାପରେ ନିଜର ଏକମାତ୍ର ପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଭଲ ଲାଗେନି । ରୋଷେଇ କରୁକରୁ ମିନୁ କହୁଥିଲା - "ଦେଖୁନ, ଏଇଠି ଖେଳୁଥିଲା ବାହାରକୁ ଯାଇ ଦେଖୁନ ।"

କିଛି ସମୟରେ ବିନୟର ଉଚ୍ଚସ୍ୱରରେ ଘର କମ୍ପି ଉଠୁଥିଲା । "ବାରମ୍ବାର ମନା କରିଲି

Download Magazine from www.aahwaan.com

ପିଲାକୁ ବାହାରକୁ ପଠାଅନି । ସୋସାଇଟିରେ ବାଜେ ପିଲାଙ୍କ ସହିତ ବସି ବାଲି ଖେଳୁଥିଲା । ଏଇୟା ସବୁ ଶିଖୁଛି ତମ ପୁଅ ? ଦେଖ ତା ଦେହ.. ବାଲି ଧୂଳିରେ ଭର୍ତ୍ତି । ଦେହ ଖରାପ ହେଲେ ମତେ କହିବ ।”

ରୋଷେଇଘରୁ ବାହାରି ଆସୁ ଆସୁ ମିନୁ କହୁଥିଲା, “ଓହୋ, ପିଲାଟା ଟିକେ ଖେଳି ଦେଲେ କଣ ହୋଇଗଲା ? ତମେ ଖେଳୁନଥିଲ କି ? ଜନ୍ମରୁ ଏସି ରୁମଟାରେ ବଢିଥିଲ ନା କଣ ?”

“ମୁଁ ଖେଳୁଥିଲି ଯେ.., କୁନା ବି ଖେଳିବ ! ସେ ଏମିତିରେ ବି ଅନ୍ୟ ମାନଙ୍କ ଅପେକ୍ଷା ଦୁର୍ବଳ କେତେବେଳେ କଣ ହୋଇଗଲେ ।” ସାମାନ୍ୟ ଦୁଃଖିତ ହୋଇ ବିନୟ କହିଲା ।

“ହଁ..... ସତକଥା...” କହୁକହୁ ଖୁବ ଭାବବିହ୍ୱଳ ହୋଇପଡୁଥାଏ ମିନୁ । ବୋଧହୁଏ ପୁରୁଣା ସ୍ମୃତି ଗୁଡିକ ଆଖି ସାମ୍ନାକୁ ଚାଲିଆସିଲେ.... ।

Download Magazine from www.aahwaan.com

ନୂଆ ଏକ ବସନ୍ତ

ବୈଚନ୍ଦ୍ର ମଲ୍ଲିକ

ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଋତୁରାଜ ବସନ୍ତ ଠିକ୍ ସମୟରେ ଆସି ପୃଥିବୀପୃଷ୍ଠରେ ବିରାଜମାନ କରିଛନ୍ତି । ପୃଥିବୀ ମାଆର ପୁରୁଣା ବସନକୁ ପରିବର୍ତ୍ତନ କରି ନୂଆ ବସନ ପିନ୍ଧାଇ ଦେଇଛନ୍ତି ।

ଚାରିଆଡ଼େ ରଙ୍ଗ ବେରଙ୍ଗର ପତ୍ରବସନ ସତରେ ଲାଗୁଛି ପୃଥିବୀ ମା' ପାଇଁ ଋତୁରାଜ ବସନ୍ତ ଆଣିଥିବା ନୂଆ ଉପହାର ବହୁତ ସୁନ୍ଦର ହୋଇଛି । ବେଳେ ବେଳେ ହଳଦିଆ ବସ୍ତ୍ର ପରିହିତା ପୃଥିବୀ ମା'ର ବାହାଘର ପରି ଲାଗୁଛି । ଏଇ ବସନ୍ତରେ ପତ୍ର ମଧ୍ୟ ଫୁଲପରି ସୁନ୍ଦର ଦିଶୁଛି । ଯେମିତି ଆମ୍ବ ଆଦି କେତେକ ଗଛର ପତ୍ର ପ୍ରଥମେ ନାଲି ଦେଖାଯାଇ ସୁନ୍ଦର ଦିଶୁଛି । ଦୂରରେ ଦେଖିଲେ ଲାଗୁଛି ପତ୍ରଭର୍ତ୍ତି ଗଛ ମଧ୍ୟ ଫୁଲ ଭର୍ତ୍ତି ଗଛପରି ଲାଗୁଛି । ଗଛ ତଳେ ପଡ଼ିଥିବା ଓ ପଡୁଥିବା ପତ୍ରଗୁଡ଼ିକର ଦୃଶ୍ୟମଧ୍ୟ ଅତି ଚମତ୍କାର ଦିଶୁଛି । ଗଛତଳେ ପଡ଼ିଥିବା ପତ୍ର ଗୁଡ଼ିକର ସମାହାର ପତ୍ରରେ ସଜା ହୋଇଥିବା ଗାଲିଚା ପରି ସୁନ୍ଦର ଦିଶୁଛି । ଶିମିଳି, ପଳାଶ ଆଦି କେତେକ ଗଛର ଫୁଲ ପୃଥିବୀମା'ର ଓଠକୁ ନାଲି କରିଦେଲା ପରି ଲାଗୁଛି । କାଠ ଚମ୍ପା, କୁରେଇ, ଶାଳ, ଆମ୍ବ ଆଦି ଗଛର ଫୁଲରେ ମା'ର ଗଭାକୁ ଫୁଲର ଗଜରା ପିନ୍ଧେଇ ଦେଇଛି ଋତୁରାଜ । ମହୁଲ ଗଛରୁ ମହୁଲ ଫୁଲ ପଡ଼ିବାର ଦୃଶ୍ୟ ଦେଖିଲେ ମନେ ହେଉଛି ଦେବତାମାନେ ସ୍ୱର୍ଗରୁ ପୁଷ୍ପ ବୃଷ୍ଟି କରୁଛନ୍ତି ।

ଏଇ ସବୁର ଦୃଶ୍ୟ ବିନୟ ବାବୁ ସକାଳବୁଲା ଓ ସନ୍ଧ୍ୟାଭ୍ରମଣ ସମୟରେ ବେଶ ଉପଭୋଗ କରନ୍ତି । ବୁଲିବା ସମୟରେ ତାଙ୍କ ସାଙ୍ଗରେ ଯାଆନ୍ତି ତାଙ୍କ ଅଫିସର ସେଠି ବାବୁ

Download Magazine from www.aahwaan.com

ଓ ମହାନ୍ତି ବାବୁ । ବସନ୍ତ ଋତୁକୁ ଅନ୍ୟ ଋତୁ ଅପେକ୍ଷା ଖୁବ୍ ଭଲ ପାଆନ୍ତି ବିନୟ ବାବୁ । ସେ ଋତୁରାଜ ବସନ୍ତକୁ ମନେ ମନେ ଖୁବ୍ ପ୍ରଶଂସା କରନ୍ତି । ଆଉ ବେଳେ ବେଳେ ନିନ୍ଦା ମଧ୍ୟ କରନ୍ତି ସେ । କାହିଁକି ନା ଏ ବସନ୍ତ ଅନେକ ମିଠା ଖଟା ସ୍ମୃତି ବିନୟ ବାବୁଙ୍କୁ ଅତୀତରେ ଦେଇଛି । ଯାହାକୁ ସେ କେବେ ମଧ୍ୟ ଭୁଲିବାକୁ ଚାହିଁଲେ ବି ଭୁଲି ପାରୁନାହାନ୍ତି ।

ବିନୟବାବୁ ଛଅ ମାସ ତଳେ ଏ ଜି. ଉଦୟଗିରି ସହରକୁ ନୂଆ ଟ୍ରେଜେରୀ ଅଫିସର ହୋଇ ଆସିଛନ୍ତି । ପ୍ରକୃତିଘେରା ଏ ସହରକୁ ଯେବେ ପ୍ରଥମେ ଦେଖିଛନ୍ତି ସେ ମନେ ମନେ ଆତ୍ମ ବିଭୋର ହୋଇଛନ୍ତି । ଆଉ ବସନ୍ତରେ ଏ ସହରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଛି । ଏହି ଦୃଶ୍ୟରୁ ସେଠିବାବୁ ଓ ମହାନ୍ତି ବାବୁ କିଛି ଆନନ୍ଦ ପାଉଛନ୍ତି ନା ନାହିଁ ସେ ଜାଣନ୍ତି ନାହିଁ । ସେ କିନ୍ତୁ ହଜି ଯାଇଥିବା ପ୍ରେମ ଓ ଲିଭି ଯାଇଥିବା ସ୍ମୃତିକୁ ହୃଦୟରେ ମର୍ମେ ମର୍ମେ ଉପଲବ୍ଧି କରୁଛନ୍ତି ।

X X X X

କଲେଜ ଦିନର କଥା....

ବିନୟ ବାବୁ ଫୁଲବାଣୀ ସ୍ୱୟଂଶାସିତ କଲେଜରେ ପଢ଼ିବା ସମୟରେ ଜଣେ ସୁନ୍ଦରୀ ଝିଅର ପ୍ରେମରେ ପଡ଼ିଥିଲେ । ସେ ଆଉ ଅନ୍ୟ କେହି ନୁହେଁ ତାଙ୍କ କଲେଜର ଯୁକ୍ତ ଦୁଇରେ ଟପ୍ପର ହୋଇଥିବା ତାଙ୍କ ଶ୍ରେଣୀର ଝିଅ ମାନସୀ । ମାନସୀ ରୂପରେ ଯେମିତି ସୁନ୍ଦର ଗୁଣରେ ମଧ୍ୟ ବହୁତ ସୁନ୍ଦର । ପାଠରେ ସେ କାହା ପଛରେ ନାହିଁ । ତାଙ୍କ ପଛରେ ସମସ୍ତେ । ଏମିତି କି ବିନୟ ବାବୁ ମଧ୍ୟ । ପ୍ରତ୍ୟେକ ପରୀକ୍ଷାରେ ବିନୟବାବୁ

ମାନସୀର ପଛରେ ହିଁ ଥାଆନ୍ତି । ତେଣୁ ସାଙ୍ଗମାନେ ତାଙ୍କୁ ସବୁବେଳେ ଚିଡ଼ାନ୍ତି । ସେମାନେ କହନ୍ତି, 'ଲେଡ଼ିସ ଫାଷ୍ଟ' । ଏହି କଥା ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଯାଏଁ ଚାଲେ । ଏହି

Download Magazine from www.aahwaan.com

ଭିତରେ ସେ କେତେବେଳେ ମାନସୀ ପ୍ରେମରେ ପଡ଼ିଛନ୍ତି ସେ ବି ଜାଣନ୍ତି ନାହିଁ । କାରଣ ସାଙ୍ଗମାନେ ଥଟ୍ଟା ମଜାରେ ମାନସୀ ବିଷୟରେ ଅଧିକ କିଛି ଭାବିବାକୁ ପଡ଼ିଲା । ଆଉ ଭାବିବା ଭିତରେ ସେ କେତେବେଳେ ମାନସୀ ପ୍ରେମରେ ପଡ଼ିଯାଇଥିଲେ । ଆଉ ଏଇ ଭଲପାଇବା ସୃଷ୍ଟି ହୁଏ ମେଡ଼ିକାଲରୁ ।

ମାନସୀର ମା' ଦିନେ ମେଡ଼ିକାଲରେ ପଡ଼ିଥିଲେ । ମାନସୀ ନିଜ ମା'ର ସମସ୍ତ ପ୍ରକାର ସୁବିଧା ପାଇଁ ମେଡ଼ିକାଲରେ ହିଁ ରହିଥିଲା । ମାନସୀ କଲେଜ ନ ଆସିବାର କାରଣ ବିନୟ ତାଙ୍କ ସାଙ୍ଗମାନଙ୍କ ଠାରୁ ପଚାରି ବୁଝି ଜାଣିପାରିଲା ତା' ମା' ମେଡ଼ିକାଲରେ ଅଛନ୍ତି । ସେ କାଳବିଳମ୍ବ ନ କରି ସିଧା ମେଡ଼ିକାଲ ମୁହାଁଇଲା । ମେଡ଼ିକାଲରେ ସେ ଦେଖିଲା ମାନସୀ ଆଉ ମିଲି ଜଗିଛନ୍ତି ମା'କୁ । ବିନୟ ମଧ୍ୟ ତାଙ୍କ ସାଙ୍ଗରେ ଦଶଦିନ କାଳ ତାଙ୍କ ପାଖରେ ରହିଲା । ଶେଷରେ ମାନସୀର ମା'କୁ ଡାକ୍ତର ପକ୍ଷାଘାତ ରୋଗୀ ବୋଲି ଘୋଷଣା କରନ୍ତି । ତେଣୁ ସେମାନେ ଆଉ ଅଧିକ ଦିନ ମେଡ଼ିକାଲରେ ନ ରଖି ଘରକୁ ନେଇ ଯାଆନ୍ତି ।

ମାନସୀର ଘର ଫୁଲବାଣୀ ସହରଠାରୁ ଦୁଇ କିଲୋମିଟର ଭିତରେ । ତାଙ୍କ ଘରେ ରହନ୍ତି ତାଙ୍କ ବା ମା ଓ ସାନ ଭଉଣୀ ମିଲି । ମାନସୀର ବାପା ଜଣେ ସରକାରୀ ଶିକ୍ଷକ । ତାଙ୍କ ଘରେ କେହି ପୁଅ ପିଲା ନ ଥିବାରୁ ଘର ବାହାରର ସବୁକାମ ମାନସୀ ହିଁ କରେ । ମାନସୀର ସାନ ଭଉଣୀ ମିଲି ଯେବେଠାରୁ ବିନୟକୁ ଜାଣିଛି ତାକୁ ଭାଇ କରିଛି । ଆଉ ପ୍ରତିବର୍ଷ ରାକ୍ଷୀପୂର୍ଣ୍ଣିମାରେ ବିନୟ ହାତରେ ରାକ୍ଷୀ ମଧ୍ୟ ବାନ୍ଧିଛି । ମାନସୀର ମା'ଙ୍କ ଦେହ ଖରାପ ହେବାଠାରୁ ତା'ର ପାଠପଢ଼ାରେ ମନ ଲାଗେ ନାହିଁ କି ପାଠ ପଢ଼ିବାର ଇଚ୍ଛା ଥିଲେ ମଧ୍ୟ ସୁଯୋଗ ପାଏନି । ଘରର ସବୁ କାମ ତାକୁ ହିଁ କରିବାକୁ ପଡ଼େ । ମା'ଙ୍କର ସେବା ଶୁଶ୍ରୁଷା, ଘରର ରୋଷେଇ କାମ, ଅନ୍ୟାନ୍ୟ ଯାବତୀୟ କାମ ... । ବାପା ଆଉ ମିଲି ସାହାଯ୍ୟ

Download Magazine from www.aahwaan.com

କରନ୍ତି । କିନ୍ତୁ ମାନସୀ ମିଲିକୁ ପାଠ ପଢ଼ିବାକୁ ତାଗିଦ କରେ କାରଣ ଯୁକ୍ତ ଦୁଇ ବୋର୍ଡ଼ ପରୀକ୍ଷାରେ ତାଉ ପ୍ରଥମ ଶ୍ରେଣୀରେ ପାସ କରିବାକୁ ପଡ଼ିବ । ତେଣୁ ମାନସୀ ମିଲିକୁ ଏ ସବୁରୁ ଦୂରରେ ରଖେ । ବାପା ଦିନରେ ସ୍କୁଲ ଯାଆନ୍ତି । ସବୁ କାମ ବୋଝ ମାନସୀ ଉପରେ ହିଁ ଥାଏ ।

ବିନୟ ବେଳେ ବେଳେ ମାନସୀ ଘରକୁ ଯାଏ । ସମସ୍ତଙ୍କ ଭଲମନ୍ଦ ବୁଝାବୁଝି କରେ । ସେଦିନ ବିନୟ ମାନସୀର ମା'ଙ୍କୁ ନିଜ ମା' ପରି ସେବାକଲା ଏହାର ଅର୍ଥ ନୁହେଁ ଯେ ସେ ମାନସୀକୁ ଭଲ ପାଇବାକୁ ଦେଖାଇବାକୁ ଚାହୁଁଥିଲା । ଅସଲ କାରଣ ହେଲା ବିନୟର ମା' ତା ପିଲାଦିନେ ହିଁ ଇହଧାମ ତ୍ୟାଗ କରିଦେଇଥିଲେ । ତେଣୁ ଏତେ ଦିନପରେ ଯଦି ଜଣେ ମା'ର ସେବା କରିବାର ସୁଯୋଗ ମିଳିଛି ସେ ବା କାହିଁକି ହାତଛଡ଼ା କରିବ ? ମାନସୀ କିନ୍ତୁ କଣ କହି ଧନ୍ୟବାଦ ଦେବ ଜାଣିପାରୁନଥିଲା । ମାନସୀ ଭାବେ ଜଣେ ସାଙ୍ଗ କ'ଣ ଆଉ ଜଣେ ସାଙ୍ଗର ମା'କୁ ଏତିକି ସେବା କରିପାରେ ? ଏଯାଏଁ ମାନସୀ ମଧ୍ୟ ଜାଣିନାହିଁ ବିନୟ ତାକୁ ଭଲପାଏ ବୋଲି । ବିନୟ କେବେ ମୁହଁ ଖୋଲି ତା ଭଲପାଇବା କଥା କହିନାହିଁ । ହୃଦୟର କଥା ସେ କେବଳ ହୃଦୟରେ ରଖିଛି । ସେ ବା କିପରି କହନ୍ତା ? ସେ ଜାଣିଛି ଦୁଃଖ କଣ । ଦୁଃଖ କିପରି ଆସେ । ଦୁଃଖ ମଣିଷର ସବୁ ହସଖୁସି କିପରି ଛଡ଼େଇ ନିଏ ।

ଆଉ ସେ କଣ ଏତେ ଅବିବେକୀ ଲୋକ ଯେ ଦୁଃଖ ସମୟରେ ତା'ର ଭଲ ପାଇବା ଉପସ୍ଥାପନ କରିବ । କେବେ ନୁହେଁ ।

ଦୁଃଖସମୟରେ ସୁଯୋଗ ଖୋଜିବାର ପିଲା ସେ ନୁହେଁ । ସେ କେବଳ ଏତିକି ବିଶ୍ୱାସ କରେ ଯେ ତାଙ୍କ ଭଲ ପାଇବା ଯଦି ସତ୍ୟ ଓ ଶାଶ୍ୱତ ତେବେ ମାନସୀ ନିଶ୍ଚୟ ତା'କୁ ଭଲ ପାଏ ବୋଲି ଦିନେ ନା ଦିନେ କହିବ ।

Download Magazine from www.aahwaan.com

ବିନୟ ବାବୁଙ୍କର ଗ୍ରାଜୁଏସନ୍ ସେହି କଲେଜରେ ସରିବାପରେ ଭୁବନେଶ୍ୱର ବିଜେବି କଲେଜରେ ଏମ୍. ଏ ପଢ଼ିବାକୁ ଗଲେ । ଏହା ଭିତରେ ବିନୟବାବୁଙ୍କ ଜୀବନରେ କୋଡ଼ିଏଟି ବସନ୍ତ ଅତିକ୍ରାନ୍ତ ହୋଇ ସାରିଥିଲା । ତଥାପି ମଧ୍ୟ ତାଙ୍କ ପ୍ରେମର ବୃନ୍ଦାବନରେ ବଉଳ ଧରିନଥିଲା କି କୋଇଲିର କୁହୁତାନ ଶୁଣା ଯାଇନଥିଲା । ବଉଳ ଧରନ୍ତା ବା କିଭଳି, କୋଇଲି କିପରି ଗାଆନ୍ତା ? ସେ ତ ନିଜ ଭଲପାଇବାକୁ ନିଜ ଭିତରେ ହିଁ ସୀମିତ କରି ରଖନ୍ତି । ଭୁବନେଶ୍ୱର ଯିବାପରେ ବିନୟର ଜୀବନଶୈଳୀ ବହୁ ପରିବର୍ତ୍ତନ ହୋଇଛି । ସେ ଆଉ ଆଗଭଳି ଭଲ ପାଇବାରେ ଦୁର୍ବଳ ନ ହୋଇ ପାଠ ପଢ଼ାରେ ସମୟ ଦେଇଛନ୍ତି । ଓଏଏସ୍ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି ଏବଂ ସେଥିରେ ସଫଳ ମଧ୍ୟ ହୋଇଛନ୍ତି । ପ୍ରଥମକରି ସେ ଫୁଲବାଣୀ ସହରରେ ଆସିଷ୍ଟାଣ୍ଟ ଟ୍ରେଜେରୀ ଅଫିସର ଭାବରେ ଚାକିରୀ ପାଇଛନ୍ତି । କିନ୍ତୁ ମାନସୀ କଷ୍ଟେମଷ୍ଟେ ଯୁକ୍ତ ତିନିରେ ବାଣିଜ୍ୟ ବିଭାଗରେ ସମ୍ମାନର ସହ ପ୍ରଥମ ଶ୍ରେଣୀରେ ପାସ କରିଛି । ଏହାପରେ ମାନସୀର ପାଠପଢ଼ା ଓ ପୁସ୍ତକର ଡୋରୀ ବନ୍ଧା ହୋଇଛି । ସେ ମଧ୍ୟ ବିନୟକୁ ଭଲ ପାଏ କିନ୍ତୁ କରିବ କଣ, ଘର ଜଞ୍ଜାଳରେ ରହି ନିଜ ମନକଥା କହି ପାରିନି ।

ସେ ଦିନର ଗୋଟାଏ ଘଟଣା ଗୋଟାଏ ବଡ଼ ଦୁର୍ଘଟଣାର ରୂପ ନେଲା । ସେଦିନ ଖରାବେଳ ଥିଲା ଘରେ ମାନସୀ ଓ ତା ମା'କୁ ଛାଡ଼ିଦେଲେ ଆଉ କେହି ନଥିଲେ । ହଠାତ୍ ତାଙ୍କ ମା'ଙ୍କର ମୁଣ୍ଡ ବୁଲାଇଲା ତେଣୁ ସେ ମୁଣ୍ଡରେ ପାଣିମାରି ଔଷଧ ପାଇଁ ବଜାର ଯାଇ କିଛି ଔଷଧ କିଣି ଘରକୁ ଫେରିବା ସମୟରେ ଏକ ଅଜଣା ଗାଡ଼ି ସହ ଧକ୍କା ହୋଇଗଲା । ମାନସୀ ଅଚେତ ଅବସ୍ଥାରେ ସେଠାରେ ପଡ଼ି ରହିଲା । କିଛି ସମୟ ପରେ ଦଳେ ଲୋକ ମାନସୀକୁ ନେଇ ମେଡ଼ିକାଲରେ ଭର୍ତ୍ତି କରିଦେଲେ । ସନ୍ଧ୍ୟା ବେଳକୁ ବାପା ଆଉ ମିଲି ମଧ୍ୟ

Download Magazine from www.aahwaan.com

ଖବର ପାଇ ମେଡ଼ିକାଲରେ ପହଞ୍ଚିଲେ । ଘରେ ତେଣେ ଅସହାୟ ମା'ର ଅବସ୍ଥା ମଧ୍ୟ ଅସମ୍ଭାଳ । ରାତି ପ୍ରାୟ ସାଢ଼େ ଆଠଟା ବେଳକୁ ମାନସୀ ତା ବାପାମା' ଓ ସାନ ଭଉଣୀ ମିଲିକୁ ସବୁଦିନ ପାଇଁ ଛାଡ଼ି ଏ ସଂସାରରୁ ବିଦାୟ ନେଲା । ତା ପରଦିନ ଶବବ୍ୟବଚ୍ଛେଦ କରାଯାଇ ଗାଁ ମଶାଣୀରେ ପୋଡ଼ି ଦିଆଗଲା । ବିନୟ ସବୁ ଖବର ଶୁଣି ମାନସୀ ଘରେ ପହଞ୍ଚିଲାବେଳକୁ ମାନସୀର ଯୂଇର ନିଆଁ ଲିଭି ସାରିଥିଲା । ବିନୟ ସେଦିନ ବହୁତ ମର୍ମାହତ ହୋଇଥିଲା । ଆଉ ମାନସୀର ପରିବାର କଥା ତା'ଠୁ ବେଶୀ । ବିନୟ ସେଦିନ ଶପଥ କଲା ସେ ଜୀବନରେ କେବେ କାହାକୁ ବାହା ହେବନାହିଁ ।

ଏହି ଘଟଣାର ପାଞ୍ଚବର୍ଷ ପରେ ବିନୟ ଜଣେ ଅଫିସରର ଝିଅ ମିନତୀ ଓରଫ୍ ମିନୁକୁ ବିବାହ କରିଲେ । ବିନୟ କଣ ପୂର୍ବର ସବୁ ଶପଥ ବର୍ଷ କେଇଟାରେ ଭୁଲିଗଲେ ତାହା ପୁଣି ଅଫିସର ହେବାପରେ ? ଏ କଥା ସମସ୍ତଙ୍କ ମନକୁ ଆସିପାରେ କିନ୍ତୁ ବିନୟ ଏତେ ସହଜରେ ବାହାଘର ପାଇଁ ରାଜି ହୋଇନଥିଲେ । ତାଙ୍କ ବାପାଙ୍କର ଓ ବନ୍ଧୁବର୍ଗଙ୍କର ବୁଝାସୁଝା ପରେ ସେ ବିବାହ ପାଇଁ ରାଜି ହୋଇଥିଲେ । ଏତେ ବିନୟ ବାବୁଙ୍କର ପରିବାର କହିଲେ ତାଙ୍କ ବାପା, ମିନୁ ଓ ଦୁଇବର୍ଷର ପୁଅ କୁନା ଓ ତାଙ୍କ ସାନଭାଇ ବିଜୟ । ସେ କୁନାଲ୍ ଓରଫ କୁନାକୁ ନିଜ ଜୀବନଠୁ ବି ଅଧିକ ଭଲ ପାଆନ୍ତି । ସେ ହେଉଛି ତାଙ୍କର ଏକୋଇରବଳା ବିଶିକେସନ । ତେଣୁ ତାକୁ ଭଲ ପାଇବେନି ତ ଆଉ କାହାକୁ ଭଲ ପାଇବେ ? ପ୍ରତ୍ୟେକ ଦିନ ଅଫିସରୁ ଆସିଲେ ଅଧଘଣ୍ଟା କୁନା ପାଖରେ କଟେ ତା ପରେ ଯାଇ ଅନ୍ୟ କଥାବାର୍ତ୍ତା ।

ଗତ ମଙ୍ଗଳବାର ଦିନ ବିନୟବାବୁ ଅଫିସରୁ ଫେରି ଘରେ ଚାରିଆଡ଼େ ଦେଖିଲା, କୁନା ନାହିଁ । ସେ ବଡ଼ ଜୋରରେ ପାଟି କଲା, "କୁନା କାହିଁ ? ଦେଖାଯାଉନି ?" ସବୁ ଘର ବୁଲିଦେଇ ପଚାରିଥିଲା ବିନୟ । ଅଫିସରୁ ଫେରିବା ପରେ ନିଜର ଏକମାତ୍ର ଗେହ୍ଲା ପୁଅ

Download Magazine from www.aahwaan.com

ସହ କିଛି ସମୟ ନ ଖେଳିଲେ ତାକୁ ଭଲ ଲାଗେନି । ରୋଷେଇ ଘରୁ କହୁଥିଲା ମିନୁ, "ଦେଖୁନ, ଏଇଠି କୋଉଠି ଖେଳୁଥିବ ? ବାହାରେ ଯାଇ ଦେଖ ।"

କିଛି ସମୟପରେ ବିନୟର ଉଚ୍ଚ ସ୍ୱରରେ ଘର କମ୍ପି ଉଠୁଥିଲା । "ବାରମ୍ବାର ମନା କରିଲି ପିଲାକୁ ବାହାରକୁ ପଠାଅନି । ସୋସାଇଟିର ବାଜେ ପିଲାଙ୍କ ସହିତ ବସି ବାଲି ଖେଳୁଥିଲା । ଏଇୟା ସବୁ ଶିଖୁଛି ତମ ପୁଅ ? ଦେଖ ତା ଦେହ ... ବାଲିଧୂଳିରେ ଭର୍ତ୍ତି । ଦେହ ଖରାପ ହେଉ ମୋତେ କହିବ ।"

ରୋଷେଇ ଘରୁ ବାହାରି ଆସୁ ଆସୁ ମିନୁ କହୁଥିଲା, ଓହୋ, ପିଲାଟା ଟିକେ ଖେଳିଦେଲେ କଣ ହୋଇଗଲା ? ତମେ ଖେଳୁନଥିଲ କି ? ଜନ୍ମରୁ ଏସି ରୁମରେ ବଢ଼ିଥିଲ ନା କଣ ? ଏଇ ପଦିଏ କଥା ବିନୟ ବାବୁଙ୍କ ଦେହରେ ନିଆଁ ଜାଳିଦେଲା ପରି ଲାଗିଲା । ମିନୁ ଜାଣିଛି ବିନୟଙ୍କ ଅତୀତ କଥା । ବିନୟ ବାବୁଙ୍କ ପରିବାର ମଧ୍ୟ ବହୁତ ଗରିବ ଥିଲେ । ସେ ଜାଣେ ତା ବାପା କେତେ କଷ୍ଟରେ ତାକୁ ପାଠ ପଢ଼ାଇ ବଡ଼ ମଣିଷ କରାଇଛି । ତେଣୁ ଏଇ ପଦିଏ କଥାରେ ବିନୟର ରାଗ ପଞ୍ଚମରେ ଓ ସେ ବଡ଼ ଜୋରରେ ପାଟି କରିବା ଭିତରେ ବାହାର ଆଡୁ ଏକା ସଙ୍ଗେ ସେଠିବାବୁ ଓ ମହାନ୍ତି ବାବୁଙ୍କ ପାଟି ଶବ୍ଦରେ ତାଙ୍କର ଗଳା ନରମି ଗଲା । ବିନୟ ମନେ ମନେ ଚିନ୍ତା କଲା ମିନୁ ଯାଗାରେ ମାନସି ଥିଲେ ସେ ଏ ସବୁ କଥା କହି ନଥାନ୍ତା । ତା'ପରେ ବିନୟ ଭଗବାନଙ୍କୁ ସ୍ମରଣ କରି କହିଲା ପ୍ରଭୁ ତୁମେ ପୁଣି ନୂଆ ଏକ ଜନ୍ମର ନୁଆ ଏକ ବସନ୍ତରେ ତାଙ୍କୁ ଏକାଠି କରି ସ୍ୱାମୀସ୍ତ୍ରୀ ହେବାର ସୌଭାଗ୍ୟ କାମନା କଲା ।

ରାସୁଡ଼ି, ଡଙ୍ଗୁଣୀ, ଫୁଲବାଣୀ, କନ୍ଧମାଳ ଜିଲ୍ଲା

ଭ୍ରାମ୍ୟଭାଷ : ୮୭୬୩୭୬୮୯୨୬

Download Magazine from www.aahwaan.com

ପାଗଳ

ଜିତେନ୍ଦ୍ର କୁମାର କହଁର

ସେଦିନ ସଂଧ୍ୟାରେ ମୁଁ ଅଫିସରୁ ଘରକୁ ଫେରିଲା ବେଳକୁ ଏକ ସଡକ ଦୁର୍ଘଟଣାରେ ରାସ୍ତା କଡ଼ରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲି । ଯେତେବେଳେ ହସ୍ପିଟାଲରେ ମୋତେ ହୋସ୍ ଆସିଲା ମୁଁ ଡାକ୍ତରଙ୍କ ପାଖରୁ ଜାଣିବାକୁ ପାଇଲି ଯେ ମୋତେ କେହି ଜଣେ ପାଗଳ ଲୋକ ଦୁର୍ଘଟଣାର ସ୍ଥଳରୁ ଆଣି ହସ୍ପିଟାଲ ପହଞ୍ଚାଇଛନ୍ତି । ସମସ୍ତେ ତା'କୁ କୁହନ୍ତି ପାଗଳ । ତା'ସହ ମୋ ପରିଚୟ ହସ୍ପିଟାଲର ବେଡଠାରୁ । ହେଲେ ସତରେ କ'ଣ ସେ ଜନ୍ମରୁ ପାଗଳ ନା ସମୟ ଚକ୍ରରେ ପରିସ୍ଥିତିର ଦାସ ହୋଇ ସେ ପାଗଳ ହୋଇଯାଇଛି । ନୁଖରାବାଳ ସହ ଛିଣ୍ଡା ପୋଷାକ । ବେଶ ଭୟଙ୍କର ଚେହେରା । ଛୋଟ ପିଲା ତ ଛୋଟ ପିଲା ବଡ ଲୋକ ଦେଖିଲେ ବି ଭୟରେ ଥରି ଉଠିବେ । ଯେତେବେଳେ ତାକୁ ପ୍ରଥମ ଥର ପାଇଁ ଦେଖଥିଲି ମୁ ବି ଡରିଯାଇଥିଲି । କାହିଁକି କେଜାଣି ତାକୁ ଦେଖିଲା ପରେ ତା' ବିଷୟରେ ଜାଣିବାରେ ମୋର ଆଗ୍ରହ ସୃଷ୍ଟି ହୋଇ ଯାଇଥିଲା । କାରଣ ସେଇ ପାଗଳ ଭିତରେ ଲୁଚି ରହିଥିବା ମଣିଷ ପଣିଆର ଝଲକକୁ ମୁଁ ଦେଖିବାକୁ ପାଇଥିଲି । ଯେତିକି ତା' ବିଷୟରେ ଶୁଣିଲି ସେ ପାଗଳ ହେଲେ ବି ଆଜି ଯାଏଁ କାହାକୁ ବି କିଛି କଷ୍ଟ ଦେଇ ନଥିଲା ବରଂ ସେ ଲୋକ ମାନଙ୍କର କିଛି ଅସୁବିଧା ଦେଖିଲେ ଦୌଡିଯାଇ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଯାଉଥିଲା । ହେଲେ କିଏ କାହିଁକି ବା ପାଗଳଟିର ସାହାଯ୍ୟ ନେବ□ ତାକୁ ଦେଖିଲେ ସମସ୍ତେ ଦୂରକୁ ପଳାଇଯାନ୍ତି□ ତାକୁ ଦୂର ଦୂର ମାର ମାର କରନ୍ତି□ ରାସ୍ତା କଡେ କଡେ ଜୋରରେ ପାଦ ଥାପି ଥାପି ଚାଲିବା ତା'ର ନିତି ଦିନିଆ କଥା□ କାହା ମନରେ କିଛି ଦୟା ଆସିଲେ

Download Magazine from www.aahwaan.com

ତା' ଭୋକିଲା ପେଟ ଭରିଯାଏ ନ ହେଲେ ଅଇଁଠା ପତର ତା'ର ଭୋକ ମେଣ୍ଟାଇବାର ଏକ ମାତ୍ର ସାହାରା ।

ପାଗଳ ଲୋକଟିର ସାହାଯ୍ୟ ପାଇଁ ତାଙ୍କ ପାଖରେ ମୁଁ ଚିରଋଣି ଥିଲି । ତେଣୁ ତାଙ୍କୁ ଧନ୍ୟବାଦ ଦେବାକୁ ଗଲା ବେଳକୁ ବତିଶି ଦାନ୍ତ ଦେଖା ଏକ ବଡ ହସଟିଏ ଦେଇ ଆଖି ପିଛୁଳାକେ ମୋ ଆଗରୁ ସେ କେଉଁ ଏକ ଅଜଣା ପଥରେ ଉଭେଇଗଲା । ଆଖ ପାଖ ଅଞ୍ଚଳର ଲୋକମାନଙ୍କ ପାଖରୁ ଯାହା ଶୁଣିଲି ସେ କୁଆଡେ ଭାରି ଭଲଲୋକ ଥିଲା । ନିଜର ଏକ ମାତ୍ର ପୁଅର ବିୟୋଗରେ ମାନସିକ ଭାରସାମ୍ୟ ହରାଇଛି । ଆଉ ତା'ର ବୁଢ଼ୀମା' ଏକୁଟିଆ ଏବେବି ଗାଁରେ ରୁହେ । ମୋତେ ଭାରି ଇଚ୍ଛା ହେଲା ସେ ଗାଁକୁ ଯାଇ ସେଇ ଲୋକ ବିଷୟରେ ଜାଣିବାକୁ । ତେଣୁ ପରଦିନ ସକାଳୁ କାଳ ବିଳମ୍ବ ନ କରି ଚାଲିଲି ସେଇ ଗାଁକୁ । ମୁଁ ସେଇ ଗାଁରେ ପହଞ୍ଚିଲା ବେଳକୁ ବୁଢ଼ୀ ମାଉସୀ ପ୍ରସ୍ତୁତ ହେଉଥିଲେ ସହର ଅଭିମୁଖେ ଯିବାପାଇଁ□ ମୁଁ ତାଙ୍କ ପୁଅ ବିଷୟରେ ଜାଣିବାକୁ ଆସିଛି ଜାଣି ତାଙ୍କ ଆଖି ଛଳ ଛଳ ହୋଇ ଯାଇଥିଲା□ ସଙ୍ଗେ ସଙ୍ଗେ ମୋତେ ଗୋଟିଏ ନିଶ୍ୱାସରେ ତା'ପାଗଳ ପୁଅ ସମ୍ପର୍କରେ ଗୁଡାଏ ପ୍ରଶ୍ନ ପଚାରିଗଲେ । କୋଉଠି ଅଛି ସେ, କେମିତି ଅଛି ? ଭଲରେ ଅଛି ନା... ? ? ? ପାଗଳ ଲୋକଟିର ମା'ଙ୍କୁ ଦେଖି ବେଶ ବୁଝି ହେଉଥିଲା ପୁତ୍ର ବିଚ୍ଛେଦର ଦୁଃଖ ।

ମୁଁ ବିନୟକୁ ଦେଖିଛି ଜାଣି ବୁଢ଼ୀ ମାଉସୀ ଭାରି ଖୁସି ହୋଇଯାଇଥିଲେ ଏବଂ ଦାଣ୍ଡ ପିଣ୍ଡା ଉପରେ ବସିପଡି ମୋର ଅନୁରୋଧରେ ଅତୀତର ସେଇ ଅଲିଭା ବେଦନା ଭରା ପୃଷ୍ଠାକୁ ମୋ ଆଗରେ ରଖିବାକୁ ଲାଗିଲେ । ସେ ଫେରି ଯାଇଥିଲେ ସେଇ ଦୁଃଖ ଭରା ଅତୀତକୁ । ମୁଁ ବି ମନ ଧ୍ୟାନ ଦେଇ ସେଇ କାହାଣୀରେ ଧିରେ ଧିରେ ହଜି ଯାଉଥାଏ । ସେ ଯାହା କହିଗଲେ ମୁ କ'ଣ ଏଇ ଦୁନିଆରେ ଯିଏ ବି ଶୁଣିବ ନିଜର ଆଖିର ଅଶ୍ରୁକୁ ରୋକିବା

Download Magazine from www.aahwaan.com

ଅସମ୍ଭବ । ମୁଁ ତ ଥିଲି ତାଙ୍କ ପାଇଁ ଅଜଣା ଅଚିହ୍ନା । ମୋତେ ଯଦି ଏତେ କଷ୍ଟ ଲାଗିଲା ପ୍ରତି ଘଟଣାକୁ ଅଙ୍ଗେ ନିଭାଇ ଥିବା ସେଇ ବୁଢ଼ୀ ମାଉସୀଙ୍କୁ କେତେଯେ କଷ୍ଟ ଲାଗି ନଥିବ ସତେ ! ବୁଢ଼ୀ ମାଉସୀଙ୍କୁ ସାନ୍ତ୍ୱନା ଦେବା ଛଡା ମୋ ପାଖରେ କିଛି ବି ନଥିଲା ତାଙ୍କ ଦୁଃଖ ଟିକିଏ କମ କରିବା ପାଇଁ । ତା'ପରେ ତାଙ୍କ ସହ ମୁଁ ବି ସହର ଅଭିମୁଖେ ବାହାରି ପଡିଲି । ତାଙ୍କ ପଥର ସହ ପଥିକ ହୋଇ । ସେଇ ହସ୍ପିଟାଲ ଅଭିମୁଖେ ଯେଉଁଠି ବୁଢ଼ୀ ମାଉସୀଙ୍କ ବୋହୂ ମିନୁ ଚିକିତ୍ସିତ ହେଉଥିଲେ ।

ଆରେ ବୁଢ଼ୀ ମାଉସୀଙ୍କ ଠାରୁ ଶୁଣିଥିବା ସେଇ କରୁଣ କାହାଣୀ ତ ମୁ ଆପଣ ମାନଙ୍କୁ କହିଲିନି ? ଶୁଣନ୍ତୁ ବୁଢି ମାଉସୀଙ୍କ ଠାରୁ ଶୁଣି ଥିବା ସେଇ କରୁଣ କାହାଣୀ... କାହାଣୀ ଥିଲା ସେଇ ପାଗଳ ଲୋକଟିର.... ତା' ନାଁ ହେଉଛି ବିନୟ । ଭାରି ଭଲ ପିଲାଟିଏ ।ବାପା ମା'ଙ୍କର ଗୋଟିଏ ବୋଲି ପୁଅ । ସ୍ନେହରେ ତାକୁ ସମସ୍ତେ ଡାକନ୍ତି ବିନୁ ବୋଲି । ଛୋଟ ବେଳେ ବାପାଙ୍କୁ ହରାଇ ଥିଲା । ବାପା ଛେଉଣ୍ଡ ବିନୟ ମା'ଙ୍କ ଯୋଗୁଁ ଭଲରେପାଠ ପଢ଼ିଲା ଏବଂ ପରେ ପାଖ ସହରରେ ପ୍ରାଇଭେଟ କମ୍ପାନୀରେ ଭଲ ଚାକିରିଟିଏ କରିଥିଲା□ ମା'ଙ୍କ ଇଚ୍ଛାରେ ମିନୁ ନାମକ ଝିଅ ସହ ବିନୟର ବାହାଘର ହୋଇଯାଏ । ସମସ୍ତେ ବହୁତ ଖୁସିରେ ଥାଆନ୍ତି । ବାହାଘରର ବର୍ଷକ ପରେ କୁନାର ଜନ୍ମ । ସେ ସବୁରି ଗେହ୍ଲା । କୁନା ତ ଥିଲା ବାପା ମା'ଙ୍କର ଜୀବନ । ଗୋଟିଏ ବୋଲି ପୁଅ ଗେହ୍ଲା ବା ହୋଇ ନଥାନ୍ତା କିପରି । ପୁଅର ଯେତେବେଳେ ସ୍କୁଲ୍ ଯିବା ବୟସ ହୋଇଗଲା ଏକଦା ବିନୟ ଆସି ମା'ଙ୍କୁ କହିଲା, "ମା ଏବେ କୁନାର ସ୍କୁଲ୍ ଯିବା ବୟସ ହୋଇଗଲାଣି । ଗାଁରେ ତ ଭଲ ବିଦ୍ୟାଳୟଟିଏ ନାହିଁ । ମୁଁ ଭାବୁଛି ଆମେ ସମସ୍ତେ ଯାଇ ସହରରେ ରହିବା । ମୁଁ ଗୋଟିଏ ଘର ଭଡାଟିଏ ବି ନେଇ ଯାଇଛି ।" କୁନା ସେଇଠି ରହି ପଢିବ ।

Download Magazine from www.aahwaan.com

ମା ପ୍ରତ୍ୟୁତ୍ତରରେ କୁହେ, "ମୁଁ ଏଇ ବୁଢ଼ୀ ବୟସରେ ଭିଟା ମାଟି ଛାଡି କୁଆଡେ ସହରକୁ ଯିବି । ନାତି ପୁଅର ଭବିଷ୍ୟତ କଥା । ତୁମେ ସବୁ ଯାଅ । ହଁ ପ୍ରତି ରବିବାର ଯେମିତି ନାତି ପୁଅକୁ ନେଇ ଘରକୁ ଆସିବ ।" ହେଲେ ବିନୟ ଆଉ ମିନୁର ଜିଦ ଆଗରେ ହାର ମାନି ଏହାର କିଛି ଦିନ ପରେ ବୁଢ଼ୀ ମା' ସହ ବିନୟ, ମିନୁ ଆଉ ଗେହ୍ଲା ପୁଅ କୁନା ସହର ଅଭିମୁଖେ ବାହାରି ପଡିଲେ । ବିନୟ ମୁଣ୍ଡରେ ଥାଏ କୁନାକୁ କିପରି ମଣିଷ ପରି ମଣିଷ ଟିଏ କରି ଗଢିତୋଳିବାର ଚିନ୍ତା ।

ସହରରେ ବିନୟର ସଂସାର ରଥ ଖୁବ୍ ସୁନ୍ଦର ଭାବରେ ଗଡ଼ିଚାଲେ□ ଯେତେବେଳେ ଦେଖିବ ହସ ଆଉ ଖୁସି ତା' ଅଗଣାରେ ଖେଳୁଥାନ୍ତି । କୁନା ପାଠରେ ଭଲ କିନ୍ତୁ ସବୁରି ଗେହ୍ଲା ହେତୁ ଅଧିକ ଦୁଷ୍ଟ ହେଉଥାଏ । ଦିନେ ଅଫିସରୁ ନଫେରୁଣୁ, "କୁନା କାହିଁ? ଦେଖାଯାଉନି ?" ସବୁ ଘର ବୁଲିଦେଇ ପଚାରୁଥିଲେ ବିନୟ । ଅଫିସରୁ ଫେରିବା ପରେ ନିଜର ଏକ ମାତ୍ର ଗେହ୍ଲା ପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଜମା ଭଲ ଲାଗେନି । ରୋଷେଇ ଘରୁ କହୁଥିଲା ମିନୁ, "ଦେଖୁନ ! ଏଇଠି କେଉଁଠି ଖେଳୁଥିବ ? ବାହାରେ ଯାଇ ଦେଖ ।"

କିଛି ସମୟ ପରେ ବିନୟର ଉଚ୍ଚ ସ୍ୱରରେ କମ୍ପି ଉଠୁଥିଲା ଘର । "ବାରମ୍ବାର ମନା କରିଲି ପିଲାକୁ ବାହାରକୁ ପଠାଅନି । ସୋସାଇଟିରେ ବାଜେ ପିଲାଙ୍କ ସହିତ ବାଲି ଖେଳୁଥିଲା । ଏଇଆ ସବୁ ଶିଖୁଛି ତମ ପୁଅ ? ଦେଖ ତା' ଦେହ... ବାଲି ଧୂଳିରେ ଭର୍ତ୍ତି । ଦେହ ଖରାପ ହେଉ ମୋତେ କହିବ ।

ରୋଷେଇ ଘରୁ ବାହାରି ଆସୁ ଆସୁ ମିନୁ କହୁଥିଲା, "ଓହୋ ପିଲାଟା ଟିକିଏ ଖେଳିଦେଲେ କ'ଣ ହୋଇଗଲା ? ତମେ ଖେଳୁ ନ ଥିଲ କି ?ଜନ୍ମରୁ ଏସି ରୁମରେ ବଢ଼ିଥିଲ

Download Magazine from www.aahwaan.com

ନା କ'ଣ । ଠିକ୍ ଏତିକି ବେଳକୁ ବିନୟର ପାଟି ଶୁଣି ନିଦ୍ରାରୁ ଜାଗ୍ରତ ହୋଇ ଶୋଇବା କୋଠରୀରେ ବାହାରକୁ ଚାଲି ଆସିଲେ ବିନୁ ମାଁ ଆଉ କହିଲେ, "ଆରେ କଣ ହେଲା କାହିଁକି ପାଟି କରୁଛ ସବୁ ।" "ନା ମା' ସେ କିଛି ନୁହଁ... ଦେଖୁନ ତୁମର ଏହି ନାତି ଟୋକାକୁ...ଧୂଳି ବାଲିରେ ଭର୍ତ୍ତି" କହିଲା ବିନୟ ।

ସେ ତୋ ଠିକ ତୋରି ପରି ହିଁ ହୋଇଛି । ତୁ ଯେମିତି ଛୋଟ ବେଳେ ହେଉଥିଲୁ ସେ ବି ଏବେ ସେମିତି ହେଉଛି । ଖାଲି ଯାହା ସେଇଟା ଗାଁ ଥିଲା ଆଉ ଏଇଟା ସହର । ବୋହୂ ମିନୁ ନିଜ ଶାଶୁ ମୁଖରୁ ଏସବୁ ଶୁଣି କହୁଥିଲା, "ଦେଖିଲ ମୁଁ କଣ ମିଛ କହୁଥିଲି ।" ସମସ୍ତେ ହସିବାକୁ ଲାଗିଲେ । ବିନୟ କହିଲା, "ହଉ ଛାଡ ସେ ସବୁ କଥା ମୁଁ କାଲି ଅଫିସରୁ ଛୁଟି ନେଇ ଯାଇଛି । ଆମେ ସମସ୍ତେ ବୁଲିବାକୁ ଯିବା । ଏବେ ଯାଅ ତୁମ ଗେହ୍ଲା ପୁଅକୁ ଟିକିଏ ଧୁଆଧୋଇ କରିଦେବ ।" ମିନୁ କୁନାକୁ ନେଇ ବାଥରୁମ୍‌କୁ ଚାଲିଗଲା । ବିନୁ ମା' କହିଲା, "ତୁମେ ସବୁ ବୁଲିକି ଆସ ।ମୁଁ ଆଉ ଏ ବୁଢ଼ୀ ବୟସରେ ବୁଲାବୁଲି କରି ପାରିବିନି ।" ବିନୟ କହିଲା, "ହଉ ମା', ଠିକ ଅଛି... ତୁ ଘରେ ଥିବୁ । ଆମେ ଶୀଘ୍ର ଫେରିଆସିବୁ । ଜମା ବି ବ୍ୟସ୍ତ ହେବୁନି ।

ପରଦିନ ସକାଳୁ ସଜବାଜ ହୋଇ ବାହାରି ବୁଲିବାକୁ ବାହାରି ପଡିଲେ ବିନୟ, ମିନୁ ଆଉ ଗେହ୍ଲା ପୁଅ କୁନା । ବିନୁ ମା' ବି ସେମାନଙ୍କୁ ବାଟେଇ ଦେବା ପାଇଁ ଗେଟ ପାଖକୁ ଆସିଥିଲା । ପୁଅ କୁନା ବହୁତ ଖୁସିଥିଲା କହୁଥିଲା, ଜେଜେ ମା ମୁଁ ତୋ ପାଇଁ ଚୋକଲେଟ ନେଇକି ଆସିବି ହେଲା ତୁ ଖାଇବୁ । ବିନୟ ବାଇକ ଷ୍ଟାର୍ଟ କଲାବେଳକୁ ମା କହିଲା ଆରେ ବିନୁ ତୁ ହେଲମେଟ ନେଲୁନି ଯେ । ରହ ମୁଁ ହେଲମେଟ ନେଇକି ଆସୁଛି । ଆରେ ମା ମୋ ଚୁଟି ଖରାପ ହୋଇଯିବ । ଥାଉ ହେଲମେଟ । ଆମେ ଶୀଘ୍ର ଫେରି ଆସିବୁ । ବ୍ୟସ୍ତ

Download Magazine from www.aahwaan.com

ହେବନି । ମା କିଛି କହିବାକୁ ଉଦ୍ୟତ ହୁଅନ୍ତେ...ବିନୟ ବାଇକ୍ ଷ୍ଟାର୍ଟ କରି ମିନୁ ଆଉ କୁନା ସହ ମା'ଙ୍କର ଆଖି ଆଗରୁ ଉଭେଇ ଗଲା । ବିନୁ ମା' ଘର ଭିତରକୁ ଆସି ନିଜ କାମରେ ଲାଗିଗଲା । ଅଧ ଘଣ୍ଟାଏ ଯାଇଛି କି ନାହିଁ ଖବର ଆସିଲା... ସେମାନଙ୍କର ସଡକ ଦୁର୍ଘଟଣା ହୋଇଯାଇଛି ଆଉ ପାଖ ଡାକ୍ତରଖାନାରେ ସେମାନଙ୍କୁ ସ୍ଥାନୀୟ ଲୋକେ ଭର୍ତ୍ତି କରି ଦେଇଛନ୍ତି । ବୁଢ଼ୀ ମାଉସୀଙ୍କ ଉପରେ ଯେପରି ବାଦଲ ଫାଟି ପଡିଥିଲା । ସେ ସଙ୍ଗେ ସଙ୍ଗେ ହସ୍ପିଟାଲର ଅଭିମୁଖେ ବାହାରି ପଡିଲା ।ପହଞ୍ଚି ଜାଣିବାକୁ ପାଏ ସେମାନଙ୍କର ଅବସ୍ଥା ବହୁତ ସଙ୍କଟାପନ୍ନ । ଅପରେସନ ଚାଲିଛି ।

କିଛି ସମୟ ପରେ ଡାକ୍ତର ବାବୁ ବାହାରକୁ ଆସନ୍ତେ ବୁଢ଼ୀ ମାଉସୀ କାନ୍ଦି କାନ୍ଦି ପଚାରିଲେ ଡାକ୍ତରବାବୁ ମୋ ପୁଅ ବୋହୁ ଆଉ ନାତି କେମିତି ଅଛନ୍ତି ? ଡାକ୍ତରବାବୁ କହିଲେ, "ତୁମ ପୁଅର ହୋସ୍ ଆସିଯାଇଛି । ଆମେ ତାକୁ ଜେନେରାଲ ୱାର୍ଡକୁ ଶିଫ୍ଟ କରୁଛୁ । ଆପଣ ତାଙ୍କୁ ଭେଟି ପାରନ୍ତି । ହେଲେ ଆଉ ଦୁଇ ଜଣଙ୍କର ଅବସ୍ଥା ଏବେବି ଗୁରୁତର । ଭଗବାନଙ୍କ ଉପରେ ଭରସା ରଖ । ସବୁ ଠିକ ହୋଇଯିବ । ବିନୁ ମା'ଙ୍କର ପାଦ ତଳୁ ଯେମିତି ମାଟି ଖସି ଯାଇଥିଲା । ସେ କାନ୍ଦି କାନ୍ଦି ଯାଏ ନିଜ ପୁଅ ବିନୟକୁ ଦେଖିବା ପାଇଁ । ମା'ଙ୍କୁ ଦେଖୁ ଦେଖୁ ବିନୟ ମିନୁ ଆଉ କୁନା କଥା ପଚାରିବାକୁ ଲାଗିଲା । ବିନୁ ମା ସାନ୍ତ୍ୱନା ଦେଇ କହିଲେ ଆରେ ତୁ ବ୍ୟସ୍ତ କାହିଁକି ହେଉଛୁ । ସେମାନେ ଭଲ ଅଛନ୍ତି । ଏହାର କିଛି କ୍ଷଣ ପରେ ଡାକ୍ତରବାବୁ ଆସି କହିଲେ, "କ୍ଷମା କରିବେ ଆମେ ଆପଣଙ୍କର ନାତି ପୁଅ କୁନାକୁ ବଞ୍ଚାଇ ପାରିଲୁନି ଆଉ ତୁମ ବୋହୁ ମିନୁ ମଧ୍ୟ ସବୁଦିନ ପାଇଁ କୋମାକୁ ଚାଲିଯାଇଛି ।

ଏ କଣ କହୁଛ ଡାକ୍ତରବାବୁ ଏହା ଅସମ୍ଭବ । ମୋ ପୁଅ ମୋ ସ୍ତ୍ରୀ ମୋତେ ଛାଡି

Download Magazine from www.aahwaan.com

କୁଆଡେ ଯାଇ ପାରିବେନି କହି ବିନୟ ଦୌଡିଗଲା ପୁଅ ଆଉ ସ୍ତ୍ରୀ ଥିବା ସେଇ ହସ୍ପିଟାଲର ବେଡ ପାଖକୁ । ତା' ପଛେ ପଛେ ତାର ବୁଢ଼ୀ ମା' ମଧ୍ୟ ଦୌଡି ଗଲା ।

ନିଜ ଗେହ୍ଲା ପୁଅ ନିଜ ଜୀବନ କୁନାର ନିଶ୍ଚଳ ଶରୀର ଉପରେ ମୁଣ୍ଡ ରଖି ବିନୟ ଆଉ ତା ବୁଢ଼ୀ ମା'ଙ୍କର ଛାତି ଫଟା କାନ୍ଦ ସମଗ୍ର ହସ୍ପିଟାଲକୁ ଥରାଇ ଦଉଥିଲା । ବୁଢ଼ୀ ମା'ଙ୍କର ମନେ ପଡି ଯାଉଥିଲା ନାତି ପୁଅ କୁନାର ସେଇ ଶେଷ ପଦ କଥା, "ଜେଜେମା ମୁଁ ତୋ ପାଇଁ ଚୋକଲେଟ ନେଇକି ଆସିବି... ତୁ ଖାଇବୁ ।" ବିନୟର ବୁକୁ ଫଟା କାନ୍ଦ କେତେବେଳେ ବିକଟାଳ ହସରେ ପରିଣତ ହୋଇଥିଲା କେହି ବି ଜାଣି ନ ଥିଲେ । ପୁତ୍ର ବିଚ୍ଛେଦର ଦୁଃଖ ଆଉ ସ୍ତ୍ରୀ ମିନୁର ଏମିତି ଅବସ୍ଥା ତାର ମସ୍ତିଷ୍କକୁ ଶକ୍ତ ଧକ୍କା ଦେଇଥିଲା ଫଳରେ ସେ ମାନସିକ ଭାରସାମ୍ୟ ହରାଇ ସାରିଥିଲା□ ହସ୍ପିଟାଲରୁ କୁଆଡେ ସେ ଦୌଡି ପଳାଇଥିଲା ବୁଢ଼ୀ ମା' ଜମା ଖୋଜଖବର ପାଇ ନଥିଲା । ବୁଢ଼ୀ ବିନୁ ମା' ଜୀବନରେ ଯେମିତି ଅମାବାସ୍ୟା ବିରାଜି ଯାଇଥିଲା । ସେ ନିଜ ନାତି ପୁଅର ଶବ ସତ୍କାର ନିଜ ହାତରେ କଲା । ଆଉ ସହର ଛାଡ଼ି ଗାଁକୁ ଚାଲି ଆସିଲା । ସହରରେ ଆଉ ଟଙ୍କା ଖର୍ଚ୍ଚ କରି ଘର ଭଡା ଦେଇ ତ ଆଉ ସେ ରହି ପାରି ନଥାନ୍ତା ନା । ବିନୟ ପାଗଳ ହୋଇ ସହରରେ ଘୁରି ବୁଲିଲା । ବିନୁ ମା' ଗାଁକୁ ଆସି ନିଜର ଥିବା କେତେ ଗୁଡିଏ ଜମିକୁ ବିକି ମିନୁର ଚିକିତ୍ସା କରିବାକୁ ଲାଗିଲା । ହେଲେ ବିନୟ କେତେବେଳେ କେଉଁଠି ଥାଏ କିଛି ଖୋଜ ଖବର ନଥାଏ । ବିନୁ ମା ପୁଅ ବିନୟର ଚିକିତ୍ସା ପାଇଁ ମଧ୍ୟ ଟଙ୍କା ଯୋଗାଡ କରୁଥାଏ । ହେଲେ ଲକ୍ଷାଧିକ ଟଙ୍କା ସେ କେବେ ଯୋଗାଡ କରି ପାରିବ ଆଉ ତାର ଚିକିତ୍ସା କରିବ । ଡାକ୍ତରବାବୁ ପରା କହିଛନ୍ତି ବିନୟର ଚିକିତ୍ସା ପାଇଁ ଦୁଇ ଲକ୍ଷ ଟଙ୍କା ଦରକାର । ଏପଟେ ମିନୁର ଚିକିତ୍ସା ପାଇଁ ଟଙ୍କା ନିଅଣ୍ଟ । ବିନୟ କାମ କରୁଥିବା କମ୍ପାନୀ ତରଫରୁ ପ୍ରତିଶ୍ରୁତି ଛଡା ଟଙ୍କାଟିଏ ବି ମିଳିଲାନି ।

Download Magazine from www.aahwaan.com

ପ୍ରତି ସପ୍ତାହରେ ମିନୁକୁ ଦେଖିବାକୁ ବିନୁ ମା ହସ୍ପିଟାଲ ଯାଏ । ଡାକ୍ତରଙ୍କ ପାଖରୁ ସବୁ ବୁଝି ପୁଣି ଗାଁକୁ ବାହୁଡି ଆସେ । ବାଟ ସାରା ନିଜ ପୁଅ ବିନୟକୁ ଖୋଜି ଥରୁଟିଏ ଦେଖିବାକୁ ଚେଷ୍ଟା କରେ । କେବେ ଦେଖିବାକୁ ପାଏ ତ କେବେ ପାଏନି । ଗୋଟିଏ ବର୍ଷ ବିତିବାକୁ ବସିଲାଣି ହେଲେ... ମିନୁର ସ୍ୱାସ୍ଥ୍ୟବସ୍ଥା ଭଲ ହେବାର ନାଁ ନେଉ ନ ଥାଏ । ଏମିତି ଥିଲା ସେଇ ପାଗଳ ବିନୟ ପଛର ଦୁଃଖଭରା କାହାଣୀ ।

ସେଇ ଦିନ ବି ବୁଢି ମାଉସୀ ନିଜ ବୋହୁକୁ ଦେଖିବାକୁ ବାହାରି ଥିଲେ ହାତରେ ଟଙ୍କା ଥଳିକୁ ଧରି । ମୁଁ ବୁଢି ମାଉସୀଙ୍କ ସହ ସେଇ ହସ୍ପିଟାଲରେ ପହଞ୍ଚି ସାରିଥିଲି । ସେ ହସ୍ପିଟାଲ ଆଉ କୋଉ ହସ୍ପିଟାଲ ନ ଥିଲା... ସେଇ ହସ୍ପିଟାଲ ଥିଲା ଯେଉଁଠି ସେ ପାଗଳ ଲୋକ ମୋତେ ଆଡମିଟ କରିଥିଲେ । ଡାକ୍ତରବାବୁ ଆସି କହିଲେ, “ଆରେ ବୁଢ଼ୀ ମା ତୁମେ ଆସିଗଲ... ମୁଁ ଏବେ ତୁମକୁ ଫୋନ କରିବାକୁ ଯାଉଥିଲି । ତୁମ ପାଇଁ ଗୋଟିଏ ଖୁସି ଖବର ଅଛି... ମିନୁକୁ ହୋସ୍ ଆସି ଯାଇଛି । ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ । ଯାଅ ତାଙ୍କୁ ଦେଖା କରିବ । ଭଗବାନ ତୁମ ଡାକ ଶୁଣିଛନ୍ତି । ତୁମକୁ ତୁମ ଧୈର୍ଯ୍ୟର ଫଳ ମିଳିଛି । ବୁଢ଼ୀ ମାଉସୀ ଖୁସିରେ ଦୌଡିଗଲେ ବୋହୁ ମିନୁ ପାଖକୁ ଆଉ ତାଙ୍କ ପଛେ ପଛେ ମୁଁ□ ମିନୁ ନିଜ ଶାଶୁଙ୍କୁ ଦେଖି ଭାରି ଖୁସି ହୋଇଯାଇଥିଲା ଏବଂ ବିନୟ ଏବଂ ପୁଅ କୁନା ବିଷୟରେ ପଚାରିବାକୁ ଲାଗିଥିଲା । ଛାତିରେ ପଥର ରଖି ବୁଢ଼ୀ ମା ମିନୁକୁ ସବୁକଥା କହିଥିଲା । ମିନୁ ବୁଢ଼ୀମା’ଙ୍କର କୋଳରେ ମୁଣ୍ଡ ରଖି ପୁଅ ଆଉ ସ୍ୱାମୀଙ୍କୁ ଝୁରି ଝୁରି ବହୁତ କାନ୍ଦୁଥିଲା ।

ମୁଁ ଚାହିଁକି ବି କିଛି କରି ପାରୁ ନଥିଲି । କେବଳ ନିରବ ଦର୍ଶକ ହୋଇ ରହିଥିଲି । ସଙ୍ଗେ ସଙ୍ଗେ ବାହାରି ପଡିଲି ବିନୟ ସେଇ ପାଗଳ ଲୋକଟିକୁ ଖୋଜିବାକୁ ପାଇଁ । ଭାବିଲି ବିନୟର ଉପସ୍ଥିତି ହୁଏତ ସେମାନଙ୍କର କଷ୍ଟକୁ କିଛି ପରିମାଣର କମ କରିଦେଇ

Download Magazine from www.aahwaan.com

ପାରେ.... । ଆଖ ପାଖ ଅଞ୍ଚଳରେ, ରାସ୍ତା ଘାଟରେ ବହୁତ ଖୋଜିଲି ହେଲେ ନିରାଶ ହେବାକୁ ପଡିଲା । କେଉଁଠି ବି ତାଙ୍କୁ ପାଇଲି ନାହିଁ ତେଣୁ ପୁଣି ଥରେ ହସ୍ପିଟାଲକୁ ଫେରିଲି ଖାଲି ହାତରେ । ସେମାନଙ୍କୁ ଏତକ ଟିକେ ଖୁସି ବି ଦେଇ ପାରିଲିନି ବୋଲି ମନ ଜମା ଭଲ ଲାଗୁ ନ ଥାଏ । ଯେଉଁ ଲୋକ ପାଗଳ ହେଲେ ବି ସେଦିନ ମୋର ଜୀବନ ବଞ୍ଚାଇଥିଲା ତା' ପାଇଁ କିଛି କରି ପାରି ନଥିଲି ।ହସ୍ପିଟାଲକୁ ପହଞ୍ଚି ଦେଖେତ ସେଇ ପାଗଳଲୋକ ଆଉ ଜଣେ କିଏ ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କୁ ଧରି ଡାକ୍ତରଖାନାରେ ପହଞ୍ଚିଛି ଆଉ ପାଟି କରି କହୁଛି, "ମୋ କୁନାକୁ ଭଲ କରିଦିଅ...ମୋ ମିନୁକୁ ଭଲ କରିଦିଅ ।"

ମୋ ମନରେ ଆଶାର କିରଣଟିଏ ଖେଳିଗଲା । ହେଲେ ବିନୟକୁ କେମିତି ମିନୁ ଥିବା ରୁମକୁ ନେବି ଭାବୁଥାଏ । ସଙ୍ଗେ ସଙ୍ଗେ ଦୌଡିଗଲି ମିନୁ ଥିବା ରୁମକୁ । ସେମାନଙ୍କୁ ଡାକି ଆଣିଲି ବିନୟ ପାଖକୁ । ମିନୁ ଆଉ ବିନୁ ବୋଉ ବିନୟକୁ ଦେଖି ନିଜ କୋହକୁ ସମ୍ବରଣ କରି ପାରିନଥିଲେ । ଏତେ କଷ୍ଟ ଏତେ ଦୁଃଖ ଭିତରେ ସେମାନେ ଟିକିଏ ଖୁସି ଥିଲେ ବିନୟକୁ ପାଖରେ ପାଇ ତଥାପି ତାଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା । ବୋଧହୁଏ ଖୁସିର ଲୁହ ଥିଲା । ବିନୟ ଅବାକ୍ ହୋଇ ଚାହିଁ ରହିଥିଲା ତା ବୋଉ ଆଉ ସ୍ତ୍ରୀ ମିନୁକୁ ନିଜ ସାମନାରେ ଦେଖି । ବୋଧହୁଏ ସେଇ ପାଗଳ ଅବସ୍ଥାରେ ବି ବିନୟ ନିଜର ସ୍ତ୍ରୀ ଆଉ ବୋଉକୁ ଚିହ୍ନି ପାରିଥିଲା । ବିନୟ ହସ୍ପିଟାଲର ଚଟାଣରେ ହଠାତ୍ ଲଥ୍ କିନା ବସି ପଡିଲା । ମିନୁ ଆଉ ବିନୁ ମା ମଧ୍ୟ ବିନୟ ସହ ବସି ପଡିଲେ । ସମାନଙ୍କ ଆଖିରୁ ବୋହି ଯାଉଥିଲା ଅସରନ୍ତି ଅଶ୍ରୁର ଧାର । ମୁଁ ବି ସେମାନଙ୍କର ପାଖରେ ବସି ପଡିଲି । ମୋତେ କାହିଁକି କେଜାଣି ସେମାନଙ୍କର ପରିବାରର ଅଂଶ ହେଲା ପରି ମନେ ହେଉଥାଏ । ଠିକ୍ ଏତିକି ବେଳକୁ ବିନୟ ମୋ ମୁଣ୍ଡ ପାଖରେ ତା'ର ହାତ ବୁଲାଇ ଆଣି ଆଉଁସି ଦେଇ

Download Magazine from www.aahwaan.com

କହୁଥିଲା, "ମିନୁ ଦେଖିଲ ମୋ ଗେହ୍ଲା ପୁଅ କୁନା କେତେବେଳେ ଏତେ ବଡ ହୋଇଗଲାଣି... ମୁଁ ଜମା ଜାଣି ପାରିଲିନି ।" ଚାହିଁକି ବି ମୁଁ ତାଙ୍କ ପୁଅ ନୁହେଁ ବୋଲି ସେଇ ମୂହୁର୍ତ୍ତରେ କାହିଁକି କେଜାଣି କହି ପାରି ନଥିଲି ।

ଯେମିତି ବିନୟ ପାଇଁ ମୁଁ ହୋଇ ଯାଇଥିଲି ତା'ର ସବୁଦିନ ପାଇଁ ହଜି ଯାଇଥିବା ପୁଅ କୁନା । ସମସ୍ତେ ବିନୟକୁ ଧରି ଗାଁକୁ ଫେରିଲୁ । ସମସ୍ତଙ୍କୁ ଗାଁରେ ଛାଡି ମୁଁ ସହରକୁ ଫେରି ଆସିଲି । ମୋ କର୍ମ କ୍ଷେତ୍ରକୁ । ଡାକ୍ତରଙ୍କ ପରାମର୍ଶ କ୍ରମେ ଯେତେବେଳେ ବି ସମୟ ମିଳେ କୁନା ହୋଇ ବିନୟ ପାଖକୁ ଯାଏ । ସେ ମୋ ଭିତରେ ଦେଖୁଥିବା କୁନା କୁ ସତରେ ବହୁତ ସ୍ନେହ କରନ୍ତି । ତାଙ୍କ ସହ ବୁଢି ମାଉସୀ ଆଉ ମିନୁ ମଧ୍ୟ । ବିନୟଧିରେଧିରେ ସୁସ୍ଥ ହେଉଥିଲେ ମଧ୍ୟ ଆଜିବି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନାହାନ୍ତି । ତଥାପି ବୁଢି ମାଉସୀ ମିନୁ ଆଉ ମୋର ପୂର୍ଣ୍ଣ ଆଶା ଯେ ସେ ଧିରେ ଧିରେ ନିଶ୍ଚୟ ସମ୍ପୂର୍ଣ୍ଣ ଭଲ ହୋଇ ଉଠିବ ।

କଲାଡି, ଫୁଲବାଣୀ

ଦୁରଭାଷ- ୯୪୩୯୫୪୨୫୨୧

Download Magazine from www.aahwaan.com

ଅଭିଶପ୍ତ ଅପରାହ୍ନ

ଅଶୋକ କୁମାର ସେଠୀ

କାହା ପାଇଁ ବି ତମେ ଲୁହ ଗଡ଼ାଇବା ଉଚିତ ନୁହେଁ ।

ଯାହା ପାଇଁ ତମେ ଲୁହ ଗଡ଼ାଇବା ଉଚିତ,

ସେ କେବେ ତମକୁ କନ୍ଦାଇବା ଚାହେଁ ନାହିଁ ।

-Garbiel Gercia Markwes

ସତରେ... !

ଆମ ପାରିବାରିକ ଜୀବନ କଣ ଏତେ ବିପର୍ଯ୍ୟସ୍ତ ... ?

ଜୀବନର ଅପରାହ୍ନରେ ବୃଦ୍ଧ ବାପାମା । ତାଳ ବରଡ଼ା ପରି ଧଡ଼ ଧଡ଼, ଆଜି ଅଛନ୍ତି କାଲିକି ରହିଥିବେ କି ନାହିଁ କି ଭରସା ... ! ଅନ୍ତରଙ୍ଗ ଆହାଃ ପଦେ ପାଇଁ କେତେ ଡହଳ ବିକଳ ! ଅପରାହ୍ନର ଛାଇ ପରି ଆଶା କିନ୍ତୁ କାୟା ତ ଖୁବ ଅସହାୟ । ବେଳ ଗଡ଼ିଯାଏ ବଳ ଭାଙ୍ଗିଯାଏ । ସଂସାରର ବୋଝ ଯିଏ ସାରା ଜୀବନ ଅନାୟାସେ ବୋହୁଥିଲା ସେ ଆଜି ସଭିଙ୍କର ବୋଝ !! ଏବେ ସେ ଅଲୋଡ଼ା ପାଲଟି ଯାଇଛନ୍ତି । ଲଗେଇଥିବା ଚାରାଟି ଆଜି ସବୁଜ ହେଲେ ଛାଇ ଟିକେ ଦେବାକୁ ସେ ଗଛ ଅସମର୍ଥ । ବୃଦ୍ଧ ବାପାମା' ଘରର ମେଢ଼ୀ, ଆମର ଢାଲ । ସେମାନଙ୍କ ମଧ୍ୟ ଦେଇ ଆମେ ସଂସାରକୁ ଆସିଛୁ । ସେମାନେ ତିନି ପୁରୁଷ ଦେଇ ଆସି ଏଠି ପହଞ୍ଚି ଥିବାରୁ ସେମାନଙ୍କୁ 'ତିନି ମୁଣ୍ଡିଆ' କୁହାଯାଏ । ସେମାନଙ୍କ ପାଖେ ତିନି ପିଢ଼ି ଅନୁଭୂତିର ଗଣ୍ଠିଲି ମହଜୁଦ, ସବୁ ଆପଦର ସୂତ୍ର; ଅଥଚ ଆମେ ସେମାନଙ୍କୁ ଅନଭିଜ୍ଞ କହି ଆଡ଼େଇ ଦେଉ ।

Download Magazine from www.aahwaan.com

କଥାରେ ଅଛି :

'ବୃଦ୍ଧସ୍ୟ ବଚନଂ ଗ୍ରାହ୍ୟ

ଆପାତ କାଳ ଉପସ୍ଥିତେ'

ସେଥିପାଇଁ ସବୁ ସଭାସମିତିରେ ବୃଦ୍ଧ ଲୋକଙ୍କ ବିଚାରକୁ ପ୍ରାଧାନ୍ୟ ଦିଆଯାଏ । ବୃଦ୍ଧ ବ୍ୟକ୍ତିଙ୍କ ବିନା ସଭା, ସଭା ନୁହେଁ ବୋଲି ଶାସ୍ତ୍ର କହେ;

'ନ ସା ସଭା ଯତ୍ର ନ ସନ୍ତି ବୃଦ୍ଧାଃ

ନ ତେ ବୃଦ୍ଧାଃ ଯେ ନ ବଦନ୍ତି ଧର୍ମଃ'

ସେମାନେ ଏ ବୟସରେ ଟିକେ ସ୍ନେହ ଆଦର ଲୋଡ଼ନ୍ତି କିନ୍ତୁ ଆମ ପାଖରେ ସମୟର ଘୋର ଅଭାବ । ଅସହାୟର ଥର ଥର ହାତ ଆମ ଆଡକୁ ବଢ଼େଇ ଦେଉଥିଲା ବେଳେ ସେମାନଙ୍କ ଭାବନାକୁ ଆଡ଼େଇ ଦେଇ ବଢ଼େଇ ଦେଉ ଯାତନା କଷଣର ଅସୀମ ବ୍ୟବଧାନ । ସେମିତ ହନ୍ତସନ୍ତ ହୋଇ ମନର ଦୁଃଖ ମନରେ ମାରି ଶେଷ ସମୟକୁ ଅପେକ୍ଷା କରିଥାନ୍ତି । ଏବେ ବାସୁ ପ୍ରଧାନର ବୁକୁ ଫଟା ଚିତ୍କାର କାହା ପାଖେ ପହଞ୍ଚି ପାରୁନି । ତା ଆତ୍ମାର କରୁଣ ବିଳାପ କାହା ପାଖେ ପହଞ୍ଚି ପାରୁନି । ସବୁ ଥାଇ ଆଜି ତାର କେହି ନାହାନ୍ତି । ବାପାମା'ଙ୍କ ଶ୍ରଦ୍ଧାର ମୂଲ୍ୟ କଣ ଏମିତ ...

ବିନୟ ଘରର ବଡ଼ପୁଅ । ଓଡ଼ିଶା ବିଚାର ବିଭାଗୀୟ ସେବା (OJS) ଚାକିରୀ କରି ସହରରେ ଅବସ୍ଥାପିତ । ଗାଁରୁ ଦେଢ଼ ଘଣ୍ଟାର ବାଟ ହେବ କି କଣ । ବିନୟ ସାନ ପୁଅ, ଏବେ ସରକାରୀ ଚାକିରୀ ପାଇଁ ଆବେଦନ କରୁଛି । ଗୋଟିଏ ବୋଲି ଝିଅ ଜୟନ୍ତୀ ଦି'ବର୍ଷ ହେବ ତା ବାହାଘର ସରିଛି । ବିନୟର ପୁଅ କୁନାକୁ ଏବେ ତିନି ପୁରି ଚାରି ଚାଲିଲା । ସଭିଙ୍କର ସେ ଭାରି ଗେହ୍ଲା । ତା ଦରୋଟି କଥା ସମସ୍ତଙ୍କୁ କେମିତି ଗୋଟେ ମାୟା ଲଗେଇ

Download Magazine from www.aahwaan.com

ଦେଇଛି ସତେ । ତା ଯୋଗୁଁ ଘରଟା ହସ ଖୁସିରେ ସବୁଦିନ ଉତ୍ସବମୁଖର ହୋଇଉଠେ । ମିନୁ ଘରର ବଡ଼ବୋହୂ । ସବୁ କାମରେ ତା ଭାରି ନିଘା । ଖୁବ ଯତ୍ନଶୀଳା ଓ ବୁଦ୍ଧିମତୀ ।

ଘରର ଚିତ୍ରପଟ ବଦଳାଇବାକୁ ଦଲକାଏ ଅଦୃଶ୍ୟ ପବନ ଯେମିତ ପଶି ଆସିଲା ଝରକା ଦେଇ । ରାତି ପହିବାକୁ ଆଉ କେତେ ଘଡ଼ି ବାକି । ମିନୁ ଖୁବ ଗମ୍ଭୀର ସଠିକ ଭାବେ ବୁଝି ପାରୁନି କଣ କରିବ ସେ 'କିଂ କର୍ତ୍ତବ୍ୟ ବିମୁଢ଼' ହୋଇ ଦୋଛକି ରାସ୍ତାରେ ଛିଡ଼ା । ମିନୁ ବହୁତ ଭାବି କହିଲା, "ଯାହା କରିବ ଆଗ ପଛ ବିଚାର କରି ଆଗକୁ ପାଦ କାଢ଼ । ଏ ବୟସରେ ବାପାମା'ଙ୍କୁ ଏକା କରି ଯିବାଟା ଠିକ ହେବନି ! ସେ ଘରର ମୁରବି । କଣ ଭାବିବେ ସାହି ପଡ଼ିଶା କହିଲ ?" ଝିଟିପିଟିଟିଏ ତାଳ ଦେଇ ସତେ କହିଗଲା ଠିକ ଠିକ.. ! ଆଉ କୁନାର ଭବିଷ୍ୟତ ? ବିନୟର କର୍କଶ ସ୍ୱର ବାରି ହୋଇପଡୁଛି । ଗାଁ ପିଲାଙ୍କ ମେଳରେ କଣ ଶିଖିବ ସେ ? ଗାଁ ଦାଣ୍ଡରେ ଏମିତ ଧୂଳିମଳି ହୋଇ ଖେଳିବ ।

ତା ପରେ ଅଜୟ ତ ଅଛି ..

ବିନୟ ଶେଷରେ ତା ନିଷ୍ପତି ବାପାଙ୍କୁ ଜଣେଇଦେଲା । ଆମେ ସହରରେ ରହିବୁ ବୋଲି ଭାବିଛୁ କୁନାର ଭବିଷ୍ୟତକୁ ଲକ୍ଷ୍ୟ ରଖି । ବାପା ତମେ ତ ଜାଣିଛ ଗାଁ ସ୍କୁଲର ପାଠ ପଢ଼ା । ତା ପରେ ଏଇ ପରିପାର୍ଶ୍ୱିକ ଚାଲିଚଳଣି କୁନା ଉପରେ କୁପ୍ରଭାବ ପକେଇବ, ସେ ଏଇ ବାଜେ ପିଲାଙ୍କ ସହ ମିଶିଲେ ତା ଭବିଷ୍ୟତ ସହ ଖେଳିଲା ଭଳି କଥା ହେବ । ଆଉ ସୁବିଧା ଅସୁବିଧାକୁ ତ ଅଜୁ ଅଛି... । ଏ କଥା ଶୁଣି ବୁଢ଼ା ବାପାଟି ମୁହୂର୍ତ୍ତେ ନିର୍ବାକ ନିଥର । କଣ କହିବେ କିଛି ଭାବି ପାରୁନଥାନ୍ତି ।

ସେଦିନ ବୁଢ଼ା ବାପାଟି ବହୁତ ବୁଝେଇବାକୁ ଚେଷ୍ଟା କରିଛି କିନ୍ତୁ ବିନୟର ଦୃଢ ନିଷ୍ପତିର ସୁଅ ଆଗେ ବୁଢ଼ା ବାପାର ଆକୁଳ ନିବେଦନ ସାମାନ୍ୟ ବାଲି ବନ୍ଧ ହୋଇ

Download Magazine from www.aahwaan.com

ରୋକିବାର ପ୍ରୟାସ ... ବୋଉ ସବୁ ଶୁଣୁ ଥାଏ ଏବଂ କହିଲା, "ସେମାନେ ଯଦି ତାଙ୍କ ଜିଦ୍ଦରେ ଅଟଳ ସେମାନଙ୍କୁ ଯିବାକୁ ଦିଅ ।" ତମେ ଆଉ ବାଡ଼ ହୁଅନା ।

ଆଜିର ସକାଳ ସବୁଦିନ ସକାଳ ପରି ନଥିଲା । ଭୋରୁ ଭୋରୁ ସବୁ କିଛି ଉଦାସରେ ଭାରାକ୍ରାନ୍ତ । ଆଜି କିନ୍ତୁ ସବୁ କିଛି ବଦଳି ଯାଇଛି । ସେମାନେ ଘରୁ ଗୋଡ଼ କାଢ଼ି ଚାଲି ଯାଉଛନ୍ତି, ସେ ସମୟରେ ରେଡ଼ିଓରୁ ଭାସି ଆସୁଛି.. 'ବେଙ୍ଗ କହେ ବେଙ୍ଗୁଲିଲୋ ଦୁନିଆ କ୍ଷଣ କ୍ଷଣ କେ ଆନ...'

ସେମାନେ ଗଲାପରେ ଘରଟା ଖାଁ ..ଖାଁ ..ଲାଗୁଛି । ଖୁବ ଗାଢ଼ ଓ ବହଳ ନୀରବତା ଏ ଘରୁ ସେ ଘରକୁ ବଢ଼ି ବଢ଼ି ଯାଉଛି ନିର୍ଜନର ଗଭୀରତା । ରାତି ଆସି ଅଧା ହେଲାଣି ବାପାମା' କାହା ଆଖିକୁ ନିଦ ଆସୁନି । କୁନାର ଭାବନା ତାଙ୍କୁ ବ୍ୟତିବ୍ୟସ୍ତ କରି ପକାଉଛି । ତା'ର ଦାରୋଟି କଥା ସନ୍ତର୍ପଣରେ ଯେମିତି ପଶି ଆସୁଛି ତାଙ୍କ ଭାବନା ମଧ୍ୟକୁ ।

ଆବେଗର ବେଗ ଚଳଚଞ୍ଚଳ ତ କେବେ ନିରବ ନିଶ୍ଚଳ । ଅମାପ ଏ ଶୂନ୍ୟତା ଭିତରେ ଅହରହ ମୁହୂର୍ତ୍ତର ଗତି । ସମୟ କେବେ ପରସି ଦିଏ ଫାଙ୍କା ଫାଙ୍କା ସମ୍ମୋହନ ତ କେବେ ପୁଣି ଯାତନା ଦହନ । ସମ୍ପର୍କର ମିଶାଣ ଫେଡ଼ାଣ ଦେଇ ଅତିକ୍ରମ କରିଥିବା ମୁହୂର୍ତ୍ତମାନେ ସବୁ ଏମିତି । ସବୁଠି ଏବେ ନିର୍ଜୀବ ଆଦର । କେତେ ଉଠାଣି ଗଡ଼ାଣି ଭିତରେ ବାନ୍ଧି ରଖିବାକୁ ବହୁତ ଚେଷ୍ଟା କରିଥିଲେ ସେମାନେ, ହେଲେ ଅତ୍ମୀୟତାର ହାତମୁଠା ଦୁର୍ବଳ କି ଅଜାଣତେ ମୁକୁଳା ହୋଇ ଯାଇଥିଲା କେଜାଣି !

କିଛି ଦିନପରେ ଜିଲ୍ଲାପାଳ କାର୍ଯ୍ୟାଳୟରେ କିରାଣୀ ଭାବେ ନିଯୁକ୍ତି ପାଇଛି ଅଜୟ । ବାପା ମା ଟିକେ ଆଶ୍ୱସ୍ତ ବୋଧ କଲେ । ଅଜୟର ବାହାଘରକୁ ଛ ମାସ ପୁରିଛି କି ନାହିଁ, ଅଜୟ ଆସି ବାପାଙ୍କୁ କହିଲା, "ବାପା, ତମ ବୋହୂ କହୁଥିଲା ଆଗକୁ ପଢ଼ିବ କିନ୍ତୁ ଏଠି ରହି

Download Magazine from www.aahwaan.com

ସେ ପାଠ ପଢ଼ିବା ଅନୁକୂଳ ନୁହେଁ ବୋଲି ସେ କହୁଥିଲା ।" ମା କହିଲା ସେମାନଙ୍କୁ ଯିବାକୁ ଦିଅ । ବାଧ୍ୟ କରି ଅଟକାଅନା ।

ଏ ଉତ୍ତର ବୟସରେ ପିଲାମାନେ ବାପାମାଆଙ୍କର ସାହାରା ହେବା କଥା । କିନ୍ତୁ ସେମାନେ ଏବେ ଥର ଥର ହାତରେ ନିଜେ ଦି'ମୁଠା ରୋଷେଇ କରି ଖାଆନ୍ତି । ଝିଅ ଜୟନ୍ତୀ ଦି'ଭାଇଙ୍କୁ ବାପାମା'ଙ୍କ ଅବସ୍ଥା କଥା ଅବଗତ କରିବା ସତ୍ତ୍ୱେ ସେମାନେ ଜାଣି ଶୁଣି ଅଜଣା । ଜଣେ ଆର ଜଣକ ଉପରକୁ ଠେଲି ଦିଏ । ସେମାନେ ବାପାମା'ଙ୍କୁ ପାଖରେ ରଖିବାକୁ ଏକମତ ହେଲେ ଯାହାକୁ ହେଲେ ବି ଜଣକୁ ରଖିବେ । ବାପା ଅଜୟ ପାଖରେ ଥିଲା ବେଳେ ମା ବିନୟ ପାଖରେ । ଏମିତ ପାଳି କରି ବୁଲାନ୍ତି । ଏ ବୟସରେ ସେମାନେ ଖୁବ ଅନ୍ତରଙ୍ଗ ହୋଇଥାନ୍ତି ଉଭୟ ଉଭୟଙ୍କ ପାଇଁ । ଶରୀର ଅପେକ୍ଷା ଆତ୍ମାର ସମ୍ପର୍କ ଅଧିକ ଥାଏ । ଜଣେ ଜଣକୁ ପାଖରେ ନ ପାଇ କେତେ ଅସ୍ୱସ୍ତିବୋଧ କରନ୍ତି, ଏ କଥା ପିଲା ମାନେ କାହୁଁ ବୁଝିବେ ?

ଦୁଇପୁଅଙ୍କୁ କେବେ ଫୁରୁସତ ମିଳିଲେ ସିନା ମାବାପାଙ୍କ ସହ ଟିକେ କଥା ହେବେ ! ନାତି ଟୋକା ସହ ଯାହା ସମୟ କାଟିଯାଏ, ନହେଲ ଗୁମମାରି ନିଦା ପଥର ଗୋଟେ ଜାଗାରେ ବସି ରହିବା ବ୍ୟତିରେକ ଆଉ କିଛି ଉପାୟ ନାହିଁ । ବାପା ମା ପୁଣି ଥରେ ଗାଁକୁ ଫେରିଯିବାକୁ ମନସ୍ଥ କଲେ । ଜଣେ ଜଣକ ଠାରୁ ଦୂରରେ ରହିବା ମାନସିକ ଯନ୍ତ୍ରଣା ଭୋଗିବା ଠାରୁ ଗାଁରେ ରହି ହାତେ ରାନ୍ଧି ରହିବା ବହୁଗୁଣେ ଭଲ ।

ଗାଁ ଘର ପ୍ରତି ଟିକେ ନିଘା ନ ରହିଲେ ବାପା ଜେଜେ ଅମଳର ମାଟି ଘରଟା ମାଟିରେ ମିଶିଯିବ । ତମେ ତ ଗାଁ ପ୍ରତି ସବୁ ମୋହ ତୁଟେଇ ଦେଲ । ଯଦିଓ ଦେଢ଼ ଘଣ୍ଟାର ବାଟ ତମେ ଗାଁରୁ ଯିବା ଆସିବା କରି ପାରନ୍ତ ! ବାପା ଉଦାସ କଣ୍ଠରେ କହିଲେ ଂ । ବାପମା'

Download Magazine from www.aahwaan.com

ଗାଁକୁ ଫେରିବାପରେ ଅଜୟ, ବିନୟ ଆଶ୍ୱସ୍ତର ଏକ ଦୀର୍ଘ ନିଶ୍ୱାସ ମାରିଲେ । ବାପା ଗାଁକୁ ଆସି ଦେଖନ୍ତି, ଘରଟା ଭୁତ କୋଠି ହୋଇ ଯାଇଛି । ଦାଣ୍ଡ ପିଣ୍ଡା ତ ମୂଷା ଗାତରେ ଆଁ । ଗୁହାଳ ଘର କାନ୍ଥକୁ ଡେରା ହୋଇ ରହିଥିବା ଶଗଡ଼ ଚକରେ ଅଧାରୁ ଅଧିକା ଉଇ ଚରି ଗଲେଣି । ଘର ସାରା ଅଳନ୍ଧୁରେ ଭର୍ତ୍ତି ।

ସ୍ନେହ ସମ୍ପର୍କକୁ କଣ ଭାଗ ବାଣ୍ଟି କଣ ଯତ୍ନରେ ରଖି ହେବ ?

ପୁଣି ଚିରା ଚରିତ ଧାରାର ପୁନରାବୃତି । ଅୟମାରମ୍ଭ....

ମୁହଁ ସଞ୍ଜ ସମୟ ବାପା ଦାଣ୍ଡ ପିଣ୍ଡାରେ ବସି କେଜାଣି କାହିଁକି ଆଜି ମଗ୍ନ ହୋଇ ଯାଇଛନ୍ତି ଧୂଳିରେ ଦୁଇ ଜଣ ପିଲା ଖେଳୁଥିବାର ଦେଖି ।

ବାସୁ ଭାଇ ... ! ବାସୁ ଭାଇ.. !

କାହାର ଡାକ ଶୁଣି ପ୍ରକୃତିସ୍ଥ ହୋଇ ଫେରି ଆସିଲେ ମଗ୍ନ ରାଇଜରୁ ..

ବାସୁ ଭାଇ ! କେବେ ଆସିଲ ପିଲାଙ୍କ ପାଖରୁ ? ତୋର ତ ଦୁଃଖ ଗଲା ଜାଣ ! ଦୁଇ ଦୁଇଟା ଚାକିରିଆ ପୁଅ । ବୋହୂ ମାନଙ୍କ ସେବା ଆଦର । ନାତିନାତୁଣୀଙ୍କ ଗହଣରେ ତୁ ସବୁ ଭୁଲି ଯାଉଥିବୁ, ନା.. ରେ ! !

ବାସୁ ଭାଇ, ହେଲେ ମୋ କପାଳ ତ ଫଟା .. ! ମୋର ସିନା ଗୋଟିଏ ବୋଲି ପୁଅ । ପୁଅ ତ ଅଯୋଗ୍ୟ । ପାଠ ସାଠ ଦି ଅକ୍ଷର ପଢ଼ିଥିଲେ ସେ ଏବେ ବିନୟ ପରି ଜଣେ ହାକିମ ହୋଇଥାନ୍ତା ! ମୁଁ କଣ ଆଉ ଏତେ ହୀନସ୍ତା ହେଉଥାନ୍ତି ? ଆମେ ରକତକୁ ପାଣି କରି କାହା ପାଇଁ ସଂଚୟ କରିଥିଲୁ ?

କଣ 'ଅଇରି ଖପରା ବଇରୀବାଆ' ହେବ ପାଇଁ !

ବୋହୂ ନିଜେ ଭଲ ମନ୍ଦ କରି ଖାଉଛି । ମତେ ଓଳିଏ ଦେଲେ ଆର ଓଳି ଖାଡା

Download Magazine from www.aahwaan.com

ଉପାସ । ଥରେ ପୁଅକୁ କହିଲି ବହୁତ ଦିନ ହେବ ପାଟିରେ ଆଇଁସ ଟିକେ ବାଜିନି ଟିକେ ଝୋଳ କଲେ ହୁଅନ୍ତା ନି .. ! ମୋ ପାଟିରୁ କଥା ସାରିଛି କି ନାହିଁ ବୋହୁ ଆସି ମୁହେଁ ମୁହେଁ ଶୁଣେଇ ଦେଲା, "ବୁଢା ବୟସରେ ଏତେ ସଉକ କଣ ମ ! ଏ ସମୟରେ ଲୋକ ମାନେ ଧର୍ମ କର୍ମ କଥା ଭାବନ୍ତି, ତମେ କଣ ପାଟି ସୁଆଦିଆ ବାରୁଛ ?" ସେ ଦିନଠୁ ଲୁଣ ଆମ୍ବୁଲ ମୋ ସାହା । ବାସୁ ପ୍ରଧାନ ସବୁ ନୀରବରେ ଶୁଣୁଥାଏ କଣ ବା ଆଉ କହିଥାନ୍ତା, ଅଜାଗା ଘା ଦେଖି ହଉଛି ନା ଦେଖେଇ ହଉଛି !

ମନୋରଥ ସବୁ ତ ଅତଡ଼ା ଖାଇ ଗଲାରେ...

'ମନୋରଥାନା ମଟତଃ ପ୍ରପାତଃ'

ଆଜି କାଲି ବୋଉର ଦେହ ଜମା ଭଲ ରହୁନି । କିଛି ଦିନ ହେବ ବିଛଣା ଧରିଲାଣି । ପୁଅ ବୋହୂଙ୍କର ଏ ଯାଏଁ ଦେଖାନାହିଁ । ଝିଅ କେବେ କେମିତ ଆସି ଯାହା ଦେଖା ଶୁଣା କରିଯାଏ । ବିନୟକୁ କେତେ ଥର କହିଲିଣି, ବୋଉ ତମ ମାନଙ୍କୁ ଖୋଜୁଛି । ବୋଉର ଅବସ୍ଥା ଏବେ ଅଣାୟତ । ତା'ପର ଦିନ ସେମାନେ ଆସିଲା ବେଳକୁ ବୋଉ ଆର ପାରିକୁ ଚାଲି ଯାଇଥାଏ ।ବଡ ଆଡମ୍ବରରେ କ୍ରିୟାକର୍ମ ସାରି, ଯିଏ ଯା ବାଟରେ ବୁଢା ବାପାଟିକୁ ଏକା ଛାଡି ଚାଲିଗଲେ ।

ଏତେ ବଡ଼ ଘରଟା ଶୂନଶାନ ମାଡ଼ି ବସିଲା ପରି ଲାଗୁଛି । ଦିନେ ଏ ଘରେ କେତେ ଗହଳ ଚହଳ ପଡୁଥିଲା ଏବେ ନିରୋଳା ଖାଁ... ଖାଁ ଗୋଡ଼ାଉଛି । ବୁଢ଼ା ବାପା କଥା ସଭିଏଁ ଏକ ବାର ଭୁଲି ଯାଇଥିଲେ । ଅଶିତପର ବୟସରେ ଆଉ ସେ ସଳଖି ଛିଡା ହେବାକୁ ଦମ୍ଭ ନାହିଁ । ବଙ୍କୁଲି ବାଡ଼ିଟି ଯାହା ସାହା । ନିଜେ ଏଠୁ ସେଠୁ କୁଟାକାଠି କିଛି ଯୋଗାଡ଼ କରି ଚୂଲି ଲଗେଇବାକୁ ଚେଷ୍ଟା କରୁଛି । ଆଖ ପାଖ ସବୁ ଧୁଆଁମୟ । ବୁଢ଼ା ବାପାଟି ଏତେ ସରି

Download Magazine from www.aahwaan.com

ହେଲାଣି ପିଲାମାନଙ୍କର ଟିକେ ବି ନିଘା ନାହିଁ । ଝିଅ କେତେବେଳୁ ଆସି ଠିଆ ହୋଇ ସବୁ ଦେଖୁଛି । କେତେ ହିନସ୍ତାରେ ତା ବୁଢ଼ା ବାପା । ଆଖି ଛଳ ଛଳ ହୋଇ ଯାଉଥାଏ । ସେ ସେମିତ ପୂର୍ବବତ ଛିଡ଼ା ହୋଇଛି ଆଗକୁ ପାଦ ଆଉ ଯାଉନି । ବାପା ଫୁଙ୍କନଳାରେ ଫୁଙ୍କି ଫୁଙ୍କି ନୟାନ୍ତ ନିଆଁ ଧରାଇ ପାରୁନି, ଧୁଆଁରେ ଅଣନିଶ୍ୱାସୀ ହୋଇ ବାହାରକୁ ଚାଲି ଆସିଛି । ଝିଅକୁ ସମୁଖରେ ଦେଖି ତା ଆତ୍ମା ବିଳପି ଉଠିଛି । ଝିଅକୁ କୁଣ୍ଢେଇ ବୁଢ଼ାବାପାଟି ଭୋ.. ଭୋ .. ହୋଇ କାନ୍ଦି ଉଠିଲା । ତଥାପି ଝିଅ ନିଶ୍ଚଳ ନିଥର, ଏକବାର ସ୍ଥାଣୁ ପାଲଟି ଯାଇଥାଏ । ଏ ଅଭାବନୀୟ ପରିସ୍ଥିତି ଦେଖି ।

ବାପାଙ୍କୁ କେବେ କାନ୍ଦିବାର ଦେଖିନି । ସେଦିନ ଶାଶୁଘର ଗଲା ଦିନ ଆଉ ଆଜି । ଝିଅ ମନେ ମନେ ସଂକଳ୍ପ କଲା ମତେ ହିଁ କିଛି କରିବାକୁ ପଡ଼ିବ ।

ଅଜୟ ବିଜୟ ଏବେ ଏ ଘର ଡିହ ଆଉ ଜମି ଯାହା ଅଛି ସବୁ ବିକ୍ରି କରିବାର ଯୋଜନା ଝିଅ କାନରେ ପଡ଼ିଲା । ଦି ଭାଇ ଭିତରେ ଭାଗ ବଣ୍ଟା କରିଦେଲ ପାଇଟି ସରିବ ବୋଲି ଗାଁ ମୁରବି ମତ ଦେଲେ ଆଉ ବୁଢ଼ାବାପାକୁ ପାଳି କରି ରଖିବେ ।

ଦୁଇ ଜଣ ଭାଇଙ୍କ ପାଖକୁ କୋର୍ଟ ନୋଟିସ ଆସିଛି । ସ୍ଥାବର ଅସ୍ଥାବର ଯାହା ବି ସମ୍ପତି ସବୁ ତିନି ଭାଗ ହେବ । ମୋର ବି ନ୍ୟାଯ୍ୟ ଅଧିକାର ଅଛି । ଦୁଇ ଭାଇଙ୍କୁ ପକ୍ଷ ରଖିଛି ଜୟନ୍ତୀ । ସର୍ତ୍ତ ସେ ଜଣେଇ ଦେଇଛି ଯେ ବାପାଙ୍କର ସମ୍ପୂର୍ଣ୍ଣ ରକ୍ଷଣ ବେକ୍ଷଣ ଯିଏ ନେବ ସେ ଭାଗ ତା ନାମରେ କରାଯିବ ।

ବିନୟ ସହରରେ ଏକ ଦ୍ୱିତଳ କୋଠା ତୋଳିଛି । ଘର ପଛ ପାଖକୁ ଚାକର ବାକର ରହିବ ପାଇଁ ଘରଟିଏ କରିଛି । ବାଘ ଭଳି କୁକୁରଟିଏ ବାଲକୋନୀ ଏପଟ ସେପଟ ଟହଲ ମାରୁଛି । ତା ପିଛ ଦିନକୁ ୨୦୦ ଟଙ୍କାରୁ କମ ଖର୍ଚ୍ଚ ହେବନି । ସହରରେ ତା'ର ଭାରି

Download Magazine from www.aahwaan.com

ଖାତିର । ବହୁ ଅସହାୟ ବୃଦ୍ଧ, ବୃଦ୍ଧାଙ୍କୁ ସେ ଉଚିତ ନ୍ୟାୟ ଦେଇଥିବାରୁ । ତାର ସମ୍ମାନ ସ୍ୱତନ୍ତ୍ର । ସବୁ ମାସରେ ଥରେ ଅଧେ ଜରାଶ୍ରମ ବୁଲିଯିବାକୁ ଯାଏ । ସହାୟତା ରାଶି ଦେବାକୁ ଭୁଲେନି ଜମା । ସବୁ ବେଳେ ଅଫିସରୁ ଫେରି କୁନା ସହ ଖେଳେ, ଗପ କୁହେ, ଗୁରୁଜନ ମାନଙ୍କୁ ଭକ୍ତି କରିବାକୁ ଉପଦେଶ ଛଳରେ ଗପ କହେ । ସବୁଦିନ ପରି ଆଜି କୁନାକୁ ଖୋଜି ବିନୟ ବିରକ୍ତି ପ୍ରକାଶ କରିଛି । "କୁନା କାହିଁ ? ଦେଖା ଯାଉନି ? ସବୁ ଘର ବୁଲି ଦେଇ ପଚାରୁଥିଲା ବିନୟ । ଅଫିସରୁ ଫେରିବା ପରେ ନିଜର ଏକ ମାତ୍ର ଗେହ୍ଲାପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଜମା ଭଲ ଲାଗେନି । ରୋଷେଇ ଘରୁ କହୁଥିଲା ମିନୁ, "ଦେଖୁନ ! ଏଇଠି କୋଉଠି ଖେଳୁଥିବ ? ବାହାରେ ଯାଇ ଦେଖ ।"

କିଛି ସମୟ ପରେ ବିନୟର ଉଚ୍ଚ ସ୍ୱରରେ ଘର କମ୍ପି ଉଠୁଥିଲା । "ବାରମ୍ବାର ମନା କରିଲି ପିଲାକୁ ବାହାରକୁ ପଠାଅନି । ସୋସାଇଟିରେ ବାଜେ ପିଲାଙ୍କ ସହିତ ବସି ବାଲି ଖେଳୁଥିଲା । ଏଇଆ ସବୁ ଶିଖୁଛି ତମ ପୁଅ ? ଦେଖ ତା' ଦେହ... ବାଲି ଧୂଳିରେ ଭର୍ତ୍ତି । ଦେହ ଖରାପ ହେଉ, ମତେ କହିବ !"

ରୋଷେଇ ଘରୁ ବାହାରି ଆସୁ ଆସୁ ମିନୁ କହିଲା, "ଓହୋ, ପିଲାଟା ଟିକେ ଖେଳି ଦେଲା ଯେ କଣ ହୋଇଗଲା ? ତମେ ଖେଳୁନଥିଲ କି ? ଜନ୍ମରୁ AC ରୁମରେ ବଢ଼ିଥିଲ ନା କଣ ?"

ଉତୁରୁଥିବା ଭାତ ହାଣ୍ଡିରେ ହଠାତ କିଏ ଅବା ପାଣି ଛିଟା ମାରିଦେଲା । ସ୍ମୃତିର ଚିତ୍ରପଟ୍ଟ ଫେରିଗଲା ସେଇ ପିଲାଦିନର ସେ ମୁହୂର୍ତ୍ତକୁ ।

ଜାଙ୍ଗୁଲ ଜାଙ୍ଗୁଲ ଅନ୍ଧାର ଗାଈଗୋଠ ଫେରି ଆସିଥାନ୍ତି । ଗାଁ ଦାଣ୍ଡଯାକ ଏକ ଧୂଳିର ଆବରଣ । କମାର ଘର ବୁଢ଼ୀ ମା କହିଲା, "ହଇରେ ବିନୁ ! ଆଜି ପରା ବାଟ ଓଷା

Download Magazine from www.aahwaan.com

ଦାଣ୍ଡରେ ବାଲି ଗଦା କରିବନି କି ?" ଏତିକି ତ କହିଛି ଯେମିତ ହେଲେ କାମ ଫତେ କରିବା ଦରକାର । ଆମ ସାହିର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ଦାଣ୍ଡରେ ଯେତିକି ବାଲି ଥିଲା ପାହାଡ଼ ଭଳି ଗଦା କରିଦେଲୁ ଆମ ସାହି ପିଲା ମିଶି । ଯେମିତ ହେଲେ ଆର ସାହି ଠାରୁ ଆମ ବାଲିଗଦା ଉଚ୍ଚ ହେବା ଦରକାର । ସଞ୍ଜ ଗଡ଼ି ଯାଇଥାଏ । ମନେ ମନେ ଖୁସି ହୋଇଥାଏ ଆଜି ଆଉ ସଂଜରେ ପାଠ ପଢ଼ା ହେବନି । ନହେଲ ସବୁ ଦିନ ଅଙ୍କକଷା, ପଣିକିଆ ଘୋଷା, ଲଣ୍ଠନ ପୋଛା, ବୋଉର କେତେ କାନ ମୋଡ଼ା ଅକ୍ଷର ଟିକେ ସଳଖି ଲେଖିବା ପାଇଁ; ଓଃ.. ଆଜି ଟିକେ ନିସ୍ତାର... ! ଏମିତ ଭାବି ଯାଉ ଯାଉ । ଘରେ ପହଁଚିଛି କି ନାହିଁ, ବାପାଙ୍କ ଗମ୍ଭୀର ସ୍ୱର, "ହଇରେ... ! ଆଜି କଣ ପାଠ ପଢ଼ା ହବନି ? ବାଲି ଧୂଳିରେ ମୁଁ ପୋତି ହୋଇ ଯାଇଥାଏ । ମୋର ଏ ଧୂଳି ଧୂସରିତ ଦେହ ଦେଖି ଭାବିଲି ଆଜି ଉତ୍ତମ ମଧ୍ୟମ ନିଶ୍ଚିତ ହେବ ।" ଏତେ ବେଳ ଯାଏ କେଉଁଠି ଥିଲୁ ? କଣ କରୁଥିଲୁ ? ଯା ଭଲରେ ଗୋଡ଼ ହାତ ଧୋଇ ପାଠ ପଢ଼ିବୁ ..."

ମନ ତ ଯାଇ ବାଲି ଗଦା ପାଖରେ ଘୁରି ବୁଲୁଥାଏ, ନାଁ'କୁ ବହିଟା ଖୋଲି ବାଆଁରେଇ ହେବା ଛଡ଼ା ଆଉ ଉପାୟ ନାହିଁ ... ଦାଣ୍ଡରେ ପହଁଚିଲା ବେଳକୁ ଓଷା ଆରମ୍ଭ ହୋଇ ଯାଇଥାଏ... କମାରଘର ବୁଢ଼ୀମା'କୁ ଅଶୀତପର ହେବ କି କଣ, ସେ ଏ ଡିବି ଆଲୁଅରେ କେମିତ ପ୍ରାଞ୍ଜଳ ପଢ଼ି ପାରୁଥାଏ କେଜାଣି ?

ମୋ ବୁଢ଼ୀ ମା ମତେ କାଖେଇ ଦାଣ୍ଡ ପହଁରିଲା, କାଳେ ଏମିତ କଲେ କିଛି ବି ରୋଗ ଛୁଇଁବ ନାହିଁ !

ଢିଙ୍କିଶାଳେ ଆମ ରୋଷେଇ ହୁଏ । ମାଟି ପଲମରେ ଚକୁଳି ପିଠା ସେଇଠି ବସି ଖାଇଛୁ । ବୋଉ ଝିଅକୁ କାଖେଇ ଢ଼ିଙ୍କି କୁଟୁଥିବାର ମନେ ପଡୁଛି । ଆଜି ସେ ଢ଼ିଙ୍କି ନାହିଁ କି

Download Magazine from www.aahwaan.com

ଢିଙ୍କିଶାଳ ନାହିଁ । ପରିଡା ଘର ଝରକାରେ ଲାଠି ଭାଙ୍ଗି ଛିଡ଼ା ହୋଇ tv ଦେଖୁଥିବାର ବାପା ଆମକୁ ଦେଖିଲା ପରେ ଏଥର ସବୁ ଅମଳ ହେଇଥିବା ତିନି ଗାଡ଼ି ଧାନ ବିକି କଳାଧଳା tv ଆଣିଲେ... ସେତେବଳେ ଆମକୁ ବହୁତ ଖୁସି ଲାଗୁଥାଏ ଏବେ କିନ୍ତୁ ବାପାଙ୍କ ସ୍ୱାଭିମାନ କଥା ଏବେ ବୁଝିପାରୁଛୁ । ପୋଖରୀରେ ବାପାଙ୍କ କାନ୍ଧରେ ଭରାଦେଇ ଆମେ ପହଁରା ଶିଖିଛୁ କିନ୍ତୁ ଆଜି ସେ ଦୁଃଖ ଦରିଆରେ ଭାସି ବୁଲୁଛନ୍ତି ଥଳକୂଳ ଟିକେ ପାଉନାହାନ୍ତି । ବାପାଙ୍କ ସହ କେତେଥର ବିଲକୁ ଯାଇଛି ଶଗଡ଼ରେ କଳେଇ ଆଣିଲାବେଳେ ସବୁଥର ଜିଦିକରି ଶଗଡ଼ ଉପରେ ବସିଛି । ବାପରେ ଆଜି ନ ବସିଲେ ହବନି ? ଦେଖୁଛୁ ଝୁରା ହେଇଗଲାଣି ! ମୁଁ ମୁହଁ ଫୁଲେଇ ରୁଷିବାରୁ, ବସିଲି । ମୁଁ ବା କଣ ବୁଝେ ଝୁରା ତପାଳ କଣ ? ବାପା ଏବେ ଆମ କାନ୍ଧରେ ସତେ ଝୁରା ହୋଇଯାଇଛନ୍ତି... ସେ ଭାର ଆମେ ବୋହିବାକୁ ଅସମର୍ଥ ।

ପଣା ସଂକ୍ରାନ୍ତିରେ ଗାଁରେ ଦାଣ୍ଡଯାତ୍ରା ହୁଏ ଦଣ୍ଡୁଆମାନେ ଝାମୁ ଚାଲନ୍ତି ଏତେ ଗହଳି ଯେ ଆମେ ସାନସାନ ପିଲା କିଛି ଦେଖି ପାରୁନଥାଉ, ବାପା ଆମ ଦୁଇଭାଇଙ୍କୁ କାନ୍ଧରେ ବସାଇ ଦେଖାନ୍ତି ।

ବାପା ଏକା ଖାଉଥିବାର ମୁଁ କେବେ ଦେଖିନି, ପିଲାଙ୍କ ସହ ନଖାଇଲେ ଭାତ ଗୁଣ୍ଡାଏ ବି ଯାଏନି ତାଙ୍କର । ଆଳୁଚପ ମୋର ଭାରି ପ୍ରିୟ, ବାପା ଯେବେ କୁଣିଆ ଘର ଯାଆନ୍ତି ଫେରିଲା ବେଳେ ବରା ଆଳୁଚପ ପୁଡ଼ିଆଟେ ଆଣିବାକୁ ଭୁଲନ୍ତିନି । ଦିନେ ବସରେ ଭିଡ଼ ସକାଶେ କିଛି ଆଣି ନଥିଲେ ମୁଁ ରୁଷି ବସିଲି କିଛି ଖାଇଲି ନାହିଁ । ବାପା ପୁଣି ଆର ଗାଁ ଛକରୁ ଆଳୁଚପ ନେଇ ଆସିଲେ ।

ବୋଉ ମୋ ଉପରେ ଖୁବ ବିରକ୍ତି ପ୍ରକାଶ କଲା ଏଡୁଟିଏ ହେଲୁଣି ଟିକେ ବି ବୁଦ୍ଧି ସୁଦ୍ଧି

Download Magazine from www.aahwaan.com

ନାହିଁ ? ?

ବାପା ଝିଅକୁ (ଜୟନ୍ତୀ) ଭାରି ଭଲ ପାଆନ୍ତି । ବାପା କେବେ ଝିଅର ନାଁ ଧରି ଡାକିବାର ମନେ ପଡୁନି । ବାପା ବାୟାଣୀ ବୋଲି ଡାକନ୍ତି, ଆମେ ଝିଅ ବୋଲି ଡାକୁ ।

ଖରାଦିନେ ଅସହ୍ୟ ଗରମ ସକାଶେ ଆମେ ବାହାର ଅଗଣାରେ ରାତିରେ ଶୋଉ । ଦିନକର କଥା ମୁଁ ବାପାଙ୍କ ପାଖେ ଶୋଇଥାଏ ରାତି ଅଧରେ ହଠାତ ନିଦ ଭାଙ୍ଗିଗଲା । ବାଡ଼ି ପଟ ଝାମ୍ପୁଲା କଇଁଆ ଗଛରେ ଗୋଟେ ହୁଁ.. ହାଁ (ପେଚା) ରହି ରହି ଭୟଙ୍କର ରାବରେ ବୋବାଉ ଥାଏ ତା ସାଙ୍ଗକୁ ବାପାଙ୍କ ଘୁଙ୍ଗୁଡ଼ି ଏତେ ମାତ୍ରାରେ ଡରି ଯାଇଥିଲି, ଆଜି ବି ମନେ ପଡେ । ଗାଁ ସାଙ୍ଗ ସାଥି ମିଶି ଗାଁ ଦାଣ୍ଡରେ କାଉଁରୀ ଡୁହୁରୀ, ଚୋର ପୋଲିସ, ଖୋ ଖୋ, କବାଡ଼ି ସବୁ ଖେଳ ହୁଏ ମୁହଁ ସଂଜରେ । ବଡ଼ ପାହାଡ଼ ମୁଣ୍ଡିଆ, ଜଙ୍ଗଲ, ଆମ୍ବ ତୋଟା ଏମିତି ବୁଲା ବୁଲିରେ ଦିନ ମାନ କଟେ । ରାତି ହେଲେ କା' ବାଡ଼ିରୁ ପିଜୁଳି, ପଇଡ଼, କଲମୀ ଆମ୍ବ ଚୋରି ହୁଏ । ମରାଗାଡ଼ିଆରୁ ମାଛ ମାରୁ, ବିଲରେ ସବୁ ବଜା ମୁଗୁରା ଉଠେଇ ମାଛ ଆଣୁ । ଖୁଦୁରୁକୁଣୀ ସମୟରେ ଚାରିକୋଷ ଭିତରେ ସବୁ ଫୁଲ ରାତିରେ ସବୁ ଗାଏବ ହେବାରେ ମୋର ପ୍ରମୁଖ ଭୂମିକା ଥାଏ । ଗଣେଶ ପୂଜାକୁ ଭାଳେଣି ପଡ଼େ ବାହାରେ ସବୁ କାହାର ବଲ ଜଳୁଛି । ହାତ ଗଣତି ଧନୀ କେତେ ଘର ଲାଇନ ନେଇଥାନ୍ତି ।

ବାପାଙ୍କ ପାଖକୁ ବହୁତ ଫେରାଦ ଆସେ, ସେ ବୋଉକୁ କହନ୍ତି ଦେଖ ତମ ଗେଲା ପୁଅର ସବୁ ନାଉଁଆ କାମ । ବୋଉ ବହୁତ ବିରକ୍ତି ପ୍ରକାଶ କଲା । ତା ମନରେ ଏତେ ଜୋରରେ ଆଘାତ ଲାଗିବ ବୋଲି ମୁଁ କେବେ ଭାବିନଥିଲି । ସେ ଦିନଠୁ ମୁଁ ଆଉ ଗାଁ ପିଲାଙ୍କ ସହ ମିଶିବା ବନ୍ଦ କରିଦେଲି ।

ବୋଉ ତା ଗହଣା ଗାଁ ସାଆନ୍ତ ପାଖେ ବନ୍ଧା ରଖି କିଛି ଟଙ୍କା କରଜ କରି କଟକରେ ମୁଁ

Download Magazine from www.aahwaan.com

ଆଇନି ମହାବିଦ୍ୟାଳୟରେ ନାଁ ଲେଖେଇଲି । ବାପା ନିଜେ ଆସି ସବୁ ମାସରେ ଖର୍ଚ୍ଚ ଦେଇଯାନ୍ତି । ଶୁଣିବାକୁ ପାଇଲି ବାପା ସାଆନ୍ତଙ୍କ ଠାରୁ କରଜ କରି ମୋ ପାଠ ପଢ଼ା ଖର୍ଚ୍ଚବହନ କରୁଛନ୍ତି । ସାଆନ୍ତଙ୍କର ବୋଲ ହାକ କରି ଶୁଝୁଛନ୍ତି । ଲଗାତର ତିନି ଥର ପରୀକ୍ଷାରେ ବିଫଳ ହେଲା ପରେ ଚତୁର୍ଥ ଥରରେ କୃତକାର୍ଯ୍ୟ ହେଲି । ଆମ ଗାଁ ତିନି ଖଣ୍ଡ ମୌଜାରେ ଚହଳ ପଡ଼ିଥାଏ ।

ସାଆନ୍ତେ ବାପାଙ୍କୁ ଡକେଇ ପଠେଇଲେ । ବାପା ପଡ଼ି ଉଠି ସାଆନ୍ତଙ୍କ ପାଖେ ହାଜର । ଏଥର ଯାହା ବି ଅମଳ ହେବ ସବୁ କରଜ ସୁଝି ଦେବି କିଛି ଦିନ ମହଲତ ଦିଅ ।

ସେ କଥା ମୁଁ କହୁନି, ଜାଣିଛୁ ତୋ ପୁଅ କେଡ଼େ ହାକିମ ହେଲା ?

ମୋ ଝିଅକୁ ତୋ ଘରର ବୋହୂ କଲେ ତୋର କିଛି ଆପତ୍ତି ଅଛି ? କେଡ଼େ ବଡ଼ କଥା କହିଲେ ସାଆନ୍ତେ... ! ! ଆମେ ଆପଣଙ୍କ ତୁଲ ହୋଇ ପାରିବୁ ? ମୁଁ ମିନୁ ମା'ଙ୍କୁ ଛୁଆଟି ବେଳୁ ଦେଖି ଆସିଛି । ଭାରି ସୁଧାର, ସେ ଦେଖିବାକୁ ଯେମିତ ଗୁଣରେ ବି ସେମିତି ମୋ ଘରକୁ ସାକ୍ଷାତ ଲକ୍ଷ୍ମୀ ବିଜେ କରିବେ । ମୋର ଆପତ୍ତି କାହୁଁ ହେବ ସାଆନ୍ତେ ?

ବାହାଘର ସରିଲା ସେ ତା ଚାକିରୀରେ ଯୋଗ ଦେବାକୁ ଗଲା । ମିନୁ ଗାଁରେ ଶାଶୁ ଘରେ ଥାଏ । ଛୁଟିରେ ବିନୁ ଆସେ ଗାଁକୁ । କୁନା ଏ ଘରକୁ ଆସିଲା ଦିନଠୁ ଘର ପୁରା ହସ ଖୁସିରେ ଉଛୁଳଥାଏ । ଦିନ ମାନ କେମିତ କଟି ଯାଉଥାଏ ତା ସହିତ ଖେଳୁ ଖେଳୁ । ଏହା ଭିତରେ ତିନି ବରଷ ବିତି ଯାଇଥାଏ । କୁନା ପାଇଁ ଏବେ ଭାରି ବ୍ୟଗ୍ର କି ନିଜ ପାଇଁ କେଜାଣି .. ! ମିନୁ ଆଉ କୁନାକୁ ସାଥେ ନେଇ ଯିବାକୁ ବାପାକୁ କହିଛି ।

ବିନୟ ପ୍ରକୃତିସ୍ଥ ହୋଇ ଫେରିଆସିଛି ସେ ଅତୀତ ସ୍ମୃତିରୁ । ନିଜେ ନିଜକୁ ଖୁବ ଧିକ୍କାର କରିଛି । ନିଜକୁ ସୁଧାରିବାର ବେଳ ଗଡ଼ିସାରିଛି । ନେଡ଼ି ଗୁଡ଼ ଏବେ କହୁଣୀକୁ

Download Magazine from www.aahwaan.com

ବୋହିଗଲାଣି । ବିନୟ ହାତକୁ ମିନୁ କୋର୍ଟ ନୋଟିସ ବଢ଼େଇ ଦେଇଛି ।

ଏ ଆରମ୍ଭର ଶେଷ ନା ଶେଷରୁ ଆରମ୍ଭ ବିନୟ ସଠିକ ବୁଝି ପାରୁନଥାଏ । ସମୟ ଯେମିତି ବାଧ୍ୟ କରି ଟାଣି ନେଉଥାଏ ବିନୟକୁ ସେ ଅପରାହ୍ନ ଆଡକୁ ...

କେହି ଜଣେ ନିଛକ କଥାଟିଏ କହିଥିଲେ, ବାପାମାଙ୍କ ଋଣ ଯେତେ ଜନ୍ମ ବିତିଗଲେ ମଧ୍ୟ ଆମେ ଶୁଝି ପାରିବାନି । ଆମେ ସମସ୍ତେ ଏ ଅପରାହ୍ନରେ ଦିନେ ନା ଦିନେ ନିଶ୍ଚିତ ପହଞ୍ଚିବା । ଏହା ଧ୍ରୁବ ସତ୍ୟ । ତେଣୁ ସୃଷ୍ଟି ନୁହେଁ, ଦୃଷ୍ଟି ପଥ ବଦଳାଇବା ଉଚିତ । ଶ୍ରଦ୍ଧା ବିହୀନ ଶ୍ରଦ୍ଧାର କଣ କିଛି ମାନେ ଥାଏ ... ?

'ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତା'

ଆମ ଆଖ ପାଖ ନିଜ ଚାରି ପାଖ ଈଶ୍ୱର ବୁଲୁଥିବେ ଆମେ ଯାଇ ଖୋଜୁଥିବା ମନ୍ଦିର ବା ଠାକୁର ଘର .. !

କଲ୍ୟାଣପୁର,

ନୟାଗଡ

ଭ୍ରାମ୍ୟଭାଷ : ୯୮୬୧୦୬୦୧୫୨

Download Magazine from www.aahwaan.com

ପିଲାଦିନ - କିଛି ସ୍ମୃତି କିଛି ଅନୁଭୂତି

ପ୍ରଶାନ୍ତ କୁମାର ନାଥ

ସେଦିନ ଅଫିସ ଟିକେ ଜଲଦି ଛୁଟି ହୋଇ ଯାଇଥିଲା । ଆଉ ବିନୟ ବହୁତ ଖୁସିରେ ଘରକୁ ଆସିଥିଲା ।

"କୁନାକାହିଁ ? ଦେଖାଯାଉନି ?" ସବୁଘର ବୁଲି ଦେଇ ପଚାରୁଥିଲା ବିନୟ । ଅଫିସରୁ ଫେରିବା ପରେ ନିଜର ଏକମାତ୍ର ଗେହ୍ଲାପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଭଲ ଲାଗେନି । ରୋଷେଇ ଘରୁ କହୁଥିଲା ମିନୁ, "ଦେଖୁନ । ଏଇଠି କୋଉଠି ଖେଳୁଥିବ ? ବାହାରେ ଯାଇ ଦେଖ ।"

କିଛି ସମୟପରେ ବିନୟର ଉଚ୍ଚସ୍ୱରରେ ଘର କମ୍ପି ଉଠୁଥିଲା । "ବାରମ୍ବାର ମନା କରିଲି ପିଲାକୁ ବାହାରକୁ ପଠାଅନି । ସୋସାଇଟିର ବାଜେ ପିଲାଙ୍କ ସହିତ ବସି ବାଲି ଖେଳୁଥିଲା । ଏୟା ସବୁ ଶିଖୁଛି ତୁମ ପୁଅ ?ଦେଖ ତା ଦେହ ବାଲି ଧୂଳିରେ ଭର୍ତ୍ତି । ଦେହ ଖରାପ ହେଉ, ମୋତେ କହିବ ।"

ରୋଷେଇଘରୁ ବାହାରି ଆସୁ ଆସୁ ମିନୁ କହୁଥିଲା, "ଓହୋ ପିଲାଟା ଟିକେ ଖେଳିଦେଲେ କଣ ହେଇଗଲା ? ତମେ ଖେଳୁ ନଥିଲ କି ?ଜନ୍ମରୁ ଏସି ରୁମରେ ବଢିଥିଲ ନା କଣ ?"

ବିନୟ ଚିଡି ଉଠିଲା । କହିଲା ମୁଁ ସିନା ପିଲାଟି ବେଳରୁ ଏସି ରୁମରେ ବଢ଼ି ନଥିଲି । କିନ୍ତୁ ମୋ ପୁଅ ଏସି ରୁମରେ ବଢିବ । ମୁଁ ସିନା ମାଣ୍ଡିଆ ଜାଉ ଖାଇ ବଡ଼ ହୋଇଛି । କିନ୍ତୁ ମୋ ପୁଅ ପିଜା ବର୍ଗର ଖାଇ ବଡ଼ ହେବ । ମୁଁ ସିନା ମାଟିର କାନ୍ଥରେ ତିଆରି ଚାଳ ଘରେ

Download Magazine from www.aahwaan.com

ମଣିଷ୍ଠ ହୋଇଛି କିନ୍ତୁ ମୋ ପୁଅ କୋଠାଘରର ମାର୍ବଲ ଚଟାଣରେ ମଣିଷ୍ଠ ହେବ । ମୁଁ ସିନା ବାଲିଧୂଳିରେ ଖେଳିଛି କିନ୍ତୁ ମୋ ପୁଅ ମୋବାଇଲ୍ ଆଉ କମ୍ପ୍ୟୁଟର ଗେମ ଖେଳିବ । ମୋତେ ଶୋଷକଲେ ସିନା ନଈନାଳ ପାଣି ପିଇ ଶୋଷ ମେଣ୍ଟେଇଛି କିନ୍ତୁ ମୋ ପୁଅ ଶହେ ଶୁଦ୍ଧତାର ମିନେରାଲ ପାଣି ପିଇବ ।

ଏତିକି କହୁ କହୁ ବିନୟର କଣ୍ଠସ୍ୱର ଧିର ହୋଇ ଆସିଲା । ଆଖିରେ ଢଳ ଢଳ ହେଉଥିବା ଲୁହ କେଇ ଦୁନ୍ଦା ନିଜର ଗାଲକୁ ସ୍ପର୍ଶ କରି ଝରି ପଡିଲା ତଳକୁ । ରାଗରେ ସିନା ସେମାନଙ୍କୁ ବାଜେ ପିଲା ବୋଲି କହିଦେଲା । ହେଲେ ସେହି କଥା ପଦକ ତାକୁ ବହୁତ ଆଘାତ ଦେଇଥିଲା । କାହିଁକି ନା ପିଲାବେଳେ ତାକୁ ସମସ୍ତେ ବାଜେପିଲା ବୋଲି କହୁଥିଲେ । ଆଉ ତାକୁ ବହୁତ ବାଧୁଥିଲା । ଥରେ ଯାହା ଦେହରେ ନିଆଁ ଲାଗିଯାଇଛି ସେ ହିଁ ଜାଣିପାରେ ନିଆଁର ଜ୍ୱାଳା କେତେ ଭୟଙ୍କର । ସେମିତି ସିଏ ଅନ୍ୟ ପିଲାମାନଙ୍କୁ ବାଜେ ପିଲା କହିବାପରେ ନିଜକୁ ନିଜେ ଦୋଷୀ ଭାବୁଥିଲା ଆଉ ଭୋ ଭୋ ହୋଇ କାନ୍ଦିଉଠିଲା ସେ । ସତେ ଯେମିତି କୁନି ପିଲାଟେ ପରି । ମନେ ପଡିଗଲା ତା'ର ପିଲାବେଳର କଥା । ତା'ର ବାପା ଥିଲେ ଜଣେ ମୁନିସିପଲଟିର ଅଳିଆ ସଫା କରୁଥିବା କର୍ମଚାରୀ । ଘର ଘର ବୁଲି ଅଳିଆ ସବୁ ଏକାଠି କରି ନେଇ ସହରଠୁ ଦୂର ଅଳିଆ ଗଦାରେ ଫିଙ୍ଗି ସମସ୍ତଙ୍କ ଘରକୁ ସଫା ସୁତୁରା ରଖିବା ଥିଲା ତାଙ୍କର କାମ ।

ସିଏ ସିନା ସମସ୍ତଙ୍କ ଘର ଆଉ ଗଳିରାସ୍ତା ଗୁଡିକୁ ସ୍ୱଚ୍ଛ ରଖି ସମସ୍ତଙ୍କୁ ରୋଗମୁକ୍ତ ରଖିବାରେ ସହାୟକ ହେଉଥିଲେ କିନ୍ତୁ ଦୁନିଆଁ ଆଖିରେ ସିଏ ପାଲଟି ଯାଇଥିଲେ ନ୍ୟୁନ ଆଉ ଅଛୁଆଁ । କାହା ପାଖଦେଇ ଚାଲିଗଲେ ଲୋକମାନେ ନାକ ଟେକୁଥିଲେ । କାହାର କାମ ନିମନ୍ତ୍ରଣ ହେଲେ ତାଙ୍କୁ କେହି ଡାକୁନଥିଲେ ଆଉ ଯଦିବା କେହି ଡାକୁଥିଲେ ତାଙ୍କୁ ପଙ୍ଗତରେ ବସିବାର ସୁଯୋଗ ଦେଉ ନଥିଲେ । ଏମିତି ଥରେ ଯାଇ ପଙ୍ଗତରେ ବସି

Download Magazine from www.aahwaan.com

ଯାଇଥିଲେ ଯେ । ସେଠାକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିମାନେ ଉଠି ଚାଲି ଯାଇଥିଲେ । ଏହା ଦେଖି ତାଙ୍କୁ ବହୁତ ଦୁଃଖ ଲାଗିଥିଲା । ଆଉ ସେହିଦିନରୁ ସିଏ କେବେବି କାହା ଘରକୁ କେବେ ଖାଇବାକୁ ଯାଇ ନାହାନ୍ତି ।

ବିନୟକୁ ସମସ୍ତେ ଅଳିଆ ଅଳିଆ ବୋଲି ଡାକୁଥିଲେ କେହି ତା ସହିତ ମିଶୁନଥିଲେ । କାହାକୁ ଖେଳିବାକୁ ଡାକିଲେ ସେମାନଙ୍କ ଘର ଲୋକମାନେ ସେମାନଙ୍କୁ ନେଇ ଯାଉଥିଲେ । ବିନୟ ସହିତ ମିଶିବାକୁ ମନା କରୁଥିଲେ । ଧିରେ ଧିରେ ବିନୟ ବଡ଼ ହେଲା । ଭଗବାନ ଯେମିତି ତା'ର ମୁଣ୍ଡରେ ବୁଦ୍ଧି ଆଉ ବିଦ୍ୟା ଖୁନ୍ଦି ଦେଇଥିଲେ । ସିଏ ମନରେ ଏହି ଗୋଟିଏ କଥା ରଖିଥିଲା ଯେ ଜଣେ ଗରିବ ହୋଇ ଜନ୍ମ ହେବା ତା'ର ଭୁଲ୍ ନୁହେଁ କିନ୍ତୁ ସେହି ଗରିବ ଅବସ୍ଥାରେ ମରିବା କେବଳ ତା'ରି ହିଁ ଭୁଲ୍ । ଗୋଲାପ ଫୁଲଟି ସିନା ଦେଖିବାକୁ ସୁନ୍ଦର କିନ୍ତୁ ସେହି ଗୋଲାପ ତୋଳିବାକୁ ହେଲେ କଣ୍ଟାର ଆଘାତ ମଧ୍ୟ ସହିବାକୁ ପଡିଥାଏ । ଯେତେବେଳେ ନୂଆ କରି ଏକ ରାସ୍ତା ନିର୍ମାଣ କରିବାର ଯୋଜନା କରାଯାଏ । ସେତେବେଳେ ସେହି ପଥରେ ଥିବା ଗଛଲତା ଓ ପାହାଡ଼ ସବୁକୁ କାଟି ସଫା କରିବାକୁ ପଡିଥାଏ । ତା'ପରେ ଯାଇ ଏକ ସୁନ୍ଦର ରାସ୍ତା ନିର୍ମିତ ହୋଇଥାଏ ।

ସେମିତି ବିନୟକୁ ଯିଏ ଯାହା କହୁ କାହାର କଥାକୁ ଭ୍ରୁକ୍ଷେପ ନ କରି ସିଏ ତା'ର ଲକ୍ଷ୍ୟପଥରେ ଆଗେଇ ଚାଲିଥିଲା । ସମସ୍ତଙ୍କ ଆକ୍ଷେପମୂଳକ କଥାକୁ ଶୁଣି ହସି ଦେଉଥିଲା । କାହିଁକି ନା ସିଏ ଜାଣିଥିଲା ସ୍ମିତହାସ୍ୟ ଆଉ ନୀରବତା ଦ୍ୱାରା ଆମେ ଅନେକ ସମସ୍ୟାକୁ ଏଡାଇ ଦେଇ ପାରିବା । ତା'ର ବାପା ମଧ୍ୟ ତାକୁ ସେହି ଶିକ୍ଷା ଦେଇଥିଲେ ।

ବିନୟ ମନ ଲଗେଇ ପାଠ ପଢୁଥିଲା । କାହିଁକି ନା ସିଏ ଜାଣିଥିଲା ବିନା ପାଠରେ ସେ କେବେ ବି ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବନି । ସେଥିପାଇଁ ତାକୁ ବହୁତ କଷ୍ଟ ସହିବାକୁ ପଡିଛି । ରାତିରେ ଡିବିରି ଆଲୁଅରେ ପାଠ ପଢ଼ିଛି । କେବେ ବି କାହା କଷ୍ଟ ଅନ୍ୟଥା

Download Magazine from www.aahwaan.com

ଯାଏନାହିଁ । ନିଜର ଶିକ୍ଷା, ବୁଦ୍ଧି ଆଉ ଉଦ୍ୟମ ବଳରେ ବିନୟ ଆଜି ସମାଜରେ ଏକ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ପରିଗଣିତ ହୋଇପାରିଛି ।

ଆଉ ସିଏ ଚାହୁଁଛି ସିଏ ଯେମିତି ଦୁଃଖ କଷ୍ଟରେ ବଢିଛି, ବାଲିଧୂଳିରେ ଜୀବନ ଗଢ଼ିଛି । ତା'ର ପୁଅ ସେମିତି ନହେଉ । ସେଥିପାଇଁ ପିଲାଟି ବେଳରୁ ତା ପାଇଁ ସବୁକିଛି ଯୋଗେଇ ଦେଇଛି । ସିଏ ସିନା ତା'ର ପିଲାବେଳର ଦୁଃଖକୁ ଆଖି ଆଗରେ ରଖି ଏମିତି କହିଦିଏ । ହେଲେ ମିନୁ ଭାବେ ପିଲାଟି ଘର ଭିତରେ ରହି ଯେତେ ବି ଖୁସିରେ ରହିଲେ ବି ସେ ଚାଲାକ ହୋଇ ପାରିବନି । ସବୁବେଳେ କେନ୍ଦୁଆଙ୍କ ପରି ହେବ । ସେଥି ପାଇଁ ବିନୟ ଅଫିସ ଗଲାପରେ ସେ ପୁଅକୁ ବାହାରକୁ ଛାଡି ଦିଏ । କିନ୍ତୁ ଆଜି ବିନୟ ଜଲଦି ଫେରିଥିବାରୁ ପୁଅକୁ ବାହାରେ ଦେଖି ରାଗି ଯାଇଥିଲେ ।

ମିନୁ ତାଙ୍କୁ ବୁଝେଇବାକୁ ଚେଷ୍ଟା କରୁଥିଲା । ଦେଖ ବାଲିଧୂଳିରେ ଖେଳିଲେ ଯେ ଜଣେ ଖରାପ ହୋଇଯିବ ବା ବାଜେପିଲା ହୋଇଯିବ ତାହା ନୁହେଁ । ବାଲିଧୂଳିରେ ଖେଳିବା ଦ୍ୱାରା ଜଣେ ପିଲା ତା'ର ପିଲାଦିନକୁ ଭଲଭାବରେ ଉପଭୋଗ କରିପାରେ । ଆଉ ସେହି ବାଲିଧୂଳି ଯେମିତି ପିଲାଟି ପାଇଁ କ୍ଷତିକାରକ ନ ହୁଏ ସେଥିପ୍ରତି ସେମାନଙ୍କ ପିତାମାତାମାନେ ଧ୍ୟାନ ଦେବା ଉଚିତ । ଆମେ ଆମ ପୁଅର ଯତ୍ନ ନେବା ଆଉ ତାକୁ ମଣିଷ ପରି ମଣିଷଟିଏ ଗଢି ତୋଳିବା ।

ବିନୟ ସିନା ପିଲାଦିନରୁ ପାଇଥିବା ଦୁଃଖ କଷ୍ଟ ଆଉ ଅପମାନକୁ ଆଖିରେ ରଖି ଏମତି ଏମିତି କହିଦିଏ କିନ୍ତୁ ତା'ର ମଧ୍ୟ ଇଚ୍ଛାଥିଲା ତା ପୁଅର ହସ ଖୁସି ଆଉ ଏକ ସଫଳ ଜୀବନ । ମିନୁ କଥାକୁ ଶୁଣିଲା ପରେ ବିନୟ ମିନୁକୁ କୁଣ୍ଢେଇ ପକେଇ ଥିଲେ ଆଉ କହିଥିଲା ନିଶ୍ଚିତ ଆମ ପୁଅ ମଣିଷ ପରି ମଣିଷଟିଏ ହେବ ।

ବିନୟ ମଧ୍ୟ ଜାଣିଥିଲା ପିଲାଦିନେ ଯିଏ ବାଲିଧୂଳି ହୋଇନି କି ବୋହୁଚୋରି ଖେଳ

Download Magazine from www.aahwaan.com

ଖେଳିନି ପ୍ରକୃତରେ ସିଏ ତା'ର ପିଲାଦିନକୁ ଉପଭୋଗ କରି ପାରିନି । ସବୁଦିନ ପାଇଁ ତା ମନ ଭିତରେ ଯେମିତି ଏକ ବଡ ଅବଶୋଷ ରହିଯାଇଛି । କାହାର ପିଲାଦିନର ହସଖୁସିକୁ ଛଡାଇ ଆଣିବାକୁ କଣ କୁହାଯାଇ ପାରିବ ବାପ-ପଣିଆ । ବିନୟ ଏ କଥାକୁ ହୃଦୟଙ୍ଗମ କରି ସେହିଦିନରୁ ନିଜ ପୁଅର ହସଖୁସିକୁ ଛଡାଇ ନେବ ନାହିଁ ଶପଥ କରିଥିଲା ।

କାହିଁକି ନା ସେ ଜାଣିଥିଲା----------

ବହୁଚୋରି ଖେଳ ବାଲି ଧୂଳିଘର
ଖେଳିନାହିଁ ଯିଏ ଥରେ
ଖୁସି ବୋଲି କିଛି ପାଇନାହିଁ ସିଏ
କିଛି ଜମା ଜୀବନରେ ।
ସାଙ୍ଗସାଥି ଯିଏ କରିନାହିଁ ଜମା
ଛୋଟ ଯେବେ ହୋଇଥିଲା
ଜୀବନଟା ସତେ ଅଧୁରା ତାହାର
ବାକି କିଛି ରହିଗଲା ।
ପିଲାଦିନ ସ୍ମୃତି ନାହିଁ ଯା'ର କିଛି
କରିନି ଯେ ଉପଭୋଗ
ସତେ କି ଯେମିତି ଜୀବନେ ତାହାର
ନ ଥିଲା ଖୁସିର ଯୋଗ ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର, ଯାଜପୁର ।
ଭ୍ରାମ୍ୟଭାଷ : ୦୮୮୯୨୩୦୧୧୪୩

Download Magazine from www.aahwaan.com

ସ୍ମୃତିର କଳାବାଦଲ

ବିସ୍ମିତାରାଣୀ ସାହୁ

ଜୀବନରେ ସେହି ଦୁର୍ଦ୍ଦିନ ଗୁଡ଼ିକ ମନେ ପକାଇବାକୁ ଚାହୁଁନି ବିନୟ । ସେ ଦିନର କଥା ଗୁଡ଼ିକ ମନେ ପଡ଼ିଗଲେ ଏବେ ମଧ୍ୟ ତା ଲୋମ ଟାଙ୍କୁରି ଉଠେ । କି କଦର୍ଯ୍ୟ, କଦାକର ପରିବେଶ ମଧ୍ୟରେ ତା'ର ବାଲ୍ୟ ଅବସ୍ଥା କଟିଛି । ଭାଇଭଉଣୀ ମିଶି ନଅ ଜଣ । କାହାର ନାକରୁ ସିଂଘାଣି ବାହାରୁଥିବ ତ କାହା ମୁଣ୍ଡରେ ଉକୁଣୀ ଭୁରୁ ଭୁରୁ ହେଉଥିବ । ଖାଦ୍ୟସାର ଅଭାବରୁ କାହାର ପେଟ ଢୋଲ ପରି ବାହାରିକି ହାତ ଗୋଡ଼ ବଙ୍କା ହେଲାଣି ତ କିଏ ଭୋକରେ ଅନ୍ୟକୁ କାମୁଡ଼ିଲାଣି । ଯେତେବେଳେ ନଅ ନଅଟା ଛୁଆଙ୍କ ପାଟି ମା' ସମ୍ଭାଳି ପାରେନି ଗୋଟିଏ କଂସାରେ କଂସେ ମୁଢ଼ି ସାଙ୍ଗକୁ ଗିଲସେ ନାଲି ଚା ଆଣି ଥୋଇଦିଏ । ବଗ ମାଛ ଟକ୍ ଟକ୍ ଖାଇଲା ପରି ସଭିଏଁ କୁଦି ପଡ଼ନ୍ତି ସେ କଂସା ଉପରେ । ଯୋର ଯା'ର ମୁଲକ ତାର ନ୍ୟାୟରେ ଯିଏ ପାରେ ସେ ଖାଏ ଆଉ ଯିଏ ପଛେଇ ଯାଏ ସିଏ ସେମିତି ଭୋକରେ ରହେ । ଘରର ସବୁଠୁ ସାନ ଛୁଆ ନ ଥିଲେ ମଧ୍ୟ ତାର ନମ୍ବର ଥିଲା ସାତ । କାଉଁରୀ କାଠି ଠାରୁ ଆହୁରି ନହ ନହାକା ଦେହରେ ଯୋର ପାଏନି ଭାଇଭଉଣୀ ସହିତ ଝଗଡ଼ା କରିବାକୁ । ସାନ ଭାଇ ଅଭୟର ବଳ ବହୁତ । ସେ ନିଜେ ଖାଇ ଦି ତିନି ମୁଠା ତା ମଇଳା ପେଣ୍ଟର ପକେଟରେ ଲୁଚେଇ ଆଣେ । ବିନୟ ଯେତେବେଳେ ଖାଇବା ନ ପାଇ ପରାସ୍ତ ସୈନିକ ପରି ଶୂନ୍ୟକୁ ଚାହିଁ ରହେ ତା' ସାନ ଭାଇ ଅଭୟ ପଛପଟରୁ ଆସି ତା ଆଖି ବନ୍ଦ କରି ତା' ପାଟି ଭିତରେ ମୁଢ଼ି ଦି'ମୁଠା ପକେଇ ଦିଏ ଆଉ ଖୁସିରେ ତା' ବେକରେ ଓହଳି ପଡ଼େ । ଦୈବାତ୍ କିଛି ମୁଢ଼ି ଯଦି ତଳେ ପଡ଼ିଗଲା ଡାହାଣା କୁକୁର ପରି ତଳୁ

Download Magazine from www.aahwaan.com

ଗୋଟେଇ ସେ କଡ଼କଡ଼ କରି ଚୋବେଇ ପକାଏ । ସନ୍ଧ୍ୟା ହେଲେ ବାପା ଟାଂକେ ମଦ ପିଇ ହଲି ହଲି ଘରକୁ ଫେରନ୍ତି ହାତରେ ଗୋଟିଏ ଧଳା ବୋତଲ ଧରି ମା'କୁ ବରାଦ କରନ୍ତି ପିତା ଶୁଖୁଆ ଦିଟା ପୋଡ଼ିବା ପାଇଁ । ଛୁଆ କିଏ ଖାଇଲା ନ ଖାଇଲା କିଛି ବୁଝନ୍ତି ନାହିଁ ।

ସେବେଠାରୁ ବିନୟ ମନରେ ବିଦ୍ରୋହ ଦେଖା ଦେଇଛି । କି ବାଜେ ଲୋକ ଏମାନେ । ଗୋଟିଏ ଛୁଆକୁ ପାଳିବାକୁ ବଳ ନାହିଁ ନଅ-ନଅଟା ଛୁଆର ଭିଡ଼ ଲଗେଇଛନ୍ତି । ସକାଳ ପାଇଲେ ମା' ତୋରାଣି ମୁନ୍ଦାଏ ପିଇ ଦୌଡ଼ିଯାଏ ଦାସ ବାବୁଙ୍କ ଘରକୁ ପାଇଟି କରିବାକୁ । ଫେରିଲା ବେଳକୁ କୋଉଦିନ ଶୁଖିଲା ରୁଟି ଦି'ଟା, ବାସି ତରକାରୀ ଆଣେ । ଦିନେ ଦିନେ ଖିରି-ପିଠା ବି ଆଣେ, ବିନୟକୁ ଭାରି ଈର୍ଷା ହୁଏ ମା' ଉପରେ । ମା' ନିଶ୍ଚୟ ଦାସ ବାବୁଙ୍କ ଘରେ ପେଟେ ଖାଇ ଯାହା ବଳୁଛି ତାଙ୍କ ପାଇଁ ଆଣୁଛି ନଚେତ୍ ମା' କେବେବି ସେମାନଙ୍କ ପରି ଭୋକ ବିକଳରେ ପେଟ ଧରି କାନ୍ଦୁନି କେମିତି ? ତା'ର କୋଉଠୁ ବଳ ଆସେ ମାଲିକ ଘରେ କାମ ସାରି ପୁଣି ଘରେ ଆସି ଏତେ କାମ କରିବାକୁ ? ଏସବୁ ଜାଣିବା ପାଇଁ ବିନୟ ଦିନେ ମାଲିକାଣୀ ଘରକୁ ଯାଇଥିଲା ।

ସେ ଦେଖିଲା ମାଲିକାଣୀ ତା ମା'କୁ କହିଲେ ରାତିର ରୁଟି ଦୁଇଟା ବଳି ପଡ଼ିଛି ଖାଇବାକୁ । ମା' ତା'ର କହିଲା ନାଇଁ ଭୋକ ନାହିଁ । ମୋତେ ଦେଇଦିଅ ମୁଁ ଘରକୁ ନେଇଯିବି । ମାଲିକାଣୀର ପୁଅ ଦେଖିବାକୁ ଭାରି ସୁନ୍ଦର । ଗୋରା ତକ ତକ, ଡଉଲ ଡାଉଲ । ତା ସାର୍ଟ ପ୍ୟାଣ୍ଟ ବହୁତ ସଫା । ମାଲିକାଣୀ କାଚ ଗିଲାସରେ ଗିଲାସେ ଧଳା ଧଳା ଦିଶୁଥିବା କଣ ଆଣି ତାଙ୍କ ପୁଅକୁ କହିଲେ - ନେ ଜଲଦି କ୍ଷୀର ପିଇ ଇସ୍କୁଲ ଯା । କ୍ଷୀର ପିଇଲେ ବଳ ଆସିବ । ପିଲାଟି କ୍ଷୀର ପିଇ, ବେକରେ ପାଣି ବୋତଲ ଓ କାନ୍ଧରେ ବସ୍ତାନି ପକେଇ ଇସ୍କୁଲ ଚାଲିଗଲା ।

Download Magazine from www.aahwaan.com

ବିନୟ ବେଇଗି ବେଇଗି ପାହୁଣ୍ଡ ପକେଇ ଘର ମୁହାଁ ହେଲା । ବାପା ଆସିବାର ସମୟ ହେଲାଣି । ସେ ଦେଖିଲା ବାପା କାଚ ବୋତଲଟିକୁ ଆଣି ଘର କଣରେ ରଖିଦେଲେ । ସେ କାଳ ବିଳମ୍ବ ନକରି ପିଇବାକୁ ମୁହଁ ପୁରେଇଛି ତା ପିଠିରେ ଦୁଲ୍ ଦାଲ୍ କଣ ଶୁଭିଲା । ବିନୟ ପଛକୁ ଅନେଇଲା । ଦେଖିଲା ତା ମା' ରଣଚଣ୍ଡୀ ପରି ଆଖି ନାଲି କରି ତାକୁ ବିଧା ମାରି ଚାଲିଛନ୍ତି । ସେ ଅବୁଝା ଆଖିରେ ମା'କୁ ଅନେଇ ଥାଏ । ମା କହିଲା - ଲାଜ ଲାଗୁନି ହାଣ୍ଡିଆ ପିଇବାକୁ ।

- ସେ ହାଣ୍ଡିଆ କଣ ଜାଣିନି ମା । ମୁଁ ଆଜି ଦେଖିଲି ତୋ ମାଲିକାଣୀ ତାଙ୍କ ପୁଅକୁ କାଚ ଗିଲାସରେ ଏମିତି ଧଳା ଧଳା ଦୁଶୁଥିଲା କଣ ପିଇବାକୁ ଦେଇ କହିଲେ ନେ କ୍ଷୀର ପିଇଦେ । ବଳ ଆସିବ । ସେଥିପାଇଁ ମୁଁ ଏ କାଚ ବୋତଲରେ କ୍ଷୀର ଅଛି ଭାବି ପିଉଥିଲି ବଳ ଆସିବ ବୋଲି । କାରଣ ବାପା ପ୍ରତିଦିନ ଯ୍ୟାକୁ ପିଇ ବଳବାନ ହୋଇ ତତେ ମାରୁଛନ୍ତି । ତୋ କାନିରୁ ପଇସା ଟାଣି ନେଉଛନ୍ତି । ମୁଁ ବି ଯ୍ୟାକୁ ପିଇ ବଳବାନ ହେବି । ବାପା ତୋତେ ମାରିଲା ବେଳେ ମୁଁ ତୋତେ ରକ୍ଷା କରିବି ।

ମା'ର ରାଗ ନିଆଁରେ ପାଣି ପଡ଼ିଲା ପରି ଉଭେଇ ଗଲା । ସିଏ ବିନୟକୁ କୋଳକୁ ନେଇ ଖାଲି ଗେଲ କରିବାରେ ଲାଗିଲା । ଆଉ କହିଲା

- ବାପାରେ ତୁ କ୍ଷୀର ଆଉ ହାଣ୍ଡିଆ ଭିତରେ ଫରକ କଣ ଜାଣିଲୁନି ? ହଁ କେମିତି ଜାଣିବୁ ? ଜନମ ହେଲା ଦିନୁ କ୍ଷୀର କଣ ଦେଖିନୁ ?

ତା ପଅରଦିନ ମା ତାକୁ ନେଇ ମାଲିକାଣୀ ପାଖକୁ ଗଲା । କହିଲା - ମା ମୋ ପୁଅକୁ କ୍ଷୀର ଟୋପାଏ ଦିଅନ୍ତୁନି ? ସେ ଟିକେ ପିଅନ୍ତା । ମାଲିକାଣୀ କିଛି ନ କହି ତାତ୍ସଲ୍ୟଭରା ହସଟିଏ ହସି ଶୋଇବା ଘର ଭିତରକୁ ପଶିଗଲେ । ବିନୟର ମନ ଲାଖି ଯାଇଥିଲା କଳା

Download Magazine from www.aahwaan.com

ରଙ୍ଗର ବସ୍ତ୍ରାନି ଉପରେ । କେଡ଼େ ସୁନ୍ଦର ଚିତ୍ର ହେଇଛି । ସେ ଲୁଚି ଲୁଚି ଯାଇ ବସ୍ତ୍ରାନୀଟିକୁ ଛୁଇଁବାକୁ ଲାଗିଲା ।

- ହେଇ ଏଠି କଣ କରୁଛୁ ? ଛି ! ତୋ ଦେହରେ କେତେ ଧୂଳି । ମା' ଏଇ ଅସନା ପିଲାକୁ ତୁମେ ଘରେ ପୁରେଇ ଆମ ଘରକୁ ଅସନା କରି ଦେଲଣି । ତା ଜାମାଟିକୁ ଦେଖିଲ । ସେଥିରୁ କେତେ ଗନ୍ଧ ବାହାରୁଛି । ଏଇ ବାଲି ଧୂଳିରେ ଖେଳିଥିବା ଅସନା ପିଲାଟା ମୋ ବ୍ୟାଗ୍ ଛୁଇଁଛି । ମୁଁ କେବେବି ଆଉ ଏ ବ୍ୟାଗ୍ ଧରିବିନି । ଏ ବ୍ୟାଗ୍ ଧରିଲେ ମୋତେ ରୋଗ ହେଇଯିବ ।

ଛୋଟ ହେଲେ ମଧ୍ୟ ବିନୟ ବୁଝି ପାରଥିଲା ତା ଦେହସାରା ଧୂଳି ବାଲି ଦେଖି ମାଲିକାଣୀର ପୁଅ ଏପରି କହିଲା । ସେବେ ଠାରୁ ସେ ନିୟମ କରିଥିଲା ସେ କେବେ ବି ବାଲି ଧୁଲିରେ ଖେଳିବନି ଆଉ ବଡ଼ଲୋକ ହେବ ।

ସେବେଠାରୁ ତା ମନରେ ଏ ବାଲି ଧୂଳି ପ୍ରତି ଏକ ଘୃଣା ଭାବ ଜାଗି ଉଠିଛି ଯାହାକି ସେ ବଡ଼ ହୋଇ ବାହାସାହା ହେଲା ପରେ ମଧ୍ୟ ସେ ଭାବଟା ତା ମନରୁ ଯାଇନି । ସମୟ ଚାହୁଁ ଚାହୁଁ ବଦଳି ଯାଇଥିଲା । ସେ ଦିନର ଧୂଳି ବାଲିରେ ଗଡୁଥିବା ନୁଖୁରା ମୁଣ୍ଡିଆ ବିନୁକୁ ଲୋକେ ବିନୟ ବାବୁ ବୋଲି ସମ୍ବୋଧନ କରୁଛନ୍ତି । ଯାହାର ପାଦ ଘରେ ପଡ଼ିଲେ ଅସନା ହେଇଯିବ ବୋଲି ମାଲିକାଣୀର ପୁଅ ବେଖାତିର୍ କରୁଥିଲା ଏବେ ତାର ପାଦ କାହାଘରେ ପଡ଼ିଲେ ସେଇଟା ତା'ର ଭାଗ୍ୟ ବୋଲି ଭାବୁଛନ୍ତି । ସେ ମାଲିକାଣୀ ପୁଅର କଟୁକ୍ତି ଏବେ ବି ତା' କାନ ପରଦାକୁ ଫଟେଇ ଦିଏ । ମାଲିକାଣୀର ତାତ୍ସଲ୍ୟ ହସ ବାରମ୍ବାର ତା ମାନସ ପଟରେ ଦେଖା ଦିଏ । ତା ଧୂଳି ଧୂସରିତ ଚେହେରା, ଭାଇ ଭଉଣୀଙ୍କର ରୋଗଗ୍ରସ୍ତ ଶରୀର, ମା'ର ଚୂଲି ଫୁଙ୍କିଲା ବେଳେ ଖୁଁ ଖୁଁ କାଶ ସବୁ ଗୋଟିଏ ପରେ ଗୋଟିଏ ଭାସି ଆସନ୍ତି ତା

Download Magazine from www.aahwaan.com

ମନର ପରଦାରେ । ତେଣୁ ସେ ସବୁବେଳେ ଚେଷ୍ଟା କରିଛି ନିଜ ଛୁଆକୁ ସବୁ ପ୍ରକାର ଆରାମ ଯୋଗେଇ ଦେବ । କେଉଁଥିରେ ଉଣା କରିବନି । ବାଲିରେ ଖେଳିବା ତ ଦୂରର କଥା ସେ ବାଲିକୁ ତା ଛୁଆର ଚପଲରେ ମାଡ଼ିବାକୁ ଦିଏନି । ଦୁନିଆଁ ଟା ଯାକର ଐଶର୍ଯ୍ୟ ସେ ତା ଛୁଆର ପାଦ ତଳେ ଲୋଟି ଦେଇଛି । ଆଜି ସେ ତା ପୁଅ ପାଇଁ ହଳେ ସ୍କେଟିଂ ଜୋତା ଆଣି ଦେଇଛି । ଯାହାକୁ ପିନ୍ଧି ତା ପୁଅ କୁନା ରାସ୍ତାରେ ବି ଉଡ଼ିବ ।

ମନ ଆନନ୍ଦରେ ବିନୟ ନାଚି ଉଠୁଥିଲା, କିନ୍ତୁ "କୁନା କାହିଁ ଦେଖା ଯାଉନି ?" ସବୁ ଘର ବୁଲି ଦେଇ ପଚାରୁଥିଲା ବିନୟ । ଅଫିସ୍ ରୁ ଫେରିବା ପରେ ନିଜର ଏକମାତ୍ର ଗେହ୍ଲା ପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଭଲ ଲାଗେନି । ରୋଷେଇ ଘରୁ କହୁଥିଲା ମିନୁ, "ଦେଖୁନ ଏଇଠି କୋଉଠି ଖେଳୁଥିବ ? ବାହାରେ ଯାଇ ଦେଖ ।"

କିଛି ସମୟ ପରେ ବିନୟର ଉଚ୍ଚ ସ୍ୱରରେ ଘର କମ୍ପି ଉଠିଲା । "ବାରମ୍ବାର ମନା କରିଲି ପିଲାକୁ ବାହାରକୁ ପଠାଅନି । ସୋସାଇଟିରେ ବାଜେ ପିଲାଙ୍କ ସହିତ ବସି ବାଲି ଖେଳୁଥିଲା । ଏଇୟା ସବୁ ଶିଖୁଛି ତୁମ ପୁଅ ? ଦେଖ ତା ଦେହ ବାଲି ଧୂଳିରେ ଭର୍ତ୍ତି । ଦେହ ଖରାପ ହେଉ ମୋତେ କହିବ ।" ରୋଷେଇ ଘରୁ ବାହାରି ଆସୁ ଆସୁ ମିନୁ କହୁଥିଲା, "ଓହୋ । ପିଲାଟା ଟିକେ ଖେଳିଦେଲେ କଣ ହେଇଗଲା ? ତମେ ଖେଳୁନଥିଲ କି ? ଜନ୍ମରୁ ଏସି ରୁମ୍ ରେ ବଢ଼ିଥିଲ ନା କଣ ?" ବିନୟର ରାଗ ମୁଣ୍ଡ ଉପରକୁ ଚଢ଼ିଗଲା । ସିଏ କୁନାକୁ ଟାଣି ଆଣି ତା ଗାଲରେ ଦି ଚାପୁଡ଼ା ମାରି କହିଲା - "ତୋତେ ଲାଜ ଲାଗୁନି ମୋ ପୁଅ ହେଇ ଏଇ ବାଲି ଧୂଳିରେ ଖେଳିବାକୁ । ସୋସାଇଟିର ସେଇ ବାଜେ ପିଲାଙ୍କ ସହିତ ମିଶିବାକୁ ।" କୁନା କଇଁ କଇଁ କାନ୍ଦି କହିଲା-

"ବାବା ସେମାନେ ବାଜେ ପିଲା ନୁହନ୍ତି । ସେମାନେ ମୋ ସାଙ୍ଗ । ଏକୁଟିଆ ଘର ଚାରି

Download Magazine from www.aahwaan.com

କୋଣରେ ପଡ଼ି ପଡ଼ି ମୁଁ ବ୍ୟସ୍ତ ହେଇଗଲିଣି । କେତେ ଟେଡି ବିୟର ସାଙ୍ଗରେ ଖେଳିବି । ମୋତେ ଜୀବନ୍ତ ସାଙ୍ଗ ଦରକାର ବାବା । ଏସବୁ ଖେଳନା ନୁହେଁ । ବାଲିରେ ଖେଳିବାରେ ଯେଉଁ ମଜା ଅଛି ସେ ମଜା ଏ ରଙ୍ଗ ବେରଙ୍ଗ ଖେଳନା ପାଖରେ ନାହିଁ । ବାବା ମୁଁ ଏକୁଟିଆ ରହିବାକୁ ଚାହୁଁନି । ମୋତେ ସାଙ୍ଗ ଦରକାର । ନଚେତ୍ ମୋର ଗୋଟିଏ ଭାଇ କି ଭଉଣୀ ଦରକାର, ଯା ସଙ୍ଗରେ ମୁଁ ଖେଳିବି । ଯାହାକୁ ମୁଁ ଖୁଆଇ ଦେବି । ଲୁଚକାଳି ଖେଳିବି । ତା କାନ୍ଧ ପଛପଟେ ହାତ ରଖି ଓହଳିବି । ଭାଇ ଭଉଣୀ ସାଙ୍ଗସାଥୀରେ ଯେଉଁ ଆନନ୍ଦ, ଖୁସି ସେ ସବୁ ଆଉ କୋଉଥିରେ ନାହିଁ ।”

ସତେତ ଖାଇବାକୁ ନ ଥିଲା ବେଳେ ତା ସାନ ଭାଇ ତାକୁ କେତେଥର ଖୁଆଇଛି । ତା କାନ୍ଧ ପଛପଟେ ଓହଳିଛି । ସେମାନେ କେତେ ମଜା କରନ୍ତି । ବର ଓହଳରେ ଦୋଳି ଖେଳନ୍ତି । ସବୁ ଭାଇ ଭଉଣୀ ମିଶି ବାଡ଼ି ପୋଖରୀରୁ ମାଛ ଧରନ୍ତି । ସେ କେତେ ନଟୁ ଖେଳିଛି । ଭଙ୍ଗା କାଠ ପଟାରେ ବ୍ୟାଟ ବନେଇ ଖେଳିଛି । ସିଏ କିଏ ତା ପୁଅକୁ ଏ ସବୁଥିରୁ ଦୂର କରିବାକୁ ?

ତାକୁ କିଏ ରାଗିକି ପଦେ କହିଥିଲା ବୋଲି ତା ପୁଅକୁ କାହା ସହିତ ଖେଳିବାକୁ ନ ଦେବା ତାର ଠିକ୍ ହୋଇନି । ଜୀବନର ସପ୍ତରଙ୍ଗ ଭିତରେ ଦୁଃଖ, ଖୁସି, ରାଗ ଏସବୁ ଯେ ଗୋଟିଏ ଗୋଟିଏ ରଙ୍ଗ ମାତ୍ର । ତେଣୁ ସେ ରଙ୍ଗରେ ତା ପୁଅକୁ ବି ରଂଗେଇ ଦେବ । ବିନୟ ବଡ଼ ପାଟିରେ ଚିଲ୍ଲେଇଲା

“ଯା କୁନା ଯା, ତୋ ସାଙ୍ଗ ମାନଙ୍କୁ ଡାକି ଆଣିବୁ । ଆଜି ମୁଁ ମଧ୍ୟ ସେମାନଙ୍କ ସହିତ ଧୂଳି ବାଲିରେ ଖେଳିବି । ମିନୁ ତମେ ବି ଆସ । ସମସ୍ତେ ମିଶି ଆଜି ଖେଳିବା । ବାଲିରେ ଘର ବନେଇବା ।”

Download Magazine from www.aahwaan.com

ମିନୁ ଖୁସିରେ ନାଚି ଉଠୁଥିଲା । ସେ ଦେଖିଲା ବାହାରେ ଅସରାଏ ବର୍ଷା ହେଇଯାଇଛି । ସେ ପହିଲି ବର୍ଷାର ସ୍ପର୍ଶରେ ଶୁଖା ମାଟିରୁ ଏକ ମନ ମତାଣିଆ ସୁଗନ୍ଧ ଭାସି ଆସୁଛି ଯାହାକି ଭିଜେଇ ଦେଉଛି ବିନୟକୁ, ତା'ର ମନକୁ, ତା'ର ଶୋଇ ରହିଥିବା ଇଚ୍ଛାକୁ ଏବଂ ସର୍ବୋପରି ତା ମନରେ ଥିବା କଳା ବାଦଲ ସମ୍ପୁର୍ଣ୍ଣ ରୂପେ ଅପସରି ଯାଇଛି । ଅଗଣା ସାରା ସୂର୍ଯ୍ୟଙ୍କ କିରଣ ଚିକ୍ ଚିକ୍ କରି ଖେଳେଇ ଯାଉଛି ।

ବିଜ୍ଞାନ ଶିକ୍ଷୟିତ୍ରୀ

ଲିଟିଲ୍ ହାର୍ଟସ୍ ଟଡ଼ଲର୍ସ୍ ଏକାଡେମୀ

ଅନୁଗୋଳ, ୭୫୯୧୨୨

ମୋ :- ୯୮୬୧୫୮୩୨୪୧

Download Magazine from www.aahwaan.com

ଖେଳସାଙ୍ଗ ଦରକାର

ଅରବିନ୍ଦ ଆଚାର୍ଯ୍ୟ

ବିନୟ କୁମାର ମହାପାତ୍ର । ସୁନ୍ଦରଗଡ଼ ଟାଉନ ଉପରେ ତା'ର ଇଲେକ୍‌ଟ୍ରୋନିକ୍ସ ଆପ୍ଲିଆନ୍‌ସର ବିରାଟ ସୋ ରୁମ । ମହାପାତ୍ର ଏଣ୍ଡ ସୋନ୍‌ସ । ବହୁତ କଷ୍ଟ ସହିଛି ସେ ଜୀବନରେ । ନିଜ ଗୋଡରେ ନିଜେ ଠିଆ ହେବାକୁ ତାକୁ ଅନେକ ପରିଶ୍ରମ କରିବାକୁ ପଡିଛି । ପ୍ରଥମେ ଯେତେବେଳେ ସେ ଏଇ ସହରକୁ ଆସିଥିଲା କେହି ଚିହ୍ନା ନଥିଲେ । ଗାଁରୁ ଆସିଲା ବେଳେ ଖାଲି ଗୋଟେ ଠିକଣା ଧରି ଏକା ନିଶ୍ୱାସରେ ପଳେଇ ଆସିଥିଲା । ମନରେ ଦମ୍ଭ ଧରି ସେଇ ଠିକଣାକୁ ନେଇ ତହସିଲ ଅଫିସ ସାମନା ଚାହା ଦୋକାନରେ ବସି ଚାହା ପିଉ ପିଉ ସେ ଚାହା ଦୋକାନୀକୁ ପଚାରିଥିଲା, "ହେ ହୋ ଭାଇ ! ଏ ତହସିଲ ଅଫିସରେ ଡମ୍ବରୁ ବାବୁଙ୍କୁ ତୁମେ ଚିହ୍ନିଚ ?"

ଅନ୍ୟ ଗରାଖ ମାନଙ୍କୁ ଚାହା ବଢେଇ ଦଉଦଉ ଚାହା ଦୋକାନୀ କହିଲା, "ହଁ, ଚିହ୍ନେ ! କିନ୍ତୁ ତୁମେ କିଏ ଭାଇ ? ତାଙ୍କ ପାଖରେ କଣ କାମ ?"

"ଆରେ ଭାଇ ସିଏ ଆମ ଗାଁର ଲୋକ । ଏଠି ଏଇ ସହରରେ ଅନେକ ଦିନ ହେଲାଣି ରହିଲେଣି । ମୋ ବଡଭାଇଙ୍କ ପିଲା ଦିନର ସାଙ୍ଗ । ତାଙ୍କୁ ଦେଖା କରିଥାନ୍ତି । ଏତିକି କଥା ।"

ଏମିତି କଥାବାର୍ତ୍ତା ହେଲା ଭିତରେ ଜଣେ ଗରାଖ ବିନୟ ପାଖକୁ ଚାଲିଆସିଥିଲେ । ବିନୟକୁ ଭଲକରି ତଳୁ ଉପରକୁ ଲକ୍ଷ୍ୟ କରୁ କରୁ ପଚାରିଲେ, "ତୁମେ ପ୍ରଥମଥର ଏଠିକି ଆସିଛ କି ?"

Download Magazine from www.aahwaan.com

"ଆଚ୍ଛା ! ଆପଣ କେମିତି ଜାଣିଲେ ?"

"ତୁମେ ଡମ୍ବରୁ ବାବୁଙ୍କୁ ଦେଖିଚ ?"

"ହଁ ! ମୋ ଭାଇଙ୍କ ସାଙ୍ଗ ଚିହ୍ନିବିନି ?"

ସେ ଲୋକ ଜଣକ ମୁରୁକି ମୁରୁକି ହସୁଥିଲେ । ଚାହା ଦୋକାନୀ ମଧ୍ୟ ନିଜ କାନ୍ଧ ଗାମୁଛାକୁ ପାଟିରେ ଦେଇ ନିଜ ହସ ଚାପୁଥିଲା । ଏମିତି ସମସ୍ତେ ହସା ହସି ହେଉଥିବାର ଦେଖି ବିନୟ ଆଉ ସମ୍ଭାଳି ପାରିଲାନି । ପଚାରିଦେଲା, "ଆପଣ ?"

"ଆରେ ! ମୁଁ ହେଲି ଡମ୍ବରୁ ବାବୁ । ମୋତେ ଚିହ୍ନି ପାରିବୁନି । ତୁ ତ ବହୁତ ଛୋଟ ହେଇଥିଲୁ, ବୋଧେ ସପ୍ତମ କି ଷଷ୍ଠ ପଢୁଥିଲୁ । ମୁଁ ଗାଁରୁ ଚାଲି ଆସିଲିଣି । ଆଉ କଣ ଖବର ? ତୋ ଭାଇର ଦେହ କେମିତି ଅଛି ?"

"ଭାଇ ଆଉ ନାହିଁ । ଗଲା ବର୍ଷ ତା ପେଟରୋଗ ଏତେ ଜୋରରେ ହେଲା ଯେ, ତା'କୁ ନେଇ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲୁ । ଛ' ମାସ ପଡିଲା । ବହୁତ ପଇସା ଖର୍ଚ୍ଚ କଲୁ । କିନ୍ତୁ ଶେଷରେ ଆମକୁ ଛାଡି ଚାଲିଗଲା ।" ଆଖିରେ ଲୁହ ଜକେଇ ଆସୁଥିଲା ବିନୟର ।

"ଓହୋ ! ଏତେ କଥା ହେଇଯାଇଛି ଏ ଭିତରେ ? ପିଲା ବେଳୁ ତା'ର ପେଟ କାଟେ । ପାଠ ପଢୁ ପଢୁ ବାନ୍ତି କରେ । ଶେଷରେ ସେଇଥିରେ ହିଁ....., ହଉ ଛାଡ଼ । ତୁ କହ, କଣ କେମିତି ଆସିଲୁ ? ଆଉ ମୋତେ କାହିଁକି ଖୋଜୁଥିଲୁ ?"

"ଘରେ ବହୁତ ଅସୁବିଧା । ଭାଉଜ ଆଉ ଭାଇଙ୍କ ଛୋଟ ଛୁଆ ଦୁଇଟିଙ୍କ ଅବସ୍ଥା ବହୁତ ଖରାପ । ଜମିବାଡି ଅଧାରୁ ଅଧିକ ବିକ୍ରି ହେଇଗଲାଣି । ଚଳିବାରେ ବହୁତ ଅସୁବିଧା ବୋଲି ଗାଁ ଛାଡି କିଛି କର୍ମସଂସ୍ଥାନ ପାଇଁ ଏଠିକୁ ଚାଲି ଆସିଛି । ତୁମ ଠିକଣା ଘରେ ଭାଇଙ୍କ

Download Magazine from www.aahwaan.com

ଡାଇରିରେ ଥିଲା । ସେଇ ସେତିକି, ତାକୁ ସମ୍ବଳ କରି ଏକମୁହାଁ ହେଇ ଘରୁ ବାହାରି ଆସିଛି । ଯାହା ବୁଝିବ ବୁଝ ।”

ଆଉ ସମ୍ଭାଳି ପାରିଲେନି ଡମ୍ବରୁ ବାବୁ । କୁଣ୍ଢେଇ ପକେଇଲେ ବିନୟକୁ । ତାକୁ ନେଇ ଘରକୁ ଗଲେ । ସେଠି କିଛି ଦିନ ବିନୟ ରହିଲା । ତା ପାଇଁ କାମ ଯୋଗାଡ କରିଦେଲେ । ବିଭନ୍ନ ଅଫିସରେ ଫରନିଚର ସପ୍ଲାୟରେ ବିନୟକୁ ଲଗେଇ ଦେଲେ । ବିନୟ ବହୁତ କର୍ମଠ । ଖୁବ ଅଳ୍ପ ଦିନ ଭିତରେ ସବୁ ସରକାରୀ ଅଫିସରେ ଚିହ୍ନା ପରିଚୟ ହେଇଯାଇଥିଲା । ହାତକୁ ଅନେକ କାମ ଆସିଲା । ଧୀରେ ଧୀରେ ନିଜର ଦୋକାନଟିଏ କଲା । ସେମିତି ସେମିତି ହେଇ ଆଜି ସିଏ ଏ ସହରରେ ଜଣେ ନାମଜାଦା ବ୍ୟବସାୟୀ । ନିଜର ବ୍ୟବସାୟକୁ ଏତେ ବଢେଇ ଦେଇଥିଲା ଯେ, ନିଜର ପେଟ୍ରୋଲ ପମ୍ପ, ଏଲେକ୍ଟ୍ରୋନିକ ଆପ୍ଲିଆନ୍ସର ବିରାଟ ସୋ ରୁମ, ଷ୍ଟିଲ ଫର୍ନୀଚର ତିଆରି ଫ୍ୟାକ୍ଟେରି, ବିଭିନ୍ନ ନାମୀ ଦାମୀ କମ୍ପାନୀର ଏଜେନ୍ସି ଅଫିସ ଇତ୍ୟାଦି ଇତ୍ୟାଦି । ସେ ଭିତରେ ଡମ୍ବରୁ ବାବୁ ଅନ୍ୟ ସହରକୁ ବଦଳି ହେଇ ଚାଲି ଯାଇଥିଲେ ।

କିନ୍ତୁ ଯିବା ଆଗରୁ ବିନୟର ବାହାଘର ତାଙ୍କ ଚିହ୍ନା ହରିହର ବାବୁଙ୍କ ଝିଅ ‘ମିନୁ’ ସହିତ କରେଇଦେଇ ଯାଇଥିଲେ । ମିନୁ ମଧ୍ୟ ବିନୟର ସଂଘର୍ଷର କାହାଣୀ ବହୁତ ଥର ଶୁଣି ତାକୁ ତାରିଫ କରେ । ବିନୟକୁ ସବୁ ଦୁଃଖ ସୁଖରେ ସାଥୀ ହୁଏ । ପ୍ରତି ଦୁଃଖ ସମୟରେ ଉତ୍ସାହିତ କରି, ଏ ଜୀବନ ଯୁଦ୍ଧରେ ପାଦେ ପାଦେ ଜଗିରୁହେ । ବ୍ୟସ୍ତ ଜୀବନଶୈଳୀ ଭିତରେ ବିନୟ ନିଜକୁ ହଜେଇ ଦେଇଥାଏ । ସକାଳୁ ଉଠୁ ଉଠୁ ବିଭିନ୍ନ କଥା ବୁଝିବାକୁ ତାକୁ ସମୟ ମିଳେନି । ଅବଶ୍ୟ ଅନେକ ଲୋକ ତା ପାଖରେ କାମ କରନ୍ତି । କିନ୍ତୁ ନିଜେ ଅଧିକାଂଶ କଥାକୁ ବୁଝିବାକୁ ଠିକ ଭାବେ ବିନୟ । ବିଭିନ୍ନ ଆପୋଇଣ୍ଟମେଣ୍ଟ ପାଇଁ ସବୁ ଅଫିସକୁ ବୁଲୁ

Download Magazine from www.aahwaan.com

ବୁଲୁ ତା'ର ଦିନ କେତେବେଳେ ସରିଯାଏ ଜଣା ପଡ଼େନି । ଏ ଅଫିସ ସେ ଅଫିସ ହେଇ ହେଇ ତା'ର ଦିନ ସରି ଯାଏ । ଏମିତି ଏମିତି ତାଙ୍କ ଜୀବନ କାଟି ଚାଲିଥିବା ସମୟରେ ତାଙ୍କ ଜୀବନକୁ ନୂଆ ଅତିଥି ହେଇ ତାଙ୍କ କୁନି ପୁଅ ଆସି ଯାଏ । ପୁଅକୁ ଦେଖି ବିନୟର ଖୁସି କହିଲେ ନସରେ । ଦିନରାତି ପିଲାଟିକୁ ଧରି ଗେଲ କରୁଥାନ୍ତା କି, ଏୟା ଭାବେ । କିନ୍ତୁ ନିଜ ବ୍ୟବସାୟକୁ ଏତେ ଦୂର ବଢେଇ ଦେଇଥାଏ ଯେ, ସମୟ ସବୁ ଅଫିସରେ କଟିଯାଏ । ତଥାପି ଯେତେବେଳେ ସମୟ ଟିକେ ମିଳେ ଘରେ ପୁଅକୁ ଦେଖିବାକୁ ଚାଲିଆସେ । ପୁଅର ନା ଦେଇଥାଏ 'କୁନା' । ତୋଫା ଗୋରା, ଗୁଲୁଗୁଲିଆ ମୁହଁ, ସୁନ୍ଦର ନାକ, କୁଞ୍ଚୁ କୁଞ୍ଚିଆ ଚୁଟି ଆଉ ତା ହସ ସବୁବେଳେ ମନେ ପଡେ । କାମ ବ୍ୟସ୍ତ ଭିତରେ ମଧ୍ୟ ଖୋଜି ବୁଲୁଥାଏ ବିନୟର ବାପମନ, 'କୁନା'କୁ । ବିନୟ ବେଳେ ବେଳେ ଭାବେ ଏ ସଂସାରରେ ବାପା ହେବାର ସୌଭାଗ୍ୟ ନିଆରା । ନିଜର ସନ୍ତାନର କୁନି ଓଠର ହସ ପାଖରେ ଦୁନିଆର ସବୁ ମୂଲ୍ୟବାନ ବସ୍ତୁ ତୁଚ୍ଛ ମନେହୁଏ । କାହିଁକି ଭଗବାନ ଏମିତି ମାୟା ଲଗେଇଦିଅନ୍ତି କେଜାଣି ?

ସବୁଦିନ ପରି ସେଦିନ ମଧ୍ୟ ଘରକୁ ଆସୁ ଆସୁ ବିନୟ ଖୋଜିଲା 'କୁନା'କୁ । ଘରେ କୁନାକୁ ନଦେଖି ତା'ର ପାଟିରୁ ବାହାରି ପଡିଲା, "କୁନା କାହିଁ ? ଦେଖାଯାଉନି ?" ସବୁ ଘର ବୁଲିଦେଇ ପଚାରୁଥିଲା ବିନୟ । ଅଫିସରୁ ଫେରିବାପରେ ନିଜର ଏକମାତ୍ର ଗେହ୍ଲାପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଭଲ ଲାଗେନି । ରୋଷେଇଘରୁ କହୁଥିଲା ମିନୁ, "ଦେଖୁନ ! ଏଇଠି କୋଉଠି ଖେଳୁଥିବ ? ବାହାରେ ଯାଇ ଦେଖ ।"

କିଛି ସମୟପରେ ବିନୟର ଉଚ୍ଚ ସ୍ୱରରେ ଘର କମ୍ପି ଉଠୁଥିଲା । "ବାରମ୍ବାର ମନା କରିଲି ପିଲାକୁ ବାହାରକୁ ପଠାଅନି । ସୋସାଇଟିରେ ବାଜେ ପିଲାଙ୍କ ସହିତ ବସି ବାଲି

Download Magazine from www.aahwaan.com

ଖେଳୁଥିଲା । ଏଇୟା ସବୁ ଶିଖୁଛି ତମ ପୁଅ ? ଦେଖ ତା ଦେହ... ବାଲିଧୁଳିରେ ଭର୍ତ୍ତି । ଦେହ ଖରାପ ହେଉ, ମୋତେ କହିବ !”

ରୋଷେଇଘରୁ ବାହାରି ଆସୁ ଆସୁ ମିନୁ କହୁଥିଲା, “ଓହୋ, ପିଲାଟା ଟିକେ ଖେଳିଦେଲେ କଣ ହେଇଗଲା ?ତମେ ଖେଳୁନଥିଲ କି ? ଜନ୍ମରୁ ଏସି ରୁମରେ ବଢିଥିଲ ନା କଣ ?”

ଆରେ ସତେ ତ ? ସିଏ ମଧ୍ୟ ପିଲା ଦିନେ ଏମିତି କେତେ ବାଲିରେ ଖେଳିଛି । କିନ୍ତୁ ଆଜି କାହିଁକି କୁନା ବାଲିରେ ଖେଳିଲେ, ଅନ୍ୟ ସୋସାଇଟି ପିଲାଙ୍କ ସହିତ ଖେଳିଲେ ତାକୁ ବାଧୁଛି ? ସେ କଣ ସ୍ୱାର୍ଥପର ହେଇଗଲାଣି ଏ ଭିତରେ ? ନିଜ ପିଲାବେଳ କଥାକୁ ପରଖି ଦେଖୁଥିଲା ବିନୟ । ଏତିକିବେଳକୁ ମିନୁ, କୁନାକୁ ନେଇ ସଫାସୁତୁରା କରି ପୁଣି ନୂଆ ଡ୍ରେସ୍ ପିନ୍ଧେଇ ଦେଇଥାଏ । ଯେତେ ହେଲେବି ମା । ପିଲାକୁ ଦଶମାସ ଧରି ନିଜ ଭିତରେ ବଢେଇ, ନିଜ ଦେହରୁ ରକ୍ତ ନିଗାଡି ଏଡୁଟିଏ କରିଛି । ପିଲାର ମଇଳା କୋତରା ହେବା ସହିବ କେମିତି ? ସିଏ କଣ ଚାହେଁ କୁନାର ଦେହ ଖରାପ ହେଉ ? ନାଁ, କଦାପି ନୁହେଁ । କିନ୍ତୁ କୁନାର ଶିଶୁ ସୁଲଭ ଚପଳତାକୁ ମଧ୍ୟ ବାଧା ଦେଇପାରେନି । କାହିଁକିନା, କୁନାର ଖୁସିରେ ତା’ର ଖୁସି ।

କୁନା ସଫା ସୁତୁରା ହେଲା ପରେ ବିନୟ ତାକୁ ପାଖକୁ ନେଇ ଗେଲ କଲା । ଆଉ ସେମିତି ଗେଲ କରୁ କରୁ ପଚାରିଲା, “ବାବା ! ଘରେ ଭଲ ଲାଗୁନି କି ? ବାହାରେ କାହିଁକି ବାଲିରେ ଖେଳୁଥିଲ ?”

କୁନା ତା’ର ଶିଶୁ ସୁଲଭ ଢଙ୍ଗରେ ଉତ୍ତର ଦେଲା, “ତୁମେ ତ ନଥିଲ ? ମାମା ତ ରୋଷେଇ କରୁଛି, ମୁଁ କାହା ସହିତ ଖେଳିବି ? ମୋର ଖେଳିବା ସାଙ୍ଗ ଦରକାର !”

Download Magazine from www.aahwaan.com

"ଓହୋ, ଏଇ କଥା ? ଘରେ ଟିଭି ଦେଖୁନ, ଗେମ୍ସ ଖେଳୁନ ?"

"ନାଇଁ ! ଭଲ ଲାଗୁନି । ପାପୁନ ତା କୁନି ଭଉଣୀ ସହିତ ଖେଳୁଛି, ମୁଁ ବି ତା ସହିତ ଖେଳିବି । ମୋର କୁନି ଭଉଣୀ କାହିଁ ?"

"ହଉ ! ତୁମର କୁନି ଭଉଣୀ ଦରକାର ତ ? ଆଣିବା !"

କିନ୍ତୁ ଏତିକିବେଳେ ବିନୟର ମନେ ପଡିଯାଉଥିଲା କୁନାର ସିଜେରିଆନ ସେକ୍ସନ ଡେଲିଭରୀ ବେଳେ ଡାକ୍ତର କହିଥିବା କଥା .....

"ବିନୟ ବାବୁ ! ମିନୁ ମ୍ୟାଡାମଙ୍କ ସେକେଣ୍ଡ ଚାନସ ରିସ୍କ ନେବେନି.... ବହୁତ କ୍ରିଟିକାଲ କେସ..... ସେଥିପାଇଁ ମିନୁ ମ୍ୟାଡାମ ଆଉ ଆପଣଙ୍କ ଅନୁମତି ହେଲେ ଫ୍ୟାମିଲି ପ୍ଲାନିଗ ଅପରେସନ ମଧ୍ୟ କରିଦେବି । କରିବି ତ ?"

ଦୁହେଁ ସେତେବେଳେ ସମ୍ମତି ଜଣେଇଥିଲେ । ଆଉ ଏକମାତ୍ର ପୁତ୍ର ସନ୍ତାନର ସୁଖ ପାଇଁ ସବୁ କଥା ମାନି ନେଇଥିଲେ ।

ତାହେଲେ ବିନୟ, କୁନିଭଉଣୀ କେଉଁଠୁ ଆଣିବ କୁନା ପାଇଁ ?

Download Magazine from www.aahwaan.com

ଧାରେ ହସରେ ଜୀବନ

ସୁବଳ ମହାପାତ୍ର

"ଭଜୁ କି ନା ରାମ ନାମରେ କୁମର, ଭଜୁ କି ନା ରାମ ନାମ । ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧିନେବ କାଳ ଯମ । ସେହି କାଳଯମ ବଡ ଦାରୁଣ ରେ ନ ଜାଣଇ ଦୁଃଖ ସୁଖ, ବାଛିନେବ କଞ୍ଚା ରଖିବ ପାଚିଲାରେ କୁମର, ଦେବଟି ଦାରୁଣ ଦୁଃଖ ..." କେନ୍ଦେରା ବଜେଇ ଯୋଗୀଟିଏ ଘର ଆଗରେ ଆସି ଠିଆ ହେଲା । ହେଃ.. ଯା ଏଠୁ , କିଛି ତ କାମ ଧାମ ନାହିଁ, ଚେହେରା ପାଇଛନ୍ତି ରାଜା ପରିକା ଆଉ ଭିକ ମାଗି ମାଗି ଘର ଘର ବୁଲୁଛନ୍ତି । ଏଇ ମାନଙ୍କ ପାଇଁ ଆଜି ଆମ ଦେଶ ଗରିବ । ଭିକ ମାଗି ଚଳିବେ.." ମୁହଁ ଛିଞ୍ଚାଡି, ଯୋଗୀ ଉପରେ ରାଗ ତମ ତମ ହୋଇ ଶୋଇବା ଘର ଭିତରକୁ ପଶିଗଲା ବିନୟ । ବିନୟ ଭିତରକୁ ଯିବାର ଦେଖି ମିନୁ , ଛଅ ବର୍ଷ ର ପୁଅ କୁନା କୁ ଧରି ବାହାରକୁ ଆସିଲା ଓ କୁନା ହାତରେ ପାଞ୍ଚଟଙ୍କିଆ କଏନ ଟିଏ ଯୋଗୀର ଥାଳ ରେ ପକେଇ ଦେଲା । ଯୋଗୀ ଟି ଡାହାଣ ହାତ ଟେକି ଆଶୀର୍ବାଦ କରି ଚାଲିଗଲା । ବିନୟ ସବୁଦିନେ ଏମିତି । ଛୋଟବେଳେ ନିମ୍ନ ମଧ୍ୟବିତ୍ତ ପରିବାର ରେ ବଢିଥିଲେ ବି ଚାକିରୀ କରି ହାତକୁ ଦି ପଇସା ଆସିଲା ପରେ ପୁରା ବଦଳି ଯାଇଥିଲା । ମନରେ ଗର୍ବ ଆସିଯାଇଥିଲା ପଇସା ପ୍ରତି, ଷ୍ଟେଟସ ପ୍ରତି । କିନ୍ତୁ ସ୍ତ୍ରୀ ମିନୁ ଥିଲେ ଜଣେ ସୁ-ଗୃହିଣୀ । କେହି ବି ଯୋଗୀ, ଭିକାରି ତାଙ୍କ ଦୁଆରୁ ଖାଲି ହାତରେ ଫେରନ୍ତିନି । ସମସ୍ତେ ଆଶୀର୍ବାଦ କରନ୍ତି ।

ଗୃହକର୍ତ୍ତାଙ୍କ ନାଁ ଟି ବିନୟ, କିନ୍ତୁ ପ୍ରକୃତି ପୁରା ଓଲଟା । କେବେ କେହି ତାଙ୍କୁ ଦାନ ଧର୍ମ କରିବା କିମ୍ବା ଠାକୁର ଙ୍କୁ ମୁଣ୍ଡିଆ ମାରିବା ଦେଖିନାହିଁ । ସବୁବେଳେ କୁହନ୍ତି, "ଠାକୁର

Download Magazine from www.aahwaan.com

ମୋର କଣ କରିଛନ୍ତି ? ମୁଁ ଆଜି ଯାହା ଏହା ମୋ ନିଜ ପରିଶ୍ରମ ର ଫଳ । ଖାଲିଟାରେ ଠାକୁରଙ୍କୁ କାହିଁକି ମୁଣ୍ଡିଆ ମାରିବି ? ମନ୍ଦିର କାହିଁକି ଯିବି ? ଠାକୁର କଣ ଭୋଗ ଖାଆନ୍ତି କି ? ସବୁ ଗୁଡା ଠକ, ଭଣ୍ଡ । ଠାକୁରଙ୍କ ନାଁ ରେ ନିଜେ ଖାଇବେ । ଦୁଃଖୀ ରଙ୍କି ଙ୍କୁ ବିନୟ କେବେ ସାହାର୍ଯ୍ୟ କରିବାର କେହି ଦେଖି ନାହାନ୍ତି । କହିଲେ କହିବେ, "ଠକ ସେଗୁଡା । ପରିଶ୍ରମ କରିବାକୁ ପଡିବ ବୋଲି ଭିକ ମାଗନ୍ତି । କିନ୍ତୁ ସହଧର୍ମିଣୀ ମିନୁ ବି ଯୁକ୍ତି କରେ, "ଭିକ ମାଗିବା ପାଇଁ ସେମାନେ ଦିନକୁ ଦଶ ବାର କିଲୋମିଟର କିମ୍ବା ତା'ଠୁ ଅଧିକ ବାଟ ଚାଲି ଚାଲି ଯାଆନ୍ତି । ଏହା କଣ ପରିଶ୍ରମ ନୁହେଁ ? ସମସ୍ତେ କଣ ଠକ ଅଛନ୍ତି ? କିଛି ଲୋକଙ୍କର କୁଳ ବେଉସା ଯେମିତି ଯୋଗୀ, ଚକୁଳିଆ ପଣ୍ଡା । ସେମାନେ ତ ତାଙ୍କ କୁଳ ବେଉସା କୁ ବଞ୍ଚେଇ ରଖିଛନ୍ତି । ଆହୁରି ବି ଲୋକ ଅଛନ୍ତି ଯେଉଁ ମାନଙ୍କୁ କାମ ମିଳୁନି । ଅକର୍ମଣ୍ୟ, ବୃଦ୍ଧ, ସେମାନେ ନିଜ ପେଟ ପୋଷିବା ପାଇଁ କିଛି ତ କରିବେ ? ସେମାନେ ବଞ୍ଚିବା ପାଇଁ ଭିକ ମାଗୁଛନ୍ତି, ଭିକ ମାଗି କାର ତ ଚଳାଉ ନାହାନ୍ତି । ତମେ ହୋଟେଲ ରେ ଖାଇ ଟିପ୍ସ ଭାବେ ଯେତେବେଳେ ଶହେ ଟଙ୍କା ବଢ଼େଇ ଦିଅ, ସେତେବେଳେ ତ ଭାବନି, ଆଉ କେଉଁଠି ଯୋଗୀ ଭିକାରି ଙ୍କୁ ଟଙ୍କା ଦୁଇଟା ଦେଇଦେଲେ ତୁମର ସରିଯାଏ । କି ଲୋକ ଇଏ କେଜାଣି ।" ଏମିତି ଭାବରେ ହିଁ ତାଙ୍କ ଯୁକ୍ତି ତର୍କ ସରେ । କେହି କାହା କଥା ମାନିବାକୁ କି ଶୁଣିବାକୁ ପ୍ରସ୍ତୁତ ନଥାନ୍ତି । ବିନୟ ଏ ସବୁ ର ବିରୁଦ୍ଧ ରେ ଥିଲା ବେଳକୁ, ମିନୁ କିନ୍ତୁ ଯୋଗୀ ଭିକାରୀଙ୍କୁ ଡାକି ଖାଇବାକୁ ଦିଏ ।

ବିନୟ ସକାଳୁ ଅଫିସ ଚାଲିଯାଏ । ଚାରିଟା ବେଳେ ଅଫିସ ରୁ ଫେରି କୁନା ସହ ଦୁଇଘଣ୍ଟା ଧରି ଖେଳେ । ସୋସାଇଟି ପିଲାଙ୍କ ସହ ମିଶିବାକୁ ତାକୁ ମନା କରେ । ଗନ୍ଧିଆ ପିଲା ସେଗୁଡା । ଖେଳନା ନଥାଏ ତାଙ୍କର । ମାଟି, ଗୋଡି, ପଥର, କାଗଜ, ଛିଣ୍ଡାକନା,

Download Magazine from www.aahwaan.com

ଏମିତି ଜିନିଷ ରେ ଖେଳନ୍ତି ସେମାନେ । କେବେ କନା ସବୁ କୁ ଗୁଡେଇ ବଲ କରି ଫୁଟବଲ ଖେଳନ୍ତି ତ କେବେ ବରଡା ବେଣ୍ଟ ରେ ବ୍ୟାଟ କରି କ୍ରିକେଟ ଖେଳନ୍ତି । ବିନୟ କିନ୍ତୁ ଭାବେ ସେଗୁଡା ଚୋର ଗୁଡା । ଖେଳିବା ନାଁ ରେ ଖେଳନା ଚୋରେଇ ନିଅନ୍ତି । କୁନା ର କିନ୍ତୁ ମନ ଥାଏ ସେମାନଙ୍କ ସହ ଖେଳିବାକୁ । ବାପା ଖାଲି ଗୋଟେ ପ୍ରକାର ଖେଳ ଖେଳନ୍ତି । ବ୍ୟାଟ ଆଉ ବଲ । ସେମାନେ କିନ୍ତୁ ବହୁତ ପ୍ରକାର ଖେଳ ଖେଳନ୍ତି, ଯେମିତି ଗୋଟେ ବାଡ଼ି ଥୋଇ, ଦୌଡ଼ି ଦୌଡ଼ି ଆସି ବାଡ଼ି ଉପରେ ଗୋଡ ଦେଇ ଡିଅଁନ୍ତି । କେବେ ମାଟି ରେ ପାଣି ପକେଇ ତାକୁ ଚକଟି କେତେ କଣ ଖେଳନା ତିଆରି କରନ୍ତି, କେବେ କେମିତି ଲୁଚକାଳି ବି ଖେଳନ୍ତି । ବୋହୁଚୋରି, ବାଡ଼ି ଡିଆଁ, ମାଙ୍କଡ ଡିଆଁ, ସେଭେନ ସେଟ, ସେକା (ବରଡା ରେ ବଲ ତିଆରି କରି, ଜଣେ ଆଉ ଜଣଙ୍କ ଉପରକୁ ଫିଙ୍ଗିବା), ପୁଆ ବାଡ଼ି ପରି ଭିନ୍ନ ଭିନ୍ନ ଖେଳ । ମନ ରୁହେନି ତା'ର । ସ୍କୁଲ ରେ ସାଙ୍ଗ ମାନଙ୍କ ସହ ଖେଳିଲେ ବି ନିଜ ସୋସାଇଟି ର ପିଲାଙ୍କ ସହ ଖେଳିବାକୁ ତା'ର ଭାରି ମନ । ସୋସାଇଟି ବାହାରୁ ବି କିଛି ପିଲା ଆସନ୍ତି । ଅଧିକ ପିଲା, କେତେ ମଜା । ବାପାଙ୍କ ସହ କ୍ରିକେଟ ଖେଳିଲା ବେଳେ ସେ ବିକଳ ରେ ଚାହେଁ ସେମାନଙ୍କ ଆଡେ । କିନ୍ତୁ ବାପାଙ୍କ ଡର ରେ ନା ଯାଇପାରେ ନା ଖେଳି ପାରେ ।

ସେଦିନ ବାପା ଫୋନ କରିଥିଲେ, କୁନା ମା' ପାଖରୁ ଶୁଣିଲା ଯେ ବାପାଙ୍କର ଆଜି କଣ କାମ ଅଛି ଅଫିସ ରେ । ସେ ଡେରିରେ ଫେରିବେ । ମା ଫୋନ ଥୋଇଦେଇ ରୋଷେଇ ଘରକୁ ଚାଲିଗଲେ । ଏତିକିବେଳେ ସୁଯୋଗ ମିଳିଗଲା ତାକୁ ଆଉ ଏକା ଡିଆଁରେ ସେ ପିଲାଙ୍କ ପାଖେ ହାଜର । ଅଫିସ ରୁ ଶୀଘ୍ର କାମ ସାରି ବିନୟ ପହଁଚିଲା ଘରେ । "କୁନା କାହିଁ? ଦେଖା ଯାଉନି?" ସବୁ ଘର ବୁଲିଦେଇ ପଚାରୁଥିଲା ବିନୟ । ଅଫିସ ରୁ ଫେରିବାପରେ ନିଜର ଏକମାତ୍ର ଗେହ୍ଲା ପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଭଲ

Download Magazine from www.aahwaan.com

ଲାଗେନି । ରୋଷେଇ ଘରୁ କହୁଥିଲା ମିନୁ, "ଦେଖୁନ ! ଏଇଠି କୋଉଠି ଖେଳୁଥିବ ? ବାହାରେ ଯାଇ ଦେଖ ।"

କିଛି ସମୟ ପରେ ବିନୟ ର ଉଚ୍ଚସ୍ୱର ରେ ଘର କମ୍ପି ଉଠୁଥିଲା । "ବାରମ୍ବାର ମନା କରିଲି ପିଲାକୁ ବାହାରକୁ ପଠାଅନି । ସୋସାଇଟିରେ ବାଜେ ପିଲାଙ୍କ ସହ ବସି ବାଲି ଖେଳୁଥିଲା । ଏଇୟା ସବୁ ଶିଖୁଛି ତମ ପୁଅ ? ଦେଖ ତା ଦେହ... ବାଲି ଧୂଳି ରେ ଭର୍ତି । ଦେହ ଖରାପ ହେଉ, ମୋତେ କହିବ !"

ରୋଷେଇ ଘରୁ ବାହାରି ଆସୁଆସୁ ମିନୁ କହୁଥିଲା, " ଓହୋ, ପିଲାଟା ଟିକେ ଖେଳିଦେଲେ କଣ ହେଇଗଲା ? ତମେ ଖେଳୁ ନଥିଲା କି ? ଜନ୍ମରୁ ଏସି ରୁମରେ ବଢିଥିଲ ନା କଣ ? ହୁଁ... କହି ମୁହଁ ମୋଡି, ରାଗ ତମତମ ହୋଇ କୁନାକୁ ଧରି ବିନୟ ପଶିଗଲା ଗାଧୁଆ ଘର ଭିତରକୁ । କୁନା କୁ ଧୋଇଧାଇ ଆଲମାରୀ ରୁ ଭଲ ପେଣ୍ଟ ସାର୍ଟ ପିନ୍ଧେଇ ତାକୁ ଧରି ଗଲା ବଜାରକୁ । ଚକୋଲେଟ ଦେଇ ଆଉ ଏପରି ନ କରିବା ପାଇଁ ବୁଝାଉଥିଲା କୁନା କୁ ।

କୁନା ଛୋଟ ପିଲା, କିଛି ନ କହି ପାରିଲେ ବି ତା'ର ତ ଗୋଟେ ମନ ଅଛି । କିଏ ବୁଝେ ଏ ପିଲା ମାନଙ୍କ କଥା ? ସବୁବେଳେ ବଡ ମାନେ ଯାହା କହିବେ ସେଇୟା । ସେମାନେ ଯାହା ଭାବିବେ, ସେଟା ସବୁବେଳେ ଠିକ । କାହିଁକି ସେମାନେ ବୁଝି ପାରନ୍ତିନି ଗୋଟେ ଛୋଟ ପିଲା ର ମନ କୁ ? କ୍ରିକେଟ ଅଧିକ ପିଲା ମାନକ ସହ ଖେଳାଯାଏ । ଦୁଇ ଜଣ ରେ କି କ୍ରିକେଟ ଖେଳା ? ବାପା ଏ କଥା ବୁଝନ୍ତି ନାହିଁ କାହିଁକି କେଜାଣି ? ସେମାନେ ବି ତ ଦିନେ ଛୋଟ ଥିଲେ । ସେତେବେଳେ କଣ ସେମାନେ ଚାହିଁ ନଥିଲେ ଏମିତି ଖେଳିବାକୁ ? କେଜାଣି ?

Download Magazine from www.aahwaan.com

କିଛିଦିନ ପରେ....

ବିନୟ ଅଫିସ ରେ ବସିଥାଏ, ହଠାତ ମିନୁର ଫୋନ ଶୁଣି ସେ ପ୍ରାୟ କାନ୍ଦ କାନ୍ଦ ଅବସ୍ଥା । "କଣ ହୋଇଛି ? କେମିତି ହେଲା ? ଏବେ କଉଠି ?" ସେପଟୁ ଉତ୍ତର ଆସିଲା ଡାକ୍ତର ଖାନା ରେ, ଶୀଘ୍ର ଆସ । କାର ଧରି ତୁରନ୍ତ ଡାକ୍ତରଖାନା ରେ ପହଁଚିଲା ବିନୟ । ଅପରେସନ ବେଡ଼ ରେ ପଡିଥାଏ କୁନା । ବାହାର ପଟୁ କବାଟ ବନ୍ଦ । କାନ୍ଦିକାନ୍ଦି ଆଖି ଫୁଲିଯାଇଥାଏ ମିନୁ ର । କିଛି କଥା କହିବା ଅବସ୍ଥା ରେ ସେ ନଥାଏ । ଥଙ୍ଗ ଥଙ୍ଗ ପାଟିରେ ଏତିକି କହିଲା, "ସ୍କୁଲ ବସ ଖରାପ ହେବାରୁ ଅନ୍ୟ ଏକ ବସ ପିଲାଙ୍କୁ ଛାଡିବାକୁ ଆସିଥିଲା । ପାଖ ଛକ ରେ କୁନା ସହ ଅନ୍ୟ ଦୁଇଜଣ ପିଲା ବି ଓଲେହିଲେ । ସେମାନେ ଗଲାପରେ କୁନା ଆସୁଥାଏ । ହଠାତ ମାରଣା ଷଣ୍ଢଟିଏ କଉଠି ଥିଲା କେଜାଣି ପଛପଟୁ ଆସି କୁନା କୁ ଭୁଷି ଦେଲା । ଆଖପାଖ ରେ ସୋସାଇଟି ର ପିଲା ଖେଳୁଥିଲେ । ସେମାନେ ଆସି ମୋତେ କହିଲେ । କିଏ ଜଣେ ବାବାଜୀ କୁନା କୁ ଧରି ତୁରନ୍ତ ଡାକ୍ତରଖାନା ନେଇ ଆସିଲା । ସେଇ ପିଲାଙ୍କ ଠୁ ଖବର ପାଇ ମୁଁ ଆସିଲି ଏଠିକୁ । ଡାକ୍ତର କହିଲେ କୁନା ର ମୁହଁ ରାସ୍ତା ରେ ମାଡ ହୋଇ ନାକ ର ହାଡ ଖଣ୍ଡେ ଭାଙ୍ଗି ଯାଇଛି । ରକ୍ତ ବି ବହୁତ ବୋହି ଯାଇଛି । ତୁରନ୍ତ ରକ୍ତ ଦରକାର । କିଛି ସମୟ ପରେ କହିଲେ, ରକ୍ତ ଯୋଗାଡ ହୋଇଗଲା । ଏବେ ସେ ଅପରେସନ ରୁମ ଭିତରେ । ଭାଙ୍ଗି ଯାଇଥିବା ହାଡ ଟିକୁ ବାହାର କରିବାକୁ ପଡିବ ।" ମିନୁ ପାଖରୁ ଏତିକି ଶୁଣି ବିନୟ କଣ କରିବ ଭାବି ପାରୁନଥାଏ । ଲଥ କରି ପାଖରେ ଥିବା ବେଞ୍ଚ ରେ ସେ ବସି ପଡ଼ିଲା । ଆଖିରୁ ଦୁଇଧାର ଲୁହ ବୋହି ଆସୁଥାଏ । ହାତ ରେ ଲୁହ କୁ ପୋଛି ଠିଆ ହେଲା ବିନୟ । ଯାହା ହେଲେ ବି ମରଦ ପୁଅ । ମରଦ ପୁଅ କଣ କେବେ କାନ୍ଦେ ? ହଁ , କାନ୍ଦେ । ଗୋଟେ ବାପା କାନ୍ଦିପାରେ । କିନ୍ତୁ ଭିତର ର କୋହ କୁ ସେ ବାହାରକୁ

Download Magazine from www.aahwaan.com

ଆସିବାକୁ ଦିଏ ନାହିଁ । କାରଣ ତା ମୁଣ୍ଡ ଉପରେ ଆଉ ଜଣଙ୍କ ଦାୟିତ୍ୱ ବି ଥାଏ । ସେ କାନ୍ଦିଲେ ମିନୁ କୁ କିଏ ସମ୍ଭାଳିବ । ଜୀବନରେ କେବେ ଭଗବାନଙ୍କୁ ଡାକି ନଥିବା ଲୋକ, ନିଜ ସନ୍ତାନ ପାଇଁ ଭଗବାନ ଙ୍କ ପାଖରେ ଭିକ ମାଗିପାରେ । ଉପରେ କିଛି ନ କହିଲେ ବି ମନ ଭିତରେ ଭଗବାନଙ୍କୁ ହାତଯୋଡ଼ି ହଜାରେ ଥର ମୁଣ୍ଡିଆ ମାରୁଥାଏ ସେ । ବିକଳ ହେଉଥାଏ, ମୋ ପୁଅ ର କିଛି ନହେଉ ପ୍ରଭୁ । ତାକୁ ଶୀଘ୍ର ଭଲ କରିଦିଅ ।

ସୋସାଇଟି ର କିଛି ଲୋକ ଏ ଭିତରେ ଆସି ସାରିଥାନ୍ତି ଡାକ୍ତରଖାନା କୁ । ସେମାନଙ୍କୁ ଦେଖି ବିନୟ ଟିକେ ହଡ଼ବଡେଇ ଗଲା । ଯେଉଁ ମାନଙ୍କ ପିଲାଙ୍କୁ ସେ ଗରିବ, ଚୋର ବୋଲି ଭାବୁଥିଲା, ଆଜି ତା ଅସୁବିଧା ସମୟ ରେ ସେମାନେ ହିଁ ତା ପାଖରେ ଠିଆ ହୋଇଥିଲେ । ଚିନ୍ତା ରେ ସେ ଏପଟ ସେପଟ ହେଉଥାଏ । ଏତିକିବେଳେ ସେ ଦେଖି ପାରିଲା ସେ ଯୋଗୀ ଜଣଙ୍କୁ । ଆଶ୍ଚର୍ଯ୍ୟ ରେ ତାକୁ ଚାହିଁଲା ବେଳକୁ, ଦେଖି ପାରିଲା ଯୋଗୀ ର ବାମ ହାତରେ ବ୍ୟାଣ୍ଡେଜ କନା ଗୁଡେଇ ହୋଇଥାଏ । ତା'ର ସବୁ ଭାବନା ର ଅନ୍ତ କରି ଯୋଗୀ ଜଣଙ୍କ ପାଖକୁ ଆସିଲା ଆଉ କହିଲା, "ବ୍ୟସ୍ତ ହୁଅନ୍ତୁ ନାହିଁ ବାବୁ, ଆମ "ବାବା" ର କିଛି ହେବନି । ବେସି କିଛି ହୋଇନି, ଖାଲି ମୁହଁଟା ଟିକେ ମାଡ ହୋଇ ଯାଇଛି । ମୋ ରକ୍ତ ସହ ତାଙ୍କ ରକ୍ତ ମ୍ୟାଚ କଲା ତ ମୁଁ ରକ୍ତ ଦେଇ ଦେଇଛି । ମୁଁ ହିଁ ତାଙ୍କୁ ଡାକ୍ତର ଖାନା ନେଇକି ଆସିଥିଲି । ଆପଣ ମାନେ ତ ଆସି ଗଲେଣି ମୁଁ ଯାଏଁ । ମୋତେ ଆହୁରି ଦଶ କିଲୋମିଟର ଚାଲି ଚାଲି ଯିବାର ଅଛି । କାଲି ଆସି ବୁଝିଯିବି ବାବା ର ଖବର । ସେ ଆମର ଦିବ୍ୟ ଆତ୍ମା । ଗରିବଙ୍କ ପ୍ରତି ତାଙ୍କର ଦୟା ଅଛି । ଭଗବାନ ସବୁ ଭଲ କରିଦେବେ ।" ଆଉ ସହି ପାରୁନଥିଲା ବିନୟ । ସେଦିନ ଏଇ ଯୋଗୀ କୁ ମୁହଁ ଛିଞ୍ଚାଡି କଥା କହିବାର ଦୃଶ୍ୟ ତା ଆଖି ଆଗରେ ନାଚି ଯାଉଥିଲା । ପର୍ସ ରୁ ବାହାର କରି ପାଞ୍ଚଶହ ଟଙ୍କିଆ ନୋଟ ଟିଏ ବଢ଼େଇ ଦେଲା

ସେ । ହାତ ଧରି ପକେଇ ଯୋଗୀ ଜଣଙ୍କ କହିଲା,"ଛି...ଛି... ମୋତେ ଧର୍ମ ସହିବ ବାବୁ ? ଆମ ବାବା ପାଇଁ ରକ୍ତ ଟିକେ କଣ ଦେଲି ଯେ ପଇସା ନେବି ? ଛୋଟ ପିଲା ପରା ଭଗବାନଙ୍କ ଙ୍କ ଅବତାର । ପଇସା ଆପଣ ରଖନ୍ତୁ ।" ଯୋଗୀକୁ କୁଣ୍ଢେଇ ଧରି ଭୋ ଭୋ ହୋଇ କାନ୍ଦି ପକେଇଲା ବିନୟ । କହିଲା, "ଆପଣ ହିଁ ମୋ ପାଇଁ ଭଗବାନ" । ଏତିକିବେଳେ ଅପରେସନ ରୁମ ରୁ ଡାକ୍ତର ବାହାରିଲେ । କହିଲେ,"ପିଲା ଏବେ ଭଲ ଅଛି । ଆଉ କିଛି ଚିନ୍ତା କରିବାର ନାହିଁ । ତାକୁ ଏବେ କିଛି ସମୟ ବିଶ୍ରାମ ଦରକାର । ଆଉ ଦୁଇ ଚାରି ଘଣ୍ଟା ପରେ ତାକୁ ଡିସଚାର୍ଜ କରିଦେବୁ । କିଛିଚିନ୍ତା କରିବାର ନାହିଁ । ତମେ ଯାଇ ଏବେ ତା ସହ କଥା ହୋଇପାରିବ ।"

ବିନୟ ଟିକେ ନିଶ୍ୱାସ ମାରିଲା ଏବେ । ଦଉଡି ଯାଇ କୁନା ର ମୁଣ୍ଡ କୁ ଆଉଁସି ପକେଇଲା ସେ । କାନ୍ଦି କାନ୍ଦି ଥର ଥର କଣ୍ଠ ରେ ଡାକିଲା, " ବାପା ରେ.... କେମିତି ଲାଗୁଛି ଏବେ ? ତୁ ଶୀଘ୍ର ଭଲ ହୋଇ ଯା... ଆମେ ସାଙ୍ଗ ହୋଇ ଖେଳିବା ତୋର ସେ ସୋସାଇଟି ସାଙ୍ଗ ମାନଙ୍କ ସହ.... ହେଲା.... ? ? ?"

ବିନୟ ଆଖିରୁ ଲୁହ ସହ ମନ ଭିତରୁ ମଧ୍ୟ ପଇସା, ଷ୍ଟେଟସ, ଗର୍ବ, ଅହଙ୍କାର... ସବୁ ଏକାକାର ହୋଇ ବୋହି ଯାଉଥିଲେ.....

ଏତେ କଷ୍ଟ ସତ୍ତ୍ୱେ, ସୋସାଇଟି ପିଲାଙ୍କ ସହ ଖେଳିବା ନାଁ ଶୁଣି, କୁନା ମୁହଁ ରେ ହସ ଧାରେ ଉକୁଟି ଆସୁଥିଲା....

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

Download Magazine from www.aahwaan.com

ସେଦିନ ଆଉ ଆଜି

ଚମ୍ପେଶ୍ୱର ସନବର୍ଷିଆ

"କୁନା କାହିଁ ? ଦେଖାଯାଉନି ?" ସବୁ ଘର ବୁଲିଦେଇ ପଚାରୁଥିଲା ବିନୟ । ଅଫିସରୁ ଫେରିବା ପରେ ନିଜର ଏକମାତ୍ର ଗେହ୍ଲା ପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଭଲ ଲାଗେନି । ରୋଷେଇ ଘରୁ କହୁଥିଲା ମିନୁ, "ଦେଖୁନ ! ଏଇଠି କୋଉଠି ଖେଳୁଥିବ ? ବାହାରେ ଯାଇ ଦେଖ ।"

କିଛି ସମୟ ପରେ ବିନୟ ଉଚ୍ଚ ସ୍ୱରରେ ଘର କମ୍ପି ଉଠୁଥିଲା, "ବରମ୍ବାର ମନା କରିଥିଲି ପିଲାକୁ ବାହାରକୁ ପଠାଅନି । ସୋସାଇଟିରେ ବାଜେ ପିଲାଂକ ସହିତ ବସି ବାଲି ଖେଳୁଥିଲା । ଏଇୟା ସବୁ ଶିଖୁଛି ତମ ପୁଅ ? ଦେଖ ତା ଦେହ.... ବାଲିଧୁଳିରେ ଭର୍ତ୍ତି । ଦେହ ଖରାପ ହେଉ, ମୋତେ କହିବ !"

ରୋଷେଇଘରୁ ବାହାରି ଆସୁ ଆସୁ ମିନୁ କହୁଥିଲା, "ଓହୋ ପିଲାଟା ଟିକେ ଖେଳିଦେଲେ କଣ ହେଇଗଲା ? ତମେ ଖେଳୁ ନ ଥିଲ କି ? ଜନ୍ମରୁ ଏସି ରୁମରେ ବଢ଼ିଥିଲ ନା କଣ ?" ବିନୟର ଦେହରେ ଏକ ଶୀତର ଲହରୀ ଖେଳିଗଲା । ଲାଗିଲା ଶୀତ ଦିନରେ ପୋଖରୀ କୂଳରେ ଠିଆ ହୋଇଥିବା ସମୟରେ ପଛରୁ କିଏ ଜଣେ ଠେଲି ଦେଇଛି । ରାଗ ତ ଲାଗିବ ନିଶ୍ଚୟ କିନ୍ତୁ ଅପେକ୍ଷାର ବେଳ ଶେଷ ହୋଇଯାଏ । ବିନୟ ଆଉ କିଛି କହିଲା ନି । ସାର୍ଟ ଖୋଲି ପାଖ ଚୌକି ଉପରେ ବସି ପଡ଼ିଲା । ଫେରିଗଲା ତା ପିଲା ଦିନକୁ । ମିନୁ ସତ କହୁଛି ତ ?

ବିନୟର ମନ ତା ଜନ୍ମଭୂମି ଗାଁକୁ ଫେରିଯାଏ । ମନେ ପକାଏ ତ ଅତି ପିଲା ଦିନର

Download Magazine from www.aahwaan.com

କଥା । କଣ ତା ଗାଁରେ ତାର ପିଲା ଦିନର ସାଂଗ ସାଥି କେହି ବାଜେ ନ ଥିଲେ ? କଣ ସେ ବାଲି ଖେଳି ନ ଥିଲା ? ଦେହ କଣ ଖରାପ ହେଉଥିଲା ? ଗାଁ ଦାଣ୍ଡ କଣ ଆଜିକାଲି ପରିକା ପିଚୁ ସିମେଣ୍ଟରେ ଚକ ଚକ କରୁଥିଲା ? ନା ବିନୟ୍ ନା । ଏ ସମସ୍ତ ପ୍ରଶ୍ନର ଉତ୍ତର 'ନା' ।

ଠିକ ମନେ ଅଛି ବିନୟ୍‌ର । ଆଜକୁ ୩୦ ବର୍ଷ ପୂର୍ବର ଘଟଣା । ପାଠ ପଢ଼ା କଣ ଜଣା ନ ଥିଲା । କେବଳ ଖେଳ ଖେଳ ଆଉ ଖେଳ । ନା ଏଥିରେ ବାପାର ନାଳି ଆଖି, ନା ମାଁ ର ଡାକ ବାଧା ଦେଉଥିଲା । ବାଲି, କାଦୁଅ, କାଠି , ପାଲ, ଗୋଡ଼ି କେତେ କଣ ଏକଠି କରି ଘର ତିଆରି, ରାଜା ଓ ରାଣୀ ବାହାଘର, ଭାତ ରନ୍ଧା , ଖିଆ , ଗାଧୁଆ ସବୁ କିଛି ସେହି ଏକା ଜିନିଷରେ ହୋଇଯାଉଥିଲା । ନା ଥିଲ ଆଜିର ଅଂଗନୱାଡ଼ି ଶିକ୍ଷା ଯଉଥିରେ ପିଲାକୁ ଯତ୍ନ ସହକାରେ ନିଆ ଅଣା କରା ଯାଉଥିଲା । ବୁଲିଲା ବାଟରେ , ଖେଳିଲା ପଥରେ କଉ ବର ପତ୍ରରେ ମକାଗୁଣ୍ଡ ଘାଣ୍ଟ ଟିକେ ଦେଲେ ଚାଟି ଚାଟି ସଫା ହୋଇ ଯାଉଥିଲା । ବାସ ଅଂଗନୱାଡ଼ି ପଢ଼ା ଶେଷ । କେତେ ମଜା ଥିଲା ସେଥିରେ ବିନୟ୍ । କଣ ତୋର ଉପରେ କି ପ୍ରଭାବ ପଡ଼ିଥିଲା ସେହି ରାସ୍ତାର ବର ପତ୍ର ଖିଆ ।

ସମୟ୍‌ର ଗତିରେ ବଢ଼ି ଚାଲିଥିଲା ବିନୟ୍ । ସ୍କୁଲ ପାଠପଢ଼ା ବି ଆରମ୍ଭ ହେଲା । ହେଲେ ତା ପୂର୍ବ ପରି ଖେଳ କୁଦରେ କୌଣସି ପ୍ରତିବନ୍ଧକ ଆସିଲ ନାହିଁ । ନୁଆଁ ନୁଆଁ ଖେଳରେ ଭାଗ ନେଇ ବହୁତ ମଜା ଆସିଲା । ଘର, ଦ୍ୱାର, ସ୍କୁଲ, ପୋଖରୀ, ପଡ଼ିଆ, ରାସ୍ତା ସବୁ ତାର ଖେଳକୁଦରେ ଭରିଗଲା । ଏଥିରେ ତାକୁ କେବେ କେହି ମନା କରି ନାହନ୍ତି । ମନ ଭରି ଉପଭୋଗ କରିଛି ତ ପିଲାଦିନ । ପୁଣି ଆଜି କହିଁକି ମନା କରୁଛି ତ ନିଜ ପୁଅକୁ । ସେ ତ ପୁଣି ଆଜି ଏକ ପ୍ରତିଷ୍ଠିତ ଅନୁଷ୍ଠାନର କର୍ମଚାରୀ । ଏସି ରୁମରେ ବସିବାର ସୁଯୋଗ ପାଇଛି । ମିନୁ ତମେ ସତ କହୁଛ । ମୁଁ ଜନ୍ମରୁ ଏସି ରୁମରେ ବଢ଼ିନି । ମୁଁ ବଢ଼ିଥିବ ରୁମ

Download Magazine from www.aahwaan.com

ବିଷୟରେ ଜାଣିବାକୁ ଚାହିଁବ ମିନୁ ?

ବିନୟ ପୁଣି ଫେରିଯାଏ ତା ପୁରୁଣା ଦିନକୁ । ତ ବାପାଂକ ନିଜ ଜାଗା ବୋଲି କିଛି ନ ଥିଲା । ସରକାରୀ ଜାଗାରେ ରସ୍ତା କଡ଼ରେ ଛୋଟ ଚାଲ ଘରଟିଏ କରି ରହୁଥିଲା । ଉପରେ ଛପର । ଛପର ବି ସମ୍ପୂର୍ଣ୍ଣ ଦୁଇଟା ରୁମକୁ ପାଉ ନ ଥିବାରୁ ଗୋଟାଏ ପଟେ ଖଜୁରୀ ପତ୍ରରେ ବନ୍ଧା ହୋଇଥିଲା । ଯଉପଟେ ଛପର ସେ ପଟଟା ରନ୍ଧାଘର,ଜିନିଷପତ୍ର ରଖିବା ପାଇଁ ବ୍ୟବହାର ହେଉଥିଲା, ଅନ୍ୟ ପଟଟା ଚାରି କୁଟୁମ୍ବ ଶୋଇବା, ବସିବା, ଉଠିବା ଘର । ଖରା ଓ ଶୀତରେ ଯେଣ ତେଣ ସମୟ ଆରାମରେ କଟି ଯାଉଥିଲା କିନ୍ତୁ ବର୍ଷାରେ ବାହାର ଭିତର ଏକ ହୋଇ ଯାଉଥିଲା । ରନ୍ଧା ଘରେ ବସି ବସି ବାପା, ମାଁ କର ସକାଳ ପାଇ ଯାଉଥିଲା । ବିନୟ ଓ ତା ଭଉଣୀ ପାଇଁ ଶୋଇବା ଜାଗା କଲେ ବି ଛପର ପଟୁ ପାଣି ଧାର ବୋହି ଆସୁଥିଲା । ପାଣି ଧାର ସିଧା ବାସନ , ବାଲଟି ରଖିଲେ ବି କେତେଟ ବାସନ ବାଲଟି ଯେ ସବୁ ଧାରକୁ ସମ୍ଭାଳି ହେବ । ପବନ ଝଡ଼ରେ ଛପରଟା ଭାଂଗି ଘର ଭିତର ଭିଜେଇ ଦେଉଥିଲା । ସତ କହିଛ ମିନୁ । ସେ ଦିନର ଏସି ପାଇଁ ନିଆଁ ଲଗାଇ ବସିବାକୁ ପଡୁଥିଲା । ସେ ଦିନକୁ ଭୁଲିବାକୁ ଚହୁଁଥିଲି ହେଲେ ଆଜି ପୁଣି ମନେ ପକେଇ ଦେଇଛ । ସେ ଦିନ ଆଉ ଆଜି । ଅନେକ ବର୍ଷ ବିତି ଯାଇଛି । ଆଜିର ଦିନଟା ଭିନ୍ନ ଅନୁଭୂତି ଦେଉଛି । ବହୁତ ଆନନ୍ଦ ମିଳୁଛି । କିନ୍ତୁ ଆଜିର ଆନନ୍ଦ ପଛରେ ସେଦିନର ପୁରୁଣା ସ୍ମୃତିର ମହତ୍ୱ ଭୁଲି ଯାଇଥିଲି । ଆଜି ତମେ ମନେ ପକେଇଦେଇଛ ।

"ଓହୋ, ଏ ଯାଏଁ ହାତ, ମୁହଁ ଧୋଇନ । କହିଦେଲି ବୋଲି କଣ ରାଗିଗଲ । ହଉ ହେଲା, ଆଗକୁ ଆଉ କହିବିନି । କୁନା ତୁମର ଗେହ୍ଲା ପୁଅ, ଗେହ୍ଲା ପୁଅ, ଗେହ୍ଲା ହେଲା । ଯାଅ ହାତ, ମୁହଁ ଧୋଇ ପକାଅ । ଖାଇବ ।" ମିନୁର କଥ ଶୁଣି ବିନୟ ବର୍ତ୍ତମାନକୁ ଫେରି

Download Magazine from www.aahwaan.com

ଆସିଲା । ଅସତର୍କ ଭାବରେ କହିଲା, 'ନା' । ଏମିତି ଟିକିଏ ବସିଗଲି । କୁନା ଆ ବାପା ଆ । ହାତ, ମୁହଁ ଧୋଇବା ଆ । ମୋ ସୁନା ପୁଅ କଣ ଖେଳୁଥିଲ ବାପା ।" କୁନା କନେଇ କନେଇ କହିଲା, "ବାପ ଆମେ ବାଲି ଘର ତିଆରି କରୁଥିଲୁ , ରସ୍ତା ତିଆରି କରୁଥିଲୁ, ଗାଡ଼ି ଚଲାଉଥିଲୁ । ସୋମୁ ନା ମୋ ଗାଡ଼ିକୁ ଧକ୍କା ଦେଇ ଦେଲା । ମୋ ବାଲିକୁ ପକେଇଦେଲା । କାଲି ତାକୁ ମାଡ଼ ଦେବା ।" ବିନୟର ହୃଦୟ ମନା କରିପାରିଲାନି ,"କାଲି ତା ସଂଗରେ ଖେଳିବୁ ନାହିଁ । ତୁ ଏକା ଏକା ଏଇଠି ଖେଳିବୁ ।" କୁନାକୁ କହିଲା, " ବାପା ସେମାନେ ତୋ ସଂଗ । ଆଉ ସଂଗକୁ ମାଡ଼ ଦିଅନ୍ତି ନି । ସଂଗ ହୋଇ ଖେଳିବୁ , ଗାଡ଼ି ଧକ୍କା ହେଲେ କହିବୁ ,ଗ୍ୟାରେଜରେ ଠିକ କରିଦେବା । ବାଲି ପଡ଼ିଗଲେ କହିବୁ ନଦୀରୁ ବାଲି ଭର୍ତି କରି ନେଇ ଆସିବା ।" ମିନୁ ବାପ ପୁଅର କଥା ଶୁଣି ମନକୁ ମନ ହସୁଥାଏ । "ହଉ ହେଲା ବାପ ପୁଅର ଗେହ୍ଲ । ଆସ ଖାଇବ ।" ମିନୁ ପରଶିବା ଆରମ୍ଭ କରିଦେଲା ।

ବିନୟ ପାଖରେ କୁନା ବସି ପଡ଼ିଲା । ଖାଇବା ପରଶା ହେଲା । କେତେ କଣ ତିଅଣ ଖାଇବା ପାଇଁ । କୁନାର କଣ ଖାଇବରେ ଇଚ୍ଛା । ତାର ତ ଦିନ ସାର ମାଁ ପାଖରେ ରହି ଖାଇ ଖାଇ ପେଟ ପୁରା । ବାପା ସଂଗରେ ଖାଇବ କଣ । ଖେଳିବା ଆରମ୍ଭ କରିଦେଲା । ଏଇଟାକୁ ସେଥିରେ ମିଳେଇବା, ସେଇଟାକୁ ଏଥିରେ ମିଳେଇବା । ବିନୟର ସେଦିନ ଥିଲା ଭିନ୍ନ । ତା ବାପା ମା ଦୁଇ ଜଣ ଯାକ କାମ କରିବା ପାଇଁ ସକଳୁ ଚଲିଯାଉଥିଲେ । ବାପ ମା ଫେରିଲେ ଖାଇବେ ବିନୟ ଆଉ ତା ଟିକି ଭଉଣୀ । ସକାଳୁଆ ଚା ଆଉ ମୁଢ଼ିରେ ସୂର୍ଯ୍ୟର ମୁଣ୍ଡ ଉପରକୁ ଆସିବା ବାଟକୁ ଚାହିଁ ରହିଥିବ ବିନୟ । କାନ୍ଦୁଥିବ ଭଉଣୀକୁ ବୁଝେଇ କହୁଥିବ , "ହେଇଟି ମା ଆସି ଗଲାଣି ଦେଖ । ବାରମ୍ବାର ବାହାରକୁ ଆସି ସୁର୍ଯ୍ୟକୁ, ବାପା, ମା ଆସିବା ପଥକୁ ଚାହୁଁଥିବ ବିନୟ । ଦୂରରୁ ବାପା, ମା କୁ ଦେଖି ବିନୟ ଭିତରକୁ ଦୌଡ଼ି

Download Magazine from www.aahwaan.com

ଯାଇ ଭଉଣୀକୁ ନେଇ ଆସି ମା ପାଖକୁ ନେଇ ଯିବ । ମାଁ ଭଉଣୀକୁ ଟିକିଏ କ୍ଷୀର ଦେଇଦେଲେ ତା ମନ ଶାନ୍ତ ହୋଇଯାଏ । କିନ୍ତୁ ବିନୟର ଅପେକ୍ଷା ବାପ ମା ର ପୁଣି ଗାଧୋଇ ଫେରିବା ବାଟକୁ । ରାତିର ଭାତ ଦିନରେ ବାସି ଭାତ ଆଉ ଦିନର ଭାତ ପଖାଳ ରାତିରେ । ବିନୟ ତ ବାପାକୁ ପରଶା ହୋଇଥିବା ପିଆଜ ଲୁଣକୁ ବାସି ପଖାଳରେ ମିଶାଇ ଲୁଥକିନା ବସି ପଡ଼ିବ । ବାପା ଖାଇବା ଆଗରୁ ନିଜେ ବିନା ହାତ ଧୋଇ ଭାତ ଭାତ ଖାଇଯିବ । ପାଏ ଚାଉଳର ବାସି ପଖାଳ ବା କେତେ ହେବ ଦୁଇ ତିନି ଜଣ ପାଇଁ । ଭାତ କମ ଥିର(ପେଜ) ବେସି । ବିନୟ ଖାଇଗଲା ପରେ ତା ବାପ ବଂଚିଥିବ ଭାତ ପେଜକୁ ପିଇ ମନକୁ ବୁଝେଇ ନେବେ । ବିନୟର କିନ୍ତୁ ଏ ସବୁର ବୁଝିବା ବୟସ ନ ଥିଲା । ପଛ ପଟରୁ ମିନୁ କହିଲା, " ଆଉ କିଛି ଦେବି ।" ବିନୟ ମନା କଲା, "ନା, ଆଜି ଏତେ ଗୁଡ଼ାଏ ଦେଖିକି ପେଟ ଭରିଗଲା । ଆଉ ଯିବନି ।"

ବିନୟ ନୀତି ଦିନ ପୁଅ ସହ ଘର ଭିତରେ କେତେ ଖେଳକୁଦ , ଲ୍ୟାପ୍ଟପରେ ଗୀତ, କର୍ଟୁନ , ସ୍ମାର୍ଟ ଫୋନରେ ସ୍ମାର୍ଟ ବଏ କରିବାର କୌଶଳ ଆପଣେଇଛି । ଅଜି କିନ୍ତୁ ଖେଳିଲା ନାହିଁ । ଘର ବାଲକୋନୀକୁ ଚୌକିନେଇ ବସି ଦେଖୁଥାଏ ପଡ଼ୋଶୀ ପିଲାମାନଂକର ଖେଳକୁଦ । ତାରି ଭିତରେ ନିଜକୁ ଖୋଜୁଥାଏ ।

ସେ ଦିନର ଖେଳ ଥିଲା ଭିନ୍ନ । ବର୍ଷାଦିନେ ଲଂଗଳା ହୋଇ ବର୍ଷାରେ ଭିଜି ଭିଜି ଖେଳୁଥିବାର ଦୃଶ୍ୟ ଏବେ ବି ମନେ ପଡ଼େ ବିନୟର । କାଦୁଅରେ ପଚ ପଚ ହୋଇ ଦୌଡୁଥିବାର ଦୃଶ୍ୟ, ଖସିଯାଇ ଦେହ କାଦୁଅରେ ଜୁଡୁ ବୁଡୁ ହୋଇଯିବାର ଦୃଶ୍ୟ । ବର୍ଷା ଛଡ଼ିଗଲେ ବାଡ଼ି ଖେଳ, ନଟୁ ଖେଳ, କାଇଁଚ ଖେଳ, ଲତା କି ପଦା ଖେଳ, ପିଥୁ ଖେଳ, ବହୁ ଗୁଡୁ ଖେଳ, ବିଷ ଓ ଅମୃତ ଖେଳ, ଗଛ ଡିଆଁ ଖେଳ, ପାଣିରେ ବୁଡ଼ି ଧରିବା ଖେଳ, ଗିଲି

Download Magazine from www.aahwaan.com

ଦଣ୍ଡା ଖେଳ, ଆମ କି ଚକ ଖେଳ ଅପରି ଅନେକ ଖେଳରେ ବିତି ଯାଇଛି ବିନୟର ପିଲାଦିନ । ଦଶମ ପଢ଼ିବା ଯାଏ ଖେଳରେ କୌଣସି କଟକଣା ନ ଥିଲା । କେତେବେଳେ ଖେଳିବା, କେତେବେଳେ ପଢ଼ିବା କାହାକୁ କହିବାକୁ ପଡୁ ନ ଥିଲା । କଣ ଖେଳିବା, କଣ ପଢ଼ିବା , କଣ କରିବା ନ କରିବା କେହି କିଛି କହୁ ନ ଥିଲେ । ଆଜି କିନ୍ତୁ ବଦଳି ଯାଇଛି ସେ ଦିନ । ପିଲା କଣ ଖେଳିବ, କଣ ପଢ଼ିବ, କଉଟ ଠିକ, କଉଟା ଭୁଲ ସବୁ ବାପା ମାଂ କ ଇଚ୍ଛା । ବିନୟ ସେଥିରୁ ବାଦ ପଡ଼ିବ ବା କେମିତି । ନିଜ ପୁଅର ଭବିଷ୍ୟତ କଣ ହେବ ଏବେଠୁ ଠିକ କରିବାକୁ ପଡ଼ିବା । ନିଜ ପୁଅ କାହା ସହ ଖେଳିବ, ବସିବ, ପଢ଼ିବ ଏବେଠୁ ଭବିବାକୁ ପଡ଼ିବ ।

ବିନୟ ମିନୁର କଥକୁ ଆଉ ଥରେ ବିଚାରିଲା । କଣ ସମସ୍ତେ ବିନୟ ହୋଇପରିବେ । ସବୁ କିଛି ଜାଣିଶୁଣି କଣ ବିନୟ ତ ପୁଅକୁ ତ ପରି ବଢ଼ିବାକୁ ଛଡ଼ିଦେବ । ପଛକୁ ଫେରି ଦେଖେ ବିନୟ । ତା ପିଲା ଦିନର କେତେଟା ସାଂଗ ତା ପରି କୃତକର୍ଯ୍ୟ ହୋଇଛନ୍ତି । ଆଜି ବି ସେଇ ସାଂଗମାନେ କାହାର ମୂଳଲାଗି, ଇଟାଗଡ଼ି, ଡ୍ରାଇଭର ହୋଇ କଷ୍ଟ ଜୀବନ ବିତାଉଛନ୍ତି । ସେମାନଂକ ଭିତରେ ନିଜକୁ ଦେଖି ଅନେକ କଷ୍ଟ ଅନୁଭବ କରେ । ୨୦୧୭ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ଗଳ୍ପ " ଇଟା ଭାଟିର ଶିଳ୍ପୀ " ଗାଳ୍ପିକା ଗାୟତ୍ରୀ ସରାଫ ର ଗଳ୍ପ ଭିତରେ ବିନୟ ନିଜକୁ ଆବିଷ୍କାର କରେ । ଗାଳ୍ପିକକୁ ପାଖରୁ ଦଖିଛି, ସାଂଗରେ କାମ କରିବାର ସୁଯୋଗ ପାଇଛି । ଗଳ୍ପର ଅନୁଭୂତିକୁ ବିନୟ ନିଜେ ଅଂଗେ ନିଭେଇଛି ।

ବିନୟ ଠିକ ଭାବରେ ମନେ ପକେଇ ପାରୁନି ଯେ କଉ ବର୍ଷରୁ ତା ପରିବାର ଇଟଭାଟିରେ ଶିଳ୍ପୀ ଭାବରେ କାମ କରି ଆସୁଛନ୍ତି । ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧକାଳ ବିନୟର

Download Magazine from www.aahwaan.com

ବାପା ପେଟ ପୋଷିବା ପାଇଁ ଇଟାଭାଟିରେ ଶିଳ୍ପୀ ସାଜିଛନ୍ତି । ଏହାର ଭିତରେ ବିନୟ ବି ତିନି ଚାରି ଥର ସାଂଗରେ ଯାଇଛି । ସେଠିକାର ଜୀବନ ନିର୍ବାହ ବିନୟକୁ ବେଶ ଜଣା । ସର୍ଦ୍ଦାର କେମିତି ପଇସା ଦେଇକି, କଉଠି ଲୁଚେଇକି, କେମିତି ନେଇକି ଯାଏ ଭଲ ଭାବରେ ବିନୟ ଜାଣିଛି । ସେଇଠି କଣ ଖାଇବାକୁ ଦିଆଯାଏ, କେମିତି ଖରାରେ ୬/୭ ମାସ କାମ କରିବାକୁ ହୁଏ, କାମ କରି ନପାରିଲେ ମାଳିକ କେମିତି ଲାତ ମାରି ଭଗାଏ ଏ ସବୁ ବିନୟକୁ ବ କଣ ଜଣା ନାହିଁ । ଏ ସବୁରି ଭିତରେ ବିନୟର ପିଲାବେଳ ଇଟାଭାଟିରେ ବିତିଛି । କିନ୍ତୁ ବିନୟର ବାପା ପାଇଁ କିଛି ରାସ୍ତା ନ ଥାଏ । ଏ ମାଳିକ ନ ହେଲେ ଆର ମାଳିକ ହୋଇ ନିଜର ପରିବାର ଚଲାଉଥାନ୍ତି । ବିନୟର ଭବିଷ୍ୟତ ବୋଲି କିଛି ଚିନ୍ତା ନ ଥିଲା ବାପା ମା ର । ଧନ୍ୟ ସେହି ପକ୍ଷୀ ଶୁଆ ହାତ ଦେଖାଳି ଯିଏ ବିନୟର ଭବିଷ୍ୟତକୁ ରୂପରେଖ ଦେଲା । କାର୍ଡ଼ ପଢ଼ିକି କହିଲା ତୋ ପୁଅ ଚାକିରୀ କରିବ , ଗାଡ଼ି ବସିବ । ସେଇ ଦିନଠୁ ବିନୟ ର ବାପା ମା ତା ପଢ଼ିବାର ବ୍ୟବସ୍ଥା କଲେ । ପୁଅକୁ ପାଠ ପଢ଼େଇବା ପାଇଁ ଏତେ ଦୀର୍ଘ ବର୍ଷ ଯାଏ ବିନୟର ବାପା ମା ଇଟା ଭାଟିର ଶିଳ୍ପୀ ହୋଇ ରହିଲେ । ସେ ସବୁକୁ ପାର ହୋଇ ଆଜି ବିନୟ ଏସି ରୁମରେ ବସୁଛି ।

ମିନୁ ତୁମେ ସତ କହିଛ । କୁନା କେବଳ ମୋର ପୁଅ ନୁହେଁ , ତୁମର ମଧ୍ୟ । ତା ଉପରେ ତୁମର ବି ଦାୟୀତ୍ୱ । ତାକୁ ଗଢ଼ି ତୋଳିବାର ଅଧିକାର ତୁମର ସମାନ ଭାଗ । କିନ୍ତୁ ସତ୍ୟ ଏଇଟା ଯେ ସେ ଦିନ ଆଉ ଆଜି ମଧ୍ୟରେ ଅନେକ ପାର୍ଥକ୍ୟ, ଅନେକ ପରିବର୍ତ୍ତନ ହୋଇ ସାରିଛି । ଏହି ପରିବର୍ତ୍ତନ ଧାରାରେ ନିଜକୁ ମୁଁ ସାମିଲ କରିବାର ପ୍ରୟାସ କରୁଥିଲି, କରୁଛି ଆଉ କରୁଥିବି । ସେ ଦିନ ଆଉ ଆଜି ଭିତରେ ଆସନ୍ତାକାଲିକୁ ଖୋଜିବାକୁ ହେବ ମିନୁ । ନଚେତ ....

Download Magazine from www.aahwaan.com

ମାର୍ଚ୍ଚ ୨୦୧୮ ମସିହାର ସଂସ୍କରଣରେ ପ୍ରକାଶିତ ଗଳ୍ପସ୍ପର୍ଦ୍ଧାରେ ସଫଳ ହୋଇଥିବା ପ୍ରତିଯୋଗୀ :

ପ୍ରଥମ ସ୍ଥାନ

ସୁବଳ ମହାପାତ୍ର

ଜିତେନ୍ଦ୍ର କୁମାର କହଁର

ବିକେଶ ସାହୁ

ଦ୍ୱିତୀୟ ସ୍ଥାନ

ଶ୍ରଦ୍ଧାଞ୍ଜଳୀ ମିଶ୍ର

ଅଶୋକ ସେଠୀ

ତୃତୀୟ ସ୍ଥାନ

ସିପ୍ରା ନାମତା

ପ୍ରଶାନ୍ତ କୁମାର ନାଥ

ଶୁଭକାନ୍ତ ସାହୁ

Download Magazine from www.aahwaan.com

ମଇ ମାସ ପାଇଁ ଗଳ୍ପ ସ୍ପର୍ଦ୍ଧା

ଆହ୍ୱାନରେ ବିଗତ କିଛି ମାସ ହେବ ଆମେ ଆରମ୍ଭ କରିଛୁ ଏକ ନୂତନ ବିଭାଗ । ପତ୍ରିକାରେ ପ୍ରକାଶନ ଯୋଗ୍ୟ କାହାଣୀ ନିବେଦନ କରାଯାଉଛି କିନ୍ତୁ ସେଥିପାଇଁ ଯେଉଁ ଲେଖା ପଠାଇବାକୁ ହୁଏ ତାହାର ସମ୍ୟକ କଥନ ଆମେ ଏଠାରେ ଦେଇଥାଉ ଏବଂ ତାହାକୁ କାହାଣୀରେ ସ୍ଥାନ ଦେଇ ଗୋଟିଏ କାହାଣୀ ସୃଷ୍ଟି କରିବାକୁ କୁହାଯାଏ । ଆପଣ ମଧ୍ୟ ଚାହିଁଲେ ନିମ୍ନରେ ଦିଆଯାଇଥିବା କାହାଣୀର ଅଂଶକୁ ନେଇ ନିଜେ ଗୋଟିଏ ସୁନ୍ଦର କାହାଣୀ ଲେଖି ଆମ ନିକଟକୁ ପଠାଇ ପାରିବେ । ମନେ ରଖନ୍ତୁ ଆପଣଙ୍କ କାହାଣୀରେ ଆମେ ଦେଇଥିବା କାହାଣୀର ଅଂଶ ନିଶ୍ଚୟ ଭାବରେ ରହିଥିବ ।

"ତୁମେ ସେ ମୋବାଇଲଟା ବନ୍ଦ କର ତା ପରେ କଥାବାର୍ତ୍ତା । ଯଦି ମୋବାଇଲରେ ଲାଗିବାର ଥିଲା ତ ମୋତେ କାହିଁକି ଡାକୁଥିଲ । ଦେଖ ମୁଁ ଖୋଲାଖୋଲି କହିଦେଉଛି ତମର ବ୍ୟବହାର ମୋତେ ଜମା ଭଲ ଲାଗୁନି । ଆଉ ହଁ, ଶୁଣ ମୁଁ ତମ ପାଖରେ ଥିବା ବେଳେ ତମେ ମୋବାଇଲରେ ହାତ ଦବନି କି ମୋର ଫଟୋ ନବନି । ତୁମେ ପୁଅପିଲାଙ୍କ ଉପରେ ବିଶ୍ୱାସ ନାହିଁ । କେଜାଣି କେତେବେଳେ କେଉଁ ଅବସ୍ଥାରେ ତମେ ଫଟୋ ନେଇଯିବ । ସତ କହୁଛି ସେ ମୋବାଇଲ୍ ଯଦି ଆଉଥରେ ଦେଖିବି ନା, ମୁଁ ସିଧା ଫେରିଯିବି ।

ନିଜ ମୋବାଇଲଟା ହଜାଇଦେବା ପରେ ମଧୁସ୍ମିତା ମନେ ପକାଉଥିଲା ବାବୁ କଥା । ସେ କେତେ କଥା ବାବୁକୁ କହି ତାଗିଦ କରୁଥିଲା, ଏବେ ତା ନିଜ ମୋବାଇଲ୍ ସେ ଖୋଜି ପାଉନି । ଗତ ସଂଧ୍ୟାରେ ମାର୍କେଟ୍ ଯାଇଥିଲା ସେଇଠି କୋଉଠି ଛାଡ଼ି ଦେଇ ଆସିଲା କି ? ମୋବାଇଲରେ ଯେଉଁସବୁ ଛବିଥିଲା, ତାହା ଯଦି କାହା ହାତରେ ପଡ଼େ ! ! !"

ମନେ ରଖନ୍ତୁ ଏହି ପାରାଗ୍ରାଫଟି ଆପଣଙ୍କ କାହାଣୀରେ ରହିବା ଅନିବାର୍ଯ୍ୟ । ଆପଣ ଏହାକୁ କାହାଣୀରେ ଯେ କୌଣସି ଭାଗରେ ରଖିପାରିବେ । କାହାଣୀ ଆମ ନିକଟକୁ ୨୦୧୮, ମଇ ମାସ ତିନି ତାରିଖ ପୂର୍ବରୁ ପହଞ୍ଚିଯିବା ଆବଶ୍ୟକ । ଆମ ଇମେଲ୍ ଠିକଣା : aahwaan@gmail.com

Download Magazine from www.aahwaan.com

ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମଇ ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୩ ମଇ ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Article for MAY 2018 Edition: YOURNAME (ନିଜ ନାଁ ଲେଖିବେ)

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Download Magazine from www.aahwaan.com

ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୂନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୂନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

ଆମ ଇମେଲ୍ ଠିକଣା :

aahwaan@gmail.com

Download Magazine from www.aahwaan.com

ଆସନ୍ତା ମାସରୁ ପ୍ରତ୍ୟେକ ସଂସ୍କରଣରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ଦର୍ଶନୀୟ ସ୍ଥାନ ମାନଙ୍କ ବିଷୟରେ ଆଲେଖ୍ୟ ପ୍ରକାଶିତ ହେବ । ପ୍ରତି ସଂସ୍କରଣରେ ଗୋଟିଏ କିମ୍ବା ଦୁଇଟି ସ୍ଥାନ ବିଷୟରେ ଉଲ୍ଲେଖ ରହିବ ।

ଇଚ୍ଛୁକ ବନ୍ଧୁମାନେ ନିଜ ଅଞ୍ଚଳ ବିଷୟରେ ଲେଖି ଆମ ନିକଟକୁ ଇମେଲ୍ ଦ୍ୱାରା ଲେଖା ପଠାନ୍ତୁ ।

aahwaan@gmail.com

ଆହ୍ୱାନର ପରବର୍ତ୍ତୀ ସଂସ୍କରଣ ନିମନ୍ତେ ନିଜ ଲେଖା ଆସନ୍ତା ମାସ ତିନି ତାରିଖ ପୂର୍ବରୁ ଆମ ନିକଟରେ ପହଞ୍ଚିବା ଆବଶ୍ୟକ । ଆମର ହ୍ୱାଟସ୍‌ଆପ୍ ଗ୍ରୁପରେ ଯୋଗ ଦେବାପାଇଁ ୭୦୦୮୫୬୭୦୮୫ ନମ୍ବରରେ ଅନୁରୋଧ ପଠାଇ ପାରିବେ ।